



RAVENSHAW
Reminiscences



Sesquicentennial Celebrations

SOUVENIR Vol-I



RAVENSHAW

Celebrating

150

IMPACTING "LIFE WORLDS" AND INTERROGATING INHERITED NORMS AND CONVENTIONS SINCE 1868



Sesquicentennial Celebrations



150

Sculpting Eras from Years

RAVENSHAW
Reminiscences



SOUVENIR | Vol - I



Shamima Siddiqui
Deputy Press Secretary
to the President of India





MESSAGE

The President of India, Shri Pranab Mukherjee, is happy to know that the Ravenshaw University, Cuttack is celebrating its Sesquicentennial year (1868-2017) from 18th January, 2017.

The President extends his warm greetings and falicitations to the faculty, staff and the students of the Ravenshaw University and sends his best wishes for the success of the celebrations.

Deputy Press Secretary to the President

Dr. S.C. Jamir
Governor of Odisha





MESSAGE

I am glad to know that Ravenshaw University, Cuttack is celebrating its Sesquicentennial year (1868-2017) from January 20, 2017 onwards. A commemorative Souvenir is also being brought out on the occasion.

Achieving this great milestone is a delight and pride for everyone. It has been a long and glorious journey for the institution as it makes its way from an intermediate college to a university. During these long years the contribution of Ravenshaw as a centre of learning and also in shaping the history of modern Odisha has been remarkable. Its alumni have spread to different corners of the globe glorifying their alma mater with their achievements.

On this momentous occasion I send my greetings and good wishes. The special events sought to be organised will surley make the year long celebration memorable. I wish the Souvenir will be enlightening on the rich heritage of the institution.

I wish the celebration and publication all success.

(S.C. Jamir)

Naveen Patnaik
Chief Minister, Odisha





MESSAGE

I am glad to know that the Ravenshaw University, Cuttack is celebrating its sesquicentennial year starting from January 20 2017 and bringing out a souvenir in commemoration.

The early wave of higher education in Odisha started rippling in Odisha with the commencement of Ravenshaw College. One hundred and fifty years since, it continues to be the crowning glory of our educational set up. In its long legacy of quality education, it has produced many gems who have made Odisha proud. This is also a time to recall the immense contributions of former faculty in the growth of this institute. I hope the teachers and students of this university will keep up this glorious tradition and work hard to take the institute to an unsurpassable height.

I extend my warm greetings to the faculty members, students and staff of the university on this joyous occasion and wish the celebration a grand success.

(Naveen Patnaik)

Pradeep Kumar Panigrahy
MINISTER OF STATE (IND)
Higher Education Science & Technology
MINISTER OF STATE
Rural Development (Rural Water Supply)
Odisha





MESSAGE

I am extremely happy that Ravenshaw University, the primiere academic institution of Odisha is organizing its Sesquicentennial year (1868-2017) from 20th January onwards. To commemorate the occasion, a souvenir is bing released by the Univeristy.

Ravenshaw College was born on January 20, 1868. It is a matter of immense pride for all of us as the historic institution will complete its 150 years of existence on January 20, 2017. To spread the legacy of the institution the sesquicentennial occasion will herald a new chapter in the history of the University. Started with six students, the institution is now imparting education to 8000 plus students in various streams. The history of Ravenshaw is the history of modern Odisha. Ravenshaw College got the status of University during 2006 and has been widely acclaimed as one of the preimer Universities in the country. From this great institution a number of eminent persons have completed their education and earned name and fame at national and international level. Needless to say, the modern Odisha could make its baby step in learning and wisdom through this University. The contemporary generation of students should strive hard to emulate the qualities of the alumni and transform their dream into reality.

On this momentous event, I congratulate the Vice-Chancellor, faculties, students and staff of the University and convey my best wishes for the Souvenir.

(Pradeep Kumar Panigrahy)

ଶ୍ରୀ ଦେବୀ ପ୍ରସାଦ ମିଶ୍ର
ମନ୍ତ୍ରୀ
ଶିକ୍ଷ, ବିଦ୍ୟାଳୟ ଓ ଗଣଶିକ୍ଷା
ଓଡ଼ିଶା





ବାର୍ତ୍ତା

ରେଭେନ୍ସା ବିଶ୍ୱବିଦ୍ୟାଳୟର ୧୫୦ତମ ବର୍ଷ ପାଳନ ଉତ୍ସବ ଜାନୁଆରୀ ୨୦ ତାରିଖରୁ ଆରମ୍ଭ ହେଉଥିବା ଓ ଏହି ଉପଲକ୍ଷେ ଏକ ସ୍ମରଣିକା ପ୍ରକାଶ ପାଉଥିବା ଜାଣି ମୁଁ ବିଶେଷ ଆନନ୍ଦିତ।

ଶିକ୍ଷା ବିକାଶର ମୂଳମନ୍ତ୍ର। ମଣିଷର ବୌଦ୍ଧିକ ଓ ସମାଜର ସାମଗ୍ରିକ ବିକାଶ ଦିଗରେ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ପରିପ୍ରେକ୍ଷୀରେ ଶିକ୍ଷାନୁଷ୍ଠାନଗୁଡ଼ିକ ରାଷ୍ଟ୍ରର ଅମୂଲ୍ୟ ସଂପଦ ଭାବରେ ବିବେଚନା କରାଯାଏ। ଓଡ଼ିଶାର ଶିକ୍ଷାର ବିକାଶ ଦିଗରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଭୂମିକା ଅତୁଳନୀୟ। ୧୮୬୮ ମସିହାରେ କଟକଠାରେ ପ୍ରତିଷ୍ଠା କରାଯାଇଥିବା ରେଭେନ୍ସା ମହାବିଦ୍ୟାଳୟ ଦୀର୍ଘ ୧୫୦ ବର୍ଷ ଅତ୍ୟନ୍ତ ସଫଳତାର ସହ ଅତିକ୍ରମ କରି ଆଜି ଭାରତର ଏକ ଅଗ୍ରଣୀ ବିଶ୍ୱବିଦ୍ୟାଳୟର ମାନ୍ୟତା ହାସଲ କରିପାରିଛି। ଉଚ୍ଚଶିକ୍ଷା କ୍ଷେତ୍ରରେ ଏକ ଉତ୍କର୍ଷର କେନ୍ଦ୍ର ଭାବରେ ବିବେଚିତ ରେଭେନ୍ସାରୁ ଉତ୍ତୀର୍ଣ୍ଣ ହୋଇଥିବା ଅଗଣିତ ଛାତ୍ରଛାତ୍ରୀମାନେ ସମାଜର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଦେଖାଇ ବିଶ୍ୱଦରବାରରେ ଓଡ଼ିଶାର ନାମକୁ ଗୌରବୋଜ୍ଜ୍ୱଳ କରିଛନ୍ତି। ରେଭେନ୍ସା ବିଶ୍ୱବିଦ୍ୟାଳୟ କେବଳ ଏକ ଶିକ୍ଷାନୁଷ୍ଠାନ ନୁହେଁ ଏହା ସହିତ ଯୋଡି ହୋଇଯାଇଛି ଓଡ଼ିଶା ଇତିହାସର ୧୫୦ ବର୍ଷର ପୃଷ୍ଠା। ଇଂରେଜ ଶାସନାଧୀନ ଓଡ଼ିଶା, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ, ଭାରତର ସ୍ୱାଧୀନତା ଆନ୍ଦୋଳନ ଓ ସ୍ୱାଧୀନୋତ୍ତର ଭାରତ ବର୍ଷରେ ଇତିହାସର ଅନେକ ଅଲିଭା ସ୍ମୃତିବିଜଡ଼ିତ ରେଭେନ୍ସା ବିଶ୍ୱବିଦ୍ୟାଳୟର ଜୟଯାତ୍ରା ଅବ୍ୟାହତ ରହିବ ଏବଂ ଭବିଷ୍ୟତ ପିଢିକୁ ପ୍ରେରଣା ଯୋଗାଇବ ବୋଲି ମୋର ଆଶା।

ମୁଁ ଏହି ଅବସରରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକଅଧ୍ୟାପିକାଙ୍କ ସମେତ ପୁରାତନ ଛାତ୍ରଛାତ୍ରୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହିତ ୧୫୦ତମ ବର୍ଷ ପାଳନର ସଫଳତା କାମନା କରୁଛି।

(ଦେବୀ ପ୍ରସାଦ ମିଶ୍ର)

Prof. Ved Prakash
Chairman





MESSAGE

It gives me immense pleasure to know that Ravenshaw University, Cuttack is going to observe sesquicentenaries' during the period January 2017 to January 2018. Very aptly the University is organizing an International Seminar - 'Ravenshaw: Past, Present and Future' to commemorate this momentous occasiona. I convey my choicest greetings to all the members of the Ravenshaw family on this historic occasion. I also take this opportunity to congratulate all those who through their sheer hard work and commitment helped the University grew in its eventful journey to its present stature.

Ravenshaw College which was he mother institution of Ravenshaw University is one of the oldest institutions in Eastern India. It has created a separate identity for itself in the sphere of institutional leadership and played a seminal role in the establishment of institutions like Utkal University, M.S. Law College and Odisha School of Engineering. All the stakeholders associated with the University can take pride in the growth and contributions of the institution to the State as well as the Country. However, it is also time for them to think of the future challenges and opportunities in higher education and reorient the programs offered to make them relevant to the society. It may be pointed out that Odisha housed, Pushpagiri University, one of the best higher education institutions during the ancient period. I am sure the Ravenshaw University will make all the efforts to be in the league of top universities. This would, indeed, be a befitting tribute to the founders of the University.

I convey my best wishes to the University in all its future endeavours.

(Ved Prakash)

Suresh Chandra Panda, IAS (R)
Chief Executive Officer





MESSAGE

Dear Prof. Sarangi,

I am happy to learn about the celebration of 'Ravenshaw 150'. Hope our Raveshaw is in a festive mood.

If somebody is anybody from Odisha, he must be a Ravenshavian. Ravenshaw had given us an identity, a brand, a pride, a confidence level to be a global and what not. Ravenshaw in my eyes is the mother of galaxies of shining Odias.

It's a pleasure on my part to know that my alma mater is observing her sesquicentenary and it will be celebrated for one year. We will try our best to document the Halls of Fame of this historic institution. I have only one line to speak for the Ravenshavian of this 150 milestone year: "Feel proud as a Ravenshavian. Give your best to keep high the prestige of our Ravenshaw."

With best wishes from the core of my heart.

With regards,

Yours sincerely,

(S.C. Panda)

Prof. Prakash C. Sarangi
Vice Chancellor
Ravenshaw University
Cuttack - 753003

From the Vice-Chancellor's Desk



A hundred and fifty year old institution defies anyone's living memory. It goes beyond the original intention of its founders. Numerous transitions blur its historical continuity. Powerful personalities often define the institutional norms. The evolution is hardly ever linear. Ravenshaw College/University as the torch-bearer of higher education in Odisha, has a similar trajectory. And yet, it has generated the brand image of an educational culture that has knit together a new social fabric and has become synonymous with the evolution of the contemporary social and intellectual history of Odisha. It has become a beacon of excellence and achievement and continues to be not only remembered but imagined.

A graphical representation of Ravenshaw in the past one hundred and fifty years would look like a reverse pyramid: from six students in 1868 to about 8000+ students in 2017 – from two years of FA classes to Degree and Post-Graduate programmes; from College to Autonomous College to a University. This long journey must have been tortuous but memorable, adventurous and exciting. Art, literature, theatre, sports as well as politics had their innovative origins in this campus. Wall magazines in the hostels were as creative as the social messages in theatrical productions. Attempts to fly the tri-colour as protests against the British Raj competed with the accolades received for joining the colonial civil service. Besides being the first college of Odisha, Ravenshaw has had the honour to be several other firsts in the State: first library, first museum, first place to generate electricity, first to host a University as well as the first seat of the Legislative Assembly. The list is long. Even longer is the list of outstanding personalities who have passed through the portals of Ravenshaw: poets, novelists, playwrights, writers of fiction, scientists, administrators, business and political leaders – including seven Chief Ministers -, judges, lawyers, sportspersons, social activists and so on.

This Souvenir is a tribute to the thousands of Ravenshavians scattered all over the globe today as well as to all those smiling at us from the skies beyond. This sesquicentennial year, 2017-18, we hope, would be a new landmark and the symbol of a new transition in the life of Ravenshaw. Being an adorable *alma mater*, this is an occasion for Ravenshaw to reassure generations of future Ravenshavians about her motherly love. Long live Ravenshaw!

Prof. Prakash C. Sarangi
Vice Chancellor
Ravenshaw University, Cuttack





REMINISCENCES



ଯୋଗେଶଚନ୍ଦ୍ର ରାୟ ବିଦ୍ୟାନିଧି

ଦଶଟା ନବାକୁଣ୍ଡୁ କୋଟ୍-ପ୍ୟାଣ୍ଟଲୁନ୍-ଟୋପି ନାଇ ଚାଲିଲି କଲେଜକୁ; ମାତ୍ର ଏ ଫେର୍ କି ରକମ କଲେଜ ! ସାମ୍ନାରେ ବେକାଏ ପଡ଼ିଆ, ତା ଭିତରେ ଏଠି-ସେଠି ଉଇ-ହୁଙ୍କା, ସପ୍ତଫେଣି ନାଗଫେଣି କଣ୍ଟା, ଘରଟା ବି ବେଢ଼ଙ୍ଗ। ତାକୁ କଲେଜ କହିବା ପରିହାସ ମାତ୍ର। ଘର ଆଗରେ ଦେଖିଲି ଗାଡ଼ି-ବାରନ୍ଦା ପାଇଁ ଗାନ୍ଥେଣି ଉଠୁଚି, ତା ଉପରକୁ ଅସଲ ବାରନ୍ଦା, ଏତକ ଉତ୍ତରପଟ। ତା ବାଦେ ପୂର୍ବରୁ ପଶ୍ଚିମକୁ ଲମ୍ବିଯାଇଚି ଧାଡ଼ିଏ ଘର, ସେଥିରେ ଚାରିଟି ବଖରା। ୯' x ୨୦', ୨୨' x ୨୦', ୨୨' x ୨୦', ୯' x ୨୦'। ସେ ଧାଡ଼ି ପଛକୁ ଏକାମାପର ଆଉ ଚାରିଟି କୋଠରି। ତା ପଛକୁ ହଲ୍, ହଲ୍ ପାରିହେଲେ କଲେଜିଏଟ୍ ଇସ୍କୁଲ୍, ଚାଳଛପର। ଧନ୍ୟ ସେଇ ଇଞ୍ଜିନିୟର ଯିଏ କଲେଜ ନାଁରେ ତିଆରିକରିଚି ଉତ୍ତରରୁ ଦକ୍ଷିଣକୁ ଲମ୍ବା ଗୋଟାଏ ହାତୀଶାଳ। ସଂସ୍କୃତରେ ଇଞ୍ଜିନିୟର ହେଲେ ସୂତ୍ରଧର; ସୂତାଧରି ଗାନ୍ଥେଣି ବସାନ୍ତି, ଏଠି ବସାଇଚନ୍ତି ପଣାପାଲି ଛକ। ନିଃଶ୍ୱାସ-ପ୍ରଶ୍ୱାସର ପ୍ରୟୋଜନ ମଧ୍ୟ ସ୍ୱୀକାର କରିନାହାନ୍ତି। କାଳୀପଦ ବାବୁ ଆ୍ୟାଗର୍ ସାହେବଙ୍କ କୋଠରିକୁ ଡାକି ନେଇଗଲେ, କୋଠରିଟି ସଙ୍କୀର୍ଣ୍ଣ ଓ ସରୁ; ସାହେବ ବେଶ୍ ବୁଢ଼ା, ଗାଲ ଦିପଟରୁ ଝୋଟ ଭଳି କେରାକେରା ଦାଢ଼ି ଝୁଲୁଚି, ଚିବୁକ କିନ୍ତୁ ଖିଅରହୋଇ ପରିଷ୍କାର। ଏଭଳି ହଜାମତହେବା ଦାଢ଼ି, ଚିତ୍ରରେ ଦେଖିଚି, ରଖିଥିଲେ ମାଇକେଲ୍ ମଧୁସୂଦନ ଦତ୍ତ। ହେଇପାରେ, ଏ ଗୋଟାଏ ମାନ୍ଦ୍ରାଜୀ ଫେସନ୍। ମାଇକେଲ୍ ତ ବହୁବର୍ଷ କଟାଇଥିଲେ ମାନ୍ଦ୍ରାଜରେ। ଗୁଡ୍‌ମର୍ଣ୍ଣିଙ୍ଗ୍ କହିବା ମାତ୍ରେ ମୁଣ୍ଡଟାକୁ ବହୁତ ତଳକୁ ଝୁଙ୍କାଇ ଗୁଣୁଗୁଣୁହୋଇ କଣ କହିଲେ ଶୁଣି ବି ପାରିଲିନାହିଁ। କିନ୍ତୁ ବସିବାକୁ କହିଲେ ନାହିଁ; ବୋଧହୁଏ ଏ ଶିଷ୍ଟାଚାର ତାଙ୍କୁ ଅଜ୍ଞାତ। ଘରଭିତରୁ ବାହାରିଆସି ଉତ୍ତରଦିଗ ବାରନ୍ଦାକୁ ଚାଲିଗଲେ, ସେଠି ଛିଡ଼ାହୋଇ ତାଙ୍କ ଦୁଃଖକଥା ସବୁ କହିଗଲେ, ଫେବୃୟାରୀ ମାସରୁ ସାଏନ୍‌ସ ଲେକ୍‌ଚରର୍ ପାଇଁ ଲେଖିଲେଣି, ଅଢ଼େଇମାସ ଡେରିକରି ଡିରେକ୍‌ଟର ଲୋକ ପଠାଇଚନ୍ତି, ଅଢ଼େଇମାସ ହେଲା ସାଏନ୍‌ସରେ କିଛିହେଲେ ପଢ଼ାଶୁଣା ହେଇପାରିନାହିଁ। ମୋତେ ତେଣୁ ବହଳା ଖଟଣି ଖଟି ବାକି ପଡ଼ିଥିବା କାମଧନ୍ଦା ସାରିଦେବାକୁ ପଡ଼ିବ। ଏ ବର୍ଷ ପୁଣି ପଞ୍ଚମବର୍ଷ ଖୋଲିଚି, ଛାତ୍ର ଆସିଗଲେଣି, କିନ୍ତୁ ଅଳସୁଆହୋଇ ବସିରହିଚନ୍ତି। ହେଲେ, ପଞ୍ଚମବର୍ଷ ନାଁ ସେ ମୁହଁରେ ଧରିବେନାହିଁ, ଏମ୍.ଏ.ବି କହିବେ ନାହିଁ, ସବୁଗୁଡ଼ାକ ତାଙ୍କପାଇଁ 'ଅନର୍ସ'। ସେଥିପାଇଁ ଧରିବସିଥିଲେ, ଅନର୍ସ କ୍ଲାସରେ ପଢ଼ାଇବାକୁ ହେଲେ ଏକମାତ୍ର ଅନର୍ସ ହିଁ ପାରିବ, ଏମ୍.ଏ. ପାରିବନାହିଁ ଏବଂ, ସେଥିପାଇଁ ଲୋକ ପାଇବାକୁ ଡେରି ହେଇଚି ଏବଂ ସେଇ ଗୋଟିଏ କାରଣରୁ ବୋଧହୁଏ ଡି ପି ଆଇ ମୋତେ ପଠାଇଚନ୍ତି କଟକ। ନିଜ କୋଠରିକୁ ଫେରିଆସି ଏଥର 'ରୁଟିନ୍' ବାହାରକରି ଦେଖାଇଲେ, ସପ୍ତାହରେ ଛ' ଦିନ ମୋଟ ୨୬ ଘଣ୍ଟା ପଢ଼ାଇବାକୁ ପଡ଼ିବ, ରବିବାର ଛୁଟି। ଫେର୍ ବାହାରିପଡ଼ିଲେ ଘରଦ୍ୱାର ଦେଖାଇବେ। ସବୁଠୁଁ ବଡ଼ ଘର ୨୨'x୪୨' ଯୋଉ ହଲ୍, ସେ ହେଲା ଲାଇବ୍ରେରୀ; ତା ଉତ୍ତରକୁ ଯୋଉ ଦି ବଖରା, ସେଠିକି ଯିବାକୁ ବାଟ କିନ୍ତୁ ହଲ୍ ଭିତରୁ। ଗୋଟାଏ ତୃତୀୟବର୍ଷର ଶ୍ରେଣୀଗୃହ, ଆରଟା କେମିଷ୍ଟ୍ରି କର୍ମଶାଳା ତଥା ଶ୍ରେଣୀଗୃହ। ତା ମାପ ୨୨' x ୨୨', କିନ୍ତୁ ତିନିଆଡ଼ୁ ଅବରୁଦ୍ଧ, କାହିଁକି, ଅପର ଦିଗରେ ଅନ୍ୟ ଶ୍ରେଣୀଗୃହ, ହଲ୍ ଭିତରୁ ଖାଲି ଯାଇହେବ। କାନ୍ଥକୁ ଲାଗିଚି ଆଲମାରି, ତା ଭିତରେ ବିଜ୍ଞାନ କର୍ମଶାଳାର ବିବାକ ଯନ୍ତ୍ରପାତି। ଘରର ଗୋଟେ ମୁଣ୍ଡରେ ପଡ଼ିଚି ଖଣ୍ଡେ ଅନୁଚ୍ଚ ଟେବୁଲ୍, ଟେବୁଲ୍ ପଛକୁ ଚେୟାର୍, ଟେବୁଲ୍ ଆଗକୁ ଅଳ୍ପ ଦୂରତ୍ୱ ରଖି ଛାତ୍ରଙ୍କ ପାଇଁ ବେଞ୍ଚ ଆଉ ଡେସ୍କ। ଏଭଳି ଗୋଦାମଘରେ ଗିରୀଶବାବୁ ଓ ଅତୁଲବାବୁ କେମିତି କଣ କରୁଥିଲେ ଭାବିଭାବି ଥଳକୂଳ ପାଇନାହିଁ। ତେବେ, ଲ୍ୟାବରେଟରୀ ଆସିଷ୍ଟାଣ୍ଟ୍ ଜଣେ ରହିଚି, ଓଡ଼ିଆ ଖ୍ରୀଷ୍ଟାନ୍। ବିନୀତଭାବେ ଆସି ଠିଆହେଲା; ତା ବେତନ ୧୦ଟଙ୍କା; ଅନୁପାତ ୧୦%, ଅର୍ଥାତ୍ ଶହେଟଙ୍କା ଲେକ୍‌ଚରର୍ ପାଇଁ ଦଶଟଙ୍କା ଆସିଷ୍ଟାଣ୍ଟ୍।

ହୁଗୁଳୀ କଲେଜର ବି ଏକାଦଶା । ଆସିଷ୍ଟାଣ୍ଟ୍ କିନ୍ତୁ କାଚନଳ ବି ବଙ୍କାଇ ପାରେନା; ମୁଁ ମଧ୍ୟ ପାରୁନଥିଲି, ତେବେ ବୁଝୁଥିଲି ଏ ଅବସ୍ଥା କାମ୍ୟ ନୁହେଁ ।

ହଲ୍‌ରୁ ବାହାରିଆସିଲେ ଉତ୍ତରପଟ ବାରନ୍ଦା ପୂର୍ବକୁ ଯୋଉ ବଖରା, ନ ଫୁଟରେ ଦଶଫୁଟ, ତା ପୁଣି ଅନର୍ସ ଶ୍ରେଣୀଗୃହ, ସାନି ଖୋଲିଚି, ବସିଚନ୍ତି ମାତ୍ର ତିନିଜଣ ଛାତ୍ର । ତା ବାଦେ ଯୋଉ ଘର ୨୦' x ୧୨', କରାଯାଇଚି ପ୍ରଥମବର୍ଷର ଶ୍ରେଣୀଗୃହ; ତାକୁ ଲାଗିଚି ଦ୍ୱିତୀୟବର୍ଷର ୨୨' x ୨୨', ଛାତ୍ରସଂଖ୍ୟା ୩୦ କି ୩୨ । ତା ପଛକୁ ଗୋଦାମ, ତୃତୀୟବର୍ଷ, ଛାତ୍ର ୧୦ କି ୧୨ । ପଶ୍ଚିମକୁ ୯' x ୨୦' ଆଉ ଏକ ଘର, ଚତୁର୍ଥବର୍ଷ ଶ୍ରେଣୀଗୃହ, ଛାତ୍ର ଆଠ କି ଦଶ । ଘରସବୁ ଦେଖା ହୋଇଗଲା; ଏଥର ଉଦ୍ୟାନ ପରିଦର୍ଶନ । ଉଦ୍ୟାନ ତ ଆଉ ମାମୁଲି କୋଉ ବଗିଚା ନୁହେଁ, ରୀତିମତ ବଟାନିକାଲ୍ ଗାର୍ଡନ୍ । କଲେଜଗୃହ ପୂର୍ବକୁ ପ୍ରାୟ ପନ୍ଦରଗୁଣ୍ଠ ଖୋଲାଜାଗା, ଉଦ୍ୟାନର ଲକ୍ଷଣ ସୁଦ୍ଧା ଦେଖିଲି ନାହିଁ, ଉଦ୍ଭିଦ କହିଲେ ଧାଡ଼ିକରି ଲଗାଯାଇଚି କେତେଗୁଡ଼ା ଚାରାଗଛ, ସତେଅବା ବିଲରେ ଧାନ ରୁଆହୋଇଚି । ସାତଜଣ ମାଳୀ ଗଳବସ୍ତ୍ର ଓ ଯୋଡ଼ହସ୍ତ ହୋଇ ଦଣ୍ଡାୟମାନ । ଏଇ ହେଲା କଲେଜ, ବି.ଏ. ପିଢ଼ିବା/ଅନର୍ସ ପଢ଼ିବା କଲେଜ; ପ୍ରାୟ ପିଲାଖେଳ । କଲେଜ ବସିଲାଣି ଚାରିବର୍ଷ ହେଲା, ଛାତ୍ରସଂଖ୍ୟା ସର୍ବମୋଟ ତଥାପି ମାତ୍ର ୮୦ । ଛାତ୍ରଙ୍କ ମୁଣ୍ଡଗଣି କଲେଜର ଧରଣ ବୁଝିବା ଅବଶ୍ୟ ମୂର୍ଖତା, ମାତ୍ର କଟକ ଗୋଟାଏ ନଗର, ସେ ନଗର ନାଁରେ ହେଇଚି ଜିଲ୍ଲାର ନାଁ । ସେଠି ପୂର୍ବରୁ ଥିଲା ହାଇସ୍କୁଲ୍; ଏନ୍‌ଟ୍ରାନ୍‌ସ ପାସ୍ କରି ଏଫ୍.ଏ. ପଢ଼ିବାକୁ ପିଲା ଯାଉଥିଲେ କଲିକତା । ଜାହାଜରେ ଯାତାୟାତ, କଲିକତାରେ ରହିବାକଷ୍ଟ ସାଙ୍ଗକୁ ଖର୍ଚ୍ଚ ଥିଲା ସାଧ୍ୟାତୀତ । ଇସ୍କୁଲ୍ ହଲ୍‌ରୁ ଉତ୍ତରକୁ ତେଣୁ ଦିଓ୍ୱ ବଖରା ପକାଘର ତିଆରିକରି ଆରମ୍ଭ କରିଥିଲେ ଏଫ୍.ଏ. କ୍ଲାସ୍ । କିନ୍ତୁ ଏଫ୍.ଏ. ପାସ୍‌କରିପାରିଲେ ବି.ଏ. ପଢ଼ିବା ସକାଶେ ଫେର୍ କଲିକତା ନଗଲେ ନୁହେଁ । ଫେର୍ ସେଇ କଷ୍ଟ, ସେଇ ଖର୍ଚ୍ଚାଧିକ୍ୟ । ଆଉ ଦି'ବଖରା ଯୋଡ଼ିଦେଇ ତେଣୁ ବି.ଏ କ୍ଲାସ୍‌ର ସୂତ୍ରପାତ ୧୮୬୮ରେ । ଚାରିକ୍ଲାସ୍ ପାଇଁ ହେଇଗଲା ଚାରିବଖରା ଘର, ବାହୁଲ୍ୟ ତେଣୁ ବର୍ଜନୀୟ? ବିଜ୍ଞାନ କ୍ଲାସ୍ ଚାହିଁ, କିନ୍ତୁ ଲାବରେଟରୀ କାହିଁ ? ସେଠୁ ବାଗେଇଲେ ଆଉ ଚାରି ବଖରା, ସେଥିରୁ ଗୋଟିଏ ନେଲେ ନିଜେ ପ୍ରିନ୍‌ସିପାଲ୍, ଗୋଟିଏ ହେଲା ଅଧ୍ୟାପକଙ୍କ କମନ୍‌ରୁମ୍, ଗୋଟିଏ ଅଫିସ୍; ଆଉ ଗୋଟିକ କେହି ନେଲେନାହିଁ । ସେଇଟା ତେଣୁ ବିଜ୍ଞାନର-କର୍ମଶାଳା । ଆଦ୍ୟ ଅବସ୍ଥାରେ ଏଫ୍.ଏ. ପଢ଼ିବାକୁ ପିଲା ମିଳିନାହାନ୍ତି ଯଥେଷ୍ଟ, ପାସ୍ ବି କରିଚନ୍ତି ଆହୁରି କମ୍, ବି.ଏ. ପରୀକ୍ଷାରେ ପାସ୍ କରିଚନ୍ତି ତଦପେକ୍ଷା ଅଳ୍ପ । ସରକାର ତେଣୁ ଟଙ୍କା ଖଟାଇବାକୁ ନାରାଜ; କଲେଜପାଇଁ ଉଦ୍‌ଯୋଗ କରିଚନ୍ତି ଯିଏ, ତାଙ୍କର ବି ସାହସ କୁଳେଇନାହିଁ ଏ ପରିସ୍ଥିତିରେ ଦାବି କଣାଇବାକୁ । ଗଭର୍ଣ୍ଣମେଣ୍ଟ ତ କଲିକତାରେ, ଡି.ପି.ଆଇ.ବି କଲିକତାରେ । ସେ ନ ହେଲେ ଅବସ୍ଥାର ଗୁରୁତ୍ୱ ବୁଝିପାରିନାହାନ୍ତି, ମାତ୍ର ସ୍ଥାନୀୟ ଉଦ୍‌ଯୋଗୀ ସୁଦ୍ଧା ଭବିଷ୍ୟତ ସମ୍ଭାବନାକୁ ଉପେକ୍ଷା କରି, 'ଏବେ ତ ଚଳିଯାଉଚି' ବୋଲି ହାତଗୋଡ଼ ଜାକି ବସିରହିଚନ୍ତି ନିଷ୍କ୍ରିୟ । କଲେଜ କଲେ ଓକିଲ ବାହାରିବେ, ହାକିମ ବାହାରିବେ, ଚାକିରିବାକିରି ମିଳିବ ପିଲାଙ୍କୁ- ଏ ଖବର ଗାଁଗହଳିରେ ପହଞ୍ଚିବାକୁ ଡେରିହେବ ହୁଏତ, କିନ୍ତୁ ଖବରକୁ ଓଗାଳିବ କିଏ ? ସେତେବେଳେ ଏଇ କେତେଟା ଘର ଅଣ୍ଟିବ କାହାକୁ? ଏ ଦୂରଦୃଷ୍ଟି, ଆଶ୍ଚର୍ଯ୍ୟ କଥା, ଜଣେ କାହାରି ବି ନ'ଥିଲା; ଏପରିକି, ଯୋଉ ତିନିଜଣ ପ୍ରିନ୍‌ସିପାଲଙ୍କୁ ଦେଖିଚି, କଣକ ଭିତରେ ବି ଦୂରଦୃଷ୍ଟିର ଆଭାସ ସୁଦ୍ଧା ଦେଖିନାହିଁ; ଡେର୍ ଝଗଡ଼ାକରିଚି, ଝଗଡ଼ାକରି ଅପ୍ରିୟ ହୋଇଚି; ତଥାପି ସେମାନେ ଶଙ୍କିତ, ଗଭର୍ଣ୍ଣମେଣ୍ଟ୍ ଏତେ ଟଙ୍କା ଦେବେନାହିଁ । ଅନେକ ପରେ ଘଟିଚି ଏସବୁ; କିନ୍ତୁ କଲେଜ ଖୋଲିଲା ଯେତେବେଳେ, ଓଡ଼ିଶା ଡିଭିସନ୍ କମିଶନର୍ କୁଆଡ଼େ ଲଢ଼ିଥିଲେ; ତାଙ୍କର ବି କଣ ଖିଆଲ ହୋଇନାହିଁ ଯେ କଲେଜ କ୍ରମଶଃ ବଢ଼ିବ ? ତାଙ୍କ ନାଁ ର୍‌ୟାଭେନ୍‌ଶ, ସେଇ ନାଁରୁ କଲେଜର ନାଁ ହୋଇଚି ରେଭେନ୍‌ସା କଲେଜ । ଲାଗୁଚି, ସାହେବ ଭାରି ଶସ୍ତାରେ ଖ୍ୟାତି ଆଦାୟ କରିନେଇଚନ୍ତି !

ଆ୍ୟାଗର୍ ସାହେବ ଇଂରେଜୀ ସାହିତ୍ୟ ବିଷୟରେ ଯତ୍‌ସାମାନ୍ୟ ଜାଣିଥିଲେ ମାତ୍ର; ବଛା ବଛ ବହି ଉପେନ୍ଦ୍ରବାବୁଙ୍କୁ ଛାଡ଼ିଦେଇ ଦେଇଥିଲେ ବୁଦ୍ଧିମତ୍ତାର ପରିଚୟ । ସେମିତି, ବି.ଏ.କ୍ଲାସ୍‌ର ଖଣ୍ଡିଏମାତ୍ର ବହି ନିଜେ ରଖି, ଅବିନାଶବାବୁ କାଳୀପଦ ବସୁଙ୍କୁ ଗଣିତର ବିବାକ ବିଷୟ ଛାଡ଼ିଦେଇଥିଲେ । ମୋ ସାଙ୍ଗରେ ଭାଗବସାଇବାକୁ କେହିହେଲେ ଥିଲେନାହିଁ । କଲେଜର ଖ୍ୟାତିର ବେଶି ଭାଗ ତେଣୁ ଆମେ ତିନିଜଣ ପାଇଥିଲୁଁ । କିନ୍ତୁ ୧୮୮୫ରେ କଲିକତା ବିଶ୍ୱବିଦ୍ୟାଳୟ ଏଫ୍.ଏ. ଆଉ ବି.ଏ.ରେ ବିଜ୍ଞାନ ପରୀକ୍ଷା ପାଇଁ ପ୍ରଚଳନ କଲେ ନୂଆ ବିଧାନ; ଏଫ୍.ଏ.ରୁ କେମିଷ୍ଟ୍ରି ଉଠାଇଦେଇ ଚାଲୁକଲେ ଫିଜିକ୍ସ; ବି.ଏ.କୁ ବାଣ୍ଟିଦେଲେ ଦୁଇଭାଗରେ, A ଓ B । B Course ହେଲା ବିଶୁଦ୍ଧ ବିଜ୍ଞାନ । ୧୯୦୩ରେ ଯୋଉ ବି.ଏ. ଓ ବି.ଏସ୍‌ସି. ଚାଲୁହେଲା, ୧୮୮୫ର ପରିବର୍ତ୍ତନ ତାର ପୂର୍ବାଭାସ । ବି କୋର୍ସ ପୁଣି ଦୁଇଭାଗରେ ବିଭକ୍ତ : ଭୂତ ଓ ଜୀବ । ଭୂତର ସୁଦ୍ଧା ଦୁଇଭାଗ, ଅଳ୍ପ କେମିଷ୍ଟ୍ରି, ଅଧିକ ଫିଜିକ୍ସ ଅଥବା ଅଧିକ କେମିଷ୍ଟ୍ରି, ଅଳ୍ପ ଫିଜିକ୍ସ । ଜୀବର ସେମିତି ଦୁଇଭାଗ : ଜୀବନବିଦ୍ୟା ଓ ଉଦ୍‌ଭିଦବିଦ୍ୟା, ଅଥବା ଜୀବନବିଦ୍ୟା ଓ ପ୍ରାଣୀବିଦ୍ୟା । ଫିଜିୟଲଜି ବା ଜୀବନବିଦ୍ୟା ସେତେବେଳେ ବୁଝାଉଥାଏ ନବଜୀବନ । ହୁଗୁଳୀ କଲେଜ ଏତେ କାଳ ଥିଲା ଉଦ୍‌ଭିଦବିଦ୍ୟାର କେନ୍ଦ୍ର । ସେମାନେ

ଅଗତ୍ୟା ଜୀବବିଦ୍ୟା ଉଠାଇଦେଲେ; ମାତ୍ର ତେଜସ୍ୱୀ ପ୍ରିନ୍‌ସିପାଲ୍ ଅଭାବରେ କଟକ କଲେଜ ଛାଡ଼ିପାରିଲା ନାହିଁ। ଏଫ୍.ଏ.ରୁ କେମିଷ୍ଟ୍ରି ଉଠାଇଦେଇ ବିଶ୍ୱବିଦ୍ୟାଳୟ ଠିକ୍ କରିନାହିଁ; ସେ ଦୋଷ ମୋତେହିଁ ଦେଖାଇବାକୁ ପଡ଼ିଥିଲା, କେମିଷ୍ଟ୍ରି ଓ ଫିଜିକ୍ସ ଉଭୟ ରଖିବାକୁ ପଡ଼ିଚି। ବି.ଏ. ପଢ଼ିବାବେଳେ ଭୂତବିଦ୍ୟା ଶିଖିଥିଲି ଢେର୍, ଏଠି ପୁଣି ପାଇଯାଇଥିଲି ଯନ୍ତ୍ରପାତି। କିନ୍ତୁ ଜୀବନବିଦ୍ୟା ଜାଣିନଥିଲି କିଛି ହେଲେ। ୧୮୮୪ରେ ଆ୍ୟାଗର୍ ସାହେବଙ୍କୁ କହିଲି, ଅନ୍ୟଲୋକ ଦେଖନ୍ତୁ ମୋଦେହି ଜୀବନବିଦ୍ୟା ହେବନାହିଁ। ବୁଡ଼ାର ପଲକ ପଡ଼େନା; ନୂଆଲୋକ ମାନେ ତ ବେଜାଏ ଖରଚ ! ତରିତରି ଡିରେକ୍‌ଟରଙ୍କୁ ଲେଖିଲେ; କ୍ରଫ୍‌ଟ୍ ସାହେବ ଥାଆନ୍ତି ଡି.ପି.ଆଇ। ତାଙ୍କ ଅକଲ ବି ଗୁଡୁମ୍; କହିଲି, ଅନ୍ତତଃ ଛ'ମାସ ପାଇଁ ମେଡ଼ିକାଲ୍ କଲେଜରୁ ଜଣେ ଡାକ୍ତରଙ୍କୁ ଆଣନ୍ତୁ। ମାନିଗଲେ, କଟକ ମେଡ଼ିକାଲ୍ ସ୍କୁଲରୁ ଆସିଲେ ଚୂନିଲାଲ ଦାସ, ଡାକ୍ତରଙ୍କ ଭିତରେ ସର୍ବଜ୍ୟେଷ୍ଠ। ଡିରେକ୍‌ଟରଙ୍କ ଆଦେଶ, ସେଇ ଛଅମାସ ଭିତରେ ଜୀବନବିଦ୍ୟା ପାଠଟା ମୋତେ ଶିଖିନେବାକୁ ପଡ଼ିବ, ଆସନ୍ତାବର୍ଷଠୁଁ ଯେମିତି ନିଜେ ପଢ଼ାଇପାରିବି। ଅର୍ଥାତ୍, ଫିଜିୟଲଜି ସାଙ୍ଗକୁ ନିମ୍ନଶ୍ରେଣୀ ପ୍ରାଣୀଙ୍କ ପ୍ରତିନିଧି ସ୍ୱରୂପ ବେଙ୍ଗରୁ ଏମିବା-ସଭିଙ୍କ ଦେହାଭ୍ୟନ୍ତର ଓ ଅଙ୍ଗପ୍ରତ୍ୟଙ୍ଗର କ୍ରିୟାକଳାପ ସାକ୍ଷାତ୍ ଦେଖାଇବାକୁ ପଡ଼ିବ ଛାତ୍ରମାନଙ୍କୁ। ବିଶ୍ୱବିଦ୍ୟାଳୟ ଯୋଉ ବହିଖଣ୍ଡିକ ନିର୍ଦ୍ଦିଷ୍ଟ କରିଥିଲେ, ***Huxley and Martin's Practical Biology***, ଚଟିବହି ସୁଦ୍ଧା ନୁହେଁ। ଚୂନୀବାବୁ ସ୍ପଷ୍ଟ କହିଦେଲେ, ଜୀବବିଦ୍ୟା ସେ ପଢ଼ିନାହାନ୍ତି କି ପଢ଼ାଇନାହାନ୍ତି, ନିଜେ କିଛିହେଲେ ଶିଖାଇ ପାରିବେ ନାହିଁ। ସେକାଳରେ ସମ୍ଭବତଃ ମେଡ଼ିକାଲ କଲେଜରେ ପ୍ରାଣୀବିଦ୍ୟାକୁ ଧରାହୋଇନାହିଁ ଜ୍ଞାତବ୍ୟ ବିଷୟ କିମ୍ବା ଏଲ୍-ଏମ୍-ଏସ୍ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ ହୋଇନାହିଁ ଅନ୍ତତଃ। ଡାକ୍ତର ଦାସ ତ ଏଲ୍-ଏମ୍-ଏସ୍ ମାତ୍ର। କଟକ କଲେଜରେ ସେ ପୁଣି ଠିକା ଶିକ୍ଷକ। ମୁଁ ବି ଥିଲି ଠିକା, କିନ୍ତୁ ମୋ ବିଷୟ ତ 'ସାୟେନ୍‌ସ'। ଆ୍ୟାଗର୍ ସାହେବ କହିଲେ, ଚଳେଇ ଦିଅ। ଭାବିଲି, ବିଜ୍ଞାନ ରୂପକ ବୃକ୍ଷ ତ ଅଭିନ୍ନ ସତ୍ତା, ସମୁଦୟ ଶାଖାପ୍ରଶାଖାକୁ ନ ଚିହ୍ନିଲେ ଗଛଟାକୁ ଜାଣି ହେବନାହିଁ। ଚୂନୀବାବୁ ହକ୍ସଲିଙ୍କ ଫିଜିଅଲଜି ବହିଖଣ୍ଡିକ ପଢ଼ାଇଦେଇ ଖଲାସ; ଏଣେ ଜିଆ, କୃମି, ଚିଙ୍ଗୁଡ଼ି, ବେଙ୍ଗ ଘାଣ୍ଟିଘାଣ୍ଟି ମୋ ଅବସ୍ଥା ଶୋଚନୀୟ। ଖଟଣିର ସୀମା ନାହିଁ। ତାଆରି ଭିତରେ ଡିରେକ୍‌ଟର ଦେଲେ ଫେର୍ ପାଞ୍ଚଶ'ଟଙ୍କା; ଗୋଟାଏ ନରକଙ୍କାଳ, ଯୋଡ଼ାଏ ଅଣୁବୀକ୍ଷଣ ଆଉ ବ୍ୟବଚ୍ଛେଦଶାସ୍ତ୍ର ଇତ୍ୟାଦି ଅଣାଇଥିଲି। ହକ୍ସଲିଙ୍କ ବହି ପଢ଼ି କିନ୍ତୁ ମୁଗ୍ଧ ହୋଇଯାଇଥିଲି, କି ପ୍ରାଣୋଜ୍ଜ୍ୱଳ ଭାଷା ପୁଣି କେତେ ପ୍ରାଞ୍ଜଳ ! ବିଷୟତ ବିଜ୍ଞାନ, ଗୋଟିଏ ହେଲେ ଅନାବଶ୍ୟକ ଶବ୍ଦ ପ୍ରୟୋଗ କରିହେବନାହିଁ, ଯୁକ୍ତି ପର-ଠାରୁ ସାମାନ୍ୟତମ ନିଷ୍କୃତି ନାହିଁ ଲେଖକର, ତଥାପି ଉପସ୍ଥାପନାର ଲାଳିତ୍ୟ ବାଧାପାଇନାହିଁ ଅଣୁମାତ୍ର। ବି.ଏ. ପଢ଼ିବାବେଳେ ହକ୍ସଲି ରଚିତ *ହିଉମ୍-ଚରିତ* ପଢ଼ିଥିଲି, ମାତ୍ର ଦାର୍ଶନିକ ପ୍ରସଙ୍ଗର ବାହୁଲ୍ୟ ହେତୁ ରଚନାଚାତୁର୍ଯ୍ୟ ଉପଲବ୍ଧି କରିପାରିନାହିଁ। ଏକ୍ଷଣି ଏମିତି ଭକ୍ତ ହୋଇପଡ଼ିଲି ଯେ ତାଙ୍କ ରଚିତ ଯେକୌଣସି ବହି ପାଇଲେ ଏକାଥରକେ ପଢ଼ିପକାଏଁ; ଏପରିକି, ***Comparative Anatomy of Invertabreta*** ରୁ ବି ରସ ପାଇଚି। ସେତିକିବେଳେ ***Nineteenth Century*** ନାମକ ମାସିକପତ୍ରରେ ଯିଶୁଖ୍ରୀଷ୍ଟଙ୍କ ଅଲୌକିକତା ସମ୍ବନ୍ଧରେ ଗ୍ଲାଡ୍‌ଷ୍ଟୋନ୍‌ଙ୍କ ସାଙ୍ଗରେ ହକ୍ସଲିଙ୍କ ବିତର୍କ ଚାଲୁଥିଲା; ଗ୍ଲାଡ୍‌ଷ୍ଟୋନ୍ ହୁଏତ ନୀତିବାଗୀଶ, କିନ୍ତୁ ଯୁକ୍ତିରେ ହକ୍ସଲିଙ୍କ ଛାୟା ପର୍ଯ୍ୟନ୍ତ ମାଡ଼ିପାରିନାହାନ୍ତି। ସେ ଭକ୍ତିର ପରିଣାମ ବୋଧହୁଏ ମୋର ଏ ରଚନାରୀତି। ଲୋକାନ୍ତର ପରେ *ସାହିତ୍ୟ* ମାସିକପତ୍ରରେ ତାଙ୍କ ସଂକ୍ଷିପ୍ତ ପରିଚୟ ଦେଇଥିଲି।

ଭୂତବିଦ୍ୟା ଶିଖାଇବା ସକାଶେ ଯନ୍ତ୍ରପାତି ଆସିଯାଇଚି ଇତିମଧ୍ୟରେ, ଗଭର୍ଣ୍ଣମେଣ୍ଟ ନିଜେ ଅର୍ଡର ଦେଇଥିଲେ; ମୂଲ୍ୟ ପ୍ରାୟ ତିନିହଜାର ଟଙ୍କା; କିନ୍ତୁ ରଖିବି କୋଉଠି ? ଆ୍ୟାଗର୍ ସାହେବ ମାନେ ଛାଡ଼ିଦେଲେ ଆଉଗୋଟେ ବଖରା, ଗୋଦାମ-ଘରଟିକୁ ବି ଛାଡ଼ିଦେଲେ; ଜାଗା ତେବେବି ନିଅଣ୍ଟ। ଗୋଦାମଘର ପୂର୍ବଦିଗକୁ ଛୋଟ ଯୋଉ କୋଠରିଟି, ସେଠି ସୁଦ୍ଧା ଯାଇ ଛିଡ଼ାହେଲା ଆଲମାରି, ତା କଡ଼ରେ ବସି ମୌଲବୀସାହେବ ଫାର୍ସୀ ପଢ଼ାନ୍ତି। ଅର୍ଥାତ୍ କଲେଜର ଅଧାଅଧି, ଚାରିବଖରାଘର, ଏକେଲା ମୋ ଦଖଲକୁ ଆସିଚି; ଲାଇବ୍ରେରୀ ଉଠିଗଲା ଇସ୍କୁଲ୍ ଘରକୁ, ହଲ୍‌କୁ ଦିଭାଗ କରି କରାଗଲା ଦୁଇବର୍ଷର ଶ୍ରେଣୀଗୃହ। ସେତିକିବେଳକୁ ଶୀତଛୁଟିକୁ କମାଇଦେଇ ଗ୍ରୀଷ୍ମଛୁଟିକୁ କରାଗଲା ଦୀର୍ଘତର, ବିଶ୍ୱବିଦ୍ୟାଳୟ ପରୀକ୍ଷା ଘୁଞ୍ଚିଗଲା ଏପ୍ରିଲ ମାସକୁ। ମୁଁ ତ ୧୮୮୩ ପୂଜାଛୁଟିରେ ଗାଁକୁ ଯାଇନାହିଁ; ମା ଲେଖିଲେ ଶୀତଛୁଟିରେ ଯିବାକୁ; ଡିସେମ୍ବରରେ ଗାଁକୁ ଗଲି, ଛୁଟି ମିଆଦ ବାରଦିନ। ଆମେ ସେଠି ବର୍ଷା ପଡ଼ିଲେ, ଆସିଯିବ ମ୍ୟାଲେରିଆ ଆଉ ଲାଗିରହିବ ମାର୍ଗଶୀର-ପୌଷ ଯାଏଁ। ଛୋଟବହୂ (ମୋ ସ୍ତ୍ରୀ) ବାପଘରେ, ମ୍ୟାଲେରିଆରେ ଆକ୍ରାନ୍ତ। ମା କହିଲେ, କଟକ ନେଇଯା। ତିରିଶି ଗ୍ରେନ୍ କୁଇନାଇନ୍ ଖୁଆଇ ନେଇଆସିଲି।

ଗୋପାଳ ଚନ୍ଦ୍ର ପ୍ରହରାଜ

୧୮୯୧ରେ ମୁଁ ଏଣ୍ଟ୍ରାନ୍‌ସ ପାସ୍ କଲି । ମୁଁ ସେଥିରେ ଓଡ଼ିଶାର ୩ୟ ସ୍ଥାନ ଅଧିକାର କରିଥିଲି । ସେତେବେଳେ ଓଡ଼ିଶାରେ ଏଣ୍ଟ୍ରାନ୍‌ସ ପାସ କଲାବାଲାଙ୍କ ସଂଖ୍ୟା ଅତି କମ ଥିଲା । ପାସ କରିବାକୁ ଗୋଟାଏ ଗଡ଼ଜୟ କରିବା ବୋଲି ଲୋକେ ଭାବୁଥିଲେ । ତାପରେ ମୁଁ ରେଭେନ୍‌ସା କଲେଜରେ ନାମ ଲେଖାଇଲି । ଫାଷ୍ଟଇଅରରେ ଛାତ୍ର ସଂଖ୍ୟା ୧୫/୨୦ ଥିଲା । କଲେଜରେ ଇଂରାଜୀ, ଇତିହାସ, ଗଣିତ, ଲଜିକ୍, ସଂସ୍କୃତ, ବିଜ୍ଞାନ ପଢ଼ାଇବା ପାଇଁ ୩/୫ଜଣ ପ୍ରଫେସର ଥିଲେ । ଫାଷ୍ଟଇଅର କ୍ଲାସରେ ଗୋଟିଏ ମାତ୍ର ସେକ୍‌ସନ ଥିଲା । ସେକେଣ୍ଡଇଅର ତଦ୍ରୂପ । ଥାର୍ଡ ଓ ଫୋର୍ଥଇଅରରେ ଛାତ୍ରସଂଖ୍ୟା ଅତି ଅଳ୍ପ ଥିଲା । ବି.ଏ. କ୍ଲାସ୍ ଦ୍ୱୟରେ ୨ ବା ୩ଟି ସେକ୍‌ସନ୍ ଥିଲା । ଏଫ.ଏ. କ୍ଲାସରେ Children's Treasury of Golden lyrics, Help's Essays, Blackies Self Culture, 'Goldsmith's Deserted' Village, Milton's Paradise lost ରଘୁବଂଶ, କୁମାର ସଂଭବ, ଭର୍ତ୍ତୀକାବ୍ୟ Physics, Chemistry, Conic Section, Algebra ଆଦି ପଢ଼ା ହେଉଥିଲା । ସେତେବେଳକୁ Arts ଓ Science ବିଭାଗ ସ୍ୱତନ୍ତ୍ର ହୋଇ ନଥିଲା । ମୁଁ ମାସକୁ ୧୫ ଟଙ୍କା ଲେଖାଏଁ ସରକାରୀ ବୃତ୍ତି ପାଉଥାଏଁ । ସ୍କୁଲରେ ପଢ଼ିବା ସମୟରୁ ସ୍ୱର୍ଗତ କେଦାରନାଥ ମିତ୍ର (ସେ କଲେକ୍‌ଟରୀରେ ଜଣେ କ୍ଲର୍କ ଥିଲେ) ମୋର ଅଭିଭାବକ ଥିଲେ ଓ ପ୍ରତିଦିନ ଆମ ବସାକୁ ଆସି ସେଠାରେ ୨/୩ ଘଣ୍ଟା ସମୟ ରହୁଥିଲେ । ତାଙ୍କ ଭଣଜା ରାଧାବିନୋଦ ବୋଷ ଜଣେ ଜମିଦାର ଥିଲେ । କେଦାରବାବୁ ତାଙ୍କ ଘରେ ରହୁଥିଲେ ।

ମୁଁ କଲେଜରେ ପଢ଼ିବା ସମୟରେ ମୋ କନିଷ୍ଠ ଉଦୟନାଥ ସିଦ୍ଧେଶ୍ୱରପୁର ସ୍କୁଲରୁ ପାସକରି ଆସି କଲେଜିଏଟ୍ ସ୍କୁଲରେ ପଢୁଥାଏ । ତାକୁ ମୋ ଜ୍ୟେଷ୍ଠ ପିତୃବ୍ୟ କୁଳମଣି ଆଚାର୍ଯ୍ୟ ପୋଷ୍ୟପୁତ୍ର କରିନେଇ ଥିଲେ । ଉଦୟ କଟକକୁ ଆସି ମୋ ସଙ୍ଗେ ରହିଲା । ରାତିରେ ତାକୁ କହି ମୁଁ ବସାରୁ ବାହାରି ବେଶ୍ୟାଶ୍ରମକୁ ଯାଉଥିଲି । ମୋ ବିଛଣାରେ ତକିଆମାନଙ୍କୁ ଲମ୍ବ କରି ଶୁଆଇ ଦେଇ ତା' ଉପରେ ଚାଦରଟିଏ ଘୋଡ଼ାଇଦେଇ ଯାଉଥିଲି । ରାତି ଘଡ଼ିଏ ଦୁଇଘଡ଼ି ଥାଏ-ରାତିରୁ ଆଉଜା ହୋଇଥିବା ପାଚେରି କବାଟ ବାଟେ ଆସି ପଞ୍ଜରରେ ମୁଁ ହାତ ମାରେ ଓ ଭାଇନା-ଗତ-ପ୍ରାଣ ଉଦି ଉଠିକରି ଘରର କବାଟ ଖୋଲିଦିଏ ଓ ମୁଁ ଘର ଭିତରକୁ ଆସି ବିଛଣାରେ ଶୋଇପଡ଼େ । ବସାର ଲୋକମାନେ ମୋତେ ମୋ ଶେଯରେ ଶୋଇଥିବା ଦେଖନ୍ତି । ଏହିପରି ଦିନାକେତେ ଗଲା । ପ୍ରବଚନ ଅଛି 'Frequent Commission of sins hardens the heart' କ୍ରମଶଃ ଏତେଦୂର ଦାମ୍ଭିକ ହେଲି ଯେ କେଦାରବାବୁଙ୍କୁ ସୁଦ୍ଧା ମାନିଲି ନାହିଁ ଓ ପ୍ରକାଶ୍ୟରେ ତାଙ୍କର ବିଦ୍ରୋହୀ ହେଲି । ସେତେବେଳେ ରାତ୍ରି ଅଭିଯାନ ସଙ୍ଗେ ଦିବାଭିଯାନ ସଂଯୋଜିତ ହେଲା । କ୍ଲାସରେ ହାଜିରା ପକାଇଦେଇ କଳେ କୌଶଳେ କ୍ଲାସରୁ ଖସିଆସି ମୁଁ ଉକ୍ତ ତୀର୍ଥଯାତ୍ରୀ ହେଲି । କଲେଜକୁ ଯିବା ପାଇଁ ବସାରୁ ବାହାରି ସେଠାରୁ ଖସିଆସି ଦିବାତୀର୍ଥ, ପୁଣି କଲେଜ ଛୁଟି ହେବାପରେ ବସାକୁ ଆସି ବସାରେ ଜଳଖିଆ ସାରି ପୁଣି ସାଙ୍ଗମାନଙ୍କ ସଙ୍ଗେ ସାନ୍ଧ୍ୟତୀର୍ଥ ଦର୍ଶନ ଓ ରାତି ୧୦ଟା ବେଳେ ବସାକୁ ଆସି ରାତ୍ରିଭୋଜନ ପରେ ଉଦିର ସହ୍ଲାରେ ପୁଣି ରାତ୍ରି-ତୀର୍ଥ ଦର୍ଶନ । ଏ ଅବସ୍ଥାରେ ପଢ଼ା-ପଢ଼ିର ଅବସ୍ଥା ସହଜରେ ଅନୁମାନ କରାଯାଇ ପାରେ । ପ୍ରଥମବର୍ଷ ଏଫ୍.ଏ. ଫେଲ ହେଲି ଓ ଦ୍ୱିତୀୟବର୍ଷ ମଧ୍ୟ ଏଫ୍.ଏ. ଫେଲ ହେଲି । ଏହି ସମୟ ମଧ୍ୟରେ ପୂର୍ବୋକ୍ତ ତୀର୍ଥ ଯାତ୍ରାର ଅବଶ୍ୟମ୍ଭାବୀ ପୁରସ୍କାର (ଉପଦଂଶ, ମେହ) ମଧ୍ୟ ମିଳିଲା । ନନା ମୋ କୀର୍ତ୍ତିକଳାପ ଶୁଣି ଏପରି ମର୍ମପୀଡ଼ିତ ହେଲେ ଯେ ବୋଧହୁଏ ଦୁଇବର୍ଷ ସେ ମୋ ମୁଖାବଲୋକନ କରି ନଥିଲେ । ଏ ଦଶା ମୋତେ ଏକା ହେଲା ନାହିଁ । ମୋ ସାଙ୍ଗୀଙ୍କର ମଧ୍ୟ ସେହି ଦଶା ହେଲା । ଦ୍ୱିତୀୟଥର ଏଫ୍.ଏ. ଫେଲ୍ ହେଲାପରେ ମୁଁ ବିଚାରିଲି ଯେ ଏଠାରେ କୁସଙ୍ଗୀମାନଙ୍କ ପ୍ରରୋଚନାରେ ମୁଁ ବିପଥଗାମୀ ହୋଇଛି, କଲିକତା ଯାଇ ପଢ଼ିଲେ ସଙ୍ଗୀମାନଙ୍କ influence ରୁ ଦୂରରେ ରହିବି ।

ମୋହିନୀ ମୋହନ ସେନାପତି

ମୁଁ ଏଣ୍ଟ୍ରାନ୍ସ ପାସ୍ କରି ରେଭେନ୍ସା କଲେଜରେ ଏଫ୍.ଏ ଓ ବି.ଏ ପଢ଼ିବାକୁ ଲାଗିଲି। ସେତେବେଳେ ପାଠ୍ୟ ପୁସ୍ତକ ଛଡ଼ା ଏବଟ୍-ଲିଖିତ ନେପୋଲିୟନ ବୋନାପାର୍ଟଙ୍କ ଜୀବନୀ ମୋର ପ୍ରିୟ ସଙ୍ଗୀ ଥିଲା। ସେ ବହି ପଢ଼ିଲେ ମୁଁ ରୋଗ-ଶୋକ ସମସ୍ତ ଭୁଲି ଯାଉଥିଲି। ମୋର ସତୀର୍ଥ କବି ନନ୍ଦକିଶୋର ବଳ ସେତେବେଳେ ତାଙ୍କର ଅପୂର୍ବ ସୁନ୍ଦର କବିତାବଳୀ ଦ୍ୱାରା ଉତ୍କଳକୁ ମୋହିତ କରାଉଥିଲେ। ତାଙ୍କର ଲେଖାର ଅନେକ ଅଂଶ ମୋର ମୁଖସ୍ଥ ହୋଇ ଯାଇଥିଲା। ମୁଁ ସେ ସବୁ ତାଙ୍କଠାରେ ଆବୃତ୍ତି କଲେ ସେ ଆନନ୍ଦିତ ହେଉଥିଲେ। ସେ ସମୟରେ ରାଧାନାଥଙ୍କ ମହା-ଯାତ୍ରା, ମଧୁସୂଦନଙ୍କ ବସନ୍ତଗାଥା ଏବଂ ଫକୀରମୋହନଙ୍କ ଛମାଣ ଆଠଗୁଣ୍ଠ ପ୍ରଥମ ପ୍ରକାଶିତ ହେଲା। ଏହି ସମୟକୁ ଉତ୍କଳ-ସାହିତ୍ୟର ସୁବର୍ଣ୍ଣ ଯୁଗ କହିଲେ ଅତ୍ୟୁକ୍ତି ହେବ ନାହିଁ। କଲେଜରେ ପଢ଼ିବା ସମୟରେ ମୁଁ ଓଡ଼ିଆ କାହାଣୀ ବିଷୟରେ ପ୍ରବନ୍ଧ ଲେଖି ତାଳଚେର ପଦକ ପୁରସ୍କାର ପାଇଥିଲି। ଜିଲ୍ଲାର କଲେକ୍ଟର ପ୍ରବନ୍ଧଗୁଡ଼ିକ ପରୀକ୍ଷା କରିଥିଲେ ଏବଂ ମୋ ପ୍ରବନ୍ଧର ବିଶେଷ ପ୍ରଶଂସା କରିଥିଲେ।

ମୁଁ ଯେତେବେଳେ ରେଭେନ୍ସା କଲେଜରେ ପଢୁଥିଲି ସେତେବେଳେ ନୀଳକଣ୍ଠ ମଜୁମଦାର ଓ ବିପିନବିହାରୀ ଗୁପ୍ତଙ୍କ ପରି ଯୋଗ୍ୟ ବଙ୍ଗାଳୀ ପଣ୍ଡିତମାନେ ଉକ୍ତ କଲେଜର ଅଧ୍ୟକ୍ଷ କାର୍ଯ୍ୟ କରୁଥିଲେ। ଓଡ଼ିଆମାନଙ୍କ ମଧ୍ୟରେ ଅଧ୍ୟକ୍ଷ ହେବା ଭଳି ଲୋକ ସେତେବେଳେ କେହି ନଥିଲେ। ବଙ୍ଗାଳୀମାନଙ୍କୁ ଅଧ୍ୟକ୍ଷ କର୍ମରୁ ତଡ଼ିବା ପାଇଁ ସେତେବେଳେ ଆନ୍ଦୋଳନ ଉପସ୍ଥିତ ହେଲା। ସରକାର ଏହି ସୁଯୋଗରେ ଉକ୍ତ ପଦରେ ଅଯୋଗ୍ୟ ଇଂରେଜ କର୍ମଚାରୀମାନଙ୍କୁ ନିଯୁକ୍ତ କରିବାକୁ ଲାଗିଲେ। ଏହି କର୍ମଚାରୀମାନଙ୍କ ଅଧୀନରେ ଥାଇ ରେଭେନ୍ସା କଲେଜର ଶିକ୍ଷା ବାଧାପ୍ରାପ୍ତ ହୋଇଅଛି। ବର୍ତ୍ତମାନ ଯୋଗ୍ୟ ଏବଂ ଶିକ୍ଷିତ ଓଡ଼ିଆମାନେ ଉଡ଼ିଶ୍ୟାର ଶିକ୍ଷା ବିଭାଗର ସମସ୍ତ ଉଚ୍ଚପଦ ଅଧିକାର କରୁଅଛନ୍ତି। ଏହା ଅତ୍ୟନ୍ତ ଆନନ୍ଦର ବିଷୟ। ମୋତେ କିନ୍ତୁ ଚିରକାଳ ଇଂରେଜ ଅଧ୍ୟକ୍ଷ ଅଧୀନରେ କାର୍ଯ୍ୟ କରିବାକୁ ହୋଇଥିଲା। ମୁଁ ଯେତେକାଳ ଶିକ୍ଷା ବିଭାଗରେ କର୍ମ କରିଥିଲି ବିଶ୍ୱବିଦ୍ୟାଳୟ ନିର୍ଦ୍ଧାରିତ ପାଠ୍ୟର ସୀମା ଅତିକ୍ରମ କରି ଛାତ୍ରମାନଙ୍କୁ ସାମ୍ୟ, ମୈତ୍ରୀ ଓ ସ୍ୱାଧୀନତାର ମନ୍ତ୍ର ଶିଖାଉଥିଲି। ଛାତ୍ରମାନଙ୍କ ମନରେ ସ୍ୱାଧୀନ ଚିନ୍ତା ଫୁଟାଇବାକୁ ମୁଁ ସର୍ବଦା ଚେଷ୍ଟା କରିଅଛି। ଅନ୍ୟ ଅଧ୍ୟାପକମାନେ ଏକାର୍ଯ୍ୟ ସେମାନଙ୍କର କର୍ତ୍ତବ୍ୟର ଅନ୍ତର୍ଗତ ବୋଲି ମନେ କରୁନଥିଲେ।

କଲେଜରେ ଶିକ୍ଷକତା କରିବା ସମୟରେ ମୁଁ ଗୋଟାଏ ନୂତନ ବସ୍ତୁ ଆବିଷ୍କାର କଲି। ଆବିଷ୍କାର କଲି କହିବାଟା ଠିକ୍ ନୁହେଁ, କାରଣ ମୋ ପୂର୍ବେ ଯାହା ଆବିଷ୍କୃତ ହୋଇଥିଲା ତାହାହିଁ ମୁଁ ଦେଶବାସୀଙ୍କୁ ଶୁଣାଇଅଛି। ଦିନେ କଲିକତାରେ ଗୋଟାଏ ପୁସ୍ତକ ଦୋକାନରେ ଖଣ୍ଡିଏ ବହି ଦେଖିଲି- V.F. Calverton ଲିଖିତ The Bankruptcy of Marriage. ଉକ୍ତ ପଣ୍ଡିତ ନାନା ତଥ୍ୟ ସଂଗ୍ରହ କରି ଦେଖାଇ ଅଛନ୍ତି ଯେ ବିବାହ ପ୍ରଥ ସମାଜ ପକ୍ଷରେ ଅକଲ୍ୟାଣକର, ତାହା ବିତାଡ଼ିତ ହେବା ଉଚିତ। ମୁଁ ସେତେବେଳେ ବିବାହ ବିଷୟରେ ଅନ୍ୟାନ୍ୟ ପୁସ୍ତକ ଆଲୋଚନା କଲି। ବିବାହ ବିନା ଯେ ସମାଜ ରହିପାରେ ଏ ବିଷୟରେ ସ୍ଥିର-ନିଶ୍ଚୟ ହେବା ପାଇଁ ମୁଁ ଆସାମର ରାଜଧାନୀ ସିଲଂ ଯାତ୍ରା କଲି। ସେଠାରେ ଦେଖିଲି ଖାସୀ ଓ ସିଣ୍ଟେଙ୍ଗମାନଙ୍କ ମଧ୍ୟରେ ବିବାହ ପ୍ରଥା ନାହିଁ କହିଲେ ଚଳେ। ସେଠାରେ ପିତା ନିର୍ଦ୍ଦେଶ କରିବା କଠିନ ବୋଲି ମାତା ସମସ୍ତ ସମ୍ପତ୍ତି ପାଏ ଏବଂ ମାତା ଅନ୍ତେ କନ୍ୟାମାନେ ତାହାର ସମ୍ପତ୍ତି ପାଆନ୍ତି। ଏହି ବିଚିତ୍ର ଉତ୍ତରାଧିକାର ନିୟମ ବିଷୟରେ ସେଠାକାର କଲେକ୍ଟର ଖଣ୍ଡିଏ ପୁସ୍ତକ ରଚନା କରିଥିଲେ। ମୁଁ ସେହି କଲେକ୍ଟର Keith Cantlie ଙ୍କ ସହିତ ଦେଖା କଲି। ସେ ତାଙ୍କର "Notes on Khasi Law" ନାମକ ପୁସ୍ତକ ମୋତେ ଉପହାର ଦେଲେ। ମୁଁ ଏତେଗୁଡ଼ିଏ ଅସ୍ତ୍ର ହସ୍ତଗତ କରି ମୋର ମତ ପ୍ରଚାର କରିବାକୁ

ଲାଗିଲି । ନବଭାରତ ସହକାର ପ୍ରଭୃତି ଓଡ଼ିଶାର କେତେଗୁଡ଼ିଏ ମାସିକ ପତ୍ରିକାରେ ମୋର ବିବାହ ବିଷୟକ ପ୍ରବନ୍ଧମାନ ପ୍ରକାଶିତ ହେଲା । ସମସ୍ତ ଭାରତବାସୀମାନେ ଯେ ମୋର ମତ ଜାଣିବେ ସେ ବିଷୟ ମୁଁ ସ୍ୱପ୍ନରେ ସୁଦ୍ଧା ଭାବି ନଥିଲି । ଦିନେ କଲେଜରେ ପଢ଼ାଉଥିବା ସମୟରେ ଛାତ୍ରମାନେ ମୋତେ ଗୋଟାଏ ବକ୍ତୃତା ଦେବାକୁ ଅନୁରୋଧ କଲେ । Atrocities of the Marriage Law (ବିବାହବିଧିର ନୃଶଂସତା) ମୋର ବକ୍ତୃତାର ବିଷୟ ସ୍ଥିର ହେଲା । ବକ୍ତୃତା ଦେବାର ଅଳ୍ପ ଦିନ ପରେ ଦେଖିଲି 'Statesman' ନାମକ ଦୈନିକ ପତ୍ରିକାରେ ମୋର ବକ୍ତୃତାର ବିଷୟ ପ୍ରକାଶିତ ହୋଇଅଛି । ତାର ପରେ ଦେଖିଲି, ଭାରତବର୍ଷର ଅନ୍ୟାନ୍ୟ ପତ୍ରିକାରେ ମୋର ବକ୍ତୃତାର ବିଷୟ ଆଲୋଚିତ ହେଉଅଛି । ମୋର ବକ୍ତୃତା ବିରୁଦ୍ଧରେ ଯେତେ ସବୁ ପ୍ରତିବାଦ ବାହାରି ଥିଲା ସେ ସବୁର ଉତ୍ତରରେ ମୁଁ "ଅମୃତ ବଜାର ପତ୍ରିକା"ର ସମ୍ପାଦକଙ୍କୁ ଖଣ୍ଡିଏ ପତ୍ର ଲେଖିଲି । ସେ ସେପତ୍ର ତାଙ୍କର ପତ୍ରିକାର ୧୦ ଏପ୍ରିଲ, ୧୯୩୬ ସଂଖ୍ୟାରେ ପ୍ରକାଶ କଲେ । ଏହି ପତ୍ରର ଅନେକ ପ୍ରତିବାଦ ବାହାରିଅଛି । କେତେକ ବିବାହିତା ଓ ଅବିବାହିତା ରମଣୀମାନେ ମଧ୍ୟ ଏ ବିତର୍କରେ ଯୋଗ ଦେଇଥିଲେ ।

ଗୋଦାବରୀଶ ମିଶ୍ର

ମୁଁ ଛାତ୍ରାବାସରେ ନୀଳକଣ୍ଠବାବୁଙ୍କ ପାଖେ ତାଙ୍କ କୋଠରିରେ ରହିଲି। ପ୍ରତ୍ୟେକ କୋଠରିରେ ତିନିଜଣ ରହୁଥିଲେ। ମୋତେ ତୃତୀୟ ଧରିଲେ ଦ୍ୱିତୀୟ ଜଣକ କୃପାସିନ୍ଧୁ ମିଶ୍ର ବା ସାରଙ୍ଗଧର ଦାସ ହେବେ- ମୋର ଠିକ୍ ମନେପଡୁନାହିଁ। ନୀଳକଣ୍ଠବାବୁ ପ୍ରଥମ ଦିନରୁ ମୋତେ ଖୁବ୍ ସାହାଯ୍ୟ କଲେ। କଟକକୁ ଆସିବାଠାରୁ ମୋର ପୃଥକ୍ ବାସନ ଦରକାର ହୋଇନଥିଲା। ମୁଁ ଛଅଣାରେ ଖଣ୍ଡିଏ ପିତ୍ତଳ ଥାଳି କିଣିଲି। ଅନ୍ୟ ଛାତ୍ରମାନେ ଓ ବିଶେଷ ଭାବରେ ପାଚକ ପିତ୍ତଳ ଥାଳି ଦେଖି ନାକ ଟେକିଲେ। ନୀଳକଣ୍ଠବାବୁ ତାକୁ ମୋ ଜୀବନର ଏକ ରୀତିରେ ପକାଇ କହିଲେ, "କଂସା ବାସନରେ ସେ ଖାଆନ୍ତି ନାହିଁ।" ଘରେ ପଶୁ ପଶୁ ମୋ ମୁଣ୍ଡରେ ଯେ ଚାଳ ବାଜି ଯାଉଥିଲା, ଆପାତତଃ ସେଥିରୁ ବର୍ତ୍ତିଗଲି ଅବଶ୍ୟ; ମାତ୍ର କତରା ଘୋଡ଼େଇ ହେଲେ କଣ ଯମ ଛାଡ଼େ? ମୋ ଅର୍ଥାଭାବ ଦିନ କେତେଟାରେ ବାହାରକୁ ଫିଟି ବାହାରିଲା।

ଛାତ୍ରାବାସର କୋଠ ରୋଷାଇ ପାଣ୍ଠିକୁ ମାସିକ ପାଞ୍ଚ ଟଙ୍କା ଦଶ ଅଣା ଦିଆଯାଉଥିଲା। ସେ ଟଙ୍କା ପାଚକ ନିଏ ଓ ସକାଳ ସନ୍ଧ୍ୟା ଭାତଖିଆ ଚଳାଏ। ଭାତ ସଙ୍ଗେ ଡାଲି, ନିରାମିଷ ତରକାରି, ମାଛଝୋଳ ଓ ଭଜା କିମ୍ବା ଖଟା ଥାଏ। ସପ୍ତାହକେ ଥରେ; ରବିବାର ଦିନ ମାଂସ ତରକାରି ଯେ ହୁଏ, ତାହା ତାରି ଭିତରୁ। ମାସକୁ ମାସ ଥରେ ଭୋଜି ମଧ୍ୟ ହୁଏ। କିନ୍ତୁ ସକାଳ ଓ ଉପରଓଳିର ଜଳଖିଆ ବ୍ୟବସ୍ଥା ସ୍ୱତନ୍ତ୍ର। ତାହା ମଧ୍ୟ ସେହି ପାଚକ ଯୋଗାଏ। ସେଥିପାଇଁ ସ୍ୱତନ୍ତ୍ର ଖର୍ଚ୍ଚ ଦେବାକୁ ପଡ଼େ। ମୁଁ ଅଗାଧୁଆ ନଖାଉଥିବା ବାହାନାରେ ସକାଳ ଜଳଖିଆଟା କୌଣସି ପ୍ରକାରେ ଏଡ଼ିଲି, ଉପରଓଳିକୁ ପାଚକ ଏକାବେଳକେ ନଛୋଡ଼ବନ୍ଧା। ଦୁଇ-ତିନି ଦିନ ପରେ ମୁଁ ପ୍ରତିକାରର ବାଟ ବାହାର କରିନେଲି, କଲେଜରୁ ଆସି ସଙ୍ଗେ ସଙ୍ଗେ ହାଉଆ ଖାଇବାକୁ ବୁଲି ଚାଲିଯାଇ ସନ୍ଧ୍ୟା ଉତ୍ତାରେ ଫେରିବାକୁ ଆରମ୍ଭ କଲି।

କିନ୍ତୁ ଗୋଟାଏ ଆପଦରୁ ରକ୍ଷା ପାଇବା ସଙ୍ଗେ ସଙ୍ଗେ ମୋତେ ଆଉ ଗୋଟାଏ ଆପଦର ସମ୍ମୁଖୀନ ହେବାକୁ ପଡ଼ିଲା। 'ଭୋକେ ଓଡ଼ିଆ ନିଦ ଯାଏ' କଥାର ଯଥାର୍ଥତା ମୋଠାରେ ପ୍ରମାଣିତ ହେବାକୁ ବସିଲା। ସନ୍ଧ୍ୟା ପରେ ମୋତେ ଏତେ ନିଦ ଘାରିପକାଇଲା ଯେ, ବହି ଧରି ବସି ପଢ଼ିବା ମୋ ପକ୍ଷେ ଅସମ୍ଭବ ହୋଇପଡ଼ିଲା। ସେ ବାଟ ସୁଦ୍ଧା ମୁଁ ରୁନ୍ଧିଦେବାକୁ ବସିଲି। ସକାଳ ଭାତଖିଆବେଳେ ଗ୍ରାସେ ଆକଣ୍ଠ ଚୁଟି ପର୍ଯ୍ୟନ୍ତ ଠେସି କୋଠ ରୋଷେଇକୁ ଦିଆଯାଉଥିବା ଟଙ୍କାର ଦେଢ଼ଗୁଣ ପର୍ଯ୍ୟନ୍ତ ଖାଇବାକୁ ଆରମ୍ଭ କଲି। ସେତେବେଳେ ମୁଁ ପ୍ରାୟ କଟକୀ ଦେଢ଼ପା ଚାଉଳର ଭାତ ଖାଉଥିଲି। ଆଜି ଚାଳିଶ ବର୍ଷ ପରେ ସେ ସ୍ମୃତିଟିକ ବିସ୍ମୃତି ଗର୍ଭରୁ ଟାଣିଆଣି ଦେଖିଲେ ମୋ ନିଜର ମଧ୍ୟ ପ୍ରତ୍ୟୟ ହେଉନାହିଁ। ସେତେବେଳେ ପୂରା ଗ୍ରାସେ ଖାଇଦେଲାପରେ ଘଣ୍ଟାଏ ଦୁଇଘଣ୍ଟା କାଳ ମୁଁ ସ୍ୱଚ୍ଛନ୍ଦରେ ଚାଲିପାରେ ନାହିଁ କି ବସିପାରେ ନାହିଁ।

ଯେଉଁ ଘରେ ମୂଷା ଗାଡ଼ କରେ, ସେଠାରେ ଗୋଟିଏ ଜଳା ବୁଜିଲେ ପୁଣି ଆଉ ଗୋଟାଏ ଫିଟେ। ଭୋକ ଯୋଗେ ସନ୍ଧ୍ୟାରେ ଢୋଳାଇବା ପ୍ରାଣୀକୁ ଅତିଭୋଜନ ଫଳରେ କଲେଜ ଶ୍ରେଣୀରେ ବସି ଢୋଳାଇବାକୁ ହେଲା। ପ୍ରଥମ ଦୁଇଘଣ୍ଟା ଇଂରେଜୀ ସାହିତ୍ୟ ଓ ଦର୍ଶନ ଥାଏ। ଦର୍ଶନରେ ମୁଁ ପୁଣି 'ଅନର୍ସ' ନେଇଥିଲି। ଇଂରେଜୀ ଶ୍ରେଣୀରେ ଢେର ଜଣ ଛାତ୍ର। ସେଠାରେ ପଛରେ ବସି ଢୋଳାଇବାରେ ସୁବିଧା ଥାଏ; କିନ୍ତୁ ଦର୍ଶନ ଶ୍ରେଣୀରେ ମୋଟ ଛାତ୍ରସଂଖ୍ୟା ପାଞ୍ଚ। ତାର ଆଉ ପଛ ନଥାଏ, ସବୁ ଆଗ, ସୁତରାଂ ମୁଁ ସେ ଶ୍ରେଣୀରେ ପ୍ରତିଦିନ ଅପଦସ୍ଥ ହୁଏ। ଇଂରେଜୀ ଶ୍ରେଣୀରେ ଦ୍ୱିତୀୟ ଧାଡ଼ିରେ କୃତ୍ତିବାସ ସାମନ୍ତରାୟ ମୋ ପାଖେ ବସନ୍ତି। ସେ ମୋତେ ଢୋଳାଇବା ଦେଖିଲେ କହୁଣି ମାରି ତାଜା କରିଦିଅନ୍ତି। ଇଂରେଜୀ ପଢ଼ାନ୍ତି ଉପେନ୍ଦ୍ର ମୈତ୍ର। ସେ ଛାତ୍ରମାନଙ୍କୁ ନଚାହିଁ ତନ୍ମୟ ହୋଇ ପଢ଼ାଇବାରେ ଲାଗିଥାଆନ୍ତି; କିନ୍ତୁ ପଢ଼ାଭିତରେ ହସ କଥାରେ ସେ ଯେତେବେଳେ ହସନ୍ତି, ପିଲାଙ୍କ ଉପରେ ଥରେ ଆଖି ବୁଲାଇ ଦେଇଯାନ୍ତି। ସେଥିପାଇଁ ପିଲାମାନେ ହସିଉଠନ୍ତି। ସାମନ୍ତରାୟ ସେତେବେଳେ ମୋତେ କହୁଣିରେ ମାରିଦେଇ କହନ୍ତି, "ଅଧ୍ୟାପକ ହସୁଛନ୍ତି,ହସ।" ଆଖି ଫିଟାଇ ହସିଉଠେ। ମୋ ସୌଭାଗ୍ୟକୁ ଅଧ୍ୟାପକ କେବେ ପଚାରିନାହାନ୍ତି, "କାହିଁକି ହସୁଛ କହ ତ ?"

ନିତି ଅପଦସ୍ଥ ହେବା ଛଡ଼ା ମୋର ବାସ୍ତବିକ୍ କ୍ଷତି ମଧ୍ୟ ଘଟିଲା । ଶିକ୍ଷକଙ୍କ ମୁହଁରୁ କଥା ଶୁଣି ଜ୍ଞାନଲାଭ କରିବା ବାଟ ମୋ ପକ୍ଷେ ସୁଗମ । ନିଜେ ବହି ଧରି ବସି ପଢ଼ିଲେ ବିଷୟ ମୋତେ ସ୍ପଷ୍ଟ ବୁଝାପଡ଼େ ନାହିଁ । କିଛି ଉପାର୍ଜନ କରି ଆର୍ଥିକ ଅଭାବ ମେଣ୍ଟାଇବା ନିମନ୍ତେ ମୁଁ ଗୋଟିଏ ଗୃହଶିକ୍ଷକ କାମ ଖୋଜିଲି; ମାତ୍ର କୃତକାର୍ଯ୍ୟ ହେଲି ନାହିଁ । ପଢ଼ା ଛାଡ଼ି ଚାକିରି ଖୋଜିବା ପ୍ରସ୍ତାବ ମୋ ମନକୁ ଅନେକ ଥର ଗଲା । କେବଳ ପଢ଼ିବା କାମ ମୋ ହାତରେ ଥିଲେ ମୁଁ ହୁଏତ ପଢ଼ା ଛାଡ଼ିଦେଇଥାନ୍ତି; କିନ୍ତୁ ସେ ଛାତ୍ରାବାସକୁ ଆସି କେତେକ ମାସ ପରେ ସମୁଦ୍ରର ଅଷ୍ଟପଦୀ ପରି ମୁଁ ନାନା ଆଡ଼କୁ ଗୋଡ଼ ମେଲାଇ ଦେଇଥିଲି । ଫଳରେ ବହୁ ଆଡ଼େ ଚେର ଲାଗିଯାଇଥିଲା । ସେସବୁ ଚେର ଛିଣ୍ଡାଇବା ବେଳକୁ ମମତା ଯେପରି ଗ୍ରାସିଲା, ସମୟ ମଧ୍ୟ ସେହିପରି ଲାଗିଲା । ମାନବଜୀବନରେ ସମୟର ପ୍ରଭାବ ଅତି ପ୍ରବଳ । ମୁହୂର୍ତ୍ତ ଗଡ଼ିଗଲେ ପ୍ରତିଜ୍ଞା ତ ଶିଥିଳ ହୋଇଆସେ, ପରିସ୍ଥିତି ମଧ୍ୟ ବଦଳିଯାଏ ।

'ୟଙ୍ଗ ଉତ୍କଳ ଆସୋସିଏସନ୍' ଇଂରେଜୀ ନାମ, ଓଡ଼ିଆରେ ହେବ 'ତରୁଣ ଉତ୍କଳ ସଂଘ ।' ସେତେବେଳେ କଟକ କଲେଜ ଛାତ୍ରମାନଙ୍କର ତାହା ଗୋଟିଏ ନୂଆ ଅନୁଷ୍ଠାନ । ତାର ନୂଆ ସମ୍ପାଦକ ମୁଁ । ତାହା ସହିତ ଘନିଷ୍ଠ ସମ୍ପର୍କ ଥାଏ ଗୋପବନ୍ଧୁବାବୁ, ବ୍ରଜସୁନ୍ଦରବାବୁ ଓ ବିଶ୍ୱନାଥ କରଙ୍କର । ରାଜନୀତିକ ଭାଷାରେ ବିଶ୍ୱନାଥ କରଙ୍କୁ ଅନେକ ଚରମପନ୍ଥୀ ମଣୁଥାନ୍ତି । ସରକାରଙ୍କ ସନ୍ଦେହ-ଦୃଷ୍ଟି ତାଙ୍କ ଉପରେ ରହିଥାଏ । ସେ ଛାତ୍ରସମାଜରୁ କେତେକଙ୍କୁ ସାହିତ୍ୟଚର୍ଚ୍ଚା ଓ ଅନ୍ୟାନ୍ୟ କେତେକଙ୍କୁ କଳଡ଼ୋରିରେ ବାନ୍ଧିଥାନ୍ତି । ତରୁଣ ଉତ୍କଳ ସଂଘର ଗୁପ୍ତ ବୈଠକ ବସେ ବ୍ରଜସୁନ୍ଦରବାବୁଙ୍କ ବାସଭବନ ପଛପଟ ଅଗଣାରେ । ସେଠାରେ ଓଡ଼ିଆ ଓ ବଙ୍ଗଳାରେ ରାଜଦ୍ରୋହମୂଳକ ଦୁହିତାମାନଙ୍କର ଆବୃତ୍ତି ହୁଏ । ଆବୃତ୍ତିର ଭାର ସୁବୋଧ ହାଜରା ଓ ମୋ ଉପରେ ପଡ଼େ । ଆଲୋଚନା ଓ ଖେଳ କସରତ ଗୋପବନ୍ଧୁବାବୁଙ୍କର ନର୍ମାଲ ସ୍କୁଲ ଗଳି ଘରେ ହୋଇଥାଏ । ସେ ଗଳିର ନାମ ବର୍ତ୍ତମାନ ବଦଳିଯାଇଛି, ହୋଇଛି 'ଭାଷାକୋଷ ଲେନ୍' । ଗୋପବନ୍ଧୁବାବୁ ନିଜେ ବାଡ଼ିଖେଳ ଓ ଜାପାନୀ ଜିଉଜିତ୍ସୁ ଆଦିକୁ ଅଣ୍ଟାଭିଡ଼ି ବାହାରିପଡ଼ନ୍ତି ।

୧୯୦୯ ମସିହା ବସନ୍ତ ଋତୁରେ ପ୍ରବେଶିକା ପରୀକ୍ଷା ହେଲା । ସମଗ୍ର ଓଡ଼ିଶାର ପ୍ରାୟ ଦୁଇଶହ ଛାତ୍ର ଆସି କଟକରେ ଜୁଣ୍ଟ ହେଲେ । ତରୁଣ ଉତ୍କଳ ସଂଘ ପକ୍ଷରୁ ତାଙ୍କୁ ଏକ ଅଭ୍ୟର୍ଥନାକୁ ନିମନ୍ତ୍ରଣ କରାଗଲା । ତାହା ବୋଧହୁଏ କଟକ ପକ୍ଷେ ପ୍ରଥମ । ପରୀକ୍ଷାର୍ଥୀ ଓ କଲେଜ ଛାତ୍ରଙ୍କ ବ୍ୟତୀତ ସହରର ବହୁ ବିଶିଷ୍ଟ ବ୍ୟକ୍ତି ସେଥିରେ ଯୋଗ ଦେଲେ । ବକ୍ତୃତାମାନ ପରେ ମିଷ୍ଟାନ୍ନ ଭୋଜନ ଦିଆଗଲା । ନାଟକରୁ ଆବୃତ୍ତି ମଧ୍ୟ ହେଲା । ମୁଁ ଇଂରେଜ କବି ସେକ୍ସପିୟରଙ୍କ 'ଜୁଲିଅସ ସିଜର୍' ରୁ ଗୋଟିଏ ଦୃଶ୍ୟ ଅଭିନୟ କଲି । ତା ପରଦିନ କଲେଜରେ ଇଂରେଜୀ ଅଧ୍ୟାପକ ଗୋପାଳଚନ୍ଦ୍ର ଗାଙ୍ଗୁଲି ମୋତେ ତାଙ୍କ ପୁଅ ଚାରୁର ଗୃହଶିକ୍ଷକ ନିଯୁକ୍ତ କଲେ । ମୋର ଶତ ଚେଷ୍ଟା ଯାହା ଚାରିମାସରେ କରିପାରିନଥିଲା, ମୋର ସେହି ଅଧଘଣ୍ଟାର ଆବୃତ୍ତି ରାତିର ଚାରିପହର ପରେ ଅତି ଅକ୍ଳେଶରେ ସମ୍ଭବପର କରି ଥୋଇଦେଲା ।

ଚାରୁ ପଢୁଥିଲା ନବମ ଶ୍ରେଣୀରେ । ପରୀକ୍ଷାମାନଙ୍କରେ ସେ ପ୍ରାୟ ଦ୍ୱିତୀୟ ସ୍ଥାନ ପାଉଥିଲା; ପ୍ରଥମ ହେଉଥିଲା ଆଉ ଜଣେ ବଙ୍ଗାଳୀ ପିଲା ସୁଭାଷ । ସୁଭାଷକୁ ଟପି ସେ ନିଜେ କିପରି ପ୍ରଥମ ହେବ, ସେତିକିଦୂର ତାକୁ ତାଲିମ କରିଦେବା ପାଇଁ ମୋତେ ଧଇଲା । ମୁଁ ତାକୁ ପ୍ରବନ୍ଧ ଆଦି ଲେଖିବାକୁ ବରାଦ ଦେଲେ ସେ ନିଜେ ତ ଲେଖେ, ସୁଭାଷଠାରୁ ମଧ୍ୟ ସେହି ବିଷୟରେ ଲେଖା ଆଣି ମୋତେ ତୁଳନା କରିବାକୁ ଦିଏ । ସେହି ତୁଳନାରେ ଚାରୁଠାରୁ ସୁଭାଷ ଦୁଇ-ଚାରି ନମ୍ବର ଅଧିକା ପାଏ । ଚାରୁ ମନରେ ଦୁଃଖ ଉପୁଜେ, ମୁଁ ତା ଶିକ୍ଷକ ହୋଇ ପରପିଲାକୁ ତାଠାରୁ ବେଶି ନମ୍ବର ଦେଉଛି । ଚାରୁ ଜୀବନରେ ଉତ୍ତରୋତ୍ତର ଉନ୍ନତି କରି ଏବେ ଜିଲ୍ଲା ଜଜ୍ ହୋଇଛି । ତାର ସରକାରୀ ପାହ୍ୟାରୁ ସେ ତାର ସେହି ସହପାଠୀକୁ ଦିନେ ହୁଏତ ଆଇନ ଅଦାଲତରେ ବିଚାର ଫାଶୀ ହୁକୁମ ଦେଇପାରିଥାନ୍ତା; କିନ୍ତୁ ସେ ତ ଯଥାକାଳରେ ନେତାଜୀ ସୁଭାଷଚନ୍ଦ୍ର ବୋଷ ହୋଇ ଜନନେତ୍ରରେ ବହୁତ ଉଚ୍ଚକୁ ଉଠିଗଲା ଏବଂ ବୋଧହୁଏ ମନୁଷ୍ୟଙ୍କର ସ୍ପର୍ଶ-ସୀମାରୁ ଦୂରକୁ ଚାଲିଯାଇଛି । ସେତେବେଳେ ସେ ମୋତେ ନମସ୍କାର କରୁଥିଲା; ଏବେ ମୋ ନମସ୍ୟ ସେ ।

ତରୁଣ ଉତ୍କଳ ସଂଘ ସବୁ ଛାତ୍ରଙ୍କର ମିଳନପୀଠ । ତା'ଛଡ଼ା ଆଉ ଗୋଟିଏ ସଂଘ ମଧ୍ୟ ଥିଲା । ସେଥିରେ ସଦସ୍ୟସଂଖ୍ୟା ମୁଷ୍ଟିମେୟ । ଗୋପବନ୍ଧୁ ବାବୁ ଥିଲେ ତାର ମୁଖ୍ୟ । ଶଶୀଦା କଟକ ଆସିଲେ ସେଥିରେ ଯୋଗ ଦିଅନ୍ତି । ବ୍ରଜସୁନ୍ଦରବାବୁ ତାର ସାକ୍ଷାତ୍ ସମ୍ପର୍କରେ ନଥିଲେ ସୁଦ୍ଧା ସବୁ ଜାଣୁଥିଲେ । ମୁଁ କ୍ରମେ ତା ଭିତରକୁ ଟାଣିହୋଇଗଲି । ତାର ବୈଠକ ଦିବସରେ ବସେ ନାହିଁ, ବସେ ରାତିରେ, ଛାତ୍ରାବାସରେ ଛାତ୍ରମାନେ ଖାଇସାରି ଶୋଇ ଘୁଙ୍ଗୁଡ଼ି ମାରିବା ପରେ, କେବେ ନିର୍ଜନ କିଲାପଡ଼ିଆରେ, କେବେ ମହାନଦୀ କୂଳେ କେବେ ବା କାଠଯୋଡ଼ି ବାଲି ଉପରେ । ସେସବୁ ନୈଶ ବୈଠକରେ ଅଗ୍ରଣୀ ନୀଳକଣ୍ଠବାବୁ । ଆମ କଥାବାର୍ତ୍ତା ବେଳେ ଜଣେ କେହି ଆସି ଶୁଣିବାକୁ ଚେଷ୍ଟା କରୁଛନ୍ତି, କ୍ରମେ ଆମେ ଭାବିବାକୁ ଲାଗିଲୁ । ଅନ୍ଧାର ରାତିରେ କେବେ କେବଳ ଗୋଟିଏ କ୍ଷୀଣ ପାଦଶବ୍ଦ ଶୁଭେ । ଜହ୍ନଆଲୁଅ ଥିଲେ ମୂର୍ତ୍ତିଟାଏ ମଧ୍ୟ ଦିଶିଯାଏ । ମୁଁ ଏକା ଥିଲେ ତାକୁ ଭୂତ ବିଚାରି ଭୟରେ ଥରନ୍ତି । ଥରେ ସେକଥା ଆମେ ଗୋପବନ୍ଧୁବାବୁଙ୍କୁ କହିଲୁ । ସେ ଶୁଣି ଉତ୍ତର ଦେଲେ, "ହଁ ହୋ, ସେ

ବି ଏକ ଭୂତ। ବାଳକୃଷ୍ଣଟା ହୋଇଥିବ ତ !" ଗୋଇନ୍ଦା ପୋଲିସ ବିଭାଗର ଇନ୍‌ସପେକ୍ଟର ବାଳକୃଷ୍ଣ ମହାନ୍ତି ତାଙ୍କର ଜଣେ ସହପାଠୀ।

ଆମେ ଯେ ଆଖି ବୁଜି ବୁଜି ପାଣି ପିଉ, ଥରେ ଥରେ ଧରା ନପଡ଼ି ରହୁନାହିଁ, ଫଳରେ 'ଖୋଳ ପର୍ବତ ମାର ମୂଷା' ଚାଲେ। ଆମକୁ କୈଫିୟତ୍ ଦେବାକୁ ପଡ଼େ। ରାତିରେ ଛାତ୍ରାବାସ ଛାଡ଼ି ବାହାରକୁ ଯିବା ମନା। କୈଫିୟତ୍ ଦେବାବେଳକୁ ଅଗ୍ରଣୀ ହୁଅନ୍ତି ନୀଳକଣ୍ଠବାବୁ। ତାଙ୍କର ରାତିରେ ବାହାରକୁ ଯିବାଟା କର୍ତ୍ତୃପକ୍ଷ ଯେତେ ଧରନ୍ତି ନାହିଁ। ସଚ୍ଚରିତ୍ର ଯୁବକ ବୋଲି ତାଙ୍କର ସୁନାମ ଥାଏ। କଥା ତାଙ୍କୁ ବଳାଇଗଲେ ଗୋପବନ୍ଧୁବାବୁ ବା ବ୍ରଜସୁନ୍ଦରବାବୁଙ୍କ ସାହାଯ୍ୟ ଦରକାର ପଡ଼େ। ଥରେ ଥରେ ଆମକୁ ଅସତ୍ୟର ଆଶ୍ରୟ ନେବାକୁ ହୋଇଥାଏ। ଆମେ ତାକୁ ମିଥ୍ୟା ନାମ ନଦେଇ 'ଚାଣକ୍ୟନୀତି' କହୁ। ରାଜନୀତିରେ ମିଥ୍ୟାର ସ୍ଥାନ ନାହିଁ। ଏକ ରାଷ୍ଟ୍ର ଅନ୍ୟ ରାଷ୍ଟ୍ର ଉପରେ ଗୋପନରେ ବୋମା ପକାଇଦେଇ ଧରାଧରି ବେଳକୁ ମାନୁନାହିଁ। ରାଷ୍ଟ୍ରନାୟକ ଗୋଟାଏ କଥା କହିପକାଇ ତାକୁ ପ୍ରତ୍ୟାହାର କରିବା ପରିବର୍ତ୍ତେ ସେପରି କହିନାହାନ୍ତି ବୋଲି ମୁହଁପୋଛି ଜଣାଉଛନ୍ତି। ଏସବୁ ଚାଣକ୍ୟନୀତିରେ ଚଳେ ଓ ବୁଦ୍ଧିମାନ ଲୋକେ ଏ ଭିତରୁ ଯାହା ବୁଝିବାର ବୁଝିନିଅନ୍ତି, ଭୁଲନ୍ତି କେବଳ ସରଳବିଶ୍ୱାସୀ ଜନସାଧାରଣ।

କିନ୍ତୁ ଚାଣକ୍ୟନୀତିର ସ୍ଥାନ ବିଦ୍ୟାଳୟରେ ନଥିଲା। ଆଗେ ବିଦ୍ୟାଳୟରେ ମାତୃଭାଷା ଓଡ଼ିଆ, ଦେବଭାଷା ସଂସ୍କୃତ ଓ ରାଜଭାଷା ଇଂରେଜୀ, ଅନ୍ୟାନ୍ୟ ବିଷୟ ଛଡ଼ା ଏପରି ତିନି ଭାଷା ପଢ଼ାଯାଉଥିଲା। ଏବେ ସ୍ୱାଧୀନ ଭାରତରେ ରାଷ୍ଟ୍ରଭାଷା ହିନ୍ଦୀ ଯୋଗ କରାଯାଇଛି। ଇଂରେଜ ରାଜତ୍ୱ ଲୋପ ପାଇବାପରେ ଇଂରେଜୀ ଭାଷା ଯେ ରହିଛି, ଅଛି 'ରାଷ୍ଟ୍ରବନ୍ଧୁ' ଭାଷାରୂପେ। ବିଚରା ପିଲାମାନେ ବିଦ୍ୟାଳୟରେ କେବଳ ଭାଷା ଘୋଷି ଘୋଷି ନୟନ୍ତ ହେଉଛନ୍ତି। ତାଙ୍କ ଅବସ୍ଥା ଦେଖିଲେ ପୁରୀର ପଶ୍ଚିମା ଯାତ୍ରୀମାନେ ଗାଉଥିବା ହିନ୍ଦୀ ଗୀତର ଧାଡ଼ିଏ 'ଭାବ ଭକ୍ତିକା ମରମ ନଜାନେ' ମୋର ମନେପଡ଼େ। କେବଳ ଭାଷାରେ ପିଲାମାନେ ଉପରେ ଉପରେ ଭାସୁଛନ୍ତି, ଭିତରେ ପଶି ଭାବ ଗ୍ରହଣ କରିବା ପ୍ରୟାସ କମିଯାଉଛି। କିନ୍ତୁ ଗଣତନ୍ତ୍ର ବର୍ତ୍ତମାନ ଯେପରି ରୂପ ଧାରଣ କରିଛି, ଭିତରେ ପଶିବା ବୋଧହୁଏ ଶିକ୍ଷାର ଲକ୍ଷ୍ୟ ଭିତରେ ଆଉ ଧରାଯାଉ ନାହିଁ।

ଚାଣକ୍ୟନୀତି ଆମ ତରୁଣ ପ୍ରାଣକୁ ବେଶି ଦିନ ଉନ୍ମାଦନା ଯୋଗାଇଲା ନାହିଁ। ସୁତରାଂ ଆମ ଗୁପ୍ତ ବୈଠକ ସଂଖ୍ୟା କମିଯାଇ ମିଳନଟା ଗୋପବନ୍ଧୁବାବୁଙ୍କ ବସାରେହିଁ ହେଲା। ମୋର ମନେହୁଏ, ଆମ ଜୀବନର ଗତି ନିର୍ଣ୍ଣୀତ ହେଲା ସେହିଠାରେ। ଗୋପବନ୍ଧୁବାବୁ ନାମକୁମାତ୍ର ଓକିଲାତି କରୁଥାନ୍ତି। ସେ ଆମମାନଙ୍କୁ ଫରାସୀ ରାଷ୍ଟ୍ରବିପ୍ଳବ ଓ ଇତାଲୀ ସ୍ୱାଧୀନତାର କାହାଣୀମାନ କହୁଥାନ୍ତି। ତାଙ୍କ କଥାରେ ଆମେ କେତେ ଯେ ଉଦ୍‌ବୁଦ୍ଧ ହେଉ, ତାହା ମୁଁ ଦିନେ ଦିନେ ରାତିରେ ଅନୁଭବ କରେ। ରାତିସାରା ପ୍ରାଣ ଛଟପଟ ହୁଏ, ହୃଦୟ ମଚ୍ଛି ହୋଇଯାଏ। ଗୋପବନ୍ଧୁବାବୁଙ୍କ ମୁହଁର ଲାବଣ୍ୟ, କଥାର ମାଧୁରୀ, ହସର ସାରଲ୍ୟ, ଆଖିର ଜ୍ୟୋତି, କପାଳର ତେଜ ଓ ଯୁକ୍ତିର ଗାରିମା ସରଳ ତେଜୀୟାନ୍ ତରୁଣ ପ୍ରାଣକୁ ଚୁମ୍ବକ ପରି ଟାଣିନିଏ।

ସେ ଚୁମ୍ବକ ଆକର୍ଷଣ ଏଡ଼ିବା ଓ କଟକରେ ଅନ୍ୟାନ୍ୟ ବନ୍ଧନ କାଟିଦେବା ମୋ ପକ୍ଷେ ସହଜ ହେଲା ନାହିଁ। ମୋତେ ଦେଖିଲେ କାହାରି ମୋ ଅଭାବ ଆଡ଼କୁ ଦୃଷ୍ଟି ଯାଏନାହିଁ; ସୁତରାଂ ଗୋପବନ୍ଧୁବାବୁଙ୍କର ଗଲା ନାହିଁ। ପରେ ମୁଁ ଯେତେବେଳେ ବିହାର-ଓଡ଼ିଶା ବ୍ୟବସ୍ଥା ପରିଷଦର ସଦସ୍ୟ ନିର୍ବାଚିତ ହେଲି, ବିହାରୀ ସହକର୍ମୀଙ୍କ ମନରେ ଧାରଣା ହେଲା ଯେ, ମୁଁ ଜଣେ ବଡ଼ ଜମିଦାର। ଆମ ଓଡ଼ିଶାରେ ସୁଦ୍ଧା କେହି କେହି ମୋତେ ଜଣେ ବିଷୟବାନ୍ ଲୋକ ବୋଲି ଭାବନ୍ତି। ପଣ୍ଡିତ ନୀଳକଣ୍ଠ ଏବେ ଯାହା କହନ୍ତି, ୧୯୩୯ ମସିହାରେ ସୁଭାଷଚନ୍ଦ୍ର ବୋଷଙ୍କୁ କହିଲେ, "ଗୋଦାବରୀଶର ଚୋରିହାରି ଭୟ ନାହିଁ। ସେ ତାର ସବୁ ସମ୍ପତ୍ତି ସଙ୍ଗରେ ଧରି ଯିବାଆସିବା କରେ।" ସେତେବେଳେ ସୁଭାଷ ବୋଷ, ସେ ନିଜେ ଓ ମୁଁ ଏକତ୍ର ମୋଟରଗାଡ଼ିରେ ଯାଉଥିଲୁ। ସୁଭାଷଚନ୍ଦ୍ର ପଚାରିଲେ, କିମିତି? "ପଣ୍ଡିତ ନୀଳକଣ୍ଠ ଉତ୍ତର ଦେଲେ, ଏଇ ମୋଟର ଖଣ୍ଡି ଛଡ଼ା ତାର ଆଉ କଣ ଅଛି କି ?"

ଖୁଦିରାମ ବୋଷଙ୍କର ଫାଶୀ ହୋଇଗଲା। ସେଦିନ ଆମେ ଉପବାସ କଲୁ; ଅନେକେ କଲେଜକୁ ଗଲେ ନାହିଁ। ଗୋପବନ୍ଧୁବାବୁ ଓ ବିଶ୍ୱନାଥ କରଙ୍କ କୁଶିକ୍ଷାରେ ଛାତ୍ରସମାଜ ବିପଥଗାମୀ ହୋଇଯାଉଛି, ଏ ଧାରଣା ସରକାରୀ ହାକିମହୁକୁମାଙ୍କ ମନକୁ ଗଲା। କୁଳବୃଦ୍ଧ ମଧୁସୂଦନ ଏଥିରେ ବିବ୍ରତ ହୋଇଉଠିବା ସ୍ୱାଭାବିକ। ତାଙ୍କୁ ଓଡ଼ିଆ ଜାତିର ଏକମାତ୍ର ଅଭିଭାବକ ମନେକରାଯାଉଥିଲା। ସେ ଛାତ୍ରମାନଙ୍କୁ ତାଙ୍କ କୋଠରିକୁ ଡକାଇନେଇ ସତ୍ୟାସତ୍ୟ ବୁଝିବାକୁ ଚେଷ୍ଟା କଲେ। ଲସରପସର ବହୁତ ହେଉଥିଲେ ସିନା, ଭିତରେ ପଶିପାରୁ ନଥିଲେ। ପିଲାମାନେ ମଧୁବାବୁଙ୍କୁ କିଛି ନ ଲୁଚାଇ ସବୁ କଥା ସତ ସତ କହିଗଲେ। ପରେ ପ୍ରକାଶ ପାଇଲା ଯେ ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ତାଙ୍କ କୋଠି ଭିତର ପାଖ କୋଠରିରେ ଲୁଚି ବସି ସବୁ କୁଆଡ଼େ ଅନ୍ତରାଳରୁ ଶୁଣିଥିଲେ। କଲେଜ କର୍ତ୍ତୃପକ୍ଷ ପିଲାଙ୍କ ଦୋଷ ଘୋଡ଼ାଇବାକୁ ବସିଥିଲେ, ମାତ୍ର ତା ଫଳରେ ପାରିଲେ ନାହିଁ। ଅନେକ ପିଲାଙ୍କର ଦଣ୍ଡ ହେଲା। ନିଆଁ ଉପରେ ପାଉଁଶ ଜମିଗଲେ, ନ ଉଖାରିଲେ ତାହା କ୍ରମେ ଲିଭିଆସେ; ମାତ୍ର ଉଖାରିଲେ ଜଳେ। ଦଣ୍ଡ ଫଳରେ ପିଲାମାନେ ନ ଦବି ଆହୁରି ତେଜୀୟାନ୍ ହୋଇଉଠିଲେ। ଜାତୀୟ ଜାଗରଣ ଘଟେ ସେହି ମାର୍ଗରେ।

ଲକ୍ଷ୍ମୀନାରାୟଣ ସାହୁ

କଟକକୁ ଆସି ଯେତେବେଳେ କଲେଜରେ ଭର୍ତ୍ତି ହେଲି ସେତେବେଳେ ଶ'-ସାହେବ ଆମର ପ୍ରିନ୍‌ସିପାଲ। ବିପିନବିହାରୀ ରାଏ ସେତେବେଳକୁ ଚାଲି ଯାଇଥାନ୍ତି। ସେ ଆଗରେ ପ୍ରିନ୍‌ସିପାଲ ଥିଲେ। ଉପେନ୍ଦ୍ର ମୈତ୍ର ମଧ୍ୟ ଚାଲିଗଲେ। ସେ ଇଂରାଜୀରେ ଧୁରନ୍ଧର ଥିଲେ। ଶ'-ସାହେବ ଆମକୁ ଗଣିତ ପଢ଼ାଉଥିଲେ। ସେ ଖଗା ମୂର୍ଖ। କୌଣସି ଅଙ୍କ ବୁଝାଇବାକୁ ହେଲେ ସେ ତାଙ୍କ ନୋଟ ବହିରୁ ଅଙ୍କଟି ବୋର୍ଡରେ ଲେଖି ଦେଉଥିଲେ। ଆଉ କେହି କିଛି ପଚାରିଲେ ସେ ଖାଲି କହନ୍ତି Tut, tut. କିନ୍ତୁ ତାଙ୍କ ପରେ ଗଣିତର ଯେଉଁ ପ୍ରଫେସର ଆସିଥିଲେ ସେ ଥିଲେ ବାଘ। ତାଙ୍କ ଚେହେରା ମଧ୍ୟ ବାଘ ପରି ଥିଲା। ଖୁବ୍ ଗମ୍ଭୀର, ଆଉ କୌଣସି ଅଙ୍କ ପଚାରିଲେ ସାଙ୍ଗେ ସାଙ୍ଗେ ସୁନ୍ଦର ଅକ୍ଷରରେ ଟକ୍ ଟକ୍ କରି ବୋର୍ଡରେ ଲେଖି ଦେଉଥିଲେ। ସେହି ବଙ୍କିମ ବାବୁ ଆଜି ଦାଢ଼ି ପକେଇ ଦେଇଛନ୍ତି ଏବଂ ବୈଷ୍ଣବ ହୋଇଛନ୍ତି। ଦୁଇ-ଚାରିବର୍ଷ ତଳେ ମୁଁ ତାଙ୍କୁ ମେଦିନୀପୁର କଲେଜରେ ପ୍ରିନ୍‌ସିପାଲ୍ ହେବାର ଦେଖିଥିଲି। ମେଦିନୀପୁରରେ ତାଙ୍କ ସହିତ ମୋର ଦେଖା ହୋଇଥିଲା। ଏହି ସମୟରେ ଆମର ଜଣେ ଇଂରାଜୀ ଅଧ୍ୟାପକ ଆସିଥିଲେ। ତାଙ୍କର ନାମ ଶ୍ରୀ ହେମଚନ୍ଦ୍ର ସରକାର। ଆଜି ସେ ଜୀବିତ ନାହାନ୍ତି। କିନ୍ତୁ ସେ ଅଦ୍ଭୁତ ମଣିଷ। ଜ୍ଞାନର ପିପାସା ତାଙ୍କର ଅତ୍ୟଧିକ। ସେ ଦିନେ ଦିନେ ସଞ୍ଜବେଳୁ ବହି ପଢ଼ା ଆରମ୍ଭ କଲେ ତହିଁ ଆର ଦିନ ନଅଟା ଦଶଟା ହୋଇଯାଏ। କିନ୍ତୁ ତାଙ୍କର ଏଇ ପାଣ୍ଡିତ୍ୟ ଅପେକ୍ଷା ତାଙ୍କର ଅଧିକତର ମହତ୍ତ୍ୱ ଥିଲା ମଣିଷର ସେବା କରିବାରେ; ସେ ଫିନାଇଲ ବୋତଲ ଧରି ସକାଳେ ଗରିବମାନଙ୍କର ପାଇଖାନାରେ ନିଜେ ଫିନାଇଲ୍ ପକାଇ ଆସନ୍ତି। ଆଉ କଲେରା ସମୟରେ ଗରିବ ଲୋକଙ୍କ ସେବା ପାଇଁ ସମସ୍ତଙ୍କ ପାଖରୁ ସଫା ଛିଣ୍ଡା ଲୁଗା ମାଗନ୍ତି। ସେହି ସବୁକୁ ସେ ହାଡ଼ିସାହିରେ ଏବଂ ଅନ୍ୟାନ୍ୟ ଯେଉଁ ଗରିବ ଘରେ କଲେରା ଇତ୍ୟାଦି ହୋଇଥାଏ, ଦାନ କରନ୍ତି। ଏପରି ହେଲା ଯେ, ଛାତ୍ରମାନେ ଶହ ଶହ ସଂଖ୍ୟାରେ ତାଙ୍କର ଅନୁବର୍ତ୍ତୀ ହେଲେ। ଆଉ ରୋଗୀ କମ୍ ଏବଂ ଭଲେଣ୍ଟିଅର ବେଶି ହେବା ଫଳରେ ତାଙ୍କ ଘରେ ଯେଉଁ ପିଲାମାନେ ରୁଣ୍ଡ ହୋଇଥାନ୍ତି, ସେମାନଙ୍କ ମଧ୍ୟରେ କଜିଆ ହୁଏ। ହେମବାବୁ ପଚାରନ୍ତି- କାହିଁକି ଏପରି କରୁଛ ? ପିଲାମାନେ କହନ୍ତି- ସାର୍, ସେ ରୋଗୀକୁ ମୁଁ ଦେଖିବାକୁ ଯିବି, ଏ ମୋତେ ଯିବାକୁ ଦଉନି ଇତ୍ୟାଦି। ଥରେ କଲେରା ଲାଗିଛି। ହେମବାବୁ କାହା ଘରେ ଯାଇ କଲେରା ରୋଗୀର ସେବା କରୁଛନ୍ତି। ଏହି ସମୟରେ ଖବର ଗଲା ତାଙ୍କର ଝିଅ କଲ୍ୟାଣୀ ଓ ଶାନ୍ତିକୁ କଲେରା ହୋଇଛି। ହେମବାବୁ ସେ ପିଲାଙ୍କୁ କହିଲେ "ଆମି ଏଖାନେ ସେବା କରିଛି, ତୁମ୍‌ରା ଓଖାନେ ସେବା କରୋ। ଭଗବାନ୍ ସବ୍ କାଗାଏ ଆଛେନ୍।" ଏପରି ଉଦାରତା କେତେ ଜଣଙ୍କର ଥାଇପାରେ? ଏହି ସମୟରେ ସେ କଲେଜକୁ ଆସି କେବଳ କାନ୍ଦନ୍ତି ଏବଂ କହନ୍ତି- One soul passed away, two souls passed away. These were the dying words. ଏହିପରି କହି ସେ ଖୁବ୍ କାନ୍ଦନ୍ତି। କୌଣସି ମେସ୍‌ରେ କଲେରା ଲାଗିଥିଲେ ସେ ମେସ୍‌ର ପିଲା ଛାଡ଼ି ପଳାଇ ଗଲେ ସେ ବଡ଼ ଦୁଃଖ କରନ୍ତି। ଏହିପରି କେତେଦିନ ଗଲା। ଦିନେ ଗୋଟିଏ ପିଲା କ୍ଲାସରୁ ବାହାରି ଆସିବାବେଳେ ବଡ଼ ପାଟିରେ କହିଲା- ଏ ପ୍ରଫେସର ତ ଆମକୁ କିଛି ପଢ଼ାଉ ନାହିଁ, ଖାଲି One soul passed away, tow souls passed away କରୁଛି। ଆମେ ପାସ୍ କରିବା କିମିତି ? ହେମବାବୁ ହଠାତ୍ ଏହା ଶୁଣି ପକାଇଲେ। ଆଉ କହିଲେ- ଆଚ୍ଛା, ହେମବାବୁ କାଲ୍ ପଢ଼ାବେ। ସେ ଦିନ ହେମବାବୁ ଘରକୁ ଯାଇ ଆମର ଗୋଟାଏ ଝରଛନ୍ଦ ବହି ଦିନ ଚାରିଟା ବେଳୁ ପଢ଼ିବାକୁ ଆରମ୍ଭ କଲେ। ସଞ୍ଜ ହେଲା। ଜଳଖିଆ ଆସିଲା, ପିଲା ଆସି କହିଲା, ବାବା ଖାବାର୍ ଖାଏନିନ୍। କିନ୍ତୁ ହେମବାବୁ ପଢ଼ିବାରେ ତନ୍ମୟ। ଅନେକ କ୍ଷଣ ଗଲା। ତା ପରେ ଝିଅ ତାଙ୍କୁ ଯେତେବେଳେ ପୁଣି କହିଲା ଖାଇବାକୁ, ସେତେବେଳେ ସେ କହିଲେ, ନା, ଖାଇବିନି। ରାତି ଦଶଟାକୁ ମୋତେ ଭାତ ଦେବ। ରାତି ଦଶଟା ହେଲା। ଭାତ ବଢ଼ା ହେଲା। ପିଲା ଆସି କହିଲେ, ବାବା ଭାତ ବଢ଼ା ହୋଇଛ। କିନ୍ତୁ ହେମବାବୁ ପଢ଼ାରେ ଅଭିନିବିଷ୍ଟ। ପିଲାମାନେ ଅତି ଜିଦ୍ କରିବାରୁ ସେ କହିଲେ ଆଉ ଭାତ ଖାଇବିନି। ଦିଟା ଖଇ

ଆଣ । ଖଇ ଆସିଲା, କିନ୍ତୁ ହେମବାବୁଙ୍କର ଖଇ ଖାଇବାର ଅବସର ନାହିଁ । ପଢୁ ପଢୁ ରାତି ପାହିଗଲା, ସକାଳ ଆଠଟା ହେଲା, ନ'ଟା ହେଲା । ପିଲାମାନେ ପଚାରିଲେ- ବାବା କଲେଜ ଯିବେନି ? ନ'ଟା ବାକିଲାଣି ଯେ । ସେତେବେଳେ ସେ କହିଲେ, ଭାତ ବାଢ଼ । ତରତରରେ ଠକା ଠକି କରି ମୁହଁ ହାତ ଧୋଇ ଗାଧୁଆପାଧୁଆ କରି ହେମବାବୁ ଖାଇବାକୁ ବସିଲେ । ଖାଇସାରି ତରତରରେ ମୋକା ପିନ୍ଧୁ ପିନ୍ଧୁ ଗୋଟିଏ ଗୋଡ଼ରେ ଦୁଇଟି ମୋଜା ପିନ୍ଧି ପକାଇଲେ । ତାପରେ କଲେଜକୁ ଆସିଲେ । କଲେଜରେ ରୋଲ୍ କଲ୍ ବେଳେ ମୁଁ ଲକ୍ଷ୍ୟ କଲି ଯେ, ଗୋଟାଏ ଗୋଡ଼ରେ ମୋକା ନାହିଁ । ପାଖରେ ବନ୍ଧୁମାନଙ୍କୁ ଦେଖାଇଲି । ଇଆଡ଼େ ହେମବାବୁ ପଢ଼ାଇବାକୁ ଆରମ୍ଭ କରିଥାନ୍ତି । ପିଲାଙ୍କ ଭିତରେ ଟିକେ ଚାଞ୍ଚଲ୍ୟ ହୋଇଥାଏ । ହେମବାବୁ ଏହା ଲକ୍ଷ୍ୟ କରି ପଚାରିଲେ- What makes you inattentive? ମୁଁ କହିଲି, ସାର୍, ଆପଣଙ୍କର ଗୋଟିଏ ଗୋଡ଼ରେ ମୋକା ନାହିଁ । ହେମବାବୁ କ୍ରୋଧ ହୋଇ ଉଠି କହିଲେ- ମହା ପାପ କରିଛି ନା? ହେମଚନ୍ଦ୍ର ସରକାର ଜୀବନରେ କେଡ଼େ ମହା ପାପ କଲା, ତାହାର ତ ସନ୍ଧାନ ରଖି ନାହିଁ । ବାକି ଏଇଟା ଧରିଛ । ପଢ଼େଇବାକୁ ଆରମ୍ଭ କଲେ । ଦଶଟା ଠାରୁ ୧୧ଟା ଗୋଟାଏ ଘଣ୍ଟା ହୋଇଗଲା । ଦ୍ୱିତୀୟ ଘଣ୍ଟା ଗଣିତ । ଆମେ ଭାବୁଛୁ ଏଥର ହେମବାବୁଙ୍କ ପାଖରୁ ଉଦ୍ଧାର ପାଇଲୁ । କିନ୍ତୁ ହେମବାବୁ ଅଭିନିବିଷ୍ଟ ଭାବରେ ପଢ଼ାଉଥାନ୍ତି । ବଙ୍କିମବାବୁ ଆସିଲା ବେଳେ ଆଉ ଟିକେ ଚଞ୍ଚଳ ହୋଇ ଉଠିଲେ । ତାହା ଲକ୍ଷ୍ୟ କରି ସେ ପଚାରିଲେ-ଅମନୋଯୋଗୀ କାହିଁକି ହେଉଛ ? ଆମେ କହିଲୁ, ସାର୍, ବଙ୍କିମବାବୁ ଆସିଲେଣି । ବଙ୍କିମ ବାବୁଙ୍କୁ ଦେଖି ସେ କହିଲେ- ତୁମେ ଆଉ ଦିନେ କ୍ଲାସ ନେବ । ତୁମର ଏ ଘଣ୍ଟାଟି ମୁଁ ନେଉଛି । ବଙ୍କିମ ବାବୁ ଚାଲିଗଲେ । ହେମବାବୁ ପଢ଼େଇବାକୁ ଲାଗିଲେ । ତୃତୀୟ ପିରିୟଡ଼ କାଶୀନାଥ ଦାସ ପ୍ରଫେସରଙ୍କର । ତାଙ୍କୁ ମଧ୍ୟ ସେ ସେହିପରି ବିଦାୟ କରିଦେଲେ । ଏହିପରି ଘଣ୍ଟା ପରେ ଘଣ୍ଟା ପଢ଼େଇବାକୁ ଲାଗିଲେ । ଏଣେ ଚାରି ବାକିଗଲା । ସମସ୍ତେ ଚାଲିଗଲେ, ଆମର ଅବ୍ୟାହତି ନାହିଁ । Science class ର ପିଲାମାନେ laboratory ରୁ ପାଞ୍ଚଟା ବେଳକୁ ଘରକୁ ଫେରିଲେ । ଚପରାସୀମାନେ କବାଟ ଦରଜା ସବୁ ଧଡ୍ ଧାଡ୍ କରି ବନ୍ଦ କରୁଛନ୍ତି । କିନ୍ତୁ ଉପର ଘରେ ହେମବାବୁଙ୍କର ପଢ଼ା ସେ ପର୍ଯ୍ୟନ୍ତ ଚାଲିଛି । ସବୁ ଚପରାସୀ ଝିଡ଼କି ଦ୍ୱାର ବନ୍ଦ କରି ଆସି ଆମ ଦ୍ୱାର ପାଖରେ ଉପସ୍ଥିତ ହେଲେ । ଠନ୍ ଠନ୍ କରି ଛଅଟା ବାଜିଲା । ହେମବାବୁଙ୍କର ପଢ଼େଇବାଟା ଶେଷ ହେଲା । ସେ ଦିନ ସେ ଗୋଟାଏ ବହି ପୂରା ପଢ଼ାଇଦେଲେ ଏବଂ ଛଟା ପ୍ରଶ୍ନ ଲେଖିଦେଲେ । ସେହି ବର୍ଷ ପରୀକ୍ଷାରେ ଏଇ ଛଅଟାରୁ ତିନିଟି ପ୍ରଶ୍ନ ପ୍ରାୟ ଅବିକଳ ତାଙ୍କରି ଭାଷାରେ ପଡ଼ିଥିଲା । ପଢ଼ା ଶେଷରେ ହେମବାବୁ କହିଲେ- ଯାଅ, ହେମଚନ୍ଦ୍ର ସରକାର ପଢ଼ାଏନା ପରା ? ଆଜି ପଢ଼ାଇଛି । ହେମବାବୁ ଥିଲେ ଇଂରାଜୀ ଓ ଫିଲୋସଫିରେ ବିଶ୍ୱବିଦ୍ୟାଳୟରେ ପ୍ରଥମ । ତାଙ୍କ ସମ୍ବନ୍ଧରେ କହିବାକୁ ଗଲେ ରାତି ରାତି ପାହିଯିବ । ତାଙ୍କର ଧର୍ମପରାୟଣତା-କୀର୍ତ୍ତନ କରୁ କରୁ ଅଚେତନ ହେବା, ଏ ସବୁ ଆମେ ସେ ସମୟରେ ଅନେକ ଦେଖିଛୁ ।

ଏହି ସମୟରେ ରେଭେନ୍ସା କଲେଜରେ ଆମର ଜଣେ ଫିଜିକ୍ସ ପ୍ରଫେସର ଥିଲେ । ତାଙ୍କର ନାମ ରମେନ୍ଦ୍ର ନାଥ ଘୋଷ । ସେ ଏତେ ବିନୟୀ ଯେ, ତାଙ୍କୁ କୌଣସି ପିଲା ଆଗରୁ ନମସ୍କାର କରି ପାରିବ ନାହିଁ । ତା ଆଗରୁ ସେ ନମସ୍କାର କରିଦେଇ ସାରିଥିବେ । ତା'ପରେ ଆସିଲେ ଫିଜିକ୍ସ ଅଧ୍ୟାପକ ସତୀଶବାବୁ । ସେ ଯେତେ ଗଧ ପିଲା ହେଉ ପଛକେ, ତାକୁ ଏତେ ଶ୍ରଦ୍ଧାର ସହିତ ପଢ଼ାଉଥିଲେ ଯେ, ତାହା ଦେଖିବାର ବସ୍ତୁ । ସତୀଶ ବାବୁ ଓ ହେମବାବୁଙ୍କ ଭିତରେ ଖୁବ୍ ସୌହାର୍ଦ୍ଦ୍ୟ ଥିଲା । ଆଉ ମୁଁ ଯେତେବେଳେ ୧୯୦୮ରେ ରେଭେନ୍ସା କଲେଜରେ ପ୍ରଥମେ ଭର୍ତ୍ତି ହେଲି, ସେତେବେଳେ ବଟାନି ପଢ଼ାଉଥିଲେ ଶ୍ରୀ ଯୋଗେଶ ଚନ୍ଦ୍ର ରାୟ । କିନ୍ତୁ ସେ ପ୍ରାୟ ସବୁ ବିଦ୍ୟାରେ ଧୁରନ୍ଧର ଥିଲେ । ଗଣିତ, ସାହିତ୍ୟ, ତର୍କଶାସ୍ତ୍ର, ରସାୟନ ବିଦ୍ୟା ଏବଂ ଫିଜିକ୍ସ ଇତ୍ୟାଦି ପ୍ରାୟ ସବୁ ବିଦ୍ୟାରେ ସେ ପାରଙ୍ଗମ ଥିଲେ । ଆଉ ତାଙ୍କର ପଢ଼େଇବାର ପ୍ରଣାଳୀ ଥିଲା ସକ୍ରେଟିକ୍ ପ୍ରଣାଳୀ । ତୁମେ ଗୋଟାଏ ପ୍ରଶ୍ନ କଲେ ସେ ତୁମକୁ ଉତ୍ତର ନ ଦେଇ ଆଉ ଗୋଟାଏ ପ୍ରଶ୍ନ ପଚାରନ୍ତି । ଏହିପରି ପ୍ରଶ୍ନ କରୁ କରୁ ସେ ତୁମକୁ ଜ୍ଞାନମାର୍ଗ ସବୁ ଖୋଲିଦିଅନ୍ତି । ରାୟବାହାଦୁର ଯୋଗେଶ ଚନ୍ଦ୍ର ଅଦ୍ୟାପି ଜୀବିତ । ତାଙ୍କୁ ନବେ ବର୍ଷରୁ ଅଧିକ ହେଲାଣି, ତଥାପି ସେ ଦିନକୁ ସାତଘଣ୍ଟା କରି ପଢୁଛନ୍ତି । ଏହିସବୁ ଧରଣର ଉଚ୍ଚ ଶିକ୍ଷିତ ଅଧ୍ୟାପକ ଆଜିକାଲି ବିରଳ ହୋଇଗଲେଣି । ହେମଚନ୍ଦ୍ର ସରକାରଙ୍କୁ ମୁଁ ମୋର ପ୍ରଥମ ଲିଖିତ ପୁସ୍ତକ ଉତ୍ସର୍ଗ କରିଥିଲି । ସେଥିରେ ଗୋଟିଏ ପ୍ରବନ୍ଧ "ମନୁଷ୍ୟ ନିଜର ଭାଗ୍ୟବିଧାତା" ବୋଲି ଅଛି । ହେମବାବୁ ତାକୁ ଶୁଣି ମୋତେ କହିଥିଲେ- ହଉ, ତୁମର ଅଧିକ ବୟସ ହେଉ; ସେତେବେଳେ ବୁଝିବ ମନୁଷ୍ୟ ନିଜକୁ କେତେ ଗଢ଼େ ଆଉ ମନୁଷ୍ୟ ଅନ୍ୟ ଦ୍ୱାରା କେତେ ଗଠିତ ହୁଏ । ଭଗବାନ୍ଙ୍କର ଆଶୀର୍ବାଦ ନ ମିଳିଲେ ମନୁଷ୍ୟର ଶକ୍ତି ତୁଚ୍ଛ ହୋଇପଡ଼େ । ହେମଚନ୍ଦ୍ର ସରକାର ରାଧାନାଥ ବାବୁଙ୍କର 'ଚିଲିକା'କୁ ଖୁବ୍ ପସନ୍ଦ କରୁଥିଲେ । ମୋତେ କହିଥିଲେ ବଙ୍ଗଳାରେ ଅନୁବାଦ କରିବାକୁ । ମୁଁ ତାହା ତାଙ୍କୁ ଦେଇଥିଲି । ହେମଚନ୍ଦ୍ର ସରକାରଙ୍କ ହାତରେ ପରୀକ୍ଷାରେ ସେପରି କେହି ଫେଲ୍ ହୁଏନି । ଅନେକ ସମୟରେ ସେ ନମ୍ବର ଦେଉ ଦେଉ ଶହେ କାଗାରେ ଶହେ ଦଶ, ଶହେ କୋଡ଼ିଏ ଏପରି ଦେଇପକାନ୍ତି । ତାଙ୍କୁ ପଚାରିଲେ, ସେ କହନ୍ତି ଆଶାତୀତ ଭାବରେ ସୁନ୍ଦର ଲେଖିଛି । ସେଥିପାଇଁ ଏ ନମ୍ବର ।

ଭାରତ ଚନ୍ଦ୍ର ନାୟକ

ରେଭେନ୍‌ସାର କଲେଜରେ ଆମ୍ଭମାନଙ୍କର ସଂସ୍କୃତ ଅଧ୍ୟାପକ ଥିଲେ ବଙ୍ଗାଳୀ ପଣ୍ଡିତ କୃଷ୍ଣପଦ ବିଦ୍ୟାରତ୍ନ (ଭଟ୍ଟାଚାର୍ଯ୍ୟ)। ବଙ୍ଗ ପ୍ରଦେଶସ୍ଥ ସଂସ୍କୃତ ଶିକ୍ଷାର କେନ୍ଦ୍ର ଭାଟପଡ଼ାବାସୀ ବୋଲି କହନ୍ତି। ସେ ଥିଲେ ଟୋଲ ପଣ୍ଡିତ। ଇଂରାଜୀ ଜାଣୁ ନଥିଲେ, ସଂସ୍କୃତରେ ସୁପଣ୍ଡିତ, ହେଲେ କ'ଣ ହେବ ପିଲାଙ୍କୁ ପଢ଼ାଇବାରେ ଆଦୌ ମନୋଯୋଗୀ ନଥିଲେ। କିନ୍ତୁ ଯେଉଁ ଦିନ ପଢ଼ାଇବାକୁ ମନ ହୋଇଥାଏ ସେହି ଦିନ ତାଙ୍କ ଅଧ୍ୟାପନା ଅତ୍ୟନ୍ତ ଚିତ୍ତାକର୍ଷକ ହୋଇଥାଏ। ଆମ୍ଭେମାନେ ଏହିପରି ପଢ଼ାଇବାକୁ ଧରି ବସିଲେ କହନ୍ତି, "ମୁଁ କଣ ଏମ୍.ଏ. ପାସ୍ କରି ପ୍ରଫେସର ଦରମା ପାଉଛି ଯେ ପଢ଼ାଇବି? ସ୍କୁଲ ପଣ୍ଡିତର ଦରମାରେ ଯାହା ପଢ଼ାଉଛି ତାହା ଢେର!" ଏହା ଶୁଣି ମୋର ମନେ ପଡ଼ି ଯାଉଥାଏ, ଆମ ଗାଁର ଜମିଦାରଙ୍କ ଘରର ଚପରାସୀ କାଲେ ଖାଁର କଥା। ଦିନେ ଅଧରାତିରେ କାଲେ ଖାଁ ସିଂହ ଦ୍ୱାରରେ ଝୁଲା ହୋଇଥିବା ଘଣ୍ଟା ବଜାଉ ବଜାଉ କୋଡ଼ିଏ କି ପଚିଶ ବଜାଇ ଦେଲା। ଜମିଦାରଙ୍କ ପହଡ଼ ହୋଇ ନଥିଲା। ପାର୍ଶ୍ୱଚରଙ୍କୁ ପଠାଇ କାଲେ ଖାଁ ପହରାବାଲାକୁ ଧରି ଆଣା ହେଲା ଓ ଏତେ କ'ଣ ବଜାଇଲୁ ବୋଲି ପଚରାହେଲା। ସେ ଅହିଫେନ-ସେବନାକ୍ରାନ୍ତ ଅର୍ଦ୍ଧମୁଦ୍ରିତ ନୟନଦ୍ୱୟ ବିସ୍ଫାରିତ କରି କହିଲା, "ଦେଢ଼ ଟଙ୍କା ଦରମାରେ ଢେର ବାଜିଛି।" ପଣ୍ଡିତ ମହାଶୟ କ୍ଲାସରେ ପ୍ରାୟ ପ୍ରତିଦିନ ଶୁଅନ୍ତି ଓ ପଙ୍ଖାବାଲାକୁ ଗୋଡ଼ ମୋଡ଼ିବାକୁ କହନ୍ତି। ଆମ୍ଭେମାନେ କ୍ଲାସରୁ ବାହାରି ଏଣେତେଣେ ବୁଲି ଓ ଦୋତାଲା ଉପରକୁ ଉଠିଥିବା ଆମଡ଼ା ଗଛରୁ ପେଛା ପେଛା ଆମଡ଼ା ତୋଡ଼ା ତୋଳି ଲେବୋରେଟେରି ଏସିଷ୍ଟେଣ୍ଟ କେବେଠାରୁ ସୋଡ଼ିଅମ୍ କ୍ଲୋରାଇଡ଼ (sodium chloride) ଲୁଣ ଆଣି ଖାଇ ଖାଇ ସଂସ୍କୃତ ଘଣ୍ଟାତକ କଟାଇଦେଉ। ଦିନେ ଦିନେ ଆମ୍ଭମାନଙ୍କ ସହାଧ୍ୟାୟୀ ଶ୍ୱେତବସନ୍ତ ମହାନ୍ତି ପିନ୍ କଣ୍ଟା ମାରି ତାଙ୍କ ନିଦ୍ରା ଭଙ୍ଗ କରିଦିଏ। ତଥାପି କେହି ତାଙ୍କ ନାମରେ କେବେ ପ୍ରିନ୍‌ସିପାଲଙ୍କଠାରେ ଅଭିଯୋଗ କରିଥିବା ଶୁଣାଯାଇନାହିଁ।

ଯେଉଁ ଘରେ ବର୍ତ୍ତମାନ କଟକର ଜଜ୍ କୋର୍ଟ (ବଡ଼ ଅଦାଲତ), ସେହି ଘର ଥିଲା ସେହି ସମୟରେ ଆମ୍ଭମାନଙ୍କର କଲେଜ ଓ ବର୍ତ୍ତମାନ କଲେଜିଏଟ୍ ସ୍କୁଲର ଛାତ୍ରାବାସ କଲେଜର ଛାତ୍ରାବାସ ଥିଲା। କାଠଯୋଡ଼ି ନଦୀକୁ ଯାଇଁ ଆମ୍ଭେମାନେ ସ୍ନାନ କରୁ। ଯେଉଁ ଘାଟରେ ଆମ୍ଭେମାନେ ସ୍ନାନ କରୁ, ତାହାର ନାମ ଥିଲା କଲେଜ ଘାଟ। ସେତେବେଳେ ଖରାଦିନେ ସୁଦ୍ଧା କାଠଯୋଡ଼ିରେ ଗଭୀର ହାତୀବୁଡ଼ା ପାଣି ରହୁଥାଏ। ଗଭୀର ପାଣିରେ ଆମ୍ଭେମାନେ ପହଁରୁ। ୧୯୦୮ ମସିହା ଗ୍ରୀଷ୍ମାବକାଶ ପର୍ଯ୍ୟନ୍ତ ଏହିପରି ନଦୀର ଗଭୀର ସ୍ରୋତ ଥାଏ। ପ୍ରାୟ ପ୍ରତିବର୍ଷ ବର୍ଷା ଦିନର ବଢ଼ିରେ ଜଣେ ନା ଜଣେ କଲେଜ ଛାତ ବୁଡ଼ି ମରନ୍ତି। ବଡ଼ ବୁରୁଜ ତଳେ ପଡ଼ିଲେ ଆଉ ଜୀବନ ରକ୍ଷା ଅସମ୍ଭବ ହୋଇପଡ଼େ। ୧୯୦୯ ମସିହାରେ ଆସି ଦେଖେଁ, ନଦୀ ବକ୍ଷ ପ୍ରାୟ ଶୁଷ୍କ। ବାଲି ପୋତି ହୋଇଛି। ସେହି ଦିନରୁ କାଠଯୋଡ଼ି ନଦୀରେ କଟକବାସୀଙ୍କର ଜଳାଭାବ ହୋଇଅଛି। ପ୍ରାୟ ପ୍ରତିବର୍ଷ ବର୍ଷା ଋତୁର ଆରମ୍ଭରେ କଟକରେ କଲେରା ହୁଏ ଓ ତହିଁରେ ଛାତ୍ରାବାସର ଜଣେ ଦୁଇଜଣ ଛାତ୍ରଙ୍କ ମୃତ୍ୟୁ ହୁଏ। ଏହାର ପ୍ରକୋପରେ ବର୍ଷେ ବର୍ଷେ କଲେଜ ଦୀର୍ଘ କାଳ ପର୍ଯ୍ୟନ୍ତ ବନ୍ଦ ହୋଇଯାଏ।

ସେହି ସମୟରେ ଜିନିଷ ପତ୍ର ଏତେ ଶସ୍ତା ଥିଲା ଯେ ସାଧାରଣ କଲେଜ ଛାତ୍ରର ଟ ୧୫ରୁ ଅଧିକ ଖର୍ଚ୍ଚ ହେଉ ନଥିଲା। ଅବଶ୍ୟ ଆଜିକାଲି ପିଲାଙ୍କ ପରି ଆମ୍ଭେମାନେ ବିଳାସୀ ନଥିଲୁ। ସେତେବେଳେ ଏତେଗୁଡ଼ିଏ ବିଳାସର ସାମଗ୍ରୀ ମଧ୍ୟ ବଜାରକୁ ଆସୁନଥିଲା। ଥିଏଟର ସିନେମା ନଥିଲା, ଦେଶରେ ଚିତ୍ତବିନୋଦନର ସାମଗ୍ରୀ ଥିଲା ପାଲା, ସୁଆଙ୍ଗ, ଯାତ୍ରା ପ୍ରଭୃତି। ହରହରି ଘାଟରେ ବାଦୀ ପାଲାରେ ବସିଲେ ଛାଡ଼ି ଆସିବାକୁ ମନ ହୁଏ ନାହିଁ। ବାସ୍ତବରେ ଉତ୍କଳର ପାଲାବାଲାମାନେ ପୁରାତନ ଓଡ଼ିଆ ସାହିତ୍ୟକୁ ସଜୀବ କରି ରଖିଅଛନ୍ତି। କେତେକ ପାଲାବାଲାଙ୍କ ତତ୍କାଳୀନ କବିତା ରଚନାରେ ମୁଗ୍ଧ ହେବାକୁ ହୁଏ।

ଏହି ଅମୂଲ୍ୟ ଅନୁଷ୍ଠାନକୁ ସମୁତ୍ସାହିତ କରି ରଖିବା ଦେଶବାସୀଙ୍କ କର୍ତ୍ତବ୍ୟ।

ଆମ୍ଭମାନଙ୍କ ସଙ୍ଗେ କେତେକ ଧନୀ ଛାତ୍ର ମଧ୍ୟ ଛାତ୍ରାବାସରେ ରହୁଥିଲେ। ସେମାନଙ୍କର ଅଭ୍ୟାସ ସୁଦ୍ଧା ସାଧାରଣ ଛାତ୍ରଙ୍କ ତୁଲ୍ୟ ଥିଲା। ମେସ୍ ଛାତ୍ରମାନଙ୍କଦ୍ୱାରା ପରିଚାଳିତ ହେଉଥିଲା। ମେସ୍ ଖର୍ଚ୍ଚ ମାସକୁ ଛଅ ଟଙ୍କାରୁ ଅଧିକ ହେଉ ନଥିଲା। ଏହି ଖର୍ଚ୍ଚ ବାହାରେ କଲେଜ ଫି ମାସକୁ ଚାରି ଟଙ୍କା, ଛାତ୍ରାବାସର ଭଡ଼ା ଟଙ୍କାଏ। ଏପରି ମୋଟ ଏଗାର ଟଙ୍କା। ଏହା ଛଡ଼ା କଲେଜରେ ଆଉ କୌଣସି ଖର୍ଚ୍ଚ ନ ଥାଏ। ଅବଶିଷ୍ଟ ଚାରିଟଙ୍କା କଲଖିଆ ଆଦି ସକାଶେ ଯଥେଷ୍ଟ ହେଉଥିଲା। ପୂଝାରୀ ଚାକରଙ୍କ ଦରମା ଦୁଇ ଟଙ୍କା ଲେଖାଏଁ। ଉତ୍କୃଷ୍ଟ ପାଚକ ନାରାୟଣ ପୂଝାରୀର ଦରମା ତିନିଟଙ୍କା। ଚାନ୍ଦନୀଚୌକର ହରିଆ ଧୋବା ନିଏ କୋଡ଼ିକୁ ଦୁଇ ଅଣା। ପୋଷ୍ଟକାର୍ଡ ଗୋଟିକୁ ପଇସାଏ ଓ ଲଫାପା ଗୋଟିକ ଦୁଇ ପଇସା। ଧୋତି ଖଣ୍ଡକୁ ବାର ଚଉଦଅଣା, କମିଜ ଖଣ୍ଡକୁ ଟଙ୍କାଏ।

୧୯୦୫ ମସିହା ଅକ୍ଟୋବର ମାସ ୧୬ ତାରିଖ ଓଡ଼ିଶାର ଇତିହାସରେ ଏକ ସ୍ମରଣୀୟ ଦିବସ। ବହୁ କାଳରୁ ମାତୃ ଅଙ୍ଗରୁ ବିଚ୍ଛିନ୍ନ ସମ୍ବଲପୁର ଜିଲ୍ଲା ଏହି ଦିନ ଓଡ଼ିଶା ସହିତ ମିଳିତ ହୋଇଥିଲା। ଏହି ଦିନ ବଙ୍ଗ ପ୍ରଦେଶର ଅଙ୍ଗଚ୍ଛେଦ ମଧ୍ୟ ହୋଇ ଥିଲା। ଅତି ପ୍ରତ୍ୟୁଷରେ ଦଳେ ବଙ୍ଗାଳୀ ଯୁବକ ଆମ୍ଭମାନଙ୍କର ଛାତ୍ରାବାସକୁ ଆସି ଆମ୍ଭମାନଙ୍କର ହାତରେ ଗୋଟିଏ ଲେଖାଏଁ ରାକ୍ଷି ବାନ୍ଧି ଦେଇଗଲେ ଓ କହିଲେ, ସେମାନଙ୍କ ସହିତ ନଗ୍ନପଦରେ ସ୍ନାନ କରିବାକୁ ଯିବାକୁ ହେବ ଓ ଦିନ ଯାକ ଉପବାସରେ ରହିବାକୁ ହେବ। ସେମାନଙ୍କର ଆଗରେ ନୀଳକଣ୍ଠ ଦାସେ ଥିଲେ ଓ ବଙ୍ଗୀୟ ଭ୍ରାତାମାନଙ୍କ ପ୍ରତି ସହାନୁଭୂତି ପ୍ରକାଶ କରି ସେମାନଙ୍କ ସହିତ ତନ୍ମୁହୂର୍ତ୍ତରେ ମହାନଦୀକୁ ସ୍ନାନାର୍ଥେ ଅନୁସରଣ କରିବା ସକାଶେ କହିଲେ। ମୁଁ କହିଲି, "ବଙ୍ଗୀୟ ଭ୍ରାତାମାନଙ୍କ ଦୁଃଖରେ ଆମ୍ଭେମାନେ ମଧ୍ୟ ଦୁଃଖୀ। କିନ୍ତୁ ସେହି ଦିନ ସମ୍ବଲପୁର ଓଡ଼ିଶା ସହିତ ମିଳିତ ହୋଇଥିବାରୁ ଆମ୍ଭେମାନେ ଉକ୍ତ ମିଳନୋତ୍ସବ ପାଳନ କରିବୁଁ।" ନୀଳକଣ୍ଠ ଦାସେ ଆମ୍ଭମାନଙ୍କ ପ୍ରତି ବିରକ୍ତି ପ୍ରକାଶ କଲେ ଓ କଟୂକ୍ତିମାନ ପ୍ରୟୋଗ କରି ଆମ୍ଭମାନଙ୍କ ପାଳିତ ଉତ୍ସବରେ ଯୋଗ ଦେଲେନାହିଁ। ସକାଳେ ଆମ୍ଭେମାନେ ମହାନଦୀରେ ସ୍ନାନ କରି ଗଡ଼ଗଡ଼ିଆ ମହାଦେବ ଓ କଟକ ଚଣ୍ଡୀକୁ ଭୋଗ ଦେଇ ଦର୍ଶନ କଲୁ ଏବଂ ଭୋଜି ଓ ସଙ୍ଗୀତରେ ରାତ୍ରିଯାପନ କଲୁଁ। ପରଦିନ ସକାଳେ ଶୁଣିଲୁ, ବଙ୍ଗାଳୀ ହଷ୍ଟେଲ୍ ସୁପରିଣ୍ଟେଣ୍ଡେଣ୍ଟ୍‌ଙ୍କ ବିରୁଦ୍ଧରେ ରାତ୍ରିର ହଷ୍ଟେଲରେ ଗୋଳମାଳ କରିଥିବା ଅଭିଯୋଗରେ ସମ୍ବଲପୁର ଛାତ୍ରମାନଙ୍କୁ ଟଙ୍କାଏ ଲେଖାଏଁ ଜୋରିମାନା ହୋଇଛି। ଅବଶ୍ୟ ଆମ୍ଭମାନଙ୍କ ପ୍ରତିବାଦରେ ପରେ ତାହା କଟିଗଲା।

ବଙ୍ଗର ଅଙ୍ଗ ବ୍ୟବଚ୍ଛେଦଯୋଗୁଁ ସେହି ପ୍ରଦେଶର ପ୍ରବଳ ଜନ ଆନ୍ଦୋଳନର ହାୱା ଓଡ଼ିଶାକୁ ମଧ୍ୟ ନଆସି ରହିପାରିନଥିଲା। ଦଳ ଦଳ ବଙ୍ଗାଳୀ ଆସି ଓଡ଼ିଶାବାସୀଙ୍କ ସହାନୁଭୂତି ଆକର୍ଷଣ କରିବାକୁ ଲାଗିଲେ। ଏମାନଙ୍କ ମଧ୍ୟରେ ଛାତ୍ର ସଂଖ୍ୟା ଅଧିକ। ବଙ୍ଗ ଦେଶର ଛାତ୍ରମାନଙ୍କୁ ଅନୁକରଣ କରି ଓଡ଼ିଆ ଛାତ୍ରମାନେ ମଧ୍ୟ ଏହି ଆନ୍ଦୋଳନଜନିତ ସ୍ୱଦେଶପ୍ରେମିକତାରେ ପ୍ରଣୋଦିତ ହେବାକୁ ଲାଗିଲେ।

ବିଲାତି ଦ୍ରବ୍ୟ ବର୍ଜନ ଭାରତବର୍ଷରେ ଇଂରେଜମାନଙ୍କ ବିରୁଦ୍ଧରେ ପ୍ରଯୁକ୍ତ ମୁଖ୍ୟ ନୀତି ରୂପେ ଗୃହୀତ ହେଲା। ଦଳ ଦଳ ବଙ୍ଗାଳୀ ଯୁବକ ଆସି ଏହି ନୀତି ଓଡ଼ିଶାରେ ପ୍ରଚାର କରିବାକୁ ଲାଗିଲେ। ଏହି ଦିନରୁ ଏହା ସ୍ୱଦେଶୀ ଆନ୍ଦୋଳନ ନାମରେ ଖ୍ୟାତ ହେଲା। ଯେଉଁ ତନ୍ତୀମାନେ ନିଜ ନିଜ ବ୍ୟବସାୟ ପରିତ୍ୟାଗ କରି ଅନ୍ୟ ବ୍ୟବସାୟ ଗ୍ରହଣ ପୂର୍ବକ ଗୃହତ୍ୟାଗ କରିଥିଲେ ସେମାନେ ଘରକୁ ଫେରି ଆସି ବର୍ତ୍ତମାନ ଲୁଗା ବୁଣିବାକୁ ଲାଗିଲେ। କଟକର ଲୁଗା ଦୋକାନମାନେ ସ୍ୱଦେଶୀ ବସ୍ତ୍ରରେ ପୂର୍ଣ୍ଣ ହୋଇଗଲା। ଛାତ୍ର ମଣ୍ଡଳୀ ସ୍ୱଦେଶୀ ବସ୍ତ୍ର ବ୍ୟବହାର କରିବାରେ ଅଗ୍ରଣୀ ହେଲେ। ଆମ୍ଭମାନଙ୍କ ଛାତ୍ରାବାସସ୍ଥ ଜଣେ ଦୁଇଜଣ ଏ ସମ୍ପର୍କରେ ନେତୃତ୍ୱ ଗ୍ରହଣ କଲେ। ଛାତ୍ରାବାସସ୍ଥ ପ୍ରତ୍ୟେକ ଛାତ୍ରଠାରୁ ଯାଇ କେହି ବିଲାତି ବସ୍ତ୍ର ବ୍ୟବହାର କରୁଛି କି ନାହିଁ, ପରୀକ୍ଷା କରୁଥିଲେ ଓ କାହାରିଠାରେ ବିଲାତି ବସ୍ତ୍ର ଦେଖିଲେ ତୀବ୍ର ଭାଷାରେ ତାହାକୁ ତିରସ୍କାର କରୁଥିଲେ। ସ୍ୱଦେଶୀ ବସ୍ତ୍ର ସହିତ ଅନ୍ୟାନ୍ୟ ସ୍ୱଦେଶୀ ଦ୍ରବ୍ୟର ବ୍ୟବହାର ମଧ୍ୟ ବୃଦ୍ଧି ହେବାକୁ ଲାଗିଲା। ତଦାନୀନ୍ତନ ଭାରତର ବଡ଼ଲାଟ ଲର୍ଡ କର୍ଜନ ବଙ୍ଗର ଅଙ୍ଗଚ୍ଛେଦ ବ୍ୟବସ୍ଥା କରି ବଙ୍ଗ ଦେଶ ତଥା ଭାରତବର୍ଷରେ ଯେଉଁ ସ୍ୱଦେଶୀପ୍ରେମିକତା ବୀଜ ବପନ କରିଦେଲେ ସେହି ସକାଶେ ଭାରତବାସୀ ତାଙ୍କ ପ୍ରତି ଚିରକୃତଜ୍ଞ। ବଙ୍ଗର ଅଙ୍ଗଚ୍ଛେଦ ଭାରତବର୍ଷ ପକ୍ଷରେ ପ୍ରକାରାନ୍ତରେ ମଙ୍ଗଳକାର ହୋଇଥିଲା। ତାହା ବୋଧହୁଏ ଈଶ୍ୱରପ୍ରେରିତ। ତାହା ହୋଇ ନଥିଲେ ଇଂରେଜ-ସଭ୍ୟତାନୁରକ୍ତ ବଙ୍ଗାଳୀଙ୍କ ମତିଗତି ସ୍ୱଦେଶ ପ୍ରତି ଫେରି ନଥାନ୍ତା। ସେହି ସମୟର ବଙ୍ଗ ଦେଶସ୍ଥ ଶିକ୍ଷିତ ସମ୍ପ୍ରଦାୟର ମତିଗତି ପ୍ରତି ସୂକ୍ଷ୍ମ ଭାବରେ ନିରୀକ୍ଷଣ କଲେ ଅନୁଭବ କରିବାକୁ ହେଉଥିଲା ଯେ ପଲାସି ଯୁଦ୍ଧ ପରେ ପରେ ଇଂରେଜମାନେ କଲିକତା ସହରରେ ରାଜଧାନୀ ସ୍ଥାପନ କରି ଯେପରି ଭାବରେ ନିଜ ଆସ୍ଥାନ ଦୃଢ଼ୀଭୂତ କଲେ ଶିକ୍ଷିତ ବଙ୍ଗାଳୀ ସେମାନଙ୍କ ହାବ ଭାବ, ଆଦବ କାଇଦା ଅନୁକରଣ କରି ଏକାବେଳକେ ସାହେବ ପାଲଟିଗଲେ। ଅନେକ ବିଶିଷ୍ଟ ଶିକ୍ଷିତ ବ୍ୟକ୍ତି ମଧ୍ୟ ଖ୍ରୀଷ୍ଟଧର୍ମ ଗ୍ରହଣ କଲେ। ଶୁଭ ଯୋଗରେ ବଙ୍ଗର ଅଙ୍ଗଚ୍ଛେଦ ସେମାନଙ୍କ ମୋହ ଦୂର କରିବାରେ ସହାୟ ହୋଇଥିଲା। କ୍ରମେ

ସେମାନେ ଜାଗ୍ରତ ହେଲେ ଓ ଭାରତରେ ସ୍ୱାଧୀନତାର ମୂଳ ପତ୍ତନ ସ୍ଥାପନ କରି ଭୀଷଣ ସଂଗ୍ରାମରେ ଝାମ୍ପ ପ୍ରଦାନକଲେ ।

ଦିନେ ଓଡ଼ିଶାର ତଦାନୀନ୍ତନ କମିସନର Greer ସାହେବ (R.T.Greer I.C.S) ଆମ୍ଭମାନଙ୍କର ଛାତ୍ରାବାସରେ ହଠାତ୍ ଆସି ଉପସ୍ଥିତ ହେଲେ ଓ ତାଙ୍କ ସଙ୍ଗେ ଆସିଥିବା କଟକର ଜଣକେତେ ହାକିମ ପ୍ରତ୍ୟେକ ଛାତ୍ରଙ୍କ ଜିନିଷପତ୍ର ତଲାସ କଲେ । କିନ୍ତୁ ଆପତ୍ତିଜନକ କୌଣସି ଦ୍ରବ୍ୟ ପାଇଲେ ନାହିଁ । ପରେ ଶୁଣାଗଲା ଜଣେ ବଙ୍ଗାଳୀ ଅଧ୍ୟାପକଙ୍କ ପ୍ରରୋଚନା ଏହି ତଲାସର କାରଣ । ସ୍ୱଦେଶୀ ଆନ୍ଦୋଳନର ସୁବିଧା ନେଇ ଆଧ୍ୟାପକ ମହାଶୟ କଟକର ଇଂରେଜୀ ଜିଲ୍ଲା ମାଜିଷ୍ଟ୍ରେଟ ଓ କମିସନରଙ୍କ ସହିତ ଘନ ଘନ ସାକ୍ଷାତ୍ କରି କଲେଜ ଛାତ୍ରଙ୍କ ନାମରେ ଚୁଗୁଲି କରନ୍ତି । ତାଙ୍କୁ ଏହି ଅବିମୃଶ୍ୟକାରିତାର ସଦ୍ୟ ଫଳଭୋଗ କରିବାକୁ ହୋଇଥିଲା । ବଦଳି ହୋଇ ଅବିଳମ୍ବେ ତାଙ୍କୁ କଟକ ତ୍ୟାଗ କରିବାକୁ ହୋଇଥିଲା ।

Greer ସାହେବଙ୍କ ପୂର୍ବେ ଓଡ଼ିଶାର କମିସନର ଥିଲେ କେ.କି.ଗୁପ୍ତ ଓ ତାହାଙ୍କ ପୂର୍ବେ ଥିଲେ ସୁନାମଧନ୍ୟ ଇଂରେଜ ଓ ବଙ୍ଗ ସାହିତ୍ୟବିତ୍ ଓ ଐତିହାସିକ ରମେଶଚନ୍ଦ୍ର ଦତ୍ତ । କଟକ ଲାଲବାଗସ୍ଥ କମିସନର କୋଠି ୧୯୩୬ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶରେ ପରିଣତ ହେବା ଦିନଠାରୁ ଓଡ଼ିଶା ରାଜ୍ୟପାଳଙ୍କ ରାଜଭବନ ହେଲା । ସେହି ସମୟରେ ଓଡ଼ିଶା ବଙ୍ଗ ପ୍ରଦେଶ ସହିତ ସମ୍ମିଳିତ ଥିଲା । ବଙ୍ଗ, ବିହାର ଓ ଓଡ଼ିଶା ମିଶି ଏକ ପ୍ରଦେଶ ଥିଲା । ୧୯୧୧ ମସିହାରେ ବଙ୍ଗ ପ୍ରଦେଶରୁ ବିହାର ଓ ଓଡ଼ିଶା ବିଚ୍ଛିନ୍ନ ହୋଇ ଏକ ସ୍ୱତନ୍ତ୍ର ପ୍ରଦେଶ ହେଲା । ବଙ୍ଗ ପ୍ରଦେଶ ସହିତ ଓଡ଼ିଶା ସମ୍ମିଳିତ ଥିବା ସମୟରେ ୧୯୦୬ ମସିହା ପର୍ଯ୍ୟନ୍ତ କମିସନର ଓଡ଼ିଶା ଗଡ଼ଜାତ ମାହାଲର ସୁପରିଣ୍ଟେଣ୍ଡେଣ୍ଟ୍ ଥିଲେ । ବର୍ଷରେ ଥରେ ଯାଇ କେତେକ ଗଡ଼ଜାତ ରାଜ୍ୟ ବୁଲି ଆସନ୍ତି । ପ୍ରତ୍ୟକ୍ଷ ଶାସନ ପରିଦର୍ଶନ ସକାଶେ ଜଣେ ଡେପୁଟି କଲେକ୍ଟର ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ପଦରେ ରହିଥାନ୍ତି । ମୁଁ କଟକରେ କଲେଜରେ ପଢୁଥିବା ସମୟରେ ଏହି ପଦରେ ଥିଲେ ଡେପୁଟି କଲେକ୍ଟର ସୁଦାମଚରଣ ନାୟକ । ଗଡ଼ଜାତ ରାଜାମାନେ ତାଙ୍କ ଦର୍ଶନ ଲାଳସାରେ ଉପସ୍ଥିତ ହୋଇଥାନ୍ତି । କେତେକ ବଡ଼ ବଡ଼ ରାଜ୍ୟର ରାଜାମାନଙ୍କୁ ସୁଦ୍ଧା ମୁଁ ତାଙ୍କ ଘରେ ବସିଥିବା ଦେଖିଛି ।

କମିସନର ରମେଶଚନ୍ଦ୍ର ଦତ୍ତ ଯେଉଁ ଗଡ଼ଜାତକୁ ଯାଇ ବୁଲି ଆସନ୍ତି, ଫେରିଲା ପରେ ସେହି ସ୍ଥାନର ଇତିହାସ ସମାଜ ପ୍ରଭୃତି ବିଷୟରେ ଇଂରେଜୀରେ ପ୍ରବନ୍ଧମାନ ସମ୍ବାଦପତ୍ରରେ ପ୍ରକାଶ କରନ୍ତି । ଏହିପରି ଗୋଟିଏ ବିଷୟ ମୋର ମନେହେଉଛି । ସେ ଲେଖିଥିଲେ, ଦଶପଲ୍ଲା ଭ୍ରମଣରେ ଯାଇଥିବା ସମୟରେ ଜଣକେତେ ପଇତା ପକାଇଥିବା ଗଣ୍ଡ ଜାତୀୟ ଲୋକଙ୍କୁ ବ୍ରାହ୍ମଣ ମନେକରି ନମସ୍କାର କରିଥିଲେ ଓ ପରେ ନିଜ ଭ୍ରମ ବୁଝିପାରିଥିଲେ । ୧୯୦୫ ମସିହାରେ ସମ୍ବଲପୁର ସହିତ ମଧ୍ୟ ପ୍ରଦେଶରେ ଥିବା ପାଟଣା ସୋନପୁର, କଳାହାଣ୍ଡି, ବାମଣ୍ଡା ଓ ରେଢ଼ାଖୋଲ ରାଜ୍ୟମାନ ଓଡ଼ିଶା ସହିତ ମିଳିତ ହେବାରୁ ଏ ସମସ୍ତ ଗଡ଼ଜାତ ସହ ଓଡ଼ିଶାର କମିସନରଙ୍କ ଅଧୀନରେ ଥିବା ରାଜ୍ୟମାନ ଜଣେ ସ୍ୱତନ୍ତ୍ର ପଲିଟିକାଲ ଏଜେଣ୍ଟଙ୍କ ତତ୍ତ୍ୱାବଧାନରେ ରହିଲା ।

ହରେକୃଷ୍ଣ ମହତାବ

କଲେଜରେ ସେକେଣ୍ଡ ଇୟରରେ ପଢ଼ିବାବେଳେ ନବକୃଷ୍ଣ ଚୌଧୁରୀ, ପ୍ରହ୍ଲାଦ ସାହୁ ଏମାନଙ୍କ ସହିତ ଆଳାପ ପରିଚୟ ହୁଏ। ପ୍ରହ୍ଲାଦ ସାହୁ ଆମ ମେସ୍‌ରେ ରହି କଲେଜରେ ପଢୁଥିଲେ। ନବକୃଷ୍ଣ ଚୌଧୁରୀ ଆମ ମେସ୍‌ରେ ଅଧିକାଂଶ ସମୟ କଟାଉଥିଲେ। ସାଧାରଣ ଜୀବନର ବାହାରେ କିଛି କରିବାକୁ ହେବ, ଏହା ହିଁ ଆମର ଧ୍ୟେୟ ଥିଲା। କଲେଜରେ ଆମେ ପଢୁଥିଲେ ମଧ୍ୟ କଲେଜ ଜୀବନ ସହିତ ଆମର ସମ୍ପର୍କ ନଥିଲା କହିଲେ ଚଳେ। ଆମ ନିଜ ନିଜ ଭିତରେ ଆମେ ନାନାପ୍ରକାର ରାଜନୀତିକ ଓ ଅନ୍ୟ ଉଚ୍ଚ ଆଲୋଚନା କରୁଥିଲୁ। ସେତେବେଳେ ଏନି ବେସାନ୍ତଙ୍କଦ୍ୱାରା ସମ୍ପାଦିତ "ନିଉ ଇଣ୍ଡିଆ" ନାମ ଦୈନିକ କାଗଜର ଗ୍ରାହକ ହୋଇ ତାକୁ ନିୟମିତ ଭାବରେ ପଢୁଥିଲୁ। ମୋର ଯେତେଦୂର ଧାରଣା, କଲେଜରେ ଏ କାଗଜ କେହି ତ ପଢୁ ନଥିଲେ, ବାହାରେ ମଧ୍ୟ ଏହାର ଆଲୋଚନା ଖୁବ୍ କମ୍ ଥିଲା। କଲେଜ ଲାଇବ୍ରେରୀରୁ ନାନାପ୍ରକାର ବହି ଆଣି ପଢୁଥିଲୁ। ଆମ୍ଭେମାନେ ନିଜକୁ ନିଜେ ଫ୍ରି ଥିଙ୍କରସ୍ ବା ସ୍ୱାଧୀନ ଚିନ୍ତା କରୁଥିବା ବ୍ୟକ୍ତି ବୋଲି ଭାବୁଥିଲୁ ଓ କହୁଥିଲୁ। ସାଧାରଣଙ୍କର ମତ ଅନୁସାରେ ଚଳିବା ଏକ ପ୍ରକାର ଦୁର୍ବଳତା, ନିଜେ ଯାହା ଠିକ୍ ଭାବିବ ତଦନୁସାରେ ସାଧାରଣଙ୍କ ମତ ଗଠନ କରିବା ହିଁ ହେଉଛି ସାମର୍ଥ୍ୟ-ଏହା ଆମର ସିଦ୍ଧାନ୍ତ ଥିଲା ଓ ଏହି ଅନୁସାରେ ଆମେ ମଧ୍ୟ ଚଳୁଥିଲୁଁ। ନିଜକୁ 'ବୀର' କରିବାପାଇଁ; ଅର୍ଥାତ୍ ସାଧାରଣଙ୍କ ମତକୁ ଭୟ ନ କରି ନିଜ ମତରେ ସାହସ ସହକାରେ ଚଳିବାର ଅଭ୍ୟାସ କରିବାପାଇଁ ନାନାପ୍ରକାର ପନ୍ଥା ଆମେ ଅବଲମ୍ବନ କରିଥିଲୁ। ଦିନାକେତେ ନବକୃଷ୍ଣ ଚୌଧୁରୀ ଏକ ବରଡ଼ା ଛତା ନେଇ କଲେଜକୁ ଯାଉଥିଲେ। ଅନ୍ୟ ପିଲାମାନେ ହସନ୍ତି, ଥଟ୍ଟା କରନ୍ତି। ଏଇଥିରେ ଆମେ ଖୁସି ହେଉ ଯେ, ଆମେ ସେମାନଙ୍କ ମତକୁ ଭ୍ରୂକ୍ଷେପ କରୁ ନା। ସେତେବେଳେ ଅଧ୍ୟାପକ ଯୋଗେଶଚନ୍ଦ୍ର ବୋଷ, ଯେ କି ବଟାନୀ ପଢ଼ାଉଥିଲେ ମଧ୍ୟ ନାନାପ୍ରକାର ଗବେଷଣା ନିଜେ କରି କଲେଜରେ ଏକ ବୈଜ୍ଞାନିକ ବାୟୁମଣ୍ଡଳ ବଜାୟ ରଖିଥିଲେ, ଥରେ ସେ କହିଲେ ଯେ, ଟସର ଲୁଗା ପିନ୍ଧିବାର ଅନେକ ଭଲ ଗୁଣ ଅଛି। ତା'ପରେ ମୁଁ ମଠା ଲୁଗା ପିନ୍ଧି କଲେଜକୁ ଯିବାରେ ଲାଗିଲି, ସମସ୍ତେ ଦେଖି ହସନ୍ତି। ସେଇଥିରେ ଆମର ଆନନ୍ଦ। ଅନ୍ୟର ମତକୁ କେତେଦୂର ଖାତିର୍ ନ କରି ପାରୁଛି, ଏହା ପରୀକ୍ଷା କରିବାପାଇଁ ଅନେକଥର ରାମାନନ୍ଦି ତିଳକ କାଟି ମୁଁ କଲେଜକୁ ଯାଇଛି ଓ ସାହସ ସହକାରେ ନାନାପ୍ରକାର ବିଦ୍ରୂପ ସହ୍ୟ କରିଛି। ଥରେ ଆମେ ତିନିଜଣ ଚୌଧୁରୀ ବଜାର ଭିତରେ ଗଲାବେଳେ ଆମର ସ୍ୱାଧୀନ ଚିନ୍ତା ବିଷୟରେ କଥାବାର୍ତ୍ତା ହେଉଥାଏ। ଅନ୍ୟର ତିରସ୍କାର, ବିଦ୍ରୂପ ଓ ତା'ର ମତ ପ୍ରତି କେତେଦୂର ଆମେ ବେପରବାୟ, ତାହା ପରୀକ୍ଷା କରିବାର କଥା ଉଠିଲା। ନାନାପ୍ରକାର ପ୍ରସ୍ତାବ ଭିତରେ ଗୋଟିଏ ପ୍ରସ୍ତାବ ହେଲା ଯେ, ପାନଦୋକାନରେ ଖଟା ମିଳିବ କି ନା ପଚରାଯାଉ ଓ ପାନଦୋକାନୀ ଯାହା କହୁ ପଛକେ ତାକୁ ବାରମ୍ବାର ଖଟା ମଗାଯାଉ। ମୋର ମନେ ଅଛି, ମୁଁ ଯାଇ ଏକ ପାନଦୋକାନୀକୁ ଖଟା ବାରମ୍ବାର ଜିଦ୍ କରି ମାଗିବାରେ ସେ ବିରକ୍ତ ହୋଇ ଗାଳି ଦେଇଥିଲା। ସେଇଥିରେ ଆମେ ଖୁସି ହୋଇ ଚାଲିଗଲୁ। ଫାଷ୍ଟ ଇୟରରେ ପଢୁଥିବା ସମୟରେ ମୋର ମନ ହେଲା କୁସ୍ତି ଶିଖିବା ପାଇଁ। ସେତେବେଳେ କଟକରେ ବନା ପହିଲୁଆନ୍ ପ୍ରସିଦ୍ଧ। ତାଙ୍କର ଆଖଡ଼ା ଥାଏ ଟାଉନ୍‌ହଲରେ। ରାତି ଚାରିଟାରୁ ଉଠି କୁସ୍ତି କସରତ ଶିଖିବାପାଇଁ ମୁଁ ସେଠାକୁ ଯାଉଥିଲି। ଥରେ ଗୋଟିଏ ପେଞ୍ଚ ଶିଖୁ ଶିଖୁ ଏପରି ଭାବରେ ପଡ଼ିଗଲି ଯେ, କିଛି ସମୟ ପାଇଁ ଅଚେତନ ହୋଇଗଲି। ତା'ପରେ କୁସ୍ତି ଶିକ୍ଷା ଛାଡ଼ିଦେଲି।

ବୋଧହୁଏ ସେତେବେଳେ ସେକେଣ୍ଡ ଇୟରରେ ପଢୁଥିଲି, ସେତେବେଳେ ମୋହନ ସି.ଆର୍.ଡ଼ି. ନାଇଡୁ ନାମକ ଜଣେ ସାଧକ ଆମ କଲେଜରେ ଏକ ବକ୍ତୃତା ଦେଇଥିଲେ। ନିଜର ଶକ୍ତି କିପରି ବଢ଼ାଇବାକୁ ହେବ, ନିଜର ଗୁପ୍ତ ଶକ୍ତିକୁ କିପରି ଜାଗ୍ରତ କରିବାକୁ ହେବ, ଏଥିପାଇଁ ପ୍ରାଣାୟାମ କିପରି ସାହାଯ୍ୟ କରେ ଇତ୍ୟାଦି ବିଷୟରେ ସେ ଏକ ସୁନ୍ଦର ଭାଷଣ ଦେଇ ଘୋଷଣା କରିଥିଲେ

ଯେ, ଯେଉଁମାନେ ଏସବୁ ବିଷୟ ତାଙ୍କଠାରୁ ଶିକ୍ଷା କରିବା ପାଇଁ ଇଚ୍ଛା କରନ୍ତି, ସେମାନଙ୍କୁ ସେ ଶିଖାଇବା ପାଇଁ ପ୍ରସ୍ତୁତ। ଖୁବ୍ କମ୍ ଛାତ୍ର ଶିଖିବାପାଇଁ ବାହାରିଥିଲେ। ତାଙ୍କ ଭିତରେ ନବକୃଷ୍ଣ ଚୌଧୁରୀ ଓ ମୁଁ ଥିଲୁଁ। କିଛିଦିନ ପରେ ଆମେ ଦୁଇଜଣ ହିଁ ତାଙ୍କଠାରୁ ଶିକ୍ଷା କରିବା ପାଇଁ ରହିଗଲୁ। ଆଉ ସମସ୍ତେ ଛାଡ଼ି ପଳିଲେ। ସେ ସମୟରେ ପ୍ରାଣାୟାମ ଶିଖିବାର ସୁଯୋଗ ମିଳିଥିଲା, ଆଉ ମଧ୍ୟ ନିଜ ଭିତରେ ଅନ୍ତର୍ନିହିତ ଶକ୍ତି ବଢ଼ାଇବାପାଇଁ ଏକ ପ୍ରବଳ ଅଭିଳାଷ ଜାଗ୍ରତ ହୋଇଥିଲା। "ମୁଁ ସାହସୀ", "ମୁଁ ସୁନ୍ଦର", "ମୁଁ ଜଣେ ବଡ଼ ମଣିଷ", "ମୋଦ୍ୱାରା ଜଗତର ବହୁ ମହତ୍ କାର୍ଯ୍ୟ ସାଧିତ ହେବ" ଇତ୍ୟାଦି ପ୍ରକାର ଚିନ୍ତାର ଧାରା ସେ ବତାଇଥିଲେ।

ମୋର ମନ ଯେଉଁଆଡ଼କୁ ଢଳିଥାଏ, ସେ ଦିଗରେ ଏ ସବୁ ଶିକ୍ଷା ସାହାଯ୍ୟ କରିଥିଲା। ଏହି ନାଇଡ଼ୁଙ୍କ ସାଙ୍ଗରେ ୧୯୧୦ ମସିହାର ସେପ୍ଟେମ୍ବର ମାସରେ ମହାତ୍ମା ଗାନ୍ଧିଙ୍କ ଅସହଯୋଗ ଆନ୍ଦୋଳନ ପ୍ରସ୍ତାବ ଆଲୋଚନା କରିବାପାଇଁ କଲିକତାରେ କଂଗ୍ରେସର ଯେଉଁ ବିଶେଷ ଅଧିବେଶନ ହୋଇଥିଲା, ସେଥିରେ ଦର୍ଶକ ଭାବରେ ଯୋଗ ଦେବାପାଇଁ ମୁଁ ଯାଇଥିଲି। ଏ ବିଷୟ ପରେ କହିବି।

ବର୍ତ୍ତମାନ ଆମ ମେସ୍ ଜୀବନ। ମେସ୍‌ରେ 'ମଳୟ' ନାମକ ଏକ ହାତଲେଖା ମାସିକ ପତ୍ରିକା ଆମେ ବାହାର କରୁଥିଲୁ। ଏଥିରେ ଭଦ୍ରକ ସ୍କୁଲରୁ ସହପାଠୀ ଉଦୟନାରାୟଣ ମହାନ୍ତି ଓ ଉପେନ୍ଦ୍ରପ୍ରସାଦ ମହାନ୍ତି ଖୁବ୍ ପରିଶ୍ରମ କରୁଥିଲେ। 'ଡଷ୍ଟବିନ୍' ନାମକ ଏକ ସାପ୍ତାହିକ ହାତଲେଖା ଇଂରେଜୀ ପତ୍ରିକା ମଧ୍ୟ ବାହାର କରୁଥିଲୁଁ। ତା'ର ଭାର ମୋ ଉପରେ ଥିଲା। କଲେଜର ମୁଖ୍ୟ ସ୍ରୋତଠାରୁ ଆମେ ଏତେ ଦୂରରେ ଥିଲୁ ଯେ, ଆମର ଏସବୁ କାର୍ଯ୍ୟ ଅଧିକାଂଶ ଛାତ୍ରଙ୍କୁ ଜଣା ନଥିଲା। ଆମେ ଯେପରି ଅନ୍ୟମାନଙ୍କୁ ହେୟଜ୍ଞାନ କରୁଥିଲୁ, ସମାଲୋଚନା କରୁଥିଲୁ, ସେମାନେ ମଧ୍ୟ ଆମକୁ ସେହିପରି ତୁଚ୍ଛ ମନେ କରୁଥିଲେ। ସାଧାରଣ କାର୍ଯ୍ୟ ଦିଗରେ ଉତ୍ସାହ ଓ ଅଧ୍ୟବସାୟ ଯେପରି ଥିଲା, କଲେଜ ପାଠ୍ୟ ଦିଗରେ ସେପରି ନଥିଲା। ତେଣୁ ପରୀକ୍ଷା ସମୟରେ ରାତି-ଦିନ ଲାଗି ଖୁବ୍ ପଢ଼ିବାକୁ ହେଉଥିଲା। ରାତି ରାତି ଉଜାଗର ହୋଇ ଯଥା କଥା କଲେଜ ପାଠ ପଢ଼ି ପରୀକ୍ଷାରେ ପାସ୍ କରିଯାଇଛି। ମୋ ଅଭିଜ୍ଞତାରୁ ମୁଁ ଜାଣେ, ପରୀକ୍ଷାରେ ପାସ୍ କରିବାପାଇଁ ଅନ୍ତତଃ ୧୫ଦିନ ରାତିଦିନ ପଢ଼ା ଆବଶ୍ୟକ। ଆଇ.ଏସ୍‌ସି. ପରୀକ୍ଷା ବେଳରୁ ମୂଳରୁ ନ ପଢ଼ି ଶେଷରେ ପରୀକ୍ଷାର ପନ୍ଦର କୋଡ଼ିଏ ଦିନ ଆଗର ଯେତେବେଳେ ଲାଗିପଡ଼ି କାମ ଆରମ୍ଭ କରେ, ତେତେବେଳେ ଅନେକ ସହପାଠୀ ଘୋଷଣା କରିଥିଲେ ଯେ, ମୁଁ ନିଶ୍ଚୟ ଫେଲ୍ ହେବି। ମୋର ନିଜର ମଧ୍ୟ ଶଙ୍କା ହୋଇଥିଲା; ମାତ୍ର ଦୈବାତ୍ ଦ୍ୱିତୀୟ ଶ୍ରେଣୀରେ ପାସ୍ କରିଯାଇ ନିଶ୍ୱାସ ମାରିଥିଲି।

ମୁଁ ଦେଖିଲି ଯେ, ବିଜ୍ଞାନ ନେଇ ରୀତିମତ ନ ପଢ଼ିଲେ ପାସ୍ କରିବା ସୁବିଧାଜନକ ନୁହେଁ। ତେଣୁ ଆଇ.ଏସ୍‌ସି. ପାସ୍ କରି ସାରିଲା ପରେ ପୁଣି ସଂସ୍କୃତ ପରୀକ୍ଷା ଦେଇ ବି.ଏ. ପଢ଼ିଲି। ସଂସ୍କୃତ ଓ ଅର୍ଥନୀତି ମୋର ଅଧ୍ୟୟନର ବିଷୟ ଥିଲା। ଏ ଦୁଇଥିରେ ମୁଁ ଭଲ କରୁଥିଲି। ସାମାନ୍ୟ ପଢ଼ାପଢ଼ିରେ ଶତକଡ଼ା ପଚାଶରୁ ଅଧିକ ନମ୍ବର ରଖିପାରୁଥିଲି। ସେତେବେଳେ ଅଧ୍ୟାପକଙ୍କ ଭିତରୁ ଗୋପାଳଚନ୍ଦ୍ର ଗାଙ୍ଗୁଲି, ବରଦାକାନ୍ତ ଗାଙ୍ଗୁଲି, ଆର୍ତ୍ତବଲ୍ଲଭ ମହାନ୍ତି ଏମାନେ ମୋତେ ବେଶ୍ ସୁଖ ପାଉଥିଲେ। ପଢ଼ାପଢ଼ିରେ ବେଶି ସମୟ ଦେବାପାଇଁ ପରାମର୍ଶ ଦେଉଥିଲେ। କଟକ ସହରରେ ପୋଲିସ ବା ଅନ୍ୟ କୌଣସି ସରକାରୀ କର୍ମଚାରୀ ଜୁଲମ କରୁଥିଲେ, ତାକୁ ସେତେବେଳେ 'ଉତ୍କଳ ଦୀପିକା'ରେ ଇଂରେଜୀରେ ଲେଖି ପ୍ରକାଶ କରୁଥିଲି। ସେତେବେଳକାର ଉତ୍କଳ ଦୀପିକା ଲେଖାସବୁ ଅଧେ ଇଂରେଜୀ ଓ ଅଧେ ଓଡ଼ିଆ ଥିଲା। ଏହି ସବୁ ଲେଖା ଯୋଗୁଁ ଛାତ୍ରମହଲରେ ଯେପରି ପରିହାସ ଶୁଣିବାକୁ ମିଳୁଥିଲା, ଅନ୍ୟ କେତେକଙ୍କ ମହଲରେ ପ୍ରଶଂସା ମଧ୍ୟ ମିଳୁଥିଲା।

ଭାରତସେବକ-ସମିତିର ସଭ୍ୟ ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ ଏହି ସମୟରେ କଟକରେ ଏକ ସେବାସମିତି ସ୍ଥାପନ କରିଥିଲେ। ସେଥିରେ ମୁଁ ଓ ମୋର ସଙ୍ଗୀମାନେ ଯୋଗ ଦେଇଥିଲୁ। ସେବା-ସମିତିରେ ବହୁ ବିଭାଗ ଥିଲା। ସମବାୟ ବିଭାଗର ଭାରରେ ମୁଁ ଥିଲି। ସମବାୟ-ନୀତିରେ ଗୋଟିଏ କାଗଜ ପେନ୍‌ସିଲ୍ ଦୋକାନ ମୁଁ ଖୋଲିଥିଲି। ଏହା ସୁନ୍ଦର ଚାଲିଥିଲା ଓ କୋଅପରେଟିଭ୍ ବିଭାଗର ଡେପୁଟି ଡାଇରେକ୍ଟର ଏ ଦୋକାନ ଦେଖିବାକୁ ଆସିଥିଲେ। ସେତେବେଳେ ଲକ୍ଷ୍ମୀନାରାୟଣ ବାବୁ ଆମକୁ କିପରି ଅଫିସ ରଖିବାକୁ ହୁଏ, କିପରି ରିପୋର୍ଟ ଲେଖିବାକୁ ହୁଏ, କିପରି ତଥ୍ୟ ସଂଗ୍ରହ କରିବାକୁ ହୁଏ ଇତ୍ୟାଦି ବହୁ ବିଷୟ ଶିଖାଇଥିଲେ। ଲକ୍ଷ୍ମୀନାରାୟଣ ବାବୁ ନିଜେ ବିସ୍ତୃତ ପରିଧି ମଧ୍ୟରେ ବିଚରଣ କରିବାର ସୁବିଧା ପାଇଥିବାରୁ ସେ ଆମକୁ ବିସ୍ତୃତ ପରିଧିର କଳ୍ପନାରେ ଖୁବ୍ ସାହାଯ୍ୟ କରିଥିଲେ। ସାଧାରଣ ଜୀବନ ବୋଲନ୍ତେ ଯାହା ବୁଝାଏ, ତାହା ଧାରଣା କରିବାର ସୁବିଧା ମୁଁ ତାଙ୍କଠାରୁ ପାଇଥିଲି।

ବୋଧହୁଏ ଥାର୍ଡ ଇୟରରେ ପଢ଼ିବାବେଳେ ମୋର ଚାକରଟିକୁ କଲେରା ହେଲା। ତା'ର ବହୁତ ସେବା ମୁଁ କରିଛି-ମାତ୍ର ସେ ମରିଗଲା। ତା ନାମ ମୋହନ ଥିଲା। ତା'ର ମୃତ୍ୟୁ ପରେ ଆମ ମେସ୍‌ର ନାମ 'ମୋହନ ମେସ୍' ହୋଇଥିଲା ଓ ତାହା ଶେଷ ପର୍ଯ୍ୟନ୍ତ ରହିଥିଲା।

୧୯୧୮ ମସିହାରେ କଟକର ଉତ୍କଳ ସମ୍ମିଳନୀର ଏକ ଅଧିବେଶନ ହୋଇଥିଲା। ସେଥିରେ ମୁଁ ସ୍ୱେଚ୍ଛାସେବକ ହୋଇଥିଲି। ସେହି ସମୟରେ ସେତେବେଳକାର ଓଡ଼ିଶାର ନେତା ମଧୁବାବୁ, ଯେ

କି ସମ୍ମିଳନୀର ସର୍ବେସର୍ବା ଥିଲେ, ତାଙ୍କଠାରୁ ବରାବର ଯିବା ଆସିବା କରୁଥିଲି। ତାଙ୍କର ଚିନ୍ତାର ଧାରା, ସାହସ ଓ ଉତ୍ସାହବାଣୀରେ ମୁଁ ଖୁବ୍ ଅନୁପ୍ରାଣିତ ହେଉଥିଲି। ଏପରିକି ଯେତେବେଳେ 'ଦି ଓରିୟା' ବୋଲି ଯେଉଁ ଇଂରେଜୀ ସାପ୍ତାହିକ ପତ୍ରିକା ସେ ବାହାର କରୁଥିଲେ, ତା'ର ଅନେକ ଲେଖା ମୁଁ ମୁଖସ୍ଥ କରି କେତେକକୁ ଲେଖି ଆମ ମେସ୍‌ରେ ଚାରିଆଡ଼େ ଟଙ୍ଗାଇଥିଲି। ଗୋଟିଏ ବାକ୍ୟ ଯାହା ବର୍ତ୍ତମାନ ସୁଦ୍ଧା ମୋ କାନରେ ଝଙ୍କାରୁଛି, ସେ ହେଉଛି- "Life blood of a people is not too dear a price to secure justice for their progeny." ବଂଶଧରମାନଙ୍କ ପାଇଁ ନ୍ୟାୟ୍ ହାସଲ କରିବାକୁ ହେଲେ ନିଜର ରକ୍ତ ଦାନ ସେଥିପାଇଁ ବେଶି କିଛି ବଡ଼ କଥା ନୁହେଁ। ଓଡ଼ିଶା ଦେଶ-ମିଶ୍ରଣ ଦାବି ସମ୍ପର୍କରେ ମଧୁବାବୁ ଏ କଥା କହିଥିଲେ। ସେ ସମ୍ପର୍କରେ ସେ ମଧ୍ୟ କହିଥିଲେ "History of Bengal should not be lost upon us." ଅର୍ଥାତ୍ ବଙ୍ଗଦେଶର ଇତିହାସରୁ ଆମର ଶିଖିବାର ଅଛି। ବଙ୍ଗଦେଶର ସ୍ୱବନ୍ଦେମାତରମ୍ଙ୍କ ଆନ୍ଦୋଳନରୁ ଓଡ଼ିଶାର ବହୁତ କିଛି ଶିଖିବାର ଅଛି, ଏ କଥା ମଧୁବାବୁ ବରାବର ଆମକୁ କହୁଥିଲେ। ଏ ସବୁ ଓଡ଼ିଶା ଦେଶମିଶ୍ରଣ ସମ୍ବନ୍ଧରେ କୁହାଯାଉଥିଲା। ମଧୁବାବୁଙ୍କ ସହିତ ଖୁବ୍ ନିକଟ ସମ୍ପର୍କରେ ଆସି ଦିନେ ହେଲେ ଦେଶର ସ୍ୱାଧୀନତା ଓ ସେଥିପାଇଁ ଜୀବନ ଦାନ, ଏ ସମ୍ବନ୍ଧରେ କିଛି ଶୁଣି ନାହିଁ। ସେତେବେଳେ ଓଡ଼ିଶାରେ ଏକମାତ୍ର ରାଜନୀତିକ ଚିନ୍ତା ଥାଏ, ଓଡ଼ିଆଭାଷୀ ପ୍ରଦେଶମାନଙ୍କ ଏକତ୍ରୀକରଣ ଓ ପଡ଼ୋଶୀ ବଙ୍ଗାଳୀମାନଙ୍କର ଔଦ୍ଧତ୍ୟରୁ ଆତ୍ମରକ୍ଷା।

ଆମ କଲେଜର ଯେଉଁମାନେ ବକ୍ତା, ସେମାନେ ମଧ୍ୟ ଏହି ଧାରାରେ ବକ୍ତୃତା ଦେଉଥିଲେ, ମାତ୍ର ଏ ସବୁ ଆମ ଦଳକୁ ଯୁଖ ଲାଗୁନଥାଏ। ରାଉଲଟ୍ ଆଇନ୍, ତା'ର ପ୍ରତିବାଦସ୍ୱରୂପ ସତ୍ୟାଗ୍ରହ, ପଞ୍ଜାବ ଅତ୍ୟାଚାର, ସ୍ୱାଧୀନତା-ପାଇଁ ପ୍ରାଣଦାନ, ତିଳକ, ଗାନ୍ଧି ପ୍ରଭୃତିଙ୍କର ଜୀବନ୍ତ ପ୍ରେରଣାମୟ ଉଦ୍‌ବୋଧନ, ଏ ସବୁ ଆମକୁ ଏତେ ଜୋରରେ ଆଘାତ କରୁଥାଏ ଯେ, ଆମେ ଓଡ଼ିଶାର ତତ୍କାଳୀନ ଚିନ୍ତାଧାରା ଭିତରେ ଶ୍ୱାସରୁଦ୍ଧ ହୋଇ ଯାଉଥାଉଁ ବୋଲି ମନେ ହେଉଥାଏ।

ସେତେବେଳେ ଆମ ଭିତରେ ସେହି କଥାବାର୍ତ୍ତା ହେଉଥିଲା ଏବଂ ବର୍ତ୍ତମାନ ମଧ୍ୟ ପଛକୁ ଅନାଇ ସେହିପରି ଅନୁଭବ କରୁଛି ଯେ, ଏକଲବ୍ୟ ଯେପରି ଏକ କାଳ୍ପନିକ ଗୁରୁଠାରୁ ଯୁଦ୍ଧବିଦ୍ୟା ଶିଖିଥିଲେ, ଆମେ ମଧ୍ୟ ସେହିରପି ବିନା ଗୁରୁରେ ରାଜନୀତି ଶିକ୍ଷା କରିଛୁ।

ପ୍ରାଣକୃଷ୍ଣ ପରିଜା

ମୁଁ କଟକ ରେଭେନ୍‌ସା କଲେଜରେ ଆଇ.ଏସ୍‌ସି. ପଢ଼ିଲି। ସେତେବେଳକୁ ଶ୍ରୀଯୁକ୍ତ ଆର୍.ସି ପ୍ରିନ୍‌ସିପାଲ ହୋଇ ଆସିଥାନ୍ତି। ସେ କେତେକ ଗଣିତ କ୍ଲାସ୍ ନେଉଥିଲେ। ଅନ୍ୟ ଗଣିତ ଅଧ୍ୟାପକ ଥିଲେ ଶ୍ରୀ ବଙ୍କିମ ଦାସ ବାନାର୍ଜୀ। କୌଣସି ଛାତ୍ରଙ୍କ ସହିତ ତାଙ୍କର ଥରେ ଦେଖାହେଲେ, ସବୁଦିନ ପାଇଁ ତାଙ୍କର ନାମ ମନେ ରଖି ପାରୁଥିଲେ। ସେ ଖୁବ୍ ଭଲ ଶିକ୍ଷକ ଥିଲେ। ଆମର ଇଂରାଜୀ ଅଧ୍ୟାପକ ଥିଲେ ଶ୍ରୀଗୋପାଳଚନ୍ଦ୍ର ଗାଙ୍ଗୁଲି ଓ ପଦାର୍ଥ ବିଜ୍ଞାନ ବିଭାଗ ଅଧ୍ୟାପକ ଥିଲେ ଶ୍ରୀ ରମେନ୍ଦ୍ର ନାଥ ଘୋଷ। ସେ ଅତି ଶାନ୍ତ-ଶିଷ୍ଟ, ସାଧା-ସିଧା ଲୋକ ଥିଲେ ଓ ଶିକ୍ଷକ ଭାବରେ ତାଙ୍କର ସୁନାମ ଥିଲା। ଛାତ୍ରମାନଙ୍କ ଆଗ୍ରହ ଜାତ କରାଇବାର କୌଶଳ ତାଙ୍କୁ ଜଣାଥିଲା। ଥରେ ଜଣେ ଛାତ୍ର ପଛ ବେଞ୍ଚରେ ବସି ଘୁମାଉଥିଲେ। ରମେନ୍ଦ୍ର ବାବୁ ଏହା ଦେଖିପାରି ଖୁବ୍ ବଡ଼ ପାଟିରେ କହିଲେ, 'ଯଦି 'କ' ପାଖରୁ ଶୋଇଥିବା ପିଲାପର୍ଯ୍ୟନ୍ତ ଏକ ରେଖା ଟଣାଯାଏ...'। ଅନ୍ୟ ପିଲାମାନେ ଠୋ ଠୋ ହୋଇ ହସିଉଠିଲେ ଓ ସୁପ୍ତ ଛାତ୍ରଙ୍କର ନିଦ ଭାଙ୍ଗିଗଲା। ବର୍ଷକ ମଧ୍ୟରେ ରମେନ୍ଦ୍ର ବାବୁ ବଦଳି ହୋଇଗଲେ। ତାଙ୍କ ସ୍ଥାନରେ ଆସିଲେ ଶ୍ରୀ ସତୀଶଚନ୍ଦ୍ର ରାୟ, ଜଣେ ଭଲ ବକ୍ତା ଓ ଶିକ୍ଷକ।

ଯୋଗେଶଚନ୍ଦ୍ର ବିଦ୍ୟାନିଧି

ଉଦ୍ଭିଦ ବିଜ୍ଞାନରେ ଆମର ଅଧ୍ୟାପକ ଥିଲେ ରାୟବାହାଦୁର ଯୋଗେଶଚନ୍ଦ୍ର ରାୟ ବିଦ୍ୟାନିଧି। ନୂଆ ଇଣ୍ଟରମିଡ଼ିଏଟ୍ ପାଠ୍ୟକ୍ରମ ପ୍ରଚଳିତ ହେବା ପୂର୍ବରୁ ଯୋଗେଶ ବାବୁ ପଦାର୍ଥ ବିଜ୍ଞାନ, ରସାୟନ ଶାସ୍ତ୍ର, ଉଦ୍ଭିଦ ବିଜ୍ଞାନ ଆଦି ବିଜ୍ଞାନର ସବୁ ବିଭାଗ ପଢ଼ାଉଥିଲେ। କିନ୍ତୁ ନୂଆ ପାଠ୍ୟକ୍ରମରେ ସେ କେବଳ ଉଦ୍ଭିଦ ବିଜ୍ଞାନ ପଢ଼ାଇଲେ। ତାଙ୍କର ଅଧ୍ୟାପନା ପ୍ରଣାଳୀ ସମ୍ପୂର୍ଣ୍ଣ ନୂତନ ଧରଣର ଥିଲା। ଉଦ୍ଭିଦ ବିଜ୍ଞାନ କ୍ଲାସ୍ ଅନ୍ୟ ପାଠ୍ୟକ୍ରମ ତୁଳନାରେ ଛୋଟ ଥିଲା, ତେଣୁ ତାଙ୍କର ପ୍ରଣାଳୀ ଖୁବ୍ ଫଳପ୍ରଦ ହେଉଥିଲା। ସେ ପ୍ରତ୍ୟେକ ଦୁଇଜଣ ଛାତ୍ରଙ୍କୁ ଖଣ୍ଡେ ଖଣ୍ଡେ ଛୋଟ କିଆରିରେ ମଞ୍ଜି ଲଗାଇବାପାଇଁ ଦେଇ ଦେଉଥିଲେ। ମଞ୍ଜିରୁ କିପରି ଗଛ ହେଉଛି ଓ ଗଛ କିପରି ବଢ଼ିଚି ତାହା ଅନୁଧ୍ୟାନ କରିବାପାଇଁ ସେ ଛାତ୍ରମାନଙ୍କୁ କହୁଥିଲେ। କାହାରି କିଛି ସନ୍ଦେହ ବା ଅସୁବିଧା ଥିଲେ, ସେ ନିଜେ କ୍ଷେତ୍ରକୁ ଆସି ବୁଝାଇ ଦେଉଥିଲେ। ଏହି ପ୍ରଣାଳୀ ଖୁବ୍ ଫଳପ୍ରଦ ଥିଲା। କିନ୍ତୁ ଏବେ ଗୋଟିଏ ଗୋଟିଏ ଶ୍ରେଣୀରେ ସେ ତୁଳନାରେ ବହୁସଂଖ୍ୟକ ଛାତ୍ରଙ୍କୁ ପଢ଼ାଇବାକୁ ହେଉଚି। ତେଣୁ ଏବେ ପ୍ରଣାଳୀ କାର୍ଯ୍ୟକାରୀ ହେବା ସନ୍ଦେହଜନକ। ଯୋଗେଶବାବୁଙ୍କର ବହୁ କ୍ଷେତ୍ରରେ ଅଧ୍ୟୟନ ଓ ଚର୍ଚ୍ଚା ଥିଲା। ଚନ୍ଦ୍ରଶେଖର ସିଂହସାମନ୍ତଙ୍କୁ ଓ ତାଙ୍କର କୃତୀ ସିଦ୍ଧାନ୍ତ ଦର୍ପଣକୁ ଦେଶ ଆଗରେ ସେ ଯେ ପରିଚିତ କରାଇଥିଲେ, ଏହା କାହାରିକୁ ଅବିଦିତ ନାହିଁ। ପରେ ଏଥିପାଇଁ ସାମନ୍ତଚନ୍ଦ୍ରଶେଖରଙ୍କୁ ତତ୍କାଳୀନ ସରକାରଙ୍କଠାରୁ ମହାମହୋପାଧ୍ୟାୟ ଉପାଧି ମିଳିଥିଲା।

ଏହା ବ୍ୟତୀତ ଜ୍ଞାନ-ବିଜ୍ଞାନର ବିଭିନ୍ନ କ୍ଷେତ୍ରରେ ଏହି ଆଗ୍ରହୀ ଅଧ୍ୟାପକଙ୍କର ଚର୍ଚ୍ଚା ଥିଲା। କାଠଯୋଡ଼ି କୂଳରେ ଏକ ଉଇଣ୍ଡ୍ ମିଲର ମଡ଼େଲ ବସାଇ ସେ ପରୀକ୍ଷା କରୁଥିବା ଆମେ ଦେଖିଚୁ। ସେ ବଙ୍ଗଳାରେ ଏକ ଅଭିଧାନ ମଧ୍ୟ ସଙ୍କଳନ କରୁଥିଲେ। ଥରେ ଛୁଟି ପୂର୍ବରୁ ମୁଁ ତାଙ୍କୁ ଦେଖା କରିବାକୁ ଯାଇଥିଲି। ଓଡ଼ିଶାରେ କେତେ ପ୍ରକାର ପିଠାପଣା ହୁଏ, ତାହା ତାଙ୍କୁ ଲେଖି କରି ଦେବାପାଇଁ ସେ ମୋତେ କହିଥିଲେ ଓ ମୁଁ ଦେଇଥିଲି। ମୋର ସ୍କୁଲ ସହାଧ୍ୟାୟୀ ଓ କଲେଜରେ ସମସାମୟିକ ଛାତ୍ର ଶ୍ରୀ ଉଦୟ ନାଥ ଗଡ଼ନାୟକଙ୍କ ନିମନ୍ତ୍ରଣକ୍ରମେ ମୁଁ ଢେଙ୍କାନାଳ କପିଳାସ ପାହାଡ଼ରେ ଏକ ଗ୍ରୀଷ୍ମାବକାଶ କଟାଇଥିଲି। କପିଳାସ ଯିବା ପୂର୍ବରୁ ଯୋଗେଶବାବୁଙ୍କ ସହିତ ସାକ୍ଷାତ୍ କଲି। କପିଳାସ ଭ୍ରମଣ ଅଭିଜ୍ଞତା ସମ୍ପର୍କରେ ଲେଖିକରି ଦେବାପାଇଁ ସେ ମୋତେ କହିଥିଲେ। ଫେରିବା ପରେ କପିଳାସ ଯାତ୍ରା, କପିଳାସ ପାହାଡ଼ର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ସେଠାରେ ଯେଉଁ ସବୁ ବୃକ୍ଷଲତା ଓ ପ୍ରାଣୀଙ୍କୁ ଦେଖିଲୁ ତା'ର ଏକ ବୃତ୍ତାନ୍ତ ମୁଁ ତାଙ୍କୁ ଲେଖିକରି ଦେଇଥିଲି।

କପିଳାସ, ରେଭେନ୍‌ସା କଲେଜ

ଏଠାରେ କପିଳାସ ପଦ୍ଧତି ବିଷୟ୍ ମୋର ଯାହା ମନେ ଅଛି ତାହା କହେ । ଢେଙ୍କାନାଳ ଜିଲ୍ଲାରେ କପିଳାସ ପାହାଡ଼ । ସେତେବେଳେ ଢେଙ୍କାନାଳ ଏକ ଗଡ଼ଜାତ ରାଜ୍ୟ ଥିଲା ଓ କଟକଠାରୁ ଢେଙ୍କାନାଳ ବାଟରେ କପିଳାସ ଯିବାକୁ ହେଲେ ୭୫ ମାଇଲ ଦୂର ପଡୁଥିଲା । କପିଳାସ ପାହାଡ଼ ତଳେ ଦେଓଗାଁ ନାମରେ ଏକ ଗ୍ରାମ ଅବସ୍ଥିତ । ସେତେବେଳେ ଲୋକ ହୁଏତ ଚାଲି କରି କିମ୍ବା ବଳଦ ଗାଡ଼ିରେ ଦେଓଗାଁ ପର୍ଯ୍ୟନ୍ତ ଯାଉଥିଲେ । ସେଠାରେ ଏକ ମଣିଷଚଲା ରାସ୍ତାରେ ପାହାଡ଼ ଉପରକୁ ଯିବାକୁ ହେଉଥିଲା । ଦେଓଗାଁ ଓ ପାହାଡ଼ ଶିଖର ମଧ୍ୟରେ ଏକ ଶିବମନ୍ଦିର ଓ ପ୍ରାକୃତିକ ଝରଣା ଅଛି । ସେଠାରେ ରାଜାଙ୍କର ଗୋଟିଏ ବଙ୍ଗଳା ଓ ଯାତ୍ରୀମାନେ ରହିବାପାଇଁ କେତେଗୁଡ଼ିଏ କୋଠରି ଅଛି । ଆମେ ଏହିପରି ଗୋଟିଏ କୋଠରିରେ ରହିଲୁ । ଝରଣାର ପାଣିକୁ ଆବଦ୍ଧ କରିବାପାଇଁ ବଡ଼ ବଡ଼ ପଥର କୁଣ୍ଡମାନ ନିର୍ମିତ ହୋଇଥିଲା । ଏହି ସବୁ କୁଣ୍ଡ ଭରିଯିବା ପରେ ଉଦ୍‌ବୃତ୍ତ ଜଳ ଆହୁରି ଏକ ପକ୍କା ଚବକାରେ ପଡୁଥିଲା । ସେଠାରେ ଉପରୁ ପଡୁଥିବା ପାଣିରେ ଗାଧୋଇବାର ସୁବିଧା ଥିଲା ।

ଆହୁରି ଉପରକୁ ଗଲେ ଗୁମ୍ଫା ପଡ଼େ, ଯାହାର ନାମ ହେଉଚି ସୀତା ଅନ୍ତୁଡ଼ିଶାଳ । ଜନଶ୍ରୁତି ଅଛି ଯେ ଏହି ଗୁମ୍ଫା ଥିଲା ସୀତାଙ୍କର ପ୍ରସୂତି ଗୃହ । ଏଠାରେ ସେ ଲବ-କୁଶଙ୍କୁ ଜନ୍ମ ଦେଇଥିଲେ । ଯାତ୍ରୀଙ୍କୁ ଆକୃଷ୍ଟ କରିବାପାଇଁ ଏ ପ୍ରବାଦ କୌଣସି ପଣ୍ଡାଙ୍କର ମସ୍ତିଷ୍କ-ପ୍ରସୂତ ହୋଇପାରେ । ପାହାଡ଼ର ଉପର ହେଉଚି ସମତଳ ଏବଂ ଏହାକୁ ଦେବସଭା କୁହାଯାଏ । ଏଠାରେ କେତେକ ମନ୍ଦିର ଆକାରର ପଥର ଅଛି । ପାହାଡ଼ ଉପରୁ କଟକ ସହରର ସୌଧମାଳା ଦେଖାଯାଏ ।

ଶିବରାତ୍ରି ଦିନ ଏଠାରେ ଏକ ବଡ଼ ଧରଣର ଯାତ୍ରା ହୁଏ ଓ ଓଡ଼ିଶାର ଚାରିଆଡ଼ୁ ଲୋକ ଆସନ୍ତି । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ମୁଁ କଟକ ଆସିବା ପୂର୍ବରୁ ଆମ ଗ୍ରାମର ବହୁଲୋକ ସାଙ୍ଗ ହୋଇ କପିଳାସ ଯାଇଥିଲୁ । ଆମ ଗ୍ରାମରୁ କଟକ ୩୬ ମାଇଲ ଓ କଟକରୁ କପିଳାସ ୭୫ ମାଇଲ । କିନ୍ତୁ ଆମେ ଆଉ ଏକ ଜଙ୍ଗଲ ବାଟରେ ସିଧା ଯିବାଦ୍ୱାରା ଆମକୁ ୨୦ ମାଇଲ କମ୍ ପଡ଼ିଥିଲା । କପିଳାସରେ ପହଞ୍ଚିବାକୁ ଆମକୁ ତିନି ଦିନ ଲାଗିଲା । ସେତେବେଳକୁ ଦର୍ଶକଙ୍କର ଭିଡ଼ କମିଯାଇଥିଲା ଓ ମନ୍ଦିର ଚୂଡ଼ାରେ ମହାଦୀପ କେତେବେଳେ ଜଳିବ ତାହା ଦେଖିବାପାଇଁ ସମସ୍ତଙ୍କୁ ଉଜାଗର ରହିବାକୁ ପଡ଼ିଥିଲା । ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ଏ ମନ୍ଦିରର ପୂଜକମାନେ ବ୍ରାହ୍ମଣ ନ ଥିଲେ । ସେମାନେ ଦେଓଗାଁର ଲୋକ ଓ ସବୁଦିନ ଯିବା ଆସିବା କରୁଥିଲେ । ଅଧିକାଂଶ ଲୋକ ମଣିଷ ଚଲାବାଟରେ ପାହାଡ଼ ଚଢୁଥିଲେ । କିନ୍ତୁ ଦେଓଗାଁରୁ କପିଳାସ ମନ୍ଦିର ନିକଟ ବଙ୍ଗଳାକୁ ହାତୀରେ ଯିବାପାଇଁ ରାଜା ଏକ ବୁଲାଣି ରାସ୍ତା ତିଆରି କରିଥିଲେ । ବୋଧହୁଏ ବର୍ତ୍ତମାନ ଏ ରାସ୍ତାରେ ଜିପ୍ ଓ କାର୍ ଗଲାଣି ।

ପାହାଡ଼ର ଜଳବାୟୁ ଅତ୍ୟନ୍ତ ମନୋରମ । କେବଳ ଜୁନ୍ ମାସରେ କେତେକ ଦିନ ଛାଡ଼ିଦେଲେ ଗ୍ରୀଷ୍ମର ତାପ ସାଧାରଣତଃ ଏଠାରେ ଅନୁଭୂତ ହୁଏ ନାହିଁ । ଲୋକଙ୍କ ରହିବାର ସୁବ୍ୟବସ୍ଥା ହୋଇପାରିଲେ ଏହା ଏକ ସୁନ୍ଦର ଗ୍ରୀଷ୍ମନିବାସ ହୋଇପାରିବ । ପ୍ରଥମ ବର୍ଷା ପରେ ଅବଶ୍ୟ ଏଠାରେ ତେଲୁଣି ପୋକ ଓ ବିଛାଙ୍କର ସଂଖ୍ୟା ବଢ଼ିଯାଏ । ତେଲୁଣି ପୋକଗୁଡ଼ିକ ୬ ଇଞ୍ଚ ବା ତା'ଠୁ ବେଶି ଲମ୍ବ ।

ବିଦ୍ୟାନିଧି

ପୂର୍ବରୁ କୁହାଯାଇଅଛି ଯେ, ଆମ ଅଧ୍ୟାପକ ଯୋଗେଶଚନ୍ଦ୍ର ରାୟ୍ ମୋତେ କହିଥିଲେ କପିଳାସ ବିଷୟରେ ଗୋଟିଏ ପ୍ରବନ୍ଧ ଲେଖିବାକୁ । ମୁଁ କପିଳାସ ସମ୍ପର୍କରେ ଯେଉଁ ପ୍ରବନ୍ଧ ଲେଖିଥିଲି, ଯୋଗେଶ ବାବୁ ସେଥିରେ ଭାରି ଖୁସି ହୋଇଗଲେ ଓ ପିଲାମାନଙ୍କର ଏକ ସଭା ଡାକି ମୋତେ ସେଠାରେ ତାହା ପଢ଼ିବାକୁ କହିଥିଲେ । ଏଥିରୁ ଜଣାଯିବ ଯୋଗେଶ ବାବୁ କିପରି ଛାତ୍ରମାନଙ୍କୁ ଉତ୍ସାହିତ କରୁଥିଲେ । ସେ ନିଜେ ଏକ ବହୁମୁଖୀ ପ୍ରତିଭାସ-ନ୍ନ ପଣ୍ଡିତ ଥିଲେ ଏବଂ ଛାତ୍ରମାନଙ୍କ ଉନ୍ନତିପାଇଁ ଯତ୍ନଶୀଳ ହେଉଥିଲେ । ତାଙ୍କର ପାଣ୍ଡିତ୍ୟକୁ ସମ୍ମାନ ଦେଖାଇବାର ନିଦର୍ଶନସ୍ୱରୂପ ମୁକ୍ତିମଣ୍ଡପ ତାଙ୍କୁ ବିଦ୍ୟାନିଧି ଉପାଧି ଦେଇଥିଲେ ।

ମୁଁ ଇଂଲଣ୍ଡରୁ ଫେରିବା ପରେ ଯେତେବେଳେ ବଟାନି ବିଭାଗରେ ଯୋଗ ଦେଲି, ଥରେ ତାଙ୍କୁ ପରୀକ୍ଷକ ଭାବରେ ତାଙ୍କ ପୁରୁଣା କଲେଜକୁ ନିମନ୍ତ୍ରଣ କରିଥିଲି । ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହେବା ପରେ ତାଙ୍କୁ ଡକ୍‌ଟର ଅଫ୍ ସାଇନ୍‌ସ ଉପାଧିରେ ଭୂଷିତ କରାଯାଇଥିଲା ।

ଶିକ୍ଷକତ୍ୱ ଓ ବ୍ୟକ୍ତିତ୍ୱ ଉଭୟ ଦୃଷ୍ଟିରୁ ସେ ଅସାଧାରଣ ଥିଲେ । ସେ ତାଙ୍କର ଛାତ୍ରମାନଙ୍କ ଅସୁବିଧା ପ୍ରତି ବ୍ୟକ୍ତିଗତ ଭାବରେ ଦୃଷ୍ଟି ଦେଉଥିଲେ ।

ଆମ କଲେଜରେ ପଢୁଥିବାବେଳେ ବିଖ୍ୟାତ ଦେଶପ୍ରେମୀ ଖୁଦିରାମ ବୋଷ କଟକ ଆସି ମ୍ୟୁନିସିପାଲଟି ପଡ଼ିଆରେ ଏକ ସାଧାରଣ ସଭାରେ ଭାଷଣ ଦେଇଥିଲେ । ମୁଁ ତାଙ୍କର ଭାଷଣ ଶୁଣିଥିଲି । ପରେ ପରେ 'ଉତ୍କଳ ସାହିତ୍ୟ'ର ଖ୍ୟାତନାମା ସମ୍ପାଦକ ଶ୍ରୀ ବିଶ୍ୱନାଥ କର ତାଙ୍କ ବାଲୁବଜାର ଘରକୁ ଶ୍ରୀ ବୋଷଙ୍କୁ ନିମନ୍ତ୍ରଣ କରିଥିଲେ ଓ ଆମେ କେତେକ ଛାତ୍ର ତାଙ୍କ ସହିତ ଆଲୋଚନା କରିବାପାଇଁ ଯାଇଥିଲୁ । ତାଙ୍କର ଭାଷଣ ଓ ଆଲୋଚନା ଆମ

ଉପରେ ଗଭୀର ପ୍ରଭାବ ପକାଇଥିଲା ଓ ଆମର ଭବିଷ୍ୟତ ଜୀବନ ଗଠନରେ ସାହାଯ୍ୟ କରିଥିଲା ।

ଅନ୍ୟ ନେତାମାନଙ୍କ ମଧ୍ୟରେ ଶ୍ରୀ ବିପିନଚନ୍ଦ୍ର ପାଲ କଟକ ଆସି ମ୍ୟୁନିସିପାଲିଟି ପଡ଼ିଆରେ ଏକ ଭାଷଣ ଦେଇଥିଲେ । ସେ କାଳରେ ମାଇକ୍ରୋଫୋନ୍ ଜଣାଶୁଣା ନ ଥିଲା । ଥିଲେ ମଧ୍ୟ ବିପିନଚନ୍ଦ୍ରଙ୍କର ତାହା ଦରକାର ପଡ଼ି ନ ଥାନ୍ତା । କାରଣ ସେ ଏପରି ବଜ୍ରପାଟିରେ କହିପାରୁଥିଲେ ଯେ ପାଏ ବାଟରୁ ତାହା ଶୁଣାଯାଉଥିଲା ।

ଏକ ସମୟରେ ବିପିନଚନ୍ଦ୍ର ପାଲ ପ୍ୟାରୀମୋହନ ଏକାଡେମୀର ହେଡ୍‌ମାଷ୍ଟର ଥିଲେ । ବହୁଦିନ ପରେ ଅନ୍ୟ ଏକ ସମ୍ପର୍କରେ ସେ ତାଙ୍କର ପୁରାତନ ସ୍କୁଲ ଦେଖିବାକୁ ଆସିଥିଲେ । ସେତେବେଳକୁ ମୁଁ ବିଲାତରୁ ଫେରି ଆସିଥାଏ । ସେ କଲିକତା ଫେରିଲାବେଳେ ଆମେ ଦୁଇଜଣ ଗୋଟିଏ ଡବାରେ ଥିଲୁ । ସେ ତାଙ୍କର କେତେକ ଅଭିଜ୍ଞତା ମୋତେ କହିଥିଲେ । ସେଥିରୁ ଗୋଟିଏ କଥା ମୋର ମନେଅଛି । ଥରେ ଜଣେ ଇଂରେଜ ଭଦ୍ରବ୍ୟକ୍ତିଙ୍କ ସହିତ ସେ ଏକତ୍ର ଯାଉଥିବାବେଳେ ଭଦ୍ରବ୍ୟକ୍ତି ଜଣକ ସେ ଜେଲ ଯାଇଛନ୍ତି କି ବୋଲି ପଚାରିଲେ । ପାଲ୍ ଉତ୍ତର ଦେଇଥିଲେ, ହଁ ସେ ଜେଲ୍ ଯାଇଛନ୍ତି -ଯେତେବେଳେ ଜେଲ ଶ୍ୱଶୁରାଳୟ ପରି ନ ହୋଇ ପ୍ରକୃତ ଜେଲଖାନା ଥିଲା ।

ସମସାମୟିକ ଛାତ୍ରବନ୍ଧୁ

ରେଭେନ୍‌ସା କଲେଜରେ ଥିବାବେଳେ ମୁଁ ପୁରୁଣା ଛାତ୍ରାବାସରେ ଥିଲି । ଓଡ଼ିଶାର ସବୁ ଅଞ୍ଚଳରୁ ଛାତ୍ର ଏଠାରେ ରହୁଥିଲେ । ସେତେବେଳେ ଯେଉଁମାନେ ଛାତ୍ରାବାସରେ ଥିଲେ, ସେମାନଙ୍କ ମଧ୍ୟରୁ କେତେକ ପରବର୍ତ୍ତୀ ଜୀବନରେ ଯଥେଷ୍ଟ ଖ୍ୟାତି ଅର୍ଜନ କରିଥିଲେ । କେତେକ ବିଖ୍ୟାତ ଲୋକଙ୍କର ନାମ ଏଠାରେ ଉଲ୍ଲେଖ କରାଯାଇପାରେ-ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର, ଶ୍ରୀ କୃପାସିନ୍ଧୁ ମିଶ୍ର (ବିଖ୍ୟାତ ଲେଖକଗଣ), ଶ୍ରୀ ଗୋକୁଳାନନ୍ଦ ନାୟକ, ଶ୍ରୀ ବାଙ୍କନିଧି ପଟ୍ଟନାୟକ (ଜଣାଶୁଣା ହେଡ୍‌ମାଷ୍ଟର) ଓ ଶ୍ରୀ ହେମଚନ୍ଦ୍ର ଚାନ୍ଦ । ମୟୂରଭଞ୍ଜରୁ ଜଣେ ଆଦିବାସୀ ଛାତ୍ର ଥିଲେ; ତାଙ୍କର ନାମ ଶ୍ରୀ ଚୈତନ୍ୟ ମାଝି । ମେସ୍ ଚାକର ତାଙ୍କର ବାସନ ଧୋଇବାକୁ ଅନିଚ୍ଛୁକ ହେବାରୁ ସେ ତାଙ୍କ ରହିବା କୋଠରିରେ ଖାଉଥିଲେ । ଏହା ୧୯୧୦-୧୯୧୧ ସାଲର କଥା । କିନ୍ତୁ ୧୯୨୧ ମସିହାରେ ମୁଁ ବିଲାତରୁ ଫେରିବା ବେଳକୁ ମଧ୍ୟ ଏହି ଅବସ୍ଥା ଥିଲା । ଥରେ ଜଣେ ମୁସଲମାନ ବନ୍ଧୁ ମୋ ସହିତ ଆସି ଖାଇଲେ । ସେ ଯିବା ପରେ ଚାକର (କାଡିରେ ଭଣ୍ଡାରି) ବାସନ ଧୋଇବା ପାଇଁ ମନାକଲା । ମୁଁ ଯେତେବେଳେ ନିଜେ ଧୋଇବାପାଇଁ ବାସନ ଗୋଟାଇଲି, ଚାକର ଅନୁତାପ କରି କହିଲା ଯେ, ଆପଣ ବାସନ ଧୋଇବାପାଇଁ ଯେତେବେଳେ ପ୍ରସ୍ତୁତ ଅଛନ୍ତି, ମୋର ସେଥିରେ ଆଉ ଆପତ୍ତି କରିବାର କୌଣସି କାରଣ ନାହିଁ । ସେହିଦିନଠାରୁ ଆମ ଘରେ ଆଉ ସେପରି ଆପତ୍ତି କେବେ ଉଠି ନାହିଁ ।

କଲେଜରେ ମୋର ସମସାମୟିକ ଛାତ୍ରଙ୍କ ମଧ୍ୟରେ କେତେକଙ୍କ ନାମ ଉଲ୍ଲେଖ କରାଯାଇପାରେ-ଅଧ୍ୟାପକ ନାରାୟଣ ମିଶ୍ର ମୋ'ଠାରୁ ବର୍ଷେ ଉପରେ ପଢୁଥିଲେ, ଉତ୍ତର ପ୍ରଦେଶର ପୂର୍ବତନ ରାଜ୍ୟପାଳ ଶ୍ରୀ ବିଶ୍ୱନାଥ ଦାସ, ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ବଡ଼ ଭାଇ ଶ୍ରୀ ସୁରେଶଚନ୍ଦ୍ର ବୋଷ, ସ୍ୱାଧୀନତା ସଂଗ୍ରାମର ଜଣେ ବିଖ୍ୟାତ ଯୋଦ୍ଧା ଶ୍ରୀ ଶୈଳେନ୍ଦ୍ର ନାଥ ବୋଷ, ହିନ୍ଦ୍ ସେବକ ସମାଜର ସଭ୍ୟ ଓ ସୁପରିଚିତ ସମାଜସେବୀ ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ । ଏମାନଙ୍କ ମଧ୍ୟରୁ ସର୍ବଶ୍ରୀ ସୁରେଶଚନ୍ଦ୍ର ବୋଷ, ଶୈଳେନ୍ଦ୍ର ନାଥ ବୋଷ ଓ ଲକ୍ଷ୍ମୀନାରାୟଣ ସାହୁ ମୋର ସହପାଠୀ ଥିଲେ ।

ଅଧିରାଜ ମୋହନ ସେନାପତି

୧୯୧୦ ମସିହାରେ ମାଟ୍ରିକ୍ୟୁଲେଶନ ପାସ୍ କରି ସେହି ବର୍ଷ କଟକ ରେଭେନ୍‌ସା କଲେଜର ଆଇ.ଏ. ଶ୍ରେଣୀରେ ପ୍ରବିଷ୍ଟ ହେଲି। ମୋ ଜୀବନରେ ଏହାହିଁ ପ୍ରଥମ ବିଦେଶ ଯାତ୍ରା। ସ୍ୱର୍ଗତ ଲକ୍ଷ୍ମୀନାରାୟଣ ସାହୁ ସେତେବେଳେ କଟକ ମିଶନ୍ ହାଇସ୍କୁଲରେ ଶିକ୍ଷକ କାର୍ଯ୍ୟ କରୁଥାନ୍ତି। ଗ୍ରୀଷ୍ମ ଛୁଟିରେ ସେ ବାରବାଟୀରେ ଥିବା ତାଙ୍କ ନିଜ ଘରକୁ ଯାଇଥାନ୍ତି। ସ୍କୁଲ ଖୋଲିବାର ଦିନକ ଆଗରୁ ସେ ଆସିଲେ। ତାଙ୍କ ସଙ୍ଗେରେ ମୁଁ କଟକ ଆସିଲି।

ଆଜିକାଲି ଯେଉଁଠି ଜଜ୍‌କୋର୍ଟ ହୋଇଛି, ସେହିଠାରେ ରେଭେନ୍‌ସା କଲେଜ ଥିଲା। ରେଭେନ୍‌ସା କଲେଜିଏଟ୍‌ରେ ଯେଉଁ ହଷ୍ଟେଲ ତାହାହିଁ କଲେଜ ହଷ୍ଟେଲ ଥିଲା। ସେହି ହଷ୍ଟେଲରେ ମୁଁ ରହିଲି। ନୂତନ ବନ୍ଧୁମାନଙ୍କ ସହିତ ସୁପରିଚିତ ହେବାପାଇଁ ବେଶି ଦିନ ଲାଗିଲା ନାହିଁ। ସ୍ୱର୍ଗତ ଚିନ୍ତାମଣି ଆଚାର୍ଯ୍ୟ, ଦୟାନିଧି ମିଶ୍ର, ଲିଙ୍ଗରାଜ ମିଶ୍ର, ଯଦୁମଣି ମଙ୍ଗରାଜ, ଡାକ୍ତର ପ୍ରଫୁଲ୍ଲଚନ୍ଦ୍ର ରାୟ ଏବଂ ସର୍ବଶ୍ରୀ ବାଞ୍ଛାନିଧି ମହାପାତ୍ର, ସତୀଶଚନ୍ଦ୍ର ରାୟ, ଦୁଃଖୀଶ୍ୟାମ ମିତ୍ର, ଲେମୁଏଲ ମହାପାତ୍ର-ଏମାନେ କଲେଜରେ ମୋର ସହପାଠୀ ଥିଲେ।

ଅଧ୍ୟାପକମାନଙ୍କ ବ୍ୟକ୍ତିତ୍ୱ- କଲେଜର ଅଧିକାଂଶ ଅଧ୍ୟାପକ ବଙ୍ଗାଳୀ। ଶ୍ରୀ କାଶୀନାଥ ଦାଶ ଏକମାତ୍ର ଓଡ଼ିଆ ଅଧ୍ୟାପକ ଥିଲେ। ସେ ସଂସ୍କୃତ ଓ ଓଡ଼ିଆ ସାହିତ୍ୟ ପଢ଼ାଉଥିଲେ। ଦୁଇ ତିନି ବର୍ଷ ପରେ ଓଡ଼ିଆ ଅଧ୍ୟାପକଙ୍କ ସଂଖ୍ୟାବୃଦ୍ଧି ହୋଇଥିଲା। ଅଧ୍ୟାପକମାନେ କର୍ତ୍ତବ୍ୟନିଷ୍ଠ, ଚରିତ୍ରବାନ ଓ ବିଦ୍ୱାନ ଥିଲେ। ସେମାନେ ଛାତ୍ରମାନଙ୍କ ଉପରେ ଯଥେଷ୍ଟ ପ୍ରଭାବ ପକାଇ ପାରୁଥିଲେ। ପ୍ରତ୍ୟେକ କାର୍ଯ୍ୟରେ ସେମାନଙ୍କ ବ୍ୟକ୍ତିତ୍ୱ ଫୁଟି ଉଠୁଥିଲା।

ସବୁଠାରୁ ବୟୋବୃଦ୍ଧ ଅଧ୍ୟାପକ ଥିଲେ ସ୍ୱର୍ଗତ ଯୋଗେଶଚନ୍ଦ୍ର ରାୟ। ସେ ଉଦ୍ଭିଦ ବିଜ୍ଞାନର ଅଧ୍ୟାପକ ଥିଲେ। ଆଜିକାଲି ଯେଉଁ ଗୃହ ସ୍ୱରାଜାଶ୍ରମ ହୋଇଛି ତାହାହିଁ ଯୋଗେଶ ବାବୁଙ୍କ ବାସଗୃହ ଥିଲା। ତାଙ୍କ ପରିଧେୟ ଥିଲା ଢିଲା ପାଇଜାମା ଓ ହଳଦିଆ ବର୍ଣ୍ଣର ଗଳାବନ୍ଧ କୋଟ୍। ଗୋଟିଏ ହାତରେ ହଳଦିଆ କନାର ଛତା, ଅନ୍ୟ ହାତରେ ଏକ ବୋତଲ ପାଣି ଧରିଥାନ୍ତି। ଏହି ବେଶରେ ଯୋଗେଶ ବାବୁ ପ୍ରତିଦିନ ୧୦ ଘଣ୍ଟା ସମୟରେ କଲେଜକୁ ଆସୁଥିଲେ ଓ ପାଞ୍ଚ ଘଣ୍ଟା ସମୟରେ ଘରକୁ ଫେରୁଥିଲେ। ନିର୍ଦ୍ଧାରିତ ସମୟରେ କେବେହେଁ ବ୍ୟତିକ୍ରମ ଘଟୁନଥିଲା।

ଯୋଗେଶ ବାବୁ ସ୍ୱଳ୍ପ ହାରୀ ଥିଲେ। ତାଙ୍କ ଖାଦ୍ୟସାମଗ୍ରୀ ନିକିତିରେ ଓଜନ ହୋଇ ରନ୍ଧା ହେଉଥିଲା। ତାଙ୍କ ଖାଦ୍ୟ ପ୍ରସ୍ତୁତ କରିବା ପାଇଁ ଜଣେ ସ୍ୱତନ୍ତ୍ର ପାଚକ ନିଯୁକ୍ତ ହେଉଥିଲା। ସେ ଅନ୍ୟ କାହାରି ଘରୁ ଖାଉ ନଥିଲେ, ଜଳପାନ ମଧ୍ୟ କରୁନଥିଲେ। ସେ ଘରୁ ଯେଉଁ ସିଝାପାଣି ବୋତଲରେ ପୂରାଇ ନେଇ ଯାଉଥିଲେ କଲେଜରେ ସେହି ପାଣି ପିଉଥିଲେ। ଗ୍ଲାସରେ ଢାଳି ପାଣି ପିଇଲେ ତାହା ଦୂଷିତ ହୋଇଯିବାର ଆଶଙ୍କା କରି ସେ ବୋତଲ ମୁହଁ ନିଜ ମୁହଁକୁ ଦେଖାଇ ସେଥିରୁ ପାଣି ଢାଳି ପିଉଥିଲେ। ତାଙ୍କର ଏପରି ଖାଦ୍ୟପେୟର ବ୍ୟବସ୍ଥା ଦେଖି ଆମ୍ଭେମାନେ ମନେ ମନେ ହସୁଥିଲୁଁ।

ଯୋଗେଶ ବାବୁ ଯେ କେବଳ ବହୁଦର୍ଶୀ ବୈଜ୍ଞାନିକ ଥିଲେ ତାହା ନୁହେଁ। ଜ୍ୟୋତିଷଶାସ୍ତ୍ରରେ ତାଙ୍କର ଯଥେଷ୍ଟ ପାରଦର୍ଶିତା ଥିଲା। ସେ ସୁସାହିତ୍ୟିକ ମଧ୍ୟ ଥିଲେ। ଓଡ଼ିଶାର ସୁପ୍ରସିଦ୍ଧ ଜ୍ୟୋତିର୍ବିତ୍ ଚନ୍ଦ୍ରଶେଖର ସାମନ୍ତଙ୍କ ଗ୍ରହନକ୍ଷତ୍ରାଦିର ଅଭିନବ ପର୍ଯ୍ୟବେକ୍ଷଣ ପ୍ରଣାଳୀ ବିଷୟରେ ସୁବିଦିତ ହେବା ନିମନ୍ତେ ସେ ତାହାଙ୍କ ଖଣ୍ଡପଡ଼ାରୁ କଟକସ୍ଥ ତାଙ୍କ ବାସଭବନକୁ ନିମନ୍ତ୍ରଣ କରି ଆଣିଥିଲେ। ଚନ୍ଦ୍ରଶେଖର ସାମାନ୍ୟ ବାଉଁଶ ନଳୀ ସାହାଯ୍ୟରେ ଆକାଶର ବହୁ ଦୂରବର୍ତ୍ତୀ ଗ୍ରହନକ୍ଷତ୍ରଙ୍କ ଗତିବିଧି କିପରି ନିର୍ଣ୍ଣୟ କରୁଥିଲେ ତାହା ଦେଖି ଯୋଗେଶବାବୁ ତାଙ୍କ ଅଦ୍ୱିତୀୟ ପ୍ରତିଭାର ପରିଚୟ ପାଇଥିଲେ। ଚନ୍ଦ୍ରଶେଖର ପଠାଣି ସାମନ୍ତ ନାମରେ ପରିଚିତ ଥିଲେ। ତାଙ୍କ ଅଦ୍ଭୁତ କୃତିତ୍ୱ ଲୋକ ଲୋଚନର ଅନ୍ତରାଳରେ ରହିଥିଲା। ଯୋଗେଶ ବାବୁ

ତାଙ୍କ ସମ୍ବନ୍ଧରେ ଇଂରାଜୀରେ ଓ ବଙ୍ଗଳାରେ ଦୁଇଟି ସନ୍ଦର୍ଭ ପ୍ରକାଶ କରି ତାଙ୍କୁ ଦେଶବିଦେଶରେ ସୁପରିଚିତ କରାଇଥିଲେ।

ବଙ୍ଗଳା ସାହିତ୍ୟକୁ ଯୋଗେଶ ବାବୁଙ୍କ ଦାନ କିଛି କମ୍ ନୁହେଁ। ତାଙ୍କ ରଚିତ ସଂସ୍କାରମୂଳକ ପ୍ରବନ୍ଧମାନ 'ପ୍ରବାସୀ' ପ୍ରଭୃତି ବଙ୍ଗଳା ମାସିକ ପତ୍ରିକାରେ ପ୍ରକାଶିତ ହେଉଥିଲା। ତା'ଛଡ଼ା ସେ କେତେକ ଉପାଦେୟ ପୁସ୍ତକର ପ୍ରଣେତା ଥିଲେ। ଯୋଗେଶବାବୁଙ୍କ ବହୁମୁଖୀ ପ୍ରତିଭାର ପୁରସ୍କାର ସ୍ୱରୂପ ଇଂରେଜ ସରକାର ତାଙ୍କୁ 'ରାୟ ବାହାଦୁର' ଉପାଧି ଅର୍ପଣ କରିଥିଲେ। ପୁରୀ ମୁକ୍ତିମଣ୍ଡପ ସଭା ତାଙ୍କୁ 'ବିଦ୍ୟାନିଧି' ପଦବୀରେ ଭୂଷିତ କରିଥିଲେ। ତାଙ୍କ ମୃତ୍ୟୁର ପ୍ରାକ୍‌କାଳରେ ଉତ୍କଳ ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନସୂଚକ 'ଡକ୍‌ଟର' ଉପାଧି ପ୍ରଦାନ କରିଥିଲେ।

ବିଜ୍ଞାନକୁ ଜନପ୍ରିୟ କରିବା ଉଦ୍ଦେଶ୍ୟରେ ଯୋଗେଶ ବାବୁ କଟକ ଟାଉନ୍ ହଲରେ ସର୍ବସାଧାରଣଙ୍କ ବୋଧଗମ୍ୟ ହେଲା ଭଳି ଭାଷାରେ ଭାଷଣମାନ ଦେଉଥିଲେ। ଓଡ଼ିଶାର ପ୍ରିୟ ଖାଦ୍ୟ ପଖାଳ ବିଷୟରେ ବିଜ୍ଞାନାଗାରରେ ଗବେଷଣା କରି ପଖାଳ ବିଷୟରେ ଦୁଇଥର ବକ୍ତୃତା ଦେଇଥିଲେ। ଏହା ଅତ୍ୟନ୍ତ ଶିକ୍ଷାପ୍ରଦ ଓ ଉପଭୋଗ୍ୟ ହୋଇଥିଲା। ଭାତ ଠାରୁ ପଖାଳର ଖାଦ୍ୟମୂଲ୍ୟ ଯେ କିଛି ଊଣା ନୁହେଁ ଏହା ସେ ତାଙ୍କ ବକ୍ତୃତାରେ ପ୍ରତିପାଦନ କରିଥିଲେ। ବରଂ ଖଟା ପଖାଳରେ ମଦ୍ୟାଣୁ (yeast) ଥିବାରୁ ତାହା ପରିପାକ କ୍ରିୟାର ସହାୟକ ହୁଏ। ତା'ଛଡ଼ା ପଖାଳ ଅଧିକ ରୁଚିକର ଓ ତୃପ୍ତିକର ହୁଏ। ପଖାଳ ଖାଇବା ପାଇଁ ତରକାରିର ବିଶେଷ ପ୍ରୟୋଜନ ହୁଏ ନାହିଁ। ଏଥିରୁ ଅଳ୍ପ ଖରଚ ହୁଏ। ସେଥିପାଇଁ ଦରିଦ୍ର ଲୋକେ ପଖାଳର ଏକାନ୍ତ ପକ୍ଷପାତୀ।

କଲେଜର ଇଂରାଜୀ ଅଧ୍ୟାପକଙ୍କ ମଧ୍ୟରେ ସ୍ୱର୍ଗତ ଗୋପାଳ ଚନ୍ଦ୍ର ଗାଙ୍ଗୁଲି ବୟୋଜ୍ୟେଷ୍ଠ ଥିଲେ। ସେ ଇଂରାଜୀ କବିତା ପଢ଼ାଉଥିଲେ। ପଢ଼ାଇଲାବେଳେ ସେ ଭାବାବେଶ ଯୋଗୁଁ ତନ୍ମୟ ହୋଇ ହସ୍ତପ୍ରସାରଣପୂର୍ବକ ନାଟକୀୟ ରୀତିରେ ଅଭିନୟ କରୁଥିଲେ। ପିଲାମାନେ ମନ୍ତ୍ରମୁଗ୍ଧ ହେଲାଭଳି ତାଙ୍କ ବକ୍ତୃତା ନିବିଷ୍ଟ ଚିତ୍ତରେ ଶୁଣୁଥିଲେ। ପାଠ୍ୟ ବିଷୟକୁ ସରସ ଓ ହୃଦୟଗ୍ରାହୀ କରିବା ପାଇଁ ସେ ମଝିରେ ମଝିରେ ହାସ୍ୟରସ ପରିବେଷଣ କରୁଥିଲେ।

ଗୋପାଳ ବାବୁଙ୍କ ବେଶଭୂଷା ଅତି ସାଧାରଣ ଥିଲା। ଗଳାବନ୍ଧ ଢିଲା କୋଟ ଓ ଢିଲା ପାଇଜାମା ପିନ୍ଧି ସେ କଲେଜକୁ ଆସୁଥିଲେ। କଲେଜରୁ ଫେରିବାବେଳେ ସେ ପ୍ରତିଦିନ ବଜାରରୁ ପନିପରିବା କିଣି କୋଟ୍‌ର ଦୁଇ ପକେଟରେ ପୂରାଇ ଓ ହାତରେ ଧରି ଘରକୁ ନେଇ ଯାଉଥିଲେ। ନିଜ କାମ ନିଜ ହାତରେ କରିବା ଦୋଷାବହ ବା ଅସମ୍ମାନଜନକ ନୁହେଁ। କିନ୍ତୁ ଆଜିକାଲି ନବ୍ୟ ଶିକ୍ଷିତ ବାବୁମାନେ ବଜାର ସଉଦା କରିବା ଲଜ୍ଜା ଓ ନିନ୍ଦାର କଥା ବୋଲି ମନେ କରନ୍ତି। ଆତ୍ମନିର୍ଭରଶୀଳ ହେବା ଦୂଷଣୀୟ ନୁହେଁ, ବରଂ ସ୍ପୃହଣୀୟ।

ସ୍ୱର୍ଗତ ଅମ୍ବିକାଚରଣ ମିତ୍ର ତର୍କଶାସ୍ତ୍ର (Logic) ଓ ଦର୍ଶନ ଶାସ୍ତ୍ରର ଅଧ୍ୟାପକ ଥିଲେ। ତାଙ୍କର ନିରାଡ଼ମ୍ବର ବେଶଭୂଷା ଓ ଋଷିପ୍ରତିମ ମୁଖାକୃତି ଦେଖିଲେ ମନରେ ସ୍ୱତଃ ଭକ୍ତିଭାବ ଜାଗ୍ରତ ହୁଏ। ବିଦ୍ୱାନ୍ ଲୋକମାନେ ଯେ ବିନୟୀ ହୁଅନ୍ତି, ଏହାର ଚାକ୍ଷୁଷ ଉଦାହରଣ ଥିଲେ ଅମ୍ବିକା ବାବୁ। ତାଙ୍କ ଶିକ୍ଷାଦାନ ପ୍ରଣାଳୀ ଅତି ଉଚ୍ଚ କୋଟୀର ଥିଲା। ତାଙ୍କ ବ୍ୟକ୍ତିତ୍ୱର ପ୍ରଭାବ ଏପରି ଥିଲା ଯେ, ଶିକ୍ଷାଦାନ ସମୟରେ ସେ ସମସ୍ତ ଛାତ୍ରଙ୍କ ହୃଦୟ ଓ ମନ କିଣିନେଇ ପାରୁଥିଲେ। ତାଙ୍କ ଶ୍ରେଣୀରେ କୌଣସି ଛାତ୍ର କେବେହେଁ ଅମନୋଯୋଗୀ ହେଉନଥିଲେ। ତର୍କଶାସ୍ତ୍ର ପରି ଜଟିଳ ବିଷୟକୁ ସେ ସହଜବୋଧ୍ୟ ଭାଷାରେ ଏପରି ବୁଝାଇ ଦେଉଥିଲେ ଯେ, ସବୁ ଛାତ୍ର ତାହା ଅନାୟାସେ ବୁଝି ପାରୁଥିଲେ। ସେ ଶ୍ରେଣୀରେ ଯେଉଁ ନୋଟ ଡାକୁଥିଲେ, ତାହାହିଁ ସେ ପୁସ୍ତକାକାରରେ ପ୍ରକାଶିତ କରିଥିଲେ।

ଦର୍ଶନଶାସ୍ତ୍ରରେ ଅମ୍ବିକା ବାବୁଙ୍କର ଅଗାଧ ପାଣ୍ଡିତ୍ୟ ଥିଲା। ଦର୍ଶନଶାସ୍ତ୍ରରେ ତିନିଗୋଟି ବିଭାଗ ଅଛି-ମନୋବିଜ୍ଞାନ (Psychology), ନୀତିଶାସ୍ତ୍ର (Ethics) ଓ ଅଧ୍ୟାତ୍ମିକବାଦ (Metaphysics) ଅମ୍ବିକାବାବୁ ଆମ୍ଭମାନଙ୍କୁ ନୀତିଶାସ୍ତ୍ର ପଢ଼ାଉଥିଲେ। ମନୋବିଜ୍ଞାନ ପଢ଼ାଉଥିଲେ-ଶ୍ରୀ ବିପିନବିହାରୀ ରାୟ। ମୋର ଖୁଲ୍ଲତାତ ସ୍ୱର୍ଗତ ମୋହିନୀମୋହନ ସେନାପତି ଅଧ୍ୟାତ୍ମବାଦ ପଢ଼ାଉଥିଲେ। ମୋହିନୀ ବାବୁ ନାସ୍ତିକ ଥିଲେ। ଈଶ୍ୱର ଅଛନ୍ତି ବୋଲି ସେ ବିଶ୍ୱାସ କରୁ ନଥିଲେ। କିନ୍ତୁ ଅମ୍ବିକା ବାବୁ ପୂରା ଈଶ୍ୱର ବିଶ୍ୱାସୀ ଥିଲେ। ଦୁଇ ଜଣ ଅଧ୍ୟାପକ ଏହିପରି ବିରୁଦ୍ଧ ମତ ପୋଷଣ କରୁଥିଲେ। ଥରେ ଦୁଇ ଅଧ୍ୟାପକଙ୍କ ମଧ୍ୟରେ ତୀବ୍ର ବାଦାନୁବାଦ ଚାଲିଥିଲା। ଉଭୟେ ନିଜ ନିଜ ମତର ପୋଷକତା ନିମନ୍ତେ ବହୁ ଯୁକ୍ତିତର୍କ ଉପସ୍ଥାପିତ କରିଥିଲେ। କିନ୍ତୁ କୌଣସି ସିଦ୍ଧାନ୍ତରେ ଉପନୀତ ହୋଇ ନଥିଲେ। ଆପ୍ତବଚନ ଅଛି- "ଧର୍ମସ୍ୟ ତତ୍ତ୍ୱ ନିହିତଂ ଗୁହାୟାଂ"। ଧର୍ମର ତତ୍ତ୍ୱ ନିଗୂଢ଼ ଅଟେ। ଗୋଟାଏ କଥା ମୋର ବେଶ୍ ମନେ ଅଛି। ତାହା ହେଉଛି-ମୋହିନୀବାବୁ ଯେତେବେଳେ କୌଣସି ଦୁଃଖ ବା ଯନ୍ତ୍ରଣା ଅନୁଭବ କରନ୍ତି, ତାଙ୍କ ମୁହଁରୁ ହେ ଭଗବାନ ବୋଲି ଉଚ୍ଚାରଣ ସ୍ୱତଃସ୍ଫୂର୍ତ୍ତ ଭାବରେ ବାହାରି ପଡ଼େ। ଏହାହିଁ ଆସ୍ତିକତାର ଯଥେଷ୍ଟ ପ୍ରମାଣ।

ଆଲୋଚନା ସଭା- କଲେଜର ଆଲୋଚନା ସଭା (Debating society)ରେ ସବୁ ଛାତ୍ର ଆଗ୍ରହର ସହିତ ଯୋଗ ଦେଉଥିଲେ। ସେତେବେଳେ ଶ' ସାହେବ କଲେଜର ଅଧ୍ୟକ୍ଷ ଥିଲେ।

ତାଙ୍କ ସଭାପତିତ୍ୱରେ ପ୍ରତି ଶନିବାର ଦିନ ଆଲୋଚନାସଭା ବସୁଥିଲା । ଅଧିକାଂଶ ଅଧ୍ୟାପକ ଏହି ସଭାରେ ଯୋଗ ଦେଉଥିଲେ । ଛାତ୍ର ବକ୍ତାମାନଙ୍କ କହିବାର ସମୟ ସୀମିତ କରି ଦିଆ ହେଉଥିଲା । ଆଲୋଚ୍ୟ ବିଷୟର ସପକ୍ଷରେ ଓ ବିପକ୍ଷରେ କହିବା ପାଇଁ ଛାତ୍ରମାନେ ଦୁଇ ଦଳରେ ବିଭକ୍ତ ହେଉଥିଲେ । ସଭା ଶେଷରେ ଭୋଟ ନେଇ ଜୟ ପରାଜୟ ଘୋଷଣା କରା ହେଉଥିଲା । ସ୍ୱର୍ଗତ ଯଦୁମଣି ମଙ୍ଗରାଜ ସୁବକ୍ତା ଥିଲେ । ତାଙ୍କ ବଜ୍ରଗମ୍ଭୀର ନିର୍ଘୋଷରେ ସଭାଗୃହ କ-ିତ ହେଉଥିଲା । ତାଙ୍କ ବକ୍ତବ୍ୟ ଶେଷରେ ଘନ ଘନ କରତାଳି ଧ୍ୱନିରେ ସଭାସ୍ଥଳ ମୁଖରିତ ହେଉଥିଲା । ଭବିଷ୍ୟତରେ ସେ ଯେ ଜଣେ ସୁଦକ୍ଷ ବକ୍ତା ହେବେ ଏହାର ସୂଚନା ସେହି ସମୟରୁ ମିଳିଥିଲା ।

ଫୁଟବଲ ଖେଳ-ଫୁଟବଲ୍ ଖେଳରେ ରେଭେନ୍ସା କଲେଜ ବେଶ୍ ସୁନାମ ଅର୍ଜନ କରିଥିଲା । ପ୍ରତିଯୋଗିତାମୂଳକ ଖେଳରେ ରେଭେନ୍ସା କଲେଜ ଓ ମେଡ଼ିକାଲ ସ୍କୁଲର ଖେଳାଳିମାନେ ବିଶେଷ ଦକ୍ଷତା ଓ ଚତୁରତା ଦେଖାଉଥିଲେ । ଖେଳଗୁଡ଼ିକ ଜିଲ୍ଲା ମଇଦାନରେ ହେଉଥିଲା । ସେତେବେଳେ ସେଠାରେ ଆଦୌ କୋଠାବାଡ଼ି ନଥିଲା । ଖୋଲା ପଡ଼ିଆରେ ଶ୍ୟାମଳ ଦୂର୍ବାଦଳ ମନୋରମ ଦିଶୁଥିଲା । ଏହି ପଡ଼ିଆ ସେ ସମୟରେ ଗୋଚର ଭୂମିରୂପେ ବ୍ୟବହୃତ ହେଉଥିଲା । ରେଭେନ୍ସା କଲେଜର ସୁଦକ୍ଷ ଖେଳାଳିମାନଙ୍କ ମଧ୍ୟରେ ନିମ୍ନଲିଖିତ କେତେଜଣଙ୍କ ନାମ ଉଲ୍ଲେଖଯୋଗ୍ୟ-ସ୍ୱର୍ଗତ କିଶୋରଚନ୍ଦ୍ର ନାଏକ (ଡାକନାମ ଯୋଗୀ), ଡାକ୍ତର ପ୍ରଫୁଲ୍ଲଚନ୍ଦ୍ର ରାୟ (ଡାକନାମ ନାତି), ଅମୃ ଓ ଖୋଦେନ୍ । ଉଇଙ୍ଗ୍ ଖେଳାଳିରୂପେ ଅମୃ ବହୁ ପ୍ରଶଂସିତ ହୋଇଥିଲେ । ସେ ବଲ୍ ପାଇଲେ ଗୋଲଦେବା ନିଶ୍ଚିତ । ଖୋଦେନ୍ ଅତ୍ୟନ୍ତ ସ୍ଥୂଳକାୟ ଥିଲେ । ସେ ଗୋଲ ରକ୍ଷକ ହେଉଥିଲେ । ବଲ ଗୋଲ ପୋଷ୍ଟ ପାଖକୁ ଆସିଲେ ଖୋଦେନ୍ ଖୁବ୍ ସତର୍କ ରହୁଥିଲେ । ତାଙ୍କୁ ଚାର୍ଜ କରି କେହି କୁଆଡ଼େ ତଳେ ପକାଇ ଦେବ ଏହି ଭୟ। ସେ ବିଶେଷ ଶଙ୍କିତ ହେଉଥିଲେ । ଏ କେତେକଣ ଖେଳାଳିଙ୍କ ଛଡ଼ା ସ୍ୱର୍ଗତ ସତ୍ୟବ୍ରତ ପଟ୍ଟନାୟକ ଉତ୍କୃଷ୍ଟ ବ୍ୟାକ୍ ଖେଳାଳିରୂପେ ସୁଖ୍ୟାତି ଲାଭ କରିଥିଲେ । ସ୍ୱର୍ଗତ ଆର୍ତ୍ତବଲ୍ଲଭ ମହାନ୍ତି ମଧ୍ୟ ବ୍ୟାକ୍ ଖେଳାଳିରୂପେ ସୁନାମ ଅର୍ଜନ କରିଥିଲେ ।

କାଳିନ୍ଦୀଚରଣ ପାଣିଗ୍ରାହୀ

ରେଭେନ୍‌ସା କଲେଜ ପୂର୍ବ ଛାତ୍ରାବାସ ବହୁ ବିଚିତ୍ର ସ୍ମୃତିରେ ଭରା । ସ୍ୱଦେଶ ବିଦେଶରେ ସମୁଦାୟ ସାହିତ୍ୟ ସଂସ୍କୃତି ଅବା ଝଲସି ଉଠେ ପ୍ରାଚୀଦିଗନ୍ତର ଅରୁଣ ଆଭା ଲଭି ଏହି ଛାତ୍ରାବାସରେ ।

ମହାତ୍ମାଗାନ୍ଧୀ, ଶ୍ରୀ ଅରବିନ୍ଦ, ପୁଣି ରବୀନ୍ଦ୍ର ନାଥଙ୍କ ପରି ଜୀବିତ ମଣିଷମାନଙ୍କ ଜୀବନୀ ବିଶ୍ଳେଷଣ ସହିତ ବିଶ୍ୱ ସାହିତ୍ୟର ମୃତ ଓ ମନୀଷୀ ଟଲ୍‌ଷ୍ଟୟ୍, ଇବସେନ୍, ରୋମାଁରୋଲାଁ, ବର୍ଣ୍ଣାଡ଼ଶ ପ୍ରମୁଖ ମନୀଷୀ ତଥା ଲେଖକମାନଙ୍କ ସଂପର୍କରେ କେତେ ଆଲୋଚନା, ତର୍କ ବିତର୍କ ।

ପୂର୍ବ ପଶ୍ଚିମ ଉଭୟ ପାର୍ଶ୍ୱରେ ଦୁଇ ବିରାଟ ଛାତ୍ରାବାସ ମଝିରେ ପ୍ରଶସ୍ତ ପ୍ରାଙ୍ଗଣ- ଗୋଟିଏ ଛାତ୍ରାବାସର ପିଲାମାନଙ୍କୁ ଅନ୍ୟ ଛାତ୍ରାବାସ ପିଣ୍ଡାରେ ଠିଆହୋଇ ଚିହ୍ନିବା ଇଚ୍ଛା ହେଲେ ବି ଉପାୟ ନାହିଁ । ମଧ୍ୟସ୍ଥଳରେ କନିକା ଲାଇବ୍ରେରୀର ଗୋଲ୍ କୋଠା । କୋଠାଟି ଥାଏ ଜାତୀୟ, ଆନ୍ତର୍ଜାତୀୟ ସବୁ ଶ୍ରେଷ୍ଠ ସାହିତ୍ୟର ଗନ୍ତାଘର, ବିଶ୍ରାମ ଘଣ୍ଟାରେ ସେଇଠି କଟେ ସମୟ ଆମର; ଲାଇବ୍ରେରୀରୁ ଅତି ପ୍ରାଚୀନ ପୁଣି ଅତି ଆଧୁନିକ ବହି ଆଣିବା, ପଢ଼ିସାରି ପରସ୍ପର ମଧ୍ୟରେ ଲେଖା ଓ ଚରିତ୍ର ଚିତ୍ରଣ ସଂପର୍କରେ ଆଲୋଚନା କରିବା ଥିଲା ସେତେବେଳେ ଏକ ଶ୍ରେଷ୍ଠ ବିଳାସ ।

ସହପାଠୀମାନଙ୍କ ଭିତରୁ ଅନ୍ନଦାଶଙ୍କର, ଶରତଚନ୍ଦ୍ର ଓ ବୈକୁଣ୍ଠନାଥ ରହୁଥାନ୍ତି ସହର ଭିତରେ, ଅଥଚ କଲେଜ ଛୁଟି ପରେ ସୁଦ୍ଧା ଏଠାକୁ ଯା ଆସ କରନ୍ତି ସେମାନେ ହଷ୍ଟେଲକୁ, ସେଇଠୁଁ ସମସ୍ତେ ସାଥୀ ହୋଇ ଯାଉଁ ଜୋବ୍ରା ଆନିକଟ୍ କିମ୍ବା ମହାନଦୀ ରେଲପୋଲ ପର୍ଯ୍ୟନ୍ତ- ଆଉ ସେଠୁ ଏକାବେଳେ କେନାଲ୍ ପାରହୋଇ କାଠଯୋଡ଼ି ପୋଲ ପର୍ଯ୍ୟନ୍ତ । ମଝିରେ ମଝିରେ ସାଥୀ ହୁଅନ୍ତି ଆମର ଶିକ୍ଷାବିଭାଗର ବର୍ତ୍ତମାନ ଅବସରପ୍ରାପ୍ତ ଜଏଣ୍ଟ-ଡାଇରେକ୍ଟର ଶ୍ରୀ ହରିହର ମିଶ୍ର; ଆଉ କେବେ ସ୍ୱର୍ଗତ ପ୍ରାଣକୃଷ୍ଣ ନନ୍ଦ କିମ୍ବା ଶିଳ୍ପୀ ସାହିତ୍ୟିକ ଗୋପାଳଚନ୍ଦ୍ର କାନୁନ୍‌ଗୋ ।

ପୂର୍ବ ଛାତ୍ରାବାସର ଅନ୍ୟତମ ବନ୍ଧୁ ଶ୍ରୀ ହରିଶ ଚନ୍ଦ୍ର ବଡ଼ାଳ ଓ ଶ୍ରୀ ଅନନ୍ତ ପ୍ରସାଦ ପଣ୍ଡାଙ୍କ ସହିତ ମଧ୍ୟ ପରିଚୟ ହୁଏ । ସୁପରିଣ୍ଟେଣ୍ଡେଣ୍ଟ ସ୍ୱର୍ଗତ ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି ପ୍ରାଚୀନ ସାହିତ୍ୟର ଗବେଷଣା ଆରମ୍ଭ କରିଥାନ୍ତି ।

ସୁପରିଣ୍ଟେଣ୍ଡେଣ୍ଟ କ୍ୱାର୍ଟର ପ୍ରଶସ୍ତ ବାରଣ୍ଡା ଉପରେ ବିଛା ହୋଇଥାଏ, କେତେ ଖଣ୍ଡ ସପମସିଣା ଆଉ ଗଦା ହୋଇଥାଏ ତାହାରି ଉପରେ ବଡ଼ ବଡ଼ ତାଳପତ୍ର ଖେଦାମାଳ ଡୋରି ଫିଟାହୋଇ ଚାରିପଟେ ।

ତାହାରି ଭିତରେ ଯେପରି ଅବା ଆର୍ତ୍ତବଲ୍ଲଭ ନିଜକୁ ହଜାଇ ଦେଇଥାନ୍ତି । ପିଲାଦିନୁଁ ଆମ ଘରେ ଜମା ହୋଇଥିବା ପୋଥିଖଟୁଳିକୁ ଦେଖି ଏଇ ସବୁ ପୋଥି ପ୍ରତି ମୋର ଅବଶ୍ୟ ବିଶେଷ କୌତୂହଳ ଜନ୍ମେନାହିଁ । କୌତୂହଳ ଜନ୍ମେ କେବଳ ଅଧ୍ୟାପକ ଆର୍ତ୍ତବଲ୍ଲଭଙ୍କର ଏଇ ପୋଥିଗଦାଟି ଭିତରେ ନିବିଷ୍ଟ ହୋଇ ନିଜକୁ ହଜାଇ ଦେବାର ଲକ୍ଷ୍ୟ କରି ।

ଉତ୍କଳ-ସାହିତ୍ୟ-ସମାଜ ପକ୍ଷରୁ ପ୍ରତି ବର୍ଷ ଘୋଷିତ ହୁଏ ସାହିତ୍ୟ ପୁରସ୍କାରମାନ ତାଳଚେର, ଆଠମଲ୍ଲିକ ପ୍ରମୁଖ ରାଜା ମହାରାଜାମାନଙ୍କର ବାଦାନ୍ୟତା ଫଳରେ; ବର୍ଷରେ ଥରେ ଏହି ପୁରସ୍କାରଗୁଡ଼ିକ ଦିଆଯାଏ ଗୋଟିଏ ସୀମିତ ସାହିତ୍ୟିକ ପରିବେଶ ଭିତରେ ।

ସେ ବର୍ଷ ଉତ୍କଳ ସାହିତ୍ୟ ସମାଜପକ୍ଷରୁ ପୁରସ୍କାର ପାଇଁ ଘୋଷିତ ହୁଏ, ମଥୁରା ମଙ୍ଗଳର ସମାଲୋଚନା, ପୁରସ୍କାର ମୂଲ୍ୟ ଚାଳିଶ ଟଙ୍କା । ଅଧ୍ୟାପକ ଆର୍ତ୍ତବାବୁଙ୍କ ନିର୍ଦ୍ଦେଶରେ ମୁଁ ସେଇ ପ୍ରବନ୍ଧ ଲେଖେଁ ଓ ତାଙ୍କଠାରୁ ପ୍ରଶଂସା ଲାଭକରେଁ । ସେଇ ଚାଳିଶଟି ଟଙ୍କା ହେଲା ସେତେବେଳେ ମୋର ସାହିତ୍ୟ ସାଧନା ଭିତରେ ସର୍ବପ୍ରଥମ ଆର୍ଥିକ ପୁରସ୍କାର ।



ପୁରସ୍କାର ଅପେକ୍ଷା ଅବଶ୍ୟ ଅଧିକ ମୂଲ୍ୟବାନ୍ ହୁଏ ମୋହ ପକ୍ଷରେ ଅଧ୍ୟାପକ ଆର୍ତ୍ତବଲ୍ଲଭଙ୍କ ଉତ୍ସାହବାଣୀ ଓ ପ୍ରଶଂସା । ତାଙ୍କ ଭଳି କଠୋର ସମାଲୋଚକଙ୍କଠାରୁ ପ୍ରଶଂସା ଶୁଣିବା ଅଳ୍ପ ସୌଭାଗ୍ୟର ତ ବିଷୟ ନୁହେଁ । ଶ୍ରୀ ଜଗଦାନନ୍ଦ ମହାନ୍ତି ସେତେବେଳେ ଆର୍ତ୍ତବାବୁଙ୍କର ପ୍ରିୟ ଛାତ୍ରରୂପେ ତାଙ୍କ ଗବେଷଣା କ୍ଷେତ୍ରରେ ସାହାଯ୍ୟ କରୁଥାନ୍ତି ଓ ସ୍ୱର୍ଗତ ବିଚ୍ଛନ୍ଦଚରଣ ପଟ୍ଟନାୟକ ମଧ୍ୟ ତାଙ୍କର ଅନ୍ୟତମ ପ୍ରିୟ ଶିଷ୍ୟ ଭାବରେ ଚିହ୍ନିତ ହୋଇଥାନ୍ତି । ସାହିତ୍ୟ ସମାଜରୁ ପୁରସ୍କାର ଲାଭ ସହିତ ସହାଧ୍ୟାୟୀ ବନ୍ଧୁମାନଙ୍କ ଦୃଷ୍ଟି ମଧ୍ୟ ମୁଁ ଆକର୍ଷଣ କରିଥିବା ସ୍ୱାଭାବିକ । ଆଧୁନିକ ସାହିତ୍ୟର ଜଣେ ସେବକ ହୋଇ ପ୍ରାଚୀନ ସାହିତ୍ୟ ଉପରେ ମୋର ନିବନ୍ଧ ଯେ ସମାଦୃତ ହୁଏ-ତାହା ବନ୍ଧୁମାନଙ୍କ ମଧ୍ୟରେ ପୁଣି ମୋ ନିଜ ଭିତରେ ସୃଷ୍ଟିକରେ ଏକ ପ୍ରତ୍ୟୟ-ଯାହା ଫଳରେ ସାହିତ୍ୟର ପ୍ରାଚୀନ ଓ ଆଧୁନିକ ଭାବଧାରା ଭିତରେ ଏକ ନିରବଚ୍ଛିନ୍ନ ଯୋଗସୂତ୍ର ପ୍ରତିଷ୍ଠିତ ବୋଲି ମୁଁ ଅନୁଭବ କରେଁ ।

ହରିହର ମହାପାତ୍ର

ମୋର କଲେଜ ଜୀବନ ଆରମ୍ଭ ହେଲା ୧୯୨୩ ମସିହାରେ। ରେଭେନ୍‌ସା କଲେଜିଏଟ୍ ସ୍କୁଲରୁ ପ୍ରବେଶିକା ପାସ୍ କରି ରେଭେନ୍‌ସା କଲେଜରେ ନାଁ' ଲେଖାଇଲି। ରେଭେନ୍‌ସା କଲେଜ ନାମ ଉଚ୍ଚାରଣ କଲାମାତ୍ରେ ଦେହରେ ଅପୂର୍ବ ଶିହରଣ ସୃଷ୍ଟି ହୁଏ। ଆମ କଲେଜ ଛଡ଼ା ଆଉ କିଛି କହିବାକୁ ଇଚ୍ଛା ହୁଏ ନାହିଁ। ତାର ଧୂଳିମାଟି ପବିତ୍ର। ତା ଭିତରେ ଲୁଚିରହିଛି ବହୁ ଗୌରବାବହ ଅତୀତ। ତାର ପର-ରା ମହାନ୍। ଓଡ଼ିଶାର ଏହି ସର୍ବବୃହତ୍ ଜ୍ଞାନମନ୍ଦିର, ଆଜି ମଧ୍ୟ ତାର ଉନ୍ନତ ପରମ୍ପରାକୁ ଅକ୍ଷୁଣ୍ଣ ରଖିପାରିଛି। ଅଗଣିତ ଜ୍ଞାନପିପାସୁ ବିଦ୍ୟାର୍ଥୀଙ୍କ ପଦଧୂଳିରେ ଆମ କଲେଜ ପୂତ ପବିତ୍ର। ପ୍ରଜ୍ଞାର ଅଖଣ୍ଡ ଜ୍ୟୋତି ଧାରଣ କରି ସେ ଅଗଣିତ ବିଦ୍ୟାର୍ଥୀଙ୍କୁ ଜ୍ଞାନାଲୋକରେ ଉଦ୍ଭାସିତ କରୁଛି।

ଆମ କଲେଜ ଭାରତବର୍ଷର ଗୋଟିଏ ପୁରୁଣା କଲେଜ। ସମଗ୍ର ଭାରତରେ ତାର ବହୁତ ସୁନାମ ଅଛି। ଏକ ପ୍ରଖ୍ୟାତ ମହାବିଦ୍ୟାଳୟ ରୂପେ, ସାରା ଭାରତବର୍ଷରେ ତାର ଏକ ସ୍ୱତନ୍ତ୍ର ମର୍ଯ୍ୟାଦାବନ୍ତ ସ୍ଥାନ ରହିଛି। କଟକ ରେଳଷ୍ଟେସନ ନିକଟରେ ଏହା ଅବସ୍ଥିତ। ଯେଉଁ ବିରାଟ ପଡ଼ିଆ ଉପରେ କଲେଜ ନିର୍ମିତ ହୋଇଛି, ସେହି ପଡ଼ିଆକୁ 'ଚକର ପଡ଼ିଆ' ବୋଲି କୁହାଯାଉଥିଲା। ଶୁଣାଯାଏ, ଅନେକଦି ତଳେ ଏହି ପଡ଼ିଆରେ ଘୋଡ଼ାଦୌଡ଼ ହେଉଥିଲା। ଅଶ୍ୱାରୋହୀମାନେ ଏଠାରେ ଘୋଡ଼ାରେ ଚଢ଼ି ଚକ୍କର୍ କାଟୁଥିଲେ। ସେଥିପାଇଁ ଏହାକୁ ଚକର ପଡ଼ିଆ କୁହାଯାଉଥିଲା।

ବିଖ୍ୟାତ ମାର୍ଟିନ୍ ଏଣ୍ଡ କୋଃ ରେଭେନ୍‌ସା କଲେଜର ଏହି ବିଶାଳ ଅଟ୍ଟାଳିକା ନିର୍ମାଣ କରିଥିଲେ। ଆଗରୁ କହିଛି, ଏହାର ତଳେଇଛାତ (ଶୂନଛାତ) ନୂଆକରି ହୋଇଥିବାରୁ ବହୁଲୋକ ଏହାକୁ ଦେଖିବାକୁ ଆସୁଥିଲେ। କଟକର ଏହା ଏକ ଦର୍ଶନୀୟ ଅଟ୍ଟାଳିକା। କଲେଜର ଛାତ୍ରାବାସ ଦୁଇଟି ମଧ୍ୟ ବିଶାଳକାୟ। ପୂର୍ବପଟ ଛାତ୍ରାବାସକୁ ଇଷ୍ଟ ହଷ୍ଟେଲ ଓ ପଶ୍ଚିମ ପଟ ଛାତ୍ରାବାସକୁ west hostel ବୋଲି ନାମିତ କରାଯାଇଛି। ମୁଁ କଲେଜରେ ପଢ଼ିବା ବେଳକୁ କଟକ ସହରକୁ ବିଜୁଳିବତୀ ଓ ପଙ୍ଖା ଆସିଯାଇଥାଏ। Octavious Steel Company ପ୍ରଥମେ କଟକକୁ ବିଦ୍ୟୁତ୍ ଯୋଗାଉଥିଲେ। କଲେଜରେ ଆଧୁନିକ ଧରଣର ପାଇଖାନା, ପାଣିଟ୍ୟାପ୍, ବିଜୁଳିବତୀ ଓ ପଙ୍ଖାର ସୁବ୍ୟବସ୍ଥା ହୋଇଥିଲା।

ଆଜିକାଲି ଆଧୁନିକ ଧରଣର ପାଇଖାନା ଅତି ମାମୁଲି କଥା। ମାତ୍ର ସେତେବେଳେ ତାହା ବେଶ୍ କୌତୂହଳପ୍ରଦ ମନେ ହେଉଥିଲା।

ଅଧ୍ୟାପକ ବୃନ୍ଦ

ଆମ ସମୟରେ ବହୁ ଖ୍ୟାତନାମା ବିଦ୍ୱାନ ପ୍ରଫେସର ଥିଲେ। ଅନେକ ଗୋରା ସାହେବ ମଧ୍ୟ ଥିଲେ। କେତେକ ବିଲାତ ଫେରନ୍ତା ପ୍ରଫେସର ଥିଲେ। ସେମାନଙ୍କୁ ସାହେବ କୁହାଯାଉଥିଲା। ଡକ୍ଟର ପ୍ରାଣକୃଷ୍ଣ ପରିଜାଙ୍କୁ ପରିଜା ସାହେବ ଓ ଶ୍ୟାମଚନ୍ଦ୍ର ତ୍ରିପାଠୀଙ୍କୁ ତ୍ରିପାଠୀ ସାହେବ କୁହାଯାଉଥିଲା। ଏପରି ଅନେକ ପ୍ରଫେସରଙ୍କୁ ଆମେ ସାହେବ ଲଗାଇ କହୁଥିଲୁ। ମୁଁ ଆଇ.ଏ.(I.A) ପଢ଼ିଲାବେଳେ ମୋର ବିଷୟବସ୍ତୁ ଥିଲା, ଇତିହାସ, ତର୍କଶାସ୍ତ୍ର ଓ ଉଦ୍ଭିଦ ବିଜ୍ଞାନ। (History, Logic & Botany) ଉଦ୍ଭିଦ ବିଜ୍ଞାନକୁ ସେତେବେଳେ କଳା ବିଭାଗ ଅନ୍ତର୍ଭୁକ୍ତ କରାଯାଇଥିଲା। ଯେଉଁ ବିଜ୍ଞାନ ଛାତ୍ରଛାତ୍ରୀମାନେ ଆଇ.ଏସ୍‌ସି.(I.Sc.)ରେ ଉଦ୍ଭିଦ ବିଜ୍ଞାନ ନେଇଥିଲେ, ସେମାନେ ଆସି ଆମ ସାଙ୍ଗରେ ଉଦ୍ଭିଦବିଜ୍ଞାନ କ୍ଲାସ କରୁଥିଲେ। ପ୍ରାକ୍ଟିକାଲ୍ କ୍ଲାସରେ ଅଣୁବୀକ୍ଷଣ ଯନ୍ତ୍ର (Microscope) ସାହାଯ୍ୟରେ ସମସ୍ତ ପରୀକ୍ଷା ନିରୀକ୍ଷା ହେଉଥିଲା।

ଡକ୍ଟର ପ୍ରାଣକୃଷ୍ଣ ପରିଜା ଆଇ.ଇ.ଏସ୍. (I.E.S) ନୂଆ ହୋଇ ବିଲାତରୁ ଆସି ଆମ ଉଦ୍ଭିଦବିଜ୍ଞାନ ବିଭାଗର ପ୍ରଫେସର ଓ ବିଭାଗୀୟ ମୁଖ୍ୟ ହୋଇଥିଲେ। ପ୍ରଶାସନିକ କ୍ଷେତ୍ରରେ ସେ ସମୟରେ ଆଇ.ସି.ଏସ୍. (I.C.S) (Indian Civil Service) ଭଳି ଶିକ୍ଷା

କ୍ଷେତ୍ରରେ ଆଇ.ଇ.ଏସ୍. (I.E.S) (Indian Education Service) ମଧ୍ୟ ସର୍ବାପେକ୍ଷା ଉଚ୍ଚପଦବୀ ଥିଲା । ଉଦ୍ଭିଦ ବିଜ୍ଞାନ ବିଭାଗରେ ପରିଜା ସାହେବଙ୍କ ଆଗରୁ ଖ୍ୟାତମାନା ଉଦ୍ଭିଦ-ବୈଜ୍ଞାନିକ ରାୟବାହାଦୁର ଯୋଗେଶ ଚନ୍ଦ୍ର ରାୟ ପ୍ରଫେସର ଥିଲେ । ସର୍ବଶ୍ରୀ ଦେବବ୍ରତ ମୁଖାର୍ଜୀ, ପର୍ଶୁରାମ ମିଶ୍ର (ପରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ହେଲେ) ଓ ଅଧିରାଜ ମୋହନ ସେନାପତି ପ୍ରମୁଖ ଏହି ବିଭାଗ ସହିତ ସଂପୃକ୍ତ ଥିଲେ । କଲେଜର ତତ୍କାଳୀନ ଅଧ୍ୟକ୍ଷ ଲାମ୍ବର୍ଟସାହେବ (H. Lambert, I.E.S.) ମଧ୍ୟ ଜଣେ ଉଦ୍ଭିଦ ବିଜ୍ଞାନୀ । ବିଶ୍ୱବିଦ୍ୟାଳୟ ସ୍ତରରେ ସେ ଆମ ପ୍ରାକ୍ଟିକାଲ୍ ପରୀକ୍ଷାର ପରୀକ୍ଷକ ହେଉଥିଲେ । ଥରେ ଅଧ୍ୟକ୍ଷ Lambert ସାହେବ କ୍ଲାସରେ ରୋଲକଲ ସମୟରେ ମୋ ରୋଲ ନମ୍ବରକୁ ମଝିରେ ଛାଡ଼ିଦେଇ ପାଞ୍ଚ ପରେ ସାତ ଡାକିଥିଲେ । ରୋଲକଲ ପରେ ମୁଁ ଛିଡ଼ାହୋଇ ମୋ ଆଟେଣ୍ଡାନ୍ସ (attendance) ନେବାପାଇଁ ଅନୁରୋଧ କରିବାକୁ ସେ କହିଲେ, ମୁଁ କ୍ଲାସରେ ପ୍ରବେଶ କଲାବେଳେ ତୁମେ କାହିଁକି ଛିଡ଼ା ହେଲନି? (What prevented you from standing when the Professor entered the class room ?) ପ୍ରକୃତରେ ଅନ୍ୟମନସ୍କ ଥିବାରୁ ମୁଁ ଛିଡ଼ା ହୋଇ ନଥିଲି । ଲଜ୍ଜିତ ହେଲି । ଗ୍ଲାନିବୋଧରେ ମୋ ମୁଣ୍ଡ ନଇଁଗଲା । କହିଲି, କ୍ଷମା, କରିବେ (Please excuse me) । ଏଥିରୁ ଜଣାଯାଏ ଯେ ସେ ସମୟର ଅଧ୍ୟାପକମାନେ ପ୍ରତ୍ୟେକ ଛାତ୍ର ସହିତ ପରିଚିତ ଥିଲେ ଓ ପ୍ରତ୍ୟେକ କାର୍ଯ୍ୟକଳାପ ପ୍ରତି ସତର୍କ ଦୃଷ୍ଟି ରଖୁଥିଲେ । ଛାତ୍ରର ଚରିତ୍ର ଗଠନ ଓ ଶିକ୍ଷାଦାନ, ଉଭୟବିଧ କାର୍ଯ୍ୟ ପ୍ରତି ସେମାନେ ନିଷ୍ଠାବାନ ଥିଲେ । ଛାତ୍ରମାନଙ୍କୁ ବ୍ୟକ୍ତିଗତ ଭାବରେ ଜାଣୁଥିଲେ । ମାତ୍ର ଏବେ ଏ କ୍ଷେତ୍ରରେ ସେପରି ଦେଖାଯାଏ ନାହିଁ ।

ଆମ ଇତିହାସ ବିଭାଗର ମୁଖ୍ୟ ପ୍ରଫେସର ଥିଲେ ସାର୍ ଯଦୁନାଥ ସରକାର । ଜଣେ ଉଚ୍ଚକୋଟୀର ଐତିହାସିକ ଭାବରେ ତାଙ୍କର ଆନ୍ତର୍ଜାତିକ ଖ୍ୟାତି ଥିଲା । ଭାରତରେ ମୋଗଲ ଶାସନ ବିଷୟରେ ଜଣେ ବିଶେଷଜ୍ଞ ଭାବରେ ସେ ଖ୍ୟାତି ଅର୍ଜନ କରିଥିଲେ । ବ୍ରିଟିଶ ସରକାର ତାଙ୍କୁ ସାର୍ (knight) ଉପାଧିରେ ଭୂଷିତ କରିଥିଲେ । ସେତେବେଳେ ଭାରତର ଖୁବ୍ କମ୍ ଲୋକଙ୍କୁ ଏହିଭଳି ଉପାଧି ଦିଆଯାଇଥିଲା । ସେ ମଧ୍ୟ କିଛିଦିନ ପାଇଁ କଲେଜର କାର୍ଯ୍ୟକାରୀ ଅଧ୍ୟକ୍ଷ ଥିଲେ । ଏଠାରୁ ଅବସର ଗ୍ରହଣ କଲାପରେ ସେ କଲିକତା ବିଶ୍ୱବିଦ୍ୟାଳୟର କୁଳପତି ହୋଇଥିଲେ । ସେ ଥିଲେ ଜଣେ ଦୀର୍ଘକାୟ ବ୍ୟକ୍ତି । କ୍ଲାସକୁ ଫେଲ୍ଟହ୍ୟାଟ୍ ଦେଇ, ହାତରେ ଖଣ୍ଡିଏ ବାଡ଼ି ଧରି ସେ ଆସୁଥିଲେ । ପଢ଼ା ଆରମ୍ଭ କରିବା ଆଗରୁ ଗୋଟିଏ କୋଣରେ ବାଡ଼ି ଓ ଟେବୁଲ ଉପରେ ଟୋପି ରଖୁଥିଲେ । ତାଙ୍କ କହିବାର ଭଙ୍ଗୀ ଚମତ୍କାର ଥିଲା । କ୍ଲାସରେ ଆମେ ଛାତ୍ରମାନେ ମନ୍ତ୍ରମୁଗ୍ଧ ପରି ତାଙ୍କର ବକ୍ତୃତା ଶୁଣୁଥିଲୁ । ପିରିୟଡ଼ ଶେଷ ଭାଗରେ ଅନେକ ସମୟରେ ସେ ପ୍ରଶ୍ନୋତ୍ତର କରାଉଥିଲେ । ଅନ୍ୟାନ୍ୟ ଇତିହାସ ଅଧ୍ୟାପକମାନଙ୍କ ମଧ୍ୟରେ ନିର୍ମଳ ଚନ୍ଦ୍ର ବାନାର୍ଜୀ ଓ ନିଶିକାନ୍ତ ସାନ୍ୟାଲଙ୍କ ନାମ ଉଲ୍ଲେଖ କରାଯାଇପାରେ ।

ତର୍କଶାସ୍ତ୍ର ବା ଲଜିକ୍ (logic)ର ବିଭାଗୀୟ ମୁଖ୍ୟ ଥିଲେ ବ୍ୟାସକବି ଫକୀରମୋହନ ସେନାପତିଙ୍କ ପୁଅ ମୋହିନୀମୋହନ ସେନାପତି । ସେ କେବଳ ସ୍ନାତକ (B.A) ଶ୍ରେଣୀରେ ପଢ଼ାଉଥିଲେ । ଆଇ.ଏ. ଶ୍ରେଣୀରେ ଆମକୁ ରତ୍ନେଶ୍ୱର ଚାଟାର୍ଜୀ ତର୍କଶାସ୍ତ୍ର ପଢ଼ାଉଥିଲେ । କାଶୀନାଥ ଦାସ ଓ ଆର୍ତ୍ତବଲ୍ଲଭ ମହାନ୍ତି ଥିଲେ ଆମର ଓଡ଼ିଆ ଅଧ୍ୟାପକ । ଗିରିଜା ଶଙ୍କର ରାୟ ଓ ଜନାର୍ଦ୍ଦନ ମହାନ୍ତି ଆମକୁ ଇଂରାଜୀ ପଢ଼ାଉଥିଲେ ।

କଳା ଓ ବିଜ୍ଞାନ ମିଶି ସେତେବେଳେ ଆମ କଲେଜର ଛାତ୍ର ସଂଖ୍ୟା ଥିଲା ପାଞ୍ଚଶହ (ବର୍ତ୍ତମାନ ପାଞ୍ଚହଜାରରୁ ଅଧିକ ହେବ) । ଏଣୁ ଆଜିକାଲି ପରି କଲେଜରେ ନାଁ ଲେଖାଇବାକୁ ଏତେ ଭିଡ଼ ନଥିଲା ।

ଆମ କଲେଜ ସମ୍ପର୍କରେ ମୋର ଗୋଟିଏ କଥା ମନେ ପଡ଼ୁଛି । କଲିକତାରେ ମୋର କେତେକ ବଙ୍ଗୀୟ ବନ୍ଧୁ ଥରେ ମୋ ସହିତ ଆଲୋଚନା କଲାବେଳେ, ଜଣେ ପଚାରିଥିଲେ- ରେଭେନ୍ସା କଲେଜ କଣ ଗୋଟିଏ ବଡ଼ କଲେଜ? ଉତ୍ତରରେ ମୁଁ କହିଥିଲି-ଆମ ରେଭେନ୍ସା କଲେଜର ଜଣେ ପ୍ରଫେସର ସାର୍ ଯଦୁନାଥ ସରକାର ତୁମ କଲିକତା ବିଶ୍ୱବିଦ୍ୟାଳୟର କୁଳପତି । ଏଇଥିରୁ ରେଭେନ୍ସା କଲେଜର ସ୍ଥାନ କେତେ ଉଚ୍ଚରେ ବୁଝିପାରୁଥିବ (You can imagine how big our Ravenshaw College is !) ଅବଶ୍ୟ ଏକଥା ମୁଁ କୌତୁକ ଛଳରେ କହିଥିଲି । କିନ୍ତୁ ଏକଥା ଅକ୍ଷରେ ଅକ୍ଷରେ ସତ୍ୟ ।

ରେଭେନ୍ସା କଲେଜରେ ଆମର ଉଦ୍ଭିଦ ବିଜ୍ଞାନର ପ୍ରଫେସର ଥିଲେ ପର୍ଶୁରାମ ମିଶ୍ର । ଜଣେ ସରଳ, ମିଷ୍ଟଭାଷୀ ଓ ଛାତ୍ରବତ୍ସଳ ଅଧ୍ୟାପକ ଭାବରେ ତାଙ୍କର ସୁନାମ ଥିଲା । ସେ ପରବର୍ତ୍ତୀ ଜୀବନରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ହୋଇଥିଲେ ।

କନିକା ଲାଇବ୍ରେରୀ

ଆମ କଲେଜ ଲାଇବ୍ରେରୀ ନାଁ କନିକା ଲାଇବ୍ରେରୀ । କନିକାର ତତ୍କାଳୀନ ରାଜା ଏହି ପାଠାଗାର ନିମନ୍ତେ ବହୁ ଅର୍ଥ ପ୍ରଦାନ କରିଥିବାରୁ କନିକା ନାମ ଅନୁସାରେ ଏହାର ନାମ କନିକା ଲାଇବ୍ରେରୀ ହୋଇଛି ।

ବିରାଟ ଏକ ଘରେ ଲାଇବ୍ରେରୀର ସମସ୍ତ ପୁସ୍ତକ ଓ ପତ୍ରପତ୍ରିକା ସୁରକ୍ଷିତ ରହିଥାଏ। ରେଭେନ୍ସା କଲେଜର କେନ୍ଦ୍ରସ୍ଥଳରେ ଏହା ପ୍ରତିଷ୍ଠିତ ଓ ଦୂରରୁ ଖୁବ୍ ସୁନ୍ଦର ଦିଶେ। ପୋର୍ଟିକୋ ପାଖରୁ ଏକ ସିଧାସଳଖ ରାସ୍ତା ଲାଇବ୍ରେରୀକୁ ପଡ଼ିଛି। ମୋ ପଢ଼ିବା ସମୟରେ ଲାଇବ୍ରେରୀ ପାଖକୁ ଲାଗି ଯେଉଁ ଛୋଟ କୋଠରିଟି ଥିଲା, ସେଠାରେ ଇଂରାଜୀ ଏମ୍.ଏ. କ୍ଲାସ୍ ହେଉଥିଲା। ମାତ୍ର ଦଶ ପନ୍ଦର ଜଣ ଛାତ୍ର ଏମ୍.ଏ. ପଢୁଥିଲେ। କେବଳ ଇଂରାଜୀରେ ସ୍ନାତକୋତ୍ତର ବିଭାଗ ଖୋଲିଥିଲା।

ରେଭେନ୍ସା କଲେଜକୁ ଯିବାଆସିବା କରିବା ସମୟରେ ମୁଁ ଦୋଳମୁଣ୍ଡାଇ-ବଜ୍ରକବାଟି ରାସ୍ତା କିମ୍ବା ଦୋଳମୁଣ୍ଡାଇ-ଛତ୍ରବଜାର ବାଟ ଦେଇ ଯାଉଥିଲି। ସେସବୁ ରାସ୍ତାରେ ଆଦୌ ଜନଗହଳି ନଥିଲା। ଆଜିକାଲି ସେସବୁ ରାସ୍ତା ଏତେ ଭିଡ଼ ରହୁଛି ଯେ, ଅନେକ ସମୟରେ ଦୁର୍ଘଟଣା ହେବାର ଆଶଙ୍କା ରହୁଛି। କିନ୍ତୁ ସେତେବେଳେ ଏପରି ନିର୍ଜନ ରହୁଥିଲା ଯେ, ଦିନବେଳେ ଗଲେ ବି ଡର ମାଡ଼େ। ବଜ୍ରକବାଟି ଛକରେ ଥାଏ ଗୋଟାଏ ମଦଭାଟି। ସେଠି ମଦୁଆ ଲୋକଙ୍କର ଆଡ୍ଡା। ଛତ୍ରବଜାରରେ ମଧ୍ୟ ଗୋଟିଏ ଛୋଟ ମଦଭାଟି ଥାଏ।

ଦିନକର କଥା। ମୁଁ କଲେଜରୁ ଫେରୁଥାଏ। ଏକୁଟିଆ। ବଜ୍ରକବାଟି ଭାଟିରେ ଦଳେ ମଦୁଆଙ୍କ ଭିତରେ ଲାଗିଥାଏ କଳିକଜିଆ। ଜଣେ କହୁଥାଏ ଆରେ ଜାନିସ୍, ଭଗବାନ ବୋଲେଚେନ, ଆମି ମାତାଲଦେର୍ ଆତ୍ମାୟ ଥାକି। ମଦ ଖାଇଲୁ ବୋଲି କଣ ଆମେ ଅମଣିଷ ହୋଇଗଲୁ ? ଭଗବାନ ବି ଆମକୁ ଶ୍ରଦ୍ଧା କରନ୍ତି। ଅନ୍ୟ ଜଣେ ମଦୁଆ ପାଣି ପିଉ ପିଉ ଟୋପାଏ ପାଣି ହାତରେ ରଖି କହୁଥାଏ- ଜଲ୍ ! ଏଇ ଜନ୍ୟେଇ ତୋମାର ନାମ ଜୀବନ। ତାଠୁଁ ଏଭଳି କଥା ଶୁଣି ମୋର ଧାରଣା ହେଲା, ମଦୁଆ ହେଲେ ବି ଇଏ ପାଠପଢୁଆ ଲୋକ ! ଆଶ୍ଚର୍ଯ୍ୟ ଲାଗେ, ମଦନିଶାର କି ଠାଣି !

କଲେଜ ଡ୍ରାମା

ପାଠ୍ୟକ୍ରମ ସହିତ ନାଟକ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅର୍ନ୍ତଭୂତ ଥିଲା। ଛାତ୍ରର ମାନସିକ ବିକାଶ, ଶାରୀରିକ ବିକାଶ ଓ ଛାତ୍ରକୁ ସଂସ୍କୃତି ସଚେତନ କରିବା ନିମନ୍ତେ ଏସବୁର ଆବଶ୍ୟକତା ରହିଥିଲା। ବାର୍ଷିକୋତ୍ସବ, କ୍ରୀଡ଼ାଉତ୍ସବ ପ୍ରଭୃତି କଲେଜର ଆକର୍ଷଣୀୟ ଉତ୍ସବ ଥିଲା। ମୁଁ ଓ ମୋର କେତେକ ସହପାଠୀ ଏସବୁ କାର୍ଯ୍ୟକଳାପରେ ଅତ୍ୟନ୍ତ ଆଗ୍ରହର ସହିତ ଯୋଗ ଦେଉଥିଲୁ। ବିଶେଷକରି ଡ୍ରାମାରେ ମୋର ଅଧିକ ଉତ୍ସାହ ଓ ଆଗ୍ରହ ରହିଥିଲା। ସେଇ ସମୟର ଗୋଟିଏ ଘଟଣା ମୋର ଏବେ ବି ମନେଅଛି।

ପରମାନନ୍ଦ ପଟ୍ଟନାୟକ ନାମକ ଜଣେ ସୁନ୍ଦର ସୁଦର୍ଶନ ଯୁବକ ବେଶ୍ ବେଶପୋଷାକ ପିନ୍ଧି କଲେଜ ଆସନ୍ତି। ପରିଧାନରେ ତାଙ୍କର ପେଣ୍ଟ, କୋଟ୍, ଟାଇ। ଆମ ଭିତରୁ ଖୁବ୍ କମ୍ ପିଲା ପେଣ୍ଟ ପିନ୍ଧୁଥିଲେ। ପରମାନନ୍ଦ ବାବୁଙ୍କର ଧାରଣା ଥିଲା ତାଙ୍କ ଚେହେରା ଠିକ୍ ରାଜା ଚେହେରା ଭଳି। ଥରେ ସେ କଲେଜ ଡ୍ରାମାରେ ରାଜା ପାର୍ଟ ନେବାକୁ ମନ କଲେ। ଥିଏଟର ଦାୟିତ୍ୱରେ ଥିଲେ ପ୍ରଫେସର ନାରାୟଣ ମିଶ୍ର। ସେ ପରମାନନ୍ଦଙ୍କୁ କହିଲେ, ରାଜା ଚେହେରା ଥିଲେ କଣ ହେଲା, ତୋର ତ ଗୁଣ ନାହିଁ। ତାଙ୍କୁ ଅନ୍ୟ ଗୋଟିଏ ଭୂମିକା ଦିଆଗଲା। ମାତ୍ର ନାଟକ ଆରମ୍ଭ ହେବା ସଙ୍ଗେ ସଙ୍ଗେ ପରମାନନ୍ଦ ହଠାତ୍ ରାଜାପୋଷାକ ପିନ୍ଧି ମଞ୍ଚ ଉପରେ ଆସି ପହଞ୍ଚିଗଲେ ଓ ଦର୍ଶକମାନଙ୍କୁ ଲକ୍ଷ୍ୟକରି କହିଲେ, ଆପଣମାନେ ମୋ ରୂପକୁ ଦେଖନ୍ତୁ। ମୁଁ ରାଜା ରୋଲ୍ କରିବି ନା ଯାହାକୁ ଦିଆଯାଇଛି ସେ କରିବ ? କାହା ଚେହେରା ରାଜାପରି ଦିଶୁଛି କହିଲେ ? ଏପରି ଅଭାବିତ ପରିସ୍ଥିତି ପାଇଁ କେହି ପ୍ରସ୍ତୁତ ନ ଥିଲେ। ଚାରିଆଡୁ ଡ୍ରପ୍ ଡ୍ରପ୍ ବୋଲି ଚିତ୍କାର ଶୁଭିଲା। ସଙ୍ଗେ ସଙ୍ଗେ ଡ୍ରପ୍ ସିନ୍ ପକାଇ ଦିଆଗଲା। ଗୋଳମାଳର ଆଶଙ୍କା କରି ଡ୍ରାମାର ଉଦ୍ୟୋକ୍ତାମାନେ ପରମାନନ୍ଦଙ୍କୁ ବୁଝାଇଦେଇ ଷ୍ଟେଜରୁ ତଳକୁ ଓହ୍ଲାଇ ଆଣିଲେ। ହାସ୍ୟରୋଳରେ ସାରା ଅଡ଼ିଟୋରିୟମ ଉଛୁଳି ଉଠିଲା।

ଏହି ଘଟଣାର ଦୁଇ ତିନି ଦିନ ପରେ ପରମାନନ୍ଦ ଟିକିଏ ବିଳମ୍ବରେ ଶ୍ରେଣୀରେ ପହଞ୍ଚିଲେ। ସେତେବେଳେ ଆମ ଓଡ଼ିଆ କ୍ଲାସ ନେଉଥାନ୍ତି ପ୍ରଫେସର ଆର୍ତ୍ତବଲ୍ଲଭ ମହାନ୍ତି। ସେ ତାଙ୍କୁ ପଚାରିଲେ, ପରମାନନ୍ଦ, କାହିଁକି ଏତେ ଡେରିରେ କ୍ଲାସକୁ ଆସିଲ? ବେଶ୍ ନାଟକୀୟ ଭଙ୍ଗୀରେ ଉତ୍ତର ଦେଲେ ପରମାନନ୍ଦ, ସାର୍ ହୋଇଗଲା ଟିକିଏ ବିଳମ୍ବ ! ତେବେ କି ମୁଁ କରିବି ପ୍ରସ୍ଥାନ ? ପ୍ରଫେସର କହିଲେ, ଅବିଳମ୍ବେ ପ୍ରସ୍ଥାନ କର। ପରମାନନ୍ଦ ନମସ୍କାର କଲେ ଓ ପ୍ରସ୍ଥାନ କଲେ। କ୍ଲାସରେ ପ୍ରବଳ ହାସ୍ୟରୋଳର ଉଚ୍ଛ୍ୱାସ ଖେଳିଗଲା।

ଆଇ.ଏ. ଓ ବି.ଏ. ଛଡ଼ା ଏମ୍.ଏ. କେବଳ ଇଂରାଜୀରେ ଥିଲା। ଆମ କଲେଜରେ ଇଂରାଜୀ ଏମ୍.ଏ.ରେ ସେତେବେଳେ ମାତ୍ର ଦଶ ବାରଜଣ ଛାତ୍ର ଥିଲେ। ଅନ୍ୟାନ୍ୟ ବିଷୟରେ ଏମ୍.ଏ. ପଢ଼ିବାକୁ ହେଲେ ପାଟନା ବା ଅନ୍ୟତ୍ର ଯିବାକୁ ପଡୁଥିଲା। ସେତେବେଳେ ମାଟ୍ରିକ୍ ଠାରୁ ଏମ୍.ଏ. ପର୍ଯ୍ୟନ୍ତ ସବୁ ପରୀକ୍ଷା ପାଟନା ବିଶ୍ୱବିଦ୍ୟାଳୟ ପରିଚାଳନା କରୁଥିଲେ। ୧୯୪୩ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହେଲା। ୧୯୪୪ ମସିହା ପରଠାରୁ ଆଉ ଛାତ୍ରମାନଙ୍କୁ ପାଟନା ଯାଇ ପରୀକ୍ଷା ଦେବାକୁ ପଡୁନଥିଲା।

ବୀଣା ଦେଈ

ଯାହାହେଉ ଆମେ ଦୁଇ ଭଉଣୀ, ମୁଁ ଓ ଜ୍ୟୋତ୍ସ୍ନା ଘରୋଇ ଛାତ୍ରୀ ଭାବରେ ମାଟ୍ରିକ୍ୟୁଲେସନ୍ ପରୀକ୍ଷା ଦେଇ ପାଟଣା ୟୁନିଭର୍ସିଟିରୁ ୧୯୨୪ ମସିହା ଏପ୍ରିଲ୍ ମାସରେ ବାଳିକାମାନଙ୍କ ଭିତରେ 'ଯୁଗ୍ମ ଭାବେ' ପ୍ରଥମ ହୋଇ ପାସ୍ କଲୁ ଏବଂ ଦୁଇଜଣ ଯାକ ଗୋଟିଏ ଲେଖାଏ 'Queen Marry's Medal' ପାଇଲୁ। ଆମ ଦୁହିଁଙ୍କୁ ମାସିକ କୋଡ଼ିଏ ଟଙ୍କା ହିସାବରେ ବୃତ୍ତି ମଧ୍ୟ ମିଳିଲା। ସେ ସମୟରେ ଖବର କାଗଜରେ ମାଟ୍ରିକ୍ ପାସ୍ କରୁଥିବା ପିଲାମାନଙ୍କର ନାମ ଓ ଡିଭିଜନ୍ ଇତ୍ୟାଦି ପ୍ରକାଶିତ ହେଉଥାଏ। ଆମେ ଦୁହେଁ ଉଚ୍ଚ ନମ୍ବର ରଖି ପାସ୍ କରିବା, ମେଡ଼ାଲ୍ ପାଇବା ଏବଂ ବୃତ୍ତି ମିଳିବା ଖବର ମଧ୍ୟ ଖବରକାଗଜରେ ବାହାରିଲା। ଏକଥା ଶୁଣି ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ। ଅନେକ ଲୋକ ଆମ ଘରକୁ ଆସି ପ୍ରଶଂସା କରିବାକୁ ଲାଗିଲେ। ସେହିଦିନଠାରୁ ସବୁ ମାଆମାନେ, ସେମାନଙ୍କ ଝିଅମାନେ କିପରି ଓଡ଼ିଆ ପାଠ ପଢ଼ିବେ, ସେ ଦିଗରେ ଆଗ୍ରହୀ ହୋଇଉଠିଲେ। ଯେଉଁ ହିନ୍ଦୁ ଝିଅମାନେ ସପ୍ତମ ଶ୍ରେଣୀରେ ପଢୁଥିଲେ ଏବଂ ସେମାନଙ୍କୁ ସେହିଠାରୁ ସ୍କୁଲରୁ ଉଠାଇ ନେଇଯିବା କଥା ସେମାନେ ଆଉ ସ୍କୁଲ୍ ନଛାଡ଼ି ରହିଗଲେ ଏବଂ ଆମର ପାସ୍ କରିବାର ପାଞ୍ଚବର୍ଷ ପରଠାରୁ ଓଡ଼ିଆ ହିନ୍ଦୁ ଘରର ଝିଅ ମାଟ୍ରିକ୍ୟୁଲେସନ୍ ପର୍ଯ୍ୟନ୍ତ ପଢ଼ିବାକୁ ଲାଗିଲେ। ତେଣିକି ସେମାନେ ଆଗେଇ ଚାଲିଲେ। ମୁଁ ଏତେ କଷ୍ଟ ସ୍ୱୀକାର କରି ପାଠ ପଢ଼ିଥିଲି ବୋଲି ଅନ୍ୟ ଝିଅମାନଙ୍କ ପାଇଁ ବାଟ ଫିଟିଗଲା। ଏ କଥା ଭାବିଲେ ମୋ ମନରେ ଅତ୍ୟନ୍ତ ଆନନ୍ଦ ଜାତ ହୁଏ ଏବଂ ମୁଁ ପରମ ସନ୍ତୋଷ ଲାଭ କରେ। କେହି କେହି ହୁଏତ ଭାବିପାରନ୍ତି ଯେ ଓଡ଼ିଶାର ହିନ୍ଦୁଘରର ଝିଅମାନଙ୍କର ଉଚ୍ଚ ଶିକ୍ଷାର ପଥ ପ୍ରଦର୍ଶକ ମୁଁ ନୁହେଁ। ସେମାନଙ୍କୁ ମୁଁ କହିବାକୁ ଚାହେଁ ଯେ, ଝିଅମାନେ ଯଦି ଆଗରୁ ପଢ଼ିଥାନ୍ତେ, ତା'ହେଲେ ଆମେ ଦୁଇ ଭଉଣୀ ୧୯୨୪ ମସିହାରେ ପାସ୍ କରିବାର ଠିକ୍ ପରେ ପରେ ୧୯୨୫ ଓ ୧୯୨୬ରେ ମଧ୍ୟ ସେମାନେ କ୍ରମାନ୍ୱୟରେ ପାସ୍ କରିଥାନ୍ତେ। କିନ୍ତୁ ତାହା ନହୋଇ ଆମେ ପାସ୍ କରିବାର ୩-୪ ବର୍ଷ ବ୍ୟବଧାନରେ ଦ୍ୱିତୀୟ ବ୍ୟାଚ୍‌ର ଝିଅ ମାଟ୍ରିକ୍ୟୁଲେଟ୍ ହୋଇ ବାହାରିଲେ।

ଏଥିରୁ କ'ଣ ଜଣାଯାଏ ନାହିଁ କି ଆମେ ପଢ଼ିବା ଦ୍ୱାରା ସେମାନେ ଅନୁପ୍ରାଣିତ ହୋଇ ନିଜେ ପଢ଼ିବାକୁ ଲାଗିଲେ ? ଆଉ କେତେ ଜଣ ଭଦ୍ରଲୋକ ଆମେ ମାଟ୍ରିକ୍ ପାସ୍ କରିବା ପରେ ତାଙ୍କର ପ୍ରଥମ ଦୁଇ-ତିନି ଝିଅଙ୍କୁ ନପଢ଼ାଇ ସାନ ଝିଅମାନଙ୍କୁ ପଢ଼ାଇବାକୁ ଲାଗିଲେ। ଏହାର କାରଣ, ନାରୀ ଶିକ୍ଷା ତଥାପି ଅଗ୍ରଗତି କରି ନଥିଲା। ଏହିପରି ଆହୁରି ଅନେକ ଉଦାହରଣ ଦିଆଯାଇପାରେ। ବର୍ତ୍ତମାନ ପରି ସେ ସମୟରେ ପୁରୁଷ ପିଲାଙ୍କ ସ୍କୁଲ୍ ଓ କଲେଜରେ ଝିଅମାନଙ୍କୁ ଅନୁମତି ମିଳୁ ନଥିବାରୁ ରେଭେନ୍ସା ବାଳିକା ବିଦ୍ୟାଳୟରେ ଆଇ.ଏ. (ସେ ସମୟରେ ଏଫ୍.ଏ.)ର ଦୁଇଟି କ୍ଲାସ୍ ଖୋଲା ହୋଇଥିଲା। କିନ୍ତୁ ସେଥିରେ ଓଡ଼ିଆ ଏବଂ ଇଂରାଜୀ, ଏହି ଦୁଇଟି ବାଧ୍ୟତାମୂଳକ ବିଷୟ ଛଡ଼ା ଆଉ ତିନୋଟି ବିଷୟ ପଢ଼ିବାର ସୁବିଧା ଥିଲା, ତାହା ହେଲା, Logic, Sanskrit ଏବଂ Botany। କିନ୍ତୁ ଇଚ୍ଛାନୁଯାୟୀ ପଢ଼ିବା ପାଇଁ ରେଭେନ୍ସା କଲେଜକୁ ଯିବାକୁ ପଡୁଥିଲା। ସପ୍ତାହରେ ଦୁଇ ଦିନ ସେଠାରେ ବୋଟାନୀ ପଢ଼ାଇବାର ବ୍ୟବସ୍ଥା ଥାଏ। ସେ ସମୟରେ ଆମେ ପାଞ୍ଚଜଣ ଝିଅ, ଯଥା-ଆମେ ଦୁଇ ଭଉଣୀ (ମୁଁ ଆଉ ଜ୍ୟୋତ୍ସ୍ନା) ଏବଂ ତିନି ଜଣ ଖ୍ରୀଷ୍ଟିଆନ୍ ଝିଅ-ବନଲତା ଯାଚକ, ଶାନ୍ତା ଚୌଧୁରୀ ଏବଂ ଫୁଲମଣି ନାୟକ ପଢୁଥିଲୁ। ସପ୍ତାହରେ ଯେଉଁ ଦୁଇଦିନ ଆମର ବୋଟାନୀ କ୍ଲାସ୍ ଥାଏ ସେଦିନ ଦୁଇଦିନ ଅନ୍ୟ କୌଣସି ପୁରୁଷ ପିଲାଙ୍କୁ ବୋଟାନୀ ପଢ଼ାଯାଏ ନାହିଁ। ଆମେ କଲେଜରେ ପ୍ରାୟ ପାଞ୍ଚ ଘଣ୍ଟା ରହୁ ଏବଂ ଏକାଦିନକେ ବୋଟାନୀର ଥିଓରି ଏବଂ ପ୍ରାକ୍ଟିକାଲ୍ କ୍ଲାସ୍ ହୁଏ। ପ୍ରଫେସର ଡକ୍ଟର ପରିଜା, ଡକ୍ଟର ସୁବ୍ରତ ଚାଟାର୍ଜୀ, ଡକ୍ଟର ମିଶ୍ର ଏବଂ ଆଉ ଜଣେ ପ୍ରାକ୍ଟିକାଲ୍ କ୍ଲାସ୍‌ର ଭଦ୍ରଲୋକ ଆମକୁ ପଢ଼ାନ୍ତି। ରେଭେନ୍ସା ବାଳିକା ବିଦ୍ୟାଳୟରୁ ପ୍ରାୟ ଦିନ ୧୧ଟା ୩୦ରେ ଗୋଟିଏ ଘୋଡ଼ା ଗାଡ଼ିରେ ବସି ଆମେ କଲେଜକୁ ଆସୁ ଏବଂ ଆମକୁ ଜଗିବା ପାଇଁ

ଆମର ଲଜିକ୍ ପ୍ରଫେସର ମିସ୍ ଭକ୍ତିଲତା ଚାନ୍ଦ୍ ଆମ ସାଙ୍ଗରେ ଯାଆନ୍ତି ଏବଂ ଆମର ପଢ଼ା ସରିବା ପର୍ଯ୍ୟନ୍ତ ସେ ପ୍ରଫେସରଙ୍କ କମନ୍‌ରୁମ୍‌ରେ ବସନ୍ତି । ଆମର ପଢ଼ା ସରିଲେ ସେ ଆମ ସାଥିରେ ସ୍କୁଲକୁ ଫେରନ୍ତି । ଘୋଡ଼ାଗାଡ଼ିରେ ଗଲାବେଳେ ଗାଡ଼ିର ଝିଡ଼ିକି ସବୁ ବନ୍ଦ ହୁଏ । ତଥାପି ଆମ କଲେଜରେ ପହଞ୍ଚି ଗାଡ଼ିରୁ ଓହ୍ଲାଇଲାବେଳେ, ପୁଣି ପଢ଼ା ଶେଷରେ ଗାଡ଼ିରେ ଉଠିଲାବେଳେ ପୁରୁଷ ପିଲାମାନେ ଏଠିସେଠି ଉଙ୍କିମାରି ଆମକୁ ଚାହାଁନ୍ତି ।

ଦିନେ ଆମେ କଲେଜକୁ ଗଲାବେଳେ ଦେଖାଗଲା ଘୋଡ଼ାଗାଡ଼ିରେ ଗୋଟିଏ ଝିଡ଼ିକି ଭଙ୍ଗା ଥିଲା ଏବଂ ସେଇ ବାଟ ଦେଇ ମିସ୍ ଚାନ୍ଦ୍‌ଙ୍କ ଦେହରେ ଖରା ପଡୁଥିଲା । ସେ ବିରକ୍ତି ପ୍ରକାଶ କରି ଗାଡ଼ିବାଲା ଉଦ୍ଦେଶ୍ୟରେ ଟିପ୍‌ପଣୀ କରି କହିଲେ - "ବୋକାଟା ଗୋଟାଏ ଭଙ୍ଗା ଗାଡ଼ିରେ ବସାଇ ଆମକୁ ଖରା ଖୁଆଇ ଖୁଆଇ ଆଣିଲା ।" ସେ ପୁଣି ଧୀର ସ୍ୱରରେ କହିଲେ- "ଉଡ଼େ ବୁଦ୍ଧି ତ ।" ଏ କଥା ମୁଁ ଶୁଣି ପାରିଥିଲି; କିନ୍ତୁ ଆମେ ଏତେଜଣ ଓଡ଼ିଆଣୀ ଥାଇ ସେ ଆମ ସାମ୍ନାରେ ଏଭଳି କହିଥିବେ ବୋଲି ମୋର ବିଶ୍ୱାସ ହେଲା ନାହିଁ । ପ୍ରତିଥର ଆମେ କଲେଜ ପଢ଼ାସାରି ରେଭେନ୍‌ସା ବାଳିକା ବିଦ୍ୟାଳୟର ହଷ୍ଟେଲ୍‌ରେ ଓହ୍ଲାଉ ଏବଂ ସେଠାରୁ ନିଜ ନିଜ ଘରକୁ ଯାଉ । ମିସ୍ ଚାନ୍ଦ୍ ହଷ୍ଟେଲ୍‌ରେ ରହନ୍ତି । ଗାଡ଼ିରୁ ଓହ୍ଲାଇବା ପରେ ସହପାଠିନୀ ଫୁଲମଣି ମତେ କହିଲା- "ମିସ୍ ଚାନ୍ଦ୍ କ'ଣ କହିଲେ ଶୁଣିଲୁ ତ ଦେଇ। ତୁ କେମିତି ପ୍ରତିବାଦ ନକରି ନୀରବ ରହିଲୁ ?" ଆଚ୍ଛା ହେଉ ଦେଖିବା କହି ମୁଁ ଘରକୁ ଆସିଲି । ପରବର୍ତ୍ତୀ ଦିନ ପୁଣି ଯେତେବେଳେ ଆମେ କଲେଜ ଗଲୁ, ଘୋଡ଼ାଗାଡ଼ି ଚାଲିଥାଏ ମୁଁ କହିଲି- "ଏଇଟା ଭଙ୍ଗାଗାଡ଼ି ନୁହେଁ ତ? ଗଲାଥର ଉଡ଼େ ବୋକାମି କରି 'ବଙ୍ଗାଳୀ ବୁଦ୍ଧିଆ'ଙ୍କ ଠାରୁ ହକ ପଇସା ନେଲା ଅଥଚ୍ ଖରା ଖୁଆଇ ଖୁଆଇ ନେଲା । ଏଥର ବୁଦ୍ଧିଆ ବଙ୍ଗାଳୀ ବୋକା ଓଡ଼ିଆଙ୍କ ଠକାମିରେ ପଡ଼ି ନାହାନ୍ତି ତ?" ଏକଥା ଶୁଣି ମିସ୍ ଚାନ୍ଦ୍‌ଙ୍କ ମୁହଁ କଳା ପଡ଼ିଗଲା । ସେ ମୁହଁ ଶୁଖାଇ ମଥା ନତକରି ବସି ରହିଲେ ଏବଂ ଗାଡ଼ି ଭିତରେ ଆମ ସାଙ୍ଗରେ ଆଉ କଥା କହି ନାହାନ୍ତି ।

ଆଉ ଦିନେ କଲେଜ ଗଲାବେଳେ ଘୋଡ଼ାଗାଡ଼ି ଝିଡ଼ିକିର ଝିଲିମିଲି ବାଟେ ବାହାରେ ଥିବା ଫଳନ୍ତି ଓଉଗଛକୁ ଦେଖି ମିସ୍ ଚାନ୍ଦ୍ ମୋତେ ପଚାରିଲେ- ଓବୀନାପାନି ! ତୋମରା ଏକେ କି ବଲୋ?" ମୁଁ କହିଲି - 'ଓଉ'। ସେ ଖୁବ୍ ହସିଲେ। ତେଣୁ ମୁଁ ତାଙ୍କୁ ପଚାରିଲି - 'ଆପଣ ଏହାକୁ କ'ଣ କହନ୍ତି ?" ସେ କହିଲେ- 'ଚାଲ୍‌ତା'। ମୁଁ ଖୁବ୍ କୋର୍‌ରେ ହସିଲି ଏବଂ ମୋ ସାଥିରେ ସମସ୍ତେ ହସିଲେ। ମିସ୍ ଚାନ୍ଦ୍ ମଧ୍ୟ ହସିହସି କହିଲେ- "ବୀନାପାନି ଏମନ୍ ଯେ।" ସେ ସବୁବେଳେ ଆମ ସାଥିରେ ବଙ୍ଗଳାରେ କଥାବାର୍ତ୍ତା କରନ୍ତି। କିନ୍ତୁ ଆମେ ସମସ୍ତେ ତାଙ୍କ ସଙ୍ଗେ ଓଡ଼ିଆରେ କଥାବାର୍ତ୍ତା କରିଥାଉ। କାରଣ ଆମ ରାଜ୍ୟକୁ ଆସି ସେ ଓଡ଼ିଆରେ କାହିଁକି ନ କହିବେ? ମୋତେ ଭଲ ବଙ୍ଗଳା ଜଣା ଥିଲେ ମଧ୍ୟ ମୁଁ ଏବଂ ଅନ୍ୟ ସବୁ ଝିଅ ଓଡ଼ିଆରେ କହୁ।

ଅନନ୍ତ ପ୍ରସାଦ ପଣ୍ଡା

ପ୍ରଥମେ ମୁଁ ରେଭେନ୍‌ସା କଲେଜରେ ଆଇ.ଏସି. ବା ବିଜ୍ଞାନ ଶ୍ରେଣୀରେ ନାମ ଲେଖାଇଥିଲି। କିନ୍ତୁ କେଜାଣି କାହିଁକି ବିଜ୍ଞାନ ପଢ଼ିବା ପାଇଁ ମୋର ଇଚ୍ଛା ହେଲାନାହିଁ। ସେଥିପାଇଁ ପ୍ରାୟ ଏକ ମାସ ପରେ ମୁଁ ବିଜ୍ଞାନ ଛାଡ଼ି କଳା ବିଭାଗରେ ଯୋଗଦେଲି।

ରେଭେନ୍‌ସା କଲେଜରେ ପଢ଼ୁଥିବା ସମୟରେ ଆମ ପୂର୍ବପାଖ ହଷ୍ଟେଲରୁ 'ଜାଗରଣ' ନାମକ ଏକ ହାତଲେଖା ସାହିତ୍ୟ ପତ୍ରିକା ପ୍ରକାଶ ପାଉଥିଲା। ଉକ୍ତ ପତ୍ରିକାରେ ନିୟମିତ ଭାବରେ ଲେଖିବା ଥିଲା ମୋର ଗୋଟିଏ କର୍ତ୍ତବ୍ୟ। ଏଇ ସମୟରେ ମୁଁ ମୋର ପ୍ରଥମ ଗଳ୍ପ ରଚନା ଆରମ୍ଭ କରିଥିଲି। ମୋର ପ୍ରଥମ ଗଳ୍ପ 'ଅନ୍ତିମ ମିଳନ' ଏଇ ହାତ ଲେଖା ସାହିତ୍ୟ ପତ୍ରିକା 'ଜାଗରଣ'ରେ ପ୍ରଥମେ ଆତ୍ମପ୍ରକାଶ କରିଥିଲା।

ତା ପରେ ମୁଁ ଅତୃପ୍ତ ବାସନା ନାମକ ଗୋଟିଏ ଗଳ୍ପ ଲେଖିଲି। ସେତେବେଳେ ଉତ୍କଳ ସାହିତ୍ୟ ଥାଏ ଓଡ଼ିଶାର ଏକ ସୁପ୍ରତିଷ୍ଠିତ ସାହିତ୍ୟ ପତ୍ରିକା। ସେଥିରେ କେବଳ ଲବ୍ଧପ୍ରତିଷ୍ଠ ଲେଖକମାନଙ୍କର ଲେଖା ପ୍ରକାଶ ପାଉଥାଏ। ଏପରି ଏକ ପତ୍ରିକାରେ ଆପଣାର ଲେଖା ପ୍ରକାଶ କରିବା ନୂତନ ଲେଖକମାନଙ୍କ ପକ୍ଷରେ ଏକବାରେ ଅସମ୍ଭବ ଥିଲା। ସେଇ ସମୟରେ କଟକରୁ ସାହିତ୍ୟିକ ଶ୍ରୀ ଉପେନ୍ଦ୍ର କିଶୋର ଦାସଙ୍କ ଉଦ୍ୟମରେ ବାରୁଣୀ ନାମକ ଏକ ନୂଆ ସାହିତ୍ୟ ପତ୍ରିକା ପ୍ରକାଶ ପାଇଲା। ସେଇଥିରେ ନୂତନ ଲେଖକମାନଙ୍କର ଲେଖା ପ୍ରକାଶ ପାଇବାର ଟିକିଏ ସୁବିଧା ଥାଏ। ସେଥିପାଇଁ ମୋର ଗଳ୍ପ-ଅତୃପ୍ତ ବାସନାକୁ ପ୍ରକାଶ କରିବା ପାଇଁ ଇଚ୍ଛାକରି ମୁଁ ମୋର ଜଣେ ସହପାଠୀଙ୍କୁ ମୋର ଲେଖାଟି ଦେଇ ଗାଁକୁ ଚାଲିଗଲି ଛୁଟିରେ। କେଜାଣି କିପରି ମୋର ସେ ଲେଖାଟି ବାରୁଣୀ ସଂପାଦକଙ୍କ ପାଖରେ ନ ପହଞ୍ଚି ପହଞ୍ଚିଥିଲା ଉତ୍କଳ ସାହିତ୍ୟର ସୁନାମଧନ୍ୟ ଲବ୍ଧପ୍ରତିଷ୍ଠ ସଂପାଦକ ଶ୍ରୀ ବିଶ୍ୱନାଥ କରଙ୍କ ପାଖରେ। ସେ ଉକ୍ତ ଲେଖାଟିକୁ ଉତ୍କଳ ସାହିତ୍ୟରେ ପ୍ରକାଶ କରିଦେଲେ। ତା ପରେ ମୋ ନିକଟକୁ ଖବର ପଠାଇଲେ ତାଙ୍କ ସହିତ ସାକ୍ଷାତ୍ କରିବାପାଇଁ। ଛୁଟିରେ ଫେରି ମୁଁ କଟକ ଆସି ଦେଖେଁ ଯେ ମୋର ଗଳ୍ପ ଅତୃପ୍ତ ବାସନା ଉତ୍କଳ ସାହିତ୍ୟରେ ପ୍ରକାଶ ପାଇଛି। ମୁଁ ଯାଇ ଶ୍ରୀଯୁକ୍ତ ବିଶ୍ୱନାଥ କରଙ୍କ ସହିତ ସାକ୍ଷାତ୍ କଲି। ବାସ୍ତବିକ ଶ୍ରୀଯୁକ୍ତ ବିଶ୍ୱନାଥ କରଙ୍କର ତେଜୋଦୀପ୍ତ ଚକ୍ଷୁ, ଶୁଭ୍ର ସୁଗୌର ଓ ପ୍ରଶସ୍ତ କପାଳ ଦେଖି ଭୟ ଓ ଭକ୍ତିରେ ମୋର ମୁଣ୍ଡ ନଇଁ ପଡ଼ିଲା। ସେ ମୋର ପରିଚୟ ପଚାରିଲେ। ମୁଁ ମୋର ଲେଖା ଅତୃପ୍ତ ବାସନା ଜରିଆରେ ମୋର ଆତ୍ମପରିଚୟ ଦେଲି। ସେ ମୋତେ କୁଣ୍ଢାଇ ପକାଇ କହିଲେ-ତୁମର ଲେଖାଟି ବେଶ୍ ଭଲ ହୋଇଛି। ଆହୁରି ଗଳ୍ପ ଲେଖ। ଆଜିକାଲି ଓଡ଼ିଆ ଭାଷାରେ କ୍ଷୁଦ୍ରଗଳ୍ପ ଆଦୌ ନାହିଁ କହିଲେ ଚଳେ। ତୁମେ ଆଉ ଗଳ୍ପ ଲେଖିଲେ ମୋଠାକୁ ପଠାଇଦେବ। ମୁଁ ତାକୁ ଉତ୍କଳ ସାହିତ୍ୟରେ ପ୍ରକାଶ କରିବି।

କହିବା ବାହୁଲ୍ୟ ଯେ ତାଙ୍କର ଏଇ ଶୁଭାଶିଷପୂର୍ଣ୍ଣ ଉତ୍ସାହ ବାଣୀ ମୋତେ ମୋର ସାହିତ୍ୟ ସାଧନା ପଥରେ ବହୁଦୂର ଠେଲି ଦେଇଥିଲା। ମୁଁ ସେଦିନ ହଷ୍ଟେଲକୁ ଫେରି ମୋର ତୃତୀୟ ଗଳ୍ପ-ବାସନା ତୃପ୍ତି ଲେଖିଲି ଓ ଉତ୍କଳ ସାହିତ୍ୟରେ ପ୍ରକାଶ ପାଇଁ ପଠାଇଦେଲି।

କହିବା ନିଷ୍ପ୍ରୟୋଜନ ଯେ ଉକ୍ତ ଲେଖାଟି ପରବର୍ତ୍ତୀ ଗୋଟିଏ ସଂଖ୍ୟା ଉତ୍କଳ ସାହିତ୍ୟରେ ପ୍ରକାଶ ପାଇଲା। ବାସ୍ତବିକ୍ ସେତେବେଳେ ଓଡ଼ିଆ ସାହିତ୍ୟରେ କ୍ଷୁଦ୍ରଗଳ୍ପର ପ୍ରଚଳନ ଆଦୌ ନଥାଏ କହିଲେ ଚଳେ। ଯଦି କେତେବେଳେ କ୍ଷୁଦ୍ର ଗଳ୍ପଟିଏ କୌଣସି ପତ୍ରପତ୍ରିକାରେ ପ୍ରକାଶ ପାଉଥାଏ, ତେବେ ତାଙ୍କୁ ଅନେକେ ଯଥେଷ୍ଟ ଆଗ୍ରହର ସହ ପାଠ କରୁଥାନ୍ତି। ମୋର ବାସନାତୃପ୍ତି ଗଳ୍ପଟି ପ୍ରକାଶ ପାଇଲା ପରେ ପାଠକ ମହଲରେ, ବିଶେଷତଃ ଛାତ୍ରସମାଜରେ ଯଥେଷ୍ଟ ସମାଦର ଲାଭ କରିବାକୁ ସମର୍ଥ ହୋଇ ପାରିଥିଲା। ବିଶେଷତଃ ଛାତ୍ରସମାଜ ତାକୁ ଏପରି ଭାବେ ଗ୍ରହଣ କରିଥିଲେ ଯେ କେହି ଜଣେ ଛାତ୍ର ମୋର ଉକ୍ତ ଲେଖାଟିକୁ ମୋଠାରୁ କୌଣସି

ଅନୁମତି ନ ନେଇ ଇଂରାଜୀରେ ଅନୁବାଦ କରି ରେଭେନ୍‌ସା କଲେଜରୁ ପ୍ରକାଶିତ 'ରେଭେନ୍‌ସାଭିଏନ୍' ନାମକ ଇଂରାଜୀ ପତ୍ରିକାରେ ପ୍ରକାଶ କରି ଦେଇଥିଲେ। ସେଇ ଅନାମଧେୟ ମୋ ଗଳ୍ପର ଅନୁବାଦକଙ୍କୁ ମୁଁ ବାସ୍ତବିକ୍ ମୋର ଅନ୍ତରର ସର୍ବଶ୍ରେଷ୍ଠ ଅଭିନନ୍ଦନ ମନେ ମନେ ପ୍ରଦାନ କରିଥିଲି। ସେ କିନ୍ତୁ ତାଙ୍କ ନାମ ପ୍ରକାଶ କରି ନଥିଲେ। ଏ ପର୍ଯ୍ୟନ୍ତ ସୁଦ୍ଧା ମୁଁ ଜାଣେନାହିଁ, କିଏ ସେହି ବ୍ୟକ୍ତି ଯେ କି ମୋର ବାସନାତୃପ୍ତି ଗଳ୍ପଟିକୁ ଅତି ସୁନ୍ଦର ଭାବରେ ଇଂରାଜୀରେ ଅନୁବାଦ କରି ରେଭେନ୍‌ସାଭିଏନ୍ (Ravenshavian) ପତ୍ରିକାରେ ପ୍ରକାଶ କରି ଦେଇଥିଲେ।

ମୁଁ ଗଳ୍ପ ଲେଖିବା ସଙ୍ଗେ ସଙ୍ଗେ ନାଟକ ଲେଖିବା ପାଇଁ ମଧ୍ୟ ମନ ବଳାଇଥିଲି। କାରଣ ସେତେବେଳେ କଟକରେ ବାସନ୍ତୀ ପେଣ୍ଡାଲରେ ବଜଙ୍ଗା ଥିଏଟର୍ ପାର୍ଟି ବରାବର ନାଟକ ପ୍ରଦର୍ଶନ କରୁଥିଲେ। ସାଧାରଣତଃ ଅଶ୍ୱିନୀ ବାବୁଙ୍କର ନାଟକଗୁଡ଼ିକ ସେଥିରେ ଅଭିନୀତ ହେଉଥାଏ। ତାଙ୍କର ନାଟକଗୁଡ଼ିକ ତତ୍କାଳୀନ ଅବସ୍ଥାରେ ଦର୍ଶକମାନଙ୍କ ଉପରେ ଯଥେଷ୍ଟ ପ୍ରଭାବ ପକାଇ ପାରୁଥାଏ। ରାତି ଦଶଟା କି ଏଗାରଟା ବେଳେ ନାଟକ ଆରମ୍ଭ ହୁଏ ଓ ରାତି ୨/୩ଟା ଯାଏଁ ନାଟକ ପ୍ରଦର୍ଶନ ଚାଲେ। କଟକ ଜଗନ୍ନାଥବଲ୍ଲଭ ବାସନ୍ତୀ ପେଣ୍ଡାଲ ଆମର ଚାଉଳିଆଗଞ୍ଜ ରେଭେନ୍‌ସା କଲେଜ ହଷ୍ଟେଲଠାରୁ ପ୍ରାୟ ୩/୪ ମାଇଲ ଦୂର। ତଥାପି ଆମେ କେତେ ଜଣ ଛାତ୍ର ନିୟମିତ ଭାବରେ ଗୋଟିଏ ଘୋଡ଼ାଗାଡ଼ି କରି ଉକ୍ତ ଥିଏଟର ଦେଖିବାକୁ ଆସୁଥିଲୁ। ଉକ୍ତ ଥିଏଟର ଦର୍ଶନ ଯେପରି ମୋ ପକ୍ଷରେ ଥିଲା ଗୋଟାଏ ନିଶା। ପ୍ରତ୍ୟେକ ନୂଆ ନାଟକର ପ୍ରଦର୍ଶନ ମୁଁ ଦେଖିବାକୁ ଆସେଁ। କହିବା ବାହୁଲ୍ୟ ଯେ, ସେତେବେଳେ କଟକରେ ତାହାହିଁ ଥିଲା ଏକମାତ୍ର ଚିତ୍ତବିନୋଦନ କେନ୍ଦ୍ର; କାରଣ ସେତେବେଳେ କଟକରେ କୌଣସି ସିନେମା ପ୍ରଦର୍ଶିତ ହେଉ ନଥିଲା।

ଏଇ ନାଟକ ଦେଖା ନିଶାରୁ ମୋର ମନରେ ନାଟକ ଲେଖିବାର ପ୍ରବଳ ବାସନା ଜାଗ୍ରତ ହେଲା। ମୁଁ ଭାବିଲି, ଗୋଟିଏ ନାଟକ ଲେଖିବି। ସେତେବେଳେ ରାଜପୁତ୍ ଇତିହାସର ବୀରତ୍ୱପୂର୍ଣ୍ଣ କାହାଣୀ ପାଠକ ତଥା ଦର୍ଶକମାନଙ୍କ ଉପରେ ଯଥେଷ୍ଟ ପ୍ରଭାବ ପକାଇପାରୁଥିଲା। ସେଥିରୁ ମୁଁ ଭାବିଲି, ରାଜସ୍ଥାନ ଇତିହାସର କୌଣସି ବିଷୟବସ୍ତୁ ନେଇ ମୁଁ ଖଣ୍ଡିଏ ଐତିହାସିକ ନାଟକ ଲେଖିବି। ଖଣ୍ଡିଏ ବଙ୍ଗଳା ରାଜସ୍ଥାନର ଇତିହାସ ମୋ ନିକଟରେ ଥାଏ। ସେଥିରୁ ଖୋଜି 'ତାରାବାଈ' ନାମକ ଗୋଟିଏ ଉପାଖ୍ୟାନ ପାଇଲି। ସେଇ 'ତାରାବାଈ' ହିଁ ହେଉଛି ମୋର ପ୍ରଥମ ନାଟକ।



ଚିନ୍ତାମଣି ମିଶ୍ର

ସେ ବେଳର ଅଧ୍ୟାପକ:

ମୁଁ କଲେଜରେ ନାମ ଲେଖାଇଲାବେଳକୁ ମିଷ୍ଟର ଲାମ୍ବର୍ଟ ଥିଲେ ପ୍ରିନ୍ସିପାଲ୍‌। ଆମ କ୍ଲାସର ଯେଉଁ ଇଂରେଜୀ ଟିଉଟରିଏଲ୍ ଗ୍ରୁପରେ ମୁଁ ଥିଲି ତା'ର ଚାର୍ଯରେ ସେ ଥିଲେ। ତେଣୁ ପ୍ରତି ସପ୍ତାହରେ ୫୦ ମିନିଟ୍ ଲେଖାଏଁ ତାଙ୍କ ସାମନାରେ ବସିବାକୁ ହେଉଥିଲା। ଆମର ଗୋଟାଏ ଜେନେରାଲ କ୍ଲାସ ମଧ୍ୟ ସେ ନେଉଥିଲେ। କ୍ଲାସ୍‌ରେ ଗୋଟିଏ ମୁହୂର୍ତ୍ତ ମଧ୍ୟ ସେ ଖାଲି ବସି ରହିବାର ଦେଖିନାହିଁ। ଟିଉଟରିଏଲ୍ କ୍ଲାସରେ ସେ ଅନବରତ ମୌଖିକ ଓ ଲିଖିତ ପ୍ରଶ୍ନ ପଚାରି ପ୍ରତ୍ୟେକଙ୍କର ଦୋଷତ୍ରୁଟି ସମସ୍ତଙ୍କ ଆଗରେ ବୁଝାଇଦିଅନ୍ତି। ଆମର ପ୍ରଥମ ଟିଉଟରିଏଲ୍ କ୍ଲାସରେ ସେ ଗୋଟାଏ ପ୍ରଶ୍ନର ଉତ୍ତର ଲେଖିକରି ଦେବାକୁ ଦେଇଥିଲେ। ସେଥିରେ ମୋତେ ମିଳିଥିଲା, ଏ + (A+)। ସପ୍ଲିମେଣ୍ଟାରୀରେ ପାସ୍ କରିଥିବା ମୋର ଟିକିଏ ଉଚ୍ଚତା ବଢ଼ିଗଲା ଓ ମୋର ଆତ୍ମବିଶ୍ୱାସ ବି ବେକାଏ ବଢ଼ିଗଲା! ମୁଁ ତାଙ୍କର ଚିହ୍ନା ଛାତ୍ର ହୋଇଗଲି ଓ ମୋତେ ସେ ନମ୍ବର ୧୩୬ ବୋଲି ଡାକିଲେ। ଆମ କ୍ଲାସରେ ୧୪୫ ଜଣ ଛାତ୍ର ଥାଉଁ। ରୋଲ ନମ୍ବରରେ ସେ ଆମମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ଚିହ୍ନିଥା'ନ୍ତି ଓ ଆମ ରୋଲ ନମ୍ବର ଧରି ଆମକୁ ଡାକନ୍ତି। ଲ୍ୟାମ୍ବର୍ଟ ସାହେବ, କେତେବେଳେ ହସିବାର ମୁଁ ଦେଖିନାହିଁ। ବିରକ୍ତ ହୋଇଗଲେ ତାଙ୍କ ମୁହଁରେ ଠା' ଠା' ହୋଇ ରକ୍ତ ଚହଟିଯାଏ ଏବଂ ସେ ରକ୍ତ ଠା'କୁ ଠା' ଯା'ଆସ କରେ। ଟିଉଟରିଏଲ୍‌ରେ ପ୍ରଥମ ବେଞ୍ଚରେ ବସୁଥିବା ଆମେ କେତେ ଜଣ ତାଙ୍କ ପାଠ ଶୁଣିବା ଅପେକ୍ଷା ତାଙ୍କ ମୁହଁର ରକ୍ତକୁ ଅଧିକ ଦେଖୁଥାଉଁ ଏବଂ ବେଳେ ବେଳେ ଏହାକୁ ଦେଖିବା ପାଇଁ ଛାତ୍ରସୁଲଭ ଢ଼ଙ୍ଗରେ ଚିଡ଼ାଇବାକୁ ବି ଛାଡୁ ନାହିଁ। ତାଙ୍କର କଲେଜକୁ ଆସିବା ପୋଷାକ ଆଣ୍ଠୁ ଉପରକୁ ଚାରି ଆଙ୍ଗୁଳ ଯାଏଁ ଲମ୍ବିଥିବା ହାଫ୍ ପ୍ୟାଣ୍ଟ୍ ଓ ଦେହରେ ହାଫ୍ କାମିଜ୍। ପ୍ୟାଣ୍ଟ ତଳୁ କାମିଜ୍ ବୋର୍ଡରେ ଲେଖିଲାବେଳେ ଉଠିଯିବାରୁ ପେଟ ପିଠି ବି ଦିଶେ। ମଣିଷଟି ଛୋଟ। କିନ୍ତୁ କଲେଜ ବାରଣ୍ଡାରେ ବା ଲନ୍‌ରେ ତାଙ୍କ ସାମନାରେ ପଡ଼ିଗଲେ ମୋତେ ଝାଡ଼ା ମାଡ଼େ। ସେତେବେଳେ ଓଷ୍ଟନ୍ ସ୍ମିଥ୍ ବୋଲି ଜଣେ ସାହେବ ଇତିହାସ ଅଧ୍ୟାପକ ଥିଲେ। ଦଶହରା ପରେ କଲେଜ ଖୋଲିଲାବେଳକୁ ଏ ଦୁହେଁ ଯାକ ବଦଳି ହୋଇ ଯାଇଥାନ୍ତି। ଓଷ୍ଟନ୍ ସ୍ମିଥ ବିକୁ ପଟ୍ଟନାୟକଙ୍କ ପରି ଉଚ୍ଚା ଓ ତାଙ୍କଠାରୁ ଡବଲ ଦିହ। ତୁଣ୍ଡ ଲାଗେ କି କ'ଣ, ଶବ୍ଦଗୁଡ଼ିକ ଗୋଟି ଗୋଟି କରି କହନ୍ତି। ତାଙ୍କ ବକ୍ତୃତା ଶୁଣିବାକୁ ସମସ୍ତେ ଖୁବ୍ ମନୋଯୋଗ ଦେଉଁ। ଘଣ୍ଟା ଆରମ୍ଭରେ ସେ କ୍ଲାସ ଭିତରେ ପଶିଲାବେଳକୁ ବକ୍ତୃତା ଆରମ୍ଭ କରନ୍ତି ଏବଂ ଘଣ୍ଟା ସରିବାର ତିନି ଚାରି ମିନିଟ ଥାଇ ବକ୍ତୃତା ବନ୍ଦ କରି ହାଜିରା ପକାଇବାକୁ ଆରମ୍ଭ କରନ୍ତି। ଥରେ ଆମ କ୍ଲାସର ଜଣେ ଛତରା ଅନ୍ୟ ଜଣକ ରୋଲ ଡକା ହେଲାବେଳେ 'ହାଜର ଆଜ୍ଞା' ବୋଲି କହିଦେବାକୁ ସେ ମୁହଁ ଉପରକୁ ନ ଟେକି, "ପ୍ରତ୍ୟେକ ନିଜ ନିଜର ପ୍ରେଜେଣ୍ଟ ପକାଇବା ଉଚିତ" ବୋଲି ଗୋଟି ଗୋଟି ଶବ୍ଦଟିମାନ ଉଚ୍ଚାରଣ କରି ଆଉ ନମ୍ବର ଡାକିଲେ। ଏ ବିଷୟରେ ଆଉ ପଦେ କଥା ହୋଇନାହାନ୍ତି। ପରେ ଖାତା କୌଶଳରେ ଦେଖି ଜାଣିଲୁ, ସେହି ପିଲାର ଉପସ୍ଥାନ ପଡ଼ି ତା'ଉପରେ ଗୋଟିଏ ଛକ ଦିଆହୋଇଥାଏ।

ମିଷ୍ଟର ସ୍ମିଥ୍ ଅବିବାହିତ। ତାଙ୍କ ବାପା ଚୀନରେ ଧର୍ମଯାଜକ ହୋଇ ଜୀବନ କଟାଇଥିଲେ; ଯାଙ୍କ ଭାଇ ବି ଧର୍ମଯାଜକ। ଯେ ପିଲାଦିନ ଚୀନରେ କଟାଇ ପଢ଼ିବାକୁ ବିଲାତ ଗଲେ ଏବଂ ସେଠାରୁ ଫେରି ବିହାର ଓଡ଼ିଶାରେ ଚାକିରି କଲେ। ୧୯୨୫କୁ ଯାଙ୍କର ପ୍ରାୟ ପେନସନ ନେବାବେଳ ହୋଇଥାଏ। ଯାଙ୍କ ପରିବାରରେ ଯାଙ୍କର ହୋଇ ଗୋଟିଏ ଭୁଆ ବିରାଡ଼ି, ପାରସ୍ୟ ଦେଶୀୟ ନୀଳଚକ୍ଷୁ ଓ ଲମ୍ବ ବାଳଯୁକ୍ତ ଲୋଭନୀୟ ପଦାର୍ଥ। ମଝିରେ ମଝିରେ ପଶ୍ଚିମପଟ ହଷ୍ଟେଲକୁ ଭିଜିଟ୍ କରିବାକୁ ଆସେ। ପ୍ରଥମ ଟର୍ମିନାଲ ପରୀକ୍ଷାବେଳେ ମୁଁ ସେହି ଛାତ୍ରାବାସର ଜଣେ ସହପାଠୀର ଅତିଥି ହୋଇ ଚାରିଦିନ ରହିଥିଲି। ତା'ରି ଭିତରେ ଯା ସଙ୍ଗେ ମୋର ସଦ୍ଭାବ ହୋଇଗଲା। ଚାରି ପଇସାର ଡାମ୍ଫଡ଼ା ଶୁଖୁଆ ଆଣି ପୋଡ଼ି ମୋ ଖଟର ମଶାରି ବାଡ଼ରେ ବାନ୍ଧି ଦେଇଥାଏ। ମଝିରେ ମଝିରେ ସେଥିରୁ ଦୁଇ ତିନିଟା ଭାତରେ ବା ପୁରୀରେ ଚକଟି ତାକୁ ଦିଏ। ଦିନେ ସନ୍ଧ୍ୟାରେ ନିମନ୍ତ୍ରଣ ଖାଇ ବ୍ରାହ୍ମଣ

ଫେରିବା ଠାଣିରେ କୋଠିକୁ ଫେରିଲା, ଦ୍ୱିତୀୟ ରାତିଟି କିନ୍ତୁ ମୋ ଖଟରେ କଟାଇଲା । ତହିଁ ଆରଦିନ ସକାଳୁ ଦେଖ ସ୍ମିଥ ସାହେବଙ୍କ ଦୁର୍ଦ୍ଦଶା ! ପ୍ରାୟ ସାତଟାବେଳେ ସେ ଗୋଡ଼ରୁ ବେକ ପର୍ଯ୍ୟନ୍ତ ପୋଷାକ ପିନ୍ଧି (ଆଧୁନିକ ଦେଶୀ କଲେଜ ଅଧ୍ୟାପକମାନଙ୍କ ରୀତିରେ ସେ କୌଣସି ଦିନ ନେକଟାଇ ଓ କୋଟ୍ ନ ଲଗାଇ ଦାଣ୍ଡକୁ ବାହାରନ୍ତି ନାହିଁ) ରାସ୍ତା ବାଡ଼ମୂଳକୁ ନିରେଖି ନିରେଖି "ମୋ ବିଲେଇ", "ମୋ ବିଲେଇ" ବୋଲି କ୍ଷୀଣ ସ୍ୱରରେ ବାହୁନି ବାହୁନି ଛାତ୍ରାବାସର ରନ୍ଧନଶାଳା ସାହାଲାଟା ଦେଖି ଛାତ୍ରାବାସକୁ ଉଠିଲେ । ସେତେବେଳକୁ ବିରାଡ଼ିକୁ ଛାତ୍ରାବାସର ସମସ୍ତେ ଠାବ କରିସାରିଥାନ୍ତି, ବୋର୍ଡିଂ ଚାକରଙ୍କ ପର୍ଯ୍ୟନ୍ତ । ଆମ ରୁମ୍‌ର ଦୁଆର ମୁହଁରେ ଆସି ହେଲାବେଳକୁ ତାଙ୍କର ଦୃଷ୍ଟି ପଡ଼ିଲା ତାଙ୍କ ଏକାନ୍ତ ପ୍ରିୟ 'ଟମ୍' ଉପରେ । ଟମ୍ ତାମ୍ପଡ଼ା ଉପରେ ଟ୍ରେଜେରୀ ପହରାବାଲାଙ୍କ ପରି ସତର୍କ ଦୃଷ୍ଟି ରଖି ମୋ ଖଟ କଡ଼ରେ ବସିଥାଏ । ଟମ୍ ବୋଲି ପ୍ରଭୁଙ୍କ ଡାକି ଶୁଣି ସେ ତାଙ୍କ ଗୋଡ଼ରେ ଯାଇ ଘଷି ହେଲା ଯେ ମଝିରେ ମଝିରେ ତାମ୍ପଡ଼ା ପୁଡ଼ା ଆଡ଼କୁ ଛାହୁଁଥାଏ । ସାହେବଙ୍କର ବି ତା' ଉପରେ ଦୃଷ୍ଟି ପଡ଼ିଲା, ଫିଟାଇ ଦେଖାଇବାକୁ କହିଲେ । ତାମ୍ପଡ଼ା ତାଙ୍କର ଅଦୃଷ୍ଟପୂର୍ବ । ତାଙ୍କ ବିରାଡ଼ିକୁ ଏହା ରାତିଏ ବାସିତକା କରିଦେଲା ବୋଲି ସେ ଖୁବ୍ ବିସ୍ମିତ ହେଲେ ଏବଂ ଏହା କଟକରେ ମିଳେ ବୋଲି ଆଶ୍ୱସ୍ତ ହୋଇ ଏଥିରୁ କିଛି ତାଙ୍କ ପାଖରେ ପହଞ୍ଚାଇ ଦେବାକୁ ମୋତେ ସନିର୍ବନ୍ଧ ଅନୁରୋଧ କଲେ । ଅବଶିଷ୍ଟ ଥିବା ତାମ୍ପଡ଼ାତକ ସହ ସେ ବିରାଡ଼ିକୁ ଧରି ଘରକୁ ଗଲେ । ମୁଁ ସେଇଦିନ ଓପରଓଳି ଛ' ପଇସାର ବଛା ବଛା ତାମ୍ପଡ଼ା ଧରି ଯାଇ ହାଜର । ମୁଁ ପଇସା ନେବି ନାହିଁ ବୋଲି ବହୁବାର ବଳାଇବା ସତ୍ତ୍ୱେ, କହିବାରୁ ତାଙ୍କ ବୈଠକଖାନାରେ ବସିବାକୁ ମିଳିଲା । ୧୦/୧୫ ମିନିଟ୍ କଥାବାର୍ତ୍ତା ହେଲା; ତାଙ୍କର ପରିଚୟ ଚେଷ୍ଟା କରି ଆଦାୟ କଲାବେଳକୁ ସେ ଇତିହାସର ମହତ୍ତ୍ୱ ପ୍ରତିପାଦନ କରିବାରେ ଲାଗିଯାନ୍ତି । ଅଫିମ ଯୋଗୁଁ ଚୀନ ସଙ୍ଗେ ହୋଇଥିବା ଯୁଦ୍ଧ କଥା ସେଇଦିନ ପ୍ରଥମେ ଶୁଣା । ତାମ୍ପଡ଼ା ଶୁଖୁଆରୁ ଉଦ୍ଭୂତ ଏ ଘନିଷ୍ଠତା ସାହେବ ଓ ବିରାଡ଼ିଙ୍କ ସହିତ ସେ ଦୁହେଁ ଥିବାଯାକ ଥିଲା । ସେ ବିରାଡ଼ି ତାଙ୍କ ପେନସନ ପରେ ଚୀନ ହୋଇ ବିଲାତ ଯିବାରେ ବି ସ୍ଥିର ହୋଇଥାଏ ।

ଦଶହରା ପରେ ଆସିଲେ ମିଷ୍ଟର୍ ହୁଇଟ୍ ଲକ୍ (Percy Oliver Whitlock) । ଆକୃତିରେ ଓଷ୍ଟନ୍ ସ୍ମିଥଙ୍କ ପରି, କିନ୍ତୁ ବୟସରେ ପଚାଶରୁ କମ; ସବୁବେଳେ ପ୍ରସନ୍ନ ମୁହଁ; ପିନ୍ଧା ଲ୍ୟାମ୍ବଟ ସାହେବଙ୍କ ପରି । ଆମ ସଂସ୍କୃତ ଅଧ୍ୟାପକ କାଶିବାବୁଙ୍କ ସଙ୍ଗେ ଏ ଦୁଇ ସାହେବଙ୍କର ପରିଧାନ-ଦାରିଦ୍ର୍ୟ ବିଷୟରେ କଥା ପଡ଼ିବାରୁ, ସେ ତାଙ୍କର ସ୍ୱାଭାବିକ ଭଙ୍ଗୀରେ କହିଲେ, "ବୁଝିଲ ନାଇଁ କି, ଅନ୍ନ ଓ ବସ୍ତ୍ର; ଅନ୍ନ ଭାଗଟା ଏ ମ୍ଳେଛଗୁଡ଼ାଙ୍କର ଅଧିକ ହୋଇ ଯିବାରୁ ବସ୍ତ୍ରକୁ ପାଉନାହିଁ ।" ତା'ପରେ ତାଙ୍କର ନିଜସ୍ୱ ମୃଦୁହାସ । ମିଷ୍ଟର ହୁଇଟ୍ ଲକ୍ ଆମ ଫୋର୍ଥ ଇଅର ଯାଏ ରହିଲେ; ଛାତ୍ର ଶିକ୍ଷକ ସଂସର୍ଗରୁ ତାଙ୍କ ସଙ୍ଗେ ସଙ୍ଗେ ଘନିଷ୍ଠତା ଆସିଗଲା । ଖୁବ୍ ନିରୀକ୍ଷଣ କରି ଦେଖିଛି, ଖାଇବା ଓ ପିନ୍ଧିବା ବିଷୟରେ ଉଦାସୀନ, କିନ୍ତୁ ଆଉ ସବୁ ବିଷୟରେ ଅତି ଜାଗ୍ରତ ।

ଆମେ ସବୁ ଫୋର୍ଥ ଇଅରରେ ଥିଲାବେଳେ କଟକ ଷ୍ଟେସନରେ ଜଣେ ଏଙ୍ଗଲୋ ଇଣ୍ଡିଆନ ଷ୍ଟେସନ ମାଷ୍ଟର ଥିଲେ । ଦିନେ ଆମେ ସବୁ ପ୍ଲାଟ୍‌ଫର୍ମକୁ ବୁଲିଯାଇଥିଲାବେଳେ ଦେଖିଲୁ ସେ ଟଙ୍ଗ ଟଙ୍ଗ ହୋଇ ପାଇଖାନା ଭିତରେ ବାସନା ଶୁଂଘି ଶୁଂଘି ପଶୁଛନ୍ତି । ମୁହୂର୍ତ୍ତକ ଭିତରେ ତୃତୀୟ ଶ୍ରେଣୀ ବିଶ୍ରାମାଗାର ବୁଲି ଆସିଲେ, ନଳାମାନଙ୍କୁ ମୁଖ ବିକୃତ ନ କରି ତନଖି କଲେ । ସେଇ ଦିନଠାରୁ ଆମ ଭିତରେ ଏସ୍.ଏମ୍. କହିଲେ ପ୍ରିନ୍‌ସିପାଲଙ୍କୁ ବୁଝାଇଲା । ସକାଳ ଭୋଜନ ପରେ (ଯେପରି ଭୋଜନ ଦିନ ପନ୍ଦରଟା କରିଦେଲେ ଅଷ୍ଟ ମୋର୍ ଉଠନ୍ତା ନାହିଁ) ସେ ବାହାରିପଡ଼ନ୍ତି କଲେଜର ଡ୍ରେନ୍ ଇନ୍‌ସପେକ୍ଟର ହୋଇ । ସାଙ୍ଗରେ ଯାନ୍ତି ତିନିଜଣ, ତାଙ୍କ ଅତି କ୍ଷୁଦ୍ରକାୟ କୁକୁର, ବିରାଟକାୟ ଧୂଆଁଖିଆ ପାଇପ ଓ ହାତରେ ଭୂଇଁକୁ ନ ପାଉଥିବା ଖଣ୍ଡେ ଠେଙ୍ଗା । ଆଉ କେହି ତାଙ୍କର ଏତେ ନିକଟତମ ହୁଅନ୍ତି ନାହିଁ । ପିଲା ଛାତ୍ରାବାସ କୋଠରି ଭିତରୁ ଝରକା ଫାଙ୍କରେ ଚାହାନ୍ତି, କଲେଜ ଚାକରବାକର ନିଜ ନିଜ ଦୁଆରେ ଲେସି ହୋଇ ରହିଥାନ୍ତି । "ଆରେ, ସକାଳେ ସାଇବ ଇଆଡ଼େ ଆସିଥିଲା ପରା, କ'ଣ କହୁଥିଲା ?" ବୋଲି ହଷ୍ଟେଲ ସୁପିରଣ୍ଟେଣ୍ଡେଣ୍ଟ ଜାଣିବାକୁ ଆଗ୍ରହୀ ହେବାର ବି ଦେଖିଛି । ସାହେବ କିନ୍ତୁ କେବେ କାହାକୁ କିଛି କହିବାର ଲକ୍ଷଣ ତାଙ୍କଠାରେ ଦିଶୁନଥାଏ । କଥା ପଦେ ଅଧେ ବା କହିଲେ କହିଥିବେ ତାଙ୍କ ତୁଣ୍ଡଠାରୁ ପ୍ରାୟ ସାଢ଼େ ପାଞ୍ଚଫୁଟ ତଳେ ଉନ୍ମୁଖ ହୋଇ ରହିଥିବା ପୁଡ଼ଲ୍‌କୁ । ମୁହଁର ପାଇପର ଦୀପ୍ତି ସବୁବେଳେ ଥାଏ, ଗୋଟିଏ କ୍ଷୀଣ ଧୂମ ରେଖା ପଛରେ ରହିଯାଉଥାଏ । ଜେଟ୍ ପ୍ଲେନର ଗୋଟିଏ କ୍ଷୁଦ୍ର ସଂସ୍କରଣ । ସାଢ଼େ ଦଶଟାବେଳକୁ ସାହେବ କୁକୁର, ପିକା, ବାଡ଼ି ପରିବାର ସହ କଲେଜ ଅଫିସରେ ହାଜର ହୁଅନ୍ତି । କୁକୁର ତା' ଆସ୍ଥାନ ଧରେ ଯେ ଲେକ୍‌ଚର ଦେବାରେ ସାଥି ହେବାକୁ କେବେ ବାହାରେ ନାହିଁ । ପାଇପ୍ ମଧ୍ୟ ଯାଏ ନାହିଁ, ବାଡ଼ି ମଧ୍ୟ ନୁହେଁ । ସେମାନେ ସମସ୍ତେ ତାଙ୍କ ତୁଣ୍ଡ ଓ ଚେହେରାକୁ ନିଜ ନିଜର ଯେଉଁ କଳା ଦେଇଥାନ୍ତି ସେତିକିରେ କ୍ଲାସର ଶାନ୍ତି ରକ୍ଷା ହୋଇଯାଏ ।

ଘଣ୍ଟା ବାଜିଗଲାବେଳକୁ ଆମ ସଂସ୍କୃତ ଅଧ୍ୟାପକ କାଶିବାବୁ ତାଙ୍କ ଘୋଡ଼ା ଗାଡ଼ିରୁ ଓହ୍ଲାଉଥା'ନ୍ତି; ତା'ର ଟିକିଏ ଆଗରୁ ଗୋଟିଏ ଗାଡ଼ିରୁ ଚାରିଜଣ ଅଧ୍ୟାପକ ବାହାରନ୍ତି । ପିରିଅଡ଼ ଆରମ୍ଭ ହେବାର ଦୁଇ ମିନିଟ୍ ଖୁବ୍ ବଡ଼ ହେଲେ ତିନି ମିନିଟ୍‌ରେ ଅଧ୍ୟାପକ ତାଙ୍କ କାର୍ଯ୍ୟ ଆରମ୍ଭ ନ କରିବାର ପ୍ରାୟ କେବେ ଦେଖି ନାହିଁ । ଦୁର୍ଯୋଗରେ କାହାର (ପ୍ରାୟ ସବୁବେଳେ ଆର୍ତ୍ତବଲ୍ଲଭ ମହାନ୍ତିଙ୍କର) ତିନି ମିନିଟ ଡେରି ହୋଇଗଲେ ପ୍ରାୟଶଃ ପ୍ରିନ୍‌ସିପାଲ ସାହେବଙ୍କୁ କୌଣସି ନା

କୌଣସି କାରଣରେ ଅତି କ୍ଷିପ୍ର ଗତିରେ ଯିବାକୁ ପଡ଼େ। ଥରେ ଆମରି କ୍ଲାସରେ, ଆର୍ତ୍ତବାବୁଙ୍କର ଡେରି ହୋଇଗଲା। ସ୍ୱପ୍ନବାସବଦତ୍ତା ନାଟକର ପ୍ରଥମ ଶ୍ଳୋକ ତାଙ୍କରି ପ୍ଲାଟଫର୍ମରେ ଚଢ଼ି ଆବୃତ୍ତି କରିଦେଲି। ଚତୁର୍ଥ ପାଦର ଆଉ ଟିକିଏ ବାକି ଅଛି, ଆର୍ତ୍ତ ବାବୁଙ୍କ ଜୋତା ଶୁଭିଲା; ହଠାତ୍ କବାଟ ଆରପଟେ ସେ ଠିଆ ହୋଇ ରହିଲେ ଶ୍ଳୋକଟା ସରିବା ପର୍ଯ୍ୟନ୍ତ। ତା'ପରେ ପେଟର ଆନନ୍ଦକୁ ଲୁଚାଇବାର ନିଷ୍ଫଳ ପ୍ରଯତ୍ନ କରି ଯେଉଁ ଗାଳି ମିଳିଲା, ତାହା ସମସ୍ତଙ୍କୁ, ଦୋଷୀକୁ ମଧ୍ୟ ଆମୋଦିତ କଲା। ଯେତିକିବେଳେ ପ୍ରିନ୍‌ସିପାଲ ବାରଣ୍ଡାରେ ଭାରି ତରତରରେ ଅଫିସ ଆଡ଼େ ଯାଉଥାନ୍ତି। ଆର୍ତ୍ତବାବୁଙ୍କୁ ସମସ୍ତେ ଶ୍ରଦ୍ଧା କରନ୍ତି; ବଙ୍ଗାଳୀ ଅଧ୍ୟାପକମାନେ ମଧ୍ୟ ଅନବରତ ଗାଳି ଖାଇ ଖାଇ।

କଲେଜରେ ଜଣେ ସମ୍ମାନିତ ଅଧ୍ୟାପକ ବିପିନ୍ ବାବୁ। ତାଙ୍କୁ ଚାହିଁଲେ ଚିହ୍ନିବାକୁ ମନ ହୁଏ, ଏବଂ ଚିହ୍ନିଲେ ଆଉ ଛାଡ଼ି ହୁଏ ନାହିଁ। ତାଙ୍କ ଘରକୁ ବହୁବାର ଯାଇଛି। ଯେତିକି ଦରକାର ତହିଁରୁ ପଦେ ଅଧିକା କ୍ଲାସରେ ବା ବାହାରେ ଶୁଣିବାର ମନେ ନାହିଁ।

କାଶିବାବୁଙ୍କୁ କେହି ପସରା କରନ୍ତି ନାହିଁ ସିନା ବହୁ ବିଳମ୍ବରେ ଜାଣିଲି ସେ ଜ୍ଞାନର ଗୋଟିଏ ଖଣି। ସତେ ଯେପରି ନିଜକୁ ପ୍ରଚ୍ଛନ୍ନ ରଖିବାକୁ ସବୁବେଳେ ଯତ୍ନ କରୁଥାନ୍ତି। କଲେଜକୁ ଯାନ୍ତି ତାଙ୍କ ନିଜ ଘୋଡ଼ାଗାଡ଼ିରେ। ବାଟରେ ଦେଖିଲେ ଆମ ପଦଯାତ୍ରୀଙ୍କ ମଧ୍ୟରୁ କାହାକୁ କେମିତି ବସିବାକୁ ଡାକନ୍ତି। ମଫସଲିଆ ଭଦ୍ରଲୋକ ପରି କଥା କହନ୍ତି। କ୍ଲାସରେ ମଧ୍ୟ ଏକାଧିକବାର କହିଦିଅନ୍ତି, "ବୁଝିଲ କି ନାହିଁ, ଆମେ ତୁମକୁ ପାଠ ପଢ଼ାଇବାକୁ ନିଯୁକ୍ତ ହୋଇନାହୁଁ। ଆମେ ତୁମ ଆଗରେ ଗୋଟିଏ ଗୋଟିଏ ଦୃଷ୍ଟାନ୍ତ ହୋଇ ବସାଯାଇଛୁ। ଆମକୁ ଦେଖି ଆମପରି ହେବାକୁ ଉଦ୍ୟମ କରିପାର।" ଏତକ ଯେଉଁ ସ୍ୱରରେ କୁହାଯାଏ ତାହା ନ ଦେଖିଥିଲେ ବର୍ଣ୍ଣନାରୁ ଧରି ହେବ ନାହିଁ। ବି.ଏ. ବେଳକୁ ତ ସଂସ୍କୃତ ଛାଡ଼ିଦେଇଥିଲି, କିନ୍ତୁ ତାଙ୍କ ଘରକୁ ଯାଏ। ପଣ୍ଡିତ ନୀଳକଣ୍ଠ ଥରେ ଗୋଟାଏ କ'ଣ ଶ୍ଳୋକ ଖୁବ୍ ଖୋଜିହେଲେ; ଚାରି ପାଞ୍ଚ ଜଣ ପଣ୍ଡିତଙ୍କୁ ପଚ଼ରାପଚ଼ରି କଲେ; ଶେଷରେ ମୋତେ କହିଲେ, ଆରେ ଗଲୁ କାଶିବାବୁଙ୍କୁ ଟିକିଏ ପଚ଼ାରି ଦେଇ ଆସିବୁ। ମୁଁ ଟିକିଏ ଅବିଶ୍ୱାସ କଲାଭଳିଆ ମୁହଁ କରିବାରୁ ପଣ୍ଡିତଜୀ କହିଥିଲେ, "ଆରେ ତାଙ୍କୁ ତମେସବୁ କ'ଣ ଜାଣିବ। ବନାରସ୍‌ରେ ବି ତାଙ୍କର ଖ୍ୟାତି ଅଛି। ଭାରି ଜ୍ଞାନୀ। ସେ ଜ୍ଞାନ ତୁମର କ'ଣ ହେବ ବୋଲି ଏମିତି ହୁଅନ୍ତି।" କାଶିବାବୁଙ୍କୁ ଯାଇ କହିଦେଲି। ସେ ତାଙ୍କର ସ୍ୱରରେ କହିଲେ, "ନୀଳକଣ୍ଠ ବଗୁଲିଆଟେ। ଭଲ ଲୋକଙ୍କୁ ଭାଣ୍ଡିଆ କରିଦେବ।" ମୁଁ ଯାହା ପଚ଼ାରିଲି ତା'ର ଉତ୍ତର ସାଙ୍ଗେ ସାଙ୍ଗେ ମିଳିଲା; ଯେଉଁ ବହିର ଶ୍ଳୋକ ସେ ବହି ବି ଆସିଲା। ସେ ଶ୍ଳୋକର ପୂର୍ବାପର ସଂଗତି ଥାଇ ଅର୍ଥ ବି ଶୁଣିଲି। କିନ୍ତୁ ସଂସ୍କୃତ ପ୍ରତି ଯେତେବେଳେ ଏତେ ଆଦର ଯେ, ଶ୍ଳୋକଟି ଆଜି ମନେ ପକାଇଲାବେଳକୁ ନାଇଁ।

ଆଉ ଜଣେ ପ୍ରଫେସର ମୋହିନୀ ବାବୁ। ସବୁବେଳେ କଣ୍ଠଣ ଗୋଟାଏ ଭାବୁଥାନ୍ତି। ଆମର ଗୋଟିଏ ଟିଉଟରିଏଲ୍ ନେଉଥିଲେ। ବସି କରି ସମୟ କଟାଇଦିଅନ୍ତି। ତାଙ୍କୁ ତାଙ୍କ ବିଷୟରେ କୌଣସି ବ୍ୟକ୍ତିଗତ ପ୍ରଶ୍ନ ପଚ଼ାରିଦେଲେ, "ତୁମର ଜାଣିବା ନିଷ୍ପ୍ରୟୋଜନ" ବୋଲି କହିଦିଅନ୍ତି। କିନ୍ତୁ ୟାଙ୍କୁ ଦେଖିଦେଲେ ମନରେ ସଂଭ୍ରମ ଆସେ।

ଭଗବାନ୍‌ଙ୍କୁ ତ ଯେ ସ୍ୱୀକାର କରୁ ନ ଥିଲେ. ସଂସାରରେ କାହାକୁ ୟାଙ୍କର ଭୟ ନ ରହିବାର କଥା। ଥରେ କହୁ କହୁ ସିଣ୍ଡିକେଟ୍ ସଭାରେ ପଚ଼ାରିଲେ, ଇଂରେଜ କୁକୁର କଣ ବି.ଏ.ରେ ଇଂରେଜୀ ପଢ଼ାଇପାରିବ ? ପ୍ରିନ୍‌ସିପାଲ୍ ଲ୍ୟାମ୍ବର୍ଟ ଉଦ୍ଭିଦ ବିଜ୍ଞାନରେ ଏମ୍.ଏ. ପାସ୍ କରି ଇଂରେଜୀ କ୍ଲାସ ନେବାର ପ୍ରତିବାଦରେ ସେ ଏହା କହିଥିଲେ। ୟାଙ୍କ ବିଷୟରେ ବହୁତ କଥା ତ ଆଗକୁ ଅଛି।

ଆଉ ଜଣେ ଥିଲେ ଇଂରେଜୀ ଅଧ୍ୟାପକ ବରଦାକାନ୍ତ ଚ୍ୟାଟାର୍ଜୀ। ଯେ ବି.ଏ. ପାସ୍ କରି ଅଧ୍ୟାପକ ହୋଇଥିଲେ। ଆମ ଆଗରୁ ଥରେ ଇତିହାସ ଅଧ୍ୟାପକ ନିଅଣ୍ଟ ପଡ଼ିବାରୁ ଯେ ଗୋଟାଏ ଟର୍ମ ଇତିହାସ ନେଇଥିଲେ। ସଂସ୍କୃତ ଅଙ୍କ ମଧ୍ୟ ନେଇପାରିଥାନ୍ତେ। ପଢ଼ାଇବାରେ ବିଶିଷ୍ଟତା ନ ଥିଲା। କିନ୍ତୁ ୟାଙ୍କ ବ୍ୟକ୍ତିତ୍ୱର ପ୍ରଭାବ ପିଲାଙ୍କ ଉପରେ ପଡୁଥିଲା।

ଏଇ କେତେକଣ ଅଧ୍ୟାପକଙ୍କ ନାମ ଏଠାରେ ଲେଖି ହୋଇଗଲା। ଗୋପାଳ ଗାଙ୍ଗୁଲି, ନିର୍ମଳ ବାନେର୍ଜୀ, ନିଶିକାନ୍ତ ସାନ୍ୟାଲ, କୃତ୍ତିବାସ ବାବୁ, ଜନାଥନ ବାବୁ, ଗୋଷ୍ଠହରି ସିଂହ, ମି. ବ୍ୟାଥେଜା ପ୍ରଭୃତି ଆହୁରି ଅନେକ ରହିଗଲେ, ଯାହାଙ୍କ କଥା ଆଗକୁ ରହିଛି। ସବାଉପରେ ମିଷ୍ଟର ପରିଜା, ମିଷ୍ଟର ତ୍ରିପାଠୀ ପ୍ରଭୃତି ବି ଅଛନ୍ତି ଆଗକୁ।

ଏ ସମସ୍ତେ ଗୋଟିଏ କାଟର, ବିଭିନ୍ନ ଦିଗରୁ ସମଭାବରେ ଏମାନେ ଆମକୁ ସବୁ ପ୍ରଭାବିତ କରୁଥିଲେ। କ୍ଲାସର ପାଠ ଅପେକ୍ଷା, ୟାଙ୍କର ରୀତିଗତି, କଥାବାର୍ତ୍ତାରୁ ବହୁତ ଶିଖୁଥିଲୁ। ପାଠ ବିଷୟରେ, ଅନ୍ୟ ବିଷୟରେ ଏମାନଙ୍କ ସଙ୍ଗେ ଅନେକ ସମୟରେ ବାଦ ପ୍ରତିବାଦ ହୁଏ, କିନ୍ତୁ ଗୁରୁଶିଷ୍ୟ ସମ୍ବାଦରେ। ଆଇ.ଏ. ସରିବା ପର୍ଯ୍ୟନ୍ତ ଯେଉଁମାନେ ଆମର ଅଧ୍ୟାପକ ଥିଲେ ଆମର ପିତା ବା ପିତୃବ୍ୟ ସ୍ଥାନୀୟ, ତେଣୁ ମାନ୍ୟ ! ଏମାନଙ୍କ ବ୍ୟବହାରରେ ସେ ମାନ୍ୟ ରଖିବା ସହଜ ହେଉଥିଲା। ୟାଙ୍କ ସଙ୍ଗେ ଆମର ଯେଉଁ ସଂଘର୍ଷ ହେଉଥିଲା ତାହା ଅଳି କଲାପରି। ଆମଆଡୁ ଟିକିଏ ମାତ୍ରାଧିକ୍ୟ ହେଲେ ଏମାନେ ଏମାନଙ୍କ ଗୁଣରେ ଆମକୁ କ୍ଷମା ଦେଉଥିଲେ। ଛାତ୍ର ଶିକ୍ଷକ ସ-ର୍କ ଆଜିକାଲି ଯେପରି ସୀମା ଲଂଘନ କରୁଛି ତାହା ସେକାଳେ ଅଧ୍ୟାପକମାନଙ୍କ ମହତ୍ତ୍ୱ ଯୋଗୁଁ କଳ୍ପନା କରି ହେଉ ନ ଥିଲା।

କିନ୍ତୁ ବି.ଏ. ପ୍ରଥମ ବାର୍ଷିକ କ୍ଲାସରେ ଯାଇ ବସିଲାବେଳକୁ ତିନି ଜଣ ନୂଆ ଟୋକା ଅଧ୍ୟାପକ ଆସି ପହଞ୍ଚିଗଲେ ଯେଉଁମାନଙ୍କୁ ପିତୃବ୍ୟ ଦୃଷ୍ଟିରେ ନ ଦେଖି, ଅଗ୍ରଜ ଦୃଷ୍ଟିରେ ଦେଖିବାକୁ ବାଧ୍ୟ ହେଲୁ।

ରାମକୃଷ୍ଣ ନନ୍ଦ

ବି.ଏ. ଶ୍ରେଣୀରେ ଥିଲାବେଳେ *Ravenshavian* ରେ ଏବଂ 'ସହକାର'ରେ ମୋର କେତେ ଗଳ୍ପ ଓ କବିତା ପ୍ରକାଶ ପାଇଥିଲା। ଏହି ସମୟରେ ମୋ 'ତୁଳସୀଦାସ' ବହିର ପାଣ୍ଡୁଲିପି ପ୍ରସ୍ତୁତ କରିଥିଲି ଏବଂ ମାଇନର ଶ୍ରେଣୀ ଉପଯୋଗୀ ଖଣ୍ଡେ ଟ୍ରାନ୍‌ସଲେସନ ବହି ମଧ୍ୟ ଲେଖିଥିଲି। 'ଉତ୍କଳ ବୁକ୍ କମ୍ପାନୀ'ର ମ୍ୟାନେଜର କୃଷ୍ଣଚନ୍ଦ୍ର ପ୍ରଧାନ ତାହାକୁ ପ୍ରକାଶ କରିଥିଲେ Mathew Arnold ଙ୍କ Sohrab and Rustum ର ଏକ ପଦ୍ୟାନୁବାଦ କରିଥିଲି ଏତିକିବେଳେ। ମୂଳ ଇଂରାଜୀ ପରି ମୋ ଅନୁବାଦ ମଧ୍ୟ ଅମିତ୍ରାକ୍ଷର ଛନ୍ଦରେ ରଚିତ ହୋଇଥିଲା। ଇଂରାଜୀ :

The first grey of morning filled the east,
And the fog rose out of the Oxus stream;

ମୋର ଓଡ଼ିଆ ଅନୁବାଦ:

ପ୍ରାଚୀପଟେ ପ୍ରକାଶିଲା ପ୍ରଭାତର ପ୍ରଥମ ସିନ୍ଦୂର,
ଅକ୍ଷସା ତଟିନୀବକ୍ଷୁ ସ୍ତରେ ସ୍ତରେ ଉଠିଲା କୁହେଳି;

ଆମ ଇଂରାଜୀ ଅଧ୍ୟାପକ ଗିରିଜାବାବୁଙ୍କୁ ଏହି ଖଣ୍ଡକାବ୍ୟଟି ପଢ଼ି ସଂଶୋଧନ କରିଦେବାକୁ ଅନୁରୋଧ କରିଥିଲି, ମାତ୍ର କେତେକ ଅସୁବିଧା ଯୋଗୁଁ ତାହା ହୋଇପାରି ନ ଥିଲା। ସେ ଲେଖାଟି ଅନେକ ଦିନ ପର୍ଯ୍ୟନ୍ତ ମୋ ପାଖରେ ରହିଥିଲା। ବାରିପଦା ହାଇସ୍କୁଲରେ ଶିକ୍ଷକ ଥିଲାବେଳେ ଥରେ ଗ୍ରୀଷ୍ମଛୁଟିରେ ମୋର ଅନ୍ୟାନ୍ୟ କେତେକ ଜିନିଷପତ୍ର ସହ ସେ ପାଣ୍ଡୁଲିପିଟି କୁଆଡ଼େ ହଜିଗଲା, ଜାଣିପାରିଲି ନାହିଁ।

ଛାତ୍ରାବସ୍ଥାରେ ମୁଁ ଖେଳ ବା ବକ୍ତୃତାରେ ସାମୟିକ ଭାଗ ନେଉଥିଲି ହେଁ କୌଣସିଟିରେ କେବେ ଉତ୍କର୍ଷ ଅର୍ଜନ କରି ପାରି ନଥିଲି। ଅର୍ଥାଭାବ ମୋତେ ମଧ୍ୟେ ମଧ୍ୟେ ବିବ୍ରତ କରିପକାଉଥିଲା, କିନ୍ତୁ ସବୁବେଳେ ଶେଷ ମୁହୂର୍ତ୍ତରେ ଭଗବାନ ମୋର ଅଭାବ ପୂରଣ କରି ଦେଉଥିଲେ। ବି.ଏ. ଶ୍ରେଣୀରେ ଦୁଇ ତିନିଖଣ୍ଡ ଛୋଟ ଇଂରାଜୀ ବହି ଛଡ଼ା ଆଉ କିଛି କିଣି ପାରିନଥିଲି। ଥରେ ନିମାଇବାବୁ (ସୁପରିଚିତ ପୁସ୍ତକପ୍ରଣେତା ଓ ସଂକଳକ) ମୋତେ ରାସ୍ତାରେ ଖାଲି ଗୋଡ଼ରେ ଚାଲୁଥିବାର ଦେଖି ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। ଏପରି ଅବସ୍ଥାରେ ଥାଇ ମଧ୍ୟ ଘରକୁ ସାମୟିକ କିଛି କିଛି ସାହାଯ୍ୟ ଦେଉଥିଲି। ସାନ ଭଉଣୀ ପଦ୍ମାର ବିଭାଘର ପାଇଁ ମୋତେ ପ୍ରାୟ ଏକଶତ ଟଙ୍କା ଦେବାକୁ ପଡ଼ିଥିଲା।

ଆମର କିଛି ଜମିଦାରୀ, ମକଦ୍ଦମା ଓ ବିଷୟବୃତ୍ତି ଥିଲା ବୋଲି ପୂର୍ବରୁ କହିଛି। ଏପରି ସ୍ଥଳେ ଘରୁ ସାହାଯ୍ୟ ନ ଆଣି ମୁଁ କାହିଁକି ଓଲଟି ଘରଖର୍ଚ୍ଚ ପାଇଁ ସାମୟିକ ଟଙ୍କା ଦେଉଥିଲି, ତାହା ହୁଏତ କେତେକଙ୍କୁ ଆଶ୍ଚର୍ଯ୍ୟ ଲାଗିପାରେ। ସେଥିପାଇଁ ଘରର ତତ୍କାଳୀନ ପରିସ୍ଥିତି ସମ୍ବନ୍ଧରେ ଦୁଇଚାରି କଥା କହିବି।

ବୃଦ୍ଧ ପିତାମହ ଥିଲେ ଆମ ପରିବାରର ଏକାମାତ୍ର ପୋଷଣକର୍ତ୍ତା। ତାଙ୍କର ଅର୍ଥ ଉପାର୍ଜନର ଫନ୍ଦା ଭିତରେ ଥିଲା ଗୋଟିଏ ଦୋକାନ ଏବଂ ଚାଷବାସ। ସେଥିରୁ ସେ ଯାହା ଆୟ କରୁଥିଲେ, ତହିଁରେ ପରିବାରକୁ ଚଳାଇ ଉଦ୍‌ବୃତ୍ତ ଧନରେ ଋଣ ପରିଶୋଧ କରୁଥିଲେ। ତାଙ୍କ ଯୌବନରେ ଜମିଦାରୀ ଓ ମକଦ୍ଦମା କିଣିବାରେ ସେ ଗୁଡ଼ିଏ କରଜ କରି ପକାଇଥିଲେ ଏବଂ ତାର ସୁଧ ବହୁତ ବଢ଼ିଯାଇଥିଲା। ନାତିମାନଙ୍କ ମୁଣ୍ଡ ଉପରକୁ ସେ ବୋଝ ରଖିଯିବାକୁ ସେ ଚାହୁଁନଥିଲେ, ତେଣୁ ତାଙ୍କର ସମସ୍ତ ଉପାର୍ଜନ ମୁଖ୍ୟତଃ ସେହି ଉଦ୍ଦେଶ୍ୟରେ ବ୍ୟୟିତ ହେଉଥିଲା।

ଋଣ ପରିଶୋଧ କଲା ପରେ ସେ ଆମର ଇଷ୍ଟଦେବଙ୍କ ପାଇଁ ଗୋଟିଏ ପକ୍କା ଘର ତୋଳାଇବାକୁ ମନସ୍ଥ କଲେ। କେବଳ ଚାଷବାସର ଆୟରୁ ଗ୍ରାମାଞ୍ଚଳରେ ଗୋଟିଏ କୋଠାଘର ତୋଳିବା ଏଡ଼େ ସହଜ ନ ଥିଲା। ସେ କାଳରେ ଟଙ୍କାରେ ଧାନ ମିଳୁଥିଲା ଆଠ ଗୌଣୀ ଅର୍ଥାତ୍ ପ୍ରାୟ ୩୦ କିଲୋ, ନଡ଼ିଆ କଡ଼ାକୁ ଚାରିପଇସା ବା ଛଅ ପଇସା। ଏକେ ତ ପିତାଙ୍କର ଅକାଳ ମୃତ୍ୟୁ ଯୋଗୁଁ ଆମ୍ଭମାନଙ୍କର ଭରଣପୋଷଣ ଦାୟିତ୍ୱ ତାଙ୍କ ଉପରେ ପଡ଼ିଛି,

ସେଥିରେ ପୁଣି ତାଙ୍କ ଜୀବନର ଶେଷ ଅଭିଳାଷ ପୂରଣ ପଥରେ ଅନ୍ତରାୟ ସୃଷ୍ଟି କରି ମୁଁ ପ୍ରତି ମାସରେ ତାଙ୍କୁ ଅର୍ଥ ସାହାଯ୍ୟ ମାଗିବି, ଏହା ମୁଁ ପସନ୍ଦ କରୁ ନଥିଲି।

ଚାହୁଁ ଚାହୁଁ ଦୁଇଟି ବର୍ଷ କଟିଗଲା। ବି.ଏ ପରୀକ୍ଷା ଦେଲି। ଆମର ଇଂରାଜୀ ଅନର୍ସ ପ୍ରଶ୍ନପତ୍ରରେ ଏପରି ଗୋଟିଏ ପ୍ରବନ୍ଧ ଲେଖିବାକୁ ପଡ଼ିଥିଲା, ଯାହାକୁ ଆମ କଲେଜରେ କୌଣସି ଛାତ୍ର ସେତେବେଳେ ବୁଝିପାରିଲୁ ନାହିଁ। ବର୍ତ୍ତମାନ ଶୁଣିଲେ ଅବଶ୍ୟ ଆଶ୍ଚର୍ଯ୍ୟ ଲାଗୁଛି। ବିଷୟଟି ଥିଲା- Broadcasting in India. ରେଡ଼ିଓ ଆଜିକାଲି ଘରେ ଘରେ, କିନ୍ତୁ ସେତେବେଳେ ଆମେ ରେଡ଼ିଓ ଦେଖି ନ ଥିଲୁ କି Broadcasting ଶବ୍ଦର ଅର୍ଥ ବୁଝି ନଥିଲୁ ! ଆଉ ସେ ବିଷୟରେ ପ୍ରବନ୍ଧ ଲେଖିଥାନ୍ତୁ କଣ ?

ବି.ଏ. ପରୀକ୍ଷା ଦେଇ ଗ୍ରାମକୁ ଗଲି। ଆମ ମୌଜାରେ ସେତେବେଳେ ବନ୍ଦୋବସ୍ତ କ୍ୟାମ୍ପ ପଡ଼ିଥାଏ। ଜଣେ ବିହାରୀ ଦିପୋଟି ଥାନ୍ତି ସେଟଲ୍‌ମେଣ୍ଟ ଅଫିସର। ତାଙ୍କ ପାଖକୁ ପାଟନାରୁ ପ୍ରକାଶ ପାଉଥିବା 'Searchlight' ପତ୍ରିକା ଆସେ। ମୁଁ ପରୀକ୍ଷା ଦେଇଛି ବୋଲି ସେ ଜାଣିଥାନ୍ତି। ଦିନେ ରାତି ପ୍ରାୟ ୮ଟା ବେଳେ ସେ ଚୌକିଦାର ହାତରେ ମୋତେ ଡକାଇ ପଠାଇଲେ। ମୁଁ ପହଞ୍ଚିବା ମାତ୍ରେ ମୋ ହାତକୁ ଖବରକାଗଜ ଖଣ୍ଡି ବଢ଼ାଇ ଦେଇ କହିଲେ, "ଆପଣଙ୍କ ପରୀକ୍ଷାଫଳ ବାହାରିଛି, ଦେଖନ୍ତୁ।" ମୁଁ ତାଙ୍କ ହାତରୁ କାଗଜଟି ନେଇ ଦେଖିଲି ଯେ ଇଂରାଜୀ ଅନର୍ସରେ ପାସ୍ କରିଥିବା ମୋଟ ଏଗାର ଜଣଙ୍କ ମଧ୍ୟରୁ ରେଭେନ୍‌ସା କଲେଜରୁ କେବଳ ମାତ୍ର ଜଣେ ପାସ୍ କରିଛି ଏବଂ ସେ ଜଣକ ମୁଁ। ମନ ଆନନ୍ଦରେ ନାଚି ଉଠିଲା। ଭଗବାନ ନାହାନ୍ତି ବୋଲି କିଏ କହେ? ପଦେ ପଦେ ସେ ତ ମୋତେ ସାହାଯ୍ୟ କରୁଛନ୍ତି। ଆଗ ଯାଇ ବାପାଙ୍କୁ ଖବରଟା ଦେବାକୁ ହେବ। ଦିପୋଟିବାବୁଙ୍କୁ ଧନ୍ୟବାଦ ଜଣାଇ ଘରକୁ ଫେରିଲି।

ବସନ୍ତ କୁମାର ଶତପଥୀ

ମନେ ପଡିଯାଉଛି- କଲେଜର ତତ୍‌କାଳୀନ ପ୍ରିନିସ୍‌ପାଲ୍ ଡବ୍ଲିୟୁ.ଭି.ଡ୍ୟୁକ୍ (ଉଇଲିୟମ୍ ଭିବ୍ବର ଡ୍ୟୁକ୍)ଙ୍କ କଥା । ସେ କୁଆଡେ ପ୍ରଥମ ମହାଯୁଦ୍ଧ ସମୟରେ ମେସୋପଟାମିଆଁରେ ବ୍ରିଟିଶ ସରକାର ତରଫରୁ ଯୁଦ୍ଧକରିଥିଲେ । ସେ ଆମକୁ ଇଂଲଣ୍ଡ ଇତିହାସ ପଢାଉଥିଲେ । ଆମେ ବହୁତ ଦିନପରେ ଜାଣିଲୁ ଯେ, ସେ ଇତିହାସ ପଢାଉଛନ୍ତି । ସେ ଏମିତି ଭୋ ଭୋ କରି ଉଚାରଣ କରୁଥିଲେ ଯେ, ତାଙ୍କକଥାରୁ ଗୋଟିଏ ଶବ୍ଦ ବୁଝିପାରୁ ନଥଲୁ । ମୋ ସାଙ୍ଗମାନେ ବହିପତ୍ର ରଖିଦେଇ ବୋଟିଂକୁ ଚାଲିଯାଉଥିଲେ ଏବଂ ଘଣ୍ଟାବାଜିଲେ ଫେରୁଥିଲେ । ତା ଭିତରେ ଅନେକଙ୍କର ଭାଲୁଜର (ମେଲେରିଆ) ହୋଇ ଯାଉ ଥିଲା । କ'ଣ ପଢାଉଛନ୍ତି ସେମାନେ ମୋତେ ପଚାରିଲେ, ମୁଁ କିଛି କହିପାରୁ ନଥିଲି । ତାଙ୍କ ସାମନାରେ ମୁଁ ବସିଥାଏ । ତେଣୁ କାଳେ ସେ ବିରକ୍ତ ହେବେ ବୋଲି ମୁଁ ଖସି ପଳାଇ ପାରୁ ନଥିଲି । ତନ୍ମୟହୋଇ ଚାହିଁରହିଥାଏ ତାଙ୍କ ମୁହଁକୁ । ଉପର ମହଲାରେ ଥିବା ତାଙ୍କ ଅଫିସକୁ ସେ ଆସନ୍ତି । ଘୁରି ଘୁରି ଉଠିଥିବା ଗୋଟିଏ ଲୁହା ଷ୍ଟେୟାରକେସ୍ ଦେଇ । କେବଳ ସୁକୃତି ପଟ୍ଟନାୟକ ବୋଲି ଏକ ଦୀର୍ଘକାୟା ସୁଶ୍ରୀ ଏମ୍.ଏ. ପଢୁଥିବା ଛାତ୍ରୀ ସେହି ପାହାଚ ଦେଇ ଆସେ । ପୁଅପିଲା କ୍ୱଚିତ୍ ତାହା ବ୍ୟବହାରକରନ୍ତି । କ୍ଲାସ୍‌କୁ ଆସିବାବେଳେ ପ୍ରଥମେ କଳା ମିଚିମିଚି ଲୋମଶ କ୍ଷୁଦ୍ରକାୟ କୁକୁରଟି ପଶିଆସେ । ତା ପଛେ ପଛେ ଲାଲ୍ ଟକ୍‌ଟକ୍ ମାଲିକ ଆସନ୍ତି । ତାଙ୍କ ପଛେ ପଛେ ରେଜିଷ୍ଟର ଧରି ଚପରାଶି ଆସେ । ହାଜିରା ପରେ ଉପସ୍ଥାନ ଖାତା, ଚକ, ଡାଷ୍ଟର ଧରି ଚପରାଶି ଅଫିସକୁ ଫେରିଯାଏ । ହାଇଡେସ୍କ ତଳେ କୁକୁରଟି ସାହେବଙ୍କ ଗୋଡ ପାଖରେ ଆରାମରେ ସାଙ୍ଗେ ସାଙ୍ଗେ ଶୋଇଯାଏ । ସାହେବ ଆରମ୍ଭ କରିଦିଅନ୍ତି ଭୋ ଭୋ । ପିଲାମାନେ ଶୁଣୁଛନ୍ତି କି ନାହିଁ, ବୁଝୁଛନ୍ତି କି ନାହିଁ, ସେ କଥା ସାହେବ ବୁଝନ୍ତି ନାହିଁ । ପିଲାମାନେ ବି ଜାଣିବାକୁ ଚାହାଁନ୍ତି ନାହିଁ ସାହେବ କ'ଣ ପଢାଉଛନ୍ତି । କେତେ ଦିନ ସାହେବଙ୍କୁ ଶୁଣିବା ପରେ ମୋ କାନ ଭିତରେ ପଶିଗଲା 'Seven wives'। ଜାଣି ପାରିଲି ସାହେବ ରାଜା ଅଷ୍ଟମ ହେନେରୀଙ୍କ ବିଷୟରେ ପଢାଉଛନ୍ତି । ମୋଠୁ ଶୁଣି ପିଲାମାନେ ଜାଣିଲେ କେଉଁ ବିଷୟ ପଢାହେଉଛି ଇତିହାସରୁ । ଘଣ୍ଟା ବାଜିଲା । କୁକୁର ଉଠିବସିଲା ଏବଂ ରାସ୍ତା ଧରିଲା । ପ୍ରିନିସ୍‌ପାଲ୍ ତା ପଛେ ପଛେ ଚାଲିଲେ । ସାଙ୍ଗପିଲାମାନେ ଯେ ଯେଉଁଠି ଥିଲେ ଆସିଗଲେ ।

ପ୍ରିନିସିପାଲ୍ ଭାରି ଡିସିପ୍ଲିନ୍ ମାନନ୍ତି । ଦିନେ ସାହେବ ତାଙ୍କ ଗାଡିରୁ କୁକୁର ସହିତରେ ଓହ୍ଲାଇପଡିଛନ୍ତି । ଦେଖିଦେଲେ, ଗୋଟିଏ ପିଅନ କାନ୍ଥ କଡରେ ବସି ଏକ କରୁଛି । ତା ନାଁ ପଚାରି ନେଇ ସାହେବ ଉପରକୁ ଚାଲିଗଲେ । ଦଶ ମିନିଟ୍ ଭିତରେ ଜଣା ପଡିଲା ଯେ, ସାହେବ ତାଙ୍କୁ ପଚାଶ ଟଙ୍କା ଜୋରିମାନା କରିଛନ୍ତି- "ଫର କମିଟିଙ୍ଗ୍ ନୁଇସେନ୍‌ସ ଇନ୍ ଦି କଲେଜ ପ୍ରେମିସିସ୍"। ସେତେବେଳେ ପଚାଶ ଟଙ୍କାରେ ପନ୍ଦରଶହ ଶେର ଚାଉଳ ମୟୂରଭଞ୍ଜରେ ମିଳୁଥିଲା । ସାହେବ କଠୋର ନୀତିବାଦୀ । ଦଣ୍ଡିତ ପିଅନଟି ପହଞ୍ଚିପାରିଲା ନାହିଁ ସାହେବଙ୍କ ପାଖକୁ । ପ୍ରଫେସର ଆର୍ତ୍ତବାବୁ ପିଅନ ତରଫା ହୋଇ ବହୁତ ଲଢିଲେ ସାହେବଙ୍କ ପାଖରେ । ତାଙ୍କୁ ବୁଝାଇଲେ, ପିଅନର ଆର୍ଥିକ ସ୍ୱଚ୍ଛଳତା ଦୃଷ୍ଟିରୁ ପଚାଶ ଟଙ୍କାର ମୂଲ୍ୟ । ସାହେବ ପଚାଶ ଟଙ୍କାକୁ ପଚିଶ କରିଦେଲେ । ପରେ ପ୍ରଫେସର ଗୁରୁଚରଣ ବାବୁ ଆଉ ଦୁଇ ତିନି ଜଣ ପ୍ରଫେସରଙ୍କୁ ନେଇ ପୁଣି ସାହେବଙ୍କ ପାଖରେ ପହଞ୍ଚିଲେ । ସାହେବ ତଥାପି ଜାଣିପାରିଲେ ନାହିଁ ଏମାନେ କ'ଣ କହୁଛନ୍ତି । ବିରକ୍ତହୋଇ ସାହେବ ତାଙ୍କ ଅର୍ଡର ଚିରିଦେଲେ ।

ସାହେବ ଯେ କେବେ ରେଭେନ୍‌ସା କଲେଜ ଛାଡିଲେ ବା ତାଙ୍କ ଜାଗାରେ କିଏ ଆସିଲେ ମନେପଡୁ ନାହିଁ । ମୋର ଛ ବର୍ଷ ରହଣି ଭିତରେ କେତେବେଳେ ଏଇଚ୍.ଆର୍.ବାଥେଜା, କେତେବେଳେ ଶ୍ୟାମଚନ୍ଦ୍ର ତ୍ରିପାଠୀ, କେତେବେଳେ ପରିଜା ସାହେବ, ବାବା କର୍ତ୍ତାର ସିଂ ବା କେ.ପି. ସିହ୍ନା ପ୍ରିନିସ୍‌ପାଲ୍ ହୋଇଥିଲେ । ବାଥେଜା ସାହେବ ଗେଡା । ଇକୋନୋମିକ୍‌ସ୍ ତାଙ୍କ ପାଠ । ତାଙ୍କ ଦିହଯାକ ଖୁବ୍ ଘଞ୍ଚ

ବଡ ବଡ ବାଳ। କିଏ କହୁଥିଲା ସେ ଦିନରେ କୁଆଡେ ତିନିଥର ଖିଅର ହୁଅନ୍ତି। କହ୍ନିଲତା ବଡିବାଟା ଯେମିତି ଦେଖିହୁଏ, ତାଙ୍କ ଦିହର ଲୋମଗୁଡାକ ଗଜଉଥିବା ବା ବଢୁଥିବା ଯେ କେହି ଦେଖିପାରିବ ଖାଲି ଆଖିରେ। ବିଜ୍ଞାନ ପ୍ରଫେସରମାନଙ୍କୁ ମୁଁ ଭଲ ଜାଣେ ନାହିଁ। ପରିଜା ସାହେବ, ଆଉ ତ୍ରିପାଠୀ ସାହେବ ଦୁଇ ଜଣ I.E.S.। ଦି'ଜଣ ଯାକ ଦିଟା ହୋଷ୍ଟେଲ୍‌ରେ ୱାର୍ଡେନ୍ ଥିଲେ। କଲେଜରେ ଅନ୍ୟ କିଛି ଦର୍ଶନୀୟ ବା ମନୋରଞ୍ଜକ ବ୍ୟକ୍ତିତ୍ୱ ନଥିବାରୁ ଆମେ ପ୍ରଫେସରମାନଙ୍କର ଚାଲିଚଳନ, କଥାବାର୍ତ୍ତା, ଗତିବିଧି, ପୋଷାକପରିଚ୍ଛେଦ ଟିକିନିଖିକରି ଦେଖୁଥିଲୁ। ତାଙ୍କ ଉପରେ କମେଣ୍ଟ କରୁଥିଲୁ। ତାଙ୍କ ବିଷୟରେ କଥାବାର୍ତ୍ତା ହୋଉଥିଲୁ ମଧ୍ୟ। କଦାପି କାହାରି ଉପରେ ଘୃଣାଭାବ ବା ଅସମ୍ମାନ ନଥିଲା, କୁତ୍ସା ମଧ୍ୟ କରୁ ନଥିଲୁ। ଆମେ ମନେମନେ ସମସ୍ତଙ୍କୁ ଉପାସ୍ୟ ଦେବତା ମଣୁଥିଲୁ। ଏଇଠି କହି ରଖୁଚି ଯେ, ଆମେ ଜାଣି ନ ଥିଲୁ ଲେକ୍‌ଚରାର୍ କିଏ, ରିଡାର୍ କିଏ, ପ୍ରଫେସର୍ କିଏ ବା କିଏ କେଉଁ ଶ୍ରେଣୀର। ସମସ୍ତେ ପ୍ରଫେସର। ଦରମା କୁଆଡେ ସେମାନେ ୭୦୦ ଉପରେ ପାଉଥିଲେ। ଟୋକାଟାକଳିଆ ଅଧ୍ୟାପକ କେହି ନଥିଲେ। ଯେଉଁମାନେ ଟୋକାଥିଲେ, ସେମାନେ ବିଲାତ ଫେରନ୍ତା। କିଏ ପିଏଚ୍.ଡି ବା କିଏ ଏମ୍.ଫିଲ୍, ଏଗୁଡା ଜାଣିବାରେ ଆମର ଆଗ୍ରହ ନଥିଲା। ଅଧିକାଂଶ ପ୍ରଫେସର ଏମ୍.ଏ., ଏମ୍.ଏସ୍.ସି. ଫାଷ୍ଟ କ୍ଲାସ ଫାଷ୍ଟ ଗୋଲ୍‌ଡ ମେଡେଲିଷ୍ଟ। ଅଧିକାଂଶ ପାଣ୍ଡିତ୍ୟପୂର୍ଣ୍ଣ। ଜଣେ ଦି ଜଣ ପ୍ରଫେସର ଟିଉସନ୍ କରୁଥିଲେ। ରାଜରାଜୁଡା ବା ଜମିଦାରର ପୁଅ ବା ଭାଇମାନଙ୍କୁ। ସମଗ୍ର ରେଭେନ୍‌ସାରେ ୩-୪ ଜଣ ଟିଉସନ୍ ପଢୁଥିବା ପିଲା ବାହାରିବେ। 'ମାନେ' ବହିର ପ୍ରଚଳନ ନଥିଲା। ପିଲାମାନେ ଲଙ୍ଗ୍ ହ୍ୟାଣ୍ଡରେ ପ୍ରଫେସରଙ୍କର ମୁହଁର ବାଣୀ ଲିପିବଦ୍ଧ କରି ନେଉଥିଲେ। ପରୀକ୍ଷା ବେଳକୁ ଟେକ୍‌ଷ୍ଟ ବୁକ୍ ସହିତ ସେଗୁଡାକ ବ୍ୟବହାର କରୁଥିଲେ। ରାଣୀହାଟ ବୁକ୍ ଏଜେନ୍‌ସି ବୋଲି ଗୋଟିଏ ଛୋଟିଆ ବହି ଦୋକାନ ଥିଲା। ଯେଉଁ ବହି ଦୋକାନ ବା ଛାପାଖାନା ବାଲୁବଜାର ବା ଚୌଧୁରୀ ବଜାରରେ ଥିଲା, ସେଗୁଡାକରେ ପାଞ୍ଜି, ପୁରାଣ, ଆଉ ଛୋଟ ଛୋଟ ଚୁଟୁକି ଓଷାବ୍ରତ ବହି ବିକ୍ରି ହେଉଥିଲା; ଯେଉଁଗୁଡାକ ବୁଲାବିକାଳିମାନେ ଟ୍ରେନ୍‌ରେ ଷ୍ଟେସନ୍‌ରେ, ବିକ୍ରି କରୁଥିଲେ। ଖୁବ୍ କମ୍ ପିଲା ସାଇକେଲ୍‌ରେ ଆସୁଥାନ୍ତି। ଖୁବ୍ କମ୍ ପିଲା ପେଣ୍ଟ୍ ସାର୍ଟ ପିନ୍ଧୁ ଥିଲେ। ଇସ୍ତ୍ରୀକରା ପୋଷାକ ବିରଳଥିଲା। ଖଲିଫା ଦୋକାନ ହାତରେ ଗଣିହେବ।

ରେଭେନ୍‌ସା କଲେଜରେ ଛ ବର୍ଷ ରହଣି କାଳରେ ୮-୧୦ ଜଣ ଝିଅ ପଢୁଥିବାର ମନେପଡୁଛି। ମୁଁ ପଢୁଥିବାବେଳେ ମୋ ଉପର କ୍ଲାସରେ ତିନି ଜଣ ଝିଅ ପଢୁଥିଲେ। ଡ୍ୟୁକ୍ ସାହେବଙ୍କ ଅମଳରେ ଥାର୍ଡଇୟର କ୍ଲାସରେ ଗୋଟିଏ ଡିସିପ୍ଲିନ୍ କେସ୍ ହୋଇଥିଲା। ମୟୂରଭଞ୍ଜର ଜଣେ ଡିଷ୍ଟ୍ରିକ୍ ଓ ସେସନ ଜଜଙ୍କ ନାତି କ୍ଲାସ ଚାଲିଥିବା ବେଳେ ଛୋଟ ଛୋଟ କାଗଜ ପୁଟୁଳା ତିଆରି କରି ସେହି ଝିଅମାନଙ୍କ ଦେହକୁ ଫିଙ୍ଗିଥିଲା। ଝିଅମାନେ ସିଧା ଡ୍ୟୁକ୍ ସାହେବଙ୍କ ପାଖକୁ ଚାଲିଗଲେ ଏବଂ ସେହି ମୋଟା ପିଲାଟି ନାଁରେ ଅଭିଯୋଗଆଣିଲେ। ସାହେବ କିଛି ନ ବୁଝି ନ ପଚାରି ପଚାଶ ଟଙ୍କା ସେ ପିଲାକୁ ଜୋରିମାନାକଲେ। ପିଅନକୁ ସିନା ଛାଡିଦେଲେ, କିନ୍ତୁ ଏ କ୍ଷେତ୍ରରେ ସେ କମା କ୍ଷମା ଦେଲେ ନାହିଁ ଦୋଷୀକୁ। ସେ ପିଲାର ଅଭିଭାବକ ପାଖକୁ ଚିଠିଦେଲେ ଏବଂ ଜୋରିମାନା ପଚାଶ ଟଙ୍କା ଆଦାୟକଲେ। ଇଏ ହୁଏତ ତତ୍‌କାଳୀନ ରେଭେନ୍‌ସା କଲେଜର ଦଣ୍ଡ ବିଧାନ ଇତିହାସରେ ଏକ ରେକର୍ଡ।

ପୁଲିନ୍ ବିହାରୀ ରାୟ

ତହିଁ ଆରଦିନ ସାଢ଼େ ଦଶଟା ବେଳେ କଲେଜକୁ ଗଲି। କମନ୍ ରୁମ୍‌ରେ ପଶିଲି, କି ଚମତ୍କାର ପରିବେଶ ! କେବଳ ଅଳ୍ପ କେତେ ଜଣଙ୍କୁ ଛାଡ଼ି ଦେଲେ ଆଉ ସମସ୍ତେ ଅଚିହ୍ନା। ସେତେବେଳେ ତ ଓଡ଼ିଶାରେ ଏତେ କଲେଜ ନଥିଲା ତଥାପି ଅନେକ ପିଲା I.A., I.Sc. ରେ ନାଁ ଲେଖେଇଥାନ୍ତି। ଆଉ କେତେକ ମୋରି ପରି Supplementary matric ପରୀକ୍ଷାରେ ପାସ୍ କରି ନାଁ ଲେଖେଇ ଥାନ୍ତି। ଆମ ସ୍କୁଲରୁ ଫାଇନାଲ୍ ମେଟ୍ରିକ ପରୀକ୍ଷାରେ ପାସ୍ କରି ହରେନ୍ଦ୍ର ନାଥ ରାଉତରାୟ୍ I.Sc.ରେ ଆଗରୁ ନାଁ ଲେଖେଇଥାଏ। ତା'ର ମୋର ଭେଟ ହଉ ନଥାଏ। ଯେଉଁମାନେ Supplementary matric ପରୀକ୍ଷାରେ ପାସ୍ କରି H.L.B. group ନେଉଥାନ୍ତି ମୁଁ ତାଙ୍କର ପିଛା ଧଇଲି। ମୋତେ ଅନେକ Muslim Seminary ର player ବୋଲି ଚିହ୍ନି ଥିଲେ। ବିଶେଷତଃ କଲେଜିଏଟ୍ ସ୍କୁଲ ପିଲାଏ, ଅନ୍ୟାନ୍ୟ ସ୍କୁଲରୁ ପାସ୍ କରି ଆସିଥିବା ପିଲାଙ୍କ ଅପେକ୍ଷା କଲେଜରେ ସେ ବର୍ଷ ତାଙ୍କରି ସଂଖ୍ୟା ବେଶି, ହେଲେ ତାଙ୍କ ସହିତ ମୋର ପରିଚୟ୍ ନଥିଲା। କଲେଜିଏଟ୍ ସ୍କୁଲର କେତେକ player ମଧ୍ୟ ନାଁ ଲେଖେଇଥାନ୍ତି। ତାଙ୍କ ମଧ୍ୟରୁ ମୋର କେବଳ ପରିଚିତ ଥାଏ, ସଦାନନ୍ଦ ବାନାର୍ଜୀ। Muslim player ଙ୍କ ମଧ୍ୟରୁ ମୁଁ ଏକା, ଆଉ କେହି ନାହିଁ। ରେଭେନ୍‌ସା କଲେଜକୁ ଯେ ମୁଁ ଆଜି ନୂଆ ଆସିଛି, ତା ନୁହେଁ, Commemoration Day, exhibition ଇତ୍ୟାଦିରେ ପାଠ ଛାଡ଼ି ବୁଲିଲା ବେଳେ ଅନେକବାର ଆସିଛି। ଏମିତିକି ରେଭେନ୍‌ସା କଲେଜ ତିଆରି ହେଲା ବେଳେ, ଦିନ ଚାରିଟା ବାଜିଲା ପରେ ସାଙ୍ଗସାଥୀଙ୍କ ମେଳରେ ଆସି ଏହାର ଅଧା ଅଧା କାନ୍ଥ ଉଠିଥିବା କାନ୍ଥମାନଙ୍କ ଉପରେ ଛେଳିମାନେ ଯେମିତି ଅଧା କାନ୍ଥ ଉପରେ ଚଢ଼ି ବୁଲନ୍ତି, ସେମିତି କେତେଥର ଚଢ଼ି ବୁଲିଛି, ବେଇଁଛି। ଉଦେଶ୍ୟ, ଦେଖିବା ରେଭେନ୍‌ସା କଲେଜ କେମିତି ତିଆରି ହଉଛି। ଆଜି ଛାତ୍ର ହିସାବରେ ରେଭେନ୍‌ସା କଲେଜକୁ ଆସିଛି ପାଠ ପଢ଼ିବା ପାଇଁ। ରେଭେନ୍‌ସା କଲେଜରେ ଯେ ଦିନେ ମୁଁ ପାଠ ପଢ଼ିବି, ଏ ତ ମୋର କଳ୍ପନାତୀତ ଘଟଣା। କଲେଜରେ ପ୍ରଥମ ଦିନ ଯେତେବେଳେ ବଟାନି କ୍ଲାସକୁ ଯାଏ, ଭାରି ଆନନ୍ଦ ଲାଗିଲା। କେତେ ପ୍ରକାର ବୃକ୍ଷ, ଲତା, କେତେ ପ୍ରକାର ଶିକ୍ଷାର ସାମଗ୍ରୀ। ସେଇଠି ଭେଟିଲି ଦେବବ୍ରତ ବାବୁ ପ୍ରଫେସରଙ୍କୁ। ଅନେକ ସାଙ୍ଗସାଥୀ। ମୁଁ ଦେଖିଲି ମୋର ନାଁ ଆଟେଣ୍ଡାନ୍‌ସ ରେଜିଷ୍ଟରରେ ଉଠି ଯାଇଛି, ସେଇଠି ମୋର ରୋଲ୍ ନମ୍ବର ଜାଣିଲି। ତାପରେ ଇଂରାଜୀ କ୍ଲାସ ଇତ୍ୟାଦିକୁ ଗଲି। ଏଠି ଦିନ ଭିତରେ ମୋଟେ ଦି, ତିନିଟା କ୍ଲାସ, ଗୁରାଏ leisure, ସ୍କୁଲରେ ତ ପଢ଼ିବା ବେଳେ ସାଢ଼େ ଦଶଟାରୁ ଚାରିଟା ଯାଏ କ୍ଲାସ। ଏଠି ଏତେ କମ୍ କ୍ଲାସ ଦେଖି ଅଶାନ୍ତି ବୋଧ ହେଲା। ସ୍କୁଲ ତୁଳନାରେ ଏଠି ସବୁ ବିରାଟ, ଆଡ଼ମ୍ବରବହୁଳ। ମୁଁ ତ ଗରିବ ସ୍କୁଲର ଛାତ୍ର। Muslim Seminaryରେ ପଢ଼ିଲାବେଳେ କ୍ଲାସର ପଛପଟ ଝିଡ଼ିକି ଉପରେ ହନୁମାଙ୍କଡ ଆସି ବସିବାର ଦେଖିଛି। କି ଅପରିଷ୍କାର କ୍ଲାସ୍ ରୁମ୍ ସବୁ। ଏଠି ତ ସବୁ ପରିଷ୍କାର, ପରିଚ୍ଛନ୍ନ, ଚକ୍ ଚକ୍, ଝକ୍ ଝକ୍। ମୁଁ ଯେତେବେଳେ ରେଭେନ୍‌ସା କଲେଜରେ ନାଁ ଲେଖାଏ, ସେତେବେଳେ କଲେଜରେ ମୋଟ ଛ'ସାତଶ ପିଲା। ଗୋଟାଏ ଗୋଟାଏ କ୍ଲାସରେ ଅଧା ବେଞ୍ଚ, ଡେକ୍ସ ଖାଲି ପଡ଼ିଥାଏ। କ୍ଲାସରୁମ୍ ସବୁ ଯେମିତି ପରିଷ୍କାର, ପରିଚ୍ଛନ୍ନ ପିଲାଏ ମଧ୍ୟ ସେମିତି ସୁନ୍ଦର, ପରିଷ୍କାର, ପରିଚ୍ଛନ୍ନ। କ୍ଲାସକୁ ପଶିଗଲା ବେଳେ ଯେମିତି କେଉଁ ଫୁଲ ବଗିଚାରେ ଫୁଲର ସୌରଭ ଭଳି ନାନା ପ୍ରକାର ସୁଗନ୍ଧରେ ମନଖୁସି ହେଇ ଯାଉଛି। ପିଲାଏ ଯେମିତି, ପ୍ରଫେସରମାନେ ମଧ୍ୟ ସେମିତି ଫୁଟିଲା ଫୁଲ ଭଳି। ବେଶ ପୋଷାକରେ କେଉଁଠି ଟିକିଏ ତ୍ରୁଟି ପାଇବନି। କିନ୍ତୁ ସ୍କୁଲରେ ଅନ୍ୟାନ୍ୟ ବିଷୟରେ ଶିକ୍ଷକମାନଙ୍କ ତୁଳନାରେ ଓଡ଼ିଆ ସାହିତ୍ୟ, ସଂସ୍କୃତ ପ୍ରଫେସରଙ୍କ ବେଶ ପୋଷାକର ଅନେକ ପାର୍ଥକ୍ୟ। ପ୍ୟାଣ୍ଟ, ଜାମା ଯେମିତି ରୂପ ଯେମିତି, ତା ସାଙ୍ଗକୁ ମୁଣ୍ଡ ପଛ ପଟେ ଗୋଟିଏ ଚୁଟି, ସେଥିରେ ଗୋଟିଏ ଗଣ୍ଠି। କିନ୍ତୁ ପାଠ ପଢ଼େଇବାର ଧାରା ଅନେକ ଉନ୍ନତ ଧରଣର।

ସେତେବେଳେ ରେଭେନ୍ସା କଲେଜର ପ୍ରିନ୍ସିପାଲ ଗୋରା ଚମତ୍କାର ଲୋକ। ନାଁ T.C. Orgil। ବାଳୀ କି ଅଙ୍ଗଦ ଭଳି ରୂପ। ଚିଲା ଆଖିରେ ଅନେଇ ଦେଲେ ପିଲାଏ ଅଟକି ଯିବେ। ଏଠି ଚପରାସୀଠୁ ଆରମ୍ଭ କରି କିରାଣି, ଛାତ୍ର, ପ୍ରଫେସର ସମସ୍ତଙ୍କର ଭାରି ଭଦ୍ର ବ୍ୟବହାର, ଶିଷ୍ଟତା ଶିକ୍ଷଣୀୟ। ବଡ଼ ବଡ଼ ବାରଣ୍ଡାରେ ପିଲାଏ କ୍ଲାସ ଶେଷରେ ଯଦି ବାଁ ପଟେ ଧାଡ଼ି ବାନ୍ଧି ଫେରୁଛନ୍ତି ତ ଅନ୍ୟ ପଟେ ଧାଡ଼ି ବାନ୍ଧି ପିଲାଏ ଡାହାଣ ପଟେ କ୍ଲାସକୁ ଚାଲିଛନ୍ତି। ସବୁ ଚୁପ୍‌ଚାପ୍, କେବଳ ଗୋଡ଼ର ଶବ୍ଦ ଯାହା ଜଣା ପଡ଼ୁଛି। ହୋ, ହା ନାହିଁ। ଗଣ୍ଡଗୋଳ ନାହିଁ। ସବୁ ନୀରବ, ଗାମ୍ଭୀର୍ଯ୍ୟପୂର୍ଣ୍ଣ, କ୍ଲାସରେ ପାଠ ପଢ଼ା ମଧ୍ୟ ସେମିତି। ପ୍ରଫେସର ଯେ ଆସୁଛନ୍ତି, ତାଙ୍କର ସେ ବକି ଚାଲୁଛନ୍ତି, ବୁଝେଇବାରେ ଲାଗିଛନ୍ତି, ପିଲାଏ କେତେ ଯେ କୁଆଡ଼େ ପଛ ବେଞ୍ଚରୁ ଖସି ପଳେଇଲେଣି। ସେଥିପାଇଁ ଭ୍ରୂକ୍ଷେପ ନାହିଁ। ତାଙ୍କର କର୍ତ୍ତବ୍ୟରେ ସେ ଲାଗିଛନ୍ତି। ମୋତେ କୌଣସି କ୍ଲାସ ଖରାପ ଲାଗୁନଥାଏ, କେବଳ ଇତିହାସ କ୍ଲାସ ଛଡ଼ା। ଆଉ ସବୁଠୁଁ ଭଲ ଲାଗୁଥାଏ ବଟାନି କ୍ଲାସ ଏବଂ ଓଡ଼ିଆ ସାହିତ୍ୟ କ୍ଲାସ୍। ଓଡ଼ିଆ ସାହିତ୍ୟ କ୍ଲାସରେ ବେଶି ପିଲା ପଛ ବେଞ୍ଚରୁ ଖସି ପଳାନ୍ତି। ଆର୍ତ୍ତବାବୁଙ୍କ କ୍ଲାସ ବେଶି ଭଲ ଲାଗେ। ସେହି ଚିଲିକା କାବ୍ୟ ପଢ଼ିଥିଲି ମେଟ୍ରିକ କ୍ଲାସରେ। ଏଠି ସେହି ଚିଲିକା କାବ୍ୟ ଆର୍ତ୍ତବାବୁଙ୍କ ମୁହଁରେ ତ ଆହୁରି ରସାଳ ମନେ ହେଲା। ବିଭିନ୍ନ ସାହିତ୍ୟରୁ କେତେ ଉଦାହରଣ, କେତେ reference, କଲେଜକୁ ନ ଆସିଥିଲେ ଏ ସବୁ ଜାଣନ୍ତି କୁଆଡ଼ୁ ? English class ମଧ୍ୟ ସେମିତି ଭଲ ଲାଗୁଥାଏ। ମୁଁ ସ୍କୁଲର ଶିକ୍ଷକମାନଙ୍କୁ ଦେଖି ଭାବୁଥିଲି, କେଡ଼େ ଉଚ୍ଚ ଶିକ୍ଷିତ ଲୋକ ଏ ! କେତେ ଜ୍ଞାନ ଯାଙ୍କର ! କିନ୍ତୁ କଲେଜକୁ ଆସି ଦେଖିଲି, ତାଙ୍କଠୁଁ ଆହୁରି ଦନ୍ତା ଅଛନ୍ତି ଜ୍ଞାନର ଖଣି, ଯା ପଚାର, ତା କହିଲେ, ଗୋଟାଏ କଥା ପଚାରିଲେ, ଦଶ କଥା ଉତୁଲି ପଡ଼ୁଛି। ତଥାପି କି ସୁନ୍ଦର ବ୍ୟବହାର ! କି ଶାନ୍ତ ପ୍ରକୃତି ! କି ଧୈର୍ଯ୍ୟଶୀଳ !

ଗୋପୀନାଥ ମହାନ୍ତି

ପୂର୍ବକାଳରେ ଘୋଡ଼ା ଦଉଡ଼ ଲାଗି ବ୍ୟବହୃତ ହେଉଥିବା 'ଚକ୍କର୍ ପଡ଼ିଆ'ର ପଶ୍ଚିମ ପଟର ସାମାନ୍ୟ ଅଞ୍ଚଳ ଦଖଲ କରି ରେଭେନ୍‌ସା କଲେଜ ଓ ତା' କୋଠାଗୁଡ଼ିକ ଠିଆ ହୋଇଥାଏ।

ସାମ୍ନାରେ ଦୋମହଲା ଧାଉଡ଼ି ଆର୍ଟସ୍ ବ୍ଲକ୍, ଏବେବି ଯେମିତି ଅଛି, ତା' ଡାହାଣପଟେ ଇଷ୍ଟ ହଷ୍ଟେଲ୍। ବାଁପଟେ ୱେଷ୍ଟ ହଷ୍ଟେଲ୍, ପଛ ଧାଡ଼ିରେ ମଝିରେ କନିକା ଲାଇବ୍ରେରି, ତା' ଦୁଇ ପଟେ ଅରାଏ ଅରାଏ ଖୋଲା ପଡ଼ିଆ ଥାଇ ବାଁକୁ କେମିଷ୍ଟ୍ରି ବ୍ଲକ୍, ଡାହାଣକୁ ଫିଜିକସ୍ ବ୍ଲକ୍, ପଶ୍ଚିମ ଛାତ୍ରାବାସର ଲାଞ୍ଜରେ କେମିଷ୍ଟ୍ରି ଧାଡ଼ି ଟପି ବଟାନି ବିଭାଗ, ଯେସବୁ ସେହିପରି ଅଛି। ପୂର୍ବ ଛାତ୍ରାବାସଠୁଁ ଅଳ୍ପଦୂରରେ ଷ୍ଟେସନ୍ ଆଡ଼କୁ ତିନୋଟିଯାକେ ବଡ଼ ବଡ଼ କ୍ୱାଟର୍ସ ଥାଏ, ସେଥିରେ କେତେଜଣ ବଡ଼ ବଡ଼ ଅଧ୍ୟାପକ ଥାଆନ୍ତି, ପଡ଼ିଆ ଭିତରେ ଛତ୍ରବଜାର ଆଡ଼କୁ ଥିବା ପାଚିରିଠୁଁ ଖଣ୍ଡେ ଦୂରରେ ପ୍ରିନ୍‌ସିପାଲ୍‌ଙ୍କ ବଙ୍ଗଳା, ଚାରିପଟ ତାଙ୍କୁ ସମ୍ମାନ ଦେଖାଇ ଖାଲି ପଡ଼ିଥାଏ, ସେଠୁ ପଶ୍ଚିମ ଛାତ୍ରାବାସ ଆଡ଼କୁ ଖଣ୍ଡେ ଛାଡ଼ି ଆଉ କେତୋଟି କ୍ୱାର୍ଟର, ବାକି ସବୁ ଅଧ୍ୟାପକ ସହରରେ ଯେ ଯେଉଁଠି ରହନ୍ତି।

ତଥାପି ସେତେବେଳର ବିରାଟ କୋଠା ବିରାଟ ଅନୁଷ୍ଠାନ ରେଭେନ୍‌ସା କଲେଜ। କଟକ ସହରରେ ସଡ଼କରେ ଥାଏ ମୁନିସିପାଲିଟିର କିରୋସିନି ଲଣ୍ଠଣ, କେଉଁଠି ତା' ବି ନଥାଏ, ସେହି ମିଟିମିଟିକା ଆଲୁଅ ଆଡ଼କୁ ଅବଜ୍ଞାରେ ଅନାଇଁ ଦାଉ ଦାଉ ଜଳେ ରେଭେନ୍‌ସା କଲେଜ ହଷ୍ଟେଲ୍ ଯୋଡ଼କର ବିଜୁଳି ଆଲୁଅ, ଦୂରରୁ ଅନ୍ଧାର ଭିତରେ ଭାରି ସୁନ୍ଦର ଦିଶେ। ସହରରେ ଘରେ ଘରେ କୂଅ, ଲୋକ କୂଅପାଣି ପିଅନ୍ତି। କିନ୍ତୁ ରେଭେନ୍‌ସା କଲେଜର ନିଜର ବିଜୁଳି ପରି ନିଜର ପାଣିକଳ ଥାଏ। ସହରରେ ବାଲ୍‌ଟି ବା ହାଣ୍ଡି ପାଇଖାନା, କେତେଠିଁ ଛିଣ୍ଡା ଅଖାର ପର୍ଦ୍ଦା ସେପଟେ ମାଟି ଉପରେ ଯୋଡ଼ି ଯୋଡ଼ି ହୋଇ ଇଟା ବା ପଥର। କଲେଜ ହଷ୍ଟେଲ୍‌ମାନଙ୍କରେ ସେପ୍‌ଟିକ୍ ଲ୍ୟାଟ୍ରିନ୍, ଫ୍ଲସିଂ ସିଷ୍ଟମ୍। ଏସବୁ ଇନ୍ଦ୍ରଜାଲ କାରକାର ଆଶ୍ଚର୍ଯ୍ୟ ଲାଗୁଥାଏ, ପୁଣି ତା' ସହିତ ଏତେ ଗହଳି।

ଘୋଡ଼ାଗାଡ଼ି ଚଢ଼ି ଅଧ୍ୟାପକମାନେ ଆସନ୍ତି, ଛାତ୍ରୀମାନେ ଆସନ୍ତି, ଖୁବ୍ ଅଳ୍ପ ସେମାନେ, ଧନୀ ପିଲାଏ ବି ଘୋଡ଼ାଗାଡ଼ିରେ ଆସନ୍ତି। ଅଳ୍ପ କେତେଖଣ୍ଡ ମଟରଗାଡ଼ି ବି ଆସେ। ଅନ୍ୟମାନେ ସାଇକଲରେ ବା ଚାଲିଚାଲି।

ସମୁଦାୟ ଆଠଶହ ପିଲା ଥିବେ, ଓଡ଼ିଶାର ସେ ଏକମାତ୍ର କଲେଜ, ମତେ ଲାଗୁଥାଏ ଖୁବ୍ ବଡ଼, ଏତେ ପିଲା ! ଅଥଚ ସମସ୍ତେ ମୋର ଅଚିହ୍ନା ଏକା ଦି' ତିନି ଜଣକୁ ଛାଡ଼ି।

ସେମାନଙ୍କର ନିଜ ନିଜର ଅନେକ ଚିହ୍ନା ପିଲା, ନିଜ ସହରର ବା ଅଞ୍ଚଳର ପିଲା। ଖାଲି ବ୍ରିଟିଶ୍ ଓଡ଼ିଶାର ନୁହନ୍ତି, ବିଭିନ୍ନ ଗଡ଼ଜାତର, ସିଂଭୂମ୍ ଖର୍ସୁଆଁ ଷଡ଼େଇକଳାର, ଗଞ୍ଜାମର। ତାଛଡ଼ା ଆଇନ ପଢ଼ିବାକୁ ଆନ୍ଧ୍ରଦେଶରୁବି ପିଲାଏ ଆସିଥାନ୍ତି, ଆଇନ୍ ଛାତ୍ରମାନେ ବୟସରେ ବଡ଼ !

ସବୁ ଅଚିହ୍ନା, ସବୁ ନୂଆ ଲାଗୁଥାଏ। ସତେ ଯେମିତି ମୁଁ ହଜି ଯାଉଛି, ଏଠି ମୋର ସ୍ୱତନ୍ତ୍ର ସତ୍ତା ନାହିଁ। ମନେ ପଡୁଥାଏ ମୋର ପୁରୁଣା ହାଇସ୍କୁଲ୍, ପହଞ୍ଚିଗଲେ କେତେ ମୁହଁରେ ହସର ଆଲୁଅ ଜଳି ଉଠେ, ଆପେ ଆପେ ଆତ୍ମୀୟତା, ଆନନ୍ଦ। ଏଠି ମନ ତରଳୁଛି, ହସ ରୋକି ହୋଇଯାଉଛି, ମନେ ମନେ ଚାଲିଛି ଅନୁସନ୍ଧାନ, କ'ଣ? କିଏ ? କେମିତି ? ପ୍ରକାର ପ୍ରକାର ଚେହେରା ଓ ପୋଷାକ, ଅନେକେ ମୋଠୁଁ ଡେଙ୍ଗା, ଗଢ଼ଣରେ ବଳିଲା ବଳିଲା। କାହାର ସୁଟ୍, ହାତରେ ଘଣ୍ଟା, କାହାର ହାଫ୍ ପ୍ୟାଣ୍ଟ ଅଧାକାମିଜ, କାହାର ଲୁଗା କାମିଜ୍। ଘଣ୍ଟା ବାଜେ, ପିଣ୍ଡାରେ ଏପାଖରୁ ସେ ପାଖକୁ ଗହଳି ସୁଅ ଛୁଟେ। ପଢ଼ା ଗୋଟିଏ ବଖରାରେ ନୁହେଁ, ଦୂର ଦୂର ହୋଇ ବିଭିନ୍ନ ବଖରାରେ ବିଭିନ୍ନ ସମୟରେ, ତରତର ଚାଲି, ଦୁମ୍‌ଦୁମ୍ କୋତା, ଠେଲାପେଲା। ପଢ଼ାର ବାଗ ବି କି ବିଚିତ୍ର ! ବହି ଧରି ପାଠ ପଢ଼ାଇବା ନୁହେଁ, ଗୋଟାଏ ବକ୍ତୃତା, ବେଳେବେଳେ ବକ୍ତାଙ୍କ ମୁହଁକୁ ବିସ୍ମୟରେ ଚାହିଁ କ'ଣ ଟିକିଏ ଭାବୁ ଭାବୁ ସେ କେତେ କଅଣ କହିଗଲେଣି, କଳାପଟାରେ ଲେଖିଲେଣି, କହି ସାରିଲାପରେ ପୁଣି ଘଣ୍ଟା ବାଜି

ଯେ କ୍ଲାସ ଭାଙ୍ଗିଲା ପରେ କିଏ କହୁଛି "କ'ଣ କହିଗଲେରେ ଭାଇ? କାହିଁ ମୁଁ ତ କିଛି ବୁଝିପାରିଲି ନାହିଁ ! 'ଆଉ କିଏ ବହି ଖୋଲି ଦେଖାଉଛି "ଓଃ ! ଏକାଥରକେ କୋଡ଼ିଏ ପୃଷ୍ଠା ଆଜି ଗଡ଼େଇଦେଲେ!"

ଘରେ କାହ୍ନୁଭାଇ କହନ୍ତି "ଅତି ଶୀଘ୍ର ତତେ ଆରେଇ ଯିବ ଯେ ! ଆଦୌ ଅଡୁଆ ଲାଗିବ ନାହିଁ।"

ବହି ନାହିଁ, ଅଡୁଆ ଏତିକି। ଭାଇ କହନ୍ତି "ଧୈର୍ଯ୍ୟ ଧର୍, ବହି ଆସିବ ଯେ !" ଆସିଲା ବି କିଛି, ଟିକିଏ ଡେରି ହେଉ ପଛେ।

ଏଇଠି ପଢୁଥିଲେ କାହ୍ନୁଭାଇ। ତାଙ୍କ ପୂର୍ବରୁ ଆଇ.ଏ. ପଢ଼ିଥିଲେ ମୋ ସବା ବଡ଼ ଭାଇ, ଏଇ ରେଭେନ୍ସା କଲେଜରେ, ଯେତେବେଳେ କଲେଜ ଥିଲା ଅନ୍ୟଠି। ପରିବାର ଭିତରେ ଏଇ କଲେଜରେ ପଢ଼ିବା ମଣିଷ ମୁଁ ତୃତୀୟ। ଏଇ ଯେ ପ୍ରସିଦ୍ଧ କଲେଜ। କାହ୍ନୁଭାଇଙ୍କଠୁଁ ଶୁଣିଥାଏଁ କେତେ ବିଖ୍ୟାତ ମଣିଷ ଏଇ କଲେଜର ଛାତ୍ର ଥିଲେ ଅଥବା ଅଧ୍ୟାପକ ଥିଲେ। ମନରେ ଖୁବ୍ ଆନନ୍ଦ ଓ ଗର୍ବ ଆସେ, ଆଶା ଓ ବିଶ୍ୱାସ ଆସେ, ମୁଁ ବି କିଛି ହେବି।

ଉପରେ ପଡ଼ି ଚିହ୍ନା ହେବାକୁ ଆରମ୍ଭ କଲି। ଦିନେ ଆର୍ଟସ୍ ବ୍ଲକ୍ ଆଡୁ ପଶ୍ଚିମ ଛାତ୍ରାବାସ ବାରେଣ୍ଡା ବାଟେ ସାଇନ୍ସ ବ୍ଲକ୍ ଆଡ଼େ ଯାଉଛି, ଦେଖିଲି ଜଣଙ୍କୁ। ଗୋଲ ମୁଣ୍ଡ, ବାଙ୍ଗର, ହାଫ୍ ପ୍ୟାଣ୍ଟ ପିନ୍ଧିଥାନ୍ତି, ବୋଧହୁଏ ମୁଁ ତାଙ୍କୁ ଅନାଇଁ ଖୁସିରେ ହସିବାରୁ ସେ ବି ହସିଥିଲେ। ଲାଗିଲା, ନିଶ୍ଚୟ କୌଣସି ଉପର ଶ୍ରେଣୀର ଛାତ୍ର, ଖୁବ୍ ଅମାୟିକତା ! ଚାଲୁଚାଲୁ ଆଳାପ ଆରମ୍ଭ କଲି। ପଚାରିଲି "ଆପଣ କ'ଣ ଏଇ କଲେଜରେ ପଢ଼ନ୍ତି ?"

ସେ ହସିଦେଇ କହିଲେ, 'ହଁ'।

"ଉପର କ୍ଲାସ୍‌ରେ ନିଶ୍ଚୟ ?"

ପୁଣି ହସି କହିଲେ, 'ହଁ'।

"ଆପଣଙ୍କର ବି କ'ଣ ସାଇନ୍ସ ?"

ସେ କହିଲେ "ହଁ। ଆଉ ତୁମର ?"

"ମୋର ବି ସାଇନ୍ସ।"

"ବାଃ ! କେଡ଼େ ଭଲ ହେଲା।"

ତା'ର ଘଣ୍ଟାକ ପରେ ବୋଧହୁଏ ଫିଜିକ୍ସ କ୍ଲାସ୍। ସାମ୍ନା ବେଞ୍ଚରେ ମୁଁ ବସିଥାଏ। ଅଧ୍ୟାପକ ଆସିଲେ। ଥପ୍ କରି ପାଟିତୁଣ୍ଡ ବନ୍ଦ ହୋଇଗଲା। ଆମେ ଠିଆ ହୋଇ ପଡ଼ିଲୁ।

ସାମ୍ନାରେ ଏ ଅଧ୍ୟାପକ କିଏ ! ଏ ତ ସେହି ! ତାହେଲେ ଏଇ କ'ଣ ବିଖ୍ୟାତ ଅଧ୍ୟାପକ ନାରଣ ମିଶ୍ର, ମୁଁ ତ ତାଙ୍କ ବିଷୟରେ ସହପାଠୀମାନଙ୍କଠୁ କେତେ କଥା ଶୁଣିଥାଏ ! ଶୁଣିଥାଏଁ ସେ ଫିଜିକ୍ସ ବିଦ୍ୟାରେ ଜଣେ ଯୋଗଜନ୍ମା ଜିନିୟସ୍। ସେ ସିଧା ସଳଖ ଜର୍ମାନ୍ ବହି ପଢ଼ନ୍ତି, ଜର୍ମାନ୍ ବହିବାଟେ ବିଜ୍ଞାନ ସଙ୍ଗେ ତାଙ୍କ କାରବାର। ସେ ଭାରି ଭଲ ପଢ଼ାନ୍ତି, ଶୁଣିଲେ ସବୁ ସନ୍ଦେହ ଦୂର ହୋଇଯାଏ। ସେ ବହୁତ ଖେଳପ୍ରିୟ, ଖେଳୁଆଡ଼ ଛାତ୍ରମାନଙ୍କୁ ଭାରି ଖୁସି ପାଆନ୍ତି। ସେ ବହୁତ ଭାବିପାରନ୍ତି, ସବୁବେଳେ ଗଭୀର ଚିନ୍ତାରେ ମଗ୍ନ। କେତେ କଥା ଶୁଣିଥାଏ।

ଆଉ ମୁଁ ତାଙ୍କୁ ପଚାରିଲି ଆପଣ କେଉଁ କ୍ଲାସ୍‌ରେ ପଢ଼ନ୍ତି ! ସେ ତ ନିଶ୍ଚୟ ମୋଠୁଁ ପନ୍ଦର କୋଡ଼ିଏ ବର୍ଷ ବଡ଼ ହୋଇଥିବେ ! କ'ଣ ଭାବିଥିବେ ମତେ ସେ !

ଲାଜରେ ମୁହଁ ତଳକୁ କରି ରହିଲି।

କୃଷ୍ଣଚନ୍ଦ୍ର ପାଣିଗ୍ରାହୀ

୧୯୩୧ ମସିହାରୁ କଟକ ରେଭେନ୍ସା କଲେଜରେ ଅଧ୍ୟୟନ କରିବାବେଳେ ମୁଁ ଦେଖିଲି ଯେ ଛାତ୍ରମାନଙ୍କ ମଧ୍ୟରେ ଜାତିଧର୍ମର ବିଭେଦ କିଛି ନାହିଁ। ସମସ୍ତ ଜାତିର ପିଲା ଏକତ୍ର ବାସ କରି ଏକତ୍ର ଭୋଜନ କରୁଥିଲେ। ତାଛଡ଼ା ହିନ୍ଦୁ ଛାତ୍ରମାନେ ଖ୍ରୀଷ୍ଟିୟାନ ଓ ମୁସଲମାନମାନଙ୍କଠାରୁ ମଧ୍ୟ ନିର୍ବିକାରରେ ସମସ୍ତ ପ୍ରକାର ଖାଦ୍ୟ ଖାଉଥିଲେ। ମୋ ମନରେ ଜାତିଧର୍ମର ଯେଉଁ ବାଛବିଚାର ଥିଲା, ତାହା ଏହିଠାରେ ସମାଧି ଲାଭ କରିଥିଲା। ରେଭେନ୍ସା କଲେଜର ସୁବୃହତ୍ ଉତ୍ତୁଙ୍ଗ ଅଟ୍ଟାଳିକା ଏବଂ ଅଧ୍ୟାପକମାନଙ୍କ ଓ ସ୍ୱଚ୍ଛଳ ଛାତ୍ରମାନଙ୍କ ଅଭିରୁଚିପୂର୍ଣ୍ଣ ବେଶଭୂଷା ଏଠାରେ ଆଭିଜାତ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି କରିଥିଲା। ମାତ୍ର ମୁଁ ସ୍ୱଚ୍ଛଳ ଶ୍ରେଣୀର ଛାତ୍ର ନଥିଲି। ଯେଉଁ କୋଡ଼ିଏ ଟଙ୍କା ବୃତ୍ତି ପାଉଥିଲି, ତାହାକୁ ହିଁ ସମ୍ବଳ କରି ମୋତେ ଚଳିବାକୁ ପଡ଼ୁଥିଲା। ଏଣୁ ଦାରିଦ୍ର୍ୟପଦାରୁ ଆସି କଟକ ପହଞ୍ଚିବା ପରେ ଛାତ୍ରଜୀବନର ଯେଉଁ ମହାପରିବର୍ତ୍ତନ ଘଟିଲା, ସେଥିରେ ମୁଁ ବେଶି ପ୍ରଭାବିତ ହୋଇ ନଥିଲି। ଅର୍ଥର ସ୍ୱଳ୍ପତା ହେତୁ ହଷ୍ଟେଲରେ ନ ରହି କୌଣସି ମେସ୍‌ରେ ରହିବା ପାଇଁ ମୁଁ ସ୍ଥିର କରିଥିଲି; ମାତ୍ର ପୂର୍ବଛାତ୍ରାବାସର ତତ୍କାଳୀନ ସୁପରିଣ୍ଟେଣ୍ଡେଣ୍ଟ ଅଧ୍ୟାପକ ଗୁରୁଚରଣ ମହାନ୍ତି ଓ ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ଅଧ୍ୟାପକ ହରିବନ୍ଧୁ ମହାନ୍ତି ମୋତେ ନାନାଭାବରେ ପ୍ରବର୍ତ୍ତାଇ ପୂର୍ବଛାତ୍ରାବାସରେ ରଖାଇଲେ। ସେତେବେଳେ ଛାତ୍ର ଅଭାବରୁ ଛାତ୍ରାବାସର ଅନେକ ସ୍ଥାନ ଖାଲି ପଡ଼ୁଥିଲା। ଏଣୁ ଭଲ ଛାତ୍ରମାନଙ୍କୁ ପ୍ରବର୍ତ୍ତାଇ ଛାତ୍ରାବାସରେ ସ୍ଥାନଦେବା କର୍ମକର୍ତ୍ତାମାନଙ୍କ କର୍ତ୍ତବ୍ୟ ଥିଲା। ମୁଁ ଏହି ଅଧ୍ୟାପକ ଦ୍ୱୟଙ୍କଠାରେ ଋଣୀ ରହିଛି, କାରଣ ସେମାନଙ୍କ ପ୍ରବର୍ତ୍ତନା ଦ୍ୱାରା ହିଁ ମୁଁ ଛାତ୍ରାବାସରେ ରହି ଶୃଙ୍ଖଳିତ ଜୀବନଯାପନ କରିବାର ସୁବିଧା ପାଇଥିଲି।

ଛାତ୍ରଜୀବନର ଆରମ୍ଭରୁ ଆଜି ପର୍ଯ୍ୟନ୍ତ ମୁଁ ଓଡ଼ିଆ ସାହିତ୍ୟ ସଂସ୍କୃତ ଓ ଇତିହାସକୁ ଅନ୍ତରର ସହିତ ଆଦର କରି ଆସିଛି। ଅନ୍ୟ ବିଷୟମାନଙ୍କ ପ୍ରତି ମୋର ଅବଜ୍ଞା ବା ଅନାଦର ନାହିଁ, କିନ୍ତୁ ଏହି କେତୋଟି ବିଷୟ ମୋର ଅତ୍ୟନ୍ତ ପ୍ରିୟ। ଏଣୁ ମେଟ୍ରିକ୍ୟୁଲେସନ୍ ଠାରୁ ଏମ୍.ଏ. ପର୍ଯ୍ୟନ୍ତ ଏହି ତିନୋଟି ବିଷୟରେ ବିଶେଷ ଜ୍ଞାନ ଲାଭ କରିବା ପାଇଁ ଏଗୁଡ଼ିକକୁ ହିଁ ବାଛିନେଇଥିଲି। ମେଟ୍ରିକ୍ୟୁଲେସନରେ ମୋର ଏଡ଼ିସନାଲ ବା ଅପ୍‌ସନାଲ ବିଷୟ ଥିଲା ସଂସ୍କୃତ, ଆଇ.ଏ.ରେ ସଂସ୍କୃତ, ଇତିହାସ ଓ ଲଜିକ୍‌କୁ ବାଛି ନେଇଥିଲି ଏବଂ ବି.ଏ.ରେ ମୋର ନିର୍ବାଚିତ ବିଷୟ ଥିଲା ସଂସ୍କୃତ ଓ ଇତିହାସ। ଏଥିପାଇଁ ମୋର ସହପାଠୀମାନେ ମୋତେ ଓ ମୋର ନିର୍ବାଚିତ ବିଷୟମାନଙ୍କୁ ତାଚ୍ଛଲ୍ୟ କରୁଥିଲେ, କିନ୍ତୁ ମୁଁ ଏ ବିଷୟଗୁଡ଼ିକ ପ୍ରତି ସର୍ବସମୟରେ ଓ ସର୍ବାନ୍ତଃକରଣରେ ନିଷ୍ଠା ପ୍ରଦର୍ଶନ କରି ନିଜେ ସୁଖୀ ଥିଲି। ସେତେବେଳେ ରେଭେନ୍ସାଭିଏନ୍ ଛଡ଼ା କଲେଜ ଛାତ୍ରାବାସମାନଙ୍କରୁ ଅନ୍ୟ କୌଣସି ପତ୍ରିକା ପ୍ରକାଶିତ ହେଉ ନଥିଲା; ମାତ୍ର ପୂର୍ବଛାତ୍ରାବାସରେ ପ୍ରାଚୀତାରା ସମିତି ନାମକ ଗୋଟିଏ ସାହିତ୍ୟ ସମିତି ଥିଲା ଏବଂ ଜାଗରଣ ନାମକ ଗୋଟିଏ ହାତଲେଖା ପତ୍ରିକା ବାହାରୁଥିଲା। ମୁଁ ଉଭୟ ସହିତ ସହଯୋଗ କରୁଥିଲି। ସମସ୍ତ ତରୁଣ ଯେପରି କବିତା ପ୍ରତି ଆକୃଷ୍ଟ ହୋଇ ପ୍ରଥମେ କବିତା ଲେଖିଥାନ୍ତି, ମୁଁ ମଧ୍ୟ ସେହିପରି ପ୍ରଥମେ କବିତା ଲେଖୁଥିଲି ମାତ୍ର ପରେ ପ୍ରବନ୍ଧ ଓ ଗବେଷଣା ପ୍ରତି ମନୋନିବେଶ କଲି। କଲେଜରେ ଖେଳକସରତ୍ ପ୍ରତି ମୋର ଆଦର ଥିଲା, ମାତ୍ର ମୁଁ ସେଥିରେ ପୂର୍ଣ୍ଣପ୍ରାଣରେ ଯୋଗଦେଉ ନଥିଲି।

ଛାତ୍ରାବାସରେ ଖାଦ୍ୟପେୟର ବ୍ୟବସ୍ଥା ଅତ୍ୟନ୍ତ ଉତ୍ତମ ଥିଲା। ମେସ୍ ଖର୍ଚ୍ଚ ମାସିକ ଦଶଟଙ୍କା ବା ବାରଟଙ୍କା ଦେବାପରେ ଆମ୍ଭମାନଙ୍କୁ ପ୍ରତିଦିନ ଦୁଇଓଳି ଭାତ, ଡାଲି, ତରକାରି, ସନ୍ତୁଳା, ଭଜା, ଖଟା ଓ ମାଛ ଖାଇବାକୁ ମିଳୁଥିଲା। ତା' ଛଡ଼ା ପ୍ରତି ଶନିବାରରେ ଥରେ ମାଂସ ସହିତ ଭୋଜି ଓ ପ୍ରତିମାସରେ ଥରେ ମାଂସ, ପଲାଉ ଇତ୍ୟାଦି ସହିତ ଗୋଟିଏ ବଡ଼ଧରଣର ଭୋଜି ଖାଇବାକୁ ମିଳୁଥିଲା। ଉଭୟ ଛାତ୍ରାବାସରେ ଗୋଟିଏ ଗୋଟିଏ ମିଷ୍ଟାନ୍ନ ଭଣ୍ଡାର ଥିଲା ଓ ଛାତ୍ରାବାସର ଚାକରମାନେ ସେଗୁଡ଼ିକରୁ ପୁରି, ରସଗୋଲା ଇତ୍ୟାଦି

ବରାଦ ଅନୁସାରେ ଯେନିଆସି ପିଲାମାନଙ୍କ ଟେବୁଲରେ ଥୋଇ ଦେଉଥିଲେ। ଗୋଟିଏ ବଡ଼ ପୁରିର ଦାମ୍ ଏକ ପଇସା ଓ ଗୋଟିଏ ବଡ଼ ରସଗୋଲାର ଦାମ୍ ଥିଲା ତିନି ପଇସା ବା ଚାରି ପଇସା। ଟଙ୍କାରେ କଟକୀ ସେରରେ ଦଶ ବା ବାର ସେର ସରୁଚାଉଳ ମିଳୁଥିଲା। ମାଛ ଦର ଥିଲା ସେର ପ୍ରତି ଚାରିଅଣାରୁ ଆଠଅଣା ଓ ପରିବାର ଦର ଥିଲା ଦୁଇଅଣାରୁ ଆଠଅଣା। ଆମ୍ଭେମାନେ ମାତ୍ର ୧୦/୧୨ଟଙ୍କା ଦେଇ ଯେଉଁ ଖାଦ୍ୟ ଖାଉଥିଲୁଁ, ତାହା ଆଜି ରାଜକୀୟ ଖାଦ୍ୟ ବୋଲି ବିବେଚିତ ହେବ।

ରେଭେନ୍‌ସା କଲେଜରେ ମୋର ଛାତ୍ରଜୀବନ ଚାରିବର୍ଷ ମଧ୍ୟରେ ଶେଷ ହେଲା। ୧୯୩୫ ମସିହାରେ ଇତିହାସରେ ଅନର୍ସ ସହିତ ବି.ଏ. ପାସ୍ କରିବା ପରେ ଜୀବନ ସଂଗ୍ରାମର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେଲା। ଏ ସମୟରେ ଓଡ଼ିଶାରେ ଉଚ୍ଚଶିକ୍ଷାସ-ନ୍ନ ବ୍ୟକ୍ତିମାନଙ୍କ ସଂଖ୍ୟା ଅଳ୍ପ ଥିଲେ ହେଁ ଏମାନେ ସହଜରେ ଚାକିରି ପାଉ ନଥିଲେ। ଚାକିରି ସଂଖ୍ୟା ଅତ୍ୟନ୍ତ ଅଳ୍ପ ଥିଲା ଏବଂ ଚାକିରି ପାଇବା ବହୁ ଭାଗ୍ୟର କଥା ଥିଲା। ଯେଉଁ ଛାତ୍ରମାନେ କୃତିତ୍ୱ ସହିତ ଏମ୍.ଏ. ବା ଏମ୍.ଏସ୍‌ସି. ପାସ୍ କରୁଥିଲେ, ସେମାନେ କଲେଜ ଲେକ୍‌ଚରର୍ ଚାକିରି କିମ୍ବା ସବ୍‌ଡେପୁଟି ବା ଡେପୁଟି ମାଜିଷ୍ଟ୍ରେଟ ଚାକିରି ପାଇବାର ଆଶା କରୁଥିଲେ; ମାତ୍ର ଏପରି ଚାକିରି ସଂଖ୍ୟା ସ୍ୱଳ୍ପ ଥିଲା। ରେଭେନ୍‌ସା କଲେଜ ଓଡ଼ିଶାର ଏକମାତ୍ର କଲେଜ ଥିଲା ଏବଂ ଏଥିରେ ଗୋଟିଏ ଲେକ୍‌ଚରର୍ ପୋଷ୍ଟ ଖାଲି ହେବା ବହୁ ଭାଗ୍ୟର କଥାଥିଲା। ବ୍ରିଟିଶ ସରକାର ଡେପୁଟି ବା ସବ୍‌ଡେପୁଟି ଚାକିରି ଦେବାବେଳେ ବହୁପ୍ରକାର କଟକଣା କରୁଥିଲେ। ଏହି ସମୟରେ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଯେଉଁ ସ୍ୱଦେଶୀ ଆନ୍ଦୋଳନ ଚାଲିଥିଲା, ସେଥିରେ ଯେଉଁମାନେ କୌଣସି ପ୍ରକାରରେ ସମ୍ପୃକ୍ତ ହେଉଥିଲେ, ସେମାନେ ସରକାରୀ ଚାକିରିରୁ ବଞ୍ଚିତ ହେଉଥିଲେ। ଗଡ଼ଜାତ ଅଞ୍ଚଳର ପିଲାମାନଙ୍କୁ ବ୍ରିଟିଶ୍ ସରକାରଙ୍କ ଚାକିରି ସହଜରେ ମିଳୁନଥିଲା। ଏହି ସବୁ କଟକଣା ମଧ୍ୟରେ ସରକାରୀ ଚାକିରି ପାଇବା ଏକ ବହୁ ଭାଗ୍ୟ ବିଷୟ ଥିବାରୁ ମୋ ସମୟରେ ପିଲାମାନଙ୍କ ଏପରି କି ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ କୃତୀ ଛାତ୍ରମାନଙ୍କ, ସ୍କୁଲ ଶିକ୍ଷକତା କରିବା ହିଁ ଏକମାତ୍ର ପନ୍ଥା ଥିଲା।

ସଚ୍ଚିଦାନନ୍ଦ ରାଉତରାୟ

୧୯୩୭ ମସିହା ଜୁଲାଇ ଆଡ଼କୁ କଟକ ରେଭେନ୍‌ସା କଲେଜରେ ତୃତୀୟ-ବାର୍ଷିକ କଳା ଶ୍ରେଣୀରେ ନାମ ଲେଖାଇଲି। ତିଥି ଲଗ୍ନ ଶୁଭ ଥିଲା କି ଅଶୁଭ ଥିଲା ଜାଣେ ନାହିଁ। ମାତ୍ର ଓଡ଼ିଶାର ଏହି ପ୍ରମୁଖ ଶିକ୍ଷାନୁଷ୍ଠାନରେ ମୋର ଯେଉଁ ଦୁଇ ବର୍ଷ ବିତିଥିଲା, ତାହା ଘୋର ଅଶାନ୍ତି, ଆନ୍ଦୋଳନ, ଧର୍ମଘଟ ଏବଂ ଜେଲ୍ ଜୋରିମାନା ଆଦି ଦଣ୍ଡବିଧାନ ଭିତରେହିଁ କଟିଥିଲା। ମୁଁ ଏଠାରୁ ବି.ଏ. ପାସ୍ କରିବା ଯାଏଁ କେବଳ ଝଡ଼ଝଞ୍ଜା ଭିତରେହିଁ କଟାଇଛି।

ପ୍ରିନ୍‌ସିପାଲ ତ୍ରିପାଠୀ ସାହେବ ଅଳ୍ପଦିନ ପରେ କାର୍ଯ୍ୟରୁ ଅବସର ନିଅନ୍ତି। ତାଙ୍କ ସ୍ଥାନରେ ପ୍ରିନ୍‌ସିପାଲ ହୋଇ ଆସନ୍ତି ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ଡଃ ପ୍ରାଣକୃଷ୍ଣ ପରିଜା ସାହେବ। ଓଡ଼ିଶାର ପ୍ରାଣକେନ୍ଦ୍ର ଏବଂ ଶିକ୍ଷା ଓ ସଂସ୍କୃତିର ପୀଠସ୍ଥଳୀ କଟକ ନଗରୀରେ ରହିବାର ମୋତେ ସୁଯୋଗ ମିଳେ। ଏଥିପୂର୍ବରୁ ମୁଁ ଅବଶ୍ୟ ଅନେକ ଥର କଟକ ଆସିଛି ଏବଂ କିଛିଦିନ ରହି ଚାଲିଯାଇଛି- ବର୍ତ୍ତମାନ ମୁଁ କଟକରେ କୁଣିଆ ନୁହେଁ; ସେଠାର ଜଣେ ଅଧିବାସୀ। ମୁଁ ଦିବାଧ୍ୟାୟୀ ଭାବରେହିଁ ରେଭେନ୍‌ସାରେ ଯୋଗ ଦେଇଥିଲି; ରହୁଥିଲି ତେଲେଙ୍ଗା ବଜାରସ୍ଥିତ ମହନୀ ଅପା ବା ଡାକ୍ତର ଜଗନ୍ନାଥ ଦାସଙ୍କ ଘରେ, ଅନ୍ତତଃ କିଛିକାଳ ପାଇଁ। ପରେ ଅନ୍ୟତ୍ର ରହିବାକୁ ପଡ଼େ।

ସେତେବେଳେ ଡଃ ଜଗନ୍ନାଥ ଦାସ ବାହାରେ କେଉଁଠି ଥିଲେ; ବୋଧହୁଏ, କୋରାପୁଟ ବା ଅନ୍ୟ କେଉଁଠି ସିଭିଲ୍ ସର୍ଜନ ଭାବରେ। ରୋଜ୍ ସାଇକେଲ୍ ନେଇ କଲେଜ ଆସୁଥିଲି। କଟକରେ କିଛିଦିନ ରହିବାଦ୍ୱାରା ମୁଁ ଓଡ଼ିଆ ସଂସ୍କୃତିର ମହାସ୍ରୋତରେ ସାମିଲ୍ ହେବାର ସୁଯୋଗ ପାଇଲି; ଓଡ଼ିଆ ଜୀବନଶୈଳୀ ସହିତ ପରିଚିତ ହେଲି। ମୁଁ ଉଚ୍ଚକୋଟୀର ତଥା ସମ୍ଭ୍ରାନ୍ତ ଓଡ଼ିଆ ପରିବାର ଓ ବହୁ ମେଧାବୀ ଧୀମାନ୍ ଛାତ୍ର ଓ ନାଗରିକଙ୍କ ସଂସ୍ପର୍ଶରେ ଆସିଲି। ମୁଁ ବିଭିନ୍ନ ଶ୍ରେଣୀର ବହୁ ପ୍ରତିଭାବାନ୍ ଲୋକଙ୍କୁ ଭେଟିଲି, ଜାଣିଲି। ବହୁ ଶିଳ୍ପୀ, ଲେଖକ, ସମାଜସେବୀ ଓ କଳାକାର ତଥା ଆଇନଜୀବୀ ଓ ରାଜନୀତିଜ୍ଞମାନଙ୍କ ସମ୍ପର୍କରେ ଆସିଲି। ମୁଁ ଏଥିପୂର୍ବରୁ କଲିକତା ଏବଂ ବେନାରସରେ ପ୍ରାୟ ତିନିବର୍ଷ ଛାତ୍ରଜୀବନ କଟାଇଥିଲି; ବର୍ତ୍ତମାନ ଓଡ଼ିଶାର ହୃତ୍‌ପିଣ୍ଡ ସ୍ଥଳୀକୁ ଆସିଲି। ମୋର ମନେହେଲା ଓଡ଼ିଶାର ଛାତ୍ର ଓ ବୁଦ୍ଧିଜୀବୀ ଭାରତର କୌଣସି ପ୍ରଦେଶର ଛାତ୍ର ଓ ବୁଦ୍ଧିଜୀବୀଙ୍କ ଠାରୁ ଊଣା ନୁହଁନ୍ତି; ବରଂ ଅନେକ ଦିଗରୁ ସେମାନଙ୍କଠାରୁ ଉଚ୍ଚରେ। ଓଡ଼ିଶାର ଶିଳ୍ପକଳା, ଅନନ୍ୟ ଭାସ୍କର୍ଯ୍ୟ ଏବଂ ଉଚ୍ଚାଙ୍ଗ ସାହିତ୍ୟ, ବିଶେଷ ଭାବରେ ରୀତି-ଯୁଗର ଅମର କୃତି ସାରା ଭାରତରେ ଏବଂ ପୃଥିବୀରେ ମଧ୍ୟ ଅତୁଳନୀୟ। ବହୁ ବୈଦେଶିକ କଳାପ୍ରେମୀ ଓଡ଼ିଶାର ଶିଳ୍ପସ୍ଥାପତ୍ୟକୁ ଭାରତର ଶ୍ରେଷ୍ଠ ରତ୍ନ ବୋଲି କହିଛନ୍ତି; ଯଥା- ଫର୍ଗୁସନ୍।

ମାତ୍ର କେତେକ ବିଦେଶୀ ଐତିହାସିକ ଓଡ଼ିଶାର ନିମକ୍ ଖାଇ ମଧ୍ୟ ଓଡ଼ିଶା ପ୍ରତି ଜାଣିଶୁଣି ଅବିଚାର କରିଛନ୍ତି। ହଣ୍ଟରଙ୍କ ଓଡ଼ିଶା ଇତିହାସରେ ଦେଖୁଁ, ସେ ଓଡ଼ିଆଙ୍କୁ 'ବୋକା' ବା ନିର୍ବୋଧ (ଷ୍ଟୁପିଡ୍) କହିବାକୁ ଛାଡ଼ି ନାହାନ୍ତି। ସେ ବହୁବର୍ଷ ଓଡ଼ିଶାରେ ଚାକିରି କରି ଓଡ଼ିଶାର ଦାନାପାଣିରେ ହୃଷ୍ଟପୁଷ୍ଟ ହୋଇ ଶେଷରେ ତା'ର ପ୍ରତିଦାନ ଦେଇଯାଇଛନ୍ତି ଓଡ଼ିଶାକୁ ଭାରତର 'ବୋଏସିଆ' କହି। ବୋଏସିଆ ଥିଲା ପ୍ରାଚୀନ ଗ୍ରୀସ୍‌ର ଏକ ନିର୍ବୋଧମାନଙ୍କ ବାସସ୍ଥାନ।

ରେଭେନ୍‌ସା କଲେଜ ସେତେବେଳକୁ ପାଟନା ବିଶ୍ୱବିଦ୍ୟାଳୟ ଅଧୀନରେ ଥିଲା। ଓଡ଼ିଶା ବିଶ୍ୱବିଦ୍ୟାଳୟ ହେବାକୁ ଆହୁରି ଛଅ ବର୍ଷ ଅପେକ୍ଷା କରିବାକୁ ପଡ଼ିଥିଲା। ଓଡ଼ିଶାର ସବୁ ସ୍କୁଲ ଓ କଲେଜ ପାଟନା ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ହେଉଥିଲା।

ମୁଁ ଅର୍ଥଶାସ୍ତ୍ର ଏବଂ ଇତିହାସ ବିଷୟ ନେଇଥିଲି। ଇକୋନୋମିକ୍‌ସ ଅନର୍ସ୍ ମଧ୍ୟ ନେଇଥିଲି। ଏହାଛଡ଼ା ଓଡ଼ିଆ ଓ ଇଂରାଜୀ ତ ବାଧ୍ୟତାମୂଳକ ବିଷୟ ଥିଲା। ସ୍ୱନାମଧନ୍ୟ ଓଡ଼ିଆ

ଅଧ୍ୟାପକ ପ୍ରଫେସର ଡଃ ଆର୍ତ୍ତବଲ୍ଲଭ ମହାଂତି ଆମର ଗୋଟିଏ ଓଡ଼ିଆ କ୍ଲାସ୍ ନେଉଥିଲେ। ପ୍ରଫେସର ଡଃ ସଦାଶିବ ମିଶ୍ର ଶେଷ ଆଡ଼କୁ ଆମର ଏକ ଅର୍ଥନୀତି କ୍ଲାସ୍ ନେଉଥିଲେ। ଏ ଦୁଇଜଣ ଶିକ୍ଷକଙ୍କଠାରୁ ଶିକ୍ଷା ପାଇବାର ସୌଭାଗ୍ୟ ମୋର ହୋଇଥିଲା। ଏ ସ-ର୍କରେ କବି ବୈକୁଣ୍ଠନାଥ ପଟ୍ଟନାୟକଙ୍କର ଗୋଟିଏ କଥା ମନେ ପଡ଼େ। ସେ ଥରେ ତାଙ୍କ ଗୁରୁଙ୍କ ସମ୍ବନ୍ଧରେ କହୁଥିଲେ ଯେ, ସେ ସତ୍ୟବାଦୀ ବନବିଦ୍ୟାଳୟରେ ପଢୁଥିବାବେଳେ ପଣ୍ଡିତ ନୀଳକଂଠ ଦାସ ଥିଲେ ଜଣେ ଶିକ୍ଷକ। ଥରେ କ୍ଲାସ୍‌ରେ ପାଠ ନ କହିପାରିବାରୁ ପଂଡ଼ିତ ନୀଳକଂଠ ତାଙ୍କର ବାଁକାନଟି ମୋଡ଼ି ଦେଇଥିଲେ। ସେତିକି କହି ସେ ଟିକିଏ ଅଟକିଗଲେ। ତାପ୍ପରେ ବାଷ୍ପ ଗଦ୍‌ଗଦ କଣ୍ଠରେ କହିଲେ- ସେ ସିନା ମୋର ବାଁ କାନଟି ମୋଡ଼ି ଦେଇଥିଲେ; ଡାହାଣ କାନଟି ମୋଡ଼ିବାପାଇଁ ଓଡ଼ିଶାର ଆଉ କୌଣସି ଲୋକ ରହିଲେ ନାହିଁ।

ପ୍ରଫେସର ଆର୍ତ୍ତବଲ୍ଲଭ ମହାନ୍ତି ମୋତେ ସବୁବେଳେ ଟିକିଏ ଭିନ୍ନ ଆଖିରେ ଦେଖୁଥିଲେ। ତୁ-ତା ରେ-ରା କରୁଥିଲେ ସିନା; ହେଲେ ତାଙ୍କ ଚାହାଣିରେ ଟିକିଏ ସଂଭ୍ରମର ଚିହ୍ନ ଥିଲା। ସେ କେବେ ମୋତେ ପଦେ କଟୁକଥା କହି ନାହାନ୍ତି। ଯଦିଚ୍ ମୁଁ ନାନା ରାଜନୀତିକ କାମରେ ମାତି ତାଙ୍କଦିଆ ହୋମ୍‌ଟାସ୍କରେ ବରାବର ଅବହେଳା କରୁଥିଲି।

ଆର୍ତ୍ତବାବୁ -

ପ୍ରଫେସର ଆର୍ତ୍ତବଲ୍ଲଭ ମହାନ୍ତିଙ୍କୁ ସମସ୍ତେ 'ଆର୍ତ୍ତବାବୁ' କହନ୍ତି। ତାଙ୍କ ପରି ଶବ୍ଦପାଗଳ ଲୋକ ମୁଁ ଆଉ କାହାରିକୁ ଦେଖିନି। ଓଡ଼ିଆ ଭାଷାକୁ ସେ ପ୍ରାଣଠାରୁ ଅଧିକ ଭଲ ପାଉଥିଲେ। ସେ ସାରଳା ମହାଭାରତର ଶୁଦ୍ଧ ସଂକଳନ କରିଯାଇଛନ୍ତି। ଏହାଛଡ଼ା ପ୍ରାଚୀ ସମିତି ସ୍ଥାପନ କରି ବହୁ ଓଡ଼ିଆ କାବ୍ୟ-କବିତା, ଟୀକା ଓ ସୁଦୀର୍ଘ ମୁଖବଂଧ ସହ ପ୍ରକାଶ କରିଯାଇଛନ୍ତି। ଗୋଟିଏ ଓଡ଼ିଆ ଶବ୍ଦ ପାଇଲେ ସେ କୋଟିନିଧି ପାଇଲାପରି ମନେ କରୁଥିଲେ। ସାରଳା ମହାଭାରତରୁ ସେ ଦୈତମାନଙ୍କ ବନ୍ଧୁ ଅର୍ଥରେ ଦୈତାରି ଶବ୍ଦ ବ୍ୟବହାର ହୋଇଥିବା ଦେଖି ଟିକିଏ ଅସୁବିଧାରେ ପଡ଼ିଥିଲେ। ଆଉ କିଏ ହୋଇଥିଲେ ସେ ସାରଳାଦାସ ଭୁଲ ଲେଖିଛନ୍ତି ବୋଲି କହିଥାନ୍ତେ କିମ୍ବା ଶବ୍ଦଟିକୁ ବଦଳାଇ ଦେଇଥାନ୍ତେ। ମାତ୍ର ସେ ଶବ୍ଦଟିକୁ ନ ବଦଳାଇ ଅବିକଳ ସେହିପରି ରଖିଥିଲେ। କେତେବର୍ଷ ପରେ ସେ ବେଦରୁ ଦୈତମାନଙ୍କ ବନ୍ଧୁ ଅର୍ଥରେ ଦୈତାରି ଶବ୍ଦର ପ୍ରୟୋଗ ଦେଖିଲେ। ତାଙ୍କ ଆନନ୍ଦ କହିଲେ ନସରେ। ସେ କ୍ଲାସରେ କହିଲେ, ସାରଳା ଦାସଙ୍କ ସଂସ୍କୃତରେ ନିଶ୍ଚୟ ପାଣ୍ଡିତ୍ୟ ଥିଲା, ତାହା ନ ହେଲେ ସେ ତାଙ୍କ ମହାଭାରତରେ ଯେଉଁ ସବୁ ଶବ୍ଦ ପ୍ରୟୋଗ କରିଛନ୍ତି, ତାହା କରିପାରି ନଥାନ୍ତେ। ମୁଁ ମୋର କେତେକ କବିତାରେ 'ହେର' (ଦେଖିବା ଅର୍ଥରେ) ଏବଂ 'ଶିହରି', 'ଶିହରଣ' ଶବ୍ଦ ବ୍ୟବହାର କରିଥିବାରୁ ମୋତେ କେତେକ ପତ୍ରକାର ଓ ପାଠକ ମୁଁ ଏହା ବଙ୍ଗଳାରୁ ନେଇଛି ବୋଲି ସମାଲୋଚନା କରିଥିଲେ। ମୁଁ ଆର୍ତ୍ତବାବୁଙ୍କୁ ଏ ବିଷୟ ପଚାରିଥିଲି। ସେ ପାଟିକରି କହିଉଠିଲେ 'ହେର' କାହିଁକି ବଙ୍ଗଳା ହେବ। ଏହା ତ ଖାଣ୍ଟି ଓଡ଼ିଆ ଶବ୍ଦ। ପୁରୀରେ ହେରାଗୌରୀ ସାହି ଅଛି। ସେଥିରେ 'ହେର' ଶବ୍ଦ ଦେଖିବା ଅର୍ଥରେ ହିଁ ବ୍ୟବହାର କରାଯାଇଛି। 'ଶିହରି', 'ଶିହରଣ' ଏକ ଖାଣ୍ଟି ଓଡ଼ିଆ ଶବ୍ଦ, ଏହା ବଙ୍ଗଳା କାହିଁକି ହେବ ?

ତାଙ୍କ ପରି ଜଣେ ମନନଶୀଳ ବ୍ୟକ୍ତି ମୁଁ ଖୁବ୍ କମ୍ ଦେଖିଛି। ଓଡ଼ିଆ ଭାଷା ଯେପରି ତାଙ୍କ ପ୍ରାଣର ସର୍ବସ୍ୱ ଥିଲା। ସେ ବହୁ ପ୍ରାଚୀନ କାବ୍ୟ-ଗାଥା- 'ଲାବଣ୍ୟବତୀ', 'ବିଦଗ୍ଧ ଚିନ୍ତାମଣି', 'ବୈଦେହୀଶବିଳାସ', ଯଦୁମଣିଙ୍କ 'ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର' ପ୍ରଭୃତିର ବିଶୁଦ୍ଧ ସଠିକ ସଂସ୍କରଣ ପ୍ରକାଶ କରିଯିବା ସଙ୍ଗେ ସଙ୍ଗେ ଓଡ଼ିଶାରେ ମିଳିଥିବା ଶିଳାଲିପିଗୁଡ଼ିକ ମଧ୍ୟ ସେ ଏକ ସଙ୍କଳନରେ ଫଟୋ-ଚିତ୍ରସହ ପ୍ରକାଶ କରିଯାଇଛନ୍ତି। ଓଡ଼ିଆ ଭାଷାରେ ଇତିହାସ ଲେଖିଥିବା ବିଜୟଚନ୍ଦ୍ର ମଜୁମଦାରଙ୍କ ଉପରେ ସେ ବଡ଼ ଚିଡୁଥିଲେ। ମଜୁମଦାର ତାଙ୍କ ବହିରେ କେତେକ ବିଶିଷ୍ଟ ଓଡ଼ିଆ କାବ୍ୟକୁ ଅଶ୍ଳୀଳତାପୂର୍ଣ୍ଣ ବୋଲି କହିଥିବାରୁ ଆର୍ତ୍ତବାବୁ ତାଙ୍କର ଏକ ବହିର ମୁଖବନ୍ଧରେ ତାଙ୍କୁ କଠୋର ସମାଲୋଚନା କରିଛନ୍ତି। ତାଙ୍କ ସହିତ ମୋର ଶେଷ ଦେଖା ହୋଇଥିଲା ପରବର୍ତ୍ତୀ କାଳରେ ଏକ ସାହିତ୍ୟ-ସଭାରେ। ମୁଁ ତାଙ୍କୁ ଶ୍ରୀରାମଚନ୍ଦ୍ରଭବନରେ ହେଉଥିବା ଏକ ସାହିତ୍ୟ ସଭାରେ ଭେଟିଥିଲି। ମିଟିଂ ପରେ ତାଙ୍କୁ ମୋ ଗାଡ଼ିରେ ଆଣି ତାଙ୍କ ଘରେ ଛାଡ଼ି ଦେଇ ଆସିଥିଲି। ସେ ଗାଡ଼ିରେ କହୁଥିଲେ ତାଙ୍କର ଆପେଣ୍ଡିସାଇଟିଜ୍ ହୋଇଛି ବୋଲି ଡାକ୍ତରମାନେ କହୁଛନ୍ତି ଓ ବେଳେବେଳେ ଭାରି ବିନ୍ଧୁଛି। ମୁଁ ତାଙ୍କୁ କହିଲି, ଆପଣ ଏପରି ଅବସ୍ଥାରେ ମିଟିଂକୁ କାହିଁକି ଆସିଲେ; ବରଂ ଘରେ ବିଶ୍ରାମ ନେବା ଉଚିତ ଥିଲା। ସେ ବେପରୱା ଭାବେ କହିଲେ- "ହଁ ମ, ଯା' ହବାର ଥିବ ହେବ।" ସେହି ତାଙ୍କ ସଙ୍ଗେ ମୋର ଶେଷଦେଖା ଏବଂ ଶେଷ କଥାବାର୍ତ୍ତା। ଏହାର ତିନି-ଚାରି ଦିନ ପରେ ସେ ଇହଧାମ ତ୍ୟାଗ କରନ୍ତି।

ବୀରେନ୍ ମିତ୍ର -

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ୍ ମିତ୍ର ମୋର ସହପାଠୀ ଥିଲା। ମୁଁ ତାକୁ ବୀରେନ୍ ବୋଲି ଡାକୁଥିଲି। ସେ ମୋତେ ସଚ୍ଚି,

କେତେବେଳେ 'ଶଳା ପଚ୍ଚି' ବୋଲି ଡାକୁଥିଲା । ବୀରେନ୍ ସେତେବେଳେ ସଂପୂର୍ଣ୍ଣ ସୁସ୍ଥ ଥିଲା । ସାଇକେଲରେ ସବୁଆଡ଼େ ଯିବାଆସିବା କରୁଥିଲା, ଚଲାବୁଲା କରୁଥିଲା । ଅଳ୍ପ କେତେ ବର୍ଷ ପରେ ସେ କୌଣସି ବେମାରିରେ ଛୋଟା ହୋଇଗଲା । ମୁଁ ସେତେବେଳକୁ କଲିକତାରେ ଚାକିରି କରୁଥିଲି । ମୋତେ ପେନ୍‌ସିଲିନ୍ ପଠାଇବାକୁ ସେ ଲେଖିଥିଲା ।

କଟକରେ ପଢ଼ିଲାବେଳେ ରେଭେନ୍‌ସାରେ ସେ ମୋର ତୀବ୍ର ପ୍ରତିଦ୍ୱନ୍ଦ୍ୱୀ ଥିଲା । ମୁଁ ରେଭେନ୍‌ସାକୁ ଆସିବା ଆଗରୁ ସେ ସାରା ରେଭେନ୍‌ସାରେ ପ୍ରତିପତ୍ତି ଜମାଇ ଆସିଥାଏ । ସବୁଥିରେ ସେହି ଥିଲା କର୍ମକର୍ତ୍ତା - ସେକ୍ରେଟାରୀ, ପ୍ରେସିଡ଼େଣ୍ଟ୍ ଇତ୍ୟାଦି । ତାକୁ ହଟାଇବା ପିଲା କେହି ନଥିଲେ । ମୁଁ ଆସି ତାକୁ ପ୍ରଚଣ୍ଡ ଆଘାତ ଦେଲି ଏବଂ କେତେକ ଅନୁଷ୍ଠାନରୁ ତାହାର ଦଖଲ ହଟାଇଲି । ମୁଁ ରେଭେନ୍‌ସା କଲେଜରେ ଭର୍ତ୍ତି ହେବାର କେତେକ ଦିନ ପରେ ଇକୋନୋମିକ୍‌ସ ସୋସାଇଟିର ସେକ୍ରେଟାରୀ ନିର୍ବାଚନ ହେଲା । ମୁଁ ତାକୁ ବହୁ ଭୋଟ୍‌ରେ ହରାଇ ନିର୍ବାଚିତ ହେଲି । ସେ ହାରିଯାଇ ମୋ ଉପରେ ରକ୍ତଚାଉଳ ଚୋବାଇଥିଲା । ମାତ୍ର ପରେ ପୁଣି ଆମେ ଘନିଷ୍ଠ ସାଙ୍ଗ ହୋଇଗଲୁ ।

ଶ୍ରଦ୍ଧାକର ସୂପକାର

ଆମେ ସେଦିନ ରାତିରେ କଟକରେ ପହଞ୍ଚିଲୁଁ। ଅଧ୍ୟାପକ ଘନଶ୍ୟାମ ଦାସ ରେଭେନ୍ସା କଲେଜ ପଶ୍ଚିମ ଛାତ୍ରାବାସରେ ସହକାରୀ ସୁପରିଣ୍ଟେଣ୍ଡେଣ୍ଟ ଥିଲେ। ଆମେ ଛାତ୍ରମାନେ ତାହାଙ୍କର ତତ୍ତ୍ୱାବଧାନରେ ପଶ୍ଚିମ ଛାତ୍ରାବାସରେ ରହିବା ପାଇଁ ଯାଇଥାଉ।

ସେତେବେଳକୁ କଲେଜର ଗ୍ରୀଷ୍ମଛୁଟି ସରି ନଥାଏ। ଛାତ୍ରାବାସ ଖୋଲି ନଥାଏ। ଅଧିକାଂଶ କୋଠରି ଖାଲି ଥାଏ। କୋଠରିମାନଙ୍କରେ ଆଲୁଅ ନଥାଏ। କଳରେ ପାଣି ନଥାଏ। ଝାଡ଼ା ମାଡ଼ିବାରେ ମୁଁ ବହୁତ ଅସୁବିଧାରେ ପଡ଼ିଲି। ନୂଆ ସହର। ନୂଆ ଧରଣର ହଷ୍ଟେଲ। ନୂଆ ରକମର ପାଇଖାନା। ମୋତେ ଭାରି ଅସ୍ୱସ୍ତି ବୋଧ ହେଲା। ସେ ରାତିଟା କୌଣସି ମତେ ଚଳିଗଲା। ତହିଁଆର ଦିନରୁ ଆରମ୍ଭ ହେଲା ଆମାଶୟ ଝାଡ଼ା। ଭାଗ୍ୟକ୍ରମେ କଲେଜ ଖୋଲିବାକୁ ଆହୁରି ଦୁଇ ଚାରିଦିନ ଡେରି ଥାଏ। କଲେଜ ଖୋଲିବା ସମୟରେ ମୁଁ ଆରୋଗ୍ୟ ଲାଭ କରି ସାରିଥାଏଁ।

ସେତେବେଳେ ଆମ ଛାତ୍ରାବାସରେ ଶ୍ରୀ ପ୍ରାଣକୃଷ୍ଣ ପରିଜା ଓ୍ୱାର୍ଡେନ ଥାଆନ୍ତି। ସେତେବେଳକୁ ସେ ଡକ୍ଟର ଉପାଧି ପାଇ ନଥାନ୍ତି। ଶ୍ରୀ ନାରାୟଣ ମିଶ୍ର ଥାଆନ୍ତି ସୁପରିଣ୍ଟେଣ୍ଡେଣ୍ଟ୍।

ଆମେ ପହଞ୍ଚିବା ପରଦିନ ଶ୍ରୀ ବ୍ରଜମୋହନ ପଣ୍ଡା ଓ ଶ୍ରୀ ଶଙ୍କର ପ୍ରସାଦ ମିଶ୍ର ଯାଇ ପରିଜା ସାହେବଙ୍କୁ ସାକ୍ଷାତ୍ କଲେ। ସେମାନେ ପରିଜା ସାହେବଙ୍କର ପୂର୍ବବନ୍ଧୁ ଥିଲେ। ଶ୍ରୀ ପଣ୍ଡା ସେତେବେଳେ ବିହାର ଓଡ଼ିଶା ବିଧାନ ପରିଷଦର ସଭ୍ୟ ଓ ଶ୍ରୀ ମିଶ୍ର ଉକ୍ତ ପରିଷଦର ପୂର୍ବତନ ସଭ୍ୟ। ଶ୍ରୀ ମିଶ୍ର ସମ୍ଭବତଃ ପରିଜା ସାହେବଙ୍କର ସହପାଠୀ ମଧ୍ୟ ଥିଲେ। ଆମ୍ଭେମାନେ ପ୍ରାୟ ଦଶ ବାର ଜଣ ଛାତ୍ର ସମ୍ବଲପୁର ଜିଲ୍ଲାସ୍କୁଲରୁ ଉଚ୍ଚଶିକ୍ଷା ପାଇଁ ଯାଇଥିଲୁଁ। ଅଭିଭାବକମାନଙ୍କର ଉପସ୍ଥିତି ଯୋଗୁଁ ଆମ୍ଭମାନଙ୍କୁ ନାମ ଲେଖାଇବାରେ କୌଣସି ଅସୁବିଧା ହେଲା ନାହିଁ। ସେତେବେଳେ ସମଗ୍ର କଲେଜର ମୋଟ ଛାତ୍ର ଛାତ୍ରୀ ସଂଖ୍ୟା ପାଞ୍ଚଶହରୁ ଊଣା ଥିଲା। ତେଣୁ ଆମ ସଙ୍ଗେ ଅଭିଭାବକମାନେ ଯାଇ ନ ଥିଲେ ମଧ୍ୟ ସେଠାରେ ସ୍ଥାନାଭାବରୁ ବା ଆମ ଅଯୋଗ୍ୟତାରୁ ସେଠାରୁ ବିଫଳ ମନୋରଥ ହୋଇ ଫେରିବାର ସମ୍ଭାବନା ନଥିଲା।

ସ୍କୁଲ ପାଠ ଶେଷ ହେଲା ପରେ କଲେଜ ପଢ଼ା ଆରମ୍ଭ ହେବା ସଙ୍ଗେ ଭବିଷ୍ୟତ୍ ଜୀବନ ଓ ଜୀବିକା ନିରୂପଣର ସମସ୍ୟା ମନରେ ଜାଗ୍ରତ ହୁଏ। ମୁଁ ଭବିଷ୍ୟତରେ ଚାକିରିପ୍ରାର୍ଥୀ ହେବାର କଳ୍ପନା ପୂର୍ବରୁ ପରିତ୍ୟାଗ କରିଥିଲି। ସେ ସମୟରେ ସମ୍ବଲପୁରରେ ଡାକ୍ତର ଜନାର୍ଦ୍ଦନ ପୂଜାରୀ ଚିକିତ୍ସା ବ୍ୟବସାୟ କରୁଥାନ୍ତି। ତାଙ୍କର ଜୀବିକା ଥିଲା ମୁଖ୍ୟତଃ ଦାତବ୍ୟ ଜନସେବା। ଯେଉଁ ରୋଗୀ ସ୍ୱେଚ୍ଛାରେ ପଇସା ଦିଏ, ତାହା ସେ ନେଉଥିଲେ ଓ ରୋଗୀ ଚିକିତ୍ସାରେ ବହୁ ପରିଶ୍ରମ କରି ପୁଣ୍ୟ ସଞ୍ଚୟ କରୁଥିଲେ ବହୁତ। ତାଙ୍କର ଅର୍ଥ ଉପାର୍ଜନ ପରିବାର ପୋଷଣ ପାଇଁ ପର୍ଯ୍ୟାପ୍ତ ଥିଲା। ସଞ୍ଚୟ କିଛି ନଥିଲା କହିଲେ ଚଳେ।

ସେ ଅତି ଧର୍ମପରାୟଣ ବ୍ୟକ୍ତି ଥିଲେ। ସେ ଥିଲେ ମୋ ଜୀବନର ଆଦର୍ଶ। ତେଣୁ ମୁଁ ଭବିଷ୍ୟତରେ ଡାକ୍ତର ହେବା ଆଶା ରଖି ବିଜ୍ଞାନ ଶ୍ରେଣୀରେ ନାମ ଲେଖାଇଲି। ସେ ସମୟରେ ବିଜ୍ଞାନ ଶ୍ରେଣୀରେ ଗଣିତ, ପଦାର୍ଥବିଜ୍ଞାନ ଓ ରସାୟନ-ଏହି ତିନୋଟି ବିଷୟ ପଢ଼ା ହେଉଥିଲା। ସମଗ୍ର ପାଟନା ବିଶ୍ୱବିଦ୍ୟାଳୟରେ କେବଳ ରେଭେନ୍ସା କଲେଜରେ ଉଦ୍ଭିଦ ବିଦ୍ୟା ଚତୁର୍ଥ ଐଚ୍ଛିକ (optional) ବିଷୟ ଥିଲା। ଏଥିରୁ ଅଧିକ ନମ୍ବର ମିଳୁଥିବାରୁ ସମଗ୍ର ବିଶ୍ୱବିଦ୍ୟାଳୟରେ ରେଭେନ୍ସା କଲେଜ ବିଜ୍ଞାନରେ ସର୍ବୋତ୍କୃଷ୍ଟ ଫଳ ଦେଖାଉଥିଲା ଓ ସେଥିପାଇଁ ବିହାରର ମଧ୍ୟ ଖୁବ୍ ଭଲ ଛାତ୍ରମାନେ ଆଇ.ଏସ୍‌ସି. ପଢ଼ିବା ପାଇଁ କଟକ ଆସି ରେଭେନ୍ସା କଲେଜରେ ନାମ ଲେଖାଉଥିଲେ। ବିଶ୍ୱବିଦ୍ୟାଳୟରେ ମେଟ୍ରିକ୍ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଶ୍ରୀ ତାରକନାଥ ଘୋଷ ବିହାରରୁ ଆସି ସେବର୍ଷ

ଆମ ସାଙ୍ଗରେ ରେଭେନ୍‌ସା କଲେଜରେ ନାମ ଲେଖାଇଲେ ଓ ପଶ୍ଚିମ ଛାତ୍ରାବାସରେ ରହିଲେ।

ଏବେ ଯେପରି ସବୁ ଭଲ ଛାତ୍ର ବିଜ୍ଞାନ ଶ୍ରେଣୀରେ ନାମ ଲେଖାଇବାକୁ ଅଧିକ ପସନ୍ଦ କରନ୍ତି, ସେ ଯୁଗରେ ସେପରି ନଥିଲା। କଳା ପାଠରେ ମର୍ଯ୍ୟାଦା ଅଧିକ ଥିଲା କହିଲେ ଚଳେ। ଆମର ସହପାଠୀମାନଙ୍କ ମଧ୍ୟରୁ ରାଜାରାମ ଦୁବେ ଓ ସତ୍ୟାଗୋପାଳ ନାୟକ କଳା ଶ୍ରେଣୀରେ ନାମ ଲେଖାଇଲେ।

ଆମର ଅଧ୍ୟାପକମାନଙ୍କର ତରଫରୁ ଅଧ୍ୟାପକ ନାରାୟଣ ମିଶ୍ର ଆଧ୍ୟାପନାରେ ଯେପରି ପ୍ରବୀଣ ଥିଲେ, ଛାତ୍ରାବାସର ତତ୍ତ୍ୱାବଧାରକ (Superintendent) ହିସାବରେ ଛାତ୍ରମାନଙ୍କର ପଢ଼ାଶୁଣା ଓ ସ୍ୱାସ୍ଥ୍ୟ ବିଷୟରେ ସେହିପରି ବିଶେଷ ତତ୍ତ୍ୱ ନେଉଥିଲେ। ସବୁ ଛାତ୍ରାବାସର କର୍ତ୍ତୃପକ୍ଷମାନେ ସକାଳେ ଓ ସନ୍ଧ୍ୟାରେ ସାତଟା ଓ ନଅଟା ବେଳ ମଝିରେ ପିଲାମାନଙ୍କର ପଢ଼ାପଢ଼ି ଠିକ୍ ଚାଲିଛି କି ନାହିଁ ଓ ସେମାନଙ୍କର ଅଭାବ ଅସୁବିଧା ବିଷୟରେ ବୁଝିବାକୁ ବୁଲାବୁଲି କରନ୍ତି। ମାତ୍ର ନାରାୟଣ ବାବୁ ଏ କର୍ତ୍ତବ୍ୟ କାମ ବାହାରେ ଅପରାହ୍ନ ସାଢ଼େଚାରିଟା ଓ ପାଞ୍ଚଟା ମଧ୍ୟରେ ପ୍ରତିଦିନ ଆଉ ଥରେ ହଷ୍ଟେଲର ସବୁ କୋଠରି ଦେଇ ବୁଲି ଯାଉଥିଲେ ଓ ଯଦି ସେ ସମୟରେ କୌଣସି କୋଠରିରେ ଛାତ୍ରମାନେ ପଢୁଥିବାର ବା ତାସ୍ ବା କେରମ୍ ଆଦି ଖେଳୁଥିବାର ଦେଖୁଥିଲେ, ତେବେ ସେ ସେମାନଙ୍କୁ ଖେଳ ପଡ଼ିଆକୁ ଯାଇ ଖେଳରେ ଯୋଗ ଦେବାକୁ ପ୍ରବର୍ତ୍ତାଉଥିଲେ। ସେ ଟେନିସ୍ ଓ ହକି ଭଲ ଖେଳୁଥିଲେ ଏବଂ କଲେଜ ମ୍ୟାଚ୍‌ମାନଙ୍କରେ ରେଫରି କାମ କରୁଥିଲେ।

ଥରେ କୌଣସି କାରଣରୁ ବୋଧହୁଏ ଚାଉଳ ଭଲ ମିଳୁ ନଥିବାରୁ ହଷ୍ଟେଲ ମେସ୍‌ରେ ଧର୍ମଘଟ ହେଲା। ପିଲାମାନେ ମେସ୍‌ରେ ଖାଇବା ବନ୍ଦ କଲେ। ଆମେ ମଧ୍ୟ ସେଥିରେ ଯୋଗ ଦେଲୁଁ। ନାରାୟଣ ବାବୁ ମଧ୍ୟ ଘରେ ଖାଇବା ବନ୍ଦ କଲେ। ଧର୍ମଘଟ କରି ଆମେ ମେସ୍‌କୁ ଖାଇବାକୁ ଯାଉ ନଥିଲେ ସୁଦ୍ଧା କଲେଜ୍ ଗେଟ୍ ପାଖରେ ଅନେକ ଜଳଖିଆ ଦୋକାନ ଥିଲା। ସେଠାକୁ ଯାଇ ଆମେ ସମସ୍ତେ ପରଟା, ଭାତ ତରକାରି ଖାଇ ଆସୁଁ। କିନ୍ତୁ ନାରାୟଣବାବୁ ଉପବାସରେ କେତେ ଦିନ ରହିଗଲେ। ଶେଷରେ ତାଙ୍କର କଷ୍ଟ ସହି ନପାରି ଛାତ୍ରମାନେ ଧର୍ମଘଟ ଭାଙ୍ଗିବାକୁ ବାଧ୍ୟ ହେଲେ। ଅବଶ୍ୟ ପିଲାମାନେ ଯାହା ପ୍ରତିକାର ଚାହୁଁଥିଲେ, ତାହା ହୋଇପାରିଲା।

ପଦାର୍ଥ ବିଦ୍ୟାର ଅଧିକାଂଶ ଅଧ୍ୟାପନା କାର୍ଯ୍ୟ ଶ୍ରୀ ନାରାୟଣ ମିଶ୍ର ଓ ଶ୍ରୀ ହରିବନ୍ଧୁ ମହାନ୍ତି କରୁଥିଲେ। କଲେଜର ଅଧ୍ୟାପନା ପରୀକ୍ଷାମୂଳକ ଥିବା ଯୋଗୁଁ ଖୁବ୍ ଚିତ୍ତାକର୍ଷକ ହେଉଥିଲା। ଶ୍ରୀ ହରିବନ୍ଧୁ ମହାନ୍ତି ସେତେବେଳେ ପୂର୍ବ ଛାତ୍ରାବାସର ସହକାରୀ ତତ୍ତ୍ୱାବଧାରକ ଥିଲେ। ସେତେବେଳେ ସେ ନୂଆ ହୋଇ ବିଲାତରୁ ଉଚ୍ଚଶିକ୍ଷା ଶେଷକରି ଫେରିଥାନ୍ତି ଓ ପଢ଼ାଇବାରେ ତାଙ୍କର ଯଥେଷ୍ଟ ଦକ୍ଷତା ଆସି ନଥାଏ। ପ୍ରାକ୍ଟିକାଲ୍ କ୍ଲାସରେ ଆମେ ଡକ୍ଟର ମୋହିତ ମୋହନ ସେନଗୁପ୍ତଙ୍କୁ ଭେଟୁଁ। ସେ କେବଳ ଉଚ୍ଚତର ଶ୍ରେଣୀମାନଙ୍କରେ ଶିକ୍ଷାଦାନ କରୁଥିଲେ, ତେଣୁ ଆମ୍ଭେମାନେ ତାଙ୍କର ପ୍ରକୃତ ପ୍ରତିଭାର ପରିଚୟ ପାଇ ନଥିଲୁଁ।

ରସାୟନ ବିଜ୍ଞାନରେ ଅଧ୍ୟାପକ ଗୁରୁଚରଣ ମହାନ୍ତିଙ୍କର ଅଧ୍ୟାପନା ଚମତ୍କାର ଥିଲା। ନାଲି ନେଳି ଆଦି ରଙ୍ଗର ରାସାୟନିକ ପଦାର୍ଥ ମିଶାଇ ଇନ୍ଦ୍ରଜାଲ ପରି ପରିସ୍ଥିତି ସୃଷ୍ଟି କରି, ପାଣିରେ ସୋଡ଼ିଅମ୍, ଫସ୍‌ଫରସ୍ ଆଦି ପକାଇ ନିଆଁ ଜାଳି, ସେ ପ୍ରଥମରୁ ଛାତ୍ରମାନଙ୍କର ମନ ରସାୟନ ଶାସ୍ତ୍ର ପ୍ରତି ଆକୃଷ୍ଟ କରୁଥିଲେ ଓ ପରେ ପଢ଼ାପଢ଼ି କାମ ଆରମ୍ଭ କରୁଥିଲେ। ଡକ୍ଟର ବଳଭଦ୍ର ପ୍ରସାଦ ଆମ୍ଭମାନଙ୍କୁ ରସାୟନ ଶାସ୍ତ୍ରର ମୌଳିକ ତତ୍ତ୍ୱ ବିଷୟରେ ଶିକ୍ଷା ଦେଉଥିଲେ ଓ ପ୍ରାକ୍ଟିକାଲ୍ କ୍ଲାସରେ ଆମର କାର୍ଯ୍ୟରେ ତତ୍ତ୍ୱାବଧାନ କରୁଥିଲେ।

ଗଣିତ ବିଭାଗରେ ଅଧ୍ୟାପକ ଶାରଦାକାନ୍ତ ଗାଙ୍ଗୁଲି ମୁଖ୍ୟ ଅଧ୍ୟାପକ ଥିଲେ। ସେ ମେଟ୍ରିକ୍ ଶ୍ରେଣୀର ପାଟୀଗଣିତ ପାଠ୍ୟପୁସ୍ତକ ପ୍ରଣୟନ କରିଥିବାରୁ ଛାତ୍ର ମହଲରେ ସୁପରିଚିତ ଥିଲେ। ଅଧ୍ୟାପକ ହରେକୃଷ୍ଣ ଦାସ ଓ ପ୍ରମଥନାଥ ଦେ ଆମକୁ ଗଣିତର ବିଭିନ୍ନ ବିଷୟରେ ଶିକ୍ଷା ଦେଉଥିଲେ। ମୁଁ ଅଳ୍ପ ସମୟ ମଧ୍ୟରେ ଗଣିତ ଅଧ୍ୟାପକମାନଙ୍କର ସୁପରିଚିତ ହେଲି କାରଣ ମୁଁ ଅଳ୍ପ ସମୟ ମଧ୍ୟରେ ଗଣିତ ପ୍ରଶ୍ନଗୁଡ଼ିକର ସମାଧାନ କରିପାରୁଥିଲି।

ଆମେ ସ୍କୁଲ ଛାତ୍ର ଅବସ୍ଥାରୁ ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତିଙ୍କର ସୁଖ୍ୟାତି ଶୁଣିଥିଲୁଁ। ସେ ସମୟକୁ ସେ ଗବେଷଣା କରି ପ୍ରାଚ୍ୟ ଗ୍ରନ୍ଥମାଳାର ଅନେକ ଗ୍ରନ୍ଥ ପ୍ରକାଶ କରି ସାରିଥାନ୍ତି। ଅଧ୍ୟାପକ ମହାନ୍ତି ଓ ଅଧ୍ୟାପକ ଲକ୍ଷ୍ମୀକାନ୍ତ ଚୌଧୁରୀ ଆମକୁ ଓଡ଼ିଆ ପଢ଼ାଉଥିଲେ। ସପ୍ତାହରେ କେବଳ ଗୋଟିଏ ପିରିଅଡ୍ ଓଡ଼ିଆ ପଢ଼ାହୁଏ। ସେତେବେଳେ ଓଡ଼ିଆ ଆଇ.ଏ. ବା ବି.ଏ.ରେ ମଧ୍ୟ ଗ୍ରୁପ୍ ସବ୍‌ଜେକ୍ଟ ନଥିଲା। ତେଣୁ ଯେଉଁ ଅଧ୍ୟାପକମାନେ ସଂସ୍କୃତ ଅଧ୍ୟାପକ ଥିଲେ, ସେହିମାନେ ସଂସ୍କୃତ ଓ ଓଡ଼ିଆ ଉଭୟ ବିଷୟରେ ଶିକ୍ଷା ଦେଉଥିଲେ। ସେ ପର୍ଯ୍ୟନ୍ତ ବୋଧହୁଏ ଓଡ଼ିଆରେ କେହି ଏମ୍.ଏ. ପାସ୍ କରି ନଥିଲେ। ପାଟନା ବିଶ୍ୱବିଦ୍ୟାଳୟରେ ସଂସ୍କୃତରେ ଏମ୍.ଏ. ଶ୍ରେଣୀ ଥିଲା। ମାତ୍ର ଓଡ଼ିଆ ବା ହିନ୍ଦୀରେ ଏମ୍.ଏ. ଶ୍ରେଣୀ ଖୋଲି ନଥାଏ।

ଇଂରେଜୀରେ ଅନେକ ଅଧ୍ୟାପକ ଥିଲେ । କାରଣ ସେ ସମୟରେ ଏମ୍.ଏ. କ୍ଲାସ୍ ଥିଲା ଓ ବି.ଏ.ରେ ମଧ୍ୟ ଇଂରେଜୀରେ ଅନର୍ସ ଶ୍ରେଣୀ ଥିଲା । ରେଭେନ୍ସା କଲେଜରୁ କେବଳ ଇଂରେଜୀରେ ଏମ୍.ଏ. ଶ୍ରେଣୀ ଥିଲା । ମୋର ମନେ ଅଛି, ୧୯୩୨ ବା ୧୯୩୩ ମସିହାରେ ରେଭେନ୍ସା କଲେଜରୁ ଚାରିଜଣ ଏମ୍.ଏ. ପରୀକ୍ଷା ଦେଇଥିଲେ, ମାତ୍ର ଜଣେ ହେଲେ ପାସ୍ କରିପାରିଲେ ନାହିଁ ।

ଇଂରେଜୀ ଅଧ୍ୟାପକମାନଙ୍କ ମଧ୍ୟରୁ ମୁଖ୍ୟ ଅଧ୍ୟାପକ ନିରଞ୍ଜନ ନିୟୋଗୀଙ୍କର ଅଧ୍ୟାପନା ଉଚ୍ଚକୋଟୀର ଥିଲା । ବିଲାତରୁ ଫେରିଥିବା ଶ୍ରୀ କିଶୋରୀ ପ୍ରସାଦ ସିନ୍ହା ସେତେବେଳେ ରେଭେନ୍ସା କଲେଜରେ ଥିଲେ । ଏହା ଛଡ଼ା ଶ୍ରୀ କୃତ୍ତିବାସ ସାମନ୍ତରାୟ ଓ ଶ୍ରୀ ଜନାର୍ଦ୍ଦନ ମହାନ୍ତି ମଧ୍ୟ ଇଂରେଜୀ ବିଭାଗରେ ଅଧ୍ୟାପକ ଥିଲେ । ଅଧ୍ୟକ୍ଷ ଡବ୍ଲୁ.ଭି. ଡିଉକ୍ ଆମକୁ ଇଂରେଜୀ ଗଦ୍ୟ ପଢ଼ାଉଥିଲେ; ମାତ୍ର ସେ କ୍ଲାସରେ କେବଳ ବହିରୁ ପଢ଼ିଦେଇ ତାଙ୍କର ଅଧ୍ୟାପନା କାମ ଶେଷ କରନ୍ତି ।

ଉଦ୍ଭିଦ ବିଜ୍ଞାନର ଶ୍ରୀ ପ୍ରାଣକୃଷ୍ଣ ପରିଜା ମୁଖ୍ୟ ଅଧ୍ୟାପକ ଥିଲେ । ମାତ୍ର ସେ ଆମର କ୍ଲାସ୍ ନିଅନ୍ତି ନାହିଁ । ଅଧ୍ୟାପକ ଦେବବ୍ରତ ମୁଖାର୍ଜୀ ଆମର ଅଧିକାଂଶ କ୍ଲାସ୍ ନେଉଥିଲେ । ଶ୍ରୀ ପରଶୁରାମ ମିଶ୍ର ମଧ୍ୟ ଆମକୁ ବେଶି ପଢ଼ାଇ ନାହାନ୍ତି ।

ସେ ସମୟରେ ଗଞ୍ଜାମ ଓ କୋରାପୁଟ ଓଡ଼ିଶାରେ ମିଶି ନଥିଲା । ସମଗ୍ର ଓଡ଼ିଶାରେ କେବଳ ଗୋଟିଏ ମାତ୍ର କଲେଜ ଥିଲା । ସେଥିପାଇଁ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଓ ଗଡ଼ଜାତମାନଙ୍କରୁ ଅଧିକାଂଶ ଛାତ୍ର ରେଭେନ୍ସା କଲେଜରେ ନାମ ଲେଖାଉଥିଲେ ଓ ସେଥିପାଇଁ ଓଡ଼ିଶାର ପ୍ରତ୍ୟେକ ଅଞ୍ଚଳର ଛାତ୍ର ନିଜର ସମବୟସ୍କ ଅନ୍ୟାନ୍ୟ ଅଞ୍ଚଳର ଛାତ୍ରମାନଙ୍କ ସହିତ ପରିଚିତ ହେବାର ସୁଯୋଗ ପାଉଥିଲେ । ଛାତ୍ରୀ ସଂଖ୍ୟା ମୁଷ୍ଟିମେୟ ଥିଲା । ସମଗ୍ର କଲେଜରେ ଛଅ ସାତ ଜଣରୁ ଅଧିକା ଛାତ୍ରୀ ନଥିଲେ । ଓଡ଼ିଶାର ଶିକ୍ଷିତ ସମାଜରେ ଗଣାହେବା ଯେତେ ଛାତ୍ର, ସେମାନେ ପ୍ରାୟ ସମସ୍ତେ ଶ୍ରୀ ଆର୍ତ୍ତବଲ୍ଲଭ ମହାନ୍ତି ଓଡ଼ିଆ ଅଧ୍ୟାପକ ବା ଶ୍ରୀ କୃତ୍ତିବାସ ସାମନ୍ତରାୟ କିମ୍ବା ଜନାର୍ଦ୍ଦନ ମହାନ୍ତି ଇଂରେଜ ଅଧ୍ୟାପକଙ୍କର ଛାତ୍ର ନିଶ୍ଚୟ ହୋଇଥିବେ । ଆଜିକାଲି ଆଉ ସେ ସୁଯୋଗ ବା ସୁବିଧା ନାହିଁ ।

ନୀଳମଣି ରାଉତରାୟ

କଲେଜ ନିର୍ବାଚନରେ ଗଣତାନ୍ତ୍ରିକ ଅଧିକାରପାଇଁ ଆନ୍ଦୋଳନ ଏକ ସାମାନ୍ୟ ଘଟଣା ହେଲେ ମଧ୍ୟ ଖୁବ୍ ସରଗରମ୍ ହୋଇ ଉଠିଥିଲା । ପୂର୍ବରୁ କଲେଜରେ ଛାତ୍ର ଇଉନିୟନ୍ ପିଲାମାନଙ୍କର ମତଦ୍ୱାରା ଗଠିତ ହେବାର ସୁବିଧା ସୁଯୋଗ ଦିଆଯାଉନଥିଲା । ରେଭେନ୍‌ସା କଲେଜ ଛାତ୍ର ଇଉନିୟନ୍‌ର ସଭାପତି ହେଉଥିଲେ କଲେଜର ଅଧ୍ୟକ୍ଷ । ଛାତ୍ରମାନେ କଲେଜ ଇଉନିୟନ୍ କାର୍ଯ୍ୟ ତୁଲାଇ ପାରିବେ ନାହିଁ ବୋଲି ଅଧ୍ୟକ୍ଷ ପରିଜା ସାହେବଙ୍କର ଦୃଢ଼ ଧାରଣା ଥିଲା । ତେଣୁ ଛାତ୍ର ଇଉନିୟନ୍ ପାଇଁ ଜଣେ ଛାତ୍ରଙ୍କୁ ସଭାପତି ନିର୍ବାଚିତ କରିବାକୁ ଯେତେବେଳେ ଛାତ୍ରମାନେ ଦାବି କଲେ, ଅଧ୍ୟକ୍ଷ ପରିଜା ସାହେବ ତାହା ଅଗ୍ରାହ୍ୟ କରି ଦେଇଥିଲେ । ଓଡ଼ିଶାରେ ଛାତ୍ର ଅଶାନ୍ତି ଏବଂ ବିଶେଷ କରି ରେଭେନ୍‌ସା କଲେଜରେ ଛାତ୍ର, ଅଧ୍ୟକ୍ଷ ତଥା ଅଧ୍ୟାପକଙ୍କ ସଂପର୍କ ବିଷୟରେ ଓଡ଼ିଶା ବ୍ୟବସ୍ଥାସଭାରେ ୧୯୩୮ ଓ ୧୯୩୯ ମସିହା ବଜେଟ୍ ଅଧିବେଶନମାନଙ୍କରେ ବହୁତ ଆଲୋଚନା ଓ ଆଲୋଡ଼ନ ସୃଷ୍ଟି ହୋଇଥିଲା । ବିଧାୟକ ପ୍ୟାରୀଶଙ୍କର ରାୟ୍, ପ୍ରାଣନାଥ ପଟ୍ଟନାୟକ, ମୋହନ ଦାସ, ଲୋକନାଥ ମିଶ୍ର ପ୍ରମୁଖ ରେଭେନ୍‌ସା କଲେଜର ଅଧ୍ୟକ୍ଷ ଓ କେତେକ ଅଧ୍ୟାପକଙ୍କ ରକ୍ଷଣଶୀଳ ତଥା ହାକିମି ମିଜାଜ୍‌ର କଠୋର ସମାଲୋଚନା କରିଥିଲେ । ଛାତ୍ରମାନଙ୍କର ବ୍ୟକ୍ତିଗତ ସ୍ୱାଧୀନତାରେ ହସ୍ତକ୍ଷେପ କରି ସେମାନଙ୍କୁ ନାନାପ୍ରକାର ଅସୁବିଧାରେ ପକାଯାଉଛି ବୋଲି ଅଭିଯୋଗ କରିଥିଲେ । ଛାତ୍ରମାନଙ୍କ ଧର୍ମଘଟ ଓ ଅନଶନ ଧର୍ମଘଟ ବିଷୟ ମଧ୍ୟ ବ୍ୟବସ୍ଥାସଭାରେ ଆଲୋଚିତ ହୋଇଥିଲା । ଏଜୁକେଶନ୍ କୋଡ୍‌ର ପରିବର୍ତ୍ତନ ପାଇଁ ଦାବି କରାଯାଇଥିଲା । ଛାତ୍ରମାନଙ୍କୁ ତାଙ୍କ ନିଜ ଅନୁଷ୍ଠାନ ଗଢ଼ିବା ଅଧିକାରରୁ ବଞ୍ଚିତ କରାଯାଇଥିବାରୁ ସେମାନେ ତା'ର କଠୋର ସମାଲୋଚନା କରିଥିଲେ । ବ୍ୟବସ୍ଥାସଭାର ଏହି ସଦସ୍ୟମାନଙ୍କ ସହିତ ମୋର ପରିଚୟ ଥିଲା । ଛାତ୍ର ଅଶାନ୍ତି ଓ ରେଭେନ୍‌ସା କଲେଜ ପରିସ୍ଥିତି ସମ୍ପର୍କୀୟ ସମସ୍ତ ସମ୍ବାଦ ମୁଁ ସେମାନଙ୍କୁ ଯୋଗାଇ ଦେଉଥିଲି ।

୧୯୩୮ ମସିହାର କଥା । ଆମ ଓଡ଼ିଶା ପ୍ରଦେଶରେ ଶିକ୍ଷାନୁଷ୍ଠାନମାନଙ୍କରେ ଅନ୍ଧାରୁଆ ଶାସନ ଓ ମେର୍ଜିରାୟ୍ ନୀତି ପ୍ରଚଳିତ ଥିଲା । ଛାତ୍ର ସମସ୍ୟା ପ୍ରତି ରେଭେନ୍‌ସା କଲେଜର ଅଧ୍ୟକ୍ଷ ଓ ଅଧ୍ୟାପକମାନଙ୍କର କୌଣସି ସହାନୁଭୂତି ନଥିଲା ଭଳି ଜଣାପଡୁଥାଏ । କୌଣସି ବିଷୟରେ ଛାତ୍ରମାନଙ୍କର କିଛି ସ୍ୱାଧୀନତା ନଥିଲା । ଛାତ୍ରମାନେ ଅଧ୍ୟାପକମାନଙ୍କୁ ଭୟ କରୁଥିଲେ, କାରଣ ଅଧ୍ୟକ୍ଷ ତଥା ଅଧ୍ୟାପକମାନଙ୍କୁ ଅସନ୍ତୁଷ୍ଟ କଲେ ସରକାରୀ ଚାକିରି ପାଇବାରେ ନିଶ୍ଚୟ ଅସୁବିଧା ଉପୁଜିବ ବୋଲି ସେମାନଙ୍କର ଧାରଣା ଥିଲା । ତେଣୁ ଅନେକ ସମୟରେ ସରକାରୀ-ଚାକିରି-ପ୍ରୟାସୀ ଛାତ୍ରମାନେ ଅଧ୍ୟକ୍ଷ ଓ ଅଧ୍ୟାପକମାନଙ୍କୁ ଅହେତୁକ ଆନୁଗତ୍ୟ ପ୍ରଦର୍ଶନ କରିଥାଆନ୍ତି । ସଂଗଠିତ ଛାତ୍ର ଆନ୍ଦୋଳନଦ୍ୱାରା ଛାତ୍ରମାନଙ୍କର ଏତାଦୃଶ ଭୂତଭୟର ହୀନମ୍ମନ୍ୟତା ଦୂର ହୋଇଥିଲା ଏବଂ ଅଧ୍ୟାପକମାନଙ୍କର ଦୃଷ୍ଟିକୋଣ ମଧ୍ୟ ବଦଳିଥିଲା । ବହୁ ଆନ୍ଦୋଳନ ଓ ସଂଘର୍ଷ ପରେ ରେଭେନ୍‌ସା କଲେଜ ଛାତ୍ର ଇଉନିୟନ୍ ଏକ ଗଣତାନ୍ତ୍ରିକ ଅନୁଷ୍ଠାନରୂପେ ସ୍ୱୀକୃତି ହାସଲ କରିଥିଲା । କିନ୍ତୁ ଏଥିପାଇଁ ସଂଗ୍ରାମ ଅତି ସହଜସାଧ୍ୟ ହୋଇନଥିଲା । ବହୁ ଛାତ୍ରଙ୍କ ଅନେକ ଅସୁବିଧା ଭୋଗ କରିବାକୁ ପଡ଼ିଥିଲା । ଛାତ୍ର ଧର୍ମଘଟ ମଧ୍ୟ ହୋଇଥିଲା । ସେତେବେଳର ଛାତ୍ର ଆନ୍ଦୋଳନର ଲକ୍ଷ୍ୟ ସଂପର୍କରେ ଏଠାରେ ଦୁଇପଦ କହି ରଖେ । ଏକ ବିଶାଳକାୟ ଛାୟାପ୍ରଦ ବଟବୃକ୍ଷର ସାମାନ୍ୟ ଚେର ତଥା ଓହଳ ଯେତେ କ୍ଷୁଦ୍ର ହେଲେ ମଧ୍ୟ ବୃକ୍ଷକାୟାକୁ ସମ୍ପ୍ରସାରିତ ଓ ଦୃଢ଼ୀଭୂତ କରିବାପାଇଁ ସେଗୁଡ଼ିକହିଁ ଭୂମିରୁ ଶକ୍ତି ସଂଗ୍ରହ କରି ବୃକ୍ଷକୁ ଯୋଗାନ୍ତି ଏବଂ ଭୂମି ଉପରେ ଦୃଢ଼ ସ୍ତମ୍ଭସଦୃଶ ତାହାକୁ ଧରି ରଖନ୍ତି । ସେହିପରି ବିରାଟ ଜାତୀୟ ସଂଗ୍ରାମରେ ଛାତ୍ର ଆନ୍ଦୋଳନର ଭୂମିକା । ଛାତ୍ର, ଶ୍ରମିକ ଓ କୃଷକମାନଙ୍କର ଛୋଟ ଛୋଟ ଗଣତାନ୍ତ୍ରିକ ଅଧିକାରକୁ ସାବ୍ୟସ୍ତ କରିବାପାଇଁ ଦେଶରେ ସ୍ଥାନେ ସ୍ଥାନେ ଯେଉଁ ଆନ୍ଦୋଳନ ହେଉଥାଏ ତାହା ସଂକୁଚିତ ଦୃଷ୍ଟିକୋଣରୁ ଯେତେ ସାମାନ୍ୟ ବୋଧ ହେଲେ ମଧ୍ୟ

ଏକ ବିଶାଳ ତଥା ଜାତୀୟ ଆନ୍ଦୋଳନ ଗଢ଼ିତୋଳିବା ପାଇଁ ଏସବୁ ଥିଲା ବଳିଷ୍ଠ ପରିପୂରକ ଓ ପରିପୋଷକ। ତେଣୁ ବାହାରକୁ ଯାହା ଛାତ୍ର ଓ ଅଧ୍ୟକ୍ଷ, ଶ୍ରମିକ ଓ ମାଲିକ, କୃଷକ ଓ ଜମିଦାରଙ୍କ ମଧ୍ୟରେ ସଂଘର୍ଷ ଭଳି ଜଣାପଡ଼େ ତାହା ଏକ ଅବାସ୍ତବ ସଂକୀର୍ଣ୍ଣ ବିଚାର। ବହୁକାଳର ନିଃସହାୟତା ଓ ଅବସାଦକୁ ଅତିକ୍ରାନ୍ତ କରି ଆମ ସ୍ୱପ୍ନର ଭାରତ ଓ ଭବିଷ୍ୟତ ଗଢ଼ିତୋଳିବା ନିମନ୍ତେ ଏସବୁ ଆନ୍ଦୋଳନାତ୍ମକ କାର୍ଯ୍ୟ ଥିଲା ଜାଗରଣ ଓ ଶକ୍ତି ସଂଚୟର ପ୍ରକୃଷ୍ଟ ମାର୍ଗ। ମୁଁ ଏହି ଦୃଷ୍ଟିଭଙ୍ଗୀ ନେଇ ଅଗ୍ରସର ହେଉଥିଲି। ଅଧ୍ୟକ୍ଷ ପରିଜା ସାହେବଙ୍କର ଏକ ଭ୍ରାନ୍ତ ଧାରଣା ଥିଲା। ସେ ବୁଝିଥିଲେ ଯେ ସେ ନିଜେ ଅଧ୍ୟକ୍ଷ ଭାବରେ ସଭାପତି ରହି କଲେଜ ଛାତ୍ର ଇଉନିୟନ୍ ସମସ୍ତ ଦାୟିତ୍ୱ ତୁଲାଇବା ଅଧିକାଂଶ ଛାତ୍ରଙ୍କର ଇଚ୍ଛା; ମାତ୍ର ମୁଷ୍ଟିମେୟ ଛାତ୍ର ନିର୍ବାଚନ ପଦ୍ଧତିରେ ଜଣେ ଛାତ୍ରକୁ ସଭାପତି ଭାବରେ ବାଛିବାପାଇଁ ଆନ୍ଦୋଳନ କରୁଛନ୍ତି । ସାମାନ୍ୟ କେତେକଣ ଛାତ୍ର ପାଟିତୁଣ୍ଡ କରି ଜୋର୍‌ଜବରଦସ୍ତ ଭାବରେ ଅନ୍ୟମାନଙ୍କ ଉପରେ ସେମାନଙ୍କର ମତକୁ ଲଦିଦେବାକୁ ଚାହୁଁଛନ୍ତି ବୋଲି ସେ ବିଚାରିଲେ। ତେଣୁ ଗଣତାନ୍ତ୍ରିକ ରୀତିରେ ଛାତ୍ର ଇଉନିୟନ୍ ଗଠନର ପ୍ରସ୍ତାବକୁ ସେ ପ୍ରତ୍ୟାଖ୍ୟାନ କରି ଦେଇଥିଲେ। ଫଳରେ କଲେଜରେ ଛାତ୍ର ଧର୍ମଘଟ ଆରମ୍ଭ ହୋଇଗଲା। ଛାତ୍ରମାନେ ବାରମ୍ବାର ଦାବି କରିଥିଲେ ଯେ ଗଣତାନ୍ତ୍ରିକ ଭିତ୍ତିରେ ଛାତ୍ର ଇଉନିୟନ୍ ସଭାପତି ଓ ଅନ୍ୟାନ୍ୟ କର୍ମକର୍ତ୍ତା ନିର୍ବାଚିତ ହୁଅନ୍ତୁ। ସେ କଥା ହୋଇପାରିବ ନାହିଁ ବୋଲି ଜିଦ୍ ଧରି ବସିଲେ ପରିଜା ସାହେବ। କଲେଜ ଅଚଳ ହୋଇଗଲା। ସାମାନ୍ୟ କେତେ ଜଣ ଛାତ୍ରଛାତ୍ରୀ ଶ୍ରେଣୀ ଦୁଆରେ ପିକେଟିଂ କରୁଥିବା ଛାତ୍ରମାନଙ୍କୁ ଡେଇଁଯାଇ ଶ୍ରେଣୀରେ ଯୋଗ ଦେଇଥିଲେ। ମୁଁ ପିକେଟିଂ କରୁଥାଏ। ମୋତେ ଦୁଇଜଣ ଛାତ୍ରୀ ଡେଇଁଯାଇ କ୍ଲାସ୍‌ରେ ଯୋଗ ଦେଲେ। ସେଇ ଦୁଇଜଣ ଛାତ୍ରୀ ଥିଲେ ଦୁଇ ଅଧ୍ୟାପକଙ୍କ ସହଧର୍ମିଣୀ। ଯେଉଁ ଦୁଇ ତିନି ଜଣ ଛାତ୍ର ଡେଇଁଯାଇ କ୍ଲାସ୍‌ରେ ଯୋଗ ଦେଇଥିଲେ ସେମାନଙ୍କ ମଧ୍ୟରେ ଥିଲେ ଜଣେ କୃତବିଦ୍ୟ ଛାତ୍ର ସ୍ୱର୍ଗୀୟ ରାମକୃଷ୍ଣ ପାଢ଼ୀ। ପରେ ସେ ଆଇ.ପି.ଏସ୍. ପାହ୍ୟାରେ ଆମ ରାଜ୍ୟର ପୋଲିସ୍ ଆଇ.ଜି. ପର୍ଯ୍ୟନ୍ତ ଉଠିଥିଲେ। ତାଙ୍କର ଅକାଳ ମୃତ୍ୟୁରେ ମୁଁ ଦୁଃଖିତ ହୋଇପଡ଼ିଥିଲି। ଆମ ରାଜ୍ୟ ବାହାର କ୍ୟାଡ଼ରରେ ତାଙ୍କ ପୁଅ ଆଇ.ଏ.ଅସ୍. ଚାକିରି କରୁଥିଲେ। ପରିବାରର ସୁବିଧା ପାଇଁ ତାଙ୍କୁ ଓଡ଼ିଶା କ୍ୟାଡ଼ରକୁ ବଦଳି କରି ଆଣିବାକୁ ମୁଁ ଉଦ୍ୟମ କରିଥିଲି।

କିଛିଦିନ ଧର୍ମଘଟ ଚାଲିଲା ପରେ ସମାଧାନର ଗୋଟିଏ ମଧ୍ୟମ ପନ୍ଥା ବାହାର କରାଯାଇଥିଲା। ଛାତ୍ରମାନେ ପ୍ରକୃତରେ କଲେଜ ଇଉନିୟନ୍‌ର ସଭାପତିରୂପେ ଅଧ୍ୟକ୍ଷଙ୍କୁ ଚାହାନ୍ତି ନା ଜଣେ ଛାତ୍ରକୁ ନିର୍ବାଚିତ କରିବାକୁ ଚାହାନ୍ତି, ତାହା ଭୋଟଦ୍ୱାରା ସାବ୍ୟସ୍ତ କରିବାକୁ ସ୍ଥିର ହେଲା। ପରିଜା ସାହେବଙ୍କର ବଦ୍ଧମୂଳ ଧାରଣା ଥିଲା ଯେ ପିଲାମାନେ ତାଙ୍କ ସପକ୍ଷରେ ହିଁ ମତ ଦେବେ। ସମାଧାନ ପାଇଁ ମୁଁ, ମୋର ସାଥୀ ମନମୋହନ ମିଶ୍ର, ବିଜୟ ଦାସ ଓ ସଚ୍ଚି ରାଉତରାୟ ପ୍ରଭୃତି ପରିଜା ସାହେବଙ୍କ ସହ ଆଲୋଚନା କରୁଥିବା ବେଳେ ସେହି ଧାରଣା ହେତୁ ସେ ଦୃଢ଼ତାର ସହିତ କହିଥିଲେ ଯେ ସାଧାରଣ ଭାବରେ ଛାତ୍ରମାନଙ୍କର ସମର୍ଥନ ଧର୍ମଘଟକାରୀ ଛାତ୍ରମାନଙ୍କର ସପକ୍ଷରେ ନାହିଁ; ମାତ୍ର ମୁଷ୍ଟିମେୟ ଛାତ୍ର ବିଭ୍ରାନ୍ତିକର ପରିସ୍ଥିତି ସୃଷ୍ଟି କରୁଛନ୍ତି। ସେ ଆହୁରି କହିଥିଲେ ଯେ ବହୁ ଛାତ୍ର ତାଙ୍କୁ ଦେଖାକରି ସେମାନଙ୍କର ଏ ପ୍ରକାର ମତାମତ ତାଙ୍କୁ ଜଣାଇ ଦେଇଛନ୍ତି। ସେ ଆମକୁ ଆହ୍ୱାନ ଦେଲା ଭଳି ଏ କଥାଟା କହିଥିଲେ। ମୁଁ ହଠାତ୍ ତାଙ୍କ ଆହ୍ୱାନକୁ ଗ୍ରହଣ କରିନେଇ କହିଥିଲି ଯେ ତାହା ଯଦି ପ୍ରକୃତ ଅବସ୍ଥା ଏବଂ ଅଧିକାଂଶ ଛାତ୍ର ଯଦି ଅଧ୍ୟକ୍ଷଙ୍କ କଥା ଗ୍ରହଣ କରୁଛନ୍ତି ତାହେଲେ ଆମେ ଆମର ଦାବି ପ୍ରତ୍ୟାହାର କରିନେବୁ। ପ୍ରଶ୍ନ ଉଠିଲା, ଛାତ୍ରମାନଙ୍କର ଏ ପ୍ରକାର ମତ ଜାଣିବାର ଉପାୟ କ'ଣ ? ତେଣୁ ମଧ୍ୟମ ପନ୍ଥାର ସୂଚନା ଦିଆଯାଇଥିଲା - କେବଳ ମତ ଜାଣିବାପାଇଁ ଭୋଟ ନିଆଯାଉ, ସଭାପତି ନିର୍ବାଚନ ପାଇଁ ନୁହେଁ।

ସୁରେନ୍ଦ୍ର ମହାନ୍ତି

ଯେତେବେଳେ ଆମ ଇଂରାଜୀ ଲେକ୍‌ଚରର ବା ଅଧ୍ୟାପକମାନେ ସେକ୍‌ସପିଅରଙ୍କ 'Mid-Summer Night's Dream' ବା ମାଥ୍ୟୁ ଆର୍ ନଲ୍‌ଡଙ୍କ 'ସୋରବ ଆଣ୍ଡ ରୋସ୍ତମ୍' ବା କେଉଁ ଔପନ୍ୟାସିକଙ୍କ 'ଲୋର୍‌ନାଡୁନ୍' ଉପନ୍ୟାସକୁ କ୍ଲାସ୍‌ରେ ପଢ଼ାଇବାକୁ ଯାଇ ସେସବୁକୁ ଏପରି ତିକ୍ତ କରି ଦେଉଥିଲେ ଯେ ମୁଁ ଷ୍ଟେସନରେ ହୁଇଲାର୍ ବହି ଦୋକାନରୁ ଇଂରାଜୀ ଡିଟେକ୍ଟିଭ୍ ଉପନ୍ୟାସ ସବୁ ଆଣି କ୍ଲାସ୍‌ର ପଛ ବେଞ୍ଚରେ ବସି ପଢୁଥିଲି। ଓଡ଼ିଆ କ୍ଲାସ୍‌ରେ ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି ଆଖିବୁଜି ଯେପରି ତଦ୍‌ଗତ ଭାବରେ ପଞ୍ଚସଖା ସାହିତ୍ୟର ଇଡ଼ା-ପିଙ୍ଗଳା-ସୁଷୁମ୍ନା ଇତ୍ୟାଦି ବୁଝାଉଥିଲେ ତାହା ମୋତେ ଓଡ଼ିଆ ସାହିତ୍ୟ ପ୍ରତି ସ-ମ୍ପୂର୍ଣ୍ଣ ବିମୁଖ କରିଦେଇଥିଲା। ଡକ୍ଟର ସଦାଶିବ ମିଶ୍ର ଥିଲେ ଆମର ଇକନମିକ୍‌ସର ଅଧ୍ୟାପକ। ସେ ପଢ଼ାଉଥିଲେ ଥିଓରୀ ପେପର। ତାଙ୍କରି କ୍ଲାସଟିରେ ମୁଁ ବରାବର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଯୋଗ ଦେଉଥିଲି। ଇକନମିକ୍‌ସ ବିଷୟଟି ମୋ ପକ୍ଷରେ ଥିଲା ସମ୍ପୂର୍ଣ୍ଣ ନୂଆ। ତେଣୁ ଏଥିରେ ଥିଲା ମୋର ପ୍ରବଳ ଆଗ୍ରହ। ସଦାଶିବ ବାବୁ କ୍ଲାସ୍‌ରେ ଦିନେ ବୁଝାଉଥିଲେ Theory of Equi-Marginal Returns। ଏ ତତ୍ତ୍ୱଟି ହେଲା ଜିନିଷର କିଣାବିକା ଓ ତାହାର ମୂଲ୍ୟତତ୍ତ୍ୱ। ଉଦାହରଣସ୍ୱରୂପ ବାଟା ଜୋତାର ଦାମ ରଖାଯାଏ ଟ୯.୯୦ ପଇସା, କିନ୍ତୁ ଦଶଟଙ୍କା ନୁହେଁ। କାହିଁକି ? ଏଇ ତତ୍ତ୍ୱ ଅନୁସାରେ ଜୋତା କିଣାଳି ପକେଟରୁ ଟ୧୦.୦୦ କାଢ଼ିବାକୁ କୁଛୁ କୁଛୁ ହୁଏ। ଦଶଟଙ୍କା ବିନିମୟରେ ଜୋତା କିଣି ସେ ଯେଉଁ ସନ୍ତୋଷ ପାଇବ, ତାସ୍କୁ ହୁଏତ ଟ.୧୦.୦୦ର ସମକକ୍ଷ ନୁହେଁ। ସେଥିପାଇଁ ଟ.୯.୯୦ ପଇସା ରଖିଲେ ତା' ମନରେ ସେପରି କୁଛୁ କୁଛୁ ରହିବ ନାହିଁ। ଦ୍ରବ୍ୟମୂଲ୍ୟ ଆତ୍ମସନ୍ତୋଷ ସହିତ ସମୀକୃତ ହେବାରେ ପ୍ରକୃତ ମୂଲ୍ୟ ନିର୍ଦ୍ଧାରିତ ହୋଇଥାଏ। ଏ ତତ୍ତ୍ୱ ଅନୁସାରେ ବହୁତ ହିସାବକିତାବ କରି ଖର୍ଚ୍ଚ କରିବା କଥା। କେତେ ଲାଭ ମିଳିବ, ସବୁ ଖର୍ଚ୍ଚ ତାହାହିଁ ନିୟମକ ହେବା ଆବଶ୍ୟକ। ମୁଁ ତ କ୍ଲାସ୍‌ରେ ପଚାରି ନାହିଁ। କିନ୍ତୁ ମୋର ବେହିସାବୀ ମନକୁ ଏ ତତ୍ତ୍ୱ ଆଦୌ ପାଉ ନ ଥିଲା। ମନୁଷ୍ୟ କଅଣ ସବୁବେଳେ ହିସାବୀ ? ହିସାବର ସୀମାବଦ୍ଧତା ଭିତରେ ଜୀବନକୁ ସେ କଅଣ କେବେ ଉପଭୋଗ କରିପାରିବ ? ଏହି ତତ୍ତ୍ୱ ବିରୁଦ୍ଧରେ ମୁଁ ବିଦ୍ରୋହ ଘୋଷଣା କରି କେତେବର୍ଷ ପରେ ଲେଖିଥିଲି ମୋର ଆଦ୍ୟଦିନର ଗଳ୍ପ 'ମଣିଷ ଓ ଅର୍ଥନୀତି'।

ସେତେବେଳେ ଗଗନପବନରେ ଥିଲା ସାହିତ୍ୟ। ଆଜି ଅବଶ୍ୟ ସାହିତ୍ୟନାମରେ ବହୁ ସଂଗଠନ, ବହୁ ସଭା, ବହୁ ଆଲୋଚନା ଚକ୍ର, ବହୁ ଗୋଷ୍ଠୀ, ବହୁ ପତ୍ରିକା, ବହୁ ଲେଖକ ଓ କବି। ସବୁ ଅଛି, କିନ୍ତୁ ସେ ସାହିତ୍ୟପ୍ରୀତି ନାହିଁ କିମ୍ବା ସତ୍-ସାହିତ୍ୟ ପାଇଁ ସେ ବାତାବରଣ ନାହିଁ। ସେ ଦିନ ଥିଲା ଜାତୀୟ ସଂଗ୍ରାମର ସ୍ପନ୍ଦନ। ପୁଣି ଜୀବନରେ ମଧ୍ୟ ଏକ ହିଲ୍ଲୋଳ। ସେ ଦିନ ମଳୟ ବହୁଥିଲା, ସେଥିପାଇଁ ବାଉଁଶ ଗଛରେ ସୁଦ୍ଧା ପତ୍ର-ପଲ୍ଲବ କଅଁଳୁଥିଲା। ଆଜି କିନ୍ତୁ ତୁଚ୍ଛତା, କ୍ଷୁଦ୍ରତା ଓ ଅସାହିତ୍ୟିକତାର 'ଲୁ'ରେ ସବୁ ଜଳିଯାଉଛି। ସେତେବେଳେ ବୋଧହୁଏ ମୁଁ ସେକେଣ୍ଡ୍-ଇୟରର ଛାତ୍ର। ଗୋପୀନାଥ ମହାନ୍ତି ସେତେବେଳେ ଓଡ଼ିଆ ସାହିତ୍ୟରେ ଏତେଟା ପରିଚିତ ନୁହନ୍ତି। 'ପାଟପାଣି' ଶୀର୍ଷକ ତାଙ୍କର ଗୋଟିଏ ଗଳ୍ପ 'ସହକାର'ରେ ପ୍ରକାଶ ପାଇଥାଏ। ସେ କେତେଦିନ ମୁଁ ଯେଉଁ ମେସ୍‌କୁ ଚା' ଦୋକାନକୁ ଯାଇଛି ସବୁଠି ଶୁଣିଛି, 'ପାଟପାଣି', ପଢ଼ିଲଣି ? ଦିନେ ଖବରକାଗଜରେ ମାୟାଧର ମାନସିଂହଙ୍କର ସଦ୍ୟପ୍ରକାଶିତ କବିତା ବହି 'ପୁଷ୍ପିତା'ର ବିଜ୍ଞାପନ ବାହାରିଥିଲା। ୟା'ର ପ୍ରକାଶକ ବୋଧହୁଏ ଥିଲେ 'ପୋଥିଘର', ଚୌଧୁରୀ ବଜାରର ଗୋଟିଏ ବହିଦୋକାନ (ନାଆଁଟା ଠିକ୍ ମନେପଡୁନାହିଁ)। ଗୁରୁପ୍ରସାଦ ମହାନ୍ତି ସେତେବେଳେ ଥିଲେ ମୋର ସତୀର୍ଥ ଓ ସହପାଠୀ। କାଲି କିଏ କବି ମାନସିଂହଙ୍କର ପୁଷ୍ପିତାର ପ୍ରଥମ କପି କିଣିପାରିବ, ସେଥିପାଇଁ ଆମ ଦୁହିଁଙ୍କ ଭିତରେ ବାଜି ଲାଗିଗଲା। ତାପରଦିନ

ସକାଳ ନଅଟା ବେଳେ ସାଇକେଲ ଧରି ମୁଁ ବହିଦୋକାନ ପାଖରେ ପହଞ୍ଚିବା ବେଳକୁ ଦେଖେ ଗୁରୁପ୍ରସାଦ ଛିଡ଼ା ହୋଇଛନ୍ତି ସାଇକେଲ ଧରି। ଦୋକାନ ଫିଟିବାକୁ ତଥାପି ଡେରି। ମୁଁ ନିଶ୍ଚିତ ଭାବରେ କହିପାରେ, ଆଜି ସାହିତ୍ୟର ଏଇ ପ୍ରବନ୍ଧମାନ କାଳରେ ଏପରି ସାହିତ୍ୟପ୍ରୀତି, ଏପରି ବାତୁଳତା ମିଳିବ ନାହିଁ।

ସେତେବେଳେ ଯେଉଁମାନେ ଥିଲେ ପ୍ରତିଷ୍ଠିତ ସାହିତ୍ୟିକ- କାଳିନ୍ଦୀ ପାଣିଗ୍ରାହୀ, ବୈକୁଣ୍ଠନାଥ ପଟ୍ଟନାୟକ, କାହ୍ନୁଚରଣ ମହାନ୍ତି, ଗୋପୀନାଥ ମହାନ୍ତି, ରାଜକିଶୋର ରାୟ, ମାୟାଧର ମାନସିଂହ, ଗୋଦାବରୀଶ ମହାପାତ୍ର, ସଚ୍ଚି ରାଉତରାୟ ପ୍ରମୁଖ। ସମସ୍ତଙ୍କୁ ଯାଇ ଦୂରରୁ ଥରେ ଥରେ ଦେଖିବା ପାଇଁ ମୋର ଥିଲା ପ୍ରବଳ ଆଗ୍ରହ। ମୁଁ ଜଣେ ଅନାମଧେୟ ଛାତ୍ର ଥିବାରୁ ସେମାନଙ୍କ ପାଖକୁ ଯିବାକୁ ତ ଭରସେ ନାହିଁ; ଦୂରରୁ ଯାଇ ଥରେ ଦେଖିଲେଇ ଯଥେଷ୍ଟ। ଏମାନେ ମୋ ଭାଷାର କବି ଓ ଲେଖକ। ସେମାନେ ମୋର ଜାତୀୟ ମାନସିକତାକୁ ସମୃଦ୍ଧ କରୁଛନ୍ତି। ମୁଁ ଯେଉଁ ଭାଷାରେ କହୁଛି, ସେ ଭାଷାକୁ ଅଧିକ ପ୍ରକାଶକ୍ଷମ ଓ ଶକ୍ତିଶାଳୀ କରୁଛନ୍ତି। ଏମାନେ ସବୁ ଥିଲେ ମୋ ଦୃଷ୍ଟିରେ ଜଣେ ଜଣେ ତୀର୍ଥଙ୍କର। ଭାବିଲେ ପ୍ରେରଣା ମିଳୁଥିଲା। ଆଜି କିନ୍ତୁ ମୁଁ ନିଶ୍ଚିତ ଭାବରେ କହିପାରେ ସେ ପରିବେଶ ଏବେ ନାହିଁ।

ଶ୍ରୀରାମଚନ୍ଦ୍ର ଦାସ

ଲକ୍ଷ୍ମୀନାରାୟଣ ବାବୁଙ୍କ ଯତ୍ନରେ କଲେଜ ଛକରେ ଯୋବ୍ରା ଯାଉଥିବା ରାସ୍ତା ଉପରେ ଗୋଟିଏ ଘର ମୋ ପାଇଁ ସ୍ଥିର କରି ଦିଆଗଲା । ସେହି କୋଠରିର ଭଡ଼ା ଥିଲା ମାସକୁ ପନ୍ଦର ଟଙ୍କା । ମୁଁ ନିକଟବର୍ତ୍ତୀ ହୋଟେଲରେ ଖାଉଥିଲି । ତାଳଦଣ୍ଡା ନାଳରେ ନିତ୍ୟକର୍ମ ସାରୁଥିଲି ଓ ଆନନ୍ଦରେ କଲେଜକୁ ଯାଉଥିଲି । ଏହି ବ୍ୟବସ୍ଥା ୧୯୩୭ ମଇ ମାସ ପର୍ଯ୍ୟନ୍ତ ଚାଲିଲା । ସେବର୍ଷ ବାର୍ଷିକ ପରୀକ୍ଷାରେ ମୁଁ ଏଭଳି ନମ୍ବର ରଖିଲି ଯେ ଅଧ୍ୟକ୍ଷ ତ୍ରିପାଠୀ ସାହେବ ଚମତ୍କୃତ ହୋଇଗଲେ ଓ ମୋତେ ଡାକି ପଚାରିଲେ - "ତୁମେ ତ ପ୍ରବେଶିକା ପରୀକ୍ଷାରେ ପ୍ରଥମ ହେଲ । ଆଇ.ଏ. ପରୀକ୍ଷାରେ କଣ୍ଡ୍ରଣ କରିବ ?" ମୁଁ ଉତ୍ତର ଦେଲି, "ମୁଁ ପ୍ରଥମ ହେବି ।" ମୋ ଆତ୍ମବିଶ୍ୱାସ ଦେଖି ସେ ମୁଗ୍ଧ ହେଲେ ଓ ଗ୍ରୀଷ୍ମଛୁଟି ପରେ ସେ ମୋତେ ହଷ୍ଟେଲରେ ରଖିବା ଲାଗି ବନ୍ଦୋବସ୍ତ କରିଦେବାର ପ୍ରତିଶ୍ରୁତି ଦେଲେ । ତେଣୁ ମୁଁ ଭଡ଼ାଘରକୁ ଛାଡ଼ି ଗାଁକୁ ଗଲି ଓ ଗ୍ରୀଷ୍ମଛୁଟି ପରେ ଆସି ପୂର୍ବ ଛାତ୍ରାବାସର କୋଡ଼ିଏ ନମ୍ବର କୋଠରିରେ ରହିଲି । ମୁଁ ତ ପ୍ରଥମ ବାର୍ଷିକ ଶ୍ରେଣୀରେ ଛାତ୍ରାବାସରେ ନଥିଲି, ତେଣୁ ଜଣିକିଆ ଘର ପାଇବା ଲାଗି ମୋର ଯୋଗ୍ୟତା ନଥିଲା । ଅଧ୍ୟକ୍ଷଙ୍କ ଦୟାରୁ ଗୋଟିଏ ଚାରିଜଣିଆ ପ୍ରକୋଷ୍ଠକୁ ମୋ ପାଇଁ ଜଣକିଆ କୋଠରିରେ ପରିଣତ କରାଗଲା । ମୋତେ ସିଟ୍ ଭଡ଼ା ଦେବାକୁ ପଡୁନଥିଲା । ଏହା କ୍ରମେ ମୋ ସୌଭାଗ୍ୟରେ ପରିଣତ ହେଲା । କାରଣ ଓଡ଼ିଶା ବିଧାନସଭା ରେଭେନ୍ସା କଲେଜ ହଲରେ ହେଉଥିବାରୁ କେତେଜଣ ବିଧାୟକ ଅଧିବେସନବେଳେ ଛାତ୍ରାବାସରେ ରହୁଥିଲେ । ମୋ କୋଠରିରେ ଆହୁରି ତିନିଗୋଟି ସ୍ଥାନ ଥିବାରୁ ସେଠାରେ ଆସି ରହିଲେ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ସଦାଶିବ ତ୍ରିପାଠୀ, ପରବର୍ତ୍ତୀ ମନ୍ତ୍ରୀ ରାଧାକୃଷ୍ଣ ବିଶ୍ୱାସରାୟ ଓ ରାଧାମୋହନ ସାହୁ । ସେ ତିନିଜଣଯାକ ଥିଲେ କୋରାପୁଟ ଜିଲ୍ଲାର ସଭ୍ୟ । ଛାତ୍ର ଜୀବନରେ ସେମାନଙ୍କ ସହିତ ପରିଚୟ ପରବର୍ତ୍ତୀ ଜୀବନରେ ମୋତେ ଖୁବ୍ ସାହାଯ୍ୟ କରିଛି ।

ମୁଁ ଆଇ.ଏ. ପରୀକ୍ଷା ଦେବା ବେଳକୁ ଅଧ୍ୟକ୍ଷ ଶ୍ୟାମଚନ୍ଦ୍ର ତ୍ରିପାଠୀ ଓଡ଼ିଶାର ଶିକ୍ଷାବିଭାଗ ନିର୍ଦ୍ଦେଶକ ରୂପେ ନିଯୁକ୍ତ ହୋଇ କାର୍ଯ୍ୟଭାର ଗ୍ରହଣ କଲେ ଓ ଅଧ୍ୟାପକ ପ୍ରାଣକୃଷ୍ଣ ପରିଜା ଅଧ୍ୟକ୍ଷ ନିଯୁକ୍ତ ହେଲେ । ମୋ ପ୍ରତିଶ୍ରୁତିମତେ ଆଇ.ଏ. ପରୀକ୍ଷାରେ ପୁଣି ପ୍ରଥମ ଶ୍ରେଣୀରେ ପ୍ରଥମ ହେବାରୁ ତ୍ରିପାଠୀ ସାହେବ କେବଳ ଯେ ମୋତେ ନିଜ ହାତରୁ ଟଙ୍କା ଦେଇ ତୃତୀୟବାର୍ଷିକ ଶ୍ରେଣୀରେ ନାମ ଲେଖାଇଦେଲେ, ସେତିକି ନୁହେଁ, ଛାତ୍ରାବାସରେ ରହିବା ଲାଗି ସୁବନ୍ଦୋବସ୍ତ କରିଦେବା ନିମିତ୍ତ ପରିଜା ସାହେବଙ୍କୁ ଅନୁରୋଧ କଲେ । ମୁଁ ବି.ଏ. ପଢ଼ିବାବେଳେ ଦୁଇବର୍ଷ କାଳ ପଶ୍ଚିମ ଛାତ୍ରାବାସର ଦୁଇନମ୍ବର ଓ୍ୱାର୍ଡରେ ଥିବା ପ୍ରଥମ ଜଣିକିଆ କୋଠରିରେ ରହିଲି । ମୁଁ ଛାତ୍ରାବାସରେ ପ୍ରବେଶ କରିବାର ଅଳ୍ପଦିନ ପରେ କେତେଜଣ ଛାତ୍ର ଷଡ଼ଯନ୍ତ୍ର କରି ମୁଁ ଶ୍ରେଣୀରେ ଥିବା ଅବସ୍ଥାରେ ଦୁଆରରୁ ତାର କାଲି ବାଟେ କନାରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଘର ଭିତରକୁ ପକାଇଦେଲେ । ଫଳରେ ମୋର ସମସ୍ତ ଆବସବାସପତ୍ର ପୋଡ଼ି ପାଉଁଶ ହୋଇଗଲା । ପରେ ଉତ୍କଳ ବିଶ୍ୱବିଦ୍ୟାଳୟର ତୃତୀୟ କୁଳପତି ହୋଇଥିବା ଅଧ୍ୟାପକ ପର୍ଶୁରାମ ମିଶ୍ର ସେତେବେଳେ ଛାତ୍ରାବାସର ତତ୍ତ୍ୱାବଧାରକ ଥିଲେ । ସେ ଥିଲେ ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ । ତାଙ୍କ ବିଭାଗ ପଶ୍ଚିମ ଛାତ୍ରାବାସ ସହିତ ସଂଲଗ୍ନ ଥିଲା । ସେ ସମ୍ବାଦ ପାଇବା ମାତ୍ରକେ ମୋ ପ୍ରକୋଷ୍ଠକୁ ତାଲା ଭାଙ୍ଗି ନିଆଁ ଲିଭାଇ ଦେବାର ବନ୍ଦୋବସ୍ତ କରିଦେବାରୁ ଚୌକି, ଟେବୁଲ ଓ ଖଟ ପୋଡ଼ିଯାଇ ନଥିଲା; କିନ୍ତୁ ମୋ ବହିପତ୍ର ଓ ଲୁଗାପଟା ଆଦି ସବୁ ପୋଡ଼ି ପାଉଁଶ ହୋଇ ଯାଇଥିଲା । ଖେଳଛୁଟିବେଳେ ମୁଁ ଅଧ୍ୟକ୍ଷ ପରିଜାଙ୍କୁ ଏକଥା ଜଣାଇବାକୁ ତାଙ୍କ ଅଫିସକୁ ଗଲି । ଠିଆହୋଇ କାନ୍ଦିଲି । ସେତେବେଳକୁ ସେ ପର୍ଶୁରାମ ବାବୁଙ୍କଠାରୁ ସମ୍ବାଦ ପାଇସାରିଥିଲେ । ସେ ମୋତେ ପ୍ରବୋଧନା ଦେଇ କହିଲେ, "ତୁମେ କାହିଁକି କାନ୍ଦୁଛ ? ତୁମର ଯାହା ପୋଡ଼ିଯାଇଛି ତାଲିକା କରି ହେଡ୍‌କିରାଣିଙ୍କୁ ଦିଅ ।

ସେ ସନ୍ଧ୍ୟାବେଳ ସୁଦ୍ଧା ସବୁ ଜିନିଷ କିଣିଆଣି ତୁମକୁ ଯୋଗାଇ ଦେବେ।" ତାହାହିଁ ହୋଇଥିଲା।

ପରେ ଗୋଟିଏ ତିନିଜଣିଆ ଅନୁସନ୍ଧାନକମିଟି ଗଠିତ ହୋଇ ତିନିମାସ କାଳ ସାକ୍ଷ୍ୟ ପ୍ରମାଣ ନିଆଗଲା। ଏହି କମିଟିରେ ପରିଜା, ଆଇନ ଅଧ୍ୟାପକ ଗିରିଧାରୀ ଧଳ ଓ ଇଂରେଜୀ ଅଧ୍ୟାପକ ପି.ଏସ. ସୁନ୍ଦରମ୍ ସଭ୍ୟ ଥିଲେ। ଚକ୍ରାନ୍ତକାରୀ ଛାତ୍ରମାନଙ୍କ ନାମ ପଦାରେ ପଡ଼ିଲା ଏବଂ ପରବର୍ତ୍ତୀ କାଳରେ ଓଡ଼ିଶା ବିଧାନସଭାର ସଚିବ ଓ ଲୋକସଭାର ଯୁଗ୍ମସଚିବ ରୂପେ ଦାୟିତ୍ୱ ବହନ କରିଥିବା ଚତୁର୍ଥ ବାର୍ଷିକ ଶ୍ରେଣୀର ପ୍ରଫୁଲ୍ଲ କୁମାର ପଟ୍ଟନାୟକଙ୍କୁ କଲେଜ ଓ ଛାତ୍ରାବାସରୁ ବହିଷ୍କାର କରି ଦିଆଯାଇଥିଲା। ଅଧ୍ୟକ୍ଷ ପରିଜା ସାହେବ ଏଭଳି ଦଣ୍ଡବିଧାନ ଯୋଗୁଁ କିପରି ସମାଲୋଚିତ ଓ ଅପମାନିତ ହୋଇଥିଲେ ତାହା ପରେ ବର୍ଣ୍ଣନା କରାଯିବ। ପଶ୍ଚିମ ଛାତ୍ରାବାସରେ ମୋ ରହଣି କାଳ ମଧ୍ୟରେ ମୁଁ କେତେଜଣ ଛାତ୍ରଙ୍କ ବନ୍ଧୁତା ଲାଭ କଲି ଯେଉଁମାନେ କି ଭବିଷ୍ୟତ ଜୀବନରେ ଉଚ୍ଚ ସ୍ଥାନ ପାଇଥିଲେ। ସେମାନଙ୍କ ମଧ୍ୟରେ ସୁରଜମଲ ଶାହା, ଗଣେଶ୍ୱର ମିଶ୍ର, ବନମାଳି ପଟ୍ଟନାୟକ, ବିଭୁଧେନ୍ଦ୍ର ମିଶ୍ର, ବିଧୁଭୂଷଣ ଦାସ, ମହେନ୍ଦ୍ର କୁମାର ରାଉତ, ପ୍ରଫୁଲ୍ଲ କୁମାର ପତି ଆଦିଙ୍କ ନାମ ଉଲ୍ଲେଖଯୋଗ୍ୟ। ଆମ ଓ୍ୱାର୍ଡେନ ଥିଲେ ଡକ୍ଟର ବଳଭଦ୍ର ପ୍ରସାଦ। ସେ କାଳକ୍ରମେ ରେଭେନ୍ସା କଲେଜରେ ଅଧ୍ୟକ୍ଷ ନହୋଇ ସୁଦ୍ଧା ଶିକ୍ଷା ବିଭାଗ ନିର୍ଦ୍ଦେଶ ଓ ଏଲାହାବାଦ ବିଶ୍ୱବିଦ୍ୟାଳୟର କୁଳପତି ନିଯୁକ୍ତ ହୋଇଥିଲେ। ମୁଁ ଛାତ୍ରାବାସରେ ପ୍ରବେଶ କରିବାବେଳେ ତତ୍ତ୍ୱାବଧାରକ ଥିଲେ ପର୍ଶୁରାମ ମିଶ୍ର। ସେ ଥିଲେ ଉଦ୍ଭିଦବିଦ୍ୟା ଅଧ୍ୟାପକ। ଡକ୍ଟରେଟ୍ ଉପାଧି ପାଇବା ଲାଗି ସେ ଇଂଲଣ୍ଡ ଚାଲିଯିବାରୁ ତାଙ୍କ ସ୍ଥାନରେ ପୂର୍ବ ଛାତ୍ରାବାସରେ ମୋର ତତ୍ତ୍ୱାବଧାରକ ଥିବା ଅଧ୍ୟାପକ ଘନଶ୍ୟାମ ଦାସ ପଶ୍ଚିମ ଛାତ୍ରାବାସକୁ ବଦଳି ହୋଇ ଆସିଲେ। ମୁଁ ସ୍ନାତକ ଶ୍ରେଣୀରେ ଅର୍ଥନୀତିରେ ଅନର୍ସ ବା ପ୍ରତିଷ୍ଠା ପାଠ୍ୟ ନେଇଥିଲି। ସେହି ବିଭାଗର ଅନ୍ୟତମ ଅଧ୍ୟାପକ ବିହାରର ଭୈରବନାଥ ରୋହତଗୀ ସହକାରୀ ତତ୍ତ୍ୱାବଧାରକ ଥିଲେ। ସ୍ନାତକ ଶ୍ରେଣୀରେ ମୋର ଇତିହାସ ଥିଲା ଓ ଅଧ୍ୟାପକ ଘନଶ୍ୟାମ ଦାସ ଇତିହାସ ପଢ଼ାଉଥିଲେ। ତେଣୁ ଉଭୟ ତତ୍ତ୍ୱାବଧାରକ ଓ ସହକାରୀ ତତ୍ତ୍ୱାବଧାରକ କଲେଜ ଶ୍ରେଣୀରେ ମଧ୍ୟ ମୋର ଅଧ୍ୟାପକ ଥିଲେ। ଏହା ଥିଲା ଗୋଟିଏ ସୁବର୍ଣ୍ଣ ସୁଯୋଗ।

ଖାଲି ପଶ୍ଚିମ ଛାତ୍ରାବାସ କାହିଁକି ମୋତେ ନାନା କ୍ଷେତ୍ରରେ ଅପମାନ ସହିବାକୁ ପଡୁଥିଲା। ଏହା ପଛରେ ଯେ ବନ୍ଧୁମାନଙ୍କ ଈର୍ଷା ନଥିଲା ତାହା ନୁହେଁ, ଅନେକ ମଧ୍ୟ ଈର୍ଷାପରାୟଣ ଥିଲେ। ଜଣେ ଛାତ୍ର ପକ୍ଷରେ ଉଭୟ ପ୍ରବେଶିକା ପରୀକ୍ଷା ଓ ଆଇ.ଏ, ପରୀକ୍ଷାରେ ପାଟନା ବିଶ୍ୱବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିବା କମ୍ ଗୌରବର ବିଷୟ ନଥିଲା। ଏହି ଗୌରବ ଯୋଗୁଁ ମୋ ସହାଧ୍ୟାୟୀମାନଙ୍କ ମଧ୍ୟରୁ କେତେଜଣ ଯାର। ଜୀବନ ଈର୍ଷାପରାୟଣ ହୋଇ ମୋ ଜୀବନକୁ ଧ୍ୱଂସ କରିବାରେ ଦାୟୀ ହୋଇଥିଲେ। ଏଥିରେ ଜଣେ ଦୁଇଜଣ ଅଧ୍ୟାପକ ବି ସେମାନଙ୍କୁ କମ୍ ସାହାଯ୍ୟ କରି ନାହାନ୍ତି।

ମୋ କଲେଜ ଜୀବନ କାଳରେ କେତେଗୁଡ଼ିଏ ଉଲ୍ଲେଖନୀୟ ଘଟଣା ଘଟିଥିଲା। ଆଗରୁ ୧୯୩୮ରେ ଆଇନ ଅଧ୍ୟାପକ ଜିତେନ୍ଦ୍ର ନାଥ ବାନାର୍ଜୀଙ୍କ ବାସଗୃହ ସମ୍ପର୍କରେ ଧର୍ମଘଟ ହୋଇଥିଲା। ସ୍ନାତକ ଜୀବନରେ ପଶ୍ଚିମ ଛାତ୍ରାବାସରେ ଦୁଇଟି ଉଲ୍ଲେଖନୀୟ ଘଟଣା ଓ କଲେଜ ପରିସରରେ ସର୍ବାପେକ୍ଷା ଗୁରୁତ୍ୱପୂର୍ଣ୍ଣ ଘଟଣା ଘଟିଥିଲା। ଛାତ୍ରମାନେ ସକାଳୁ ଡ୍ରିଲ୍ କରିବାକୁ ଯାଉଥିଲେ ଓ ସେଠାରୁ ଆସି ତତ୍ତ୍ୱାବଧାରକଙ୍କ ଦ୍ୱାରା ପରିଚାଳିତ ପ୍ରାର୍ଥନାରେ ଯୋଗ ଦେଉଥିଲେ। ଶୀତଦିନେ ଏହି ବ୍ୟବସ୍ଥା ଅତ୍ୟନ୍ତ କଷ୍ଟଦାୟକ ଥିଲା। ଘନଶ୍ୟାମ ବାବୁ ପ୍ରାର୍ଥନା ସଭାରେ ଉପସ୍ଥାନ ପକାଉଥିଲେ। ସେ ଜଣେ ମିଷ୍ଟଭାଷୀ ଓ ଛାତ୍ରବତ୍ସଳ ଅଧ୍ୟାପକ ଥିଲେ ହେଁ କଡ଼ାକଡ଼ି ଭାବରେ ପ୍ରାର୍ଥନା ସଭାରେ ଉପସ୍ଥିତିକୁ ବିଚାର କରୁଥିଲେ। ରାତିରେ ସହତତ୍ତ୍ୱାବଧାରକ ଅଧ୍ୟାପକ ରୋହାତଗୀ ଅବଶ୍ୟ ସାମାନ୍ୟ କୋହଳ ଥିଲେ। ଓ୍ୱାର୍ଡେନ ଡକ୍ଟର ପ୍ରସାଦ ବିଶେଷ ନିରପେକ୍ଷ ନଥିଲେ। ଯେଉଁ କେତେଜଣ ଛାତ୍ରଙ୍କୁ ସେ ଭଲ ପାଉଥିଲେ ସେମାନଙ୍କ ବ୍ୟତୀତ ଅନ୍ୟମାନଙ୍କ ପ୍ରତି ସେ ଅତ୍ୟନ୍ତ କଡ଼ା ଥିଲେ। ମୁଁ ଟିକିଏ ସକାଳୁ ଡେରିରେ ଉଠେ; କାରଣ ରାତିରେ ବହୁ ସମୟ ପର୍ଯ୍ୟନ୍ତ ନିର୍ଜନ ସ୍ଥିତିରେ ପଢ଼ିବା ମୋର ଅଭ୍ୟାସ ଥିଲା। ସକାଳ ଆଠଟାବେଳେ ଡକ୍ଟର ପ୍ରସାଦ ଛାତ୍ରାବାସରେ ବୁଲିଯିବାବେଳେ ମୋ କବାଟ ବାଡ଼େଇ ମୋତେ ଉଠାଉଥିଲେ ଓ ବହୁବାର କୈଫିୟତ ତଲବ କରିଥିଲେ। ତଥାପି ମୁଁ କୌଣସି ବିଷୟରେ କ୍ଷୁବ୍ଧ ନଥିଲି; କିନ୍ତୁ ଏ ଡ୍ରିଲ ଶ୍ରେଣୀ ଅନେକଙ୍କ ପକ୍ଷରେ ଅସୁବିଧାଜନକ ଥିଲା। ଡ୍ରିଲ ଶ୍ରେଣୀକୁ ଉଠାଇଦେବା ଲାଗି ଛାତ୍ରାବାସରେ ଧର୍ମଘଟ ହେଲା। କେହି ସେଠାକୁ ଗଲେନାହିଁ। ଡ୍ରିଲ ଶିକ୍ଷକ ସୀତାନାଥ ଚୌଧୁରୀ କାହାରିକୁ ଡ୍ରିଲ ଶ୍ରେଣୀରୁ ଛାଡ଼ିଦେବା ଲାଗି ରାଜି ନଥିଲେ। ଏହି ଧର୍ମଘଟରେ ସମସ୍ତେ ଯୋଗଦେଲେ। କେବଳ ରାମକୃଷ୍ଣ ପାଢ଼ୀ ଯୋଗ ଦେଲେ ନାହିଁ।

ସେତିକି ନୁହେଁ, ପାରଳାଖେମୁଣ୍ଡିର ଲୋକ ହିସାବରେ ଇଂରେଜୀରେ କହି ପକାଇଲେ, "I do not subscribe to the barbarous ideas of the Oriyas of this place." ଏହି

ରାମକୃଷ୍ଣ ପାଢ଼ୀ ପୁଲିସ୍ ବିଭାଗର ମହାନିର୍ଦ୍ଦେଶକ ଥିବାବେଳେ ପ୍ରର୍ଗାରୋହଣ କରିଥିଲେ। ତାଙ୍କର ଏହି ବାକ୍ୟ ଯୋଗୁଁ ନୂଆ ହୋଇ ଓଡ଼ିଶାରେ ମିଶିଥିବା ଓ ଦକ୍ଷିଣ ଓଡ଼ିଶା ନାମରେ ଅଭିହିତ ହୋଇଥିବା ଗଞ୍ଜାମ ଓ କୋରାପୁଟ ଜିଲ୍ଲା ବିରୋଧରେ ଏକ ପ୍ରକାର ବାୟୁମଣ୍ଡଳ ସୃଷ୍ଟି ହେଲା। ଦୁର୍ଭାଗ୍ୟକୁ ସେତେବେଳେ ଗଞ୍ଜାମର ବିଶ୍ୱନାଥ ଦାସ ପ୍ରଧାନମନ୍ତ୍ରୀ ଓ କୋରାପୁଟର ରାଧାକୃଷ୍ଣ ବିଶ୍ୱାସରାୟ ସଂସଦୀୟ ସଚିବ ଥିଲେ।

ଉପକୂଳ ଜିଲ୍ଲାମାନଙ୍କର ବୀର ଯୁବକ ଏ ଅପମାନ ସହନ୍ତେ କିପରି ! ରାମକୃଷ୍ଣ ପଶ୍ଚିମ ଛାତ୍ରାବାସର ଯୁଗ୍ମ ସମ୍ପାଦକ ରୂପେ ନିର୍ବାଚିତ ହୋଇଥିଲେ। ଏହି ଉକ୍ତି ଯୋଗୁଁ ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ଲାଗି ପଶ୍ଚିମ ଛାତ୍ରାବାସର ବୀର ପୁଙ୍ଗବମାନେ ଦସ୍ତଖତ କରି ଅଧ୍ୟକ୍ଷ ପରିଜାଙ୍କୁ ଦରଖାସ୍ତ ଦେଲେ। ପାଢ଼ୀ ଥିଲେ ଜଣେ କୃତୀ ଛାତ୍ର। ସେ ମଧ୍ୟ ସଦ୍‌ଗୁଣସମ୍ପନ୍ନ ଥିଲେ। ତେଣୁ ଅଧ୍ୟକ୍ଷ ଏହି ପ୍ରସ୍ତାବରେ ରାଜି ହେଲେ ନାହିଁ କିମ୍ବା ଏଥିପାଇଁ ଛାତ୍ରାବାସ ସଂସଦର ଅସାଧାରଣ ଅଧିବେଶନ ଡାକିବା ଲାଗି ଅନୁମତି ଦେଲେ ନାହିଁ।

ପୁଣି ଧର୍ମଘଟ ଆରମ୍ଭ ହେଲା ଏବଂ ଏହା ପୂର୍ବ ଛାତ୍ରାବାସ ଓ କଲେଜ ସ୍ତରକୁ ସଂକ୍ରମିତ ହେଲା। ସେତେବେଳେ ବିଦ୍ୟାଧ୍ୟାୟୀ ଛାତ୍ରସଂଘର ସଭାପତି ଥିଲେ ବୀରେନ୍ଦ୍ର ମୋହନ ପଟ୍ଟନାୟକ (ପରବର୍ତ୍ତୀ ମହାଧିବକ୍ତା) ଓ ସମ୍ପାଦକ ଥିଲେ ବିଧୁଭୂଷଣ ଦାସ (ପରବର୍ତ୍ତୀ ଉଚ୍ଚଶିକ୍ଷା ନିର୍ଦ୍ଦେଶକ)। ସେମାନେ ବି ଏହି ଧର୍ମଘଟରେ ସାମିଲ ହୋଇଗଲେ। ପ୍ରଧାନମନ୍ତ୍ରୀ ବିଶ୍ୱନାଥ ଦାସ, ଶିକ୍ଷାମନ୍ତ୍ରୀ ବୋଧିରାମ ଦୁବେ ଏବଂ ସଂସଦୀୟ ସଚିବ ଯଦୁମଣି ମଙ୍ଗରାଜ ଓ ରାଜକୃଷ୍ଣ ବୋଷ ମଧ୍ୟସ୍ଥତା କରି ଧର୍ମଘଟ ତୁଟାଇ ଦେଲେ।. ରାମକୃଷ୍ଣ ପାଢ଼ୀ ବାଧ୍ୟହୋଇ ଉକ୍ତ ଯୁଗ୍ମ ସାଧାରଣ ସମ୍ପାଦକ ପଦରୁ ଇସ୍ତଫା ଦେଇଦେଲେ। ସେତିକିବେଳେ ଏହି ଧର୍ମଘଟକୁ ତେଜେଇବା ଲାଗି ହରେକୃଷ୍ଣ ମହତାବଙ୍କ ନେତୃତ୍ୱରେ କେତେଜଣ କଂଗ୍ରେସ ନେତା ଛାତ୍ରମାନଙ୍କୁ ଉତ୍ତେଜିତ କରିଥିଲେ। କାରଣ ମୋ ଘରପୋଡ଼ି ସଂକ୍ରାନ୍ତରେ ସେମାନଙ୍କର କେତେଜଣ ପ୍ରିୟ ଛାତ୍ରଙ୍କ ବିରୋଧରେ ଅଧ୍ୟକ୍ଷ ଶୃଙ୍ଖଳାଗତ ଶାସ୍ତି ବିଧାନ କରିଥିଲେ। ଅଧ୍ୟକ୍ଷ ପରିଜା ମନ୍ତ୍ରୀମାନଙ୍କ ହସ୍ତକ୍ଷେପ ଯୋଗୁଁ କହି ପକାଇଥିଲେ, "ମୁଁ ମୋ ଇସ୍ତଫାପତ୍ରକୁ ପକେଟରେ ପୂରାଇ ଚାଲିଛି। ମୋତେ କୌଣସି କଥାରେ ସରକାର ବାଧ୍ୟ କଲେ ମୁଁ ଇସ୍ତଫା ଦେବାକୁ ପଶ୍ଚାଦ୍‌ପଦ ହେବି ନାହିଁ।" ଏଥିରେ ପ୍ରଧାନମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀ ଦବିଗଲେ କିନ୍ତୁ ଧର୍ମଘଟକୁ ତେଜୋଉ ଥିବା ନେତାମାନେ କହି ବୁଲିଲେ, "ପରିଜା ସାହେବ ଇସ୍ତଫା ଦେଲେ କାହାରି କିଛି କ୍ଷତି ହେବ ନାହିଁ। ତାଙ୍କ ଇସ୍ତଫା ଗ୍ରହଣ କରି ନିଆଯାଉ।" ଏଭଳି ଏକ ପଦକ୍ଷେପ ଲାଗି ସରକାର ପ୍ରସ୍ତୁତ ନଥିଲେ।

ସର୍ବେଶ୍ୱର ଦାସ

୧୯୪୦ ମସିହା ଜୁଲାଇ ମାସ ଆରମ୍ଭ ହେଲା ମୋର କଲେଜ ଜୀବନ। ପୁରୀ ଛାଡ଼ି, ନନା, ବୋଉ, ଭାଇନା, ଭାଉଜ, ମୋର ଟିକି ଟିକି ପୁତୁରା ଝିଆରୀଙ୍କୁ ଛାଡ଼ି, ବୁଢ଼ୀ ମାଈଁ ଆଈ ପ୍ରଭୃତି ସମସ୍ତଙ୍କୁ ଛାଡ଼ି କଟକ ବାହାରିଲା ବେଳକୁ ଦୁଃଖ ଲାଗିଲା। ନନା ବୋଉ ମୋତେ ବିଦାୟ ଦେଲାବେଳକୁ ବିଷଣ୍ଣ ହୋଇ ପଡ଼ିଥିଲେ ମଧ୍ୟ ମୋର ଉଜ୍ଜ୍ୱଳ ଭବିଷ୍ୟତର ସ୍ୱପ୍ନ ଦେଖି ମନକୁ ସାନ୍ତ୍ୱନା ଦେଇଥିଲେ। ମୁଁ ମଧ୍ୟ ମୋର ବିଦାୟକାଳୀନ ଦୁଃଖ ଭିତରେ ଭବିଷ୍ୟତ କଲେଜ ଜୀବନର ସ୍ୱପ୍ନ ଦେଖୁଥିଲି।

ସେତେବେଳେ ରେଭେନ୍ସା କଲେଜରେ କେବଳ ଦୁଇଟି ଛାତ୍ରାବାସ ଥିଲା। ଇଷ୍ଟ୍ ହଷ୍ଟେଲ୍ ଓ ୱେଷ୍ଟ୍ ହଷ୍ଟେଲ୍। ୱେଷ୍ଟ୍ ହଷ୍ଟେଲ୍ ବା ପଶ୍ଚିମ ଛାତ୍ରାବାସରେ ରହିଥାନ୍ତି ମୁଖ୍ୟତଃ ଉପକୂଳ ଜିଲ୍ଲା- କଟକ, ପୁରୀ, ବାଲେଶ୍ୱରରୁ ଆଗତ ଛାତ୍ରମାନେ। ଆଉ ଇଷ୍ଟ୍ ହଷ୍ଟେଲ୍ ବା ପୂର୍ବ ଛାତ୍ରାବାସରେ ରହୁଥାନ୍ତି ଓଡ଼ିଶାର ମୁଖ୍ୟତଃ ପଶ୍ଚିମାଞ୍ଚଳର- ସମ୍ବଲପୁର, ବଲାଙ୍ଗୀର, କଳାହାଣ୍ଡି ପ୍ରଭୃତିର, ଗଡ଼ଜାତ ଅଞ୍ଚଳ ଓ ଉତ୍ତର ଉପାନ୍ତ ଅଞ୍ଚଳ ସିଂହଭୂମୀ ଜିଲ୍ଲା, ଷଢ଼େଇକଳା ଓ ଖରସୁଆଁରୁ ଆଗତ ଛାତ୍ରମାନେ। ମୁଁ ଏହି ପରମ୍ପରା ଭାଙ୍ଗି ସ୍ଥିର କଲି ପୂର୍ବ ଛାତ୍ରାବାସରେ ରହିବାକୁ। ଆଉ ମଧ୍ୟ ଶୁଣିଥାଏ ଆପାତତଃ ଅନଗ୍ରସର ଅଞ୍ଚଳର ଛାତ୍ରମାନଙ୍କ ଦ୍ୱାରା ଅଧ୍ୟୁଷିତ ପୂର୍ବ ଛାତ୍ରାବାସର ବାତାବରଣ ପଶ୍ଚିମ ଛାତ୍ରାବାସର ବାତାବରଣଠାରୁ ଅପେକ୍ଷାକୃତ ଶାନ୍ତ ଥାଏ, ନିଶ୍ଚିନ୍ତରେ ପାଠାଭ୍ୟାସ କରିବା ପାଇଁ ଅନୁକୂଳ ଥାଏ। ରହିଲି ଭାଇନାମାନଙ୍କଠାରୁ ଅଲଗା ହୋଇ ପୂର୍ବ ଛାତ୍ରାବାସରେ। ସେଠି ପ୍ରଥମେ ପୁରୁଣା ସାଙ୍ଗମାନଙ୍କ ମଧ୍ୟରୁ ଥାଏ କେବଳ କୃଷ୍ଣ, ପରେ ଆସିଲେ ମୃତ୍ୟୁଞ୍ଜୟ - ସେହି ପୁରୀ ଜିଲ୍ଲା ସ୍କୁଲର ସହପାଠୀ। ଗଦାଧର, ନାରଣ, ହରିହର ରହିଲେ ପଶ୍ଚିମ ଛାତ୍ରାବାସରେ, ଯାମିନୀ ମଧ୍ୟ ରହିଲେ ସେଇଠି। ସମସ୍ତେ ନେଲେ ବିଜ୍ଞାନ, I.Sc. ର (ବର୍ତ୍ତମାନ Higher Secondary Science) ପ୍ରଥମ ବାର୍ଷିକ ଶ୍ରେଣୀରେ ଯୋଗ ଦେଲେ। ସେଇ ହଷ୍ଟେଲ୍‌ରେ ରହିଲେ ଜିଲ୍ଲାବୃତ୍ତି ପ୍ରାପ୍ତ ଗଂଗାଧର ରଥ। ଭୂତପୂର୍ବ ଆଡ୍‌ଭୋକେଟ୍-ଜେନେରାଲ) ଓ ସୂର୍ଯ୍ୟକାନ୍ତ ଦାସ (ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ବାଣିଜ୍ୟ ପ୍ରଫେସର)। ସୂର୍ଯ୍ୟକାନ୍ତ କଳାହାଣ୍ଡିରୁ ବୃତ୍ତି ପାଇ ଆସିଥା'ନ୍ତି। ସେ I.A. (ଏବର Higher Secondary) ପ୍ରଥମ ବାର୍ଷିକ ଶ୍ରେଣୀରେ ଯୋଗ ଦେଲେ। ମୋର ପୁରୀ ସହପାଠୀ ଗୋବିନ୍ଦ ଜିଲ୍ଲାବୃତ୍ତି ଦଶ ଟଙ୍କା ଟ.୧୦ ପାଇଲେ ମଧ୍ୟ ଅଭାବ ହେତୁ ବାହାରେ ଗୋଟିଏ ମେସ୍‌ରେ ରହିଲେ, ଟିଉସନ୍ କରି ନିଜର ବ୍ୟୟ ନିର୍ବାହ କଲେ। ସମ୍ବଲପୁରରୁ ଜିଲ୍ଲା ବୃତ୍ତି ପାଇଁ ଆସିଥିବା ନିତ୍ୟାନନ୍ଦ ଦର୍ଜି (ଅବସରପ୍ରାପ୍ତ ଦର୍ଶନ ଅଧ୍ୟାପକ, ଖ୍ରାଏଷ୍ଟ କଲେଜ) ବାହାରେ ବସା ନେଇ ନିଜର ମାତାଙ୍କ ସହିତ ରହିଲେ। ସେ ମଧ୍ୟ ଟିଉସନ୍ କରୁଥା'ନ୍ତି। ବାଲେଶ୍ୱରରୁ ବୃତ୍ତି ପାଇ ଆସିଥିବା ଶେଖ୍ ଅବଦୁଲ୍ ମନାନ୍ ରହିଲେ ପଶ୍ଚିମ ଛାତ୍ରାବାସରେ। ସେତେବେଳେ ସେହି ହଷ୍ଟେଲ୍‌ର ତିନୋଟି ବଖରା ମୁସଲମାନ ଛାତ୍ରମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ଥାଏ। ସେମାନେ ବାହାରେ ସେମାନଙ୍କର ଖାଦ୍ୟପେୟାଦିର ବ୍ୟବସ୍ଥା କରିଥା'ନ୍ତି।

ମୋର ସାହିତ୍ୟ, ସଂସ୍କୃତ, ଦର୍ଶନ ପ୍ରଭୃତି ପ୍ରତି ବିଶେଷ ଆଗ୍ରହ ଥିବାରୁ ମୁଁ କଳା ବିଭାଗରେ (I.A.ରେ) ଯୋଗ ଦେଲି। ଇଂରାଜୀ ଓ ଓଡ଼ିଆ ଉଭୟ I.Sc. ଓ I.A. ପାଇଁ ବାଧ୍ୟତାମୂଳକ ଥାଏ। ବାକି ତିନୋଟି ଇଚ୍ଛାଧୀନ ବିଷୟ ଥାଏ। ପୂର୍ବରୁ ଯେଉଁମାନେ ଓଡ଼ିଶାରେ I.A. ରେ ପ୍ରଥମ ହୋଇଥିଲେ ସେମାନେ M.L.S. ବା Mathematics, Logic, Sanskrit ନେଇଥିବାରୁ ଅଧିକ ନମ୍ବର ପାଇଥିଲେ ବୋଲି ଶୁଣି ମୁଁ ମଧ୍ୟ ସେହି ବିଷୟଗୁଡ଼ିକ ଇଚ୍ଛାଧୀନ ବିଷୟ ରୂପେ ନେଲି। ମୋର ପୁରୁଣା ବନ୍ଧୁ ପ୍ରହ୍ଲାଦ ମଧ୍ୟ ତାହାହିଁ ନେଇଥିଲେ। ପୂର୍ବ ଛାତ୍ରାବାସରେ ଆଇ.ଏ. (Intermediate in Arts)ରେ ନାମ ଲେଖାଇଥିବା ଆଉ ଦୁଇଜଣ କୃତୀଛାତ୍ର ଥିଲେ - ସାଧୁଚରଣ ଦାସ (ପରେ ଉତ୍କଳ ବିଶ୍ୱବିଦ୍ୟାଳୟର ଗଣିତ ବିଭାଗର ପ୍ରଫେସର ହୋଇଥିଲେ, ବହୁବର୍ଷ ହେଲା ପରପାରିକୁ ଗଲେଣି) ଓ ରଘୁନାଥ

ନାୟକ (ସ୍ୱାଧୀନତା ସଂଗ୍ରାମୀ ଅଧ୍ୟାପକ)। I.Sc. ନେଇଥିଲେ ଅନୁଗୁଳର ଶ୍ରୀନିବାସ ମିଶ୍ର (ଡ: ଶ୍ରୀନିବାସ ମିଶ୍ର, ପରେ କେନ୍ଦ୍ରର ଦେଶରକ୍ଷା ବିଭାଗର ବୈଜ୍ଞାନିକ ଗବେଷଣା ସଂସ୍ଥାରେ ଉଚ୍ଚ ପଦବୀରେ ଅଧିଷ୍ଠିତ ହେଲେ। ସେ ମଧ୍ୟ ଆଉ ଇହଧାମରେ ନାହାନ୍ତି), ଶିଶିର କୁମାର ଗୁପ୍ତ (ପରେ ପ୍ରାଧ୍ୟାପକ, ଦର୍ଶନଶାସ୍ତ୍ରୀ) ମଧ୍ୟ I.A. ରେ ନାମ ଲେଖାଇ ପୂର୍ବ ଛାତ୍ରାବାସରେ ରହିଲେ। ଆଗରୁ ରେଭେନ୍‌ସା କଲେଜକୁ ଟିକିଏ ଦୂରରୁ ଦେଖିଥିଲି। ନନା ବୋଉଙ୍କ ସହିତ ଷ୍ଟେସନରୁ ଘୋଡ଼ାଗାଡ଼ିରେ ସାହେବଜାଦା ବଜାରରୁ ଘରକୁ ଗଲାବେଳେ। ଥରେ କେବେ ପଶ୍ଚିମ ଛାତ୍ରାବାସର ସୁପରିଣ୍ଟେଣ୍ଡେଣ୍ଟ୍ ଅଧ୍ୟାପକ ନାରାୟଣ ମିଶ୍ରଙ୍କ ଘରକୁ ଆସିଥିଲି, ଆହୁରି ପିଲା ହୋଇଥିବାବେଳେ। ସେ କଥା ଆଗରୁ ଲେଖିଛି।

ଏବେ ରେଭେନ୍‌ସା କଲେଜରେ ନାମ ଲେଖାଇବା ପରେ ପ୍ରଥମ କେତେଦିନ ତ କଲେଜକୁ ତନ୍ନ ତନ୍ନ କରି ଦେଖିବାରେ ଗଲା। ମତେ କେବଳ ରେଭେନ୍‌ସା କଲେଜର ସୁପରିକଳ୍ପିତ ବିରାଟ ଅଟ୍ଟାଳିକା, ହଷ୍ଟେଲ୍ ଦ୍ୱୟ ଓ କନିକା ଲାଇବ୍ରେରୀ ଚମତ୍କୃତ କଲା ନାହିଁ, ଦୁଇ ହଷ୍ଟେଲ୍‌ର ଓ ବିଭିନ୍ନ ବିଭାଗର ଉଦ୍ୟାନ ଓ କଲେଜ Quadrangle, ଉତ୍ତର ଦକ୍ଷିଣର Arts Block ଓ Science Block ଓ ପୂର୍ବ ପଶ୍ଚିମସ୍ଥ ଦୁଇ ଛାତ୍ରାବାସ ମଧ୍ୟସ୍ଥ ଚତୁଷ୍କୋଣ ସବୁଜ ତୃଣଭୂମି ଚମତ୍କୃତ କଲା। ତାରି ମଝିରେ ଲମ୍ବିଥାଏ Arts Block ରୁ କନିକା ଲାଇବ୍ରେରୀ ପର୍ଯ୍ୟନ୍ତ ଏକ ନାତିପ୍ରଶସ୍ତ ପକ୍କା ରାସ୍ତା - ଦୁଇ ପାଖରେ ଦୋହଲୁଥାନ୍ତି ଫୁଲଗଛଗୁଡ଼ିଏ - ଭରା ହୋଇଥାଏ ଫୁଲ - ଦୁଇ ହଷ୍ଟେଲ୍‌ରୁ ଦୁଇଟି ଅନୁରୂପ ରାସ୍ତା ଆସି ଭେଟିଥାନ୍ତି ପୂର୍ବୋକ୍ତ ରାସ୍ତାକୁ ମଝିରେ। ଛକରେ ଥାଏ ଗୋଟିଏ ଗୋଲେଇ ସ୍ତମ୍ଭ ଉପରେ ସୂର୍ଯ୍ୟ ଘଡ଼ିଟିଏ। ଶୁଣିଛି ତାହା ତିଆରି କରାଇଥିଲେ ପ୍ରସିଦ୍ଧ ଉଦ୍ଭିଦ ବିଜ୍ଞାନ ପ୍ରଫେସର ଯୋଗେଶ ଚନ୍ଦ୍ର ରାୟ ବିଦ୍ୟାନିଧି ଯେ ପଠାଣି ସାମନ୍ତଙ୍କୁ ଲୋକଦୃଷ୍ଟିକୁ ଆଣିଥିଲେ, ତାଙ୍କର ପ୍ରତିଭା ବିଶ୍ୱକୁ ଜ୍ଞାପନ କରିଥିଲେ।

ହଷ୍ଟେଲ୍ ବଗିଚ଼ା, ଶୁଣିଛି, ଆରମ୍ଭ କରିଥିଲେ ତ୍ରିପାଠୀ ସାହେବ। (ଶ୍ୟାମଚନ୍ଦ୍ର ତ୍ରିପାଠୀ, ଆଇ.ଇ.ଏସ୍. (Indian Educational Service) ରେଭେନ୍‌ସା କଲେଜର ଭୂତପୂର୍ବ ପ୍ରିନ୍‌ସିପାଲ୍, ଓଡ଼ିଶାର ଶିକ୍ଷା ବିଭାଗର ପ୍ରଥମ ଓଡ଼ିଆ ଡିରେକ୍‌ଟର। ସେ ଓ ଡ: ପ୍ରାଣକୃଷ୍ଣ ପରିଜା I.E.S.କୁ ଉନ୍ନୀତ ହେବାରୁ ସେବେ ତ୍ରିପାଠୀ ସାହେବ, ପରିଜା ସାହେବ ବୋଲି ସେମାନଙ୍କୁ ଅଭିହିତ କରାଯାଉଥିଲା।) ତାଙ୍କରି ଦ୍ୱାରା ଉଦ୍‌ବୁଦ୍ଧ ହୋଇ ତାଙ୍କରି ନେତୃତ୍ୱରେ ମହାନଦୀ ପଠାରୁ ପଟୁମାଟି ବୋହି ଆଣି ଛାତ୍ରମାନେ ହଷ୍ଟେଲ୍‌ମାନଙ୍କର ଚତୁଃଷ୍କୋଣୀ ପଡ଼ିଆଗୁଡ଼ିକୁ ଉଦ୍ୟାନ ପାଇଁ ଉପଯୋଗୀ କରିଥିଲେ। କଲେଜ Quadrangle ର ତୃଣଭୂମି ମଧ୍ୟ ସେହିପରି ପ୍ରସ୍ତୁତ କରାହୋଇଥିଲା ବୋଲି ଶୁଣିଛି।

ମୁଁ କଲେଜରେ ଯୋଗ ଦେବା ବେଳକୁ ପରିଜା ସାହେବ ଥିଲେ ପ୍ରିନ୍‌ସିପାଲ୍। ସେ ତ ଉଦ୍ଭିଦ ବିଜ୍ଞାନୀ ରୂପେ ଭାରତପ୍ରସିଦ୍ଧ ଥିଲେ। ଅଧ୍ୟକ୍ଷ ରୂପେ ତାଙ୍କର ସମସ୍ତ କାର୍ଯ୍ୟବ୍ୟସ୍ତତା ସତ୍ତ୍ୱେ ସେ କଲେଜ quadrangle, ବିଭିନ୍ନ ବିଭାଗର ବଗିଚ଼ା, ବିଶେଷତଃ ଉଦ୍ଭିଦ ବିଭାଗର ବଗିଚ଼ାର ବ୍ୟକ୍ତିଗତ ଭାବରେ ତତ୍ତ୍ୱ ନେଉଥିଲେ। କଲେଜ quadrangle ର ଘାସ ପଡ଼ିଆ ଉପରେ କେହି ଛାତ୍ର ଚାଲିଲେ ଦଣ୍ଡ ପାଉଥିଲା। ତହିଁର ରାସ୍ତାଗୁଡ଼ିକର ଦୁଇ ପାଖରେ ଜାତିଆ ଜାତିଆ ଫୁଲଗଛ ଲଗା ହୋଇଥିଲା। ସେଥିରୁ ଫୁଲ ଛିଣ୍ଡାଇବା ମଧ୍ୟ ଏକାବେଳକେ ମନା ଥିଲା। ତାଙ୍କର ସରକାରୀ ଘରରୁ ଆର୍ଟସ ବ୍ଲକ୍‌ର ଦ୍ୱିତୀୟ ମହଲାରେ ଥିବା ଅଫିସ୍ ଗୃହକୁ (ସେହି ଅଫିସ୍ ଗୃହ ପାଖକୁ ତଳ ମହଲାରୁ ଗୋଟିଏ ଲୁହା ଶିଢ଼ି ଘୂରି ଘୂରି ଯାଇଥାଏ- ତାହା ଆଉ ନାହିଁ) ଆସିଲାବେଳେ ସେ quadrangle ଓ ବିଭାଗୀୟ ବଗିଚ଼ାଗୁଡ଼ିକ ପ୍ରତି ସସ୍ନେହ ଦୃଷ୍ଟି ପକାଇ ପକାଇ ଆସନ୍ତି ଏବଂ ଆବଶ୍ୟକସ୍ଥଳେ ମାଳୀମାନଙ୍କୁ ଯଥାଯଥ ନିର୍ଦ୍ଦେଶ ଦିଅନ୍ତି।

ହଷ୍ଟେଲ୍‌ରେ ପ୍ରଥମେ ଗୋଟିଏ ଚାରିଜଣିଆ କୋଠରିରେ (୨୦ ନମ୍ବର) ରହିଲି। ସାଙ୍ଗରେ ଥାଆନ୍ତି କୃଷ୍ଣ, ମୃତ୍ୟୁଞ୍ଜୟ ଓ ତୃତୀୟ ବାର୍ଷିକ ଶ୍ରେଣୀର ବନମାଳୀ ତ୍ରିପାଠୀ, ଭୂତପୂର୍ବ ହେଡ୍‌ମାଷ୍ଟର ଜଗନ୍ନାଥ ତ୍ରିପାଠୀଙ୍କ ପୁତୁରା। ହଷ୍ଟେଲ୍‌ରେ କେତେଗୁଡ଼ିଏ ଜଣିକିଆ କୋଠରି ଥାଏ। ସେଥିରେ ପ୍ରଥମ ବାର୍ଷିକ ଶ୍ରେଣୀ ଓ ତୃତୀୟ ବାର୍ଷିକ ଶ୍ରେଣୀର ଯେଉଁ ଛାତ୍ରମାନେ ବାର୍ଷିକ ପରୀକ୍ଷାରେ ଭଲ କରନ୍ତି ସେମାନଙ୍କୁ ସ୍ଥାନ ଦିଆଯାଏ। ସେତେବେଳେ ସରକାରୀ ଆଇନ କଲେଜର ଛାତ୍ର ଓ ସ୍ନାତକୋତ୍ତର ଛାତ୍ରମାନଙ୍କ ପାଇଁ ଅଲଗା ହଷ୍ଟେଲ୍ ନ ଥାଏ। ତେଣୁ ସେମାନଙ୍କ ମଧ୍ୟରୁ ନିର୍ବାଚିତ କେତେ ଜଣଙ୍କୁ ଦୁଇ ହଷ୍ଟେଲ୍‌ରେ ଜଣିକିଆ କୋଠରିମାନଙ୍କରୁ କେତୋଟିରେ ସ୍ଥାନ ଦିଆଯାଏ। ପଶ୍ଚିମ ଛାତ୍ରାବାସରେ ପୁରୀର ସ୍ୱର୍ଗତ ବିଶିଷ୍ଟ ଓକିଲ ଉମାକାନ୍ତ ମିଶ୍ର ଓ ମୋର ମହିଭାଇନା ଥା'ନ୍ତି। ମୋର ଯେତେଦୂର ମନେ ହେଉଛି, ପରବର୍ତ୍ତୀ କାଳର ବିଖ୍ୟାତ ଓକିଲ ଓ ଆଡ୍‌ଭୋକେଟ୍ ଜେନେରାଲ୍ ବୀରେନ୍ ପଟ୍ଟନାୟକ ସେହି ହଷ୍ଟେଲ୍‌ରେ ଥିଲେ। ସେ ଇଂରାଜୀ ସ୍ନାତକ ଶ୍ରେଣୀରେ ଛାତ୍ର ଥିଲେ। ଆଉ ଜଣେ ଇଂରାଜୀ ସ୍ନାତକ ଶ୍ରେଣୀର ଛାତ୍ର କୈଳାସ ଚନ୍ଦ୍ର ମହାନ୍ତି (ପରେ ବୋଧହୁଏ ପ୍ରଶାସନିକ ସେବାରେ ଯୋଗ ଦେଲେ) ଥା'ନ୍ତି ପଶ୍ଚିମ ଛାତ୍ରାବାସରେ। ସେ ଭଲ ଚିତ୍ର ଆଙ୍କୁଥିଲେ ଓ ଇଂରାଜୀରେ କବିତା ଲେଖୁଥିଲେ। ଆମ ପୂର୍ବ ଛାତ୍ରାବାସରେ ଥାଆନ୍ତି ସମ୍ବଲପୁରର ପରବର୍ତ୍ତୀ କାଳର ପ୍ରସିଦ୍ଧ ଓକିଲ ଓ କିଛି ବର୍ଷ ଓଡ଼ିଶା ବ୍ୟବସ୍ଥାପକ ସଭାର ସଭ୍ୟ ଥିବା ବନମାଳୀ ବାବୁ। ସେ ଥିଲେ ଆମ ଛାତ୍ରାବାସର ମୁଖ୍ୟ ପ୍ରିଫେକ୍ଟ (Prefect)। ଛାତ୍ରାବାସର ଚାରୋଟି ଓ୍ୱାର୍ଡ ପାଇଁ ଚାରିଜଣ ଦାୟିତ୍ୱପୂର୍ଣ୍ଣ ଛାତ୍ରଙ୍କୁ ପ୍ରିଫେକ୍ଟ ରୂପେ କର୍ତ୍ତୃପକ୍ଷଙ୍କ ଦ୍ୱାରା ମନୋନୀତ

କରାଯାଇଥାଏ। ସେମାନେ ଅନ୍ତେବାସୀଙ୍କ ମଧ୍ୟରେ ସାଧାରଣ ଶୃଙ୍ଖଳା ରକ୍ଷା କରିବାରେ କର୍ତ୍ତୃପକ୍ଷଙ୍କୁ ସାହାଯ୍ୟ କରିଥାଆନ୍ତି। ନିଜ ନିଜ ଓ୍ୱାର୍ଡର ଛାତ୍ରମାନଙ୍କର ପଢ଼ାପଢ଼ି ଆଚରଣ ଉପରେ ଦୃଷ୍ଟି ରଖିଥାନ୍ତି। ବନମାଳୀ ବାବୁଙ୍କ ପରି ଆଉ ଦୁଇ ତିନିଜଣ ବରିଷ୍ଠ ଛାତ୍ର ଥାଆନ୍ତି। ତାଙ୍କ ଭିତରୁ ଜଣେ ହେଉଛନ୍ତି ବିନୋଦ ନାୟକ, ଆମ ଓଡ଼ିଶାର ପ୍ରଖ୍ୟାତ ବୟୋଜ୍ୟେଷ୍ଠ କବି। ସେ ସେତେବେଳେ ଇଂରାଜୀରେ ଏମ୍.ଏ. ପଢୁଥିଲେ। ଓଡ଼ିଶାରେ ସାହିତ୍ୟ ଉପରେ ନାନା ଉଚ୍ଚକୋଟୀର ପ୍ରବନ୍ଧ ପତ୍ରପତ୍ରିକାମାନଙ୍କରେ ଲେଖୁଥିଲେ। ସଚ୍ଚି ରାଉତରାୟଙ୍କ ପରି ମାର୍କ୍ସିଷ୍ଟ ନ ହେଲେ ମଧ୍ୟ ମୁକ୍ତ ଛନ୍ଦ କବିତା ଲେଖୁଥିଲେ। ଗଦ୍ୟକବିତା ମଧ୍ୟ ଲେଖୁଥିଲେ। ମୋର ତ ଗଦ୍ୟ-କବିତା ମୂଳରୁ ପସନ୍ଦ ହୁଏ ନାହିଁ। ତାକୁ ବ୍ୟଙ୍ଗ କରି, ସମାଲୋଚନା କରି ଗୋପୀନାଥ ମହାନ୍ତି 'ନବଭାରତ'ରେ ଗୋଟିଏ ପ୍ରବନ୍ଧ ଲେଖିଥିଲେ ଓ ତହିଁର ଶେଷରେ କେତୋଟି ଗଦ୍ୟଧାଡ଼ିକୁ ଭାଙ୍ଗି ଭାଙ୍ଗି ଲେଖି ତାହା ଗଦ୍ୟ କବିତା ହେଲା କି ନାହିଁ ବୋଲି ପ୍ରଶ୍ନ କରିଥିଲେ। ପୁଣି ନୂଆ ପ୍ରକାର ଯେଉଁ ଚିତ୍ରକଳ୍ପ Image ସବୁ ସଚ୍ଚି ରାଉତରାୟ ଓ ବିନୋଦ ନାୟକ ପୂରାଉଥିଲେ ସେଗୁଡ଼ିକ ମୋତେ ଶୋଭନୀୟ, କାବ୍ୟଯୋଗ୍ୟ ମନେ ହେଉ ନ ଥିଲା।)

(ଆମ ଛାତ୍ରାବାସର ଆସିଷ୍ଟାଣ୍ଟ୍ ସୁପରିଣ୍ଟେଣ୍ଡେଣ୍ଟ ଥାଆନ୍ତି ରମାନାଥ ମହାନ୍ତି - ପୁରୀ ଜିଲ୍ଲାସ୍କୁଲର ବରିଷ୍ଠ ଶିକ୍ଷକ ବୈଦ୍ୟନାଥ ମହାନ୍ତିଙ୍କ ଜ୍ୟେଷ୍ଠପୁତ୍ର, ରାୟ୍ ବାହାଦୂର ଲକ୍ଷ୍ମୀଧର ମହାନ୍ତି (କଟକର ବିଶିଷ୍ଟ ଆଡ୍‌ଭୋକେଟ୍, ବହୁବର୍ଷ ସରକାରୀ ଓକିଲ ଓ କିଛି କାଳ ବିହାର ଓଡ଼ିଶା କାଉନସିଲର ସଭ୍ୟ)ଙ୍କ ଜାମାତା। ପୋଷାକପତ୍ରରେ ସ୍ମାର୍ଟ (smart) ଥିଲେ ମଧ୍ୟ (ଅବଶ୍ୟ ବାମାବାବୁଙ୍କ ପରି ନୁହନ୍ତି) ଚାଲିଚଳଣରେ, କଥାବାର୍ତ୍ତାରେ ସରଳ, ନିରାଡ଼ମ୍ବର ଥିଲେ। ଗଣିତରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇଥିଲେ ସ୍ନାତକୋତ୍ତର ପରୀକ୍ଷାରେ। ଛାତ୍ରଜୀବନରେ ସବୁବେଳେ ବୃତ୍ତି ପାଇ ଆସିଥିଲେ। ସେତେବେଳେ ଆମେ ଶୁଣୁଥିଲୁ, ସେ ରାତି ଗୋଟେ ଦୁଇଟା ପର୍ଯ୍ୟନ୍ତ ପଢ଼ନ୍ତି - କେବେ କେବେ କଲେଜର quadrangle କୁ ଯାଇ ବହୁ ରାତି ପର୍ଯ୍ୟନ୍ତ ଗ୍ରହନକ୍ଷତ୍ରଙ୍କ ଗତିବିଧି ଲକ୍ଷ୍ୟ କରନ୍ତି। ଆମର ଗଣିତ କ୍ଲାସ୍‌ରେ ସେ Algebra ନେଉଥିଲେ। ତାଙ୍କର ଅକ୍ଷରଗୁଡ଼ିକ ବଡ଼ ସୁନ୍ଦର। ତାଙ୍କର ହସ୍ତାକ୍ଷରର ପ୍ରଭାବ ପଡ଼ିଥିଲା ମୋର ହସ୍ତାକ୍ଷର ଉପରେ। ସେ black-board ରେ ଅଙ୍କ ଲେଖୁଥିବେ ଆମକୁ ପିଠିକରି। ହଠାତ୍ ହାତ ତାଙ୍କର ରହିଯିବ - ସେମିତି ଚକ୍ ଧରି। ଦୁଇ ମିନିଟ୍ ଅଟକିଯିବେ। ତା'ପରେ ଆମ ଆଡ଼କୁ ବୁଲିପଡ଼ି ସେ ସମୟର ଗଣିତ ଜ୍ୟୋତିଷ ବା ପଦାର୍ଥ ବିଜ୍ଞାନର ସର୍ବଶେଷ ତଥ୍ୟ କଥା, Expanding Universe (ସଦା ବିସ୍ତାରଣଶୀଳ ବିଶ୍ୱ) କଥା କହି ବସିବେ। ଟିକିଏ ପରେ ପୁଣି ଫେରିଯିବେ ବ୍ଲାକ୍‌ବୋର୍ଡ ପାଖକୁ, ପାଠ୍ୟ ବିଷୟକୁ।

ଛାତ୍ରାବାସର ସୁପରିଣ୍ଟେଣ୍ଡେଣ୍ଟ ଥାଆନ୍ତି ଡକ୍‌ଟର ହରିବନ୍ଧୁ ମହାନ୍ତି। ସେ ଥିଲେ ଫିଜିକ୍ସ ବା ପଦାର୍ଥ ବିଦ୍ୟାର ଅଧ୍ୟାପକ। ସେତେବେଳେ ସଦ୍ୟ ଫେରିଥାଆନ୍ତି କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରୁ ପଦାର୍ଥ ବିଦ୍ୟାରେ ଡକ୍‌ଟରେଟ୍ ଉପାଧି ପାଇ। ବେଶ୍ ସୁଦୃଶ୍ୟ ଥିଲା ତାଙ୍କର ବ୍ୟକ୍ତିତ୍ୱ, ସ୍ୱର ଥିଲା ମଧୁର। ପୋଷାକରେ ପରିପାଟୀ ଥାଏ। ସେ ଥିଲେ ଅପେକ୍ଷାକୃତ ଗମ୍ଭୀର - କଥାରେ ସମୟ ସମୟରେ ଥାଏ ସାମାନ୍ୟ ବ୍ୟଙ୍ଗ। କିନ୍ତୁ ହରିବନ୍ଧୁ ବାବୁ ଓ ରମାନାଥ ବାବୁ ଦୁହେଁ ଥିଲେ ଛାତ୍ରବତ୍ସଳ। ଅନ୍ତେବାସୀଙ୍କ ସୁବିଧା ଅସୁବିଧା ସହାନୁଭୂତି ସହିତ ବୁଝନ୍ତି। ଦୁହେଁ ବଡ଼ଭାଇନାଙ୍କୁ ଚିହ୍ନିଥିଲେ, ମୋ ପ୍ରତି ସସ୍ନେହ ବ୍ୟବହାର କରୁଥିଲେ।

ଛାତ୍ରାବାସ ତ ଏକ ପ୍ରକାର ବନ୍ଦୀଶାଳା। ସଂଧ୍ୟା ସାତଟାରୁ ବନ୍ଦ ହୋଇଯାଏ quadrangle ଆଡ଼କୁ ଥିବା ଲୁହା ଫାଟକଟି ଆଉ ଆର୍ଟସ ବ୍ଲକ ଓ ସାଇନ୍‌ସ ବ୍ଲକ୍‌କୁ ଯୋଗ କରୁଥିବା ଛାତ ଥିବା କରିଡ଼ର ବା ଦୀର୍ଘ ବାରଣ୍ଡାର ଦୁଇ ପ୍ରାନ୍ତର କବାଟ ଦୁଇଟି। ସେହିପରି ବନ୍ଦ କରିଦିଆଯାଏ ଛାତ୍ରାବାସର ଦୁଇ ପ୍ରାନ୍ତରେ ଥିବା କବାଟ ଦୁଇଟି ଯେଉଁ ବାଟେ ବାହାର ରାସ୍ତାକୁ ଯାଇହୁଏ। ଖୋଲାଯାଏ କେବଳ ତଳ ମହଲାର ମଝିରେ ଥିବା Indoor Games Room ର ସବୁ ଦ୍ୱାରଟିଏ। ଜଗିଥାଏ ଛାତ୍ରାବାସର ବୟୋଜ୍ୟେଷ୍ଠ ମୁଖ୍ୟ ଚପରାସୀ ପଞ୍ଚୁ। ପ୍ରାୟ ବୁଢ଼ା ହୋଇଯାଇଥାଏ ସେ - ମୁଣ୍ଡର ଅଧାବାଳ ପାଚିଯାଇଥାଏ, ନାକତଳେ ଧଳା ପୁଷ୍କଳ ନିଶ ତାଙ୍କର ବ୍ୟକ୍ତିତ୍ୱ ଜାହିର କରୁଥାଏ। ବେଶ୍ କର୍ତ୍ତୃତ୍ୱ ସହିତ ଅନ୍ତେବାସୀଙ୍କ ସଙ୍ଗେ କଥାବାର୍ତ୍ତା କରେ। ପାଠ ସମୟରେ କାହାକୁ ଖେଳିବାକୁ ଦେବନି। ସେଠି ଗୋଟାଏ ବଡ଼ ଟେବୁଲ୍ ଥାଏ ଟେବୁଲ୍ ଟେନିସ୍ ଖେଳିବା ପାଇଁ। କେହି ବାହାରକୁ ଯିବାକୁ ହେବନି - କୌଣସି ବିଶେଷ କାମ ପଡ଼ିଲେ Superintendent କି Assistant Superintendent ଙ୍କ ଅନୁମତି ନେବାକୁ, ପଞ୍ଚୁ ପାଖରେ ଥିବ ରେଜିଷ୍ଟର୍‌ରେ ଯିବାର ଉଦ୍ଦେଶ୍ୟ, ଯିବା ଓ ଫେରିବାର ସମୟ ଲେଖିବାକୁ ହେବ। କେହି ସେ ସମୟରେ କୌଣସି ଅନ୍ତେବାସୀଙ୍କୁ ଦେଖା କରିବାକୁ ଆସିଲେ ତାକୁ ଅପେକ୍ଷା କରିବାକୁ ହେବ। ପଞ୍ଚୁ ଯାଇ ସଂପୃକ୍ତ ଛାତ୍ରଙ୍କୁ ଡାକିଆଣିବ। ଯେପରି କଡ଼ା ସେପରି ସ୍ନେହୀ ସେ ଥିଲା, ଅନ୍ତେବାସୀଙ୍କର ପ୍ରିୟ ଥିଲା।

ଦୁଇଓଳି ପାଠ ସମୟରେ ହରିବନ୍ଧୁ ବାବୁ ଓ ରମାନାଥବାବୁ ଛାତ୍ରାବାସର ଚାରୋଟି ଯାକ ଓ୍ୱାର୍ଡ ବୁଲି ଦେଖନ୍ତି, ଛାତ୍ରମାନେ ପଢ଼ାପଢ଼ି କରୁଛନ୍ତି କି ନାହିଁ।

ନ'ଟାବେଳେ ସକାଳେ ଓ ସଂଧ୍ୟାବେଳେ ଘଣ୍ଟି ବାଜେ - ସୂଚାଇ ଦିଏ ମେସ୍‌କୁ ଖାଇବାକୁ ଯିବାର ବେଳ ହେଲା। ସେହିପରି ରାତି ସାଢ଼େ ଦଶଟାରେ କି ଏଗାରଟାରେ ଘଣ୍ଟି ବାଜେ ଶୋଇବାକୁ

ଯିବାର ବେଳ ହେଲା ବୋଲି ସୂଚନା ଦେଇ, ତା'ପରେ କେହି ରୁମ୍ ଛାଡ଼ି ବାହାରେ ବୁଲିବାକୁ ହେବ ନାହିଁ। ରାତି ଏଗାରଟାର କିଛି ପରେ ରମାନାଥବାବୁ ଆସନ୍ତି ବଡ଼ ଟର୍ଚ୍ଚଟିଏ ଧରି। ସାଙ୍ଗରେ ଥାଏ ପଞ୍ଚୁ। ରମାନାଥବାବୁ ପ୍ରତି ରୁମ୍ ଭିତରକୁ ଟର୍ଚ୍ଚ ପକାଇ ଦେଖନ୍ତି ରୁମ୍‌ର ସମସ୍ତେ ଭିତରେ ଶୋଇଛନ୍ତି କି ନାହିଁ। ତତ୍ତ୍ୱାବଧାରକମାନଙ୍କର ଗଭୀର ନିଷ୍ଠା ଓ କର୍ତ୍ତବ୍ୟବୋଧ ଥିଲା। ଛାତ୍ରମାନେ ବି ପ୍ରାୟ ସମସ୍ତେ ଶୃଙ୍ଖଳା ମାନି ଚଳୁଥିଲେ।

କେବେ ଯେ କିଛି ବ୍ୟତିକ୍ରମ ହେଉ ନ ଥିଲା ତା' ନୁହେଁ। କେହି କେହି ସମୟ ସମୟରେ ରମାନାଥବାବୁ ଗଲା ପରେ ଉପର ମହଲାରୁ ଯାଇ ଶିଡ଼ିରେ ଶୌଚାଗାର ଛାତକୁ ଓହ୍ଲାଇ କୌଣସିମତେ ସେଠୁ ତଳକୁ ଖସି ଯାଉଥିଲେ। ଷ୍ଟେସନରେ ବୁଲାବୁଲି କରି ଫୁର୍ତ୍ତି କରି ପୁଣି କେମିତି ଶୌଚାଗାରର ଛାତକୁ ଚଢ଼ି ପୂର୍ବ ବାଟରେ ଫେରି ଆସୁଥିଲେ ରୁମ୍‌କୁ। ଧରାପଡ଼ିଲେ ଦଣ୍ଡ ପାଉଥିଲେ। କିନ୍ତୁ ତାହା ଥିଲା ବ୍ୟତିକ୍ରମ।

ମଝିରେ ମଝିରେ ଛାତ୍ରାବାସର ୱାର୍ଡେନ୍ (Warden) ଇଂରାଜୀ ବିଭାଗର ମୁଖ୍ୟ ପି.ଏସ୍. ସୁନ୍ଦରମ୍ ଆସନ୍ତି - କିମ୍ବା ତାଙ୍କର ଛୋଟ ଅଫିସ୍ ଗୃହଟିରେ ବସନ୍ତି। ସେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରୁ ଇଂରାଜୀରେ ବି.ଏ. ପାସ୍ କରିଥାନ୍ତି (ଅବଶ୍ୟ ଭାରତରୁ ଏମ୍.ଏ. ପାସ୍ କରିଲା ପରେ)। ଇଂରାଜୀ ବିଭାଗରେ ବିଲାତ ଫେରନ୍ତା କେହି ଅଧ୍ୟାପକ କେ.ପି. ସିହ୍ନାଙ୍କ ପରେ ଆଉ ନ ଥିବାରୁ ଶିକ୍ଷାବିଭାଗର ସେତେବେଳର ଡିରେକ୍ଟର ଶ୍ୟାମଚନ୍ଦ୍ର ତ୍ରିପାଠୀ ସୁନ୍ଦରମ୍‌ଙ୍କୁ ଆଣିଥିଲେ ଶିକ୍ଷାବିଭାଗୀୟ ଚାକିରିରେ ତାଙ୍କୁ ପ୍ରଥମ ଶ୍ରେଣୀ ଦେଇ। ସେ ଥିଲେ ସର୍ବଦା ଗମ୍ଭୀର ମନେହୁଏ ଯେପରି ବିଷଣ୍ଣ। ଆମ ପରି ନୂଆ ଛାତ୍ରଙ୍କ ପାଇଁ ସେ ଥିଲେ ଏକ ପ୍ରକାର ଦୂର ଦେବତା। କ୍ରମେ କ୍ରମେ ତାଙ୍କର ନିକଟ ସମ୍ପର୍କରେ ଆସିଲି। ଇଂରାଜୀ ଅନର୍ସ ନେଇ ବି.ଏ. ପଢ଼ିଲାବେଳେ ସମ୍ପର୍କ ନିକଟତର ହେଲା। ସେତେବେଳେ ମଧ୍ୟ ଛାତ୍ରାବାସର ୟୁନିଅନ୍‌ର ସାଧାରଣ ସମ୍ପାଦକ ରୂପେ ନିର୍ବାଚିତ ହୋଇ କାମ କରିବାରୁ ତାଙ୍କ ସହିତ ଅଧିକ ସମ୍ପର୍କରେ ଆସିଲି। ତାଙ୍କର ନାରୀସୁଲଭ ସ୍ୱର ମୋତେ ମନେ ପକାଇ ଦେଇଥିଲା ରବୀନ୍ଦ୍ରନାଥଙ୍କ ସ୍ୱର। ତେବେ ତାହା ଟିକେ ତୀକ୍ଷ୍ଣ ଥିଲା।

ସେତେବେଳେ ଛାତ୍ରାବାସର ଖର୍ଚ୍ଚ କମ୍ ଥାଏ। ଦିନକର ଦୁଇଟା ମିଲ୍‌ର ମୂଲ୍ୟ ଥାଏ ୬ ପଇସା + ୬ ପଇସା = ୧୨ ପଇସା ବା ୩ ଅଣା। ଉପର ଓଳି ଜଳଖିଆର ମୂଲ୍ୟ ୪ ପଇସା ବା ୧ ଅଣା। ଏହିପରି ସାରାଦିନରେ ଖାଇବା ଖର୍ଚ୍ଚ ମୋଟରେ ଚାରି ଅଣା ଅର୍ଥାତ୍ ଗୋଟିଏ ଟଙ୍କାର ଚାରି ଭାଗରୁ ଭାଗେ। ମିଲ୍‌ରେ ଥାଏ ଭାତ, ଡାଲି, ତରକାରି, ଭଜା ଓ ଶାଗ ବା ଦୁଇକଥା। ଜଳଖିଆ ରୂପେ ଉପରଓଳି ମିଳେ ପାଞ୍ଚଟି ବଡ଼ ବଡ଼ ଗରମ ପୁରୀ ଓ ବଡ଼ ପିତଳ ଗିନାରେ ଗିନାଏ ଆଳୁ ତରକାରି। ସକାଳେ ରାତିରେ ଯେପରି ମେସ୍ ଘଣ୍ଟ ବାଜିବାକୁ ଅପେକ୍ଷା କରିଥାଉ, ସେହିପରି ଉପରଓଳି ଅପେକ୍ଷା କରିଥାଉ ସାଢ଼େ ତିନିଟା କି ଚାରିଟାବେଳକୁ ଜଳଖିଆ ପାଇଁ ଘଣ୍ଟି ବାଜିବାକୁ। ସପ୍ତାହର ସାଧାରଣ ଦିନମାନଙ୍କରେ ଦିନେ ଦୁଇ ଦୁଇଦିନ ହୁଏ ମାଂସ ତରକାରି କିମ୍ବା ମାଛ ତରକାରି। ଶନିବାର ସଂଧ୍ୟାରେ ହୁଏ ସାପ୍ତାହିକ ଭୋଜି - ମାଂସ ତରକାରୀ ମିଳେ ବଡ଼ ଗିନାରେ ଗିନାଏ କିମ୍ବା ସମପରିମାଣ ବଡ଼ ମାଛ ତରକାରି। ଯେଉଁମାନେ ନିରାମିଷାଶୀ ସେମାନଙ୍କ ପାଇଁ ଥାଏ ବଡ଼ ରସଗୋଲା କି ଯେପରି କିଛି ମିଠା। ସାପ୍ତାହିକ ଶନିବାରିଆ ଭୋଜି ବ୍ୟତୀତ ମାସିକିଆ ଭୋଜି ମଧ୍ୟ ହୁଏ, ଆହୁରି ଉତ୍ତମ ଧରଣର। ଏ ସମସ୍ତ ପାଇଁ କିଛି ଅଧିକ ଦେବାକୁ ପଡ଼େ ନାହିଁ। କେବଳ ଗଣେଶ ପୂଜା କି ସରସ୍ୱତୀ ପୂଜା କି ଛାତ୍ରାବାସର ବାର୍ଷିକ ଉତ୍ସବ ଦିନର ଭୋଜି ପାଇଁ କିଛି ଅଧିକା, ସାଧାରଣତଃ ଏକ ଟଙ୍କା ଦେବାକୁ ହୁଏ।

ସକାଳେ ନିତ୍ୟକର୍ମ ସାରି ପଢ଼ି ପଢ଼ିବା ପୂର୍ବରୁ ଝବଉଯ ଛୁରଉଡବଚଜଦ (ଦୁଇ ଜଣଙ୍କ ନାମ ମନେ ପଡୁଛି - ଅନ୍ତରା, ବୁଧିଆ) ଦେଇଯାଏ ଚାରି ପଇସାର ସେଉ, ଗାଣ୍ଠିଆ କି ଚୁଡ଼ା ଭଜା ଓ ଚୀନାବାଦାମ ପୁଡ଼ିଆଟିଏ। ଆଣିଥାଏ କଲେଜ ଆଗର ଗୁଜୁରାଟୀ ଦୋକାନରୁ।

ହଷ୍ଟେଲ୍‌ର seat rent ମେସ୍ ଖର୍ଚ୍ଚ ward servant ମେସ୍ ପୂଜାରୀଙ୍କ ଦରମା ଇତ୍ୟାଦି ମିଶାଇ ମାସକୁ ସର୍ବମୋଟ ବାର କି ତେରଟଙ୍କା ଦେବାକୁ ପଡେ। ବାକି ଅଧିକ ପଇସା ଘରେ ଆସୁଥିଲେ କି ମୋ ଭଳି ମୋଟା ବୃତ୍ତି ଟଙ୍କା ମିଳୁଥିଲେ ଉପରଓଳି ଗୁଜୁରାଟୀ ଦୋକାନରେ କି ସାଉଥ୍ ଇଣ୍ଡିଆନ୍ ହୋଟେଲ୍‌ରେ ଖାଇବା ହୁଏ। ସେଇଠି ପ୍ରଥମେ ମୁଁ ଦୋଷା, ଇଡ଼ଲି, ସମ୍ବର ଇତ୍ୟାଦି ଇତ୍ୟାଦି ଦକ୍ଷିଣ ଭାରତୀୟ ଖାଦ୍ୟ କଥା ଜାଣିଲି। ଆଉ ଥାଏ ମଦନ ସାହୁଙ୍କ (ଲୋକପ୍ରିୟ ନାମ ମଦନା) ଜଳଖିଆ ଦୋକାନ - ବଡ଼ ଅପରିଚ୍ଛନ୍ନ, କିନ୍ତୁ ସିଙ୍ଗଡ଼ା, ନିମକୀ ବ୍ୟତୀତ ଖୁବ୍ ଭଲ ରସଗୋଲା, ତାଡ଼ିଆ ସେଠି ମିଳୁଥିଲା। ଆଗେ କଲେଜ ଛକ ପାଖରେ ଯେଉଁଠି ଥିଲା 'କିତାବ ମହଲ୍' ସେଇଠି ଆମେ ପଢ଼ିଲାବେଳେ ଥିଲା ଗୋଟିଏ ଦଦରା ଚାଳଘର। ସେଇଟା ହୋଟେଲ୍ ହୋଇଥାଏ। ସେଥିର ମାଲିକ ପାଣ୍ଡବ ପଶୁପାଳକ ଭଲ ରାନ୍ଧୁଣିଆ - ଚାରିଅଣା ପଇସାରେ ସେଇ ହୋଟେଲ୍‌ରେ ବଡ଼ ବଡ଼ ଭଲ ପରଟା ଗୋଟେ ଆଉ ପ୍ରଚୁର ମାଂସ ତରକାରି ମିଳେ।

ଏସବୁର ଅବତାରଣା କରୁଛି ଏବର ଲୋକଙ୍କୁ ଜଣାଇବାକୁ ସେତେବେଳେ ଖାଦ୍ୟପେୟ କେଡ଼େ ଶସ୍ତା ଥିଲା, ଟଙ୍କାର ମୂଲ୍ୟ କେତେ ବେଶି ଥିଲା। ଏବେ ତ କଳ୍ପନା କରି ହେବ ନାହିଁ ଏପରି କେବେ ଥିଲା ବୋଲି।

ତେବେ ୟା'ବି ସତ ଯେ ସେତେବେଳେ ଅନେକ ଅଭାବୀ ଛାତ୍ର ଥିଲେ, ଯେତିକି ଏତିକି ଖର୍ଚ୍ଚ ତୁଲାଇ ପାରୁନଥିଲେ। ପାଞ୍ଚ ସାତ ଟଙ୍କାକୁ ଟିଉସନ୍ କରି କଷ୍ଟେ ମଷ୍ଟେ କୌଣସିମତେ ଚଳି ଯାଉଥିଲେ।

ହଷ୍ଟେଲ୍ ୟୁନିଅନ୍ ଥାଏ। ପ୍ରତିବର୍ଷ ସେଥିପାଇଁ ନିର୍ବାଚନ ହୁଏ। ଏବପରି ଗୁଡ଼ାଏ ଖର୍ଚ୍ଚ କେହି କରନ୍ତି ନାହିଁ ନିର୍ବାଚନରେ ଜୟଲାଭ କରିବାକୁ। କେବେ କିଏ କାହାକୁ ସିନେମା ଦେଖାଇ ନେଉଥିବ କି ମଦନା ଦୋକାନରେ କି ସାଉଥ୍ ଇଣ୍ଡିଆନ୍ ହୋଟେଲ୍‌ରେ ଖୁଆଉଥିବ। କିନ୍ତୁ ବାୟୁମଣ୍ଡଳ ସରଗରମ୍ ହୋଇଯାଏ ଦୁଇ ଚାରିଦିନ ପାଇଁ।

ମୁଁ ଯେଉଁ ବର୍ଷ କଲେଜରେ ଯୋଗ ଦେଲି ସେହି ବର୍ଷ ବୋଧହୁଏ ଭଲ ଛାତ୍ର ବୋଲି ଖ୍ୟାତି ଥିବାରୁ ମତେ ସର୍ବସମ୍ମତିକ୍ରମେ ପୂର୍ବ ଛାତ୍ରବାସର ହାତଲେଖା ପତ୍ରିକା 'ଜାଗରଣ'ର ସମ୍ପାଦକ କରାଗଲା। ନିର୍ବାଚିତ କାର୍ଯ୍ୟକାରୀ ସମିତିରେ ସର୍ବୋଚ୍ଚ ସ୍ଥାନ ହେଉଛି ସାଧାରଣ ସମ୍ପାଦକ (General Secretary)ଙ୍କର। ତାଙ୍କ ତଳକୁ ମେସ୍ ସେକ୍ରେଟାରୀ, ଡ୍ରାମାଟିକ୍ ସେକ୍ରେଟାରୀ ପ୍ରଭୃତି ଥାଆନ୍ତି। ମେସ୍ ସେକ୍ରେଟାରୀ ପଦଟି ଗୁରୁତ୍ୱପୂର୍ଣ୍ଣ। ସମସ୍ତ ଅଭିଯୋଗ ତାଙ୍କ ପାଖକୁ ଯାଏ। ସେ ମେସ୍ ମ୍ୟାନେଜର (ସେତେବେଳେ ମାସିକ ମାତ୍ର ବାରଟଙ୍କା ଦରମା ପାଉଥିଲେ)ଙ୍କ ସହିତ କଥାବାର୍ତ୍ତା କରନ୍ତି। ଡାଲିରେ ବେଶି ପେଜ ମିଶିଥିଲେ କି ଚାଉଳରେ ବେଶି ଗୋଡ଼ି ଥିଲେ କି ତାହା ପାଣିପଣା ହୋଇଥିବାରୁ ଗନ୍ଧାଉଥିଲେ କି ମାଂସ କି ମାଛ ତରକାରି ଭଲ ହୋଇନଥିଲେ ଅଭିଯୋଗ ହୁଏ। କେବେ କେବେ ତାହା ମେସ୍‌ର ସର୍ବୋଚ୍ଚ ପରିଚାଳକ ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟଙ୍କ ପାଖକୁ ଯାଏ। କେବେ କେମିତି ତାଙ୍କର ଉପରକୁ ଯାଏ। ହଷ୍ଟେଲ୍‌ରେ ସବୁ ଛାତ୍ରଙ୍କୁ ସାତ ଆଠଟି ବିଭାଗରେ ବିଭକ୍ତ କରି ସେମାନଙ୍କ ପାଇଁ ସାତ ଆଠଟି ମେସ୍ ନିର୍ଦ୍ଦିଷ୍ଟ କରାଯାଇଥାଏ। କେଉଁ କେଉଁ ମେସ୍‌ରେ ଦକ୍ଷ ପାଚକ ଥାଆନ୍ତି, ଦକ୍ଷ ମେସ୍ ଭୃତ୍ୟ ଥାଆନ୍ତି। ଆଉ କେଉଁଠି ଭଲ ନ ଥାନ୍ତି। ସେଥିଯୋଗୁଁ ଦ୍ୱନ୍ଦ୍ୱ ହୁଏ। ତେବେ ପୁଣି ସବୁ ମିଟମାଟ୍ ହୋଇଯାଏ। ରମାନାଥବାବୁ, ହରିବନ୍ଧୁବାବୁଙ୍କ କଅଁଳିଆ କଥାରେ ସବୁ ଥଣ୍ଡା ପଡ଼ିଯାଏ।

ତଳକ୍ଲାସ୍‌ର ଛାତ୍ର ହୋଇ 'ଜାଗରଣ'ର ସ-ାଦକ ରୂପେ ନିର୍ବାଚିତ ହୋଇଥିବାରୁ ନିଜକୁ ଟିକିଏ ବଡ଼ ମନେ କରୁଥାଏ। ପତ୍ରିକା ପାଇଁ ଲେଖା ନିର୍ବାଚନ କରିବି - ପୁଣି କିଏ ପାରିଶ୍ରମିକ ନେଇ ଲେଖିବ ତାହା ସ୍ଥିର କରିବି। ଭଲ ହସ୍ତାକ୍ଷର ହୋଇଥିବ, ବେଶି ପାରିଶ୍ରମିକ ମାଗିବ ନାହିଁ- ଏସବୁ ଦେଖିବାକୁ ହେବ। ତୃତୀୟ ବାର୍ଷିକ ଶ୍ରେଣୀରେ ଇଂରାଜୀ ଅନର୍ସ ନେଇ ପଢୁଥାଆନ୍ତି ଗୌରୀଶ୍ୟାମ ମହାନ୍ତି। ପରେ ଶିକ୍ଷା ଅଧ୍ୟାପକରୂପେ ରେଭେନ୍‌ସା କଲେଜରେ ଯୋଗ ଦେଲେ। କାଳକ୍ରମେ ସ୍କୁଲ ଇନ୍‌ସପେକ୍ଟର, ପ୍ରିନ୍‌ସିପାଲ୍, ଟ୍ରେନିଂ କଲେଜର ଅଧ୍ୟକ୍ଷ ପଦକୁ ଉଠି ତା'ପରେ ଅବସର ନେଲେ। ସେ ବଡ଼ ସୁନ୍ଦର ଇଂରାଜୀ ଲେଖନ୍ତି। ମନେ ପଡୁଛି ହଷ୍ଟେଲ୍‌ର ସର୍ବବରିଷ୍ଠ ପିଅନ୍ ପଞ୍ଚୁ ଉପରେ ଲେଖା - କଲେଜର quadrangle ଉପରେ ଲେଖା - ତା'ର ସୌନ୍ଦର୍ଯ୍ୟ, ରୋମାଣ୍ଟିକ୍ ପରିବେଶ, ଜ୍ୟୋତ୍ସ୍ନା ରାତିରେ ଯାଦୁକରୀ ରମଣୀୟତାର ଚମତ୍କାର ବର୍ଣ୍ଣନା, ରୁମ୍ ନଂ ୩୯ (କଲେଜର ଛାତ୍ରୀମାନଙ୍କର କମନ୍ ରୁମ୍) ବିଷୟରେ ଆମୋଦକର ଲେଖା। ତାଙ୍କ ଲେଖା ତ ବାଛିଲି। ପୁଣି ତାଙ୍କର ଇଂରାଜୀ ହସ୍ତାକ୍ଷର ଭଲ ହୋଇଥିବାରୁ ଏବଂ ତାଙ୍କର ନିଜର ଅର୍ଥ ଆବଶ୍ୟକତା ଥିବାରୁ ଯଥାର୍ଥ ପାରିଶ୍ରମିକ ନେଇ (ପୃଷ୍ଠା ବାବଦ ୪ ପଇସା କି ୬ ପଇସା) 'ଜାଗରଣ'ର ଇଂରାଜୀ ଅଂଶତକ ଲେଖିବାକୁ ବାଛିଲି ତାଙ୍କୁ।

ନିଜେ ତ ସମ୍ପାଦକ- ଓଡ଼ିଆ ଅଂଶ ତକ ଲେଖିଲି ପାରିଶ୍ରମିକ ନ ନେଇ। କିଛି ଚିତ୍ର ବି କଲି। ସମ୍ପାଦକୀୟ ଉପରେ କି ପ୍ରଥମ ପୃଷ୍ଠା ଉପରେ ଚିତ୍ରଟିଏ ଆଙ୍କିଥିଲି - ଗୋଟିଏ ପାଖରେ ମନ୍ଦିର - ଆଉ ଗୋଟିଏ ପାଖରେ ମସ୍‌ଜିଦ୍। ମଝିରେ ଗୋଟିଏ ପ୍ରାକୃତିକ ଦୃଶ୍ୟ। ପ୍ରତି ଲେଖାର ଶେଷରେ ବି ଛୋଟ କିଛି ଗୋଟାଏ ଚିତ୍ର ଆଙ୍କିଥାଏ।)

ପିଲାଳିଆ ଦୁର୍ବଳତା- ନିଜ ଲେଖା ନିଜେ ବାଛି ପକାଇଲି। ଯେଉଁ ଦୀର୍ଘ ଇଂରାଜୀ ଲେଖାଟି ସ୍କୁଲରେ ଲେଖିଥିଲି ମହାସମରର ଆରମ୍ଭରେ ସେଥିରେ ଟିକିଏ ମିଶାଇ ସାମାନ୍ୟ ପରିବର୍ତ୍ତନ କରି ପ୍ରକାଶ କରିଦେଲି 'ଜାଗରଣ'ରେ। ଆଉ ପ୍ରକାଶ କଲି ମୋର ଗୋଟିଏ ଦୀର୍ଘ ଗଳ୍ପ - ମାଟ୍ରିକ୍ୟୁଲେସନ୍ ପରୀକ୍ଷା ପରେ ପୁରୀରେ ଲେଖିଥିଲି - ନାମ ତା'ର ଥିଲା 'ଶିଳ୍ପୀର ବ୍ୟଥା'।

ଚିତ୍ତରଂଜନ ଦାସ

କଲେଜ ସ୍ତରରେ ଯେତେବେଳେ ଛାତ୍ରମାନେ ବି ପୂରା ପ୍ୟାଣ୍ଟ କେହି ପିନ୍ଧୁ ନ ଥିଲେ। ପ୍ରାୟ ସମସ୍ତେ ଧୋତି ପିନ୍ଧୁଥିଲେ। ପୂରା ପ୍ୟାଣ୍ଟ ପିନ୍ଧିବା କେବଳ ଆମ ଅଧ୍ୟାପକମାନଙ୍କର ଏକଚାଟିଆ ଥିଲା। ତେଣୁ ସେମାନେ ପ୍ରାୟ ଗୋଟିଏ ଅଲଗା ଜାତି ହୋଇ ରହିଯାଉଥିଲେ। ଶ୍ରେଣୀରେ ଠୋ' ଠା ପଢ଼ାଇ ଯାଉଥିଲେ ସିନା, ମାତ୍ର ଶ୍ରେଣୀ ବାହାରେ ଆମଲାଗି କେତେ ନା କେତେ ଦୂର ହୋଇ ରହୁଥିଲେ। ଗୋଟାଏ ଗୋଟାଏ କ୍ଲାସରେ ଅଢ଼େଇଶହ ସରିକି ପିଲା ଯେତେବେଳେ ଏକାଠି ବସୁଥିଲେ, ସେତେବେଳେ ସେମାନେ କଥାକୁହା ଜ୍ଞାନଦେବତାମାନଙ୍କ ପରି ଆମମାନଙ୍କ ଉପରେ ଜ୍ଞାନ ଅଜାଡ଼ି ଦେଇ ଯାଉଥିଲେ ସିନା, ମାତ୍ର ଆମକୁ କାହାକୁ ଛୁଇଁ ପାରୁନଥିଲେ। ଆମେ ତାଙ୍କୁ ଛୁଇଁ ପାରିବାର ତ କୌଣସି ପ୍ରଶ୍ନ ହିଁ ନ ଥିଲା। ଥରେ ଇଂରାଜୀ ପାଠର କ୍ଲାସରେ ମୁଁ ସେହି ମେଳା ଭିତରୁ ଛିଡ଼ା ହୋଇ କ'ଣ ଗୋଟାଏ ପଚାରି ପକାଇଲି ବୋଲି ଅଧ୍ୟାପକ ଆଦୌ କୌଣସି ଆବେଗ ପ୍ରକାଶ ନ କରି କହି ପକାଇଲେ ଯେ ସାଧାରଣ କ୍ଲାସରେ ମୋର ବା ଆଉ କୌଣସି ଛାତ୍ରର କୌଣସି ପ୍ରଶ୍ନର ଉତ୍ତର ଦେଲେ ସରକାର ବାହାଦୁର ତାଙ୍କୁ କଦାପି ଗୋଟିଏ ପଇସା ବି ଅଧିକ ବେତନ ଦେବେ ନାହିଁ। ହଁ, ସାନ ସାନ ଟିଉଟୋରିଆଲ୍ କ୍ଲାସ୍ ଥିଲା, ଯେଉଁଠାରେ କି ଅନ୍ତତଃ ଅଧ୍ୟାପକମାନେ କେତୋଟି ମୁହଁ ଦେଖି ପାରୁଥିଲେ ଓ ଆମେ ମଧ୍ୟ ସେମାନଙ୍କୁ ଜଣେ ଜଣେ ବ୍ୟକ୍ତି ହିସାବରେ ଚିହ୍ନିବାର ସୌଭାଗ୍ୟ ଲାଭ କରୁଥିଲୁ।

ଆଗରୁ କହିଛି, କଲେଜରେ ଝିଅ ଅଳପ ଥିଲେ। ଦୃଷ୍ଟାନ୍ତସ୍ୱରୂପ, ଦୁଇଶହରୁ ଅଧିକ ଛାତ୍ର ବିଶିଷ୍ଟ ଆମ ଶ୍ରେଣୀରେ ମୋଟେ ଚାରିଜଣ ଛାତ୍ରୀ ଥିଲେ। ସେମାନଙ୍କର ଦିନମାନର କଲେଜ ଜୀବନ ପ୍ରକୃତରେ ଅତ୍ୟନ୍ତ ଦୟନୀୟ ହୋଇ ରହିଥିବ। ଯେକୌଣସି ପାଠଘଣ୍ଟାରେ କ୍ଲାସ୍ ଆରମ୍ଭ ହେବାର ବେଶ୍ କେତେ ମିନିଟ୍ ପୂର୍ବରୁ ଆମେ ପୁଅମାନେ କୋଠରି ଭିତରେ ପଶି ମାଛହାଟ ପରି ହୋ' ହା' ହେଉଥିଲୁ। ସେତେବେଳେ ଝିଅମାନଙ୍କର ପ୍ରବେଶ କରିବାର କୁ' ନ ଥିଲା। ଘଣ୍ଟା ବାଜିବା ପରେ ଆଗ ଅଧ୍ୟାପକ ମହାଶୟ କୋଠରି ଭିତରକୁ ଆସୁଥିଲେ ଓ ତା'ପରେ ଚାରୋଟିଯାକ ପ୍ରାଣୀ କ୍ଲାସ୍ ଭିତରେ ପ୍ରବେଶ କରୁଥିଲେ। ଆମେ ପ୍ରାୟ ଗୋଟାଏ ସମୁଦ୍ର ପରି ଅଧ୍ୟାପକଙ୍କୁ ମୁହଁ କରି ବସୁଥିଲୁ। ସେମାନେ ଅଧ୍ୟାପକଙ୍କର ଟେବୁଲଠାରୁ ପ୍ରାୟ ହାତେ ଦୂରରେ ବାଆଁ ପାଖକୁ ଚାରୋଟି କାଷ୍ଠାସନ ଉପରେ ବସୁଥିଲେ। ଅଧିକାଂଶ ସମୟରେ ନିଜ ଖାତା ଉପରକୁ ଅନାଇବାରେ ସେମାନଙ୍କର ବେଳ ଯାଉଥିଲା। ବେଳେ ବେଳେ ସେମାନେ ଅଧ୍ୟାପକଙ୍କର ମୁହଁଆଡ଼କୁ ଅବଶ୍ୟ ଅନାଉଥିଲେ। ମାତ୍ର ଛାତ୍ରମାନଙ୍କ ଆଡ଼କୁ ଚାହିଁ ଦେଖିବାରୁ ପ୍ରଶ୍ନ ହିଁ ନ ଥିଲା। କ୍ଲାସ୍ ସରିବା ପରେ ଘଣ୍ଟା ବାଜିଲେ ସବା ଆଗ ଛାତ୍ରୀମାନେ ଶ୍ରେଣୀ କକ୍ଷରୁ ଉଠି ବାହାରକୁ ଯାଉଥିଲେ। ତା'ପରେ ଅଧ୍ୟାପକ ଓ ତା'ପରେ ଅଧ୍ୟାପକ ଓ ତା'ପରେ ଆମ ଛାତ୍ରମାନଙ୍କର ପଲଟି। ତାହାହିଁ ନୈତିକତା ଥିଲା। ଛାତ୍ରୀମାନେ ସିଧା ସେମାନଙ୍କ ପାଇଁ ଉଦ୍ଦିଷ୍ଟ କମନ୍ ରୁମ୍‌କୁ ଚାଲି ଯାଉଥିଲେ। ଛାତ୍ରମାନଙ୍କ ନିମନ୍ତେ କୌଣସି କମନ୍ ରୁମ୍ ନ ଥିଲା। ସେମାନେ ଯେଉଁଠି ଯେତେବେଳେ ଇଚ୍ଛା କରୁଥିଲେ, କମନ୍ ରୁମ୍ କରି ପାରୁଥିଲେ। ସେମାନଙ୍କ ପାଇଁ ତାହାହିଁ ସର୍ବୋତ୍ତମ ଥିଲା।

ରେଭେନ୍ସା କଲେଜରେ ଦୁଇଟି ଛାତ୍ରାବାସ ଥିଲା। ଗୋଟିଏ ପୂର୍ବ ଛାତ୍ରାବାସ ଓ ଆଉ ଗୋଟିଏ ପଶ୍ଚିମ ଛାତ୍ରାବାସ। ପଶ୍ଚିମ ଛାତ୍ରାବାସରେ ଅଧିକାଂଶତଃ ମୋଗଲବନ୍ଦୀ ପିଲାଏ ରହୁଥିଲେ ଏବଂ ପୂର୍ବ ଛାତ୍ରାବାସରେ ଅଧିକାଂଶତଃ ତତ୍କାଳୀନ ଗଡ଼ଜାତଗୁଡ଼ିକର ପିଲାଏ। ସେମାନଙ୍କର ଚଳଣି ଓ ଚାହାଣି ଦେଖି ମନେ ହେଉଥିଲା, ସେମାନେ ଖୁବ୍ ବଡ଼ଲୋକ ଘରୁ ଆସିଥିଲେ। ଅର୍ଥାତ୍ ସେମାନଙ୍କ ଅଞ୍ଚଳର ଜଣେ ମଧ୍ୟବିତ୍ତ ଘରର ପିଲା ନିମନ୍ତେ ଦୂର କଟକକୁ ଆସି କଲେଜରେ ପାଠ ପଢ଼ିବା ଅଧିକାଂଶ କ୍ଷେତ୍ରରେ ଆଦୌ ସମ୍ଭବ ନ ଥିଲା। ଆମେ ସାଧାରଣମାନେ ଯେତେ ଖରଚ କରୁଥିଲୁ,

ସେମାନେ ତାହାର ବହୁଗୁଣ ଖରଚ୍ କରୁଥିଲେ । ପୋଷାକ ପିନ୍ଧାରେ ସାଆନ୍ତମାନଙ୍କ ପରି ଦିଶୁଥିଲେ । ଶନିବାର ଉପରଓଳି ସିନେମା ଦେଖି ସହରକୁ ଗଲାବେଳେ ଆମେ ଚାଲି କରି ଯାଉଥିଲୁ, ସେମାନେ ଯାତ୍ରା ଦେଖି ଗଲାପରି ଘୋଡ଼ାଗାଡ଼ିରେ ଯାଉଥିଲେ ଓ ଘୋଡ଼ାଗାଡ଼ିରେ କଲେଜକୁ ଫେରୁଥିଲେ । ଛାତ୍ରାବାସ ତରଫରୁ ଆମକୁ ଦୁଇଓଳି ଖାଇବା ଓ ଚାରିଟା ବେଳର ଜଳଖିଆ ଦିଆଯାଉଥିଲା । ସକାଳ ଜଳଖିଆ କେହି ଖାଉଥିଲେ, କେହି ଖାଉନଥିଲେ । ନିଜ ପଇସାରୁ ତାହାର ବ୍ୟବସ୍ଥା କରିବାକୁ ପଡୁଥିଲା । ଗଡ଼ଜାତରୁ ଆସିଥିବା ସାଆନ୍ତିଆ ପିଲାମାନେ କଲେଜଛକ ଦୋକାନକୁ ଯାଇ ଖାଇ ଆସୁଥିଲେ, ଆମ ଆଖିକୁ ସେମାନେ ସତେଅବା ମଣୋହି ସାରି ଫେରୁଥିବା ପରି ଦେଖାଯାଉଥିଲା । ସେମାନେ ଆମଠାରୁ ବୟସରେ ବେଶ୍ ବଡ଼ ଥିଲେ । ହାବଭାବ ଓ ଗାମ୍ଭୀର୍ଯ୍ୟରେ ସତେଅବା ଆମ ଗୁରୁଜନଙ୍କ ପରି ଦେଖାଯାଉଥିଲେ । ସେହି ଦୁଇବର୍ଷର ପାଠପଢ଼ା ସମୟରେ ପାଠ ପଢ଼ାଇଥିବା ଅଧ୍ୟାପକମାନଙ୍କ ମଧ୍ୟରୁ ମୋଷ୍ଟ ଜୀବନରେ ପ୍ରାୟ୍ କେହି ସେପରି ବିଶେଷ ଭାବରେ ଆକର୍ଷକ ହୋଇ ରହି ନାହାନ୍ତି । ତାହାର ମୁଖ୍ୟ କାରଣ ହେଲା, କ୍ଲାସ୍ ବାହାରେ ସେମାନଙ୍କୁ ବ୍ୟକ୍ତି ହିସାବରେ ଚିହ୍ନିବା ଲାଗି ଆଦୌ କୌଣସି ଅବସର ସେତେବେଳେ ନ ଥିଲା । ଦ୍ୱିତୀୟ୍ କାରଣଟି ହେଉଛି ରେଭେନ୍ସା କଲେଜରେ ମୁଁ ମାତ୍ର ଗୋଟିଏ ବର୍ଷ ପଢ଼ିଥିଲି ଏବଂ, ପ୍ରଥମ ବର୍ଷର ପିଲାମାନଙ୍କୁ ହୁଏତ ଖୁବ୍ କମ୍ ଅଧ୍ୟାପକ କଲେଜର ଅସଲ ପିଲା ବୋଲି ସ୍ୱୀକାର କରୁଥିଲେ ।

କଲେଜର ପ୍ରଥମ ବର୍ଷରୁ ମୁଁ କଳାବିଭାଗରେ ପ୍ରଥମ ହୋଇ ଦ୍ୱିତୀୟ୍ ବର୍ଷକୁ ଉତ୍ତୀର୍ଣ୍ଣ ହୋଇଥିଲି । ତଥାପି କଲେଜରେ ପଢ଼ିବାର ପ୍ରଥମ ବର୍ଷଟିରେ ଏହାକୁ ମୋର ସର୍ବପ୍ରଧାନ ଲାଭ ବୋଲି ଆଦୌ କୁହାଯାଇପାରିବ ନାହିଁ । ପାଠ ଭଲ ଲାଗୁଥିଲା, ତେଣୁ ପାଠ ଠିକ୍ ଭାବରେ ଚାଲୁଥିଲା । ବିଶେଷ କରି କଳାବିଭାଗରେ ନୂଆ କରି ଯେଉଁସବୁ ବିଷୟ୍ ପଢ଼ାଯାଏ, ସେଗୁଡ଼ିକର ଏକ ସ୍ୱତନ୍ତ୍ର ଆକର୍ଷଣ ରହିଥାଏ । ହାଇସ୍କୁଲ ସ୍ତରରେ ପାଠ ପଢ଼ିବାବେଳେ ସତେଯେପରି ଅନ୍ୟମାନଙ୍କର ବୋଲଣା ମାନି ପାଠ ପଢୁଥିବା ପରି ସାଧାରଣତଃ ଅନୁଭବ ହୋଇଥାଏ । ଭାଇ, ବାପା, ଏମାନେ ମତେ କେତେ ଭଲ ପାଆନ୍ତି, ମୋ ଲାଗି କେତେ କୁଆଡ଼କୁ ଚିନ୍ତା କରନ୍ତି, ତେଣୁ ମୁଁ ଅବଶ୍ୟ ଭଲ କରି ପାଠ ପଢ଼ିବି, ଉଚ୍ଚକୁ ଉଠିବି, ଭଲ ଦେଖାଯିବି, - ସେହି ପିଲା ବୟସରେ ସତେ ଅବା ଏହିଭଳି ଗୋଟାଏ ପ୍ରରୋଚନା ପାଠ ପଢ଼ିବାର କ୍ଷେତ୍ରରେ ମନକୁ ଉଦ୍‌ବୋଧିତ କରି ରଖିଥାଏ । ମୋଷ୍ଟ ଭାଇମାନଙ୍କ ମଧ୍ୟରୁ ବଡ଼ଭାଇ ମୋ' ଠାରୁ ଯେ ସ୍ୱତନ୍ତ୍ର ଭାବରେ କିଛି ଅଧିକ ବା କିଛି ବିଶେଷ ଆଶା କରୁଥିଲେ, ସେକଥା ସେହି ପିଲାଦିନେ ସେ ଏକାଧିକ ସମୟରେ ପ୍ରକାଶ୍ୟ ଭାବରେ ମୋତେ କହିଛନ୍ତି । ବଡ଼ଭାଇଙ୍କ ପ୍ରତି ପିଲାଦିନରୁ ମୋର ଯେଉଁ ଅନୁରାଗ ଥିଲା, ତାହା ମୋତେ ମୋର ପାଠ ଭଲ ଲାଗିବାରେ ଏବଂ ଏକ ପୂର୍ଣ୍ଣପ୍ରାଣ ଉତ୍ସାହରେ ପାଠ ପଢ଼ିବାରେ ବସ୍ତୁତଃ ଏକ ପ୍ରଧାନ ଉତ୍‌ପ୍ରେରକ ରୂପେ ସର୍ବଦା କାର୍ଯ୍ୟ କରୁଥିଲା ଏବଂ, ମୋ' ପରୀକ୍ଷା ଫଳମାନ ଶୁଣି ସେ ସବୁବେଳେ କେଡ଼େ ଖୁସୀ ହୋଇଯାଉଥିଲେ । ମୋ' ଅନ୍ୟ ଭାଇମାନଙ୍କ ଆଗରେ ମୋର ଉଦାହରଣ ଦେଉଥିବା ବେଳେ ସେ ନିଜେ ଅତ୍ୟନ୍ତ ଉଲ୍ଲସିତ ଅନୁଭବ କରୁଥିଲେ । ମୁଁ ବି ସେତେବେଳେ ମନେ ମନେ କମ୍ ଫୁଲେଇ ହେଉ ନ ଥିଲି ।

ରେଭେନ୍ସା କଲେଜର ପଶ୍ଚିମ ଛାତ୍ରାବାସରେ ମୁଁ ଆସି ପହଞ୍ଚିଥିଲା ବେଳକୁ ଗଙ୍ଗାଧରବାବୁ ମଧ୍ୟ ସେହିଠାରେ ରହୁଥିଲେ । ତେଣୁ ପୂର୍ବରୁ କ୍ରମେ ଗଢ଼ି ଉଠିବା ସମ୍ପର୍କଟି ଏଠାରେ ମଧ୍ୟ ଧୀରେ ଧୀରେ ଏକ ରାଜନୀତିକ ସମ୍ପର୍କରେ ପରିଣତ ହୋଇ ଆସୁଥିଲା । କ୍ରମ ପ୍ରସାରିତ ହୋଇ ଆସୁଥିଲା ବା କ୍ରମସଙ୍କୁଚିତ ହୋଇ ଆସୁଥିଲା, ସେକଥା ଆଦୌ କୌଣସି ନିକିତିରେ ପକାଇ କହି ହେବ ନାହିଁ । ଗଙ୍ଗାଧରବାବୁ ମୋତେ କମ୍ୟୁନିଷ୍ଟ ପାର୍ଟିର ପ୍ରଚାରପୁସ୍ତିକାମାନ ଆଣି ଦେଉଥିଲେ ଓ ସେଗୁଡ଼ିକୁ ମୁଁ ପରିପୂର୍ଣ୍ଣ ଉତ୍ସାହରେ ପଢ଼ି ପକାଉଥିଲି । ତାଙ୍କର ଓଡ଼ିଶା କମ୍ୟୁନିଷ୍ଟ ପାର୍ଟିର ଅନ୍ୟମାନଙ୍କ ସହିତ ମଧ୍ୟ ପରିଚୟ୍ ରହିଥିଲା । ଏହିପରି ଭାବରେ ମୋର ଶ୍ରୀଯୁକ୍ତ ସଚ୍ଚି ରାଉତରାୟ୍ଙ୍କ ସହିତ ମଧ୍ୟ ପରିଚୟ୍ ହୋଇଥିଲା । ହାଇସ୍କୁଲରେ ପଢ଼ିବା ସମୟରେ ତାଙ୍କର ଅଭିଯାନ, ପଲ୍ଲିଶ୍ରୀ ଓ ବାଜିରାଉତ ପ୍ରଭୃତି କବିତା ପୁସ୍ତକ ପଢ଼ିଥିଲି । କୈଶୋର୍ଯ୍ୟର ପରିପୂର୍ଣ୍ଣ ଉତ୍ସାହ ଏବଂ ଆନୁଗତ୍ୟବୋଧ ସହିତ ପଢ଼ିଥିଲି । ତେଣୁ ତାଙ୍କ ସହିତ ମୋତେ ସମ୍ପର୍କିତ କରାଇ ଦିଆଯିବାରୁ ମୁଁ ପ୍ରକୃତରେ ଭାରି ପୁଲକିତ ହୋଇ ଉଠିଥିଲି । ତାହାକୁ ଏକ ଭାଗ୍ୟର କଥା ବୋଲି ଗ୍ରହଣ କରିଥିଲି । ସେତେବେଳେ ସରକାରଙ୍କ ଦ୍ୱାରା ବେଆଇନ ହୋଇ ରହିଥିବା କମ୍ୟୁନିଷ୍ଟ ପାର୍ଟିର କାର୍ଯ୍ୟକୌଶଳ ଏକ ବିଶେଷ ପ୍ରକାରର ଥିଲା । ସବୁ କର୍ମୀ ବା ସାଥୀଙ୍କର ଗୋଟିଏ ଠାରନାମ ରହିଥିଲା । ଗଙ୍ଗାଧରବାବୁ ମୋତେ ବି ତାଙ୍କର ପାର୍ଟି ସହିତ ସାମିଲ ହୋଇ ଆସୁଥିବାର ଅନୁଭବ କରିପାରିଲେ କି କ'ଣ କେଜାଣି ମୋ' ପାଇଁ ବି ପାର୍ଟିଠାରୁ ନାଆଁଟିଏ ଆଣିଲେ । ମୋ' ନାଆଁ ପରମାନନ୍ଦ ରଖାଗଲା ଏବଂ, ଯାବତୀୟ୍ ପ୍ରୟୋଜନ ପାଇଁ ମୋତେ ଶ୍ରୀ ସଚ୍ଚି ରାଉତରାୟ୍ଙ୍କ ସହିତ ସମ୍ପର୍କିତ କରି ଦିଆଗଲା । ମୁଁ ସତେଅବା କେଉଁ ସମ୍ମାନର ଅଟ୍ଟାଳିକାରେ ସାହାଡ଼େ ଉପରକୁ ଉଠିଗଲା ପରି ଅନୁଭବ କରିଥିଲି । ଉତ୍ସାହୀ ଓ ସମ୍ମତ କିଶୋରଟି ପାଇଁ ତାହା ଅତ୍ୟନ୍ତ ସ୍ୱାଭାବିକ ଥିଲା ।

ରବି ରାୟ୍

ଏହି ରେଭେନ୍ସା କଲେଜରେ ପଢୁଥିବା ବେଳେ ଆମେ ଗୋଟାଏ କାଣ୍ଡ କରି ବସିଲୁ ଯାହା ଥିଲା ଅଭୂତପୂର୍ବ ଓ ଯାହା ଓଡ଼ିଶାର ସ୍ୱାଧୀନତା ସଂଗ୍ରାମ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହେବା ଭଳି ଗୋଟାଏ ଘଟଣା। ଇଏ ୧୯୪୬-୪୭ ବେଳର ଏକ ଘଟଣା। ରେଭେନ୍ସା କଲେଜର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ହେଉଥାଏ। ସେତେବେଳେ ରେଭେନ୍ସାର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଏତେ ଜନପ୍ରିୟତା ହାସଲ କରିଥାଏ ଯେ କାହିଁ କାହିଁ ଦୂରରୁ ଲୋକେ ତାହା ଦେଖିବାକୁ ଆସନ୍ତି। ରେଭେନ୍ସାର ଅଧ୍ୟକ୍ଷ ଥାଆନ୍ତି ଏସ୍. ରାୟ୍। ଖେଳ ସ୍ଥାନରେ ବ୍ରିଟିଶ ଇଉନିୟନ୍ ଜ୍ୟାକ୍ ପତାକା ଉଡ଼ା ହେଉଥାଏ। କେତେ ଛାତ୍ରନେତା ସ୍ଥିର କଲେ ଯେ ଇଉନିୟନ୍‌ଜ୍ୟାକ୍ ଖସାଇ ଦେଇ ତା'ସ୍ଥାନରେ ଆମର ତ୍ରିରଙ୍ଗା ପତାକା ଉଡ଼ାଇବୁ। ତାହାହିଁ ହେଲା। ସେତେବେଳେ ଅଖିଳ ଭାରତ କଂଗ୍ରେସର ପତାକା ହିଁ ଜାତୀୟ ପତାକା ରୂପେ ପରିଗଣିତ ହେଉଥିଲା। ମୁଁ ଇତିହାସ ଅନର୍ସର ଛାତ୍ର ଥିଲି। ପ୍ରିନ୍ସିପାଲ୍ ଏସ୍. ରାୟ୍ ଆମକୁ ରାଜନୈତିକ ଇତିହାସ ପଢ଼ାଉଥିଲେ। ସେହି ହିସାବରେ ସେ ଆମକୁ ଭଲଭାବେ ଚିହ୍ନିଥିଲେ। ଏହି କାଣ୍ଡ ଭିଆଇଥିବା ଛାତ୍ରଙ୍କୁ ରଷ୍ଟିକେଟ୍ କରିବାର ମସୁଧା ହେଉଛି ଜାଣି ଆମେ ଛାତ୍ର କ୍ରିୟାନୁଷ୍ଠାନ କମିଟି ଗଢ଼ିଲୁ। ଏହି ସମିତି ଦୁଇଟି ପ୍ରସ୍ତାବ ପାସ୍ କଲା। ଯେଉଁ ଛାତ୍ରମାନେ ଜାତୀୟ ପତାକା କଲେଜରେ ଉଡ଼ାଇଥିଲେ ସେମାନଙ୍କୁ ବଧେଇ ଜଣାଗଲା ଓ ସେମାନଙ୍କୁ ରଷ୍ଟିକେଟ୍ କଲେ ପରିଣାମ ଭୟାବହ ହେବ ବୋଲି କର୍ତ୍ତୃପକ୍ଷଙ୍କୁ ଚେତାବନୀ ଦିଆଗଲା। ଦ୍ୱିତୀୟ ଦାବି ଥିଲା ଯେ ପ୍ରାଥମିକ ସ୍ତରରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଓଡ଼ିଶାର ସମସ୍ତ ଶିକ୍ଷାନୁଷ୍ଠାନରେ ଏବେଠାରୁ ଇଉନିୟନ୍ ଜ୍ୟାକ୍ ପରିବର୍ତ୍ତେ ଜାତୀୟ ପତାକା ଉଡ଼ାଯିବ। ସେତେବେଳେ ବ୍ରିଟିଶ୍ ସରକାର ଥାଏ। ମାଉଣ୍ଟ ବ୍ୟାଟେନ୍ ଭାଇସ୍‌ରାୟ୍ ଓ ଅକିନେଲେକ୍ ପ୍ରଧାନ ସେନାପତି। ଶ୍ରୀଯୁକ୍ତ ହରେକୃଷ୍ଣ ମହତାବ ଥାଆନ୍ତି ଓଡ଼ିଶାର ପ୍ରଧାନମନ୍ତ୍ରୀ। (ସେତେବେଳେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଧାନମନ୍ତ୍ରୀ କୁହାଯାଉଥିଲା।) ଏଠି ପ୍ରକାଶ ଥାଉକି ଏହି ଅକିନେଲେକଙ୍କୁ ଉତ୍କଳ ବିଶ୍ୱବିଦ୍ୟାଳୟରେ ଦୀକ୍ଷାନ୍ତ ଭାଷଣ ଦେବାପାଇଁ ନିମନ୍ତ୍ରଣ କରାଯାଇଥିଲା। ଛାତ୍ରମାନେ ଏହାର ପ୍ରବଳ ବିରୋଧ କରିବାରୁ ଅକିନେଲେ ଆଉ ଆସି ନ ଥିଲେ। ଏବେ ଏ ଦୁଇଟି ପ୍ରସ୍ତାବକୁ ନେଇ ଆନ୍ଦୋଳନ ଚାଲିଲା। କ୍ରିୟାନୁଷ୍ଠାନ କମିଟିର ସଭାପତି ରହିଲେ ପ୍ରଦୀପ୍ତ କିଶୋର ଦାସ। କମିଟି ସରକାରଙ୍କୁ ଚରମ ପତ୍ର ଦେଲେ ଯେ ଯେପର୍ଯ୍ୟନ୍ତ ଏ ଦୁଇଟି ଦାବି ପୂରଣ ନ ହୋଇଛି ସେ ପର୍ଯ୍ୟନ୍ତ ରେଭେନ୍ସା କଲେଜ ପଶ୍ଚିମ ଛାତ୍ରାବାସ ଆମ ହାତରେ।

ଗୋଟିଏ ଅଭିନବ ପରୀକ୍ଷା କରାଗଲା। ଆନ୍ଦୋଳନକୁ ବୈପ୍ଳବିକ ରୂପ ଦିଆଯିବ। ଅଥଚ ଏହା ସଂପୂର୍ଣ୍ଣଭାବେ ଅହିଂସକ ହେବ। ଆମେ ପଶ୍ଚିମ ଛାତ୍ରାବାସକୁ ଦଖଲ କରିନେଲୁ ଏବଂ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଛାତ୍ରାବାସରେ ତିଆରି କରାଯାଇଥିବା 'ଜେଲ୍' ଭିତରେ ସସମ୍ମାନେ ବନ୍ଦୀ କରିଦେଲୁ। ସେତେବେଳେ ଆମର ସୁପରିଣ୍ଟେଣ୍ଡେଣ୍ଟ ଥାଆନ୍ତି ଖ୍ୟାତନାମା ଦର୍ଶନ ଅଧ୍ୟାପକ (ଯେ କି ପରବର୍ତ୍ତୀ କାଳରେ କେତୋଟି ବିଶ୍ୱବିଦ୍ୟାଳୟର କୁଳପତି ହେଲେ) ଶ୍ରୀଯୁକ୍ତ ଶ୍ରୀନିବାସ ସାହୁ। ମୋର ମନେ ଅଛି ଆମେ ସେହି ଜେଲ୍‌ରେ ତାଙ୍କୁ ଦେଖା କରିବାକୁ ଯାଇ ପଚାରିଲୁ, "ସାର୍, ଆପଣ କିପରି ଅଛନ୍ତି ?" ସେ ହସି ହସି କହିଲେ, ଯଥେଷ୍ଟ ଭଲରେ ଅଛି।" ପଶ୍ଚିମ ଛାତ୍ରାବାସକୁ ଆମେ ସ୍ୱାଧୀନ ସାଧାରଣତନ୍ତ୍ର ଘୋଷଣା କରିଦେଲୁ। ଅଧ୍ୟକ୍ଷ ଏସ୍. ରାୟ୍ ପଶ୍ଚିମ ଛାତ୍ରାବାସକୁ ଯିବା ପାଇଁ ଆମ 'ଅନୁମତି' ମାଗିଲେ। କ୍ରିୟାନୁଷ୍ଠାନ କମିଟି ତାଙ୍କୁ ଅନୁମତି ଦେଲା ନାହିଁ। ମୋତେ ଚିହ୍ନିଥିବାରୁ କହିଲେ "କିରେ ରବି ! ମୁଁ ଯିବି ?" ମୁଁ ମନା କରିଦେଲି। ମୁଁ କହିଲି, "ସାର୍ ଆପଣଙ୍କ ପ୍ରତି ଆମର ଶ୍ରଦ୍ଧା ରହିଛି। ମାତ୍ର ଇଏ ହେଉଛି ଆମର ସର୍ବସମ୍ମତିକ୍ରମେ ନିଆଯାଇଥିବା ଫଏସଲା। ମୁଁ ନାଚାର।"

ସେତେବେଳେ ପଶ୍ଚିମ ଛାତ୍ରାବାସର ହଷ୍ଟେଲରେ ଜଣେ ଅନ୍ତେବାସୀ ଥାଆନ୍ତି (ପରବର୍ତ୍ତୀ କାଳରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ହୋଇଥିବା କଂଗ୍ରେସ ନେତା) ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ। ସେତେବେଳେ ସଂସ୍କୃତ ଅନର୍ସର ଜଣେ କୃତୀ ଛାତ୍ର ଭାବରେ ତାଙ୍କର ସୁନାମ ଥାଏ। ଆମେ ତାଙ୍କୁ ସଭାପତି ରୂପେ ବାଛିଲୁ।

ଛାତ୍ରମାନଙ୍କ ଦାବି ସପକ୍ଷରେ ଆମେ ଯେଉଁ ଶୋଭାଯାତ୍ରା ସେତେବେଳେ ବାହାର କରିଥିଲୁ ତାହା କଟକ ସହର ପାଇଁ ଥିଲା ଅଭୂତପୂର୍ବ। ମୁଁ ଏଭଳି ଛାତ୍ର ଶୋଭାଯାତ୍ରା କେବେ ଦେଖି ନାହିଁ। ଝିଅମାନେ ପୂରାପୂରି ଆଗରେ ଥାଆନ୍ତି । ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କ ନାଁ ମୋର ଏବେ ମଧ୍ୟ ମନେ ଅଛି। ଜଣେ ହେଲେ ନିରୂପମା ରଥ ଓ ଅନ୍ୟଜଣକ ଯୋଗମାୟା ପଟ୍ଟନାୟକ। (ଉଭୟ ପରବର୍ତ୍ତୀ ଜୀବନରେ ଡାକ୍ତର ହେଲେ) । ହଁ, ଶ୍ୟାମଳୀ ଲାହିଡ଼ି (ଯେ ପରେ କୁଳମଣି ମହାପାତ୍ରଙ୍କୁ ବିବାହ କଲେ) ମଧ୍ୟ ଆଗଧାଡ଼ିରେ ଥିଲେ। ଶୋଭାଯାତ୍ରା ରେଭେନ୍‌ସା କଲେଜରୁ ବାହାରି ବକ୍ସିବଜାର ଦେଇ ଗୌରୀଶଙ୍କର ପାର୍କ ନିକଟରେ ପହଞ୍ଚିଲା। ସେତେବେଳେ ରାମନାଥନ୍ ଥାଆନ୍ତି ଜିଲ୍ଲା ମାଜିଷ୍ଟ୍ରେଟ୍। ଲୋକେ ଆମକୁ ଏପରି ସମର୍ଥନ ଦେବା ଆରମ୍ଭ କଲେ ଯେ ଆମେ ପାର୍କ ନିକଟରେ ପହଞ୍ଚିଲା ବେଳକୁ ପିଲାଏ ଖାଇବେ ବୋଲି ବାଲୁବଜାରରୁ ଭରଣ ଭରଣ ମୁଢ଼ି ଓ ପାଣି ଆଣି ଲୋକେ ସଭାସ୍ଥଳରେ ପହଞ୍ଚାଇ ଥିଲେ। ଆମ ପଛରେ ସୃଷ୍ଟି ହୋଇଥିବା ଜନସମର୍ଥନକୁ ଲକ୍ଷ୍ୟ କରି ରାମନାଥନ୍ ସଭାସ୍ଥଳରେ ଯେଉଁ ୧୪୪ ଧାରା ଜାରି କରିଥିଲେ ତାକୁ ଉଠାଇ ନେଲେ। ଶ୍ୟାମଳୀ ଲାହିଡ଼ିଙ୍କୁ ଗିରଫ କରିବା ପାଇଁ ସର୍ଜେଣ୍ଟ ମାର୍କଣ୍ଡ ରାଉତରାୟ ଆସିଲେ। ମୁଁ କହିଲି ସ୍ତ୍ରୀ ପୋଲିସ୍ ନ ଆଣିଲେ ଆପଣ ତାଙ୍କୁ ଛୁଇଁ ପାରିବେ ନାହିଁ। ସେ ତାପରେ ଶ୍ୟାମଳୀଙ୍କୁ ଛାଡ଼ି ମୋତେ ଗିରଫ କଲେ। ମୁଁ ସେଦିନ ଜୀବନରେ ପ୍ରଥମ ଥର ପାଇଁ ଗିରଫ ହେଲି। ଏ ଦିନଟି ମୋ ଜୀବନରେ ଏକ ଅଭୁଲା ସ୍ମୃତି ହୋଇ ରହିଛି।

ଆମେ ଯେଉଁମାନେ କାରାବରଣ କଲୁ ଘୋଷଣା କରିଲୁ ଯେ ଯେଉଁଦିନ ସରକାର ଆମର ଦାବି ମାନିନେବେ ସେଇଦିନ ଆମେ ଜେଲ୍‌ରୁ ଆସିବୁ। ଛାତ୍ର ଓ ସରକାରଙ୍କ ଠାରେ ମଧ୍ୟସ୍ଥତା କରିବାକୁ ଦାୟିତ୍ୱ ନେଇଥାନ୍ତି ପରବର୍ତ୍ତୀ କାଳରେ ବିଚାରପତି ହୋଇଥିବା ଶ୍ରୀଯୁକ୍ତ ହରିହର ମହାପାତ୍ର। ଶେଷରେ ଆମର ଦାବି ପୂରଣ ହେଲା। ଆମେ ଜେଲ୍‌ରୁ ଖଲାସ ହୋଇ ଟାଉନ୍‌ହଲ୍ ପଡ଼ିଆରେ ସଭାକଲୁ ଓ ବୀରଦର୍ପରେ କଲେଜକୁ ଫେରିଲୁ। ଇଂରେଜ ରାଜତ୍ୱ ଭିତରେ ଗୋଟାଏ ରାଜ୍ୟର ଶିକ୍ଷାନୁଷ୍ଠାନରେ ଜାତୀୟ ପତାକା ଉଡ଼ିବା ସାରା ଭାରତରେ ଏହା ପ୍ରଥମ ଘଟଣା ଥିଲା ଓ ଏହା ସାରା ଭାରତରେ ସେ ସମୟରେ ଚହଳ ପକାଇ ଦେଇଥିଲା।

ମତାଦର୍ଶ ନେଇ କଣକ ସହିତ ବେସାଲିସ୍ ସଂଗ୍ରାମ କରାଯାଉଥିବାବେଳେ ବ୍ୟକ୍ତିଗତ ଜୀବନରେ ଯେ ତା' ସହିତ ସୌହାର୍ଦ୍ଦ୍ୟପୂର୍ଣ୍ଣ ସଂପର୍କ ରଖାଯାଇପାରେ ଗଣତାନ୍ତ୍ରିକ ଜୀବନଚର୍ଯ୍ୟାର ଏହି ପ୍ରଥମ ପାଠ ମୁଁ ପଢ଼ିବାର ସୁଯୋଗ ପାଇଥିଲି ମୋ ନିଜ ଘରୁ। ଆମ ବାପା ପାଞ୍ଚ ଭାଇ। ସବା ସାନ ଭାଇ ଥିଲେ କୃଷ୍ଣଚନ୍ଦ୍ର ରାୟ। ସେ ପ୍ରଥମେ କଲିକତାରେ ପଢ଼ିଥିଲେ। ପରେ ଆସି ଘରେ ରହିଲେ। ତାଙ୍କ ସହିତ ମୋର ଆଦର୍ଶଗତ ପାର୍ଥକ୍ୟ ଥିଲା। ସେ ସତ୍ୟବାଦୀ ବନ ବିଦ୍ୟାଳୟରେ ପାଠ ପଢ଼ିଥିଲେ ଓ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କର ଛାତ୍ର ଥିଲେ। ପରବର୍ତ୍ତୀ ଜୀବନରେ ଗୋଦାବରୀଶ ବାବୁ ଗାନ୍ଧୀ ଆନ୍ଦୋଳନକୁ ବିରୋଧ କରିଥିଲେ ଓ ପାରଳାଖେମୁଣ୍ଡି ମହାରାଜା ୧୯୪୩ ମସିହାରେ ଯେଉଁ ମନ୍ତ୍ରିମଣ୍ଡଳ ଗଢ଼ିଥିଲେ ସେଥିରେ ଯୋଗ ଦେଇଥିଲେ। ମୋ ଦାଦା ନିଜ ପୂର୍ବତନ ଗୁରୁଙ୍କ ପ୍ରତି ଅନୁରକ୍ତି ପ୍ରକାଶ କରି ଗାନ୍ଧୀ ଆନ୍ଦୋଳନକୁ ବିରୋଧ କରୁଥିଲେ। ସେ ୧୯୪୨ ଆନ୍ଦୋଳନରେ ଯୋଗ ଦେଇନଥିବାରୁ ମୋ ମନରେ କ୍ଷୋଭ ଜାତ ହୋଇଥିଲା। କଂଗ୍ରେସ ବିରୋଧରେ ସେ ବେଳେବେଳେ ଉଦ୍ଭଟ କଥା ପ୍ରଚାର କରୁଥିଲେ। ମୋର ମନେ ଅଛି ଖଦଡ଼ ପିନ୍ଧିଲେ ମ୍ୟାଲେରିଆ ଜର ହୁଏ ବୋଲି ସେତେବେଳେ ତାଙ୍କ ସହକର୍ମୀମାନେ ଭାଷଣରେ ଲୋକଙ୍କୁ ବୁଝାଉଥିଲେ। ତେବେ ସେତେବେଳେ ଗାନ୍ଧିଜୀ ଓ କଂଗ୍ରେସ ସପକ୍ଷରେ ବହୁଥାଏ ପ୍ରବଳ ହାୱା। ଫଳରେ କଂଗ୍ରେସ ବିରୋଧୀମାନଙ୍କୁ ଲୋକେ ସନ୍ଦେହ ଚକ୍ଷୁରେ ଦେଖୁଥାଆନ୍ତି। ମୋର ମନେ ଅଛି, ଆମ ଅଞ୍ଚଳର ସବୁଠାରୁ ବଡ଼ ବ୍ୟବସାୟ ପେଣ୍ଠ ବନମାଳୀପୁର ହାଟରେ ଥରେ କଂଗ୍ରେସ କର୍ମୀମାନେ ପ୍ରଚାର କରୁଥିବାବେଳେ କୃଷ୍ଣକକାଙ୍କ ସମର୍ଥକମାନେ କଂଗ୍ରେସ କର୍ମୀଙ୍କୁ ପ୍ରବଳ ମାଡ଼ ମାରିଥିଲେ । ଅବଶ୍ୟ ତାଙ୍କ ବିରୋଧରେ ଏପ୍ରକାର ଅଣଗାନ୍ଧୀବାଦୀ ପଦକ୍ଷେପକୁ ମୁଁ ସମର୍ଥନ କରିପାରି ନ ଥିଲି।

ଆମର ମୁରବି ସେଇ ଦାଦା। ସେ ମୋର ପଢ଼ାପଢ଼ିର ମଧ୍ୟ ଦାୟିତ୍ୱ ନେଇଥାନ୍ତି। ବନମାଳିପୁର ହାଟରେ ଗୋଟିଏ ପାଠାଗାର ଥିଲା। କକା ସେଠି ଗୋଟିଏ କଣ୍ଟ୍ରୋଲ ଦୋକାନ ଖୋଲାଇ ଦେଲେ। ମୁଁ ଏହାର ବିରୋଧ କରି ବନମାଳିପୁର ହାଟରେ ଗୋଟିଏ ସଭା କଲି। ସାଧାରଣ ସଭାରେ ଭାଷଣ ଦେବା ସେଇ ଥିଲା ମୋ ଜୀବନରେ ପ୍ରଥମ। ମୋତେ ଏତେ ପରିମାଣରେ ଜନ ସମର୍ଥନ ମିଳିଲା ଯେ କକା ବାଧ୍ୟ ହୋଇ ସେଠାରୁ କଣ୍ଟ୍ରୋଲ ଦୋକାନ ଉଠାଇନେଲେ ଏବଂ ଆମେ ପିଲାମାନେ ପୁନର୍ବାର ପାଠାଗାର ଚାଲୁ କଲୁ। ତେବେ ବ୍ୟକ୍ତିଗତ ଜୀବନରେ କକାଙ୍କ ପ୍ରତି ମୋର ସମ୍ମାନବୋଧ ପୂର୍ବପରି ଅତୁଟ ରହିଥିଲା। ମୋ ଦ୍ୱାରା ସେ ଏହିଭଳି ଅପଦସ୍ତ ହୋଇଥିଲେ ମଧ୍ୟ ବ୍ୟକ୍ତିଗତ ଜୀବନରେ ମୋ ପ୍ରତି ତାଙ୍କ ମନରେ କୌଣସି ତିକ୍ତତା ସୃଷ୍ଟି ହୋଇନଥିଲା। ମୁଁ କଲେଜରେ ପାଠ ପଢ଼ିଲାବେଳେ ସେ ଟଙ୍କା ଯୋଗାଉଥିଲେ ଓ ଅଧିକ ପଢ଼ିବା ପାଇଁ ସେ ଟଙ୍କା ଦେବେ ବୋଲି ମଧ୍ୟ ଭାଇଙ୍କୁ କହିଲେ। ମୋତେ ଲାଗୁଛି ମାସେ ଖଣ୍ଡେ ସେ ଟଙ୍କା ବନ୍ଦ କରି ଦେଇଥିଲେ। ମାତ୍ର ମୋ ବଡ଼ଭାଇ ମର୍ଦ୍ଦରାଜ ରାୟ ପୀତାମ୍ବର ମହାପାତ୍ର କକାଙ୍କୁ ଚିଠି ଲେଖିଲେ। କକା ପୁଣି ପୂର୍ବ ପରି ଟଙ୍କା ପଠାଇଲେ। ଏହିଭଳି ବ୍ୟକ୍ତିଗତ ସଂପର୍କ ଓ ଆଦର୍ଶଗତ ସଂପର୍କକୁ ପୃଥକ୍ କରି ରଖିପାରିବାର ଗଣତାନ୍ତ୍ରିକ କଳା ମୁଁ ସେହି ଯୁବାବସ୍ଥାରୁ ନିଜ ଘରୁ ଶିଖିଥିଲି। ମୋର ସେହି ପ୍ରଥମ ବିଜୟ ପରେ କିଛି ଭଲ କାମ କରିବି ଓ ଲୋକଙ୍କ ସମସ୍ୟା ସହିତ ପ୍ରତ୍ୟକ୍ଷଭାବେ ଜଡ଼ିତ ହେବି - ଏହି ସଂକଳ୍ପ ଅଧିକ ଦୃଢ଼ ହେଲା।

ପ୍ରଫୁଲ୍ଲ କୁମାର ପତି

ରେଭେନ୍ସା କଲେଜରେ

ଆମେ ଅଧ୍ୟାପକମାନେ କ୍ଲାସ୍‌ରେ ଯେତିକି କଡ଼ା ଥିଲୁଁ, କ୍ଲାସ୍ ବାହାରେ ସେତିକି ନରମ ଥିଲୁଁ। ପିଲାଙ୍କ ସହିତ ଖୁବ୍ ମିଶୁଥିଲୁଁ କିନ୍ତୁ ଆମର ମର୍ଯ୍ୟାଦା କେବେ ହ୍ରାସ ପାଇ ନଥିଲା। କଲେଜ ଇଉନିଅନ୍ ସେତେବେଳେ ପ୍ରକୃତରେ ଏକ କଲ୍‌ଚରାଲ୍ ଇଉନିୟନ ଥିଲା। ଆମେ ଛାତ୍ର ଥିବା ବେଳେ ଓ ଅଧ୍ୟାପକ ହେବାପରେ ବି ପୂରା ଦମ୍‌ରେ ଇଉନିୟନର ସବୁ ପ୍ରକାର କାର୍ଯ୍ୟକ୍ରମରେ ଭାଗ ନେଉଥିଲୁଁ।

ରାଜନୈତିକ କାର୍ଯ୍ୟକ୍ରମ ମଧ୍ୟ ଇଉନିୟନ ହାତକୁ ନେଉଥିଲା। କିନ୍ତୁ ହିଂସାତ୍ମକ କାଣ୍ଡରୁ ଛାତ୍ରମାନେ ପ୍ରାୟ ଦୂରରେ ରହୁଥିଲେ। କେବଳ ଥରେ ୧୯୪୨ର ଭାରତ ଛାଡ଼ ଆନ୍ଦୋଳନ ବେଳେ ଅଫିସ୍‌ର କାଗଜପତ୍ର ପୋଡ଼ାପୋଡ଼ି କରିଦେଇଥିଲେ। କଲେଜର ବାର୍ଷିକ କ୍ରୀଡ଼ା ଉତ୍ସବରେ ଛାତ୍ରନେତାମାନେ ବ୍ରିଟିଶ୍ ପତାକା (Union Jack)କୁ ତଳେ ପକାଇଦେଲେ। ସେତେବେଳେ ତ ବ୍ରିଟିଶ୍‌ରାଜ, ଭାରତୀୟମାନେ ସାହେବମାନଙ୍କୁ ଡରିମରି ରହୁଥିଲେ। ତେଣୁ ସେହି ଛାତ୍ରମାନଙ୍କୁ ରଷ୍ଟିକେସନ୍ ଦଣ୍ଡ ଦିଆଗଲା। କିନ୍ତୁ ମୋଟାମୋଟି ଭାବରେ କୌଣସି ବିଶେଷ ଘଟଣା ନହେଲେ ଛାତ୍ରମାନେ ରାଜନୈତିକ କାର୍ଯ୍ୟକ୍ରମ ଭିତରକୁ ପଶୁ ନ ଥିଲେ। ତା' ଫଳରେ କଲେଜରେ ପଢ଼ାପଢ଼ି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ବିନା ବାଧାରେ ଚାଲିଥିଲା। ଆଜିକାଲି କଲେଜଗୁଡ଼ିକୁ ଦେଖିଲେ ମୋର ମନକୁ ବରାବର ଗୋଟିଏ ଭାବନା ଆସେ, ଆଗର ସେହି ଅବସ୍ଥା ଫେରି ଆସନ୍ତା କି? ଏବେ କଲେଜ ସଂଖ୍ୟା ବଢ଼ିଗଲାଣି। ଅଯୋଗ୍ୟ ନ ହେଲେ ବି ଅଧ୍ୟାପନାରେ ଯେଉଁମାନଙ୍କର ଆଗ୍ରହ ନାହିଁ, ସେପରି ଅନେକ ବ୍ୟକ୍ତି ବର୍ତ୍ତମାନ ଅଧ୍ୟାପକ ଅଛନ୍ତି। ହୁଏତ ସରକାରଙ୍କ ପକ୍ଷରେ ସମସ୍ତ କଲେଜରେ ଉଚ୍ଚମାନ ରକ୍ଷା ସମନ ହୋଇ ନ ପାରେ। କିନ୍ତୁ କେତେକ ବଛା ବଛା କଲେକ ପଢ଼ାପଢ଼ିର ଉଚ୍ଚମାନ ରକ୍ଷା ସମ୍ଭବ ହୋଇ ନ ପାରେ। କିନ୍ତୁ କେତେକ ବଛା ବଛା କଲେଜ ପଢ଼ାପଢ଼ିର ଉଚ୍ଚମାନ ଓ ଗବେଷଣାର ସୁବିଧା ଯୋଗାଇ ପାରିଲେ ଦେଶ ଅନ୍ତତଃ ଅଧୋଗତିର ସ୍ରୋତରୁ ବଞ୍ଚିପାରିବ, କାରଣ ଭାରତରେ ଶିକ୍ଷା ଓ ଗବେଷଣାର ଉଚ୍ଚ ପରମ୍ପରା ରହିଛି।

କିନ୍ତୁ ଅଧ୍ୟାପକ କେବଳ କ୍ଲାସ୍‌ରୁମ୍‌ରେ ମନ ଦେଇ ପଢ଼ାଇଲେ ଓ ନିଜର ଆଚରଣ ଦ୍ୱାରା ଛାତ୍ରମାନଙ୍କର ଚରିତ୍ର ଗଠନରେ ସାହାଯ୍ୟ କଲେ ତା'ର କର୍ତ୍ତବ୍ୟ ସରିଯିବନାହିଁ। ଛାତ୍ରର ବୌଦ୍ଧିକ ବିକାଶ କରିବା ଓ ତା'ର ଜୀବନ ସମ୍ବନ୍ଧରେ ଜ୍ଞାନ ବଢ଼େଇବା ବି ଶିକ୍ଷକର କର୍ତ୍ତବ୍ୟ। ଆଖି ଖରାପ ଥିବାରୁ ମୁଁ ଖେଳ ଆଦିରେ ମୂଳରୁ ବିଶେଷ ଭାଗ ନେଇ ପାରୁ ନ ଥିଲି। କିନ୍ତୁ ସଭାସମିତିରେ କହିବାରେ ଓ ଡିବେଟ ଆଦି କରିବାରେ ମୋର ଆଗ୍ରହ ଓ ପାରଦର୍ଶିତା ଥିଲା। ସାହିତ୍ୟିକ କାର୍ଯ୍ୟକ୍ରମରେ ବି ସଉକ ଥିଲା। ଶ୍ରୀ ରତ୍ନାକର ପତି (ଗୋପବନ୍ଧୁ ଦାଶଙ୍କ ଜୁଆଁଇ) ସମ୍ବଲପୁରରେ କେତେ ସମୟ ପାଇଁ ଆମର ପ୍ରଧାନ ଶିକ୍ଷକ ଥିଲେ। ସେ ମୋତେ ଏଥିରେ ପ୍ରେରଣା ଓ ପ୍ରଶିକ୍ଷଣ ଦେଇଥିଲେ। କଲେଜରେ ଏ ଦିଗରେ ମୋର ଏତେ ଆଗ୍ରହ ବଢ଼ିଲା ଯେ ରେଭେନ୍ସା କଲେଜକୁ ଭାରତୀୟ ସ୍ତରରେ ପ୍ରତିନିଧିତ୍ୱ କଲି। କଲେଜ ଇଉନିୟନ୍‌ର ଉପସଭାପତି ଓ ସଭାପତି ହେଲି। ପାଟନା କଲେଜରେ ବି ଡିବେଟ୍‌ରେ ସ୍ୱର୍ଣ୍ଣ ମେଡ଼ାଲ୍ ପାଇଲି।

ରେଭେନ୍ସାରେ ଅଧ୍ୟାପକ ହେବା ପରେ ବି ଏହି କାର୍ଯ୍ୟକ୍ରମ ଚାଲୁ ରହିଲା। ପିଲାଙ୍କ ସହିତ ମିଶି ଆମେ ଅଧ୍ୟାପକମାନେ ଡିବେଟ ଆଦି ବରାବର କରୁଥିଲୁଁ। ପ୍ରିନ୍‌ସିପାଲ୍ ବାମାଚରଣ ଦାସ, ଅଧ୍ୟାପକ ସୁନ୍ଦରମ୍. ଡ. ସଦାଶିବ ମିଶ୍ର ଭଳି ବରିଷ୍ଠ ଅଧ୍ୟାପକମାନେ ଆମ ଯୁବଅଧ୍ୟାପକମାନଙ୍କ ସହିତ କାନ୍ଧ ମିଳାଉଥିଲେ। ସେତେବେଳେ ଏ ପ୍ରକାର ଆଲୋଚନା ଦ୍ୱାରା ପିଲାଙ୍କର ବହୁତ ଲାଭ ହେଉଥିଲା। ସେମାନଙ୍କର ଏ ସବୁରେ ପ୍ରବଳ ଆଗ୍ରହ ଥିଲା। ଏପରି ଭାବରେ କ୍ଲାସ୍‌ରୁମ୍ ବାହାରେ ଆମ୍ଭେମାନେ ପିଲାମାନଙ୍କୁ ଅଧିକା ଶିକ୍ଷା ଦେଉଥିଲୁଁ। ସମ୍ବିଧାନ ପାସ୍ ହେବାପରେ ଆମେ ଅତି ଉନ୍ନତ ଧରଣର ମକ୍ ପାର୍ଲିଆମେଣ୍ଟ କରାଉଥିଲୁଁ। ନେହେରୁ ଆଦି ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ପିଲାମାନେ ବାହାରୁଥିଲେ ଏବଂ ଆମେ ଅଧ୍ୟାପକ ମାନେ



ମାମୁଲି ସଭ୍ୟ ହେଉଥିଲୁଁ । Point of Order, Question answer ଆଦିରେ (ସପ୍ଲିମେଣ୍ଟାରୀ ସମେତ) ପିଲାମାନଙ୍କୁ ଜ୍ଞାନ ଦେବା ଆମର ଉଦ୍ଦେଶ୍ୟ ଥିଲା । ଜଣେ ଛାତ୍ର ସ୍ପିକର୍ ହେଉଥିଲା । ଆଜିକାଲି ଇଉନିୟନ୍ ଅର୍ଥ ଗଣ୍ଡଗୋଳ ମଧ୍ୟରେ ନିର୍ବାଚନ ଖୁବ୍ ଡେରିରେ ହେବ, ମନ୍ତ୍ରୀ ଆଦିଙ୍କୁ ଡାକି ମେଲୋଡ଼ି ଆଦି ଯୋଗାଡ଼ କରି ଧୁମ୍‌ଧାମ୍‌ରେ ଉଦ୍‌ଘାଟନ ହେବ ଏବଂ ବର୍ଷ ଶେଷରେ ସେପରି ଗୋଟିଏ ତମାସା ହେବ । ଆଲୋଚନା ଆଦି ଶୂନ୍ ।

ଗୋଟିଏ ଡିବେଟ ଏତେ ମଜାଦାର ହୋଇଥିଲା ଯେ ତା' ବିଷୟରେ କିଛି କହିବା ପାଇଁ ଇଚ୍ଛା ହେଉଛି । ଆମେ ଗୋଟିଏ ଉଣ୍ଠାସିଆ ଡିବେଟ୍‌ର ଆୟୋଜନ କରିଥିଲୁଁ, ରେଭେନ୍‌ସା କଲେଜ ଓ ଶୈଳବାଳା ମହିଳା କଲେଜ ମଧ୍ୟରେ । ଆମ ପଟରେ ଆମର ଅଧ୍ୟକ୍ଷଙ୍କ ନେତୃତ୍ୱରେ କେତେଜଣ ଅଧ୍ୟାପକ ଓ କେତେଜଣ ଛାତ୍ର ଥିଲେ ଓ ସେମାନଙ୍କ ପଟରେ ସେମାନଙ୍କର ଅଧ୍ୟକ୍ଷା, କେତେଜଣ ଅଧ୍ୟାପିକା ଓ ଛାତ୍ରୀ ଥିଲେ । ବିଷୟ ଥିଲା, "ନାରୀମାନେ ଚାକିରି କରିବା ଉଚିତ ନୁହେଁ ।" ପ୍ରକୃତରେ ଏହା ଏକ ମଜାକିଆ, ଉଣ୍ଠାସିଆ ଡିବେଟ୍ ହେବାର ଥିଲା । କିନ୍ତୁ ମହିଳା କଲେଜର ସମସ୍ତେ ପୂରାପୂରି ପ୍ରସ୍ତୁତ ହୋଇଥିଲେ ଗୋଟିଏ ସିରିୟସ୍ ଡିବେଟ୍ ପାଇଁ । ଆମ ପଟରୁ ବି କେତେଜଣ ସିରିୟସ୍ ଭାବରେ ପ୍ରସ୍ତୁତ ହୋଇଥିଲେ । ମୋ ପାଳି ମୁଁ ପଛଆଡ଼କୁ ରଖିଥିଲି । ଇଉନିୟନ୍‌ର ପ୍ରତି ଡିବେଟ୍‌ରେ ଖୁବ୍ ଭିଡ଼ ହୁଏ । ଅନ୍ୟ କଲେଜର ଛାତ୍ର ଓ ବାହାର ଲୋକ ବି ଆସନ୍ତି । କିନ୍ତୁ ସେ ଦିନ ଅସାଧାରଣ ଭିଡ଼ ହୋଇଥିଲା । ରେଭେନ୍‌ସା କଲେଜ ହଲ୍ ଭିଡ଼ରେ ଫାଟି ପଡୁଥିଲା । ବାଲ୍‌କୋନିରେ ଜାଗା ନ ଥିଲା । ମହିଳା କଲେଜରୁ ବହୁ ଛାତ୍ରୀ ଆସି ହଲ୍‌ର ଗୋଟିଏ ପାଖରେ ଭର୍ତ୍ତି ହୋଇଥିଲେ । ମୁଁ ଏକ ମଜାକିଆ ବକ୍ତୃତା ଦେଲି ଏବଂ ଛାତ୍ର ଓ ଅଧ୍ୟାପକମାନେ ତାକୁ ବହୁତ ପସନ୍ଦ କଲେ । ସେଇ ବକ୍ତୃତାର କେତୋଟି ବାକ୍ୟ କହିବା ପାଇଁ ମନ ହେଉଛି ।

ମୁଁ ଆରମ୍ଭ କଲି, "Mr. President, Sir, when I was a student of class IV, in which class we were being introduced to English as a subject, I asked my teacher, Sir, why is it that the feminine gender for man is woman ?" He said, "You fool, you don't know even this. 'Woman' comes from 'Wifeman' - 'the wife of man', A woman has no existence other than being a wife". ତା'ପରେ ମୁଁ କହିଲି, Women are in triple I.C.S. They are in Indian Cooking Service; and they are in Indian Children's Service, and they are in Indian Company Service'- ଅର୍ଥାତ୍ ସେମାନେ ସ୍ୱାମୀଙ୍କୁ କମ୍ପାନି ଦେବେ । ତେଣୁ ଅନ୍ୟ ଛୋଟ ଚାକିରି କଥା ତ ଛାଡ଼, ଆଇ.ସି.ଏସ୍. ପାଇଁ ମଧ୍ୟ ଚେଷ୍ଟା କରିବା ସେମାନଙ୍କ ପକ୍ଷରେ ତଳକୁ ଖସିଯିବା ପରି ହେବ । ସେତେବେଳେ ନେହେରୁଙ୍କର Socialistic Pattern of Society ଧାରଣା ଖୁବ୍ ଚର୍ଚ୍ଚାରେ ଥିଲା । ମୁଁ କହିଲି, "ସ୍ତ୍ରୀ ଲୋକମାନେ ଚାକିରି ସଉକ କଲେ ଏହା ଭାରତ ସରକାରଙ୍କ ଏହି ନୀତିର ଖିଲାପ ହେବ । ସ୍ୱାମୀ ତ ଚାକିରି କରିବ, କାରଣ ସେ ହେଉଛି ପରିବାରର bread earner - ଏହା ତା'ର କର୍ତ୍ତବ୍ୟ । ସ୍ତ୍ରୀ ଲୋକମାନେ କିନ୍ତୁ ସେମାନଙ୍କର ସଉକ ମେଣ୍ଟାଇବା ପାଇଁ ଚାକିରି କଲେ ଗୋଟିଏ ଘରକୁ ଡବଲ୍ ଇନ୍‌କମ୍ ଆସିବ ଏବଂ ଅନ୍ୟ ଏକ ଘରର ଜଣେ ପୁଅ ଯେ ସେହି ଚାକିରି ପାଇଥାଆନ୍ତା, ତାହା ସେ ପାଇବ ନାହିଁ ।" ଏପରି ଅନେକ ଗୁଡ଼ିଏ ମଜାକିଆ ଯୁକ୍ତି ଦେଲି । ପ୍ରତ୍ୟେକ ଯୁକ୍ତି ପରେ ପ୍ରେକ୍ଷାଳୟ ହଲ୍ ତାଳିରେ ଫାଟି ପଡୁଥାଏ । ତେଣୁ ମୁଁ ଦୁଇ ମିନିଟ୍ ଅଟକି ଆଉ ଏକ ଯୁକ୍ତି ବାଢ଼େ । ମହିଳା କଲେଜର ଅଧ୍ୟାପିକା ଓ ଛାତ୍ରୀମାନେ ଏତେ ଅପମାନିତ ବୋଧ କଲେ ଯେ (କାରଣ ସେମାନେ ଭୋଟରେ ବି ଦୟନୀୟ ଭାବରେ ହାରିଗଲେ) ସଭା ପରେ, ସେମାନେ ମୋତେ ଆକ୍ରମଣ କରିବାକୁ ମାଡ଼ି ଆସୁଥିଲେ- ଅନ୍ୟମାନେ କିନ୍ତୁ ସେମାନଙ୍କୁ ରୋକିଦେଲେ । ମୁଁ ଏକ ଆମୋଦଦାୟକ ମାରପିଟ୍‌ରୁ ବଞ୍ଚିତ ହୋଇଗଲି ।

ଏହି debate କଥାରୁ ମନେ ପଡୁଛି ମୋର ଜଣେ ବନ୍ଧୁଙ୍କ କଥା - ଡ. ଶ୍ରୀରାମଚନ୍ଦ୍ର ଦାଶ । ଶିକ୍ଷା ଜଗତରେ ଜଣେ ପ୍ରବାଦ ପୁରୁଷ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ତାଙ୍କୁ ମୁଁ ବନ୍ଧୁ ବୋଲି କହୁଛି କିନ୍ତୁ ସେ ମୋଠୁ ଦୁଇବର୍ଷ ସିନିୟର ଥିଲେ । ତାଙ୍କୁ ମୁଁ ବଡ଼ଭାଇର ସମ୍ମାନ ଦେଉଥିଲି । କିନ୍ତୁ ଡିବେଟ୍ ଆଦିରେ ତାଙ୍କ ସହିତ ମୋର ପ୍ରତିଯୋଗିତା ହେଉଥିଲା । ଥରେ ସେ ଡିବେଟ୍‌ରେ ମୋ ପାଖରୁ ହାରିଗଲେ । ତା'ପରେ ଅନ୍ୟ ଏକ ସଭାରେ ସେ କହିଲେ ଯେ କୁଆଡ଼େ ମୁଁ ମୋର sunny voice ଓ funny language ଦ୍ୱାରା ବିଚାରପତିଙ୍କୁ ପ୍ରଭାବିତ କରିପାରିଥିଲି ଏବଂ ମୁଁ ଯେହେତୁ ସମ୍ବଲପୁରର ଲୋକ, ବିଚାରପତି ମତେ ପ୍ରଥମ ସ୍ଥାନ ଦେବା ପାଇଁ ଆଗରୁ ଠିକଣା କରିସାରିଥିଲେ । ମୁଁ ପରେ ଉତ୍ତର ଦେଲି ଯେ ଶ୍ରୀରାମବାବୁ ମତେ ମୋର sunny voice and funny language ପାଇଁ ଆକ୍ରମଣ କରିଥିଲେ ବି ମୁଁ ତାଙ୍କର harsh voice and coarse language ପାଇଁ ଅଭିନନ୍ଦନ ଜଣାଉଛି । ମୁଁ ଆହୁରି ମଧ୍ୟ କହିଲି ଯେ ସେ ଆଗରୁ ପ୍ରଥମ ସ୍ଥାନ ଅଧିକାର କରିବେ ବୋଲି ଅତି ମାତ୍ରାରେ ନିଶ୍ଚିତ ହୋଇଥିବାରୁ ସେ ତାହା କରିପାରିଲେ ନାହିଁ ।

ଶ୍ରୀରାମ ବାବୁ ଛାତ୍ର ଭାବରେ ଅଦ୍ୱିତୀୟ ଥିଲେ । ସେ ପାଟନା ବିଶ୍ୱବିଦ୍ୟାଳୟରେ ମେଟ୍ରିକୁଲେସନ୍‌ରେ ଓ ଆଇ.ଏ.ରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଅର୍ଥଶାସ୍ତ୍ର ନେଇ ସେ ବି.ଏ. ଓ ଏମ୍.ଏ. ପରୀକ୍ଷାରେ ଖୁବ୍ ଭଲ କରିଥିଲେ । ଲେକ୍‌ଚରର୍ କାମ ସେତେବେଳେ

ପ୍ରାୟ ମିଳୁ ନ ଥିବାରୁ ସେ ପ୍ରଥମେ ଇନ୍‌କମ୍ ଟେକ୍ସ ବିଭାଗରେ କାମ କଲେ। ମୁଁ ଲେକ୍‌ଚରର୍ ଭାବରେ ଯୋଗ ଦେବାର କେତେବର୍ଷ ପରେ ସେ ଲେକ୍‌ଚରର୍ ହେଲେ। କିଛିବର୍ଷ ପରେ ଏକ ବିଷୟ ହିସାବରେ ପଲିଟିକାଲ ସାଇନ୍‌ସର ଉଦ୍ଭବ ହେଲା ଏବଂ ସେ ଏହି ବିଷୟରେ ପ୍ରଫେସର୍ ପୋଷ୍ଟ ପର୍ଯ୍ୟନ୍ତ ଉଠିଥିଲେ। ତାଙ୍କର ସ୍ମରଣ ଶକ୍ତି ପ୍ରଖର ଥିଲା। ବିଶେଷତଃ ଆମ ସମ୍ବିଧାନ ଉପରେ ତାଙ୍କର ଅଭୂତପୂର୍ବ ଦଖଲ ଥିଲା। ତେଣୁ ସେ ଛାତ୍ର ସମାଜରେ ବହୁତ ଆଦୃତ ହେଉଥିଲେ। କଲେଜ ଇଉନିୟନ ସବୁର ସଭା ଓ ଉତ୍ସବମାନଙ୍କରେ ଏହାର ମୁଖ୍ୟ ଅତିଥି ତାଲିକାରେ ତାଙ୍କର ସର୍ବଦା ପ୍ରଥମ ସ୍ଥାନ ଥିଲା। ତାଙ୍କର କେତେଗୋଟି ବିଶେଷତ୍ୱ ଥିଲା। ସେ ଗୋଟେ କ୍ଲାସ୍‌ରେ ପଢ଼ାଇବା ବେଳେ ବି ଖୁବ୍ ପାଟିକରି କହୁଥିଲେ ଏପରିକି ସେ ରେଭେନ୍‌ସା କଲେଜର ଆର୍ଟସ୍ ଊିଙ୍ଗ୍‌ରେ ପଢ଼ାଉଥିଲେ ବି ସାଇନ୍‌ସ ଊିଙ୍ଗ ଯାଏଁ ତାଙ୍କର ସବୁ କଥା ଶୁଣାଯାଉଥିଲା। ଆଉ ସଭା ସମିତି କଥା ତ ଛାଡ଼। ବକ୍ତୃତା ଦେବାବେଳେ ମୁଣ୍ଡକୁ ବୃତ୍ତାକାର ଭାବରେ ବୁଲାଇବା ତାଙ୍କର ଆଉ ଗୋଟିଏ ବିଶେଷତ୍ୱ ଥିଲା।

ସେ ଭାରି ସ୍ପଷ୍ଟବାଦୀ ଥିଲେ। କିନ୍ତୁ ଅପ୍ରିୟ ସତ୍ୟ ବି ଅତି ନିର୍ମମ ଭାବରେ କହୁଥିଲେ। ତେଣୁ ଭଦ୍ର ସମାବେଶମାନଙ୍କରେ ତାଙ୍କ ସହିତ କଥାବାର୍ତ୍ତା କରିବାକୁ ଲୋକେ ଭୟ କରୁଥିଲେ। ତାଙ୍କର ଧୀଶକ୍ତି ପ୍ରଖର ଥିବାରୁ ଏବଂ ବିଶ୍ୱବିଦ୍ୟାଳୟର Act ଓ Statutes ଆଦିରେ ଗଭୀର ପ୍ରବେଶ ଥିବାରୁ ସିନେଟ୍ ଓ ସିଣ୍ଡିକେଟ୍ ଆଦିରେ ତାଙ୍କ ସହିତ ଟକ୍କର ଦେବା ପାଇଁ କେହି ସାହସ କରିପାରୁ ନ ଥିଲେ। କିନ୍ତୁ ସେ ଭାରି କ୍ଷମତାଲୋଭୀ ଥିଲେ। ତେଣୁ ସେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ପୂରାପୂରି ଓଲଟପାଲଟ କରିଦେଲେ। ସେ ଖୋଲାଖୋଲି ଭାବରେ କହିବାକୁ ଲାଗିଲେ, "I am the University". ସେ ଯାହା ଚାହିଁଲେ ତାହା କଲେ, ଆଉ ନିଜ ଇଚ୍ଛାରେ ମୋଡ଼ାମୋଡ଼ି କଲେ- କେବଳ ଦୁଇଟି ଉଦାହରଣ ଦେଲେ ଯଥେଷ୍ଟ ହେବ।

ଥରେ ଜଣେ ଜାତୀୟ ବୃତ୍ତିଧାରୀ ଗରିବ ପିଲା ଆଇ.ଏସ୍‌ସି.ରେ ଗଣିତ ପରୀକ୍ଷା ପ୍ରଥମ ପତ୍ର ଦେଇପାରିଲା ନାହିଁ। ସେ ଫେଲ୍ ହୋଇଯିବ ଏବଂ ତା'ର ବୃତ୍ତି କଟିଯିବ, ଯାହା ସେ ଛାତ୍ର ଜୀବନର ଶେଷ ପର୍ଯ୍ୟନ୍ତ ନିଶ୍ଚିତ ପାଇଥାଆନ୍ତା। ପିଲାର ବାପା ଶ୍ରୀରାମ ବାବୁଙ୍କୁ ଧରିଲା। ସେ ପି.ସି.ଏମ୍. ଗ୍ରୁପ୍ ନେଇଥିଲା ଓ ବାୟୋଲୋଜି ତା'ର ଫୋର୍ଥ ସବ୍‌ଜେକ୍ଟ ଥିଲା। ଶ୍ରୀରାମ ବାବୁ ଆଇନ୍ ମୋଡ଼ି ଜଣେ ଚାରିଟି ବିଷୟ ନେଇଥିଲେ ଯେ କୌଣସି ବିଷୟ ୪ର୍ଥ ବିଷୟ ହୋଇ ପାରିବ ବୋଲି ଏକ ନୂତନ ବ୍ୟାଖ୍ୟା କଲେ ଏବଂ ସିଣ୍ଡିକେଟ୍ ସଭ୍ୟମାନେ ତାଙ୍କୁ ଏତେ ଭୟ କରୁଥିଲେ ଯେ ତାଙ୍କ କଥା କେହି କାଟି ପାରିଲେ ନାହିଁ। ଫଳ ବାହାରିବା ଉପରେ ଥିଲା, ତେଣୁ ଆଉ ଥରେ ଫଳ ରିଭାଇଜ୍ କରାହେଲା ଏବଂ କେମେଷ୍ଟ୍ରି, ଫିଜିକ୍ସ ଆଦି ବିଷୟରେ ଫେଲ୍ ହୋଇଥିଲେ ବି ପିଲା ଆଇ.ଏସ୍‌ସି. ପାସ୍ କଲେ। ସେହି ପିଲାମାନେ ଯେତେବେଳେ ଆଇ.ଆଇ.ଟି.କୁ ଦରଖାସ୍ତ କଲେ ଆଇ.ଆଇ.ଟି.ର କର୍ତ୍ତୃପକ୍ଷ ବିଶ୍ୱବିଦ୍ୟାଳୟର ଏ ପ୍ରକାର ନିଷ୍ପତ୍ତିରେ ଆଶ୍ଚର୍ଯ୍ୟ ହୋଇଗଲେ। ଏହା କହିବାର ଆବଶ୍ୟକତା ନାହିଁ ଯେ ସେମାନେ ପ୍ରବେଶିକା ପରୀକ୍ଷାରେ ବି ବସିପାରିଲେ ନାହିଁ। ମୁଁ ଯେତେବେଳେ ଆମେରିକାରୁ ଫେରିଥାଏଁ। ମୁଁ ଯେତେବେଳେ ଶ୍ରୀରାମ ବାବୁଙ୍କୁ କହିଲି ଯେ ସେ ଏ କଥା କରି ବିଶ୍ୱବିଦ୍ୟାଳୟର ମର୍ଯ୍ୟାଦା କ୍ଷୁଣ୍ଣ କରିଛନ୍ତି ଓ ଜଣେ ପିଲାକୁ ସାହାଯ୍ୟ କରିବାକୁ ଯାଇ ସାରା ଛାତ୍ର ସମାଜର ପ୍ରଭୂତ କ୍ଷତି କରିଛନ୍ତି, ସେ ରାଗିଗଲେ ଓ କହିଲେ "ତୁ କ'ଣ ବୁଝିବୁରେ ?" କିନ୍ତୁ ଏଥିରେ ମୁଁ ତାଙ୍କ ବିରୋଧରେ ଲାଗିଗଲି ଓ ଆର ବର୍ଷଠୁ ପୁରୁଣା ନିୟମ ଫେର୍ ଲାଗୁ ହେଲା।

ଅନ୍ୟ ଏକ ଉଦାହରଣ - ବିଶ୍ୱବିଦ୍ୟାଳୟ ବିଭିନ୍ନ ବିଷୟର Board of Studies ପାଠ୍ୟକ୍ରମ ଓ Regulations ତିଆରି କରନ୍ତି। ଏହି ସୁପାରିସ୍ ଗୁଡ଼ିକ ଏକାଡ଼େମିକ୍ କାଉନ୍‌ସିଲ୍‌ରେ ପଡ଼େ। ଏକାଡ଼େମିକ୍ କାଉନ୍‌ସିଲ୍ ଯେଉଁ ସବୁ ପରିବର୍ତ୍ତନ ହଁ କରେ ସେ ସବୁ ରେଗୁଲେସନ୍ ଫର୍ମରେ ପକାଇବା ପାଇଁ ଗୋଟିଏ ରେଗୁଲେସନ୍ ଆମେଣ୍ଡିଂ କମିଟି ଥାଏ। କିନ୍ତୁ ଡ. ଶ୍ରୀରାମଚନ୍ଦ୍ର ଦାଶ ଏତେ କ୍ଷମତାଶାଳୀ ହୋଇଯାଇଥିଲେ ଯେ ରେଗୁଲେସନ୍ ଆମେଣ୍ଡିଂ କମିଟି ସମସ୍ତ ବୋର୍ଡ ଅଫ୍ ଷ୍ଟଡ଼ିଜ୍‌ର ସୁପାରିସ୍ ଏକାଡ଼େମିକ୍ କାଉନ୍‌ସିଲରେ ପକାଉଥିଲା। ଏତଦ୍ୱାରା ଶ୍ରୀରାମ ବାବୁ ନ ଚାହିଁଲେ କୌଣସି ବୋର୍ଡ ଦ୍ୱାରା କୌଣସି ପରିବର୍ତ୍ତନ ଏକାଡ଼େମିକ୍ କାଉନ୍‌ସିଲରେ ପଡ଼ିପାରୁ ନ ଥିଲା। ତେଣୁ ବିଭିନ୍ନ ବିଷୟର ପ୍ରଫେସରମାନେ ଶ୍ରୀରାମ ବାବୁଙ୍କ ପାଖରେ ଅଧିଆ ପଡୁଥିଲେ। କାରଣ ଶ୍ରୀରାମ ବାବୁ ହଁ ନ କହିଲେ ସେମାନଙ୍କ ବିଷୟଗୁଡ଼ିକରେ କୌଣସି ପରିବର୍ତ୍ତନ ହୋଇପାରିବ ନାହିଁ ଏବଂ କୌଣସି ସ୍ପେଶାଲ୍ ଗ୍ରୁପ୍ ବା ସ୍ପେଶାଲ୍ ପେପର୍ ଆଦିର ପରିବର୍ତ୍ତନ ହୋଇପାରିବ ନାହିଁ। ବିଶେଷତଃ ମେଡ଼ିକାଲ୍ କଲେଜ ଲୋକେ ଛାନିଆ ହୋଇଯାଉଥିଲେ କାରଣ ନୂଆ ବ୍ରାଞ୍ଚ ନ ଖୋଲିଲେ ସେକେଣ୍ଡ କିମ୍ବା ଥାର୍ଡ ପ୍ରଫେସର ଆଦି କେହି ହୋଇପାରିବେ ନାହିଁ। ସେଥିରେ ବି ଏଡୁକେସନ୍ ବୋର୍ଡର ସୁପାରିସ୍ ପେଶ୍ କରିବା ପାଇଁ କୁଳପତି ଏଡୁକେସନ୍ ଫାକଲ୍‌ଟିର କାହାକୁ ନ ଡାକି ଶ୍ରୀରାମ ବାବୁଙ୍କୁ ଡାକିଲେ। ମୁଁ ଏକ ପଏଣ୍ଟ ଅଫ୍ ଅର୍ଡର ଉଠାଇଲି ଏବଂ ସେଥିରେ ଜିଦ୍ ଧରି ଛିଡ଼ା ହୋଇ ରହିଲି। ଶ୍ରୀରାମ ବାବୁ ବି ଛିଡ଼ା ହୋଇ ରହିଲେ। ଶେଷକୁ କୁଳପତି ମୋର ପଏଣ୍ଟ ଅଫ୍ ଅର୍ଡରକୁ ମାନିବାକୁ ବାଧ୍ୟ ହେଲେ ଏବଂ ଶ୍ରୀରାମ ବାବୁଙ୍କୁ ବସିଯିବାକୁ ପଡ଼ିଲା। ସେ ରାଗିଗଲେ ଏବଂ ଜୋର୍‌ରେ ପାଟିକରି ମୋତେ କହିଲେ, "ତୁ ମୋର ଏକ ନମ୍ବର ଶତ୍ରୁ।" ମୁଁ କହିଲି, "ଶ୍ରୀରାମ ବାବୁ କାହିଁକି କହୁନାହାନ୍ତି ଯେ ମୁଁ ତାଙ୍କର ଏକ ନମ୍ବର ବନ୍ଧୁ ବି।"

ଶାନ୍ତନୁ କୁମାର ଆଚାର୍ଯ୍ୟ

ସକାଳୁ ସକାଳୁ ସେଦିନ ଆମ ହଷ୍ଟେଲରେ ଫୁସ୍‌ଫାସ୍ କଥାବାର୍ତ୍ତା ଆରମ୍ଭ ହେଇଯାଇଥାଏ ଯେ ଆଜି ସାରା କଟକର ସବୁ ସ୍କୁଲ୍ ଆଉ କଲେଜର ଛାତ୍ରସମାଜ ଏକଜୁଟ ହେଇ ଗୋଟାଏ ଅଭୂତପୂର୍ବ କାଣ୍ଡ କରିବେ। କାଣ୍ଡଟା ହେଲା- "ୱେଷ୍ଟ ହଷ୍ଟେଲ୍ ରିପବ୍ଲିକ୍ ଘୋଷଣା।"

ୱେଷ୍ଟ ହଷ୍ଟେଲଟା କୋଉଠି ? ପୁଣି ରିପବ୍ଲିକ୍ ଜିନିଷଟା କଣ? ଆମେ ସେ ବର୍ଷ ନୂଆ କରି ଅଷ୍ଟମ ଶ୍ରେଣୀରେ ନାଁ ଲେଖେଇଥିବା ବାର-ତେର-ବର୍ଷିଆ ପିଲାଗୁଡ଼ାକ କଣ ବା ବୁଝନ୍ତୁ ସେସବୁ ଇଂଲିସ୍ ଶବ୍ଦରୁ ? ତେଣୁ ସକାଳ ପହରଟା ବଡ଼ ଉଦ୍‌ବେଗ ଭିତରେ କଟିଲା। କିନ୍ତୁ ଏ ବିଷୟଟା କେତେ ବିପଜ୍ଜନକ ସେ କଥା ଆମକୁ ଅଳ୍ପ ସୂଚନା ମିଳିଥିଲା। ସେ ସମ୍ବନ୍ଧରେ ଖୋଲାଖୋଲି କାହା ସାଙ୍ଗେ କଥାବାର୍ତ୍ତା ନକରିବା ପାଇଁ ଜଣେ ଉପର କ୍ଲାସ ପିଲା ଆମକୁ ନିର୍ଦ୍ଦେଶ ଦେଇଥିଲେ। "ଯଦି ପୋଲିସର ଗୁପ୍ତଚର ଜାଣିବ ଯେ ତମେ ଆଜିର ଶୋଭାଯାତ୍ରାରେ ଯିବାକୁ ବିଚାର କରିଚ ତେବେ ଆଗତୁରା ପୋଲିସ ଗିରଫ କରିନେବ ! ତା'ପରେ ନାଲି କୋଠା..." ସେ କହିଯାଇଥିଲେ କାନରେ ମୋର।

ପୋଲିସ ଦ୍ୱାରା ଗିରଫ ହବା କ'ଣ- ସେକଥା ଆମେ ପିଲାମାନେ କିଛିକିଛି ଜାଣିସାରିଥାଉ। କିନ୍ତୁ ନାଲି କୋଠା ଶବ୍ଦଟା ଆମ ପାଇଁ ସଂପୂର୍ଣ୍ଣ ନୂଆ। ନାଲି କୋଠା! ସେ ଏକ ମାରାତ୍ମକ ଜଗତ୍ ଯୋଉଠିକି ହାତକଡ଼ା ପଡ଼ି, ଜେଲ ଭ୍ୟାନରେ ବସି, କଏଦୀମାନେ ଆସନ୍ତି କଚେରିଟିକୁ। ସେ କଚେରି ଗୁଡ଼ାକ ଅବଶ୍ୟ ଆମ ସ୍କୁଲ ହତାର ଠିକ୍ ଆରପଟେ ! ସେପାଖେ ଥାଏ କଟକ କଲେକ୍‌ଟରଙ୍କ ଅଫିସ୍, ରେଭେନ୍ୟୁ କମିଶନରଙ୍କ ଅଫିସ ଆଉ ଜଜ୍‌କୋର୍ଟ-ଅର୍ଥାତ୍ ନାଲିକୋଠା (ପରେ ସେଠି ହେଲା-ଓଡ଼ିଶା ହାଇକୋର୍ଟ)। ଓଡ଼ିଶାର ସମସ୍ତ ବଡ଼ବଡ଼ ମାଲିମକଦମାର ବିଚାର ହୁଏ ସେଇ ସବୁ କୋଠା ମାନଙ୍କରେ। ବିଶେଷତଃ ବଡ଼ବଡ଼ ଚୋରି ଡକାୟତି ମାମଲାର ବିଚାର ହୁଏ ପ୍ରତିଦିନ ସେଇ ସବୁ ହାକିମମାନଙ୍କ କୋର୍ଟ ବା ଜଜ୍‌ସାହେବମାନଙ୍କ କଚେରିରେ। ଆମେ ପିଲାମାନେ ଖେଳଛୁଟି ବେଳେ ସ୍କୁଲ ପାଚେରି ଆର ପଟର ଜନଜୀବନର ଗତିବିଧିକୁ ଲକ୍ଷ୍ୟ କରିବାକୁ ହତା ବାହାରକୁ ଚାଲିଯାଉ।

ସେ ଏକ ଅଜବ ଦୁନିଆ ଯାହା ବିଷୟରେ ଆମ ଭଳି ଗାଁରୁ ଆସିଥିବା ପିଲାଙ୍କର କିଛି ହେଲେ କିଛି ଧାରଣା ନଥାଏ। ସେ ଦୁନିଆରେ ହର୍‌ଦମ୍ ଚାଲିଥାଏ ହଇଚଇ, ଗଣ୍ଡଗୋଳ, ହୋହଲ୍ଲା, ଧସ୍ତା-ଧସ୍ତି, ଠେଲାପେଲା। ସେ ଦୁନିଆର ଅଧିବାସୀ ହେଲେ ଧଳା ପ୍ୟାଣ୍ଟ ଓ କଳାକୋଟ ପିନ୍ଧା ପଞ୍ଝାପଞ୍ଝା ଓକିଲ ଆଉ ଗାଈ ପଛେ ପଛେ ବାଛୁରୀ ଗୋଡ଼ାଇଲା ଭଳି ତାଙ୍କ ପଛେପଛେ ଗୋଡ଼େଇଥିବା ନିପଟ ମଫସଲି ମଳିମୁଣ୍ଡିଆ ମହକିଲ ଗଣ। ପୁଣି ଧଳା ୱର୍ଦ୍ଦି ଆଉ ନାଲି ପଗଡ଼ି ଓ କାନ୍ଧରେ ଚକଚକିଆ ପିତ୍ତଳର ମୋହର୍‌ବସା ହୁଦା ପକେଇଥିବା ଅର୍ଦ୍ଦିଳି ଅମୁକ ନାଁର ଲୋକ ହାଜର ହୈ ହାଜର ହୈ ହାଜର ହୈ-ତ୍ରିବାର ଡାକ ଆମକୁ ଶୁଣାଯାଏ କ୍ଲାସରୁମରେ ସୁଦ୍ଧା। ସେ ଡାକରା ଶୁଣିଲା ପରେ କଣ ଘଟେ ସେଠି ସେ ଘଟଣା ନିଜ ଆଖିରେ ଦେଖିବାକୁ ଆମେ ପିଲାମାନେ ବଡ଼ ଉତ୍ସୁକତା ପ୍ରକାଶ କରୁ। ଖେଳଛୁଟି ହେଲେ ଆମେ ଛୁଟିଯାଉ ସେଇ ଜାଗାକୁ ଯୋଉଠୁ ସେ ଡାକ ବାହାରୁଥାଏ। ସେ ଡାକ ମୋ କାନକୁ ବଡ଼ ଆତଙ୍କଦାୟକ ରଡ଼ି ଭଳି ଶୁଣାଯାଏ। ଯତେକି ଭେରେଣ୍ଡା (ଅଣ୍ଡିରା ବିଲୁଆ) ରଡ଼ି ଛାଡ଼ୁଚି କୋଉଠି ! ମନେପଡ଼େ ପିଲା ଦିନେ ରାତି ଅଧରେ ଗାଁରେ ଏଭଳି ଭେରେଣ୍ଡା ଡାକ ଶୁଣାଯିବା ବେଳେ ବୋଉ କେମିତି ଆମ ଶୋଇଲା ପିଲାମାନଙ୍କ ମୁଣ୍ଡକୁ ଉପରକୁ ଟେକିଦେଉଥିଲା-କାଳେ ଯମ ତା' ଶୋଇଲା ପିଲାଙ୍କୁ ଟେକିନେଇ ପଳେଇବ ସେଇ ଭୟ ଥିଲା ତା'ର ସେପରି ଅଦ୍ଭୁତ ବ୍ୟବହାରର କାରଣ ବୋଲି ଜାଣିଥିଲି ମୁଁ। କିନ୍ତୁ ଏଠି ଏ କଚେରିରେ ଯୋଉ ଭେରେଣ୍ଡା ଡାକ ପଡୁଥାଏ ସେଥିରେ କୋଉ ଶୋଇବା ମହକିଲର ପ୍ରାଣକୁ ଯମ ଦେବତା ଶୂନ୍ୟେଶୂନ୍ୟେ ବାଜ୍ୟାପ୍ତ କରିଦେବେ-ସେଇ ଘଟଣା ସ୍ୱଚକ୍ଷୁରେ

ଦେଖିବା ପାଇଁ ମୁଁ ଦିନେଦିନେ କଚେରି ସାମନାରେ ଟହଲ ମାରେ ଆଉ ବେଳେବେଳେ ପଶିଯାଏ ବି ବିଚାରଳୟ ଭିତରକୁ।

ସେଇ ସବୁ ସମୟରେ ମୋ' ଆଖିରେ ପଡ଼େ ଅନେକ ଅନେକ ଅଦ୍ଭୁତ ଦୃଶ୍ୟ। ଗୋଟାଏ କଳା ରଙ୍ଗର ଜେଲ ଭ୍ୟାନରୁ ଯେତେବେଳେ ବାହାର କରାଯାଉଥାଏ କଏଦୀମାନଙ୍କୁ। ସେମାନଙ୍କ ହାତରେ ପଡ଼ିଥାଏ ହାତକଡ଼ି। ଅଣ୍ଟାରେ ବନ୍ଧାଯାଇଥାଏ ମୋଟା ମୋଟା ଦଉଡ଼ି। ଏଇ ହାତକଡ଼ି ପିନ୍ଧା କଏଦୀମାନେ ହେଲେ ଅପରାଧୀ ଯୋଉମାନଙ୍କୁ କୁହାଯାଏ ଚୋର ଡକାୟତ ବା ଖୁନୀ ଆସାମୀ। ସେମାନଙ୍କ ଭ୍ୟାନରୁ ବାହାରକରି ବନ୍ଧୁକଧାରୀ ପୋଲିସ ମେଣ୍ଢା ଅଡ଼େଇଲା ପରି ଅଡ଼େଇ ନେଇଯାଏ ଗୋଟାଏ ଖୁଆଡ଼ ଭଳି ଅପରିଷ୍କାର ଅନ୍ଧାରୁଆ ଘର ଭିତରକୁ। ସେ ଘରେ ଝରକା ନଥାଏ। କବାଟରେ ମୋଟାମୋଟା ଲୁହା ରେଲିଂମାନ ଖଞ୍ଜାଯାଇଥାଏ। ସେଇଟା ଉଭୟ କବାଟ ଓ ଝରକାର କାମ ଦିଏ। କଏଦୀମାନଙ୍କୁ ପଛଆଡ଼ୁ ଗୋଟାଏ ଗୋଟାଏ ତଣ୍ଡିଆ କି ବୁଟ୍ ପିନ୍ଧା ଗୋଡ଼ର ଗୋଇଠା ମାରି ପୋଲିସ ଜଗୁଆଳ ଠେଲିଦିଏ ସେଇ ଅନ୍ଧାର ଘର ଭିତରକୁ। ତା'ରି ନାଁ ପୋଲିସ ହାଜତ!

ଥରେ କୌତୂହଳବଶତଃ ସେ ହାଜତ ଘର ଭିତରକୁ ଅନେଇ ଦେଖିଥିଲି ମୁଁ ତା' ଭିତରର ଅବସ୍ଥା। ରେଲିଂ ସନ୍ଧିରେ ନାକ ଗଳେଇବା ମାତ୍ରେ ମତେ ଅଇ ଉଠେଇଲା। ଇସ୍ ! କି ଦୁର୍ଗନ୍ଧ ! ବିଚରା ବନ୍ଦୀ ଲୋକମାନେ ସେଇ ଘରେ ଚଟାଣରେ ନିଶ୍ଚୟ ହଗିମୂତି ପକେଇଥାନ୍ତି! ତାକୁ ପରିଷ୍କାର କରିବାକୁ ବେଳ ନଥାଏ କାହାରି। ତା'ରି ନାଁ ଥିଲା-ହାଜର ଘର। ଗିରଫ ହଉଥିବା ଲୋକମାନେ କଚେରିକୁ ସେମାନଙ୍କ ମକଦମା ବିଚାର ପାଇଁ ଆସିଲେ ପୋଲିସ ସେମାନଙ୍କୁ ହାକିମ ଆଗରେ ହାଜର କରାଇବା ଆଗରୁ ପ୍ରଥମେ ଏଇ ନରକ ଭଳି ହାଜତରେ ଜବତ୍ କରି ରଖନ୍ତି।

କିନ୍ତୁ ଅନେକ ଥର ଜେଲ ଭ୍ୟାନରୁ ମଧ୍ୟ ଓହ୍ଲାନ୍ତି ଗୁଡ଼ିଏ ଖଦଡ଼ ପିନ୍ଧା କଂଗ୍ରେସୀ ଭଦ୍ରଲୋକ। ସେମାନଙ୍କର ହାତକଡ଼ି ପଡ଼ିନଥାଏ; କିନ୍ତୁ ସେମାନେ ଯେ ଜେଲଖାନାର କଏଦୀ ତା'ର ପ୍ରମାଣ ମିଳୁଥାଏ ସେମାନଙ୍କୁ ଯେତେବେଳେ ହାଜତରେ ଠୁଙ୍କନ୍ତି ପୋଲିସବାଲାଏ। ଥରେ ଥରେ ମଧ୍ୟ ସେମାନଙ୍କ ଭିତରୁ କଣକଣଙ୍କର ହାତରେ ହାତକଡ଼ି ଆଉ ଅଣ୍ଟାରେ ଦଉଡ଼ି ବନ୍ଧା ହବା ଦୃଶ୍ୟ ଦେଖିଥିଲି ମୁଁ। ସେଇ ଅବସ୍ଥାରେ କିନ୍ତୁ ସେମାନେ ଛାତି ଫୁଲେଇ ବଡ଼ପାଟିରେ "ମହାତ୍ମା ଗାନ୍ଧିଜୀ ଜୟ" ସହଳି ଦଉଥାନ୍ତି। ସେମାନଙ୍କୁ ସେଇ କାରଣରୁ କୁହାଯାଉଥିଲା- କଂଗ୍ରେସୀ ସତ୍ୟାଗ୍ରହୀ। ଏମାନେ ସାଧାରଣ ଚୋର ତସ୍କର ନୁହନ୍ତି, ଏମାନେ ବ୍ରିଟିଶ୍ ଶାସନର ଆଇନ୍ ଅମାନ୍ୟକାରୀ ସତ୍ୟାଗ୍ରହୀ-ଏକଥା ବୁଝିଲା ପରେ ମନରେ ସେମାନଙ୍କ ପ୍ରତି ଖୁବ୍ ସମ୍ମାନବୋଧ ଜନ୍ମି ସାରିଥାଏ ମୋର।

ତେଣୁ ସେଦିନ ଯେତେବେଳେ ଶୁଣାଗଲା ଯେ ଆଜି ଗୋଟାଏ ମସ୍ତବଡ଼ ଶୋଭାଯାତ୍ରା ବାହାରିବ ଆମ ସ୍କୁଲ ହତା ଭିତରୁ, ଆଉ ସେ ଶୋଭାଯାତ୍ରା କଟକ ସହରର ମେନ୍ ରାସ୍ତାରେ ଚାଲିଚାଲି ଯିବ ସିଧା ରେଭେନ୍‌ସା କଲେଜ ହତା ଭିତରକୁ ଯୋଉଠି ଓ୍ୱେଷ୍ଟ ହଷ୍ଟେଲ ନାମକ ଏକ ଛାତ୍ରାବାସକୁ ଦୀର୍ଘ ଅଠଚାଳିଶ ଘଣ୍ଟା ଧରି ଅବରୁଦ୍ଧ କରି ରଖିଥିବା କେତେକ ଛାତ୍ରନେତାଙ୍କ ବୀରତ୍ୱପୂର୍ଣ୍ଣ କାର୍ଯ୍ୟର ମୁଣ୍ଡି ମରିବ-ସେ ଛାତ୍ରାବାସ ଉପରେ ଭାରତର ଜାତୀୟ ପତାକା ଅର୍ଥାତ୍ ମହାତ୍ମା ଗାନ୍ଧିଙ୍କ ଅରଟ ଚିହ୍ନିତ ତ୍ରିରଙ୍ଗା ପତାକାର ଉତ୍ତୋଳନ ମାଧ୍ୟମରେ, ଯେତେବେଳେ ମୁଁ ଆଉ ନିଜର ଭାବାବେଗକୁ ନିୟନ୍ତ୍ରିତ କରିପାରିଲି ନାହିଁ। ସେଦିନ ସ୍କୁଲ ଫାଟକ ଆଗରେ "ମହାତ୍ମା ଗାନ୍ଧିଜୀ ଜୟ ! ଇନ କିଲାପ ଜିନ୍ଦାବାଦ।" ଶବ୍ଦ ଶୁଣାଯିବା ମାତ୍ରେ ମୁଁ ଭୁସ୍‌କିନା ମୋ' ବେଞ୍ଚରୁ ଉଠି ଠିଆହେଇପଡ଼ିଲି। ଶ୍ରେଣୀ ଶିକ୍ଷକ ମତେ ପଚାରିଲେ, "କଅଣ ହେଲା-ଠିଆ ହେଲ କାହିଁକି? ବସି ପଡ଼। ବସି ପଡ଼ ! କ'ଣ ତମେ ପ୍ରସେସନରେ ଯିବାକୁ ବାହାରିଚ କି ?"

ମୁଁ କିଛି ଉତ୍ତର ଦେଲି ନାହିଁ। ବହିପତ୍ର ସବୁ ବ୍ୟାଗରେ ଭର୍ତ୍ତି କରିସାରିଥାଏ।

"ଦେଖ! ତୁମକୁ ପୋଲିସ ବାନ୍ଧି ନବ ଯଦି ପ୍ରସେସନରେ ଯାଅ! ପୁଣି ତମ ନାଁରେ ମକଦମା ହବ! ତମକୁ ଗିରଫ କରି ପୋଲିସ ଜେଲ ଭ୍ୟାନରେ ଆଣି ହାଜର କରିବ ଏଇ ପାଟେରି ଆରପଟ ମାଜିଷ୍ଟ୍ରେଟଙ୍କ କୋର୍ଟରେ। ତମ ନାଁ ଡାକରା ପଡ଼ିବ-ମୁଦାଲା ଶାନ୍ତନୁ କୁମାର ଆଚାର୍ଯ୍ୟ ହାଜର ହାୟ ! ହାଜର ହାୟ ! ହାଜର ହାୟ !- ତିନିଥର ! ସେଥିପାଇଁ ପ୍ରସ୍ତୁତ?"

ମୁଁ ମୁଣ୍ଡ ତଳକୁ କରି ଠିଆହେଇ ରହିଲି। ସେ ଭିତରେ ଆହୁରି କେତେଜଣ ବି ମୋ' ଭଳି ଠିଆହେଇ ପଡ଼ିଥାନ୍ତି। କ୍ଲାସ୍ ଶିକ୍ଷକ କିନ୍ତୁ ତାଙ୍କ ଦାୟିତ୍ୱ ତୁଲାଇବାରେ ହେଳା କରୁନଥାନ୍ତି। ତାଙ୍କ ଦାୟିତ୍ୱ ଥିଲା-ଆମମାନଙ୍କୁ ପୋଲିସ କାର୍ଯ୍ୟାନୁଷ୍ଠାନ ସଂପର୍କରେ ଚେତେଇଦେବା। ସେ ପଚାରିଲେ, "ତମ ବାପାମାନଙ୍କର ଅନୁମତି ଅଛି? ସେ ସବୁ ବାଜେ କାମରେ ମାତନା। ତମ ବାପାମାନେ ତମମାନଙ୍କୁ ଏ ସ୍କୁଲକୁ ପଠେଇଛନ୍ତି ପାଠ ପଢ଼ି କଲେଜ ଶିକ୍ଷା ପାଇଁ ପ୍ରସ୍ତୁତ ହେବାକୁ। ତା'ପରେ ତମେମାନେ ନିଜର ଭବିଷ୍ୟତ ଗଢ଼ିବାକୁ ଉପଯୁକ୍ତ ମାର୍ଗ ଖୋଜିନେବ। କିଏ ଡେପୁଟି ମାଜିଷ୍ଟ୍ରେଟ ହବ ତ କିଏ ଓକିଲାତି କରିବ। କିଏ ଡାକ୍ତରି ପଢ଼ିବ ତ କିଏ ଇଞ୍ଜିନିୟରିଂ। କିନ୍ତୁ ତମେମାନେ ଯଦି ସରକାରୀ ଚାକିରିରେ ପଶିବାକୁ ଚାହୁଁଥାଅ- ବଡ଼ହଉ କି ଛୋଟହଉ- ସେତେବେଳେ ତମ ବିରୁଦ୍ଧରେ କି କି ମାଲିମକଦମା ସବୁ ଅତୀତରେ ହେଇଥିଲା ତା'ର ତର୍ଜମା ନିଶ୍ଚୟ କରାଯିବ। ପୋଲିସଠୁ ତମ ସଂପର୍କରେ ମଗାଯିବ ଗୁପ୍ତ ରିପୋର୍ଟ।

ଯଦି ତମ ବିରୁଦ୍ଧରେ କିଛି ମନ୍ଦ ରିପୋର୍ଟ ମିଳିବ ପୋଲିସଠୁ ତେବେ ତମେ ଯେତେ ଉଚ୍ଚ ଡିଗ୍ରୀପ୍ରାପ୍ତ ମେଧାବୀ ଛାତ୍ର ହେଲେ ବି ସରକାରୀ ଚାକିରିରୁ ବଞ୍ଚିତ ହେବ ଶାନ୍ତନୁ ! ତେଣୁ ଖବରଦାର ! ସେଥିରେ ମାତନା ଆଦୌ ! ସେ ପ୍ରସେସନ୍ ଫ୍ରସେସନରେ ମିଶି ନିଜର ଭବିଷ୍ୟତକୁ ଅନ୍ଧକାର ଭିତରକୁ ଠେଲିଦେବା ଆଦୌ ବୁଦ୍ଧିମାନର କାମ ନୁହେଁ-ପିଲାମାନେ ! ଚୁପ୍‌ଚାପ୍ ବସିପଡ଼। ପାଠରେ ମନ ଦିଅ।"

ସେତେବେଳକୁ ମୁଁ କ୍ଲାସରୁ ବାହାରିଯାଇଥାଏ। ଏକାଡ଼ିଆଁକେ ଯାଇ ହାଜର ହେଇସାରିଥାଏ ସ୍କୁଲ୍ ଫାଟକ ସାମ୍‌ନାରେ ଅଳ୍ପ ଅଳ୍ପ ଜମୁଥିବା ପିଲାଙ୍କ ମେଳରେ। ସେଇଠୁ ଆରମ୍ଭ ହେଲା ଡାକରା, ମହାତ୍ମା ଗାନ୍ଧିଜୀ ଜୟ! ଇନ୍‌କିଲାପ ଜିନ୍ଦାବାଦ! ଓ୍ୱେଷ୍ଟ ହଷ୍ଟେଲ ରିପବ୍ଲିକ୍ ଜିନ୍ଦାବାଦ୍। କିଏ ପ୍ରଥମେ ଆରମ୍ଭ କଲା ସେ ପହଲି ସବୁ କେଜାଣି। କିନ୍ତୁ ସେ ଡାକର କିଛି ଅଦ୍ଭୁତ ଆକର୍ଷଣ ଶକ୍ତି ଥିଲା ନିଶ୍ଚୟ। ପଦ୍ମତୋଳା ଶୁଣିଲେ ସାପ ଯେମିତି ଗାତରେ ରହିପାରେନ ଆଦୌ, ବାହାରି ଆସେ ସିଧା କେଳା ହାବୁଡ଼କୁ, ସେମିତି ମୁହୂର୍ତ୍ତକ ଭିତରେ ଶହଶହ ପିଲା କୋଉଠୁ କେଜାଣି ଅଜାଡ଼ି ହେଇ ପଡ଼ିଲେ ରାସ୍ତା ଉପରେ। ଜଣକର କଣ୍ଠସ୍ୱର ପରିଣତ ହେଇଗଲା- ସହସ୍ର କଣ୍ଠସ୍ୱରରେ।

When the Day Broke in Two: August 9, 1942

IT hadn't rained for days. A weak August sun cast its pale light over the buildings of red brick and the lush lawns of the quadrangle. The slow swish of the gyrating water sprinklers seemed to play upon the mind a gentle, unconscious hypnosis.

Only a month back, in the beginning of July, I had joined the first year Science class in Ravenshaw College. The youngest in our batch of 128 students, I was still awed by the tall columns, the majestic facades of the college building; and by the rows of colorful flower beds, of geraniums and phlox, of chrysanthemums and tuberose, which lit up the centre of the quadrangle where the sundial stood, deity of a kind I'd not know before.

But more than anything else, were the feelings our professors induced in me. There they were: in a way deities too, but differently made, more human than human in their attitudes towards students; professors Bansidhar Samantrai, Sadasiv Mishra, V.V. John, Balabhadra Prasad, to name a few – –dressed in immaculate suits, their striking neckties, their walk of gods! How many times, I recollect now, I must have wished myself to walk up to them and speak a word or two! However, this could never happen, I lived in a separate, smaller world. My own.

But now I want to hold on to a particular day in August of the Year 1942, a day that has been like no other – – perhaps in the history of Ravenshaw College. Almost 75 years to this day, but the events that took place remain vivid as ever in my mind.

The morning sun was young. In the Physics Lecture Theater our English Professor Mr. Rajkishore Ray was reading out a section from the poem, "Atlanta's Race." And, true to my restless nature, my mind had wandered off, I can't say where. Maybe to another world, far away from the one I was in. A world that led me through the high windows of the lecture theatre, a world lost in the skies, that did not know where the beginning was, or the end. A country of dream.

Without warning, I was brought back to reality by a commotion in the college. Our professor heard it too. He paused for a moment, looked at us, a question on his face. Soon the noise increased; whatever it was, had come nearer.

I was both curious and excited. In moments a group of students had assembled at the door of the lecture theatre. Their shouts, now louder and clearer, reverberated across the corridor. The words "British, Quit India" and "Inquilab, Zindabad" filled the air.

It was the 9th of August, 1942.

I was not yet fourteen.

I was only aware that we wanted the Sahebs to leave India, but the deeper significance of the Freedom Movement eluded me. And I was aware of Mahatma Gandhi, a simple man, with a simple mind, who was facing the British with his simple humanity.

11.30 A.M.

With sweeping gestures of their raised arms, the students kept on shouting slogans, and urging us all the while to abandon classes and join them. The helpless look on the professor's face was



unmistakable. In a couple of minutes my classmates had walked out and were moving down the corridor to another classroom.

We had become a sizable number a striking students when we got together near the office of the Principal. In the meantime a small group of women students had joined us. We were spread out on the clay tennis courts, with the student leaders addressing us amidst the shouting of slogans.

It's hard for me to say what happened then. All of it was so sudden. I found myself staring at the office rooms from where I noticed thick smoke was hanging about.

The sight of the fire simply magnified the uproar. Unsure of what to do, I pushed myself into the middle of the crowd of students. The fiery speeches stripped us of our thoughts. We only knew we had to do what our leaders told us to do.

01.00P.M.

En masse, our group of students slowly walked out of the main gate of the college, with the smoke still snaking out behind us, the tennis courts mute witnesses to our actions. I'd no idea then, that we would be marching to the Prince of Wales Medical School (Presently the S.C.B. Medical College) for our demonstration.

Nor did I know that we'd be lathi-charged in the hospital grounds by the police, led by the crafty British policeman, Sergeant Hargreaves.

But that would be another story. That I would return to my lodgings late in the evening, weary and broken-hearted, having experienced a new phase of life, and realized too that what life had to say had been said.

And that I was no more the fourteen-year boy who had walked out of the gate of Ravenshaw College around noon on the 9th of August 1942.

Prof. Jayanta Mahapatra
Tinikonia Bagicha
Cuttack - 753 001

ଚାରି ବର୍ଷର ଅଙ୍ଗେ ନିଭାଇଥିବା କଥା

ବହୁକାଳ ତଳର କଥା - ସେତେବେଳକୁ ଦ୍ୱିତୀୟ ମହାଯୁଦ୍ଧ ସରି ଆସୁଥାଏ, ଭାରତ ସ୍ୱାଧୀନ ହେବ କି ନାହିଁ କିଛି ଜଣା ନଥାଏ। ଗାନ୍ଧିଜୀ ଜେଲରୁ ଖଲାସ ହୋଇଥାଆନ୍ତି, ମାତ୍ର ସବୁ ରାଜନୈତିକ ବନ୍ଦୀ ଖଲାସ ବି ହୋଇ ନଥାନ୍ତି। ୧୯୪୫ ଜୁନ୍ ମାସରେ ମୁଁ ମୋ ହାଇସ୍କୁଲ୍ ରେଭେନ୍‌ସା କଲେଜିଏଟ୍‌ରୁ ଉତ୍କଳ ବିଶ୍ୱବିଦ୍ୟାଳୟର ମାଟ୍ରିକ ପରୀକ୍ଷାରେ ପାସ୍ ହୋଇ ପ୍ରଦେଶର ସର୍ବଶ୍ରେଷ୍ଠ କଲେଜ, ରେଭେନ୍‌ସା କଲେଜରେ ନାଆଁ ଲେଖାଉଥାଏ।

ମୋର ଯେତେଦୂର ମନେଅଛି, ଆମ ସ୍କୁଲରୁ ଆମେ ପନ୍ଦର ଜଣ ପିଲା ପ୍ରଥମ ଶ୍ରେଣୀରେ ପାସ୍ ହୋଇଥିଲୁ। ସେତେବେଳେ ପ୍ରଥମ ଶ୍ରେଣୀରେ ଭାରି ମହତ୍ୱ ଥିଲା; ଏବେ ଆଉ ନାହିଁ। ଆମ ପନ୍ଦର ଜଣଙ୍କ ଭିତରୁ ଚଉଦ ଜଣ ସାଇନ୍‌ସ କ୍ଲାସରେ ନାଆଁ ଲେଖାଇଲେ। ମୁଁ ଏକୁଟିଆ ଆର୍ଟସ୍ ପଢ଼ିଲି।

କଲେଜରେ ମଫସଲରୁ ଆଉ ଭଲ ଛାତ୍ର ଆସି ପ୍ରବେଶ ନେଇଥାଆନ୍ତି। ସେମାନେ ହଷ୍ଟେଲ୍‌ରେ ରହୁଥାଆନ୍ତି। ତାଙ୍କ ସହିତ କ୍ରମେ ପରିଚୟ ହେଲା। ମାତ୍ର ସେମାନେ ହଷ୍ଟେଲ୍‌ରେ ରହୁଥିବାରୁ ସେମିତି ମୈତ୍ରୀ ହୋଇପାରିଲା ନାହିଁ। ମୁଁ ଇକନମିକ୍ସ, ଲଜିକ୍ ଓ ମାଥେମାଟିକ୍ସ ନେଇଥାଏ। ଗଣିତ ବିଷୟର ଶିକ୍ଷକ ଭଲ ଜାଣିଲାବାଲା ଥିଲେ। ମାତ୍ର, ପଢେଇବା ଢଙ୍ଗ ପିଲାଙ୍କୁ ବିଷୟ ପ୍ରତି ଆକୃଷ୍ଟ କରିବାର ନଥିଲା। ତେଣୁ, ଯାହାର ସେ ବିଷୟରେ ଆଗ୍ରହ ବେଶି, ସେ ନିଜ ପ୍ରଯତ୍ନଦ୍ୱାରା ନିଜେ ଆଗକୁ ଗଲା। ଅନ୍ୟମାନେ ଅଧାପଚୁରିଆ ହୋଇ ପାସ୍ ହେଲେ। ଇକନମିକ୍ସରେ ଭଲ ପଢେଇଲା ଅଧ୍ୟାପକ ହେଲେ ସଦାଶିବ ମିଶ୍ର। ସେ ଏମିତି ଉଦାହରଣ ଦେଇ ବିଷୟକୁ ବୁଝାନ୍ତି ଯେ ମନରେ ଲାଖିଯିବ; ବହି ଘୋଷିବା ଅନାବଶ୍ୟକ। ଇଂରାଜୀ ବିଷୟ ପଢୋଉଥିଲେ ଅଧ୍ୟାପକ ଭି.ଭି. ଜନ୍। ସେ ସିଲାବସ୍‌କୁ ଧରି ପରୀକ୍ଷାରେ ପାସ୍ ହେବାପାଇଁ ପଢୋଉ ନଥିଲେ। ସେ ଇଂରାଜୀ ସାହିତ୍ୟ ଓ ସାହିତ୍ୟିକଙ୍କ ବାବଦରେ ଏମିତି ସବୁ କଥା କହୁଥିଲେ ଯେ କ୍ଲାସ୍‌ରୁ ଉଠିଯିବାକୁ କେବେ ମନେ ହୁଏନାହିଁ। ସେସବୁ ବାବଦରେ ଛାତ୍ର ମନରେ ଏକ ଆକର୍ଷଣ ନିର୍ମାଣ କରିବାରେ ସେ ସିଦ୍ଧହସ୍ତ ଥିଲେ। କୌଣସି ବିଷୟରେ ଭଲ ପ୍ରବନ୍ଧ ଲେଖିବାକୁ ହେଲେ କିପରି ଲେଖିବ ତାହା ଜନଙ୍କ ଲେକ୍‌ଚର୍‌ରୁ ଅନୁମାନ କରିହେବ।

ଦି ବର୍ଷ ପରେ ବି.ଏ. କ୍ଲାସ୍‌କୁ ଗଲାପରେ ପରିସ୍ଥିତି ବଦଳିଗଲା। ମୁଁ ଇକନମିକ୍ସ ଅନର୍ସ ନେଲି। ମାତ୍ର, ସେତେବେଳକୁ ସଦାଶିବବାବୁ ଆଉ ଉଚ୍ଚଶିକ୍ଷା ପାଇଁ ଇଂଲଣ୍ଡ ଯାଇଥାଆନ୍ତି। ଆମକୁ ମୂଳ ଇକନମିକ୍ ଥିଓରି ପଢେଇବା ମାଷ୍ଟ୍ରକୁ ପଢେଇବାର ଗନ୍ଧ ବି ଜଣାନଥିଲା। ସେ ବଜାରରେ ମିଳୁଥିବା କଲିକତାର ଦି ଜଣ ଅଧ୍ୟାପକଙ୍କ ଲେଖା ବହିରୁ ପଢ଼ି ଆମ କ୍ଲାସରେ ଭାଷଣ ଦେଉଥିଲେ। ସେ ବହି ରଦି ବହି ଥିଲା। ତେଣୁ ପଢାର ମୂଲ୍ୟ କିଛି ନଥିଲା। ସେତେବେଳେ ଢାକାରୁ ବାହାରି ଆସିଥିବା ଜଣେ ଅଧ୍ୟାପକ ଡିପାର୍ଟମେଣ୍ଟର ପ୍ରମୁଖ ହୋଇଥାଆନ୍ତି। ସେ ଭଦ୍ରଲୋକ, ମାତ୍ର ପଢେଇବା ଯଥାତଥା। ବି.ଏ.ର ଶେଷ ବର୍ଷରେ ଅଧ୍ୟାପକ ଏ.କେ. ଦାସଗୁପ୍ତ ପ୍ରମୁଖ ହୋଇ ଆସିଲେ। ମାତ୍ର ଆମ ଦୁର୍ଭାଗ୍ୟକୁ ସେ ନୂଆହୋଇ ଖୋଲିଥିବା ଏମ୍.ଏ. କ୍ଲାସ୍‌ରେ ପଢାନ୍ତି। ଆମକୁ ଠିକଣାରେ ପଢାଇବାକୁ କେହି ଭଲ ଶିକ୍ଷକ ନଥାନ୍ତି। ହଷ୍ଟେଲ୍‌ରେ ରହୁଥିବା ପିଲେ ଏମ୍.ଏ.ର ପିଲାଙ୍କଠାରୁ କିଛି ଜାଣନ୍ତି; ମାତ୍ର ଆମ ଡେ-ସ୍କଲାର ସହାୟହୀନ। ତେଣୁ ଆମ ଅବସ୍ଥା ଗାଆଣି ଗାଇଲା ନାହିଁ।

ଭଲ ପଢେଇବା ଶିକ୍ଷକଙ୍କ ଭିତରେ ଥିଲେ ଇଂରାଜୀର ଦି ଜଣ, ପି.ଏସ୍.ସୁନ୍ଦରମ୍ ଓ ପ୍ରଫୁଲ୍ଲକୁମାର ପତି। ସେତେବେଳେ ଏକ ଟ୍ୟୁଟୋରିଆଲ୍‌ର ବ୍ୟବସ୍ଥା ଥିଲା। ସବୁଠାରୁ ଭଲ ଟ୍ୟୁଟୋରିଆଲ୍ ଥିଲା, ଫିଲୋସଫିରେ ଅଧ୍ୟାପକ ରତ୍ନାକର ପତି ଓ ଇଂରାଜୀରେ ପ୍ରଫୁଲ୍ଲ ପତିଙ୍କର। ମାତ୍ର, ମୁଖ୍ୟ ବିଷୟ ଇକନମିକ୍ସର ଦୁର୍ଦଶା ଫଳରେ କଲେଜ ପଢାର ଆକର୍ଷଣ ରହିଲାନାହିଁ। କଟକ ଛାଡି ବାହାରକୁ ଯିବାର ପ୍ରବଳ ଇଚ୍ଛା ହେଲା। ବି.ଏ.ର ଦଶ ବର୍ଷ ପରେ ଶିକାଗୋ ବିଶ୍ୱବିଦ୍ୟାଳୟରେ ପଢିବାର ସୁଯୋଗ ମିଳିଲା। ସେତେବେଳେ ପ୍ରଫେସର ମିଲଟନ୍ ଫ୍ରିଡମାନ ଓ ପ୍ରଫେସର୍ ଆର୍ନଲ୍ଡ ହାରବରଗରଙ୍କ କ୍ଲାସରୁ ଜାଣିଲି ଥିଓରି କିପରି ଭଲ ପଢାଯାଏ। ତାହା ଗଣିତ-ପ୍ରଧାନ ନଥିଲା। ପ୍ରତି ତତ୍ତ୍ୱର ଖୋଲାଖୋଲି ବିଶ୍ଳେଷଣ କରି ତାହାର କିପରି ଓ କାହିଁକି ଓ ଶେଷକୁ ତାହାର ବାସ୍ତବ ପରିସ୍ଥିତି ଜାଣିବାରେ ବ୍ୟବହାର କିପରି ସେ କଥା

ବୁଝାଇଲେ, ପଢ଼ି ମୁଖସ୍ଥ କରିବାର ଆବଶ୍ୟକତା ନଥାଏ । ଏ ପ୍ରକାର ବୁଝାଇ କହିବାର ପାଠ୍ୟପୁସ୍ତକ ବି ଉପଲବ୍ଧ ଥାଏ । ଅସଲ କଥା ଜାଣିଲି, ଯେ ଶାସ୍ତ୍ରର ମୂଳଦୁଆକୁ ଠିକଣାରେ ଜାଣିବାପାଇଁ ଆମେରିକା ଯିବାର ଆବଶ୍ୟକତା ନାହିଁ । ତାହା ଆମ ଦେଶରେ, ସତ କହିଲେ, ବି.ଏ. କ୍ଲାସ୍‌ରେ କହିଲେ, ବି.ଏ. କ୍ଲାସରେ ବି ଠିକଣାରେ ପଢ଼ାଇହେବ । ମାତ୍ର, ସେଥିପାଇଁ ଠିକ୍ ଜାଣିଥିବା, ଜଣେଇ ପାରୁଥିବା ଶିକ୍ଷକ ଦରକାର; ଛେଳି ଗୋଡରେ ପାଳ ମଳି ହୁଏନାହିଁ ।

କଲେଜ ଖାଲି ପଢ଼ାର ସ୍ଥାନ ନଥିଲା । ସେଠାରେ ଅନ୍ୟ ଅନୁଷ୍ଠାନମାନ ଆମକୁ ଖାଲି ବିଭିନ୍ନ ବାବଦରେ ତିଆରି କରୁଥିଲା, ସେତିକି ନୁହେଁ, ଆମପାଇଁ ଭବିଷ୍ୟତ ଜୀବନର ବିଭିନ୍ନ ଦିଗପ୍ରତି ଦୃଷ୍ଟି ନିର୍ମାଣରେ ସାହାଯ୍ୟ କରୁଥିଲା । ଆମ ଡେ-ସ୍କଲାରଙ୍କ ପାଇଁ ଏକ ଆସୋସିଏଶନ୍ ଥିଲା । ତାହାର ସେକ୍ରେଟାରୀ ଓ କାର୍ଯ୍ୟକାରୀ ସମିତିର ସଭ୍ୟ ବିଭିନ୍ନ କ୍ଲାସରୁ ନିର୍ବାଚିତ ହେଉଥିଲେ । ମୋ'ର ପ୍ରଥମ ଦି ବର୍ଷରେ ମୁଁ ସେଠାରେ କ୍ଲାସ ରିପ୍ରେଜେଣ୍ଟେଟିଭ୍ ଥିଲି । ସେକ୍ରେଟେରୀ ଥିଲେ ରବି ରାୟ । ସେ ଷ୍ଟୁଡେଣ୍ଟ କଂଗ୍ରେସ୍‌ର; ମାତ୍ର ତାଙ୍କ କାମରେ ରାଜନୀତି ନଥିଲା । ସେ ସେତେବେଳେ କେହି ବିଶିଷ୍ଟ ବକ୍ତାଙ୍କୁ ଭାଷଣ ପାଇଁ ନିମନ୍ତ୍ରଣ କରିବା, ପିଲାଙ୍କୁ ଡେ-ସ୍କଲାର ଲାଇବ୍ରେରୀରୁ ବହି ଉଧାର ଦେବା, ଡେ-ସ୍କଲାର ଫଣ୍ଡରୁ ଆର୍ଥିକ ସାହାଯ୍ୟର ବ୍ୟବସ୍ଥା କରିବା ଇତ୍ୟାଦି କାମ କରୁଥିଲେ । ଆଡ୍‌ଭାଇଜର ଥାଆନ୍ତି ଅଧ୍ୟାପକ କରୁଣାକର କର । ତୃତୀୟ ବର୍ଷରେ ମୁଁ ସର୍ବସମ୍ମତି କ୍ରମେ ସେକ୍ରେଟେରୀ ହେଲି । ସବୁ କାମ ସାଙ୍ଗକୁ ମୁଁ ଡେ-ସ୍କଲାରଙ୍କ ସାଇକଲ୍ ପାଇଁ ଏକ ପୁଟ୍ ପମ୍ପର ବ୍ୟବସ୍ଥା କଲି । ଚତୁର୍ଥ ବର୍ଷର ଛାତ୍ର ସେକ୍ରେଟାରୀ ହେଉନଥିଲେ ।

ଆଉ ଏକ ଅନୁଷ୍ଠାନ ଥିଲା - କଲେଜ ୟୁନିୟନ୍ । ଏହା ସମସ୍ତଙ୍କର । କଲେଜ ୟୁନିୟନ୍ ସେକ୍ରେଟାରୀଙ୍କ ପ୍ରଧାନ କାମ ଥିଲା, ପ୍ରତି ପନ୍ଦର ଦିନରେ ସନ୍ଧ୍ୟାରେ ଏକ ଡିବେଟିଂ ସଭାର ବନ୍ଦୋବସ୍ତ କରିବା । ଡିବେଟିଂ ପାଇଁ ବିଷୟ ଆଗରୁ ଘୋଷଣା କରାଯାଉଥିଲା ଓ ଭାଗନେବା ପିଲେ ତାଙ୍କ ନାଆଁ ଶେଷ ଦିନ ପର୍ଯ୍ୟନ୍ତ ସେକ୍ରେଟାରୀଙ୍କୁ ଦେଉଥିଲେ । ଆଡଭାଇଜର ଥାଆନ୍ତି ଅଧ୍ୟାପକ ଜନ୍ । ମୋ କଲେଜ ଜୀବନରେ, ବିଶେଷକରି ଶେଷ ଦିବର୍ଷରେ ୟୁନିଅନ୍ ମିଟିଂକୁ କେବେ ନଆସିବା ଓ ଭାଗ ନ ନେବା କରିନଥିଲି । ଆମ ସେକ୍ରେଟାରୀ ଥାଆନ୍ତି ଗଙ୍ଗାଧର ରଥ । ସେ କମ୍ୟୁନିଷ୍ଟ; ମାତ୍ର ତା ସହିତ ୟୁନିଅନ୍ କାମର ସମ୍ବନ୍ଧ ବହୁତ କମ୍ । କଲେଜରେ କୌଣସି ବାବଦରେ ଷ୍ଟ୍ରାଇକ୍ ହେବାର ଥିଲେ ତାହାର ପ୍ରସ୍ତାବ ଓ ଯୋଗାଡ ଅନ୍ୟମାନେ କରୁଥିଲେ, ୟୁନିଅନ୍ ନୁହେଁ । ମୋର ମନେ ଅଛି, କଲେଜ ଓ ସରକାରଙ୍କ ବିରୋଧରେ (ସେତେବେଳେ ଇଂରେଜ ସରକାର) ଥରେ ଷ୍ଟ୍ରାଇକ୍ ହେଲା । ଆମର ନେତାଥିଲେ ମନମୋହନ ମିଶ୍ର । ଆମେ ସହରଯାକ ବୁଲି, ସ୍ଲୋଗାନ୍ ଦେଇ, ମନମୋହନବାବୁ ରଚନାକରି ଗାଉଥିବା ଗୀତ ("ପକାତୁ ପଛେ ଚିରା ସମାଜେ ଯେତେ ତୋ ଇଚ୍ଛା ତାଳିରେ, ପଡିଚି ଯା'ର ପାଳି" ଓ ଆହୁରି କେତେ) ତାଙ୍କସାଙ୍ଗରେ ବୋଲି ଯାଉଥିଲୁ । ମାତ୍ର, କଲେଜ କାନ୍ଥରେ ପୋଷ୍ଟର ବା ଖଡିରେ ସ୍ଲୋଗାନ୍ ଲେଖିବା ମୁଁ କେବେ ଦେଖିନଥିଲି । ବାର୍ଷିକ ସ୍ପୋର୍ଟ୍‌ସ ବେଳେ ୟୁନିୟନ୍ ଜ୍ୟାକ୍ ତଳକୁ ଓହ୍ଲାଇବା ପାଇଁ କାରବାର ହେଲା; ମାତ୍ର ତାହା କଲେଜ ୟୁନିୟନ୍‌ର କାମ ନଥିଲା । ଥିଲା ପିଲାଙ୍କ ଅନ୍ୟ ଯୋଗାଡିଆଙ୍କ ତରଫରୁ ।

କଲେଜରେ ସେତେବେଳେ ଅନେକ ଭଲ ଡିବେଟର୍ ଥିଲେ । ମାତ୍ର କେବଳ ସେମାନେ ଯେ ଭାଗ ନେଉଥିଲେ ତାହା ନୁହେଁ । ଅନ୍ୟମାନେ ବି ଭାରି ଇଚ୍ଛୁକ । ମୋର ମନେ ଅଛି, ମୋର ଦି ଜଣ ସାଙ୍ଗ ପ୍ରତି ଡିବେଟିଂ ବେଳେ ଅମୃତବଜାର ପ୍ରତିକା ଓ ଷ୍ଟେଟସ୍ ମ୍ୟାନ୍‌ର ସମ୍ପାଦକୀୟ ପଢ଼ି ତହିଁରୁ ଉତାରି, ଲେଖି, ଘୋଷି, ଆସି ବକ୍ତୃତାଦେବାକୁ ଠିଆହୁଅନ୍ତି । ମାତ୍ର ଦି ବାକ୍ୟପରେ ଘୋଷିଥିବା କଥା ମନେ ନପଡିବାରୁ ଦୃଢ଼ଭାବରେ ଠିଆହୋଇ ମନେ ପକେଇବାକୁ ଚେଷ୍ଟା କରନ୍ତି । ପିଲେ ହସିଲେ ବି ତାଙ୍କୁ ପାଟିକରି ଘଉଡାଇ ଦିଅନ୍ତିନାହିଁ । ସେ ତାଙ୍କର ନିର୍ଧାରିତ ବେଳ ସରିବା ପର୍ଯ୍ୟନ୍ତ ଠିଆହୋଇ ଚେଷ୍ଟାକରନ୍ତି । ଏପରି ହେଲେହେଁ ସେ ଦିଜଣ କେଭେ ଏ କାମରୁ ପଛଘୁଂଚା ଦେଇନଥିଲେ । ୟୁନିଅନ୍‌ର ଏ କାମ ଫଳରେ ବାର୍ଷିକ ବୋଡାସଂବର ପ୍ରାଇଜ୍ ଡିବେଟ୍‌ରେ ଆମ କଲେଜର ପିଲା ପ୍ରାୟ ପ୍ରଥମ ହେବା ମୋର ମନେ ଅଛି । ମୁଁ ବି ବର୍ଷେ ଭାଗ ନେଇଥିଲି । ମାତ୍ର ଡିବେଟର ଅଧଘଣ୍ଟା ପୂର୍ବରୁ ଘୋଷଣା କରାଯାଉଥିବା ବିଷୟରେ ମୁଁ ଏତେକଥା କହିବି ବୋଲି ସ୍ଥିର କଲି ଯେ ମତେ ଲାଗିଲା ଖୁବ୍ ଦ୍ରୁତଗତିରେ ନକହିଲେ ସବୁ ପଏଣ୍ଟ କହିହେବନି । ମାତ୍ର ଫଳ ହେଲା, ପରୀକ୍ଷକ କହିଲେ ଏ ଯେଉଁ ଗତିରେ କହିଲା, ଶୁଣିଲାବାଲାଙ୍କୁ ଧ୍ୟାନଦେବା କଷ୍ଟ । ତେଣୁ ମୁଁ ସବୁଠାରୁ ଭଲ ବିଷୟ କହି ବି ତୃତୀୟ ସ୍ଥାନରେ ରହିଲି ।

ମୋ କଲେଜ ଜୀବନରେ ଦୁଇ-ତିନୋଟି ବିଶିଷ୍ଟ ଘଟଣା ଘଟିଥିଲା । ଏକ, ଭାରତ ସ୍ୱାଧୀନ ହେଲା । ୧୯୪୭ ଅଗଷ୍ଟ ଚଉଦ-ପନ୍ଦରର ମଝିରାତିରେ ଭାରତରେ ୟୁନିୟନ୍ ଜ୍ୟାକ ତଳକୁ ଖସାଇ ଆମ ପତାକା ଉପରକୁ ଉଠିଲା । ଆମେ କଲେଜ ସାମ୍ନା ଖୋଲା ଜାଗାରେ ଠିଆ ହୋଇ ପ୍ରିନ୍‌ସିପାଲ୍ ପତାକା ଉତ୍ତୋଳନ କଲାବେଳେ ବନ୍ଦେ ମାତରଂ ଗାଇଥିଲୁ ଓ ସେଣ୍ଟ୍ରାଲ୍ ଲେଜିସ୍ଲେଟିଭ ଆସେଂବ୍ଲିରେ ପଣ୍ଡିତ ନେହେରୁଙ୍କ ଭାଷଣ ରେଡିଓରେ ଶୁଣିଥିଲୁ । ଦ୍ୱିତୀୟ ଘଟଣା ହେଲା, ଗାନ୍ଧିଜୀଙ୍କ ହତ୍ୟା । ସେତେବେଳକୁ କଲେଜ ସାରି ଆମେ ଘରକୁ ଫେରିଥାଉ । ସେଦିନ ରାତିସାରା କଟକ ଲୋକେ ରାସ୍ତା ଉପରେ ଉପାସରେ ବା ଦରପେଟରେ କଟାଇଥିଲେ । ତୃତୀୟ ଘଟଣା ହେଲା, ପ୍ରଚଣ୍ଡ ବଢ଼ି । କାଠଯୋଡି ବନ୍ଧ ଭାଙ୍ଗିଯିବାର ଭୟ ହେଲାରୁ ପ୍ରିନ୍‌ସିପାଲ୍ କଲେଜ ପିଲାଙ୍କୁ ଖାନନଗର ଯାଇ ସେଠାରେ ବାଲିବସ୍ତା ନଈବନ୍ଧରେ ପକାଇବାର କାମ କରିବାକୁ ଅନୁମତି ଦେଇଥିଲେ ।

ସେତେବେଳେ କଲେଜରେ ଛାତ୍ରୀଙ୍କ ସଂଖ୍ୟା କମ୍ ଥିଲା । ସେମାନେ ପଢ଼ାଛାଡି ଅନ୍ୟ କାର୍ଯ୍ୟକ୍ରମରେ ବିଶେଷ ଭାଗ ନେଉନଥିଲେ । ତଥାପି, ମୋ ପରେ ଜଣେ ଛାତ୍ରୀ ଡେ-ସ୍କଲାର୍ ଆସୋସିଏଶନ୍‌ର ସେକ୍ରେଟେରୀ ନିର୍ବାଚିତ ହୋଇଥିଲେ ।

ଏବେ କିପରି କଲେଜରେ ସବୁ ହେଉଛି, ମୋର ବ୍ୟକ୍ତିଗତ ଅଭିଜ୍ଞତା ନାହିଁ। ତେବେ, ମୋର ଦୀର୍ଘ ଦିନର ବିଶ୍ୱବିଦ୍ୟାଳୟ ଶିକ୍ଷାର ସମ୍ବନ୍ଧରୁ ମୋର ମତ ଯେ ରେଭେନ୍‌ସା କଲେଜଭଳି ସ୍ୱାୟତ୍ତ ଅନୁଷ୍ଠାନରେ ସବୁଦିନ ଶିକ୍ଷା ଦେବା ଅଧ୍ୟାପକ ରହିବା ବିଧେୟ। ଟ୍ରାନ୍‌ସଫର୍ ବାଲା ନଥିବେ। ଅଧ୍ୟାପନା ପାଇଁ ପ୍ରାର୍ଥୀ ବାଛିଲାବେଳେ ସେ କିପରି ପଢେଇପାରୁଚନ୍ତି ତାହା ତାଙ୍କୁ କ୍ଲାସ୍ ନେଇ ଏକ ପିରିଅଡ୍ ପଢାଇ ପରୀକ୍ଷା କରି ନେବା ଆବଶ୍ୟକ। ଦି ବର୍ଷ ପ୍ରୋବେଶନ୍ ପରେ କନ୍‌ଫର୍ମ କରିବା ପରିବର୍ତ୍ତେ ଅତି କମ୍‌ରେ ପାଞ୍ଚବର୍ଷ ଯିବା ଉଚିତ; ଆଉ ସେ କିପରି ପଢାଉଚନ୍ତି ତାହା କ୍ଲାସ୍‌ରେ ଦେଖି, ପିଲାଙ୍କ ଲେଖା ମତପତ୍ରିକା ଦେଖି ସ୍ଥିର କରିବା ଉଚିତ। ଠିକଣାରେ, ଉଚ୍ଚମାନର ପଢାହେଲେ ପିଲାଙ୍କର ପାଠପଢ଼ାରେ ନିଶ୍ଚୟ ବୃଦ୍ଧି ଘଟିବ।

ୟୁନିଅନ୍ ଓ ଆସୋସିଏଶନ୍ ମାନଙ୍କର କାମ ନିର୍ବିଘ୍ନରେ ଚାଲିବା ଉଚିତ। ମାତ୍ର ସେମାନେ ଖୋଲାଖୋଲି ରାଜନୈତିକ ପ୍ରଚାର କାମ ନ କରନ୍ତୁ। ସେ କାମ କଲେଜ ପିଲାଙ୍କର ଅନ୍ୟ ଅନୁଷ୍ଠାନ କରିବାରେ ବାଧା ନଥାଉ।

ଆଜି ଦେଶରେ ଉଚ୍ଚ ଶିକ୍ଷାର ମାନ ଅତି ତଳକୁ ଗଲାଣି। ରେଭେନ୍‌ସା କଲେଜଭଳି ଅନୁଷ୍ଠାନ ଉଚ୍ଚପଦକ୍ଷେପ ନେଇ ସେଥିରୁ ବାହାରି ପାରିଲେ ତାହା ଅନ୍ୟମାନଙ୍କପାଇଁ ଆଦର୍ଶ ହେବ। ଆମ କଲେଜର ପୁଣି ଭାଗ୍ୟୋଦୟ ଘଟୁବୋଲି ଆଶା କରିବା ଅପ୍ରାସଂଗିକ ନହେଉ।

ନୀଳକଣ୍ଠ ରଥ
Hon. Fellow,
Indian School of Political Economy,
PUNE 411016

A statement about my association with Ravenshaw College since 1946

I (Tara Prasad Das) was an I. Sc. Student in Ravenshaw College, Cuttack, Odisha during the period of 1946-'47, following my Senior Cambridge degree from Stewart School, Cuttack in December 1945. I received my I. Sc. degree from Ravenshaw College in 1947 with Physics, Chemistry and Mathematics as my principal subjects.

The faculty of these departments provided very valuable guidance, both in the classrooms and outside, to me and my fellow classmates. I should mention also that my father Radha Krishna Das was a Professor of Physics at Ravenshaw College from 1918-'72 and played an important role in the organization of the Physics Department. I feel I benefitted greatly from the valuable advice and guidance from my father and his colleagues, which helped me considerably with my further studies at Patna University for my Bachelor's degree, the Science College at Kolkata for my M. Sc. degree, and also my Ph. D. degree in Nuclear Magnetic Resonance (NMR) at Saha Institute of Nuclear Physics in Kolkata, both the latter affiliated with Kolkata University.

All these great experiences beginning at Ravenshaw College, I feel, greatly helped me pursuing my faculty career as Professor of Physics at University of California, Riverside (1961-'69), University of Utah (1967-'71), and the State University of New York (SUNY at Albany 1971-2013) in USA, to be able to guide my 56th Ph. D student (including 14 from Odisha) in the research to receive doctorates at California and New York.

I wish a great success on the occasion of the Sesquicentennial Celebration of the Ravenshaw University.

Tara Prasad Das
Professor (Emeritus) of Physics
State University of New York (SUNY),
Albany, USA

My Life in Ravenshaw College

I was in Ravenshaw College as a Lecturer in Economics for about 12 years from 1949 to 1961. I was also a student of the College for four years, both for I.A. and B.A. (Honours) in Economics. As a student, I was very much involved both in academic and extra curricular activities of the College. In my final year of B.A. degree, I held three important posts, Secretary of the Department of Economics Honours, General Secretary of the West Hostel where I resided for two years and General Secretary of the College Union. Each one provided me great opportunity to render manifold services to enhance academic activities of the College. As Secretary of the Economic Society, I was able to organise three study tours, one to coal mine of Talcher, another to Jamshedpur to visit the Tata Steel Plant and a third to Naraj in large boat in Mahanadi on a moonlit night. We had unique experiences in each one which I cannot possibly describe here.

In West hostel I was involved both in political and social problems, but fortunately all these did not create any hostilities with the authorities. As Secretary of the College Union at a time of Quit India Movement, I had to face many problems. We did not have a President of the Union. The post was abolished in the College due to political disturbances during 1942. My task of maintaining order in the college was terribly difficult. There were frequent strikes and boycott of the classes without the approval of the College Union. However, I can say that we were able to resolve many such conflicts with amicable settlement with cooperation of the students and good will of the teachers.

As such Ravenshaw College was a part of my life. When I joined as a Lecturer, I deemed it a great privilege. Teaching was not a problem with me. Everyday I was coming to the class thoroughly prepared, and I started with the impression that at a college level, discussion was much more important than only lecturing. I therefore, asked questions to the students and allowed them to ask questions to me. As a result class teaching was more participatory. I had a feeling that if you love your subject, students will also love the subject. In economic class, I also tried to give references from other areas in order to make the subject more interesting. I also tried to give some assignments on the subject which could help some students to enlarge their sphere of knowledge. We had some outstanding teachers in Economics Department like Dr. Sadasiv Mishra, Dr. Debendra Chandra Mishra and Dr. Kshetra Mohan Patnaik. Dr. Bidyadhar Mishra was working elsewhere in a research programme but he was also visiting the department from time to time. Every week we were organising a seminar with the participation of students and teachers which was so interesting that many students of other departments were coming to attend.

During my period of stay at Ravenshaw, I was not only confined to class work, I was also associated with many other activities of the College. I was Secretary of the Government College Teachers' Association for two years. This enabled me to come

in close contact with teachers working in different colleges. Once a meeting was held in Gangadhar Meher College, Sambalpur where Dr. Myadhar Mansingh was the Principal. My contact with him helped me later to work with him in many other academic and cultural activities.

I was also the Secretary of Old Boys' Association of Ravenshaw College. In those years the annual meeting of the Old Boys' Association was an important event. During my period, we had the privilege of having two leading figures of the country, one Asok Mehta, an eminent socialist leader of the country, who was also a Cabinet Minister in Planning and another. T.T. Krishnamachari, a Cabinet Minister of Commerce and Industry, Government of India. Their lectures were memorable.

Before closing, I will mention one more important event of my career in Ravenshaw College. We had a Cosmopolitan Club of which Samarendra Kundu, a young socialist leader was secretary and I was President. Under the auspices of the Cosmopolitan Club we organised summer camps during summer vacations. The summer camp was held different places. We formed a committee of which Dr. P. Parija, Vice Chancellor of Utkal University was Chairman, Dr. Sadasiv Mishra was Vice Chairman and I was the organiser. We had summer camps for 15 days at a stretch in places like Puri, Gopalpur, Chandipur and Paradip. About 50 senior students of the College attended such summer camps not as casual visitors, each one had to stay in the camp continuously for 15 days. I also remained with them for the whole period. It is not possible for me to describe the working of the summer camp. All that I can say is that in each summer camp, morning hours were utilised for some social work like digging of a pond in a village, helping in a school building in a panchayat, cleaning the temple area and involving people of the locality in cultural programmes, in afternoons some lectures were delivered by some eminent invited guests and evenings were utilised for some entertainment programmes by the participants. Let me also mention here that we did not receive any government grant for such summer camps – these camps were managed by personal contributions. These summer camps were memorable for me. Staying with senior students, for 15 days and participating with them in their activities not only helped me to keep close contact with the students but also to understand their problems and youthful desires and aspirations.

When I left Ravenshaw College, I carried with me such sweet memories. Even now in my advanced age, I dream of Ravenshaw College and of those activities which were part of my life. Let me conclude by saying that such feelings have sustained me so far.

Prof. Baidyanath Misra
17, Saheed Nagar, Bhubaneswar

My reminisces of Ravenshaw College

Ravenshaw College where I started my Science career, has so many memories for me that it is difficult to chose a few spanning over a long period which would be of interest to all. However, I thought that the following may be appropriate on this occasion as I consider them out of the ordinary! After my matriculation in 1952, it was decided by my family that I should pursue science to follow the footsteps of my maternal grandfather Dr. Kalicharan Patnaik who had retired as the Superintendent of SCB Medical College; and become a doctor. I want to note that I had passed Matriculation with music optional and there was no restriction for taking science indicating how open-minded our educational system was at that time. Although, I had seen Ravenshaw college when we went by it, I had never entered it. For my admission, I followed my maternal uncle Dr. Harihar Patnaik in a rickshaw as he chose to go by his bike, entered the majestic campus, went to the office for my admission. Coming from Ravenshaw Girl's School I was overwhelmed by the size of the buildings and campus. Classes started after monsoons in July and I used to go by rickshaw, the common mode of transport from Rajabagicha, through Badambadi, Dolomundai, Bajrakabati Road, turned right at Ranihat and then crossed the Taladanda canal to reach Ravenshaw College. There were hardly any buildings until we reached Ranihat, both sides of the road had swampy bushes. The area from Taladanda canal to Ravenshaw was open and relatively clean with only a few shops. Most of the shops in front of Ravenshaw College catered to the students. Thacker Variety store for notebooks and pens etc., South Indian hotel for meals and snack, and a very popular snack place managed by a Gujarati gentleman and hence called the Gujarati *dokan* (shop). Classes were held from 10 to 5 for I. Sc but for B.Sc some practical classes started at 8:30 AM. But, what was impressive was the spick and span campus. The quadrangle with the manicured lawns which had seasonal flowers during winter, provided the perfect atmosphere for the academic complex. The brick-color of the buildings chosen by the Britishers added a rare dignity to the building complex. We moved from room to room as per the schedule and had to take English and Odia where teachers from Arts faculty taught us. Most of our teachers were eminent in their fields including Dr. O' Brein whose son Derek and Barry O'Brein are often seen in the media!

Academics was at its best having very good and eminent teachers taking our classes from English to sciences. We were lucky that we had very good teachers who went on to make a name for themselves in their career.

Incidentally, we were only 8 girls amongst the 120 students in I.Sc. class. There was a ritual of us waiting outside until the teachers entered and exiting before the teachers left. This may sound strange now but we did not even think about it in those days.

Departments of Physics and Chemistry were very impressive and occupied whole blocks. Though we loved the ambience of the Physics department we did not like the foul smell of H_2S as we passed through the Chemistry Department. Botany department with a beautiful garden was at the back just like the present lay out. For some reason, Zoology department was squeezed into a few rooms in the building. Now the department is extended but the



claustrophobic atmosphere still remains. A memorable event was the visit of the legendary geneticist J. B. S. Haldane, to our Zoology department in the 1950's. He was working OUAT on a special invitation of the then Chief Minister Shri Biju Patnaik. Much to our surprise he came wearing a Lungi (remained a favourite with him) and a loose shirt. Zoology practicals were held in the botany department. Dr. Bansidhar Samantaray, the HOD of Botany, kept a close watch that we do not touch the beautiful flowers around. It may be hard to believe now but Shri Gopal Chandra Patnaik was in my section. We cut the toads and other animals together. He shifted to Arts, did his law and finally became the Chief Justice of our Supreme Court. Another incident worth reporting was when I joined as a Lecturer in Zoology and was taking the practical class with my teacher then colleague Shri S. C. Upadhaya. Once we went to conduct the practical class and incidentally the present Minister Honourable Dr. Damodar Raut was in the class. Recently when we met he recalled an incident which may not be believable now. As the laboratory attendant delayed procuring the toads, Shri Upadhaya reached for the same which were kept in a huge tub! There was a loud scream as there was a *Dhamana* in there who bit Shri Upadhyay. Needless to say this led to total chaos and dismissal of the class.

An unique event which may sound unusual is a field trip for collection of specimens from Zoology department to Kujang and adjoining islands including Sandhakud which was an island then, Khiragachha Madeli , Light House and Hukitola.

We went to Kujang by a motorlaunch M. L. Mahanadi which happened to be one of the fastest motor launch at the time. Unbelievable as it may sound we practically walked into the boat parked in the Taladanda canal near Ravenshaw college. At that time there was a regular ferry service through the Taladanda Canal-the main means of communication with limited road transport. We visited several islands for collection of specimens but the one worth mentioning is Hukitola island. It had a very impressive building with the last British care taker Benjamin Soloman (and his adopted mother of local origin). The rooms were furnished with exquisite furniture of the colonial era. A big revelation was the rainwater harvesting system which supplied water for the whole year! Now we are using rainwater harvesting for conservation of water but this probably was one of the earliest one in the state for survival in the midst of the sea! The Hukitola building was in ruins after the demise of Mr. Simon in 1978 which has been restored by INTACH as a heritage site.

A happening in 1954 was the opening of the Geology department when I passed I.Sc. As I could not get admission to the medical college due to technical reasons, I opted for Botany, Geolgy and Honours in Zoology.

Before the academic year came to an end there was a time for celebration. An Annual Variety show was organized by the Dramatic Society in the college hall which is now the Heritage Hall. One episode featured Khoka or Akshaya Mohanty which will be of interest to all! In those days every theatre had a tradition of featuring a blind singer who will enter the stage with a walking stick, sing a song as he goes over to the other side and exit. Akshaya Mohanty who was my contemporary in the Arts stream was given this coveted role. He came to the stage appropriately dressed in rags with closed eyes with his stick, singing as he walked to the other side. When he reached the middle of the stage he panicked and suddenly opened his eyes and saw us and bolted from the stage! He did not come to the college for several days but showed up much after the persuasions by teachers and friends. Later we came to know that he did not want to face us after this fiasco and attempted suicide! He ran to the railway station to commit suicide! Long after, when he was already a living legend I asked him what really happened. I will never forget how with a sly smile he told me that as per his plans he laid on the tracks to be run over by the Puri Express which was due at that time, but as it happened the train came but dashed off on the other track! Having no other choice, he had to go home and was persuaded by relatives and friends to resume his studies. Needless to say, after the failure of becoming a blind singer in Ravenshaw, Akshaya grew into one of the most popular singer-composer who also was

trend setter in the music tradition of Odisha starting a line now commonly referred to as Light Music inspiring generations of singers.

Another event worth mentioning was a folk more correctly a Santhal dance. Shri Bhabesh Das a few years our senior loved to play the Madal whenever he got a chance. We had no idea that he had persuaded some of our classmates to dress as santhal girls and dance to the accompaniment of his Madal. He was dressed as a Santhal boy with a cap adorned with colourful feathers. What came as a shock was to find two of our classmates in the group. It became obvious that they were boys dresses as girls and danced rather hopped clumsily on stage as some of their attire including the wigs along with the feathers came off . They were greeted with loud catcalls which led to an abrupt ending after a few minutes of the dance much to the disappointment of Shri Bhabesh Das. The scene is fresh in my memory and I laugh whenever, I remember it. Later I found out that Shri Das went to USA and is a great friend of the legendary Sam Pitroda!

Two events drew the whole of Cuttack town to the College, one was the Annual sports and the other one was the very impressive Science Exhibition.

It is appropriate to highlight the fact that the emergence of Odissi as a Classical Dance is a part of the legacy of Ravenshaw College. It has been said that Odissi is a classical dance which established itself as one of the most popular classical dance forms of India in the shortest possible time since its discovery in the First Inter-University Youth Festival in 1954. It may come as a surprise that it was representation from Ravenshaw College that made this possible. The first Inter-University Youth Festival (IUYF) was organized in 1954 in New Delhi, to encourage cultural exchange of the youth of the country. Altogether 26 universities out of a total of 31, participated in different categories. There was a lot of excitement amongst us as we were going out of Orissa for the first time and thats too as a team! Our the then Vice-Chancellor Dr. Parasuram Mishra gave the contingent his blessings and an official send-off. We were put up in tents in Talkatora garden. Competitions were held during the days and in the evenings.

Shri Dhirendranath Patnaik and I had entry for the classical dance category in Odissi style. Initially we were not allowed to compete. However, I was allowed to perform. Perhaps the organizers felt that my dance will not be taken seriously. However, the audience and the critics loved my costume, music and dance. Most important of all, the performance caught the attention of a lot of important people including Statesman's Art Critic, Dr. Charles Fabri who wrote that *"There was a strikingly original Orissi dance by kumari Priyambada Mohanty, obviously a born dancer"*. This was the first time people outside Odisha saw our dance and this laid the foundation for recognition of Odissi as a classical dance. I want to emphasize that it was chance to be part of Ravenshaw College contingent which brought the dance to National attention.

An event of extreme importance was holding the Science Congress in Ravenshaw College in 1962. I was a lecturer in Zoology and had the privilege of meeting most of the eminent scientists in those days including the legendary Dr. Vikram Sarabhai. I had given an Odissi performance which led to an invitation to perform in Ahmedabad, courtesy an invitation by Dr. Sarabhai who happened to be the husband of the famous dancer Shrimati Mrinalini Sarabhai! The campus came alive and reverbated with life with announcements being made periodically for the benefit of the delegates. The inauguration as well as the two-day cultural programme drew huge crowds from the town-a very memorable experience for all of us for all times to come! The souvenir brought out on this occasion is a collector's item now!

Professor Priyambada Mohanty Hejmadi
Former Vice-Chancellor, Sambalpur University
& Vice-Chancellor (I/C), NLUO, Cuttack

Reminiscences of a Ravenshavian

Remembering my academic and social experiences at the Ravenshaw College, I realize how special were the two years (1953-55) that I spent there, studying to earn my B.Sc.(Hons.) degree in physics, while staying at the East Hostel. They seem to have left some pleasant and indelible memories in my mind. I was a witness to the glory of Ravenshaw. It was undoubtedly the premier institution for higher education in the state, and had deservedly earned a name in the country owing to the accomplishments of the students graduating from it.

The teachings in the courses at Ravenshaw were not quite as broad in terms of covering a wide variety of topics compared to what I saw in this regard when I moved to Delhi University to complete my M.Sc. in physics. But those offered at Ravenshaw gave a thorough and solid foundation which I value more. The laboratories in physics and chemistry were well equipped in my time (no missing or broken apparatus in contrast to what I learned in later years) ; Kanika Library was a source of inspiration (no broken windows); the college debates were fun, as also was badminton (in which I became runners up).

East Hostel had a character of its own. The accommodation and the food were modest. Both were a big change compared to what I was used to at home. By the same token they taught me how to adjust to different circumstances in the company of friends. Occasional visits by a few of us to the popular South Indian Restaurant offered the treats that we needed.The Hostel Magazine ("Jagaran") of which I became the editor during my 4th year of B.Sc. , succeeding Shree Ramakant Rath (RR) who served in the same capacity in the previous year, posed an interesting challenge. It was a memorable stay in Room No. 42, which was reserved for the student getting the highest marks in the 3rd year of the B.A./ B.Sc. programme. Next to me was Shree Sitakant Mohapatra (SM) who had the highest mark in the 1st year of the I.A./I.Sc. programme. Both RR and SM made name and fame in the Indian Administrative Service and literary circles.

My most precious experiences were the activities of joy in the company of my close friends whom I came to know in the college and the hostel. The trips by a few of us (including Sachi Mishra, Dibyasingha Nanda and Nihar Hota) for overnight visits to Konarak, Puri and Chandikhole, and our Hostel trip to Chilika with the delicious prawns and crabs waiting for us to be served upon our return by boat from Kalijai, flash before my eyes as if they happened yesterday.

Ravenshaw (now the Ravenshaw University) being close to my heart, I wish it grand success in the celebration of its 150th Anniversary. May it surpass its past glory and be a beacon of light in inspiring the young students of Odisha, for generations to come, so that they may have a chance to fully utilize their native talents and shine in the world!

Prof. Jogesh Pati

SLAC, Department of Particlephysics and Astrophysics

Stanford University, USA

Dear Prof. Sarangi,

This is a continuation of my mail in which I promised to send two poems published in The Ravenshavian. On reconsideration, I am sending only one because two will demand more space. The Ravenshavian had also published an article by me on Jean Paul Sartre, 20th century's most eminent French philosopher. I remember when the-then Chief Minister Nabakrushna Chaudhury came to a function, I was introduced to him separately. I faced a number of questions on the article from him. I was told by Prof. Bidhu Bhusan Das that he was immensely impressed that a 4th year science student had written such a fine article.

I used to come from my village home to East Hostel via Cuttack- Paradip road from a place called Tarpur. At that time, there was no bridge on the Mahanadi and we had to cross the river by boat. Once, at the ferry ghat, I met Naba babu and Malati Chaudhury and was immensely surprised. They were going to their son-in-law's village, which was not far from ours. I left them in that village Jaitalanga, where his son-in-law Bibhuti Bhusan Mohanty lived, and then went home to my village. I will never see another Chief Minister who travels by bus to his relative's village. This incident is firmly etched in my memory of Ravenshaw days. I will be happy if you publish this letter along with the poem in the Ravenshavian.

Regards,
Sitakanta Mahapatra

A Dichotomy

A grey dawn breaking with the color of flesh,
Beyond the blue of the Caspian waves,
A pale sun shining a potassium flame,
I march ahead....the Nordic gem.

When a star of heaven sees its flickering face,
In the glazing mirror of the Tigris waves,
And darkness shrouds the flowing Nile
Jumping over heaven's micropyle.
And the Bedouin whispers a subdued tone,
Crouching the campfire like a bear of frigid zone,
When Babylon sleeps and dreams of laws
A pilgrim of unknown – I march and trudge.

And now split in the bowl of the vaulted sky,
With the birth of a new day smiling but shy,
A mitotic division of my heart labyrinthine,
I germinate bursting the testa of time.

And there amid the blue of Grecian waves,
I go out of myself into the blank of space,
I baptize my soul with a brand new faith,
In the music that simmers in Zephyr's breath.

With knife of reason whetted on curiosity stone,
I pierce into Nature's marrow and bone,
I dissect and describe on slide and filter,
And peep into the unknown through mystery's shutter.

I telescope distance, I vivisect space
In Athens and Sparta, in Miletus and Thebes;
I play Olympics, I run the Marathon race,
I bleed in Thermopylae and flutter restless.

But here under the Indian sky,
Where stands the Himalayas in glory so high,
And on flows the Ganges from glacier's icy-kiss,
Singing the hymn of eternal bliss.
Like a mountain erect in a stormy sea,
I sit for ages, eyes closed in glee.
I roll myself out from nature's breast,
To go deep inside on my fervent quest.

Whence I came? And who am I?
I question myself: whither? and why?
I sit and think....I sit and think,
While time rusts away and space doth shrink.
And moonlight plays on, a cloud skims,
And over the mountains, the monsoon dreams;
In a flash of joy I rise from my trance,
"***Tat Twam Asi***" I sing and dance

Sitakanta Mahapatra
IIIrd Year Honours Arts

Dr. Sitakanta Mahapatra
21, Satya Nagar
Bhubaneswar - 751 001

ତିନି ଅଶ୍ୱାରୋହୀ : ରାତ୍ରି ଓ ପ୍ରଭାତ

ଶ୍ରୀମାନ୍ ଦେବଦାସ ବାବୁ,
ଶ୍ରଦ୍ଧାସ୍ପଦେଷୁ

ନମସ୍କାର। ସମ୍ଭ୍ରାନ୍ତ ପରମ୍ପରା-ସମୃଦ୍ଧ ପତ୍ରିକାଟିର ନୂତନ ପ୍ରସ୍ତର ପ୍ରକାଶନ ରେଭେନ୍‌ସା ପ୍ରତିଷ୍ଠାନ ସହ ସମ୍ପୃକ୍ତ ସଭିଙ୍କ ଭଳି ମୋ ପାଇଁ ମଧ୍ୟ ଏକ ସୁଖକର ସମ୍ବାଦ। ଲେଖାଟିଏ ଦେବା ନିମନ୍ତେ ଆପଣ ଏକାଧିକଥର ମୋତେ କହିବାବେଳେ ମୁଁ ଯେ ସ୍ୱତଃସ୍ଫୁର୍ତ୍ତ ଭାବରେ ହଁ ଅଥବା ଅବଶ୍ୟ ପଠାଇବି ବୋଲି କହିପାରି ନାହିଁ, ତାହାର କାରଣ ଦର୍ଶାଇବାକୁ ଯାଇ କାହାଣୀଟିଏ ମନେପଡୁଛି।

ଜ୍ୟୋତ୍ସ୍ନା ପ୍ଲାବିତ ରଜନୀରେ ଏକ ବିସ୍ତୃତ ପ୍ରାନ୍ତରେ ଅତିକ୍ରମ କରୁଥିଲେ ତିନିଜଣ ଅଶ୍ୱାରୋହୀ। ଗୋଟିଏ ବଟବୃକ୍ଷ ତଳଦେଇ ଯିବାବେଳେ ସେମାନେ ଆଚମ୍ବିତ ହୋଇ ଶୁଣିଲେ ଏକ ନିର୍ଦ୍ଦେଶ: 'ଗତି ବନ୍ଦ କର।'

ସେ କଣ୍ଠସ୍ୱର ଥିଲା ଅତୀବ ପ୍ରଭାବଶାଳୀ। ତିନି ଯାତ୍ରୀ ଲଗାମ ଟାଣି ଅଟକିଲେ। ନିର୍ଦ୍ଦେଶର ଉତ୍ସ କିନ୍ତୁ ସେମାନେ ଠଉରାଇପାରିଲେ ନାହିଁ- ଉର୍ଦ୍ଧ୍ୱକୁ ତଥା ସବୁ ଦିଗକୁ ଦୃଷ୍ଟିପାତ କରିବା ସତ୍ତ୍ୱେ। ସେମାନେ ବୁଝିଲେ, ତାହା କୌଣସି ଅଲୌକିକ ସତ୍ତାର ସ୍ୱର।

'ଅଶ୍ୱପୃଷ୍ଠରୁ ଅବତରଣ କର।' ହେଲା ପୁନର୍ବାର ନିର୍ଦ୍ଦେଶ। ଯାତ୍ରୀତ୍ରୟ ତାହାହିଁ କଲେ।

'ତଳେ ପଡ଼ିଥିବା ଗୋଡ଼ିମାଟିରୁ ଯେତେ ଇଚ୍ଛା ଉଠାଇନେଇ ତମ ଥଳିରେ ପୁରାଅ।' ଆସିଲା ତୃତୀୟ ତଥା ଅପେକ୍ଷାକୃତ ଅଧିକ ବିଚିତ୍ର ନିର୍ଦ୍ଦେଶ।

ଯାତ୍ରୀତ୍ରୟ ମନ୍ତ୍ର ବା ଯନ୍ତ୍ର ଚାଳିତବତ୍ ସେ ନିର୍ଦ୍ଦେଶ ମଧ୍ୟ ପାଳନ କଲେ। ତେବେ ଗୋଡ଼ିମାଟି ଗୋଟାଇବାରେ 'ଯେତେ ଇଚ୍ଛା'ର ପ୍ରଶ୍ନ ବା କାହିଁ? ତେଣୁ କିଏ ମୁଠାଏ ତ କିଏ ଦୁଇମୁଠା-ଏମିତି ଯତ୍‌କିଞ୍ଚିତ୍ ସେମାନେ ସଂଗ୍ରହ କଲେ।

'ଏଥର ଯାଅ ତମ ଗନ୍ତବ୍ୟ ମାର୍ଗରେ। ଯେତେବେଳେ ପ୍ରଭାତ ହେବ, ସେତେବେଳେ ତମେମାନେ ଯେତିକି ପୁଲକିତ ହେବ, ସେତିକି ମାତ୍ରାରେ ହେବ ସନ୍ତପ୍ତ।' ଏଥର ସେ ରହସ୍ୟମୟ କଣ୍ଠସ୍ୱର ଶୁଣାଇଲେ ଏହି ଧନ୍ଦାଧର୍ମୀ ଭବିଷ୍ୟତବାଣୀ।

ତିନି ଅଶ୍ୱାରୋହୀ ଅବ୍ୟାହତ ରଖିଲେ ସେମାନଙ୍କ ଯାତ୍ରା। ପ୍ରଭାତ ହେଲା। କୌତୂହଳୀ ହୋଇ ସେମାନେ ଗୋଡ଼ିତକ ପ୍ରତି ଦୃଷ୍ଟି ଦେଲେ। ଦେଖି ଚମତ୍କୃତ ହେଲେ। ସେସବୁ ଆଉ ଗୋଡ଼ିହୋଇ ରହିନଥିଲେ। ପରିଣତ ହୋଇଥିଲେ ହୀରା ନୀଳା ମୋତି ମାଣିକ୍ୟରେ।

ହତଭମ୍ବଭାବ କଟିଯିବା ଉତ୍ତାରୁ ସେମାନେ ଅବଶ୍ୟ ପୁଲକିତ ହେଲେ, କିନ୍ତୁ ସନ୍ତପ୍ତ ହେଲେ ଆହୁରି ଅଧିକ, ଥଳି ଭର୍ତ୍ତିକରି ହେଲେ ସେମାନେ ଗୋଡ଼ି ଆଣିଥାନ୍ତେ।

ଛାତ୍ରଜୀବନର ମୁହୂର୍ତ୍ତ ସବୁ – ସେଦିନର ଛୋଟବଡ଼ ଅଭିଜ୍ଞତା – ସେତେବେଳେ ମନେହେଉଥାଏ କେତେ ସାଧାରଣ। ଧାରଣା ହେଉଥାଏ, ଜୀବନରେ ସେ ପର୍ଯ୍ୟାୟ ଯେତେ ସହଜ ଅତୀତ ହେବ, ସେତେ ଉତ୍ତମ। ଅର୍ଦ୍ଧଶତାବ୍ଦୀ ଅନ୍ତେ ପଶ୍ଚାତ୍‌କୁ ଦୃଷ୍ଟି ନିକ୍ଷେପ କଲେ ମନେହୁଏ, ସେଦିନ ମାଟି ଗୋଡ଼ି ବୋଲି ମନେ ହୋଇଥିବା ସେସବୁ ମୁହୂର୍ତ୍ତ ଏବଂ ଅଭିଜ୍ଞତା କେତେ ମୂଲ୍ୟବାନ ସମ୍ପଦ। ମନ ଧ୍ୟାନ ପ୍ରଖର କରି ସେସବୁ ମୁହୂର୍ତ୍ତର ଯଥାର୍ଥ ମୂଲ୍ୟ ନିଗାଡ଼ି ନେଇଥାନ୍ତି ହେଲେ!

ରେଭେନ୍‌ସା ପ୍ରତିଷ୍ଠାନର କୋଠାସହ ମୁଁ ବିଦ୍ୟାର୍ଥୀ ଭାବରେ ଚାରିବର୍ଷ ସମ୍ପୃକ୍ତ ଥିଲି। ପ୍ରଥମ ଦୁଇବର୍ଷ ତତ୍‌ପରିଚାଳିତ ମଧୁସୂଦନ ଆଇନ୍ କଲେଜରେ ଏବଂ ପରବର୍ତ୍ତୀ ଦୁଇବର୍ଷ ରେଭେନ୍‌ସାରେ ଏମ୍.ଏରେ ସାମିଲ୍ ହୋଇ। ବିଡ଼ମ୍ବନା ହେଲା, ପ୍ରଥମ ଦୁଇବର୍ଷ ଯେତିକି ପ୍ରାଣୋଚ୍ଛଳ ଏବଂ ସକ୍ରିୟ ଥିଲି, ପରବର୍ତ୍ତୀ ଦୁଇବର୍ଷ ଥିଲି ସେତିକି ନିଷ୍ପ୍ରାଣପ୍ରାୟ ଏବଂ ନିଷ୍କ୍ରିୟ। ସାମଗ୍ରିକ ସ୍ମୃତି ବିପୁଳ, କିନ୍ତୁ ଖାସ୍ ରେଭେନ୍‌ସା ମହାବିଦ୍ୟାଳୟରେ ଅଧ୍ୟୟନ-କାଳୀନ ସ୍ମୃତି ନିଷ୍ପ୍ରଭ। ସେ ଦୁଇବର୍ଷ ଥିଲା ଏକ ବିମର୍ଷ ଅନ୍ତର୍ମୁଖୀ କାଳ।

ବସ୍ତୁତଃ ରେଭେନ୍‌ସାରେ ଆଉ ବର୍ଷଟିଏ ଅଧିକକାଳ ବିତାଇବାର ଯୋଜନା ଥିଲା। ମୋର ରାଜନୈତିକ ଅଭିଭାବକମାନଙ୍କ ପରାମର୍ଶ କ୍ରମେ ବାଲେଶ୍ୱର ଫକୀରମୋହନ କଲେଜ୍‌ରେ ତୃତୀୟ ବର୍ଷ ସମାପ୍ତ

ହୁଅନ୍ତେ, ଚତୁର୍ଥ ବାର୍ଷିକ ଶ୍ରେଣୀରେ ଯୋଗଦେବା ନିମନ୍ତେ କଟକ ଚାଲିଆସିଥିଲି। ରେଭେନ୍‌ସାକୁ ଭିତ୍ତିକରି ଲେଖକର ରାଜ୍ୟବ୍ୟାପୀ ଛାତ୍ର ସଂଗଠନ କାର୍ଯ୍ୟକଳାପ ସୁବିଧାଜନକ ହେବ, ଏହାହିଁ ଥିଲା କଳ୍ପନା। ଏହା ୧୯୫୪ର କଥା।

ରେଭେନ୍‌ସାରେ ଭର୍ତ୍ତିହେବା ନିମନ୍ତେ ଆବଶ୍ୟକୀୟ ଯୋଗ୍ୟତା ମୋର ଥିଲା ଏବଂ ପ୍ରବେଶ ପଦ୍ଧତି ଚୂଡ଼ାନ୍ତ ହେବାକୁ ବିଳମ୍ବ ନଥିଲା। ହଠାତ୍ ଅଧ୍ୟକ୍ଷ ମହୋଦୟ, ଶ୍ରୀଯୁକ୍ତ ବାମାଚରଣ ଦାସ ମୋତେ ତାଙ୍କ କକ୍ଷକୁ ଡକାଇ କଣ୍ଠସ୍ୱର ଯଥା ସମ୍ଭବ ବିବେକ ରସାୟିତ କରି କହିଲେ, 'ଦେଖ ବାବୁ ତମେ ଯଦିଓ କମ୍ୟୁନିଷ୍ଟ୍ ତମର ବିଚାରବୁଦ୍ଧି ଉପରେ ମୋର ଆସ୍ଥା ଅଛି। ଜଣେ ଛାତ୍ର ଆଇ.ଏ. ପରେ ସ୍ୱଳ୍ପ-ମିଆଦି ଚତୁର୍ଥ ବାର୍ଷିକଟି ସକାଶେ କଲେଜ ପରିବର୍ତ୍ତନ ସ୍ୱାଭାବିକ ବ୍ୟାପାର ନୁହେଁ। ଏତିକି ବୁଝିବା ଭଳି ସାଧାରଣ ଜ୍ଞାନ ଯେ ତମର ଥିବ, ସେତକ ବୁଝୁଛଟି ?'ସେ ହସିଲେ। 'ତମେ ପୁଣି ଜଣେ କଲେଜ ୟୁନିଅନ୍‌ର ପ୍ରେସିଡେଣ୍ଟ୍ ! ଖୁବ୍ ଜନପ୍ରିୟ !' ସେ ସ୍ୱଗତୋକ୍ତି ଢଙ୍ଗରେ କହିଲେ।

'ବୁଝୁଛି ଆଜ୍ଞା !'ମୁଁ ମଧ୍ୟ ହସିବାର ଚେଷ୍ଟା କରି ଉତ୍ତର ଦେଲି।

ସେ ସମ୍ଭବତଃ ଅର୍ଥପୂର୍ଣ୍ଣ ଭାବରେ ତାଙ୍କ ଆଗରେ ଥୁଆ ହୋଇଥିବା, 'ଷ୍ଟେଟସ୍‌ମ୍ୟାନ' ଦୈନିକଟି ଉପରେ ଗୋଟିଏ କାଚ ପେପରୱେଟ୍ ବୁଲାଇବାକୁ ଲାଗିଲେ। ତହିଁରେ ପ୍ରଥମ ପୃଷ୍ଠାର ନିମ୍ନାର୍ଦ୍ଧରେ ଥିଲା ଏକ ପ୍ରାସଙ୍ଗିକ ସମ୍ବାଦ। ଦୁଇଦିନ ତଳେ ବାଲେଶ୍ୱରରେ ସଙ୍ଗଠିତ ଏକ ବିରାଟ କୃଷକ ବିକ୍ଷୋଭ ଏବଂ ଶୋଭାଯାତ୍ରାରେ ନେତୃତ୍ୱ ନେଇଥିବା ତିନିଜଣଙ୍କ ଭିତରେ ଥିଲା ମୋର ନାମ (ଅନ୍ୟ ଦୁଇଜଣ ପରଲୋକଗତ ସର୍ବଶ୍ରୀ ବନମାଳି ଦାସ ଏବଂ ଶୈଳେନ୍ ମହାପାତ୍ର)।

'ଶୁଣବାବୁ', ଅଧ୍ୟକ୍ଷ ମହୋଦୟ କଲିଂବେଲ୍ ବଜାଇବା ସହ କହିଲେ, 'ତମଠୁଁ ଗୋପନ ରଖିବାର ପ୍ରୟୋଜନ ନାହିଁ। ଜାଣିଶୁଣି ମୋ କଲେଜ୍ ଭିତରୁ ଗୋଟାଏ ଆପଦ ଡାକିଆଣିବି କାହିଁକି ? ଦୁଃଖିତ।'

କଲିଂବେଲ୍ ଶୁଣି ପିଅନ ପଶିଆସିଥିଲେ। ଅଗତ୍ୟା ମୁଁ ବାହାରି ଆସିଲି। ବିକଳ୍ପ ବ୍ୟବସ୍ଥା ଭିତରେ ଖ୍ରୀଷ୍ଟ କଲେଜରେ ମଧ୍ୟ ଆବେଦନ ପତ୍ର ଦେଇଥିଲି। ଅଧ୍ୟକ୍ଷ ଶ୍ରୀଯୁକ୍ତ ବ୍ରଜନନ୍ଦ ମହାନ୍ତି ମୋତେ ସହୃଦୟ ସ୍ୱାଗତ କରିଥିଲେ। କିନ୍ତୁ ରେଭେନ୍‌ସାରେ ପ୍ରତ୍ୟାଖ୍ୟାତ ହୋଇ ଯେତେବେଳେ ସେଠାରେ ପହଞ୍ଚିଲି, ବଡ଼ ଆର୍ଦ୍ରକଣ୍ଠରେ ଧର୍ମପ୍ରାଣ ଅଧ୍ୟକ୍ଷ ମହୋଦୟ ଇଂରାଜୀରେ ଯାହା କହିଲେ, ତା'ର ବିଶ୍ୱସ୍ତ ଅନୁବାଦ ହେବ:'କ୍ଷମା କର, କ୍ଷମାକର ଯୁବକ। ହେତୁ ମୋତେ ଜିଜ୍ଞାସା କରନାହିଁ। ମୁଁ ଅବଶ୍ୟ ତୁମ୍ଭଙ୍କୁ ପ୍ରେମ କରେ। କିନ୍ତୁ ତୁମ୍ଭଙ୍କୁ ଏ ସଂସ୍ଥାରେ ପ୍ରବେଶ କରିବାକୁ ଦେବା ମୋର ସାଧ୍ୟାତୀତ। ଈଶ୍ୱରଙ୍କ ଦ୍ୱାହି। ହେତୁ ଜିଜ୍ଞାସା କରନା।'

କହିବା ବାହୁଲ୍ୟ, ତତ୍କାଳୀନ ଅବିଭକ୍ତ କମ୍ୟୁନିଷ୍ଟ୍ ପାର୍ଟିର କର୍ମୀମାନଙ୍କ ଉପରେ ଗୋଏନ୍ଦା ବିଭାଗ କଡ଼ା ଦୃଷ୍ଟି ରଖୁଥିଲେ। ଉଭୟ ମହାବିଦ୍ୟାଳୟର କର୍ତ୍ତୃପକ୍ଷଙ୍କୁ ସେମାନେ ସତର୍କ କରିଦେଇଥିଲେ।

କଟକରେ ତୃତୀୟ କଲେଜ ନଥିଲା। ତେଣେ ଭର୍ତ୍ତି ହେବାର ସମୟ ସୀମା ଦିନକ ପରେ ଅତିକ୍ରାନ୍ତ ହେବ। କୌଣସି ରଣକୌଶଳର ଆଶ୍ରୟ ନେବା ପାଇଁ ବେଳ ନଥିଲା। ପରଦିନ ଚାଲିଗଲି ପୁରୀ। ତହିଁ, ସାମନ୍ତ ଚନ୍ଦ୍ରଶେଖର କଲେଜ୍‌ରେ ମୋର ଅଗ୍ରଜ ଶ୍ରୀଯୁକ୍ତ ମନ୍ମଥନାଥ ଦାସ ଅଧ୍ୟାପକ। ଜଣେ ଅଧ୍ୟାପକର ଅଭିଭାବକତ୍ୱାଧିନ ପୁତ୍ର ବା ଅନୁଜ ସେ ଅଧ୍ୟାପନା କରୁଥିବା କଲେଜରେ ସ୍ଥାନ ପାଇବାକୁ ହକ୍‌ଦାର। ତଥାପି ଅଧ୍ୟକ୍ଷ ଏମ୍.ଏ.ଜନ୍ ମୁଁ ତାଙ୍କ ଶାନ୍ତିପୂର୍ଣ୍ଣ ଶାସନର ବିଘ୍ନ ଘଟାଇବି ନାହିଁ, ଏହା କବୁଲ୍ କରାଇନେଇ ମୋତେ ଗ୍ରହଣ କଲେ।

ଦେବଦାସ ବାବୁ, ଆପଣ ଦରଦୀ କବି। ବୁଝୁଥିବେ, ସ୍ମୃତି ମନ୍ଥନରେ ସମସ୍ୟା ହେଲା, ଜଣେ ଗୋଟାଏ ସୁଅରୁ ଅନ୍ୟ ସୁଅକୁ ଭାସିଯାଏ। ମୁଁ କିନ୍ତୁ ସହଳ ଆମ ରେଭେନ୍‌ସା କୋଠାକୁ ଲେଉଟି ଆସୁଛି। ପୁରୀ କଲେଜରୁ ବି.ଏ. ପାସ୍ କରି ଆସିଲି କଟକ। ସେ ଭବ୍ୟକୋଠାର ଏକାଂଶରେ ସକାଳ ଓଳି ଅଥବା କୌଣସି ଋତୁରେ ସନ୍ଧ୍ୟାରେ ଅନୁଷ୍ଠିତ ହେଉଥିବା ମଧୁସୂଦନ ଆଇନ୍ କଲେଜ୍‌ରେ ଯୋଗଦେଲି। ସେତେବେଳେ ଏଲ୍.ଏଲ୍.ବି ପାଠ୍ୟକ୍ରମ ଦୁଇବର୍ଷରେ ସୀମିତ ଥାଏ। ୧୯୫୫ରୁ ୧୯୫୭, ଆଇନ୍ କଲେଜ୍‌ରେ ଅତିବାହିତ ଦୁଇବର୍ଷ ମୋ ଛାତ୍ର ଜୀବନର ସର୍ବାଧିକ କର୍ମଚଞ୍ଚଳ ସମୟ। ୧୯୫୫ରେ ହେଲା ଦଳେଇଘାଇ ବନ୍ୟା ନାମରେ ଅଦ୍ୟାବଧି ବିଦିତ ଭୀଷଣ ବିଭୀଷିକା। ରିଲିଫ୍ କର୍ମ ସଂଗଠନରେ ବହୁ ସମୟ ଓ ସାମର୍ଥ୍ୟର ଉପଯୋଗ ଅନ୍ତେ ହେଲା ସୀମା ଆନ୍ଦୋଳନ। ସମଗ୍ର ନଗର ଉତ୍ତ୍ୟକ୍ତ। ନୈରାଜ୍ୟପ୍ରାୟ ବାତାବରଣ। ପ୍ରତି ସନ୍ଧ୍ୟାରେ ବିରାଟ ଜନସଭାରେ ସେତେବେଳର ତୁଙ୍ଗ ନେତୃବର୍ଗଙ୍କ ସମେତ ଏ ଲେଖକ ମଧ୍ୟ ଭାଷଣ ଦେଉଥାଏ। ଆନ୍ଦୋଳନ ସମିତିର ବୈଠକ ବସୁଥାଏ ନିଶାର୍ଦ୍ଧରେ। ଏକ ବୈଠକରେ ସ୍ଥିର ହେଲା, କେନ୍ଦ୍ର ଶାସନର ପ୍ରତୀକ ଆକାଶବାଣୀ ଅବରୋଧକରି ଅଚଳ କରିଦିଆଯିବ ଏବଂ ସେ ଅଭିଯାନର ନେତୃତ୍ୱ ନେବ ଏ ଲେଖକ। ଗଣ୍ଡଗୋଳ ଅନିର୍ବାଯ୍ୟ, ଏହା ହିଁ ଥିଲା ସାର୍ବଜନୀନ ଆଶଙ୍କା। କିନ୍ତୁ ବିଶାଳ ଜନସମୁଦ୍ର ଭିତରେ ଦ୍ୱୀପଟିଏ ପ୍ରାୟ ବେତାର କେନ୍ଦ୍ର (ମଧୁପୁର ହାଉସ୍) ସାମ୍ନାରେ ଏ ଲେଖକ ମାଇକ୍ ଯୋଗେ ଯେତେବେଳେ ଜଣ ଜଣ କରି ସ୍ୱନାମଧନ୍ୟ ଶିଳ୍ପୀଙ୍କ ନାମଧରି ଡାକ ଦେଲା- ଯଥା 'ଭୁବନେଶ୍ୱର ମିଶ୍ର। ବାହାରି ଆସନ୍ତୁ।' ସେମାନେ ବାହାରି ଚାଲି ଆସିଲେ। ବିନା ବଳ କଷାକଷିରେ ବେତାର ଅଚଳ ଆନ୍ଦୋଳନ ସଫଳ ହୁଅନ୍ତେ ସେ ରାତିରେ ସିଦ୍ଧାନ୍ତ ହେଲା ପରଦିନ ଟ୍ରେଜାରୀ ଅବରୋଧ ହେବ ଏବଂ ସେଥିରେ ମୋର ଭୂମିକା ରହିବ ଅପରିବର୍ତ୍ତନୀୟ। କିନ୍ତୁ ସକାଳେ ଏ ଲେଖକ ଗିରଫ ହୋଇଗଲା (ସେଦିନର ଗୁଳିକାଣ୍ଡରେ ନିହିତ ହେଲେ ସୁନୀଲ ନାମକ ଯୁବକ)।

କାରାମୁକ୍ତି ପରେ ପରେ ଇଣ୍ଡୋନେସିଆର ବାନ୍ଦୁଂଠାରେ ଏସିଆ-ଆଫ୍ରିକା ଛାତ୍ର ସମ୍ମିଳନୀ। ଓଡ଼ିଶାର କଲେଜ୍ ୟୁନିଅନ୍ ମନୋନୀତ ପ୍ରତିନିଧି ରୂପେ ସେଥିରେ ଯାଇ ଅଂଶ ଗ୍ରହଣ କଲା ଏ ଲେଖକ। ପରେ ପରେ ସେ ହେଲା ଆଇନ୍ କଲେଜ୍ ୟୁନିୟନ୍‌ର ନିର୍ଦ୍ୱନ୍ଦ୍ୱ ନିର୍ବାଚିତ

ସଭାପତି। ପୁଣି ନିଖିଳ ଉତ୍କଳ ଛାତ୍ର ଫେଡ଼େରେସନ୍ (ଅବିଭକ୍ତ)ର ସାଧାରଣ ସମ୍ପାଦକ ରୂପେ କର୍ମଧାରା କମ୍ କ୍ଷିପ୍ର ନଥିଲା। ଥିଲା ପୁଣି 'ଆଗାମୀ' ସଂପାଦନା, ଗଣନାଟ୍ୟ ସଂଘର ସଂଗଠନ ଭଳି ସମାନ୍ତରାଳ କାର୍ଯ୍ୟକ୍ରମ ତଥା ରାଜ୍ୟ ଛାତ୍ର ସମ୍ମିଳନୀର ଆୟୋଜନ। ଆଜି ମନେହୁଏ, ସେ ଦୁଇବର୍ଷ ଭିତରେ ଯେପରି ଆଠ ଦଶ ବର୍ଷର କାର୍ଯ୍ୟକଳାପ ଜାକିଜୁକି ନିର୍ବାହିତ ହୋଇଯାଇଥିଲା।

କିନ୍ତୁ ଏସବୁ ଭିତରେ ଅନ୍ତର୍ଜୀବନରେ ହେଉଥିଲା ବିପର୍ଯ୍ୟୟୀ ତୋଫାନର ଅନୁଭୂତି। ସୋଭିଏଟ୍ ୟୁନିଅନ୍ ପାର୍ଟି କଂଗ୍ରେସ୍‌ର ବିଂଶତି ଅଧିବେଶନରେ ଷ୍ଟାଲିନ୍‌ଙ୍କୁ ଏକ ଦୁର୍ବୃତ୍ତ, ନିଷ୍ଠୁର ସ୍ୱାର୍ଥାନ୍ଧ ଦାନବ ରୂପେ ଚିତ୍ରଣ କରି ଆମ ଭାବନାରେ ଭୂମିକମ୍ପ ଘଟାଇଥାନ୍ତି ଖ୍ରୁଶ୍ଚେଭ୍। ସେତେବେଳେ ଆମପାଇଁ ଷ୍ଟାଲିନ୍ କ'ଣ ଥିଲେ, ସେକଥା ବର୍ଣ୍ଣନା କରିବା ସହଜ ନୁହେଁ। ସ୍ଥୂଳ ଚେତନାରୁ ଆମେ ଭଗବାନଙ୍କୁ ନିର୍ବାସିତ କରିଥିଲୁଁ; କିନ୍ତୁ ଆମ ଅଜ୍ଞାତସାରରେ ସେ ସ୍ଥାନ ମାଡ଼ି ବସିଥିଲେ କମ୍ରେଡ଼ ଷ୍ଟାଲିନ୍। 'ଷ୍ଟାଲିନ୍‌ର କଥା କେବେ ହୁଏ ନାହିଁ ମିଛ, ଦୁନିଆରେ ପଞ୍ଜିକାର ଏକଥା ତ ଅଙ୍ଗେ ନିଭେଇଛ।' ସଚ୍ଚି ରାଉତରାୟଙ୍କ ଏ ଉକ୍ତି ଥିଲା ଆମ ପାଇଁ ବେଦର ଗାର। ଏମନ୍ତ ଯେଉଁ ଷ୍ଟାଲିନ୍, ସେ ପୁଣି ଥିଲେ ମିଥ୍ୟାଚାର ଏବଂ ଅତ୍ୟାଚାରର ନର୍କ-ପ୍ରାୟ ଉତ୍ସ, ଥିଲେ ନିର୍ମମ ଗଣହତ୍ୟାକାରୀ, ଏ ତଥ୍ୟକୁ ସହିନେବା ଥିଲା ଏକ ନିରବଚ୍ଛିନ୍ନ ଯନ୍ତ୍ରଣା।

ସେତେବେଳେ ଇନ୍ଦୋନେସିଆର କମ୍ୟୁନିଷ୍ଟ ପାର୍ଟିର ସ୍ଥାନ ଉଭୟ ସଂଖ୍ୟା ଓ ସାଂଗଠନିକ ଶୃଙ୍ଖଳା ଦୃଷ୍ଟିରୁ ଚୀନ ପରେ ଦ୍ୱିତୀୟ। ବନ୍ଧୁ ସମ୍ମିଳନୀ ଶେଷ ହେବା ମାତ୍ରେ ରାଜଧାନୀ ଜାକର୍ତ୍ତା ଯାଇ ନିଶାର୍ଦ୍ଧରେ ସେହି ବିରାଟ ପାର୍ଟିର ସେକ୍ରେଟାରୀ ଜେନେରାଲ୍, ଅସାମାନ୍ୟ ଦକ୍ଷ ବିପ୍ଳବୀ ନେତା ଆଇଜିତ୍‌ଙ୍କୁ ସାକ୍ଷାତ କଲୁଁ ମୁଁ ଏବଂ ମୋର ଅନ୍ୟ ଦୁଇଜଣ ବନ୍ଧୁ - ନିଖିଳ ଭାରତ ଛାତ୍ର ଫେଡ଼ାରେସନ୍‌ର ଯଥାକ୍ରମେ ସଭାପତି ଓ ସମ୍ପାଦକ।

ଆଇଜିତ୍ ବିଂଶ ସୋଭିଏତ୍ କଂଗ୍ରେସରେ ଯୋଗ ଦେଇଥିଲେ। ଆମ ଭଳି ସେ ମଧ୍ୟ ଥିଲେ ଷ୍ଟାଲିନ୍-ଭକ୍ତ। ଆମେ ତାଙ୍କୁ ପ୍ରଶ୍ନ କଲୁଁ, 'ଖ୍ରୁଶ୍ଚେଭ୍‌ଙ୍କ ଚାଂଚଲ୍ୟକର ବିବୃତି ଶୁଣି ଆଣଙ୍କର ପ୍ରତିକ୍ରିୟା କ'ଣ ହେଲା ?'

ଆଇଜିତ୍‌ଙ୍କ ମୁହଁରେ ଖେଳିଗଲା ବିକଳ ହସ। ପ୍ରଶ୍ନର ଉତ୍ତର ଦେବା ପୂର୍ବରୁ ସେ ନିଜ କପାଳରେ କଲେ ତ୍ରିବାର କରାଘାତ- ଅପ୍ରତିରୋଧ, ଅପ୍ରତ୍ୟାଶିତ ଘଟଣାସ୍ରୋତ ସାମ୍ନାରେ ମଣିଷର ଅସହାୟତାର ସାଂକେତିକ ଭଙ୍ଗୀ।

ଆଇଜିତ୍ କଣ ଉତ୍ତର ଦେଇଥିଲେ ମନେ ନାହିଁ, କିନ୍ତୁ ତାଙ୍କର ସେ ଭଙ୍ଗୀ ମୋ ଚେତନାରେ ଦେଇଥିଲା ତିନୋଟି ପ୍ରଚଣ୍ଡ ଧକ୍କା। ଖ୍ରୁଶ୍ଚେଭ୍‌ଙ୍କ ବିବୃତି ପଢ଼ିବା ପୂର୍ବରୁ ଯେତେ ସଚ୍ଚା କମ୍ୟୁନିଷ୍ଟ ପରଲୋକ ଗମନ କରିଛନ୍ତି, ସମସ୍ତେ ଷ୍ଟାଲିନ୍‌ଙ୍କୁ ଅଭ୍ରାନ୍ତ ଏବଂ ଜନତାର ମହତ୍ତମ ନେତା ରୂପେ ଜ୍ଞାନ କରି ସେହି ବିଶ୍ୱାସ ଅତୁଟ ଥାଉଁ ଥାଉଁ ଜୀବନ ଛାଡ଼ିଛନ୍ତି। ସେମାନେ ମିଥ୍ୟାକୁ ହିଁ ସତ୍ୟ ବୋଲି ବିଶ୍ୱାସ କରିଛନ୍ତି। ଅକାଳରେ ପୃଥିବୀରୁ ବିଦାୟ ନେଇଥିଲେ ମୁଁ ବି ସତ୍ୟ ନ ଜାଣି ଚାଲିଯାଇଥାନ୍ତି। ହୁଏତ ବଡ଼ ବିଷମ ବ୍ୟାପାର। ପ୍ରଚାର ଓ ପ୍ରଭାବର ବହିରାବରଣ ଭେଦକରି ଜଣେ କ'ଣ କେବେ ବି ସତ୍ୟର ଦ୍ୱାର ଦେଶରେ ପହଂଚିପାରିବ ନାହିଁ ?

ରେଭେନ୍‌ସା କଲେଜରେ ଦୁଇ ବର୍ଷର ଛାତ୍ର ଜୀବନ ବାସ୍ତବରେ ପାଠ୍ୟ ଅଧ୍ୟୟନରେ ନୁହେଁ, ଏହି ମୌଳିକ ପ୍ରଶ୍ନର ଅନୁଶୀଳନ ଓ ତାତ୍ତ୍ୱିକ ଅଧ୍ୟୟନରେ ବ୍ୟତୀତ ହେଉଥିଲା। ବାହାରକୁ ଅବଶ୍ୟ ମୋର ଗତିବିଧିରେ କୌଣସି ତାରତମ୍ୟ ପ୍ରକଟିତ ହେଉନଥିଲା, ଯତ୍ କିଂଚିତ୍ ସାହିତ୍ୟ ରଚନା ଅବ୍ୟାହତ ରହିଥିଲା। ଚେତନାର ପ୍ରଚଣ୍ଡ ଆଲୋଡ଼ନରୁ ଛୁଟି ପାଇବା ଆଶାରେ ଏକ ଚଳଚ୍ଚିତ୍ର ପ୍ରତିଷ୍ଠାନ ଆନୁକୂଲ୍ୟରେ ଗ୍ରୀଷ୍ମାବକାଶ ବମ୍ବେରେ ବିତାଇ ବିମଳ ରାୟଙ୍କର ସୁଯୋଗ୍ୟ ଚିତ୍ରନାଟ୍ୟ ଲେଖକ ନବେନ୍ଦୁ ଘୋଷଙ୍କୁ ସହାୟତା ଦେଇଥିଲି। କିନ୍ତୁ ସେହି ମାସକ ଭିତରେ ସେ ମୋହମାୟା ଜଗତର ଅଭିଜ୍ଞତା ମଧ୍ୟ ମୋହ-ମୁଦ୍‌ଗରର ଏକ ଶକ୍ତ ପ୍ରହାର ରୂପେ ଅନୁଭୂତ ହୋଇଥିଲା।

ଥରେ ଥରେ ଶେଷ ଅପରାହ୍ନରେ କଲେଜ ପରିସର ନିର୍ଜନ ହୋଇଆସୁଥିବା ବେଳେ ଅପସୃୟମାନ ଛାତ୍ରଛାତ୍ରୀଙ୍କ ଆଡ଼େ ଅନାଇ ଭାବୁଥିଲି, କ'ଣ ମୋ ସମେତ ଏହି ଶହ ଶହ ତରୁଣ ତରୁଣୀଙ୍କ ଆଭିମୁଖ୍ୟ ? ୧୮୬୮ ମସିହାରେ କଲେଜ ସ୍ଥାପନ ବେଳେ ଛାତ୍ର ସଂଖ୍ୟା ଥିଲା ଛଅ। ୧୮୭୬ରେ ପ୍ରତିଷ୍ଠାନଟି ଡିଗ୍ରୀ କଲେଜରେ ପରିଣତ ହେବାବେଳକୁ ଛାତ୍ର ସଂଖ୍ୟା ଉଣେଇଶ। ତା'ପରଠୁ ଆଜି ପର୍ଯ୍ୟନ୍ତ କେତେ ହଜାର ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହେଲେଣି ? ଆଶା ଓ ହତାଶା, କିଂଚିତ୍ ପ୍ରେମ, କିଛି ଅଭିମାନ, ଉଚ୍ଚାକାଂକ୍ଷା, ମଜା ଓ ସୁଖର ସଂଧାନ ଓ ପ୍ରାୟତଃ ବିଫଳତାର ଅବସାଦ— ଏହି ସମସ୍ତ ଆବେଗ ଓ ଭାବାବେଗର ଚୌହଦି ଭିତରେ ସାଲୁବାଲୁ ହେଉଥିବା ଆମର ସ୍ଥିତିର ଯୌକ୍ତିକତା କ'ଣ ?

ବୋଧହୁଏ ପଂଚମ ବାର୍ଷିକ ଛାତ୍ର ଥିବାବେଳେ ଛାତ୍ରସମାଜ ସକାଶେ ଉଦ୍ଦିଷ୍ଟ ମୋ ସଂପାଦିତ ପତ୍ରିକା 'ଆଗାମୀ'ରେ ଲେଖିଥିଲି ଏକ କବିତା, ଯାହାର ପଟ୍ଟଭୂମି ଗୋଟିଏ ସମାବର୍ତ୍ତନ ଉତ୍ସବ ଅଦୂରରୁ ଦେଖିବାର ପରବର୍ତ୍ତୀ ବିଡ଼ମ୍ବନାବୋଧ:

ଗାଉନ୍

ଏବଂ ତା'ପରେ—

ଚନ୍ଦ୍ରମାର ଷ୍ଟାମ୍ପମରା ରାତିର ଖାମ୍‌ରେ
ବିଚରା ସୂର୍ଯ୍ୟର ଲେଖା ଦିନକର ଚିଠି
ଉଲ୍‌କା ଭଳି ଛୁଟିଚାଲେ ଅର୍ବୁଦ ମାଇଲ୍
ସ୍ୱପ୍ନଭିଜା ଯୁଗ ଆଉ ସମୟର ମିଥ୍ୟା କାଟିକାଟି
ସମୟର ପରପାରେ
ବିଧାତାର କସ୍ମିଷ୍ଟିତ୍ 'ମୃତ ପତ୍ରାଗାରେ'।

ସେତେବେଳେ—

ଟପିଟପି ନକ୍ଷତ୍ରର ମାଇଲ୍ ନିଶାଣ
ଭାସି ବୁଲେ କଦାଚିତ୍ ଫାକାସିଆ ମେଘ
ଯେମିତି ଜଣେ ମୃତଦାର
ଆଉଁସୁଥାଏ ସ୍ମୃତିର ବିନ୍ଦୁ ବିନ୍ଦୁ ବିଦଗ୍ଧ
ଅନୁଭୂତିର ଦାଗ।
ଧୂମାଳ ଅରଣ୍ୟ ତଟେ ହାଇମାରେ କୋକୀ
ସିଆ କାଟି ନାଗ ଛାଡ଼େ କାତି
ଏବଂ ଆଖିତଳେ ସୁବ୍ରତ ମହାନ୍ତି।
ଏତେବେଳେ ଝରକାରେ ଚାହିଁ ଦେଖେ ସୁବ୍ରତ ମହାନ୍ତି
ଅନୁଭବେ ଆକାଶର ଦୁଧିଆଳ ନେଳି ନେଳି ତାତି
ପ୍ରଶ୍ନକରେ, ଆହା ମୋର ଗେହ୍ଲା ଜହ୍ନ କାହିଁକି ବିଷଣ୍ଣ
ମ୍ଳାନ ତୋର ଚହଟ ସୁବର୍ଣ୍ଣ!
ଏଇ ଜହ୍ନ,
ଆଶ୍ଚର୍ଯ୍ୟ ଉଦାସ ଢାଳି ଥରେ ଥରେ କରିଦିଏ
ହୃଦୟ ବିଦୀର୍ଣ୍ଣ!
ଏବଂ ସେ ବିଦୀର୍ଣ୍ଣର ଅଛି ଏକ ଭୟଙ୍କର ମୋହ,
କାରଣ ତା ମନେକରିଦିଏ
କେତୋଟି ଢାଙ୍କୁଲ୍ୟମାନ, ଯଦିଓ ବା ଫିକା ଫିକା ମୁହଁ।
ପ୍ରଥମତଃ ମନେକର ଡଲି ସାମନ୍ତରା,
କି ଚପଳ! ଯେମିତି ଏକ ନାଚନ୍ତ ଘାଘରା!
ଅଥବା କୁମାରୀ ଫ୍ରିଡ଼ା ଦାସ
ସାଂଘାତିକ ପ୍ରେମିକା, ଅଥଚ ଏମ୍.ଏ. ଫାଷ୍ଟ କ୍ଲାସ୍,
ମାତୃତ୍ୱର ଆସ୍ୱାଦରେ ମରିଗଲା ଆହା
ଉଦାସ, ଶାଣିତା କନ୍ୟା କୁମୁଦିନୀ ସାହା,
ତା ଛଡ଼ା ବିନୋଦ, ରବି, ହୟଗ୍ରୀବ ସ୍ୱାଇଁ,
ହୟଟା ଏମ୍.ଏଲ.ଏ, ବାକି କିଏ ଗଲେ କାହିଁ।
ଏଇ କଳା କଳା ଗାଉନ୍‌ର ଫିକା ଗ୍ରୁପ୍ ଫୋଟୋ,
କେତେ ସ୍ମୃତି, କେତେ କଥା, ହସ ଆଉ କୋହ
ଆହା, ଜିତେ ରହୋ!
ଚାଳିଶ ବର୍ଷର କ୍ଲାର୍କ ସୁବ୍ରତ ମହାନ୍ତି
ନିଶାର୍ଦ୍ଧରେ ଫୋଟୋଟିକୁ ଗେଲ କରେ,
ଚୁମାଦିଏ। ଏବଂ ତା'ପରେ,
ଅଠର ବରଷ ପରେ ହଠାତ୍ ସେ ଆବିଷ୍କାର କରେ
କେବେଠୁଁ ମଲାଣି କାହିଁ ଗ୍ରାଜୁଏଟ ସୁବ୍ରତ ମହାନ୍ତି,
ଏବେ ସିଏ ଖାଲି ଏକ ନିର୍ଜନ ଗାଉନ୍
ଗୋଟିଏ ଗାଉନ୍ ତଳୁ କେତେ ଛାତ୍ର ଡିଗ୍ରୀ ନେଲାପରି,
ତା' ଭିତରୁ ଝୁନୁ, ମୁନୁ, ଚୁନୀର ଉଦ୍‌ଭବ
ହତବାକ୍ ସୁବ୍ରତର ଆଖି ଡବଡବ।
କାନ୍ଦିବ କି? ଗାଉନ୍ ବା କାନ୍ଦିପାରେ କେବେ!
ହଠାତ୍ ସେ ଫଟୋଟିକୁ ଢାକି ଧରେ
ଚୁମାଦିଏ ସ୍ୱପ୍ନସ୍ନାତ ଝୁନୁ, ମୁନୁ ଚୁନୀର କପାଳେ,
ଏବଂ ତା'ପରେ,
'ହଇକିଓ! ଟିକେ ଘୁଂଚ, ଢାଗାଦିଅ!'
ସୁବ୍ରତ ମହାନ୍ତି ବି.ଏ. କହେ ଅତି ଧୀରେ।

କବିତାଟିରେ ବିଡ଼ମ୍ୱନାବୋଧଠାରୁ ଅନ୍ତତଃ ଆଉ ଅଧିକ ନେତିବାଚୀ କିଛି ଭାବ ନାହିଁ, କିନ୍ତୁ ସମସାମୟିକ ଗଳ୍ପ 'ଆରଣ୍ୟକ' ମଣିଷ ଚରିତ୍ର ଉପରେ ଏକ ନିର୍ମମ ମନ୍ତବ୍ୟ। ରାଜନୈତିକ ତତ୍ତ୍ୱ ଉପରୁ ଆସ୍ଥା ତୁଟିଯାଇଛି, ଅଥଚ କୌଣସି ଧର୍ମବାଣୀ ବା ଦର୍ଶନରୁ ମୋତେ ବିବ୍ରତ କରୁଥିବା ମୌଳିକ ପ୍ରଶ୍ନସବୁକୁ ଉତ୍ତର ପାଉନାହିଁ, ମାର୍କସ୍‌ବାଦୀ ନାସ୍ତିକତାର ପରବର୍ତ୍ତୀ ତୀବ୍ରତର ନାସ୍ତିକତାର ମାନସିକତା ଭିତରୁ ସୃଷ୍ଟ 'ଆରଣ୍ୟକ'।

ଅର୍ଦ୍ଧଶତାବ୍ଦୀ ତଳେ ବାତାବରଣ ଥିଲା ସୌମ୍ୟ ଏବଂ ସୌହାର୍ଦ୍ଦ୍ୟରେ ସ୍ପନ୍ଦିତ। ସହପାଠୀମାନେ ଏ ଲେଖକ ପ୍ରତି ଥିଲେ ଆଶାତୀତ ଶ୍ରଦ୍ଧାଶୀଳ। ଏ ଚିଠି ଲେଖିବା ବେଳେ ଅନ୍ୟାନ୍ୟ ବହୁ କଥା ଭିତରୁ ସ୍ମୃତିର ଉପରସ୍ତରକୁ ଠେଲି ହୋଇ ଆସୁଛି ଜଣେ ସହୃଦୟଙ୍କ ବିବୃତି। ଏମ୍.ଏ. ପରୀକ୍ଷାରେ ଏକ ଅଧିବେଶନ ଶେଷ ହୁଅନ୍ତେ ମୋ ପାଖରେ ବସିଥିବା ଓଡ଼ିଆ ସାହିତ୍ୟର ଜଣେ ଛାତ୍ର ଉଠିପଡ଼ି ମୋତେ କହିଲେ, 'ବୁଝିଲ ମନୋଜ, ଆଧୁନିକ ସାହିତ୍ୟ ଉପରେ ଉତ୍ତର ଦେବାକୁ ଯାଇ ତମ ଉପରେ ପୃଷ୍ଠାଏ ଲେଖିଦେଲି।' ପରୀକ୍ଷାର୍ଥୀ ପରେ ପରେ କହିଲେ ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ କଥାଟିଏ; 'ତମ ବିଷୟରେ ମୁଁ ଏତେ ଜାଣେ ବୋଲି ନିଜେ ଜାଣି ନଥିଲି।'

ସହପାଠୀମାନଙ୍କ ଭିତରେ ଯେଉଁମାନେ ମୋର ଅନ୍ତରଙ୍ଗ ଥିଲେ, ସେମାନେ ସର୍ବଶ୍ରୀ ଗଗନ ଚନ୍ଦ୍ର ଦାସ, ରଂଜିତ୍ ରାୟ ଏବଂ ସୁଭାଷ କୁମାର ବୋଷ। ରଂଜିତ୍ ଦିଲ୍ଲୀର କୌଣସି କଲେଜ୍‌ରେ ଇଂରାଜୀ ଅଧ୍ୟାପକ ଥିଲେ, ବର୍ତ୍ତମାନ ପରଲୋକଗତ। ସୁଭାଷକୁମାରଙ୍କ ସହ ମଧ୍ୟେ ମଧ୍ୟେ ସାକ୍ଷାତ ହୁଏ। ସେ ଅବସରପ୍ରାପ୍ତ ଅଧ୍ୟାପକ। ଯାହାଙ୍କ ସହ ଘନିଷ୍ଠତା ତଥା ସାକ୍ଷାତ୍-ସମ୍ପର୍କ ଅବ୍ୟାହତ ରହିଛି ସେ। ଗଗନ ଚନ୍ଦ୍ର; ଶାସନ ସେବାରୁ ଅବସର ନେଇ ଏହି ବିବେକୀ ଓ ବିଚକ୍ଷଣ ବନ୍ଧୁ ଦୈନିକ 'ସମୟ'ର ପ୍ରକାଶନ-ନିର୍ଦ୍ଦେଶକ ତଥା କଟକର ସାରଳା ସାହିତ୍ୟ ସଂସଦର ଜଣେ ମୁଖ୍ୟ ଉପଦେଷ୍ଟା ରୂପେ ତାଙ୍କର ଶାସନଗତ ଅଭିଜ୍ଞତା ଏବଂ ଶାଣିତ ସାହିତ୍ୟ ପ୍ରୀତି, ଉଭୟ ଗୁଣର ସଦୁପଯୋଗ କରୁଛନ୍ତି।

ଗଗନଙ୍କ ଭୁବନେଶ୍ୱର ବାସଭବନରେ ବସି ଅତୀତର ସ୍ମୃତି ସବୁର ଆଦାନ ପ୍ରଦାନ ବେଳେ ଯାହା ଆମ ଉଭୟଙ୍କୁ କୃତଜ୍ଞତାବୋଧରେ ଆଚ୍ଛନ୍ନ କରେ, ତାହା ଆମର ମହାନୁଭବ ଅଧ୍ୟାପକମାନଙ୍କ ଅଧ୍ୟାପନା ଓ ଆଚରଣ। ସ୍ମୃତିର ପୁରୋଭାଗରେ ରହିଥାନ୍ତି ସର୍ବ ଶ୍ରୀଯୁକ୍ତ ସର୍ବେଶ୍ୱର

ଦାସ, ତ୍ରିଲୋଚନ ମିଶ୍ର, ବିଧୁଭୂଷଣ ଦାସ ଏବଂ ଏ.ପି. ଓବ୍ରାଏନ୍। ମୁଁ ବାଲେଶ୍ୱର ଜିଲ୍ଲା ସ୍କୁଲର ଛାତ୍ର ଥିବାବେଳେ ଅଧ୍ୟାପକ ତ୍ରିଲୋଚନ ମିଶ୍ର କଲେଜ୍‌ରେ ଥିଲେ ମୋ ଅଗ୍ରଜ ମନ୍ମଥ ବାବୁଙ୍କ ସହକର୍ମୀ। ଅସାଧାରଣ ଅଧ୍ୟାପନା ଶକ୍ତି ସହ ତାଙ୍କଠି ଥିଲା ସଂଗଠନ ଶକ୍ତି। ଫକୀର ମୋହନ ସାହିତ୍ୟ ପରିଷଦ ତା'ର ସ୍ଥାୟୀ ସାକ୍ଷୀ। ଅଧ୍ୟାପକ ସର୍ବେଶ୍ୱର ଦାସ ଖାଲି ପ୍ରବୁଦ୍ଧ ଶିକ୍ଷକ ନୁହନ୍ତି, ସ୍ନେହ, ସମ୍ଭ୍ରମବୋଧ ଏବଂ ସହାନୁଭୂତିର ଏକ ଚଳମାନ ରୂପାୟନ। ଆଜି ମଧ୍ୟ ଏ ଲେଖକ ଭୁବନେଶ୍ୱରରେ କୌଣସି ସଭାରେ କହିସାରିବା ଅନ୍ତେ ଶ୍ରୋତା ମଣ୍ଡଳି ଭିତରୁ ବାହାରି ଆସି ଏ ଲେଖକଙ୍କୁ ଆଶୀଷ ଦାନରେ ଅଭିଭୂତ କରିଦିଅନ୍ତି ଏ ଗୁରୁଦ୍ୱୟ-ସର୍ବେଶ୍ୱର ବାବୁ ଏବଂ ତ୍ରିଲୋଚନ ବାବୁ।

ବିଧୁବାବୁଙ୍କ ବ୍ୟକ୍ତିତ୍ୱକୁ ଛାତ୍ର ଜୀବନ ପରେ ହିଁ ଜାଣିବାର ସୁଯୋଗ ପାଇଲି। ଏକାଧିକ ଥର ପଣ୍ଡିଚେରୀ ଆସି ସେ ବହୁ ସମୟ ବିତାଇଛନ୍ତି ଏ ଲେଖକ ସହିତ। ଆପାତ ଗମ୍ଭୀର ସେ ଧୀମାନ୍‌ଙ୍କ ଭିତରେ ଜାଗରୁକ ରହିଥିଲା ମହତ୍ତର ମୂଲ୍ୟବୋଧର ସଂଧାନ।

ଚିଠିର ଆଦ୍ୟରେ ଉଲ୍ଲେଖିତ ତିନି ଅଶ୍ୱାରୋହୀଙ୍କ ଭଳି ଆଜି ଏମାନଙ୍କର ସେଯୁଗର ସାନ୍ନିଧ୍ୟ, ଦିଗ୍‌ଦର୍ଶନ ଏବଂ ଅଧ୍ୟାପନା ହୀରା ନୀଳା ମୋତି ମାଣିକ୍ୟରେ ପରିଣତ, ସେତେବେଳେ ଯାହା ମନେହେଉଥିଲା ଗତାନୁଗତିକ ରୁଟିନ୍। ଅଧିକ 'ଗୋଡ଼ିମାଟି' ହେଲେ ଗୋଟାଉଥାନ୍ତି।

ଆଶ୍ଚର୍ଯ୍ୟର କଥା, ୧୯୧୯ ମସିହାରେ ଆଜିର ମୁଖ୍ୟ କୋଠାର ଭିତ୍ତିସ୍ଥାପନ ଉତ୍ସବରେ ତତ୍କାଳୀନ ଗଭର୍ଣ୍ଣର ଏଡ୍‌ୱାର୍ଡ ଗେଟ୍ ଭବିଷ୍ୟତବାଣୀ କରିଥିଲେ— ଦିନେ ଏ କଲେଜ୍ ବିଶ୍ୱବିଦ୍ୟାଳୟରେ ପରିଣତ ହେବ। ଆଜି ତାହା ବାସ୍ତବତାରେ ରୂପାୟିତ। ମୋ ପାଇଁ ଏହା ଯେମିତି ଆନନ୍ଦର ବିଷୟ, ଜଣେ ସୁସାହିତ୍ୟିକ, ସୁକବି ଏବଂ ସମ୍ବେଦନଶୀଳ ପ୍ରଶାସକଙ୍କୁ ଏ ବିଶ୍ୱବିଦ୍ୟାଳୟ ତା'ର ପ୍ରଥମ କୁଳପତି ରୂପେ ଲାଭ କରିଛି, ତାହା ସେତିକି ଆଶ୍ୱସ୍ତିର ବିଷୟ। କର୍ତ୍ତୃପକ୍ଷ ଏହି ମହାନ୍ ସଂସ୍ଥାକୁ କେବଳ ଶିକ୍ଷାୟତନରୂପୀ ଡିଗ୍ରୀ-କଳ ରୂପେ ଦେଖୁନାହାନ୍ତି, ଏହାର ସାଂସ୍କୃତିକ ଭୂମିକା ସମ୍ପର୍କରେ ସଜାଗ ରହିଛନ୍ତି, ଏହା ତା'ର ପ୍ରମାଣ ମନେ ହୁଏ।

ଦେବଦାସ ବାବୁ, ଚିଠି ଆକାରରେ ଲେଖିବାର ପ୍ରେରଣା ଆସି ନଥିଲେ ଏତେ ବ୍ୟକ୍ତିଗତ ଆବେଗ ଅନୁଭୂତି ଉପରେ ଆଲୋକପାତ କରିପାରି ନଥାନ୍ତି। ବସ୍ତୁତଃ, ଆରମ୍ଭ କଲାବେଳେ ମୁଁ ନିଜେ ନିଶ୍ଚିତ ନଥିଲି— ଏହା ପ୍ରକାଶ ପାଇଁ ଲେଖୁଛି ନା ଲେଖିବାର ଦାୟିତ୍ୱରୁ ଅବ୍ୟାହତି ପାଇବାର ଆବେଦନ ରୂପେ ଲେଖୁଛି। ଶେଷ କଲାବେଳକୁ ମଧ୍ୟ ମୁଁ ନିଶ୍ଚିତ ନୁହେଁ।

ରେଭେନ୍‌ସା ବିଶ୍ୱବିଦ୍ୟାଳୟ ପ୍ରତି ସମ୍ମାନ, ପତ୍ରିକା ପ୍ରତି ଶୁଭେଚ୍ଛା ଏବଂ ଆପଣଙ୍କ ପ୍ରତି ଶ୍ରଦ୍ଧା ନିବେଦନ କରି ରହୁଛି।

---

୨୯ ଅକ୍ଟୋବର ୨୦୦୭

ଇତି

ମନୋଜ ଦାସ

ଶ୍ରୀ ଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର
ପଣ୍ଡିଚେରୀ – ୬୦୫ ୦୦୨

Ravenshaw step by step ...
(The Sun Dial, Symbol of Ravenshaw)

Since I had gone to Allahabad Evening Christian College after my matriculation in 1952 and experienced college life, coming back to Ravenshaw College in 1954 was not much of shock or surprise. But most of my contemporaries were there and were keen to know my experience in Allahabad. Even the teachers perhaps paid some attention to me and that led to life-long relationship with some of them like R.P. Das, Jatindra Mohan Mohanty, Bidhu Bhusan Das, A.P. O'Brien, Sasank Patnaik, Jayant Mohapatra.... While many were surprised with my association with teachers, a legacy I had brought from Allahabad, others were perhaps a little envious as I interacted with girl students yet another exposure from Allahabad.

The proximity to teachers gave an insight which I still carry and endear for their love, affection and knowledge. It was both admiration and ability to share and excite a young mind. This also led to my interest for drama for which I had great inclination and some amount of understanding and teachers like Bidhu Bhushan Das and Trilochan Misra encouraged me and perhaps a new chapter was opened in Ravenshaw Drama Calender with translation of English and other language (mostly Russian) production like 'The Strife', 'Cherry Orchard', 'Three Sisters' & 'Monkey's Paw'.

The annual drama at Ravenshaw College was a big event in Cuttack. The first day the elite and well known persons were invited, the second day was for presents and the third day for students. In spite of the small auditorium all the three days were abuzz with activities and the students and faculty had the opportunity to see ministers, officers and eminent citizens coming to their alma mater. Girl students also acted in many important roles. Some of them were Sushma Misra (Tej). Tejendra Dixit, Kunjalata Nanda, a tradition I am happy to see continuing. This drama activity created new playwrights from among students like Biswajit Das, Ramesh Panigrahi and actors and Directors like Kshetrapal Misra, A. Panda & singers like Arti Misra and Bina Devi came to the frontline...

I now remember my association extending to today's Ravenshaw University, with plan to stage 'King Lear' on the 150 years celebrations – Every time I go to Ravenshaw and cross the Quadrangle looking at the Sun Dial and think the time seems to have stopped with memories flooding...

Anant Mahapatra
Trustee
Ravenshaw University Development Trust



To Ravenshaw with Love

Ravenshaw! Ravenshaw! Ravenshaw! my beloved alma mater, my dream, my love, Ravenshaw sheltered m for many years, first as a student and later on as a member of the faculty. Those were the halcyon on years of my life. Ravenshaw was one of the most prestigious educational institutions of the country. It produced persons of eminence in different walks of life, who in many ways influenced the social, political, economic and cultural life of the state. The legendary Biju Pattnaik, Harekrushna Mahatab, Nabakrushna Choudhury, Dr. Mayadhar Mansingh, Prana Krushna Parija, Dr. B. Prasad, Sir J.N. Sarkar, Dr. S. Mishrra, Dr. D.C. Mishra, Dr. K.B. Tripathy and Dr. K.M., Pattanaik were all associated with the college in some way on the other. In the college hall, the separate state of Odisha was born, and the first session of the assembly was held there. The tennis court in front of the college building, the sprawling lawns inside, the sun clock in the middle, the Kanika Library produced a dream World before me. Teaching in Ravneshaw is a unique experience. The classes with questions and answer sessions are still vivid in my memory.

I shall transure these experience for long long years. The World University service Utkal University chapter held its discussion regularly on the tennis court. Ravenshaw over the years had nourished many great and famous teachers. It is not possible to remember these names. The international acclaimed archaeologist Dr. K.C. Panigrahi, who did pioneering research on ancient Indian poetry Dr. M.N. Das, Dr. S.C. Dash, Dr. M.K. Rout, Dr. Brahmananda Mishra, Prof. Altaf Hussain, Dr. B.C. Roy, Dr. B.D. Samantaray, Prof. B. Dash, Dr. P.K. Pati and Dr. A. P. O'Brien are some of the names which come to my mind. I acquired leadership leadership qualities here. when I was elected President of the College Union. The College Union organised a number of cultural festivals and meetings addressed by eminent persons. Ravenshaw made me a debater of excellence. During my stay in the college I bagged the Chancellor's Debate (Cup) for who times in succession. I also won the inter college debate competition in Odia and the AIR debates. I represented the University in the Inter University debate competition throughout the country.

The inter college youth festival organised by the Odisha State pronounced me as the best debater. I participated in the 5th Inter University Youth Festival held in New Delhi. A tent township grew up in the spearkling lawns of Mughal Talkaotra Garden. This was Pandit Nehru's brain child. He used to visit the festival site two times a day and freely mixed with the boys and girls. The group song presented by the Odisha troupe got the first prize. The President of India gave us at home in the Mughal Garden and the Prime Minister high tea in his residence.

Ravenshaw! I carry the sweet memory of my association with you over a long period of time. My friends Pratap Ratha, Sushama Tej, Shiva Sankar, Pranab Pattnaik and many others built up the rich heritage i.e. Ravenshaw. My intimate friend Ravi Pattnaik, the famous story writer wrote 12 one-act plays which were staged by the College Union in its

festivals, Ravi's premature death was a great loss to the society. The Konark Shadow Dance performed by the famous Odishi Dancer and researcher D.N. Pattanik with Akshaya Mohanty's background music thrilled the audience. Dhiren Pattanaik was an old student of the college. I strongly feel that unless you have studied in Ravenshaw College, better not talk about your educational qualifications. Ravenshaw my dream! how I wish to be born again and again in some from on other in the marvel i.e. Ravenshaw College.

Long live Ravenshaw ! Let it pulsate with new life and vigours like the yester years.

I love Ravenshaw College not because I was born in your soil but because she saved me through tumultous ages the living words issued forth from the illumiated consciousness of her great ones.

Prof. Dipak Sarangi
Kalpana Bhawan
Ward No. 3, Baripada - 1
Mayurbhanj

Ravenshaw - A Resurrection with a Mission

After doing my I.Sc in G.M. College Sambalpur I joined B.A.Honours in Political Science in Ravenshaw College in 1958. We were the first batch of students in Political Science Honours with the redoubtable Dr Shriram Chandra Dash as our head. I was a student in the College till 1962 when in my final year MA I joined the Indian Police Service. In fact that year we were 3 final year students joining the All India Services, a parameter of Ravenshaw's excellence, the other two were Preet Mohan Singh Mallick a student of Geography who joined the Indian Foreign Service and retired as an Ambassador and Rajendra Narayan Dash who joined Indian Administrative Service and was allotted Bihar cadre.

I was a boarder in the West hostel. The four years I spent in Ravenshaw were a period I still cherish fondly and with nostalgia. In the fifties when we were students, Ravenshaw was at the peak of its glory with a galaxy of teachers whose reputation travelled far and wide, well equipped library and laboratory, and opportunities for creativity. And students like me with a certain streak of going footloose were languishing in its splendour. I developed a bond with my alma mater that drew me time and again to her and made me finally a player in her affairs. That is another story.

Our Principal was Dr Sadasib Misra, a brilliant teacher in Economics, an orator whose speech we were always eager to listen. In 1959/60 Shri Govind Ballav Pant, then Union Home Minister visited Odisha. The topic of Sareikela and Kharsuan going to Bihar was still hot in the air. We decided to submit a memorandum to Pandit Pant on the subject and approached Dr Misra to facilitate it by requesting the authorities to stop the carcade in the College chawk for a brief moment. He agreed on the condition that there would be no untoward incident. We gave our assurance. Little did we know that some members of the Students Federation would stop the car near Manglabag Police station resulting in confrontation with police and use of force. We were waiting in the College chowk when we saw the carcade zooming. It did not stop. We were disappointed. Sadasib Babu felt letdown and betrayed ascribing the whole fiasco to us. Next day he sent for us and so upset was he that he shouted at us,- "It is better to die a thousand deaths than to live a life like yours. I was stunned."

Dr Shriram Dash's demagogy was truely astounding. He would keep the class spellbound while teaching Political Science. Rubbing shoulders with him was unthinkable. And some of us just did that and incurred his wrath. One memorable incident was a debate on banning nuclear arms with me as leader of the house. Advisor Dr AP O'Brien and Dr Dash were present. At the end of the debate we wanted to pass a resolution and send the same to the UN. Dr Dash opposed saying that there was no provision in the College constitution .We insisted saying that there was no bar either. The heated argument went on till Dr O'Brien intervened.

And who would forget Prof Bidhu Bhusan Das teaching English poetry. He would transport us to another world while teaching Keats, Shelly, Byron Tennyson and Coleridge. And of course his sartorial elegance would keep us in awe of him. Such giants

were there in all departments whether Humanities and Science which added to the stature of Ravenshaw at the national level. I clearly remember an article which came out in Statesman listing the top colleges in India and Ravenshaw figured prominently.

Unlike the present days we hardly had any avenues for entertainment. Those interested in outdoor activities played games and the Ravenshaw Cricket team was the best in Odisha contributing players to the Ranji Trophy team. For non players like us our avenues were library, reading books, literary society, and discussions and debates. During my stay in Ravenshaw I had the opportunity of listening to many prominent people. Some names I remember were Mihir Sen a Ravenshavian, the first Indian to cross the English channel, Economist Juan Robinson, Journalist Durga Das, and the President in exile of Algeria which was struggling for independence.

Two important Congresses took place in Ravenshaw in 1962, the Indian Political Science Congress which was inaugurated by Home Minister Lal Bahadur Shastri and the Indian Science Congress inaugurated by Prime Minister Jawaharalal Nehru. I acted as a volunteer in both but in the Political Science Congress we were sandwiched between two top rival organisers, Dr Shriram Dash whose student I was in BA and DR K.V. Rao whose student I was then. It was a real tightrope walking.

I left Ravenshaw in 1962. Things were changing not for the better but for the worse. When the Centenary was celebrated in 1970 we, myself and DP Bagchi who joined IAS came all the way from Keonjhar to take part. But there was a sense of unease and perhaps it was reflected in the speech of Dr D.C. Mishra Principal. He had prophetically said "If it is to play the part the society expects of it and history demands of it, its claims should not be ignored on account of the pressing demands of new universities and colleges of the State". This precisely was what happened to Ravenshaw, ignored, sidelined and neglected in the ensuing two decades.

I went to Government of India and returned to the state in 1983. Then I remained busy in my professional activities. Ravenshaw's plight did come to my notice and I wondered how come, with all the Chief Ministers, and most of the Education Ministers and mandarins of the Education department being Ravenshavians the College was going downhill. I came to Cuttack in 1989 and was irretrievably drawn to the affairs of Ravenshaw. I saw the College a ghost of its former self, the majestic building crumbling in many places, students overflowing, vacancies galore in teaching staff, hostel accommodation inadequate, library and laboratory facilities woefully short. The famed College hall which once housed the Orissa Assembly and the Kanika library were declared unsafe by the PWD. Ravenshaw was crying for attention and the cry was falling on deaf ears.

Then another chapter in the history of Ravenshaw began in 1994 when, in a historic meeting held in the Botanical garden and attended by prominent Ravenshavians from Cuttack and Bhubaneswar, a decision was taken to form a Trust with the main objective of upgrading it to a university and the chairman's responsibility was thrust on me. It took more than a decade of struggle and finally in 2005 an act was passed in the Odisha Assembly to make Ravenshaw a unitary university. Contrast this with the present when universities are being created whether there is a need or not.

Now Ravenshaw is a University, but there are miles to go and at this stage of my life I will only wish that those miles will be rich, productive and fulfilling, for the mission to restore Ravenshaw's excellence can neither be diluted nor compromised.

Amiya Bhusan Tripathy, IPS (Rtd.)
98-A, Suryanagar
Bhubaneswar

Reminiscences of Ravenshaw Days

Being a Ravenshavian gives a sense of self-love, self-glory and self-confidence.

My association with Ravenshaw College spreads over half a century from 1961 to 2011. This period can broadly be divided into three periods of my life. I was a student of the college between 1961-65, I served as a teacher between 1980-2000 and I joined as a Principal Investigator of UGC Major Research Projects in 2001 and continued as such up to 2011.

The 30 year period between 1955 and 1985 may be, termed as the 'Golden Age' in the 150 year history of Ravenshaw. This period witnessed a spurt of academic and professional achievements by the students of the college. Around two hundred students qualified for All India Services and Central Services. In some batches, like my own, more than a dozen students qualified for I.A.S, I.P.S and Central Services. The three Vice-Chancellors of Ravenshaw University were students of Ravenshaw college during this period. The college stood 7th in all India ranking.

In 1962 the All India Science Congress and the All India Political Science Association had their Annual meetings in Ravenshaw College.

During 1963-65 I was a boarder of West Hostel. The two memorable incidents of this period were the historic student strike of 1964 which culminated in the removal of the then Chief Minister and the tragic death of my close friend and classmate Lokonath Acharya, the secretary of the College Union, due to shortage of percentage in Honours tutorial.

As a student of Ravenshaw College I had the ambition to become a lecturer in Ravenshaw college, the superintendent of East or West Hostel and the advisor of student's union.

I joined Ravenshaw College, as a lecturer in April 1980. Dr. Rout was the principal. My second aspiration was fulfilled in 1981 when I was appointed as the assistant superintendent of East Hostel and later on, its superintendent. I was also taken in as an associate advisor of the college union in 1981 and afterwards became the advisor of the union.

In 1985 the first All Odisha Inter College Cultural Festival was organized in Ravenshaw College. I was the chief coordinator of the function. The festival was a grand success.

Then there was the Mandal agitation during the principalship of Dr. Prabhat K. Misra and we had a herculean task to handle the students.

In 1992 a group of Old Boys of Ravenshaw thought of brining back the past glory of Ravenshaw College and formed the Ravenshaw Development Trust. The trust holds Annual Meeting every year with eminent personalities of India as chief guest. Sri A.B.Tripathi, former D.G.Police is the chairman of the trust.

After a long lapse of time the Commemoration Day was organized by the Old Boys Association in 1996 under the presidentship Sri. Sahadev Sahu, the chief secretary of Odisha, in which Sri T.N. Sesan, the then Chief Election Commissioner was the chief guest. It was a grand function held in the college ground. Tens of thousands of people from the city attended the meeting.

There are three distinct phases in the history of Ravenshaw, (i) Ravenshaw as an affiliated college under the Utkal University (ii) Ravenshaw as an Autonomous College from 1989 to 2006 and (iii) Ravenshaw as a University from 15th November 2006. Every phase has its unique features.

I am proud to be a Ravenshavian.

Bhagaban Kar
Former Professor,
Political Science
Ravenshaw College

Ravenshaw College – My Partner in Life

O'Ravenshaw, the eternal maiden and my partner,
I owe to you my learning, conduct and behavior.
You are my attraction, my vision and my insight!
I long for you, my soul, give me spirit to fight!
In the world of poverty, pain, war and destruction,
Let your students prepare for nobility and
construction!

In the '50s, for some of us who lived in the proximity of the college, the college campus and the grounds were our familiar territory. It was an unrestricted area. There would be free movie shows in the "Assembly Hall", science open houses in various laboratories, university convocation in the Physics quadrangle, and sports activities in the college fields. Though young in age, we did not need escorts to the events. We would even get food and chocolate if we conducted ourselves well. To invade the college gardens at dawn for flowers for the puja events continues to evoke nostalgic memories. The college gardens were pristine, beautiful and extremely well kept. The early morning pre-dawn view around from the sundial was like visiting a paradise.

I joined the College as a student in 1963 after completing Higher Secondary in Ravenshaw Collegiate.

We entered the First Year Degree program of a three year Bachelor's science course. The Arts program met separately in the front part of the campus, the Commerce program met in the morning and there was an Evening school that met after 5 PM. There was ample political activity in the campus, many of the former graduates and the local Law School students acted to recruit individuals for various political causes. I did not know that the college recruitment of volunteers for political agitation was a remnant from the days of the movement against the British.

India had been attacked by China the previous year and military training was made mandatory in the College. I was in the Armored Division with my other friends. Prof. Sodananda Torasia was our troop commander. We developed a great bond. Prof. Torasia did take time out to join our student reunion in 2015. Through the Armored Division we had access to heavy military vehicles. It was fun to smuggle them out for a street spectacle. Sri Pradyumna Kumar Mohanty (later a Judge) was the troop navigator. Some of the MIT undergraduates do technical pranks that appear spectacular. Ours was more low-key, but a statement of youthful exuberance.

The next year was eventful in the college. There was strong discontent with and disapproval of the government in Bhubaneswar. Late Sri Biju Patnaik had resigned to give the administration reins to late Sri Biren Mitra, who proved to be inefficient. A minor issue at a store-front had flared up to a state-wide agitation. As part of student leadership in Ravenshaw College, we had to help negotiate solutions. All did not work out. The Government changed, but eventually a bright student Sri Loknath Acharya committed suicide. Undergraduate suicides are not uncommon in the college campuses in the west. In that spring of 1965, Raveshaw College acted as the mother to absorb the pain and sorrow of her students.

We had fun through college elocution and college drama. Our elocution team was coached by



remarkable teachers like late Prof. Trilochan Misra and late Prof. Prafulla Kumar Pati. The drama was directed by Prof. Prafulla Kumar Mohanty with the assistance from Prof. Jitendra Narayan Patnaik. The elocution team would also meet at the Toastmaster's Club in TMCA and would be coached by public intellectuals like late Sri Ramakrushna Padhi and late Col. Sangram Keshari Ray. It was a rare privilege to have the benefit of training from these noble personalities, who offered their time and energy voluntarily to coach us. They taught us humanity which we had to experiment all through our lives. Such teachers do not exist elsewhere.

Prof. Mahendra Kumar Rout in Chemistry was an institution himself having established a strong department of research and education. Chemistry was a necessary link in the most science streams and the Department met the students' needs. Some of the post-graduate students practically lived in their laboratories, a recollection of events one sees in major research institutions. Post-graduate work in Physics was tougher and many would opt for competitive jobs than to pursue higher studies. Research studies in Physics, Geology, Botany and Zoology gradually consolidated during my years in the College.

English, Oriya and Economics Departments were large in the Humanities side. Political Science and Psychology developed through student interests and social needs. Many bright students left the College after their undergraduate degree for stronger grounding in outside institutions. Competitive examinations were an allurement since they led to secure jobs for life. Teaching jobs were in low demand, since the remuneration was not good enough. Disparity of remuneration between teaching and administration was a legacy from the colonial days and is not easily overcome. Indian education system has suffered because of the disparity.

My post-graduate years in Physics were my golden years in the College. I was exposed to exceptional courtesy of the staff in the Library and fraternal relationship among the staff and the faculty in the Department. Prof. Brahmananda Mishra was a gem of a man and a scientist of the first order. He had intuition and he read results through discussion. The cordiality and the encouragement helped me to also reflect on the humanistic view of science which was a bonus result. That we must always think of research for the benefit of humanity was the message that strongly reverberated through the post-graduate buildings in the college.

As I create my new India Discovery Center to study India's cultural history and present it to the world, I think of my teachers and mentors at Ravenshaw College. They taught that the teamwork and the benefit to society must be considered higher to personal profit and career gain. Though India confronted more wars in 1965, the Indian nation developed resilience to defend herself. The inquiry of the concept of being a person of Indian descent got implanted in the young minds. Ravenshaw College nurtured the spirit of inquiry through its discussion sessions, public seminars, private counseling and also through student agitations. I owe my inquiry in life to my peers and the teachers in the College.

Finally I remember Prof Sarbeswar Das in English Department. Clad in simple dhoti and pushing his chappals with fast strides, he would say: "Bijoy, we have to look good in others!"

Bijoy (Mohan) Misra
Harvard University, USA

Endearing thoughts about Ravenshaw College

I joined Ravenshaw College, then under the Utkal University, in the year 1965 as a student of Pre-Professional, Arts course. Having completed my pre-university in Science, I had opted to change my stream of studies from science to Arts. During that time, it was a craze for some of the best students of Odisha to switch over to Arts from science in order to get a better scope to compete in the All India services exams held by the UPSC. Between the year 1966 to 1968 I completed my BA (Honors) course in political Science. Between 1968 -1970 I completed my Post graduate course in political science from Ramjas College, a campus College of the University of Delhi. Before joining the Indian Police Service in 1972 I taught in a College affiliated with the university of Delhi for two years.

My thoughts about Ravenshaw university are highly nostalgic. This is so because of the association of my family with the Ravenshaw College over generations. My late father Shri Gokul Chandra Satpathy, completed his B.A. Honors course in English literature in the year 1935.As a student he used to stay in the East Hostel located within the College campus. The Utkal university started functioning from the 27th of November 1943 after the Utkal University Act was promulgated. It started functioning from room no 15 of Ravenshaw College which had a huge compound and massive structure. Dr. PranKrishna Parija, the then Principal of Ravenshaw College became the first Vice chancellor of the university and Shri V.V. John, the Assistance Professor of English of Ravenshaw College became the first Registrar for a few months. My father Late Shri G. C. Satpathy succeeded Shri John as the Registrar of the University in the early part of 1944. Shri Gorachand Rath, who was his Assistant Registrar for some years, succeeded him in the year 1949. My father joined the Govt of Odisha as the Inspector of schools, southern circle, located in Berhampur in the year 1949.

During that time, there were three bungalows situated in a row inside and adjacent to the Ravenshaw College compound. Prof. Sundarram and Prof Ghanashyam Dash, occupied the houses at the flanks and my father, as the Registrar, occupied the middle house. These old bungalows with fruit-bearing trees, are still inhabited by the employees of Ravenshaw university. I have the privilege of saying, that being born in this bungalow, I can claim to be a native of the Ravenshaw University compound. I don't think that many would have had the privilege to be born inside the compound of a College from which they graduated. Besides me and my father, my elder brother Dr. M.B. Satpathy (retired Principal of B J B College, Bhubaneswar) completed his MSc in Botany and my wife Meera Satpathy (then Panda) completed her graduation from Ravenshaw College.

Why only my family, there would be hundreds of other families from Odisha who can say that many generations of their family studied in Ravenshaw College, which, since, has become an university.

Infact it is the Ravenshaw College which has given birth to the Utkal University and cradled it in it's compound till it found place for itself in Vanivihar located in Bhubaneswar. During our time, Ravenshaw College was the only institution from Odisha that was held for it's high-esteems academics excellence all over the country. We could proudly introduce ourselves as Revenshavians then.

For a few months, after shifting to Arts, I was not at ease with myself in the class which was full of bright students from the arts stream. Some brilliant science students had also joined with me having changed the stream of study. Their brilliance in the class used to make me nervous and fill me with a sense of inferiority complex. However, with the constant inspiration given by my father, I started taking part in various activities in the College besides seriously perusing the academics. The environment of Ravenshaw university, at that time, was so vibrant and inspiring that anyone who wished and sincerely tried could excel in the field of his choice, both academics and extracurricular. I started playing badminton in 1965 and by 1967 I was the Captain of the College Badminton team. I participated in English debate competitions and by 1967 I was representing the College in Inter-college debate competitions. I became the president of Political Science Association. I was ranked as under officer of NCC and 'C' Certificate holder. I represented the college and the state for my expertise in aero modeling in national level. I was better than an average student in my studies.

To my surprise, as a student of first year Arts one day I received a postcard from the most famous writer on humor and satire of Odisha of the time popularly known as Shri Faturananda. He requested me to come and meet him in Dagara press where he used to sit regularly in Pithapur, Cuttack. He also sent a messenger to bring me to him. Riding a cycle with a friend I reached his press. I was elated but surprised to meet this most affectionate and sober person. He told me that he has gone through a manuscript of a story written by me and received at his end for publication in the Ravenshaw College magazine. He had received it for printing in the Dagara Press. It is due to his loving inspiration and support that I became a regular writer of humorous short stories not only in Dagara and the College magazines but also in the famous literary journals of Odisha like 'Dagara', 'Asantakali' and 'Jhankara'. In his odia auto biography captioned "Mo Futa Danga ra Kahani "printed by Vidya Prakashan, Cuttack ,Shri Faturananda has made a mention about this incidence-

"ଶ୍ରୀଯୁକ୍ତ ଚନ୍ଦ୍ରଭାନୁ ଶତପଥୀ ସେତେବେଳେ ରେଭେନ୍‌ସା କଲେଜର ଛାତ୍ର ଥାଆନ୍ତି। କଲେଜର ମାଗାଜିନ୍‌ରେ ତାଙ୍କର ଗୋଟିଏ ଗପ ବାହାରିଥିଲା। ସୌଭାଗ୍ୟବଶତଃ ସେହି ମାଗାଜିନ୍‌ଟି ଆମ ଡଗର ପ୍ରେସ୍‌ରେ ଛପା ହେଉଥିଲା। ସେ ଗପଟିକୁ ପଢ଼ିବାମାତ୍ରେ ମୋତେ ଭାରି ଆନନ୍ଦ ଲାଗିଲା। ମୁଁ ତାଙ୍କୁ ଡକାଇଲି। ଦୁଇଦିନ ପରେ ଜଣେ ବଳିଷ୍ଠ, ସୌମ୍ୟକାନ୍ତ, ଦୀର୍ଘକାୟ ଯୁବକ ମୋ' ପାଖକୁ ଆସି ଆତ୍ମପରିଚୟ ଦେଲେ। ମୁଁ ଉଲ୍ଲସିତ ହୋଇ ତାଙ୍କୁ ମୋ' ପାଖରେ ବସାଇଲି ଏବଂ କହିଲି - ଦେଖନ୍ତୁ, ଆପଣଙ୍କର ପ୍ରତିଭା ଆଉ କଲେଜ ମାଗାଜିନ୍ ଭିତରେ ସୀମବଦ୍ଧ ହୋଇ ରହିପାରିବ ନାହିଁ। ଆପଣ 'ଡଗର'କୁ ନିୟମିତ ରୂପେ ପ୍ରତିସଂଖ୍ୟା ପାଇଁ ହାସ୍ୟରସାତ୍ମକ ଗଳ୍ପ ପଠାନ୍ତୁ। ସେ ତାହାହିଁ କଲେ ଏବଂ ତାଙ୍କ ଗପ ନିୟମିତରୂପେ ଡଗରରେ ପ୍ରକାଶ ପାଇବାକୁ ଲାଗିଲା।"

Source: Mo Phuta Danga Ra Kahani, Writer: Phaturananda, Prakasaka: Vidya Prakasana, Cuttack, Page 294-295/ Phaturananda. So far, three of my books which are compilation of humorous and satirical short stories have been published.

To put it in short, the highly empathetic environment of Ravenshaw College has contributed a lot in the development of my personality and career. Like me a large number of it's students have also excelled in different fields – All India Services, Judiciary, Academics, Science, Literary and other fields of Science, Arts, Law and Commerce. One can list the names of many Supreme court, High court judges, All India Services & Allied service officials, Academicians and Scientists and people who excelled in their respective fields of vocation & creativity. Even the prinicipals of our time like Dr. Banshidhar Samantray and Dr. Ramakanth Mohanty were prominent personalities.

Personally, I had a lot of interaction with the professors. Three Of them who had inspired me the most are late Shri S. B. Mishra (former Chief Secretary of Odisha) late Dr. Ashok Rath,

(History)and Late Dr. Gajendra Acharya (Political Science). I owe my gratefulness to all academicians who had taught me during my graduation whether, deceased or living. I am still in touch with some of my classmates who graduated along with me. They have always been loving and kind to me. We often meet in different forums whenever I am in Odisha and go back to our College days. It has become my habit to visit the university once or twice every year wherever I am in Odisha. I am grateful to the Ravenshaw University to have conferred the **"Honoris Caussa (D.Litt.)"** in the year 2012.

Ravenshaw College had played not only a prominent role in the academic excellence of Odisha but it's contribution towards the sustenance of the social and cultural value of Odisha has been immense. The College compound has been a hot seat of Political discussion and decision during the Indian war of independence. However, I leave this aspect to the future researchers of the subject to deliberate on.

In the meantime, Ravenshaw College, has been upgraded to the level of a university and additional courses of study have been added in it's Academic Curriculum. I am sure that given the multi-dimensional contribution of the Ravenshaw College to the state of Odisha; a chapter on this College (now University) should be included separately in any and all books written on the history of Odisha.

Dr. Chandra Bhanu Satpathy
Gurgaon

ରେଭେନ୍‌ସା କଲେଜ: ନିବାରଣ କରେ ତୃଷ୍ଣା

ରେଭେନ୍‌ସା ଗାର୍ଲସ୍ ହାଇସ୍କୁଲ୍ ଆଉ ରେଭେନ୍‌ସା କଲେଜର ମାଟି, ପାଣି, ପବନରେ ଏ ପ୍ରାଣଗଢ଼ା। ଏହି ପ୍ରବନ୍ଧରେ ଗାର୍ଲସ୍ ହାଇସ୍କୁଲ୍ ନୁହେଁ କେବଳ ରେଭେନ୍‌ସା କଲେଜ ହିଁ ଏକମାତ୍ର ପ୍ରସଙ୍ଗ। ୧୯୬୫ରୁ ୧୯୬୯ ପର୍ଯ୍ୟନ୍ତ ରେଭେନ୍‌ସା କଲେଜର ଛାତ୍ରୀ ଭାବରେ ମନରେ କେତେ ଗର୍ବ ଥିଲା। ଏବେ ବି ଅଛି। ଏହା ମଧ୍ୟ ସ୍ୱାଭାବିକ। ଏହା କେବେହି ଗୋଟିଏ ଶିକ୍ଷାନୁଷ୍ଠାନ କେବଳ ନଥିଲା। ଓଡ଼ିଶାର ପ୍ରଥମ ଆସେମ୍ବ୍ଲି ଗୃହ ଥିଲା ରେଭେନ୍‌ସା କଲେଜ। ଲାଲ୍ ରଙ୍ଗର ଦୀର୍ଘାୟତନ ଦ୍ୱିତଳ ପାସାଦ। ଉଭୟ ପାର୍ଶ୍ୱରେ ଇଷ୍ଟ ଆଉ ୱେଷ୍ଟ ହଷ୍ଟେଲ୍, ପୁଣି ମଝି ରାସ୍ତାରେ ସୂର୍ଯ୍ୟଘଡ଼ି ଟପିଗଲେ କନିକା ଲାଇବ୍ରେରୀ; ବାଣୀଭଣ୍ଡାର। ଜ୍ଞାନ ତୃଷ୍ଣା ନିବାରଣର ସର୍ବୋତ୍ତମ ସ୍ଥଳୀ। ଏତେ ସବୁ ପ୍ରାପ୍ତି ଏକାବେଳକେ ମିଳିଯିବା ଥିଲା ନିଶ୍ଚିତ ସୌଭାଗ୍ୟର ସଂକେତ। ଗର୍ବ ହେଉ ବା ସ୍ୱାଭିମାନ; ଘେରି ଆସୁଥିଲା ଆପେ।

ବିବାହ ହୋଇସାରିଥିଲା ବହୁପୂର୍ବରୁ। ବିବାହ ପରେ ହିଁ ପଢୁଥିଲି, ଓଡ଼ିଆ ଅନର୍ସ ନେଇ। ପଢ଼ିବାରେ ମନଥିଲା କମ୍, ସାଙ୍ଗ ସାଥୀଙ୍କ ସହ ଗପ, ହସ ହେଉଥିଲା ଅଧିକ। ହେଲେ ରେଭେନ୍‌ସା ପ୍ରାଙ୍ଗଣର ପ୍ରତିଟି ଇଟା, ପ୍ରତିଟି କାନ୍ଥ, ପ୍ରତିଟି ଚଟାଣରେ ଥିଲା ଏପରି ଏକ ମୋହକ ଶକ୍ତି, ଯାହା ଘରକୁ ଫେରିବାପରେ ପ୍ରତିଦିନର ପାଠ୍ୟକ୍ରମ ସାରିବାକୁ ବାଧ୍ୟ କରୁଥିଲା। ଆମର ଶିକ୍ଷକମାନେ ଥିଲେ ଅତ୍ୟନ୍ତ ଦୟାଳୁ, ଛାତ୍ରବତ୍ସଳ।

ଡ. କୁଞ୍ଜବିହାରୀ ତ୍ରିପାଠୀ, ଡ. ଗୋଲୋକ ବିହାରୀ ଧଳ, ଡ. କାହ୍ନୁଚରଣ ମିଶ୍ର, ଡ. ଜାନକୀବଲ୍ଲଭ ମହାନ୍ତି (ଭରଦ୍ୱାଜ)ଙ୍କ ଦିଗ୍‌ଦର୍ଶନ ଥିଲା ସାଥିରେ।

କନିକା ଲାଇବ୍ରେରୀ ଥିଲା ଭାଗବତଟୁଙ୍ଗୀ ପରି ଏକ ପବିତ୍ର ମନ୍ଦିର ଆମ ପାଇଁ। ପ୍ରତିଦିନ ସେଠାକୁ ଯାଇ, ବହିମାନଙ୍କୁ ଛୁଇଁ, କିଛି କିଛି ପଢ଼ି, ବହି ଆଣିବା ଓ ପାଳିଦିନ ଆବଶ୍ୟକୀୟ ବହିଧରି ଆସିବା ଅଭ୍ୟାସରେ ପଡ଼ିଯାଇଥିଲା। ବ୍ରଜବନ୍ଧୁ ମିଶ୍ର ଥିଲେ ଲାଇବ୍ରେରୀ ଦାୟିତ୍ୱରେ। ପ୍ରତ୍ୟହ ସେଠାରେ ସମୟ କଟାଉଥିବା କାରଣରୁ ତାହାଙ୍କ ଆଶୀର୍ବାଦ ଆମକୁ ମିଳିଥିଲା।

